Digitized by Arya Samaj Foundation Chennai and eGangotri

ଓଡ଼ିଆ ବିଶ୍ୱକୋଷ ଦର୍ଶନ

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

" Forwarded free of cost, and with the compliments of the Department of Education, Government of India New Delhi".

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri
D 6846

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

ଓଡିଆ ବୃଦ୍ଧିକୋଷ ଦର୍ପଣ

[Oriya Lexicon & Encyclopaedia]

DONATION
NOITANOD

पुस्तकालय
पुस्तकालय
गुरुकुल कांगडी विश्वविद्यालय

6846

" Forwarded free of cost, and with the compliments of the Department of Education, Government of India New Delhi".

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri



CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

ଓଡ଼ିଆ ବିଶ୍ୱକୋଷ ଦର୍ପଣ

ତୃତୀୟ ଖଣ୍ଡ

(ଅଡ୍ - ଅଥୋ)

ମୁଖ୍ୟ ସଂକଳକ
ଦୀନବନ୍ଧୁ ବଶ୍ୱାଳ

ସଂକଳକ
କୃପାସିନ୍ଧୁ ବଶ୍ୱାଳ

ବିଶ୍ୱକୋଷ ଫାଉଣ୍ଡେସନ

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

ପ୍ରକାଶକ-

ଶ୍ରୀ ପୀତବାସ ବଶ୍ୱାଳ

ବଶ୍ୱକୋଷ ଫାଉଣ୍ଡେସନ

ଗ୍ରା-ଲୋକାପାଳ, ଭାୟା-ବାଜପୁର

ଜି-ପୁରୀ (ଓଡ଼ିଶା)-୭୫୨୦୬୦

Publisher:-

Sri Pitabas Biswal

Biswakosa Foundation

At-Lokapal, Via-Bajpur

Dt-Puri (Orissa)-752060

ପ୍ରଚ୍ଛଦ-ଛନ୍ଦାଚରଣ ଆଚାର୍ଯ୍ୟ

ଅଲଙ୍କରଣ-ପରମାନନ୍ଦ ଉଦୟସିଂହ

Cover Design-

Chhanda Charan Acharya

Inner Design-

Paramananda Udayasingha.

ପ୍ରଥମ ମୁଦ୍ରଣ-ଶ୍ରୀ ଶ୍ରୁଣ୍ଡିଚା-୧୯୮୮

ମୂଲ୍ୟ-ପଚିଶ ଟଙ୍କା ମାତ୍ର

First Edition-Srigundicha-1988

Price-Rupees Twenty five only

ମୁଦ୍ରାକାର-

ଶ୍ରୀନିବାସ ବଶ୍ୱାଳ

ଶ୍ରୀନିବାସ ପ୍ରିଣ୍ଟର୍ସ, ଖୋର୍ଦ୍ଧା

ଜି-ପୁରୀ-୭୫୨୦୫୫

Printer-

Srinibas Biswal

Srinibas Printers, Khurda

Dt-Puri (752055)

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri



ଜନ୍ମ--ଜାନୁଆରୀ, ୧୮୪୩ ମୃତ୍ୟୁ—ଜୁନ୍, ୧୪-୧୯୧୮

ଓଡ଼ିଆ ଜାତୀୟ ସାହିତ୍ୟର ସ୍ରଷ୍ଟା, ଜାତୀୟ ଜୀବନ ଜିଜ୍ଞାସାର ଜନକ ଏବଂ ବଶ୍ୱ-ବାସୀ ମଣିଷର ବାସ୍ତବ କଥାକାର ସ୍ୱର୍ଗତ ବ୍ୟାସକବି ଫକୀର ମୋହନ ସେନାପତିଙ୍କ ସ୍ମୃତି ଉଦ୍ଦେଶ୍ୟରେ "ଓଡ଼ିଆ ବଶ୍ୱକୋଷ ଦର୍ପଣ"ର ତୃତୀୟ ଖଣ୍ଡ ଉତ୍ସର୍ଗ ଜସଜଇ ।

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

ଓଡ଼ିଆ
ବିଶ୍ୱକୋଷ ଦର୍ପଣ

ଆଦ୍ୟ ଖଣ୍ଡ

ଅଡ଼୍ (ଧାତୁ)-ସଂ.-ଚେଷ୍ଟାକରିବା, ବ୍ୟାପିବା ।

ଅଡ଼୍ (odd)ବୈଦେ.ବ.(ଇଂ.ଅଡ୍)-(ସଂଖ୍ୟା ସମ୍ବନ୍ଧରେ)-ଅଯୁଗ୍ମ, ବେଜୋଡ, ବିଷମ, (ଗୋଟିକ ପରେ ଗୋଟିଏ ସଂଖ୍ୟା କରିଯାଇଥିବା ବସ୍ତୁ ବା ବ୍ୟକ୍ତି ସମ୍ପର୍କରେ) ବିଷମ ସଂଖ୍ୟକ, ଦୁଇ ସମାନ ଭାଗରେ ବିଭକ୍ତ କଲ୍ପରେ ଯାହା ବଳକା ରହିଯାଏ, ଉଲ୍ଲେଖ କରିଯାଇଥିବା ସଂଖ୍ୟାରୁ କିଛି ବେଶି, ବଳକା, ଅତିରିକ୍ତ, ଆକସ୍ମିକ ବା ଆନୁସଙ୍ଗିକ, ଅସଂପୃକ୍ତ, ଅନାବଶ୍ୟକ ଅଗଣ୍ୟ, ଅସ୍ୱାଭାବିକ, କଦାକାର, ଅପରୂପ, ଅଦ୍ଭୁତ, ବିଚିତ୍ର; କମ୍ଭୁଚ୍ଛକାକାର, ଖାମଖିଆଲି ବା ଟ୍ୱଙ୍ଗବାଜ, ଗଲ୍‌ଫ ଖେଳରେ ଦୁଇଜଣ ଖେଳାଳିଙ୍କୁ ଯେଉଁ ସୁବିଧା ଦିଆଯାଏ, ଦୁର୍ଭାଗ୍ୟଜନକ, ଦେଶିବାକ୍ୟ ଅଭିଜ୍ଞ ବା ଅସୁନ୍ଦର, (ମନୁଷ୍ୟ) ବଳକା ବା ତାନେ କାମକରିବା ବ୍ୟକ୍ତି. ଅତିରିକ୍ତ ଯୋଡ଼ି ଥିବା ବ୍ୟକ୍ତି, ମଧ୍ୟସ୍ଥ, ଦୁଇ ଦୁଇ ଜଣ ସଜାଇଲା ପରେ ଯେଉଁ ଜଣକ ବଳକା ରହିଯାଏ, ବଡ଼ ଅଦ୍ଭୁତ କଥା । ଅଦ୍ଭୁତତ୍ୱ, ଅସାଧାରଣତ୍ୱ, ଅପରୂପତ୍ତ୍ୱ, ଅଦ୍ଭୁତ ବ୍ୟକ୍ତି, ପଦାର୍ଥ ବା କାର୍ଯ୍ୟ, ବିଚିତ୍ର ଘଟଣା ବା ଗୁଣ,ଅବଶିଷ୍ଟ ରହିଥିବା ଜନଶ୍ରୁତି,ଅସାମାନତା, ବୈଷମ୍ୟ, ପ୍ରଭେଦ, ଅମେଳ, ଅନୈକ୍ୟ, ବିବାଦ, କଳହ,ଆଧିକ୍ୟ, ସୁବିଧା, ଶ୍ରେଷ୍ଠତା, ସମ୍ଭାବନା,ବଳିବା-କରିବା, ନାନା ପ୍ରକାର ବିଷୟ, ଆଲମାଲକା ।

ଅଡ଼୍ବାଗି-ଦେ. ବିଣ.-ଅଡ଼ମ୍ବିଷା, ଅଳମ୍ବିଷା,ଅଡମ୍ବାନ, ଅବାଗିଆ, ଏକବାଗିଆ ।

ଅଡ଼୍ବାଗିଆ- ଦେ. ବିଣ ଅଡବାଗି (ଦେଖନ୍ତୁ)

ଅଡ଼୍ବାଜ୍-ଦେ. ବିଣ.--ଅଡମ୍ବିଷା, ଅରୁଝା, ଚଞ୍ଚଳ, ଅଖାଡୁଆ ।

ଅଡ଼୍ବାଜି ଦେ. ବି.—ଅଡମ୍ବାଜ (ଦେଖନ୍ତୁ)

ଅଡ଼୍ବାଜିଆ-ଦେ. ବିଣ—ଅଡମ୍ବାଜ (ଦେଖନ୍ତୁ)

ଅଡ଼୍ହା-ପ୍ରା.ଦେ. (କନ୍ତର) ବି.—ଦାନ୍ତପାଟି ।

ଅଡ଼୍-ଦେ. ବି. (ସଂ. ଦ୍ୱଠ,ସଂ ଅଡ୍ଡ ଧାତୁ=ଅଭିଯୋଗ ବା ଆକ୍ରମଣ କରିବା)- ଅଭିମାନ, ରୁଷା, ଦ୍ୱଷ, ଜିଦ ଜଗର । (ସଂ. ଅର୍ଗଳ)—କବାଟର ଅର୍ଗଳ ବା କଳଣୀ, ଘିଡ଼ିକ, ଅଡା (ରେଲୱେଷା)

ଅଡ଼୍ଉଲ-ଦେ.ବି. (ସଂ ଅ+ଦ୍ୱ. ଡୌଲ) ସୌନ୍ଦର୍ଯ୍ୟର ଅଭାବ, ଧାତୁର ଅଭାବ । ଦେ. ବିଣ-ଅପଦ୍ଧଣ, ଅସୁନ୍ଦର ଲକ୍ଷଣଯୁକ୍ତ, ଡେଙ୍ଗ । ପ୍ରାଦେ (ସମ୍ବଲପୁର) ବିଣ-ଅନୁଚିତ ।

ଅଡ଼ଂ-ଦେ. ବି.—ଅଡଙ୍ଗ (ଦେଖନ୍ତୁ)

ଅଡ଼କ୍-ପ୍ରା.ଦେ. (ଭାଷୀ) ଅ. (ସଂ, ଏତଦ୍)—ଏତେ ।

ଅଡକ ଦାଇଁ-ପ୍ରାଦେ. (ଭାଷୀ) ଅ.— ଉତ୍ତାଳଣାତ୍, ଏତେ ଶୀଘ୍ର ।

ଅଡକବତୀ-ସଂ. ବି. (ନାମ)—ମେରୁ ଶିଖରରେ ଥିବା ପୁରାଣୋକ୍ତ ପ୍ରାସାଦ ବିଶେଷ, ନଗର ବିଶେଷ ।

ଅଡ଼କଚ୍ଚ-ଦେ. ବିଣ. (ସଂ. ଅ+ଓ. ଡକଚ୍ଚ)—ଅନମନ୍ତ୍ରିତ, ଅନାହୂତ ।

ଅଡକା-ପ୍ରାଦେ. (ସମ୍ବଲପୁର) ବିଣ.-ଅଡକଚ୍ଚ (ଦେଖନ୍ତୁ)

ଅଡ଼ଂକଳା-ପ୍ରାଦେ. (ଗଡଜାତ) ବି.-ସମ୍ପୂର୍ଣ୍ଣରୂପେ ପାଚିବା ପୂର୍ବରୁ ଛିଣ୍ଡାଯାଇ କଳା ବା ହଳଦିଆ ହୋଇଥିବା (କୋଳ), ଛିଣ୍ଡାଯାଇ ପକ୍ୱ, ଅର୍ଦ୍ଧପକ୍ୱ ।

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

ଅଡଙ୍ଗ-ଦେ. ବି. (ତା. ଅଡଙ୍ଗୁ = ଉଚ୍ଚରେ ରଖିବା)-ଅଡ଼ଙ୍ଗ, ଗ୍ଲେଟପିଣ୍ଡା, ଖଣିଜ ଦ୍ରବ୍ୟର ଉତ୍ପତ୍ତି ସ୍ଥାନ ବା ସ୍ତର । ପ୍ରାଦେ. (ପୁରୁ) ବି.-ଲୁଣପୋକ୍ରାନ ହୋଇ ଠୁଳ କରିଯିବା ସ୍ଥାନ, ଆଡ଼ଙ୍ଗ । ପ୍ରାଦେ. (ବାଲେଶ୍ୱର) ବି-ଲୁଣ ତଆର ହେବା କେତେଗୁଡ଼ିଏ ସ୍ଥାନର ସମଷ୍ଟି, ଅଡଂ । ଦେ. ବଣ.-ଅବାଧ, ଅମାନ୍ଦଆଁ, ଅଖାଡ଼ୁଆ, ଏକଜବ୍ଦିଆ ।

ଅଡଙ୍ଗା-ଦେ. ବି. (ତା. ଅଡଙ୍ଗୁ = ଉଚ୍ଚରେ ରଖିଥିବା)-କଞ୍ଚା ଆମ୍ବକୁ କାଟି ଫାଳ ଫାଳ କରି ତେଲରେ ପିନ୍ତୁଳ ଚଢ଼ିରେ ବେଶର ଆଦ ମସଲା ଦେଇ ପ୍ରସ୍ତୁତ କରିଯିବା ଆଚାର । ବୈଦେ. ବି. (ଫା,)-କଲକଜିଆ ତକରାଳ । ଦେ. ବି. (ଦ୍ୱି)-କର୍ମରେ ବାଧା, ଅଟକ । ଦେ. ବଣ.-କ୍ରୁଚ୍ଚନ ରହୁଣିଆ ହୋଇ ଦୁଗନ୍ଧ ଯୁକ୍ତ ଓ ବସ୍ୱାଦ ହୋଇଥିବା (ବସାଦହୁ) । ଆଷାଢ଼ ମାସରେ ଯେଉଁ ବାଲଆମାଛ ଯାଆଁଳ ସହୁତ ବଲ୍ମଲ-ମାନଙ୍କରେ ମେଣ୍ଟ କରୁଥାଏ ।

ଅଡଙ୍ଗାବାଜ୍-ଦେ. ବଣ.-କଜଆଖୋର, କଲଭୁଡା ।

ଅଡତ୍-ବୈଦେ. ବି. (ଫା. ଆଡତ୍)-ପେଣ୍ଠ, ପଣ୍ୟଦ୍ରବ୍ୟ ନସ୍ତ ବନ୍ତସ୍ତ ପାଇଁ ନର୍ଦ୍ଦିଷ୍ଟସ୍ଥାନ, ଗଞ୍ଜ, ଆଡ଼ତ୍ ।

ଅଡତ-ବୈଦେ. ବି. (ମରହଟ୍ଟୀ ଶବ୍ଦ)-ମଧ୍ୟସ୍ଥି ପାଉଣା, ଦଲ୍ଲିଦାଶ୍ୱର ପାଉଣା, ଦଲ୍ଲି ଆଗିର କର ଉପାଜନ କରିବା ପାଉଣା ।

କଲ୍କତ୍ତା ସହୁତ ଓଡ଼ଶାର ରେଳ ସଂଯୋଗ ହୋଇ ନଥିବା ସମୟରେ ଦଲେ ଲୋକ କଲ୍କତ୍ତାରୁ ବଭିନ୍ନ ମାଲ ବା ପଣ୍ୟଦ୍ରବ୍ୟ ଆଣି ଓଡ଼ଶାର ବଭିନ୍ନ ଅଞ୍ଚଳ ବା ଗ୍ରାମାଞ୍ଚଳମାନଙ୍କରେ ପହୁଞ୍ଚାଇ ଦଅନ୍ତ । ଏହୁ ମାଲ ପହୁଞ୍ଚାଇ ଦେଇ ଯେଉଁ ଅର୍ଥ ମଧ୍ୟସ୍ଥି ହିସାବରେ ଉପାଜନ କରନ୍ତ, ତାକୁ କୁହାଯାଏ 'ଅଡତ୍' । ଯେଉଁମାନେ ମଧ୍ୟସ୍ଥି କାର୍ଯ୍ୟ କରନ୍ତ ସେମାନଙ୍କୁ କୁହାଯାଏ 'ଅଡତିଆ' । (ଦେଖନ୍ତୁ-ଆଡତ୍)

ଅଡତ୍ଦାର୍-ବୈଦେ. ବି. (ଫା. ଆଡତ୍ଦାର)-ଆଡତିଆ, ଦଲ୍ଲିଦାର, ପେଣ୍ଠମାନଙ୍କରେ ପଣ୍ୟଦ୍ରବ୍ୟ ନସ୍ତ ବନ୍ତସ୍ତ କରାଇ କମିଶନ ନେଦାପାଇଁ ନଯୁକ୍ତ ବ୍ୟକ୍ତି ।

ଅଡତ୍ଦାରୀ-ବୈଦେ. ବି. (ଫା. ଆଡତ୍ଦାରୀ)-ଦଲ୍ଲିଦାଶ୍ୱ, ଦଲ୍ଲି ଆଗିର, ମଧ୍ୟସ୍ଥି ବ୍ୟକ୍ତି ।

ଅଡତିଆ-ବୈଦେ. ବି. (ଫା. ଆଡତ୍ + ଓଡ଼ିଆ ପ୍ରତ୍ୟୟ ଇଆ)-ଅଡତ୍ଦାର୍ (ଦେଖନ୍ତୁ)

ଅଡଦାର୍-ଦେ. ବି.-ଅଡତ୍ଦାର୍ (ଦେଖନ୍ତୁ)

ଅଡଦାରୀ-ଦେ. ବି.- ଅଡତ୍ଦାରୀ (ଦେଖନ୍ତୁ)

ଅଡଧସ୍ନୀ-ପ୍ରାଦେ. (ବସ୍ତର) ବି.-ଅଲଗୁଣ୍ଡି (ଦେଖନ୍ତୁ)

ଅଡବ-ସଂ. ବି. (ସଙ୍ଗୀତ)-ଯେଉଁ ରାଗରେ ଷଡ଼ଜ, ଗାନ୍ଧାର, ମଧ୍ୟମ, ଧୈବତ ଓ ନଷାଦ, ଏ ପାଞ୍ଚ ସ୍ୱର ଥାଏ ।

ଅଡବେପଣି-ବୈଦେ. ଜି.-ଏହା ଏକ ମରହଟ୍ଟୀ ଶବ୍ଦ । ଯୋଖଙ୍କରୁ ଯେଉଁ ପାଣି ନେଇ କୃଷ ଜମିରେ ଫସଲ କରାଯାଏ । ଇଂରେଜ ଶାସନ ସମୟରେ ଯୋଖଙ୍କରୁ ପାଣି ନେଇ କୃଷଜମିରେ ମଡାଇବା ବେଳେ ଲୋକଙ୍କ ମଧ୍ୟରେ କଳି ହୋଇ ସେମାନେ କୋର୍ଟ କଚେରୀର ଆଶ୍ରୟ ନେଉଥିଲେ । ଏହାର ଅର୍ଥରେ ସେତେବେଳେ 'ଅଡବେପଣି' ଶବ୍ଦ କୋର୍ଟ କଚେରୀରେ ବ୍ୟବହାର କରାଯାଉଥିଲା । 'ଅଡ଼ବେପଣି' ଏକ ବିଚାରିଆ ଶବ୍ଦ ।

ଅଡ଼ଭ୍ୱଷା-ଗ୍ରା. ବଣ. ଫୁ. (ସଂ. ଅଲମ୍ବୁଷା = ଗ୍ରନ୍ଥସ ବଶେଷ)-କାଣ୍ଡଜ୍ଞାନ ଶୂନ୍ୟ, ଅଖାଡ଼ୁଆ, ଅବିଚାରୀ, ଏକଜବ୍ଦିଆ, ଜବ୍ଦଖୋର, କଳଭୁଡା, ଅବୁଝା, ଚଡ଼ଚଡା । ଗ୍ରା. ବି.-ଅଖାଡ଼ୁଆ କଥା ବା ବସ୍ତୟ (ଅଡଭ୍ୱଷୀ-ସ୍ତ୍ରୀ)

ଅଡମ୍ବାଜ୍-ଗ୍ରା. ବଣ.-ଅଡଭ୍ୱଷା (ଦେଖନ୍ତୁ)

ଅଡ଼ମ୍ବାଜି-ଗ୍ରା. ବଣ - ଅଡଭ୍ୱଷା (ଦେଖନ୍ତୁ)

ଗ୍ରା. ବି.-ଚଡଲକ୍ଷଣ, କଳଭୁଡାପଣ, ଦୁଃ, ଜବ, ଜଟର ।

ଅଡ଼ମ୍ବୁଷା-ଗ୍ରା. ବଣ ଫୁ. ଓ ବି.-ଅଡଭ୍ୱଷା (ଦେଖନ୍ତୁ) (ଅଡମ୍ବୁଷୀ-ସ୍ତ୍ରୀ)

ଅଡ଼ମ୍ବୁଷା-ଗ୍ରା. ବଣ. ଫୁ. ଓ ବି.-ଅଡଭ୍ୱଷା (ଦେଖନ୍ତୁ) (ଅଡମ୍ବୁଷୀ-ସ୍ତ୍ରୀ)

ଅଡ଼ର୍-ବୈଦେ ବି. (ଇଂ. ଅର୍ଡର)-ଆଦେଶ, ହୁକୁମ ।

ଅଡ଼ର୍ ବଡ଼ର୍-ଦେ. ବି. (ଧ୍ୱନ୍ୟାର୍ଥକ)-ପ୍ରଲାପ, ବାଜଲ ଗୁଜୁଲ କଥା, ଅସମ୍ଭନ୍ତ ଓ ଅସମ୍ବଦ୍ଧ କହୁ ଜଲ୍ପନା, ଏଣ୍ଡୁଚେଣ୍ଡୁ ଗୁଡାଏ ବକବା, ଗୋଲମାଲ, ଘୋ ଘୋ ।

ଦେ. ବଣ-ବାଜଲ ଗୁଜୁଲ, ପ୍ରଲାପ କରୁଥିବା, ଗୋଲମାଲ କରୁଥିବା ।

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

ଅଡ଼ର ବହି-ଦେ.ବ. (ଇଂ. ଅର୍ଡର + ଫା.ବହି)-ଯେଉଁ ଖାତାରେ ହାକିମମାନେ ସାଧାରଣ ଆଦେଶମାନ ଲେଖନ୍ତି ।

ଅଡ଼ରଲି-ବୈଦେ.ବ (ଇଂ.-ଅର୍ଡର୍ଲି)-ହାକିମ ମାନଙ୍କ ଆଜ୍ଞା ପାଳନ ଓ ଡାକହାକ ଶୁଣିବା ପାଇଁ ନିଯୁକ୍ତ ପିଆଦା ।

ଅଡ଼ର୍ ସପ୍ଲାଇ-ବୈଦେ.ବ. (ଇଂ. ଅର୍ଡର + ସପ୍ଲାଇ)-ବଗ୍ଦଦ ଅନୁସାରେ ଜିନିଷ ଯୋଗାଇବା କର୍ମ ।

ଅଡ଼ର୍ ସପ୍ଲାୟର-ବୈଦେ ବ.(ଇଂ.ଅର୍ଡର + ସପ୍ଲାୟର୍) ଯେଉଁ ବ୍ୟବସାୟୀ ଅନ୍ୟର ବଗ୍ଦମତେ ବଜାରରୁ ଦ୍ରବ୍ୟମାନ କିଣି ଯୋଗାନ୍ତି ।

ଅଡ଼ଘ-ପ୍ରାଦେ. (ଭର୍ସା) ବିଣ.-ମନ୍ଦ, ଖରାପ ।

ଅଡ଼ଘନ୍-ବୈଦେ.ବ -ଫ୍ରାନ୍ସ୍‌ର ଗୋଟିଏ ପଶବାରର ଉପାଧି ।

ଅଡ଼ୁଆ-ଦେ ବିଣ.ପୁଂ. ଓ ସ୍ତ୍ରୀ (ସଂ.ଅ + ଦର)-ନିଃଶଙ୍କ, ନିଡ଼ର, ଯେ ଡରକୁଳା ନୁହେଁ, ନିର୍ଭୟୀ, ସାହସୀ ।

ଅଡ଼ ସଟ୍ଟା-ଖାତାକୁ ଛିଣ୍ଡିବାପୂର୍ବରୁ ଯେଉଁ ଟିପା ହିସାବ ରଖାଯାଏ । ପରେ ଏହି ଟିପା ହିସାବ ପ୍ରକୃତ ଖାତାରେ ଲିପିବଦ୍ଧ ହୁଏ । ମରହଟ୍ଟୀ, ତେଲଗୁ ଓ ହିନ୍ଦି ଭାଷାରେ ଏ ଶବ୍ଦର ବ୍ୟବହାର ହୁଏ । ଦୈନିକ ହିସାବରୁ ଯେଉଁ ମାସିକଆ ହିସାବ-ଫର୍ଦ୍ଦ ତିଆର କରାଯାଏ, ତାକୁ ମଧ୍ୟ 'ଅଡ଼ ସଟ୍ଟା' ବୋଲି କୁହାଯାଏ । ପୁରୁଣା କାଗଜ ପତ୍ରରେ ଏହି ଶବ୍ଦର ବ୍ୟବହାର ଦେଖାଯାଏ ।

ଅଡ଼ୁଆ-ପ୍ରାଦେ.-(ବସ୍ତର) ବି-ଦାନ୍ତପାଟି ।

ଅଡ଼ା-ଦେ.ବ. (ସଂ. ଅଣ୍ଡ)-ଆଣ୍ଡା, ସବାଶ କାନ୍ଥଆ ଦେହେର ବା ମୂଲଆମାନେ ଯେଉଁ ନିର୍ଦ୍ଦିଷ୍ଟ ସ୍ଥାନରେ ଜାମ ପାଇବା ଅପେକ୍ଷାରେ ବସିଥାଆନ୍ତି, ଶୁଆ ଆଦି ପୋଷା ପକ୍ଷୀ ବସିବାପାଇଁ ନର୍ମିତ ବଡ଼ ଲୌହଶଳାକା, ଆଖଡ଼ାଘର, ନୃତ୍ୟଗୀତ ବ୍ୟାୟାମାଦି ଶିଖିବା ସ୍ଥାନ, ଶକଟାଦି ରହିବା ସ୍ଥାନ, ଅଟ୍ଟାଳି, ଗୋରୁଘାଣ ରହିବା ପାଇଁ ବାଡ଼ ଦିଆଯାଇଥିବା ସ୍ଥାନ, ଯେଉଁ ସ୍ଥାନରେ ବନ୍ଦି ରଖିବାପାଇଁ ଅନେକ ଗୁଡ଼ିଏ ଘୋଡ଼ା ରଖାଯାଇଥାନ୍ତି, ବଢ଼େଇମାନେ କାଠଦ୍ରବ୍ୟ ତିଆର କରିବା ସ୍ଥାନ, ଛତ କୋଠରି । (ସଂ. ଅର୍ଗଳ)- ଅଲଗଡ଼ା, ଆଡ଼କାଠ, କବାଟର କଳଣୀ । (ସଂ. ଅଡ୍‌ଡ ଧାତୁ)- ଅନଷ୍ଟ, ଶଷ୍ଟ । (ସଂ. ଅର୍ଗଳ)-ଘରର ଦୁଇପାଖର ଖେଣ୍ଟି ଉପରେ ଆଡ଼ବାଗରେ ପକାଯିବା ବାହିଁଶ (ଏହି ବାହିଁଶମାନ ପକାଇ ଘରର ଘୁଳଚଳେ ଛପ୍ପଡ଼ କରାଯାଏ) । (ସଂ. ଆଡ଼କ)-ଅଡ଼ା (ଦେଖନ୍ତୁ) । (ସଂ. ଅଡ୍‌ଡ ଧାତୁ)-ଅଡ଼ିବା (କର୍ମ) (ଦେଖନ୍ତୁ) । ପ୍ରାଦେ. (ଗଡ଼ଜାତ) ବ.-ବନ୍ୟ ପଶୁମାନେ ଦଳବାନ୍ଧି ରହିବା ସ୍ଥାନ । ପ୍ରାଦେ. (ସମ୍ବଲପୁର) ବ.-ଅଳଗୁଣି, ଲୁଗା-ଆଦି ରଖିବା ପାଇଁ ବ୍ୟବହୃତ ଦୁଇମୁଣ୍ଡରେ ଦଉଡ଼ିଦ୍ୱାରା ଝୁଲୁଥିବା ବାହିଁଶ ଖଣ୍ଡ । ପ୍ରାଦେ. (ଗଞ୍ଜାମ) ବ.-୬୪ ଚୋଲା ଓଜନର ଶସ୍ୟ ବା ଦୁର୍‌ଧାତର ପରିମାଣ ।

୬୪ ଚୋଲା-୧ ଅଡ଼ା
୧ ଅଡ଼ା-୨ କୋଡା
୧ କୋଡ଼ା-୨ ସୋଲ
୧ ସୋଲ-୪ ପାଆ
୧ ପାଆ-୪ ଅଞ୍ଜା (ବା ଗିଦ୍ଧା)

ପ୍ରାଦେ. (ଗଞ୍ଜାମ) ବ.-୬୪ ଚୋଲା ଓଜନର ଶସ୍ୟ ବା ଦୁଗ୍ଧ ଆଦି ମାପିବାର ମାଟି ବା ପିତଳପାତ୍ର । ପ୍ରାଦେ. (ସିଂହଭୂମି) ବ.-ଝରର ପୋକ ବା ପାଟ ପୋକ ବା ପାଟ ପୋକ ଆବାଦ କରିବା କର୍ମ । ପ୍ରାଦେ. (କେନ୍ଦ୍ରାପଡ଼ା) ବ.-ଛଡ଼ା, ମୋଟ ବାହିଁଶ ଘାହା ପଥର ବା କାଠ ଆଦିକୁ ଘୁଞ୍ଚାଇବାରେ ବ୍ୟବହୃତ ହୁଏ । ଦେ.ବିଣ-ଯେଉଁ ଘୋଡ଼ା ଅଡ଼େ ।

ଅଡ଼ା ଅଡ଼-ଦେ.ବି.-ପରସ୍ପର ଚୁପା ଚୁପି, ଚେଡାଚେଡ଼ି, ରଗାରଗି, ପରସ୍ପର ଠେଲାଠେଲି, ବହୁ ପଶୁଙ୍କୁ ଅଡ଼ାଇ ନେବା । ଦେ ବିଣ-ପରସ୍ପର ଠେଲାଠେଲି ହେଉଥିବା ।

ଅଡ଼ାଇବା-ଦେ.କ୍ରି. (ଭା. ଅଡ଼ = ଚଳାଇବା)- ପଛରେ ରହି ପଶୁମାନଙ୍କୁ ଆଗକୁ ଘୁଳତ କରିବ, ରଥ ବା ଶକଟରେ ଲଗିଥିବା ଘୋଡ଼ା ଆଦିଙ୍କୁ ଘୁଳତ କରିବା, ହଙ୍କାଇବା, ଶକଟାଦିରେ ଲଗିଥିବା ପଶୁଙ୍କୁ ଚଳାଇବା ଦ୍ୱାରା ଶକଟକୁ ଏକ ପାଖକୁ ନେବା, ଗୋରୁ ବାଛୁରି ଆଦିଙ୍କୁ ନଗିବା, ପଶୁ ଆଦିଙ୍କୁ କୌଣସି ସ୍ଥାନରୁ ଦୂରଉଡ଼ାଇ ଦେବା ।

ଅଡ଼ାଳ-ଦେ.ବିଣ.-ଶାଖାପ୍ରଶାଖାନ, ଡାଳ ନଥିବା ବୃକ୍ଷ ।

ଅଡାଇଆ-ଦେ.ବିଣ.-ଶାଖାପ୍ରଶାଖାନ, ଯେଉଁ ବୃକ୍ଷରେ ଡାଳ ନଥାଏ ।

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

ଅଡାବନ୍ଧ-ଦେ.ବ.-ପାଞ୍ଚ ବା ସାତ ଗୋଣିଆ ଗୁଲଘରର ଓଘର ଯେଉଁ ଅଂଶ ଦୁଇଟି ଗୁଜ ମଧ୍ୟରେ ଥାଏ ।

ଅଡାଶ-ପ୍ରାଦେ. (ଗଡଜାତ) ବ.-ଜଙ୍ଗଲରୁ ଗୋରୁ ବା ମର୍ଦ୍ଦିଙ୍କ ଦ୍ୱାରା ପୁଆଲରେ ବନ୍ଧାହୋଇ ବୁଦାଯିବା ମୁଣ୍ଡି ବାଉଁଶ ମାନଙ୍କ ମୁଣ୍ଡି ପାଖରେ ବାଡଆ ଯିବା ବାଉଁଶର କଲା । ଏ କଲା ବାଡେଇବା ଦ୍ୱାରା ଶୋଷ୍ତ ହୋଇ ବନ୍ଧା ହୋଇଥିବା ବାଉଁଶ ଭିତରେ ଥିବା ଫାଙ୍କମାନ ଚପି ହୋଇ ଗୁଜ ହୋଇଯାଏ ।

ଅଡାଶି-ଦେ.ବଣ.-ପୂର୍ଣ୍ଣରୂପେ ହୋଇଥିବା (ଫସଲ) ।

ଅଡ଼-ଦେ.ବ. (ଦଂ ଅଡ୍ଡ ଧାରୁ)-ଜଡ, ଦୃଢ଼, ଜଗର । (ଧ୍ୱନ୍ୟାର୍ଥକ)-ଏଣ୍ଡୁଡ଼, ଦାକୁଟି । ଦେ.ବଣ.-ଯେଉଁ ଦାନ ପଣାକାଠିରେ ସାଧାରଣତଃ ପତ୍ତେନାନ୍ଦି ।

ଅଡ଼ଏନସ୍ (*Audience*)- ବୈଦେ. ବ-ଶ୍ରୋତୃବର୍ଗ, ଶ୍ରୋତାଗଣ, ଶ୍ରୁତପଣ୍ଡିତର ମଧ୍ୟବର୍ତ୍ତୀ ଲୋକ ସମୂହ, ଶ୍ରବଣ, ଶୁଣାଣି, ଶ୍ରବଣାନୁମତି, ଦେଖା ବା ଦର୍ଶନ ସାକ୍ଷାତ୍‌କାର ।

ଅଡ଼ଏନସ୍ ଚେମ୍ବର (*Audiance Chamber*) ବୈଦେ. ବ -ଦରବାର ଘର ।

ଅଡ଼ଓ ମିଟର (*Audio meter*)-ବୈଦେ. ବ-ଏହା ଏକ ଯନ୍ତ୍ର । ଏଥିରେ ଶବ୍ଦର ଶକ୍ତି ବା ମନୁଷ୍ୟର ଶ୍ରୁତ ଶକ୍ତି ମପାଯାଏ । ଏହି ଯନ୍ତ୍ରରେ ଥଞ୍ଜାଥିବା ଏକ ପୁଷ୍ଟ ସେଲ୍ଲୁଲଏଡ୍ ବା ରବର ପରଦାଉପରେ ଶବ୍ଦ ତରଙ୍ଗର କମ୍ପନ ବାଜ,ସେଥିରୁ ଏକ ଆଲୋକ ରେଖା ଜରିଆରେ ଯନ୍ତ୍ରସ୍ଥ ଫଟୋ ଫିଲ୍ମ ଉପରେ ପ୍ରତିଫଳିତ ହୁଏ । ଏହା ଦନ୍ତୁରିତ ଢେଉ ଆକାରରେ ଶବ୍ଦର ରେକର୍ଡ ଦେଖାଏ ।

ଅଡ଼କା-ସଂ.ବ. (ସଂ. ଅଧ୍ୟକ)-ଏହି ଶବ୍ଦର ବ୍ୟବହାର ପଶ୍ଚିମ ଓଡ଼ିଶାରେ କରାଯାଏ । ମରହଟ୍ଟା ଶାସନ କାଳରୁ ଓଡ଼ିଶାରେ ଏହାର ପ୍ରଚଳନ ହୋଇଆସୁଛି । ଅଡକା ଶବ୍ଦର ଅର୍ଥ, ଚାଷୀମାନେ ଫସଲ କଲେ କ ନାହିଁ ଦେଖିବା ଓ ଖେତରୁ ଯେପରି ଫସଲ ଚୋରି ନହୁଏ, ତାହା ସଦା ଦେଖିବା ଏମାନଙ୍କର କାମ । ସାହାକ ମଠମନ୍ଦିର ମାନଙ୍କର ଗୁମାସ୍ତାମାନେ କରନ୍ତି । ଆଜି କାଲିକା ଭାଷାରେ ଏମାନଙ୍କୁ ଗାଁ ଅଫିସର ବୋଲି କୁହାଯାଏ ।

ଅଡିଟ୍-(*Audit*)-ବୈଦେ.ବ (ଇଂ. ଅଡିଟ୍)-ହିସାବ ସମୀକ୍ଷା, ହିସାବ ଆଦର ଭନଟି, ହିସାବପତ୍ର ପରୀକ୍ଷା କରିବା, ଯାଞ୍ଚ କରିବା, ସମୀକ୍ଷଣ କରିବା ।

ପ୍ରଜାମାନେ ସରକାରଙ୍କୁ ବନକର, ପଥକର ଓ ଭୂମିକର ପ୍ରଭୃତି ବର୍ଷ ବର୍ଷ ଧରି ଦେଇ ଆସୁଛନ୍ତି । ଏହି କର ସବୁକୁ କୁହାଯାଏ ରାଜସ୍ୱ ବା ଖଜଣା । ଏହା ଓଡିଶା ସରକାରଙ୍କ ରାଜସ୍ୱ ବିଭାଗର କର୍ମଚାରୀମାନେ ଗାଁ ଗାଁ ବୁଲି ପ୍ରତିବର୍ଷ ଲୋକମାନଙ୍କଠାରୁ ଆଦାୟ କରି ସରକାରଙ୍କ ରାଜ-କୋଷରେ ଜମାକରନ୍ତି । ଏହି ଅର୍ଥ ସବୁ ଜନସାଧାରଣଙ୍କ ହିତରେ ଖର୍ଚ୍ଚ ହୁଏ । ରାଜସ୍ୱ ଆଦାୟର ପ୍ରଚଳନ ଅମର ଗଣତନ୍ତ୍ର ବା ଲୋକପ୍ରିୟ ସରକାରଙ୍କ ସମୟରୁ ଆରମ୍ଭ ହୋଇଛି ବୋଲି ଅନେକ ଲୋକେ ଧାରଣା କରୁଥିବେ । ମାତ୍ର ତା' ନୁହେଁ । ଯେଉଁକାଳୁ ରାଜରାଜୁଡା ଶାସନ ପୃଥିବୀରେ ପ୍ରତିଷ୍ଠିତହୋଇ,ସେହିକାଳୁ ରାଜା ସ୍ୱତନ୍ତ୍ର କର୍ମଚାରୀ ନିଯୁକ୍ତ କରି ଲୋକମାନଙ୍କଠାରୁ ରାଜସ୍ୱ ଆଦାୟ ଆରମ୍ଭ କରିଥିଲେ । ସେହିକାଳରୁ ପ୍ରଜାମାନେ ରାଜାଙ୍କି ରାଜସ୍ୱ ଦେଇ ଆସୁଥିଲେ । ଏବେ ଏହି ରାଜସ୍ୱ ଲୋକତନ୍ତ୍ରିୟ ସରକାର ପ୍ରଜାପଣ ପ୍ରଜାଙ୍କଠାରୁ ଆଦାୟ କରି ଅସୁଛନ୍ତି । ସେତେବେଳେ ଏକମାତ୍ର ରାଜାଙ୍କ ଆଦେଶରେ ରାଜସ୍ୱ ଆଦାୟ ହୋଇ ରାଜକୋଷରେ ଜମାହୁଏ ଓ ସେହି ରାଜା ଆଦାୟ ଅର୍ଥକୁ ନେଇ ଖର୍ଚ୍ଚ କରୁଥିବାରୁ ଆୟ-ବ୍ୟୟ ହିସାବର ସମୀକ୍ଷା କରିବା କୌଣସି ଆବଶ୍ୟକତା ନଥିଲା । କାରଣ ରାଜାଥିଲେ ରାଜ୍ୟର ସର୍ବମୟ କର୍ତ୍ତା । ରାଜା ସର୍ବମୟ କର୍ତ୍ତା ହେଲେ ମଧ୍ୟ ସେ ଯେତେବେଳେ ବଦ୍ଧନ୍ୟ ବାଣିଜ୍ୟ କାରବାର ସମ୍ବନ୍ଧ ଲୁପ୍ତ ରହି ବ୍ୟସୋଦ୍ୟର ତତ୍ତ୍ୱାବଧାରକ ଭାବେ ଉଚ୍ଚ କର୍ମକର୍ତ୍ତା ନିଯୁକ୍ତ ଦେଇ ତାଙ୍କ ଉପରେ ସମସ୍ତ ଦାୟିତ୍ୱ ଅର୍ପଣ କଲେ, ସେତେବେଳେ ହିସାବପତ୍ର ବଡ ଜଟିଳ ହୋଇ ପଡ଼ିବାରୁ ହିସାବ ସମୀକ୍ଷା କରୁଥିଲା ।

ଲାଟିନ ଭାଷାରେ ହିସାବ ସମୀକ୍ଷାକୁ କୁହାଯାଏ 'ଅଡିଟସ୍' । ଏହା ଇଂରାଜୀ ଭାଷାରେ 'ଅଡିଟ୍' ହୋଇ ରୂପାନ୍ତରିତ ହୋଇଛି । 'ଅଡିଟ୍'ର ମୂଳ ଲାଟିନ୍ ଶବ୍ଦ 'ଅଡିଟସ୍' । 'ଅଡିଟସ୍'ର ଅର୍ଥ ଶୁଣାଣି । ପାରତ୍ୟ ଭାଷା ମାନଙ୍କରେ 'ହିସାବ ସମୀକ୍ଷା' ବୋଲି କୁହାଯାଉଛି ।

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

୧୩୧୪ ମସିହାରୁ ଇଂଲଣ୍ଡରେ ଅଡିଟ୍ ବ୍ୟବସ୍ଥା ଚଳୁ କରାଯାଇଥିଲ ଓ ତାହା କ୍ରମଶଃ ସମସ୍ତ ଦେଶରେ କାର୍ଯ୍ୟକାରୀ ହୋଇଥିଲ । ସେହି ଜନଠାରୁ ଆଜ ପର୍ଯ୍ୟନ୍ତ ଏହା ଉପରେ ଯଥେଷ୍ଟ ଗୁରୁତ୍ୱ ଆରୋପ କରାହୋଇ ଆସୁଛୁ ।

'ଅଡିଟ୍' କରିବା ଦ୍ୱାରା ସେଥିରୁ ଦୁଇଟି ବସ୍ତୁ ଉପରେ ପ୍ରକୃତ ତଥ୍ୟ ମିଳଥାଏ । ସାହାଦ୍ୱାରା-କ ଜଣାପଡ଼ିଯାଏ କରାଦ ଅର୍ଥ ବ୍ୟୟବଜ୍ଞ ଭାବେ ବିନିଯୋଗ କରାଯାଇଛୁ କ ନାହିଁ । ଯେଉଁ ଦୁଇଟି ତଥ୍ୟ ଜାଣିବା ଉଦ୍ଦେଶ୍ୟରେ 'ଅଡିଟ୍' କରାଯାଏ, ସେ ଦୁଇଟି ହେଲ, (୧) ଯେଉଁ ଉଦ୍ଦେଶ୍ୟରେ ଅର୍ଥର କରାଦ ହୋଇଛୁ, ପ୍ରକୃତରେ ସେହି ଉଦ୍ଦେଶ୍ୟରେ ଖର୍ଚ୍ଚ ହୋଇଛି କ ନାହିଁ (୨) ଯେଉଁ ଖର୍ଚ୍ଚଟା ହୋଇଛୁ, ସେଇଟା ଯେ ପ୍ରକୃତରେ ଖର୍ଚ୍ଚ ହୋଇଛୁ, ତାହାର ପ୍ରମାଣ ଅଛୁ କ ନାହିଁ । ଅଡିଟ ଭାଷାରେ ଯାହାକୁ କ କୁହାଯାଏ ଭାଉଚର । ଖର୍ଚ୍ଚର ଭାଉଚର ଅଛୁ କ ନାହିଁ ଅଡିଟ-ସମୀକ୍ଷକମାନେ ଭଲଭାବେ ପରୀକ୍ଷା କରନ୍ତି ଏବଂ ଭାଉଚରକୁ କ୍ଷମତାପ୍ରାପ୍ତ ଅଫିସର ପାଶ୍ କରିଛନ୍ତି କ ନାହିଁ ଦେଖନ୍ତି । ତା'ପରେ ଅଡିଟର ବା ଅଡିଟ-ସମୀକ୍ଷକ ଆୟ-ବ୍ୟୟର ଗୋଟିଏ ରିପୋର୍ଟ ପ୍ରସ୍ତୁତ କରି ସେଥିରେ ଲେଖି ଦିଅନ୍ତି ଯେ ଏହି ଆୟ-ବ୍ୟୟରେ କୌଣସି ତ୍ରୁଟି ନାହିଁ । "ମୋର ଦୃଢବୋଧ ହେଉଛୁ ଯେଉଁ ଉଦ୍ଦେଶ୍ୟରେ ଅର୍ଥ ଖର୍ଚ୍ଚ ହେବାର କଥା, ସେହି ଉଦ୍ଦେଶ୍ୟରେ ପ୍ରକୃତରେ ଖର୍ଚ୍ଚ କରାଯାଇଛୁ ।"

ସରକାର, ସରକାରୀ ସଂସ୍ଥା, ସ୍କୁଲ; କଲେଜ, ସମବାୟ ସମିତି ଓ ବଉନ୍ସ ଅର୍ଥ ଉପରେ ନର୍ଭର କରୁଥିବା ସଂସ୍ଥାମାନ ଯେତେବେଳ ପର୍ଯ୍ୟନ୍ତ ଅର୍ଥ ଉପଯୁକ୍ତ ବାଟରେ ଖର୍ଚ୍ଚ ହେଉଛୁ ବୋଲ ଅଡିଟରେ ଜଣାପଡ଼େ, ସେତେବେଳ ପର୍ଯ୍ୟନ୍ତ ସବୁ ସଂସ୍ଥା ଠିକ୍ ଭାବେ ପରଚାଳିତ ହୁଏ ଏବଂ ଲୋକମାନଙ୍କର ବିଶ୍ୱାସ ରହେ ସଂସ୍ଥାଟି ଭଲ ଭାବରେ ପରଚାଳିତ ହେଉଛୁ । ତେଣୁ କାହାର ଅବିଶ୍ୱାସ ସଂସ୍ଥାପ୍ରତି ରହେ ନାହିଁ । ଅଡିଟ୍ ବ୍ୟବସ୍ଥା ଯୋଗୁ ଟଙ୍କା ପଇସା ତୋଷରପାତ କରିବା ସମ୍ଭବ ହୁଏନ୍ତ । ଯଦି କୌଣସି ସଂସ୍ଥାର କୌଣସି ବ୍ୟକ୍ତି ଅର୍ଥ ତୋଷରପାତ କରିଥାଏ, ତେବେ ସେ ବ୍ୟକ୍ତିକୁ ତୁରନ୍ତ ଅନୁରୋଧ କରାଯାଏ ଓ ତା'ପ୍ରତି ଆବଶ୍ୟକୀୟ ଦଣ୍ଡ ବିଧାନର ବ୍ୟବସ୍ଥା କରାଯାଏ ।

ପ୍ରତିଷ୍ଠିତ ଲୋକପ୍ରିୟ ସରକାର ଭଲ ଭାବରେ ଚାଲି ପାରିବ କି ନାହିଁ, ତାହା ନର୍ଭର କରେ ପ୍ରମାଦ ଶୂନ୍ୟ ହିସାବ ସମୀକ୍ଷା ଉପରେ । ଦେଶର ଆଇନ ସଭା ବା ପାର୍ଲିଆମେଣ୍ଟ ପ୍ରତ୍ୟେକ ବର୍ଷେ ସ୍ଥିର କରେ ସରକାରଙ୍କ ରାଜକୋଷକୁ କେଉଁଠାରୁ ଅର୍ଥ ଆସିବ ଏବଂ ଏହି ଅର୍ଥ କେଉଁ କେଉଁ ବାବଦରେ ଖର୍ଚ୍ଚ ହେବ । ଏହାକୁ କୁହାଯାଏ ସରକାରଙ୍କର ବଜେଟ୍ ବା ଅଟକଳ । ଏହି ବଜେଟ ମନ୍ତ୍ରୀମଣ୍ଡଳ ଓ ଆଇନ ସଭାକୁ ନିର୍ବାଚିତ ଲୋକପ୍ରତିନିଧିମାନଙ୍କ ଦ୍ୱାରା ପାଶ୍ ହେଇ-ଯିବା ପରେ ରାଜକୋଷ ଚାଲିଆସେ ମନ୍ତ୍ରୀମଣ୍ଡଳ ହାତକୁ । ତା'ପରେ ମନ୍ତ୍ରୀମଣ୍ଡଳ ବଜେଟ ଅନୁଯାୟୀ ଖର୍ଚ୍ଚ ବ୍ୟବସ୍ଥା କରନ୍ତି । ଖର୍ଚ୍ଚ ପରେ ଠିକ୍ ଭାବେ ଏହି ଅର୍ଥ ବିନିଯୋଗ ହୋଇଯାଇଛୁ କ ନାହିଁ, ତାହା ଅଡିଟ ସଂସ୍ଥାମାନେ ନିରୂପଣ କରି ରିପୋର୍ଟ ଦିଅନ୍ତି ।

କେବଳ ସରକାରୀ ହିସାବ ଅଡିଟ୍ ହୁଏ, ତା' ନୁହେଁ । ବଡ ବଡ଼ ବ୍ୟବସାୟୀ ଓ କଳ କାରଖାନାର ହିସାବ ମଧ୍ୟ ଅଡିଟ କରାଯାଏ । କାରଣ ଏକାଧିକ ଅଂଶୀଦାରମାନଙ୍କ ଅଂଶ ଧନରେ ବଡ଼ ବଡ଼ ବ୍ୟବସାୟ ଓ କଳ କାରଖାନା ଆରମ୍ଭ କରାଯାଇଥାଏ । ଏହି ସଂସ୍ଥାଗୁଡିକ ଅଡିଟ୍ କରା ନଗଲେ ଅର୍ଥ ଅପବ୍ୟୟରେ ଘୋର ପ୍ରମାଦ ସୃଷ୍ଟି ହୁଏ । ଫଳରେ ସଂସ୍ଥାଗୁଡିକ ଅଚଳ ହୋଇପଡେ । ଏଥିପାଇଁ ସ୍ୱତନ୍ତ୍ର ଭାବେ ନିୟମ କରାଯାଇ ସମସ୍ତ ସଂସ୍ଥା ଅଡିଟ୍ କରିବାର ବ୍ୟବସ୍ଥା ସରକାରଙ୍କ ତରଫରୁ କରାଯାଇଛୁ । ଏହି ସବୁ କାର୍ଯ୍ୟ କରିବା ପାଇଁ 'ଅଡିଟରସ୍' ଫାର୍ମ ଅନେକ ରହିଛୁ । ଆମ ଓଡ଼ିଶା ସରକାରଙ୍କ ଅର୍ଥ ବିଭାଗରେ ଲେକାଲ ଫଣ୍ଡ ଅଡିଟ୍' (ସ୍ଥାନୀୟ ପାଣ୍ଠି ସମୀକ୍ଷା) ନାମରେ ଏକ ଅଡିଟ୍ ସଂସ୍ଥା ରହିଛୁ । ଏହି ସଂସ୍ଥାରୁ ପ୍ରତ୍ୟେକ ବର୍ଷ ଓଡ଼ିଶାର ପ୍ରତ୍ୟେକ ଜିଲ୍ଲାକୁ ଅଡିଟରମାନେ ଯାଇ ସରକାରଙ୍କ ଅନୁଦାନରେ ପରିଚାଳିତ ମଠ, ମନ୍ଦିର, ସ୍କୁଲ, କଲେଜ; ବ୍ଲକ, ମୁନସିପାଲିଟି ଓ ଏନ୍. ଏ. ସି. ଇତ୍ୟାଦିର ହିସାବ ସମୀକ୍ଷା କରି ସରକାରଙ୍କୁ ଜଣାନ୍ତି ।

(ଦେଖନ୍ତୁ-ଅଡିଟର ଜେନେରାଲ, ଓଡ଼ିଶା, କମ୍ପୀନୀ ବଜେଟ୍ ହିସାବ ।)

ଅଡ଼ିଟର (Auditor)-ବୈଦେ. ବି. (ଇଂ ଅଡିଟର)-ହିସାବ ଜଞ୍ଚି ପାଇଁ ନିଯୁକ୍ତ ବ୍ୟକ୍ତି, ହିସାବ ସମୀକ୍ଷକ ।

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

ଅଡ଼ଟର ଜେନେରାଲ (Auditor General)- ବୈଦେ. ବ. (ଇଂ ଅଡିଟର ଜେନେରାଲ)- ଏହା ଏକ ପଦବୀ । ଏହାଙ୍କର ପୂର୍ବ ପଦବୀ ଅଡିଟର ଜେନେରାଲ ଓ କଣ୍ଟ୍ରୋଲର ଅର୍ଥାତ୍ ନିୟନ୍ତ୍ରକ ଓ ମହାଲେଖା-ପରୀକ୍ଷକ । କେନ୍ଦ୍ରୀୟ ସରକାର ଦ୍ୱାବ ଜଡାବ ନିୟନ୍ତ୍ରଣ ସମ୍ବନ୍ଧରେ ଅଡିଟର ଜେନେରାଲ ହେଉଛନ୍ତି ମୁଖ୍ୟତମ ପଦାଧିକାରୀ । ଅଡିଟ୍ ବା ହିସାବ ସମୀକ୍ଷାର ଗୁରୁତ୍ୱ ଏତେକ ବେଶୀ ହୋଇଥିବାରୁ ଶାସନ ଖସଡ଼ାରେ 'ଅଡିଟର ଜେନେରାଲ'ଙ୍କୁ ଖୁବ୍ ଉଚ୍ଚ ସ୍ଥାନ ଦିଆ-ଯାଇଛି । ଶାସନ-ଖସଡ଼ାର ୧୪୮ ଦଫାରେ ଉଲ୍ଲେଖ ମତେ ଯେ ରାଷ୍ଟ୍ରପତିଙ୍କ ଦ୍ୱାରା ସ୍ୱାକ୍ଷରିତ ଓ ରାଷ୍ଟ୍ରପତିଙ୍କ ମୁଦ୍ରାଙ୍କିତ ନିଯୁକ୍ତ ପତ୍ର ପାଇ ସ୍ୱପଦ ଗ୍ରହଣ କରିବା ପୂର୍ବରୁ ରାଷ୍ଟ୍ରପତିଙ୍କର କର୍ମ୍ମୀ ତାଙ୍କଦ୍ୱାରା ଏହି ଉଦ୍ଦେଶ୍ୟରେ ନିଯୁକ୍ତ ଅନ୍ୟ ବ୍ୟକ୍ତିଙ୍କ ସମ୍ମୁଖରେ ନିମ୍ନଲିଖିତ ରୂପେ ଶପଥ ବା ଅନୁଧ୍ୟାନ (Affirmation) କରନ୍ତି- "ମୁଁ ଭାରତର ନିୟନ୍ତ୍ରକ ମହାଲେଖା ପରୀକ୍ଷକ ରୂପେ ନିଯୁକ୍ତ ହୋଇ ଈଶ୍ୱରଙ୍କ ନାମରେ ଶପଥ କରୁଅଛି (ଅଥବା ସତ୍ୟ ନିଷ୍ଠା ସହ ପ୍ରତିଜ୍ଞାନ କରୁଅଛି) ଯେ ମୁଁ ବିଧିଦ୍ୱାରା ପ୍ରତିଷ୍ଠିତ ଭାରତର ସମ୍ବିଧାନ ପ୍ରତି ଶ୍ରଦ୍ଧା ଓ ନିଷ୍ଠା ରଖିବି ଏବଂ ସମ୍ୟକରୂପେ ଓ ଶ୍ରଦ୍ଧାପୂର୍ବକ ଭଥା ନିଜର ପୂର୍ଣ୍ଣ ଯୋଗ୍ୟତା-ଜ୍ଞାନ ଓ ବିବେକ ଅନୁସାରେ ନିଜ ପଦର କର୍ତ୍ତବ୍ୟମାନ ଭୟ ଓ ପକ୍ଷପାତ ବିନା ଏବଂ ଅନୁରାଗ ଓ ଦ୍ୱେଷ ବିନା ପାଳନ କରିବ ଓ ବିଧିମାନଙ୍କର ମର୍ଯ୍ୟାଦା ରକ୍ଷା କରିବ ।" ଶାସନ ଖସଡ଼ାର ୧୪୮ ଦଫା ମତେ ଭାରତର ରାଷ୍ଟ୍ରପତିଙ୍କ ଦ୍ୱାରା କଣ୍ଟ୍ରୋଲର ଓ ଅଡିଟର୍ ଜେନେରାଲ ନିଯୁକ୍ତ ହେବେ । ସୁପ୍ରିମ କୋର୍ଟର ବିଚାରପତିଙ୍କୁ ଯେଉଁ କାରଣରୁ ଓ ଯେଉଁ ପ୍ରଣାଳୀରେ କାର୍ଯ୍ୟରୁ ଅନ୍ତର କରାଯାଏ, କଣ୍ଟ୍ରୋଲର ଓ ଅଡିଟର ଜେନେରାଲଙ୍କୁ କେବଳ ସେହି କାରଣରୁ ଓ ସେହି ଉପାୟରେହିଁ କାର୍ଯ୍ୟରୁ ଅନ୍ତର କରାଯାଏ ଏଥିରୁ ଅନୁମିତ ହୁଏ ଯେ ଅଡିଟର ଜେନେରାଲଙ୍କୁ ଯେତେବେଳେ ଇଚ୍ଛା ସେତେବେଳେ କେନ୍ଦ୍ରର ମନ୍ତ୍ରୀମଣ୍ଡଳ କାର୍ଯ୍ୟରୁ ଅନ୍ତର କରିପାରିବେନାହିଁ । ଏହି ପଦରେ ନିଯୁକ୍ତ କୌଣସି ବ୍ୟକ୍ତିଙ୍କ କାର୍ଯ୍ୟରୁ ଅନ୍ତର କରିବାକୁ ହେଲେ, ତାହା କେବଳ ପ୍ରମାଣିତ ଅସଦାଚରଣ ଓ କର୍ତ୍ତବ୍ୟ କରିବାରେ ଅସାମର୍ଥ୍ୟ ଯୋଗୁ କରାଯାଇ ପାରିବ, ନାମ ଏହା କରିବା ପୂର୍ବରୁ ରାଷ୍ଟ୍ରପତିଙ୍କର ଅନୁମତି ନେମେ ସମସ୍ତ କଥା ସଂସଦରେ ଆଲୋଚିତ ହେବ ଓ ତାଙ୍କୁ କାର୍ଯ୍ୟରୁ ଅନ୍ତର କରିବାର ପ୍ରସ୍ତାବ ସଂସଦର ପ୍ରତ୍ୟେକ ସଦନରେ ସମସ୍ତ ସଭ୍ୟ ସଂଖ୍ୟାର ବହୁମତ ଦ୍ୱାରା ଏବଂ ଉପସ୍ଥିତ ଓ ମତଦାନକାରୀ ସଦସ୍ୟମାନଙ୍କ ମଧ୍ୟରୁ ଅନ୍ୟୂନ ଦୁଇ ତୃତୀୟାଂଶ ବହୁମତଦ୍ୱାରା ପୃଷ୍ଟିତ ଓ ରାଷ୍ଟ୍ରପତିଙ୍କ ଦ୍ୱାରା ସ୍ୱୀକୃତ ହେବା ପ୍ରୟୋଜନ ।

'ଭାରତୀୟ ରାଜ୍ୟସଂଘ ସଂସଦ' (Parliament) ର ହିଁ ଅଡିଟର ଜେନେରାଲଙ୍କର ବେତନ ପରମାଣ ଓ ସେବାର ଅନ୍ୟାନ୍ୟ ସର୍ତ୍ତମାନ ଆଇନ ଦ୍ୱାରା ସ୍ଥିର କରିବାର ଅଧିକାର ରହିଛି । ଏହିପରି ଭାବେ ତାଙ୍କର ବେତନ ଇତ୍ୟାଦି ସ୍ଥିରୀକୃତ ହୋଇଗଲା ପରେ ଶାସନ ଖସଡ଼ାର ୧୪୮ ଦଫାର ୪ ଉପଦଫାର ସ୍ପଷ୍ଟ ଉଲ୍ଲେଖମତେ, ନିୟନ୍ତ୍ରକ-ମହାଲେଖା-ପରୀକ୍ଷକ ପଦରେ ନିଯୁକ୍ତ ଥିବା ବ୍ୟକ୍ତି ଭାରତ ସରକାର ଅଥବା ଅନ୍ୟ କୌଣସି ରାଜ୍ୟ ସରକାରଙ୍କ ଅଧୀନରେ ପୁନଶ୍ଚ ଅନ୍ୟ କୌଣସି ପଦ ବା ଚାକରୀ ଗ୍ରହଣ କରି ପାରନ୍ତି ନାହିଁ । ଶାସନ-ଖସଡ଼ାରେ ଏଭଳି ନିର୍ଦ୍ଦେଶ ଦେବାର ଉଦ୍ଦେଶ୍ୟ ହେଲା, ତାଙ୍କ କର୍ତ୍ତବ୍ୟ ପାଳନ ବେଳେ ସେ ଯେପରି ଆଶାରଖି ନଥିବେ ଯେ, ସେ ଯଦି ସରକାରଙ୍କ ଦୋଷ ଦୁର୍ବଳତା ନିର୍ଦ୍ଦୋଷ ଭାବରେ ନଦେଖାଇ ତାଙ୍କର ପ୍ରିୟପାତ୍ର ହୋଇଯାଆନ୍ତି, ତେବେ ଭବିଷ୍ୟତରେ ତାହାଙ୍କୁ ଆଉ କୌଣସି ପଦ ମିଳିପାରେ ।

ଭାରତୀୟ ଲେଖା ପରୀକ୍ଷା (*audit*) ଏବଂ ଲେଖା-ବିଭାଗରେ ସେବା କରୁଥିବା ବ୍ୟକ୍ତିଙ୍କର ସେବା ସର୍ତ୍ତ ଓ ମହାଲେଖା ପରୀକ୍ଷକଙ୍କ ପ୍ରଶାସନିୟ କ୍ଷେତ୍ର ସମ୍ବନ୍ଧରେ ନିୟମ-ପ୍ରଣୟନ ତାଙ୍କ ହସ୍ତରେ ପରାମର୍ଶ କରା କେବଳ ରାଷ୍ଟ୍ରପତିହିଁ କରନ୍ତି ଓ ତାଙ୍କୁ ଦେୟ ବେତନ ଓ ଭତ୍ତା ଇତ୍ୟାଦି ଓ ତାଙ୍କ କାର୍ଯ୍ୟାଳୟରେ ସେବା କରୁଥିବା ବ୍ୟକ୍ତିମାନଙ୍କର ବେତନ ଓ ଭତ୍ତା ଇତ୍ୟାଦି ଭାରତର ସଞ୍ଚିତ ନିଧି (*Consolidated fund of India*) ଉପରେ ଭାରିତ ହୁଏ, ଅର୍ଥାତ୍ ତାହା ସଂସଦ (*Parliament*) ରେ ବାର୍ଷିକୀୟ ଓ ଶ୍ରାଦ୍ଧ୍ୟ ଓ ଅଶ୍ରାଦ୍ଧ୍ୟ ହୋଇପାରେ ନାହିଁ । ଏହାଦ୍ୱାରା ମହାଲେଖା-ପରୀକ୍ଷକଙ୍କ ସ୍ୱାଧୀନତା ଅକ୍ଷୁଣ୍ଣ ରହେ ଓ ସରକାର ତାଙ୍କ ଉପରେ ବା ତାଙ୍କ କାର୍ଯ୍ୟାଳୟର

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

ଅଡିଟୋରିୟମ

କର୍ମଗୁଡ଼ିକ ଉପରେ କୌଣସି ପ୍ରକାରର ପ୍ରଭାବ ପକାଇ ପାରନ୍ତି ନାହିଁ ।

ରାଜ୍ୟ ଫଉଜର ବା ରାଜ୍ୟମାନଙ୍କର ଲେଖା (*accounts*) ସମ୍ବନ୍ଧରେ ସଂସଦ ପ୍ରଣୀତ ବିଧି ଅନୁସାରେ ଅଥବା ପୂର୍ବରୁ ଚଳ ଆସୁଥିବା ବିଧି ଅନୁସାରେ କର୍ତ୍ତବ୍ୟ ବା ଯେଉଁ ସବୁ ଶକ୍ତିର ପ୍ରୟୋଗ ଦରକାର, ମହାଲେଖା-ପରୀକ୍ଷକ ସେ ସବୁ କରିବେ । ଶାସନ-ଖସଡ଼ାର ୧୫୦ ଦଫା ଆଇନାନୁସାରେ ରାଷ୍ଟ୍ରପତିଙ୍କ ଅନୁମତି ନେଇ କଣ୍ଟ୍ରୋଲର ଓ ଅଡ଼ିଟର ଜେନେରାଲ ଯେଉଁ ପଦ୍ଧତି ସ୍ଥିର କରିଦେବେ, ଯେଉଁ ଫର୍ମ ଠିକ୍ କରିଦେବେ, ସେହି ପଦ୍ଧତି ଓ ଫର୍ମ ଅନୁସାରେ କେନ୍ଦ୍ର ସରକାର ତଥା ରାଜ୍ୟ ସରକାରଙ୍କ ହିସାବ ରହିବ । ୧୫୧ ଦଫାର ବ୍ୟବସ୍ଥା ଅନୁସାରେ କଣ୍ଟ୍ରୋଲର ଓ ଅଡିଟର ଜେନେରାଲଙ୍କ ରିପୋର୍ଟ ବା ପ୍ରତିବେଦନମାନ ରାଷ୍ଟ୍ରପତି ପାର୍ଲିଆମେଣ୍ଟ ଆଗରେ ପେଶ୍ କରାଇବେ । ରାଜ୍ୟ ସରକାରଙ୍କ ପାଇଁ ସେ ଯେଉଁ ପ୍ରତିବେଦନମାନ (*audit report*) ଦେଇଥିବେ, ତାହା ରାଜ୍ୟର ବିଧାନ ସଭାରେ ରାଜ୍ୟପାଳ ପେଶ୍ କରାଇବେ । ଏହି ରିପୋର୍ଟରେ ଯେଉଁ ଦୋଷ ଦର୍ଶା ଯାଇଥିବ, ସେ ସଂପର୍କରେ ପାର୍ଲିଆମେଣ୍ଟ ବା ରାଜ୍ୟ ବିଧାନ ସଭାରେ ସଭ୍ୟମାନଙ୍କ ଦ୍ୱାରା ଆଲୋଚନା ହୋଇ ପାରିବ ।

ଶାସନ-ଖସଡ଼ାର ୧୪୮ ରୁ ୧୫୧ ପର୍ଯ୍ୟନ୍ତ ଏହି ଗୁରୁତ୍ୱପୂର୍ଣ୍ଣ ଦଫାରେ 'କଣ୍ଟ୍ରୋଲର ଓ ଅଡ଼ିଟର ଜେନେରାଲ'ଙ୍କ ନିଯୁକ୍ତି ତଥା କ୍ଷମତା ସମ୍ପର୍କରେ ସ୍ପଷ୍ଟ ବ୍ୟବସ୍ଥା ରହିଛି । ସମ୍ବିଧାନ କାର୍ଯ୍ୟକାରୀ ହେଲାପରେ ଶ୍ରୀ ଏ. କେ. ଚନ୍ଦ୍ର ପ୍ରଥମ ନିଯୁକ୍ତକ ଓ ମହାଲେଖା-ପରୀକ୍ଷକ ନିଯୁକ୍ତ ହୋଇଥିଲେ ।

ଅଡ଼ିଟୋରିୟମ୍ (*Auditorium*)-ବୈଦେ. ବି.-(ଥିଏଟର ବା ସିନେମା ଗୃହରେ)-ଦର୍ଶକ ବା ଶ୍ରୋତୃ ବର୍ଗଙ୍କ ନମନ୍ତେ ନିର୍ଦ୍ଦିଷ୍ଟ ସ୍ଥାନ, ପ୍ରେକ୍ଷାଳୟ, ପ୍ରେକ୍ଷାଗାର ।

ଅଡ଼ୁପଟ-ଦେ. ବି.-ପଶା କାଠିରେ ଯେଉଁ ପଟ ବା ଦାନ ସହଜରେ ପଡ଼େ ନାହିଁ । ପଶା ଖେଳିବା ବେଳେ ଯେଉଁ ପଶା ଖେଳାଳର ଅଡ଼ୁପଟ ପକାଇବାକୁ ଥାଏ, ସେ ଖେଳାଳି ଅଡ଼ୁପଟକୁ ଉଚ୍ଚ ସ୍ୱରରେ ଉଚ୍ଚାରଣ କରି ପଶା କାଠିକୁ ଗଡ଼ାଇ ଥାଏ ।

ଅଡ଼ୁବା-ଦେ. କ୍ରି.-(ସଂ. ଅଡ୍ ଧାତୁ = ବ୍ୟାପିବା, ସଂ. ଅଡ୍ଡ ଧାତୁ-ଆକ୍ରମଣ କରିବା)-ଏକ ଜିଦ୍‌ଧରି ବସିବା, କୁଡ଼ ସଂକଳ୍ପ ହେବା, କୁଡ଼ ନଷ୍ଟମୟ ହେବା ଜିଦ୍ ବସିବା, ରୁଷ୍ଟ ହେବା । (ଘୋଡ଼ା) ଗୁଲି ଗୁଲି ଆଗକୁ ନଯାଇ ଅଟକିବା, ଜମିବା, ନାରାଜ ହେବା, କୌଣସି କାର୍ଯ୍ୟ କରିବାକୁ ଅନିଚ୍ଛା ପ୍ରକାଶ କରିବା, ବିରିଡିବା, ପ୍ରକୁପିତ ହେବା, କ୍ରୁଦ୍ଧ ହେବା, (ପବନ) ଅଟକିବା, ବାଧା ହେବା, ଅସନ୍ତୁଷ୍ଟ ହେବା, ପ୍ରକାଶ୍ୟରେ ବିରୋଧୀ ହେବା ।

ଅଡ଼ୁବାକ୍-ଦେ ବିଣ.-ଅଡ଼ୁଭୁସା (ଦେଖନ୍ତୁ)
ଯେଉଁ ଘୋଡ଼ା ଯାଉ ଯାଉ ଅଟକି ଯାଏ ।

ଅଡ଼ିବାଜି-ଦେ. ବି.-ଅଡ଼ୁଭୁସା (ଦେଖନ୍ତୁ)
ଘୋଡାର ଅଡୁବା ଅଭ୍ୟାସ ।

ଅଡ଼ୁଶିଳା-ପ୍ରାଦେ. (ଆଳ) ବି.-ପାଣି ବୁହାଇବା ଯନ୍ତ୍ରର ଧାରଣା କାଠ ।

ଅଡିସି ଅସ୍-ବୈଦେ. ବି.-(ଇଂ. ଅଡିସି ଅସ୍)-ମହାକବି ହୋମରଙ୍କ କୁଡ଼ ଗ୍ରୀକ୍ ପୌରାଣିକ କାବ୍ୟ । ଏଥିରେ ଟ୍ରସ୍ଥ ଯୁଦ୍ଧ ପରେ ଇଥାକସିସ୍ ବା ଅଡିସିୟାସଙ୍କର ସ୍ୱାରଭ୍ରମଣ କାହାଣୀ ଓ ଗ୍ରୀକ୍ ସ୍ୱାରମାନଙ୍କର ସ୍ୱଦେଶ ପ୍ରତ୍ୟାବର୍ତ୍ତନର ବିବରଣୀ ବର୍ଣ୍ଣିତ ହୋଇଅଛି । ଗ୍ରୀକ୍ ପୁରାଣ ଅନୁସାରେ ଏହି ବ୍ୟକ୍ତ ଇଥାକାର ରାଜା ଓ ଗ୍ରୀସ୍-ଟ୍ରସ୍ଥ ଫଟ୍ରାମରେ ଗ୍ରୀକ୍‌ମାନଙ୍କ ପକ୍ଷର ଏକ ପ୍ରଧାନ ଯୋଦ୍ଧା । ଗ୍ରୀକ୍‌ମାନେ ଏହାକୁ 'ଇଥାକସିସ୍' କହୁଥିବା ବେଳେ ରୋମାନ୍‌ମାନଙ୍କ ମୁଖରେ 'ଅଡିସିଅସ୍' ନାମରେ ପରିଚିତ । ଟ୍ରୋଜାନ୍ ଯୁଦ୍ଧରୁ ଫେରି ଇଥାକସିସ୍‌ଙ୍କୁ ଦଶବର୍ଷ ପର୍ଯ୍ୟନ୍ତ ନାନା ସଙ୍କଟ ଓ ପ୍ରଲୋଭନ ଭିତରେ ଗତି କରିବାକୁ ପଡିଥିଲା । ଇଥାକସିସ୍ ଯେତେବେଳେ ନିଜ ରାଜ୍ୟ ଇଥାକାକୁ ଫେରି ଆସି ଦେଖନ୍ତି ଯେ, ତାଙ୍କ ସ୍ତ୍ରୀ ପେନ୍ନେଲୋପିଙ୍କ ପ୍ରେମ୍ୟ-ପ୍ରାର୍ଥୀ ହୋଇ ପ୍ରାୟ ଏକଶହ ବ୍ୟକ୍ତି ତାଙ୍କ ପ୍ରାସାଦର ରାଜପଥରେ ଆସ୍ତାନା ଜମାଇ ରହିଛନ୍ତି । ଇଥାକସିସ୍ ଫେରି ଆସିବାର ସୂଚନା ପାଇ ଚତୁରା ପେନ୍ନେଲୋପି ପ୍ରକାଶ କଲେ ଯେ, ଇଥାକସିସ୍‌ଙ୍କ ଧନୁରେ ଯେଉଁ ବ୍ୟକ୍ତି ଗୁଣ ଦେବାକୁ ସମର୍ଥ ହେବ, ସେ ସେହି ବ୍ୟକ୍ତିକୁ ବିବାହ କରିବେ । ଛଦ୍ମ ବେଶରେ ଇଥାକସିସ୍ ମଧ୍ୟ ଏହି ପ୍ରତିଯୋଗିତାରେ ଯୋଗଦେଲେ

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

ଓ ଧନୁରେ ଗୁଣ ଦେଇ ନଜର ସ୍ତ୍ରୀକୁ ପାଇଲେ ଏବଂ ସେହି ଧନୁ ସାହାଯ୍ୟରେ ସମସ୍ତ ପ୍ରତଯୋଗୀମାନଙ୍କୁ ଦଇ୍ୟା କଲେ । (ଦେଖନ୍ତୁ-ଝଯ୍ୟ)

ଅଡୁଆ-ଦେ. ବଣ. (ସ. ଆଲୁକ, ଆଲୁଲାୟିତ)-ଜଟିଳ, ଗୋଲମାଳିଆ, ଅସଞ୍ଜତ, ଅସ୍ତବ୍ୟସ୍ତ, ଇତସ୍ତତଃ, ବଷିପ୍ତ (କେଶ), ବଗିଡ଼ ଯାଇଥିବା, ଛନ୍ଦଣି ମନ୍ଦଣି ହୋଇଥିବା (କେଶ, ସୂତା), ଅମୀମାଂସିତ, ଅଖଞ୍ଜିଆ, ଅସୁବଧାଜନକ, ବଷମ, ଅଖାଡ଼ିଆ, ସନ୍ଦେହଜନକ, ଅସାଧ୍ୟତ (ସମସ୍ୟା), ବାଧାଜନକ, ବଘ୍ନପୂର୍ଣ୍ଣ । ଦେ. ବ.-ଅସୁବଧା, ଅଖଞ୍ଜ, ଅସାଧ୍ୟତ ସମସ୍ୟା, ବଷମ ସମସ୍ୟା, ପ୍ରହେଳିକା, ଅମୀମାଂସିତ ବଷୟ, ବଭ୍ରାଟ, ଜଟିଳତା,ଗୋଲମାଳ, ଛନ୍ଦଣିମନ୍ଦଣି ଅବସ୍ଥା, କଳକଳିଆ, ବବାଦ, ବାଧା, ବଘ୍ନ ।

ଅଡୁଆ ଚକଶ-ଦେ. ବ.-(ଦେଖନ୍ତୁ-ଅଡୁଆ ବାଳ)

ଅଡୁଆ ଝଡୁଆ ବର୍ଗନ-ପ୍ରାଦେ. (ସମ୍ବଲପୁର) ବ.-ଅତ ଗ୍ଲେଟ୍ ଗ୍ଲେଟ୍ ବା ବାଜେ ବସ୍ତୁ କାଢ଼ି କଶବା ପାଇଁ ଦଆଯିବା ଆଦେଶ ।

ଅଡୁଆ ଉଡୁଆ-ଦେ. ବଣ. (ସମ୍ବଚର)-ସମ୍ବଚର ଶବ୍ଦ ଯୋଜନା ଦ୍ୱାର ବସ୍ତୁ ଅଥର ସୂଚନା-ବଶେଷ ଜଟିଳ (ବସ୍ତୁ) । ଦେ. ବ.-ବଶେଷ ଗୋଲମାଳ, ବବାଦ, ବସମ୍ବାଦ, ବଶେଷ କଳକଳିଆ ।

ଅଡୁଆ ବାଳ-ଦେ. ବ.-ଛନ୍ଦଣି ମନ୍ଦଣି ହୋଇଥିବା କେଶ, ମୁଣ୍ଡ କ୍ତାଇବାରେ ଯେଉଁ ଛନ୍ଦଣି ମନ୍ଦଣିବାଳ ପାନଆରେ ଲଗି ମୁଣ୍ଡରୁ ଉଠିଆସେ ।

ଅଡୁମ୍ବର-ଦେ. ବ. (ସ ଉଦୁମ୍ବର)-(ଦେଖନ୍ତୁ-ଉଦୁମ୍ବର)

ଅଡୁବନ୍-ବୈଦେ. ବ. (ନାମ)-ଏହି ବ୍ୟକ୍ତିଙ୍କର ଜନ୍ମ ୧୮୮୫ ଖ୍ରୀଷ୍ଟାବ୍ଦ ଓ ମୃତ୍ୟୁ ୧୮୫୧ ଖ୍ରୀଷ୍ଟାବ୍ଦ । ଏହାଙ୍କର ଜନ୍ମ ଆମେରକାରେ । ଅଡୁବନ ତାଙ୍କର ଜୀବନକାଳ ମଧ୍ୟରେ କେବଳ ପକ୍ଷୀମାନଙ୍କ ସମ୍ପର୍କରେ ଗବେଷଣା କରି ସେମାନଙ୍କର ଚତ୍ର ଆଙ୍କିବା ଥିଲ ପ୍ରଧାନ କାମ । ତାଙ୍କର ବହୁତ-ପ୍ରୀତ ବର୍ତ୍ତମାନ ପକ୍ଷୀ-ଚିତ୍ରମାନଙ୍କର ପ୍ରଧାନ ଗବେଷଣାର ବଷୟ । ଅଡୁବନଙ୍କୁ ଯେତେବେଳେ ଖୁବ୍ କମ୍ ବୟସ ହୋଇଥିଲ, ସେତେବେଳୁ ସେ ଜୀବମାନଙ୍କ ପ୍ରତ ଅତ ଭବରେ ଆକୃଷ୍ଟ ହୋଇ ସେମାନଙ୍କ ସମ୍ପର୍କରେ ଜାଣିବାପାଇଁ ଆଗ୍ରହ ସହକାରେ ଚେଷ୍ଟା କରଥିଲେ । ଜୀବମାନଙ୍କ ମଧ୍ୟରୁ ସେ ପକ୍ଷୀମାନଙ୍କ ପ୍ରତ ବଶେଷ ଆକୃଷ୍ଟ ହୋଇ ପକ୍ଷୀମାନେ କପର ଉଡ଼ିଯାଉଛନ୍ତି, କପର ଖେଳୁଛନ୍ତି, କପର ଖାଦ୍ୟ ଖାଉଛନ୍ତି, ଗଛରେ କପର ବସୁଛନ୍ତି, ବସା କପର ନର୍ମାଣ କରୁଛନ୍ତି ଏହାସବୁ ଲକ୍ଷ୍ୟକର ସେମାନଙ୍କ ବଷୟରେ ଜାଣିବାକୁ ଖୁବ୍ ଆନନ୍ଦ ପାଉଥିଲେ । ଅଡୁବନଙ୍କ ପିତା ଜଣେ ବ୍ୟବସାୟୀ ହୋଇଥିବାରୁ ସେ ନଜର ପୁତ୍ର ଅଡୁବନଙ୍କୁ ବ୍ୟବସାୟୁ ବୁଝିବାକୁ ଦାୟିତ୍ୱ ଦେଇଥିଲେ ମଧ୍ୟ ଅଡୁବନଙ୍କର ମନ ବ୍ୟବସାୟୁ ପ୍ରତ ଲଗ ନଥିଲ । ତାଙ୍କର ମନ କେବଳ ଲଗି ରହିଥିଲ କପର ସେ ପକ୍ଷୀ ଜଗତ ସମ୍ପର୍କରେ ଜ୍ଞାନ ହାସଲ କରିବେ । ବ୍ୟବସାୟୁରୁ ଓହରଯାଇ ପକ୍ଷୀ ଜଗତ ସମ୍ପର୍କରେ ଜ୍ଞାନ ହାସଲ କରିବାକୁ ଚେଷ୍ଟା କରୁଥିବା ବେଳେ ଅଡୁବନ ଦାରଦ୍ର୍ୟର ସମ୍ମୁଖୀନ ହୋଇଥିଲେ ।

ଲୁସି ନାମ୍ନୀ ବାଳକାକୁ ସେ ବବାହ କରଥିଲେ । ସ୍ତ୍ରୀଙ୍କର ଇଚ୍ଛାମତେ କାମ କରିବା ପାଇଁ ଲୁସି ଆନନ୍ଦ ପାଉଥିଲେ । ତେଣୁ ଲୁସି ସ୍ତ୍ରୀଙ୍କୁ ତାଙ୍କର ପକ୍ଷୀଚତ୍ର ଅଙ୍କନ କରିବାରେ ସାହାଯ୍ୟ କରିବା ଉଦ୍ଦେଶ୍ୟରେ ପର ଘରେ ଗ୍ରୁପ ଗ୍ରୁପମାନଙ୍କୁ ଟିଉସନ୍ କର ଅର୍ଥ ଉପାର୍ଜନ କରଥିଲେ ଓ ସ୍ତ୍ରୀଙ୍କୁ ଆବଶ୍ୟକୟ ଅର୍ଥ ଯୋଗାଉ ଥିଲେ । ଲୁସି ଅର୍ଥ ରୋଜଗାର କର ମଧ୍ୟ ଅଡୁବନ୍ଙ୍କ ପରବାର ଋଣ ଭରରୁ ମୁକୁଳି ପାର ନଥିଲେ । ତେଣୁ ତାଙ୍କୁ ଥରେ ଜେଲ ଭେଟିବାକୁ ପଡିଥିଲ । ଏହାଥିଲ ୧୮୧୯ ଖ୍ରୀଷ୍ଟାବ୍ଦର ଘଟଣା । ତଥାପି ତାଙ୍କର ମନର ବଳ ଏପର ଥିଲ ଯେ ସେ ନାନା ପ୍ରକାର କଠିନ ପରଶ୍ରମ ବନମସ୍ତରେ ପଇସା ରୋଜଗାର କର, ସେହି ପଇସାରେ କାଳି, ତୁଳି, କାଗଜ କିଣି ଆମେରବାର ପକ୍ଷୀମାନଙ୍କର ବହୁ ବହୁ ଚତ୍ରମାନ ସବୁ ଅଙ୍କନ କରୁଥିଲେ । ଅଡୁବନ ୧୮୨୬ ଖ୍ରୀଷ୍ଟାବ୍ଦରେ ଶହ ଶହ ପକ୍ଷୀମାନଙ୍କର ପକ୍ଷୀ ଚତ୍ର ଆଙ୍କି, ସେଗୁଡିକୁ ପ୍ରକାଶ କରିବା ପାଇଁ ଇଂଲଣ୍ଡ ଯାଇଥିଲେ । ସେତେବେଳକୁ ତାଙ୍କୁ ୪୧ ବର୍ଷ ବୟସ ହୋଇଥିଲ । ଇଂଲଣ୍ଡର ଜନୈକ ପ୍ରକାଶକ ଅଡୁବନଙ୍କର ପ୍ରତଭାକୁ ଚହ୍ନି ପାଇ ଚତ୍ରଗୁଡ଼ିକ ପ୍ରକାଶ କରିବାର ବ୍ୟବସ୍ଥା କରଥିଲେ । ଏହା ଫଳରେ ଅଡୁବନଙ୍କ ମନରେ ଅଦ୍ଭୁତ ପକ୍ଷୀ ଚତ୍ର ଅଙ୍କନ କରିବାରେ ପ୍ରବଳ ଆଗ୍ରହ ସୃଷ୍ଟି ହୋଇଥିଲ ଓ ୫୩ବର୍ଷ ବୟସ ବେଳକୁ ସେ ୪୮୫ ଜାତର

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

ଅଡୁବନ ସୋସାଇଟି

୧୦୭୫ ଟି ପକ୍ଷୀଙ୍କର ଚମତ୍କାର ରଙ୍ଗିନ ଚିତ୍ର ଅଙ୍କନ କରିବାକୁ ସମର୍ଥ ହୋଇଥିଲେ । ସେତେବେଳକୁ ତାଙ୍କର ଦୁଇ ପୁଅ ପାଲଗ୍ରେଭ୍ ଓ ପିତାଙ୍କର ମନର ଇଚ୍ଛାକୁ ସମ୍ମାନ ଦେଇ ସେମାନେ ମଧ୍ୟ ସେହି ଚିତ୍ର ଅଙ୍କନରେ ମନଦେଲେ । ୧୮୫୧ ଜାନୁଆରୀ ୨୭ ତାରିଖରେ ସେ ଏହି ଦୁନିଆରୁ ଶେଷ ବିଦାୟ ନେଇଥିଲେ ମଧ୍ୟ ପକ୍ଷୀ-ବିଜ୍ଞାନ ଶାସ୍ତ୍ରରେ ତାଙ୍କର ନାମ ଚିରଦିନ ପାଇଁ ଲିପିବଦ୍ଧ ହୋଇ ରହିଗଲା । ଅଡୁବନଙ୍କର ପୁରା ନାମ ଜନ୍ ଜେମ୍ସ୍ ଅଡୁବନ ।

(ଦେଖନ୍ତୁ-ଅଡୁବନ୍ ସୋସାଇଟି ।)

ଅଡୁବନ୍ ସୋସାଇଟି-ବୈଦେ.ବି.-ଆମେରିକାର ପକ୍ଷୀ ପ୍ରେମୀ ଜନ୍ ଜେମ୍ସ୍ ଅଡୁବନଙ୍କ ନାମାନୁସାରେ ପ୍ରତିଷ୍ଠିତ ଅନୁଷ୍ଠାନ । ଏହି ଅନୁଷ୍ଠାନ ୧୮୮୭ ଖ୍ରୀ:ରେ ନ୍ୟୁୟର୍କ ସହରରେ ସ୍ଥାପିତ ହୋଇଥିଲା । ମାଂସ ଓ ପର ବ୍ୟବସାୟୀ ଏବଂ ଶିକାରୀମାନେ ବହୁ ପରିମାଣରେ ପକ୍ଷୀ ଶିକାର କରି ସେମାନଙ୍କର ବଂଶ ଲୋପ କରିବାକୁ ଯାଉଥିବାରୁ ଏହାର ପ୍ରତିରୋଧ କରିବାପାଇଁ ଆମେରିକାର ପ୍ରାଣୀ ବିତ୍ତ୍ୱଗଣ ଏହି ଅନୁଷ୍ଠାନ ଗଠନ କରିଥିଲେ । ଏହି ପ୍ରଚେଷ୍ଟା ଫଳରେ ୧୯୧୮ ଖ୍ରୀ:ରେ ଦେଶାନ୍ତରଗାମୀ ପକ୍ଷୀମାନଙ୍କ (*migratory birds*) ରକ୍ଷଣା-ବେକ୍ଷଣ ପାଇଁ ଇଂଲଣ୍ଡ, କାନାଡା ଓ ଯୁକ୍ତରାଷ୍ଟ୍ର ଆମେରିକାର ସରକାର ମାନଙ୍କ ମଧ୍ୟରେ ଏକ ଚୁକ୍ତି ସ୍ୱାକ୍ଷରିତ ହେଲା । ଆମେରିକା,ଇଂଲଣ୍ଡ ଓ କାନାଡାରେ ଏହି ଅନୁଷ୍ଠାନର ବହୁ ଶାଖା ମାନ ରହିଛନ୍ତି ।

ଅଡୁବନଙ୍କ ମୃତ୍ୟୁପରେ ଏହିପରି ଶହେଟି ଅଡୁବନ୍ ସୋସାଇଟି ଆମେରିକାରେ ପ୍ରତିଷ୍ଠା ଲାଭକରିଛନ୍ତି । ଏହି ସୋସାଇଟିର ମୂଳ ଲକ୍ଷ୍ୟ ହେଲା, ମାଟି, ପାଣି, ଉଦ୍ଭିଦ ଓ ଜୀବ-ଜଗତଙ୍କ ଭିତରେ କିଭଳି ଘନିଷ୍ଠ ସମ୍ପର୍କ ରହିଛି ଓ ସେ ବିଷୟରେ ବ୍ୟାପାକ ଅନୁଶୀଳନ କରିଲେ ମଣିଷ ସମାଜର କିପରି ପ୍ରଭୂତ ଲାଭ ହେଉଛି, ସେ ସଂପର୍କରେ ଲୋକମାନଙ୍କୁ ବୁଝାଇ ସେମାନଙ୍କ ମନରେ ସଚେତନତା ସୃଷ୍ଟି କରିବା । ଅଡୁବନଙ୍କ ସହଧର୍ମିଣୀ ଲୁସିଙ୍କର ଜର୍ଜବାର୍ଡ ପ୍ରିନେଲ ନାମକ ଜନୈକ ଝିଅସନ୍ ଗ୍ରନ୍ଥ ଅଡୁବନଙ୍କ ନାମକୁ ଚିରସ୍ମରଣୀୟ କରି ରଖାଇବା ପାଇଁ ସେ ପ୍ରଥମେ 'କାଗଯୁ ଅଡୁବନ୍ ସୋସାଇଟି' ଗଠନ କରିଥିଲେ । ଏହି ସୋସାଇଟିର କର୍ମୀ ସଭ୍ୟ ସଂଖ୍ୟା ବର୍ତ୍ତମାନରେ ୯୦ ଲକ୍ଷରୁ ଉର୍ଦ୍ଧ୍ୱ ସ୍କୁଲ ଗ୍ରନ୍ଥାଗାର ନଆସାଇଛନ୍ତି ଓ ପକ୍ଷୀଗୁଡିକ କିପରି ବଢିବେ, ପ୍ରକୃତି ଯେଉଁ ସମ୍ପଦ ସବୁ ଦେଇଛନ୍ତି ତାହାର ରକ୍ଷଣା-ବେକ୍ଷଣ କିପରି କରିଯାଇ ପାରିବ ଇତ୍ୟାଦି ଜାଣିବାପାଇଁ ସେମାନଙ୍କୁ ଆବଶ୍ୟକୀୟ କ୍ଷୁଦ୍ର କ୍ଷୁଦ୍ର ପତ୍ରିକା ଓ ପ୍ରକୃତିପ୍ରେମୀ ମାନ ଯୋଗାଇ ଦିଆଯାଉଛନ୍ତି । ଏହି ସଂସ୍ଥା ତରଫରୁ ଲୋକମାନଙ୍କୁ ସଚେତନ କରାଇବା ପାଇଁ ଅନେକଗୁଡିଏ ପତ୍ର ପତ୍ରିକା ପ୍ରକାଶ ପାଏ । ଏହି ପତ୍ରିକାମାନଙ୍କ ମଧ୍ୟରେ 'ଅଡୁବନ୍ ମାଗାଜିନ୍' ହେଉଛି ପ୍ରଧାନ । ଅଧୁନା ୧୧୩୦, ପଞ୍ଚମ ଏଭିନ୍ୟୁ, ନ୍ୟୁୟର୍କ ନଗରରେ ଏହାର ପ୍ରଧାନ କାର୍ଯ୍ୟାଳୟ । ଏହି ସୋସାଇଟିର ଉଦ୍ୟମ ଫଳରେ ଜୀବମାନଙ୍କୁ ନିରାପଦରେ ରଖିବା ପାଇଁ ବହୁ ସଂରକ୍ଷିତ ଉଦ୍ୟାନ ମାନ କରାଯାଇଛି ।

(ଦେଖନ୍ତୁ-ଅଡୁବନ୍, ଆମେରିକା-ଯୁକ୍ତରାଷ୍ଟ୍ର ।)

ଅଡୁବାଣ୍ଡୁଲ୍-ପ୍ରାଦେ. ବି. (ଦକ୍ଷିଣ ଓଡ଼ିଶା) - ଦକ୍ଷିଣ ଓଡିଶାର ଶବର ମାନଙ୍କ ବିଶ୍ୱାସ ମତେ ଏହା ଏକ ଭୂତ । ଏହି ଅଞ୍ଚଳର ଶବରମାନଙ୍କ ଘରେ ସାଧାରଣତଃ ଦୁଇଟି ବଡ ମାଟିପାତ୍ର ଥାଏ । ଏହି ମାଟି ପାତ୍ରରେ ଯଦି ଖସ୍-ଖସ୍ ଶବ୍ଦ ହୁଏ, ତେବେ ସେମାନଙ୍କର ବିଶ୍ୱାସ ହୁଏ, ଅଡୁବାଣ୍ଡୁଲ୍ ନାମକ ଭୂତ ଘର ମଧ୍ୟକୁ ପ୍ରବେଶ କରିଛି ।

ଅଡେଇବା-ଦେ.କ୍ରି.-ଅଡାଇବା (ଦେଖନ୍ତୁ)

ଅଡୋଶ ପଡୋଶ-ଦେ.ବି.(ଅନର୍ଥକ ପ୍ରଥମ ଶବ୍ଦ= ଯୁଗଳ ସ.ପ୍ରତିବେଶୀ ବହୁ ବଚନ ବାଚକ)-ପ୍ରତିବେଶୀ ବର୍ଗ, ନିକଟରେ ବାସକରୁଥିବା ଲୋକ । ବି. ବଣ.-ନିକଟରେ ବାସ କରୁଥିବା (ବ୍ୟକ୍ତି), ଆସ୍‌ପାଶ୍, ନିକଟବର୍ତ୍ତୀ ।

ଅଡ଼ାଲିସ୍କ୍ୟୁ-(*Odalisque, odalisk*)-ବୈଦେ. ବି.-ଦାସୀ, ଉପପତ୍ନୀ (ବିଶେଷତଃ ତୁରସ୍କ ସୁଲତାନଙ୍କ ଅନ୍ତଃପୁରରେ ରହୁଥିବା ଦାସୀ ବା ଉପପତ୍ନୀ)

ଅଡୋଲ-ଦେ.ବି. ଓ ବଣ.-(ଦେଖନ୍ତୁ-ଅଡଉଲ)

ଅଡ଼୍‌ଡ଼-(ଧାତୁ)-ସ.-ଯୋଗ କରିବା, ଆକ୍ରମଣ କରିବା, ତର୍କ କରିବା, ଅନୁମାନ କରିବା, ଧ୍ୟାନ କରିବା ।

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

ଅଡ଼୍ଡନ-ସଂ.ବି.(ଅଡ୍ ଧାତୁ + କର୍ମ ଅନ, ଯାହାକୁ ଲକ୍ଷ୍ୟ କରି ଆକ୍ରମଣ କରିଯାଏ)-ଆଡ଼େଇଁ, ଡ଼ାଲ ।

ଅଡ଼୍ଡନ-ସଂ.ବି.-ଅଡ୍ଡନର ଅନ୍ୟରୂପ ।

ଅଡ଼ ଆଙ୍ଗୁଳ-ଦେ.ବି. (ଅଡ଼ା ଆଙ୍ଗୁଠି-ଦେଖନ୍ତୁ)

ଅଡ଼କ-ଅଡ଼ା (ଦେଖନ୍ତୁ)
ଅଙ୍କ, ଡଙ୍କା ।

ଅଡ଼ଙ୍କରଆ-ଗ୍ରା. ବଣ.-ଅଡ଼ଙ୍କିଆ (ଦେଖନ୍ତୁ)

ଅଡ଼ଙ୍ଗୁ-ଗ୍ରାଦେ (ସମ୍ବଲପୁର) ବଣ.-ଅନୁଚ୍ଚଡ ।

ଅଡ଼ଙ୍ଗ-ଦେ.ବଣ.-(ସଂ. + ଦ୍ରୁ.ଡ଼ଙ୍ଗ୍)-ବେଢ଼ଙ୍ଗ,ଅଡ଼ୁଲ, କୁର୍ତ୍ତି, ଅସୁନ୍ଦର, ଧାଡ଼ ବହୁନ । ଦେ.ବି.-ଅଡ଼ଙ୍ଗୁ (ଦେଖନ୍ତୁ) । ଦେ.ବି. (ନାମ)-କଟକ ଜିଲ୍ଲାରେ କଟକର ୩୩ କି.ମି. ଦୂରରେ ଥିବା ଗୋଟିଏ ଗଡ଼ । ଏହା ଅଡ଼ଙ୍ଗ ଗଡ଼ ନାମରେ ଖ୍ୟାତ । ଏଠାରେ ପ୍ରସିଦ୍ଧ ସାଧୁ ପୁରୁଷ ଯଶୋବନ୍ତ ଦାସଙ୍କ ଗାଦି ପ୍ରତିଷ୍ଠିତ । ସେଠାରେ ପ୍ରତିବର୍ଷ ମାର୍ଗଶିର ମାସ ଶୁକ୍ଳପକ୍ଷୀ ବା ଓଡ଼ଣ ଷଷ୍ଠୀ ଦିନ, ଯଶୋବନ୍ତ ଦାସଙ୍କ ଉଦ୍ଦେଶ୍ୟରେ ଗୋଟିଏ ମେଳା ହୋଇଥାଏ । ଏହି ଅଡ଼ଙ୍ଗ ଗଡ଼ ପୂର୍ବେ ଜଣେ ଖଣ୍ଡାୟତ ବା ସାମନ୍ତ ରାଜାଙ୍କର ରାଜଧାନୀ ଥିଲ ଓ ବର୍ତ୍ତମାନ ସେଠାରେ ରାଜାଙ୍କର ଗଡ଼ ଓ ଖାଇର ସଙ୍କେତ ରହିଅଛୁ ।

ଅଡ଼ଙ୍ଗ ଗଡ଼-ଦେ.ବି. (ନାମ)-ଅଡ଼ଙ୍ଗ (ଦେଖନ୍ତୁ)

ଅଡ଼ଙ୍ଗ ଗଡ଼ ମାଳକା-ଦେ. ବି. (ନାମ)- ପ୍ରାଚୀନ ଓଡ଼ିଆ ସାହିତ୍ୟର ପଞ୍ଚ ସଖାଙ୍କ ମଧ୍ୟରୁ ସାଧୁ ଯଶୋବନ୍ତ ଦାସଙ୍କ ନାମରେ ଏହି ଅଡ଼ଙ୍ଗଗଡ଼ ମାଳକା ଗ୍ରନ୍ଥଟି ଦେଖିବାକୁ ମିଳେ । ଏଥିରେ ପାଞ୍ଚଗୋଟି ଅଧ୍ୟାୟ ରହିଛୁ । ବଳରାମ ଓ ଗରୁଡ଼ ପ୍ରଶ୍ନୋତ୍ତର ଛଳରେ ଏହି ମାଳକାଟି ବର୍ଣ୍ଣିତ । ଗ୍ରନ୍ଥର ଆରମ୍ଭରେ କବି ଯଶୋବନ୍ତ ଜଗନ୍ନାଥଙ୍କର ବନ୍ଦନା କରି ଲେଖିଛନ୍ତି—

"ଜୟ ଜୟ ଜଗନ୍ନାଥ ଜଗତ ଇଶ୍ୱର
ଜୟ ଜୟ ଜଗନ୍ନାଥ କମଳାର ବର ।
ଜୟ ଜୟ ଜଗନ୍ନାଥ ଜଗତର ବନ୍ଧୁ
ଜୟ ଜୟ ଜଗନ୍ନାଥ ନାମ କୃପାସିନ୍ଧୁ ।
ଜୟ ଜୟ ଜଗନ୍ନାଥ ଜଗତ ଜରତା,
ଜୟ ଜୟ ଜଗନ୍ନାଥ ଦଇବ ବିଧାତା ।
ଜୟ ଜୟ ଜଗନ୍ନାଥ ପତିତ ତାରଣ,
ଜୟ ଜୟ ଜଗନ୍ନାଥ ସଂସାର ଧାରଣ ।
ଭବିଷ୍ୟତ ପୁରାଣ ଲେଖିବ ଯେଣୁ ମୁହିଁ,
ଆଜ୍ଞା ଦେଉ ପ୍ରଭୁ ମୋତେ କମଳାର ସାଇଁ ।"

ଏଥିରେ କବି ବଳରାମଙ୍କ ମୁଖରେ ଆଗତ ଭବିଷ୍ୟତ ବର୍ଣ୍ଣନା କରିଅଛନ୍ତି । ପୃଥିବୀରେ ପାପଭାର ବଢ଼ିବା ସଙ୍ଗେ ସଙ୍ଗେ ଭଗବାନ ଅବତାର ବ୍ରହ୍ମଣ୍ଡର ତାହା ବିନାଶ କରିବେ ଓ ଭକ୍ତମାନଙ୍କୁ ରକ୍ଷା କରିବେ । କଳିର ଶେଷରେ ଭବିଷ୍ୟତ ଆସିବ, ସେ ବିଷୟରେ କବି ଲେଖିଛନ୍ତି—

"ରାମଚନ୍ଦ୍ର ବୋଲିଣ ମୁକୁନ୍ଦ ଦେବ ସୁତ,
ବିନା ଛନ୍ଦେ ଅଙ୍କ କଟାଇବେ ନରନାଥ ।
ମହା ଘୋର ଅନର୍ଥ ଯେ ହୋଇବ ସଂସାର,
ଭେଦକ ବେଳରେ ଭଥ୍ୟ କରିଥିବୁ ସର ।
କେହ୍ନ ଯେ କାହାର ଆଉ ନୋହିବେଟି ମଙ୍ଗ,
ଅରଜଳ ଧନ ପତ୍ର ନେଇଥିବେ ବନ୍ଧୁ ।
ଘରେ ଘରେ ଭାଟି ବାଢ଼ି ପଡ଼ିବ ସଂସାରେ,
ଦୁବାଦଳ ଖାଇଥିବେ ସୁଜନ ସଙ୍ଗରେ ।
ଅସୁରନ୍ତମାନେ ମହା ବଡ ହୋଇଥିବେ
ଶସ୍ତ ଯେ ଶସ୍ତି ଆମାନ ସସାରେ ଫେରିବେ ।
ଶ୍ରୀଗୁରୁ ମହିମା ସେ ଯେ ଅଟେ ହରି ରସ,
ନଗମ ବେଳକୁ ଏକା ରହିଥିବେ ଦାସ ।
ଉତ୍ତର ଦିଗେ ଯୋଗିଣ କରିବେ ଚଢ଼ଲ
ବାଲୁକା ଘେନିଣ ଖେପୁଥିବେ ଗଙ୍ଗାକୂଳ ।
ପଶ୍ଚିମ ଦିଗକୁ ଅନୁକୂଳ ହେବ ଯେବେ,
ନଷ୍ଟସ୍ୱ ଜାଣିବ ନଳକଳ୍କି ହେଲ ତେବେ ।
ଏହିମାନ ଭବି ଭଲ ହୋଇବ ପ୍ରକାଶ
ଠାବେ ଠାବେ ରାଜ ହାଣ ହୋଇବ ଅବଶ୍ୟ ।
ଉନରେ ସାତ ଅଙ୍କଟି ଉଣିବଟି ଯେବେ,
ଉଚ୍ଛିନ୍ନ ହୋଇଣ ପ୍ରଭୁ ଉତ୍ତୋ ହେବେ ।
ଅଣଦିଶ ଠାବରୁ ଦିଶିବ ପରକାଶ,
ଚତୁର୍ଦ୍ଦନ ମଧ୍ୟରେଟି ଘଟିବ ଅବଶ୍ୟ ।"

(ଦେଖନ୍ତୁ-ମାଳକା)

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

ଅଡଙ୍ଗା।

ଅଡ଼ଙ୍ଗା-ଦେବ.- ଅଡଙ୍ଗା (ଦେଖନ୍ତୁ) । ଦେ. ବଣ-ଅଡ଼ଙ୍ଗ (ଦେଖନ୍ତୁ)

ଅଡ଼ଙ୍ଗାରଜା-ଦେ.ବ. ପୂର୍ବ କାଳରେ କଟକ ଜିଲ୍ଲାର ଅଡ଼ଙ୍ଗଗଡ଼ରେ ରାଜତ୍ୱ କରୁଥିବା ଖଣ୍ଡାୟତ ରାଜା ମାନଙ୍କର ଡାକ ନାମ ।

ଅଡ଼ଙ୍ଗିଆ-ଦେ.ବଣ.-ବେଡଙ୍ଗିଆ, ଅସୁନ୍ଦରିଆ, ଅଡ଼ଙ୍ଗ

ଅଡ଼ପ -ଦେ.ବ -ଡ଼ପ ବା ସୌନ୍ଦର୍ଯ୍ୟର ଅଭାବ। ଦେ.ବଣ ଅଡ଼ଡ଼ଲ (ଦେଖନ୍ତୁ)

ଅଡ଼ପା-ଦେ.ବଣ-ଅସୁନ୍ଦର, ଅଡଡ଼ଲ ।

ଅଡ଼ଶିଳା- ପ୍ରାଦେ. (କନକା) ବ. ବାହାଲ (ଦେଖନ୍ତୁ) ।

ଅଡ଼ା-ଦେ.ବ. (ସଂ ଆଢକ)-ଶସ୍ୟାଦି ମାପିବାର ପରିମାଣ ବିଶେଷ, ଶସ୍ୟାଦି ମାପିବାର ପାତ୍ର, ଅଢକ, ଡ଼ଙ୍କା, ଅଡ଼ା ଆଙ୍ଠି (ଦେଖନ୍ତୁ) । (ଜ୍ୟୋତିଷ) ଜ୍ୟୋତିଷ ଗଣନା ମତରେ ଶନି ଚଳନ ଯୋଗୁ ପୃଥିବୀରେ ଜନ୍ମିବା ଶସ୍ୟାଦିର ପରିମାଣ ।

ଜ୍ୟୋତିଷ ମତରେ ଶନିର ଭିନ୍ନ ଭିନ୍ନ ଚଳନ ଅନୁସାରେ ବ୍ରାହ୍ମଣୀ, ଗୋପିକା ବା କୈବଲୀ ଦ୍ରବ୍ୟକୁ ଅଡ଼ାଯାଏ ଓ ଉକ୍ତ ଅଡ଼ାମାନ ଭିନ୍ନ ଭିନ୍ନ ଧାତୁରେ ନିର୍ମିତ ହୋଇଥିବାର ବୋଲାଯାଏ ଓ ତଦନୁସାରେ ପୃଥିବୀରେ ଜନ୍ମିବା ଶସ୍ୟର ପରିମାଣ ବେଶି ହେବକି କମ୍ ହେବ ଜଣାଯାଏ ।

ଅଡ଼ା ଆଙ୍ଠି-ଦେ. ବ. '(ସଂ. ଅର୍ଦ୍ଧ + ଅଙ୍ଗୁଷ୍ଠ)-ଆଙ୍ଠିରେ ହଠିବା ଅତି କଷ୍ଟ ଦାୟକ ବ୍ରଣ । ଏହାକୁ ନଖବ୍ରଣ ବୋଲି ବି କୁହାଯାଏ । ଇଂରାଜୀରେ ଏହାର ନାମ 'ହୁଇଟ୍‌ଲୋ' (*whitlow*) । ବେଳେ ବେଳେ ଅଙ୍ଗୁଳିର ଅଗ୍ରଭାଗ ଫୁଲି ସେପ୍‌ଟିକ୍ ବା ପାଚଗଲେ ଏହାକୁ ବି ଅଡ଼ା ଆଙ୍ଠି ବୋଲି କୁହାଯାଇଥାଏ । ଏହାର ଲକ୍ଷଣ ହେଲା-ନଖ କୋଣ ପ୍ରଥମେ ଫୁଲି ଦରଜ ହୁଏ । ଏହି ଲକ୍ଷଣ ପ୍ରଥମେ ଦେଖା ଯିବା ସମୟରେ ଯତ୍ନ ନେଲେ ଓ ଚକଲା କଲେ ଫୁଲା କମିଯାଏ, ନଚେତ୍ ଅଙ୍ଗୁଳି ହାଡ଼ର ଖୁବ୍ ନିକଟ ଅଂଶରେ ପୂଜ ହୋଇ ଭୟଙ୍କର ଯନ୍ତ୍ରଣା ହୁଏ । ଅଙ୍ଗୁଳି ଫୁଲି ପୂଜ ହୋଇଥିବା ସ୍ଥାନରେ ଗୁଡ଼ାଏ ପିମ୍ପୁଡି ଗୁଡ଼ୁଥିଲା ପରି ଜଣାପଡ଼େ । ଅଙ୍ଗୁଳିର ଉପର ଚମଡା ଫୁଲେ । ସେତିକ ବେଳେ ଅଂଗୁଳି ଭିତରେ ସୃଷ୍ଟି ହୋଇଥିବା ପୂଜ ବାହାରକୁ ବାହାର ଆସିବାର ଉପକ୍ରମ କରେ, କିନ୍ତୁ ସେଠା ଚମଡା ମୋଟା ହୋଇଥିବାରୁ ପୂଜ ବାହାର ଆସିବାକୁ ସକ୍ଷମ ହୋଇ ପାରେନି । ସେତେବେଳେ ଯଦି ଏହାର ଚକଲା ବ୍ୟବସ୍ଥା କରି ନଯାଏ, ତେବେ ଯନ୍ତ୍ରଣା ଖୁବ୍ ଜୋରରେ ହୁଏ ଏବଂ ଚମଡ଼ା ଫଟେଇ ପୂଜ ବାହାରକୁ ବାହାରିଲା ବେଳକୁ ହାଡ଼ ମଧ୍ୟ ଖାଇଯାଏ । ଏହାର ଉପଯୁକ୍ତ ବ୍ୟବସ୍ଥା କରିଯାଇ ଚକଲା କରି ନଗଲେ, ଅନେକ ସମୟରେ ଅଙ୍ଗୁଳିର ସେହି ପବଟି କାଟିବାକୁ ପଡିଥାଏ ।

ଅଡ଼ା ଆଂଠୁଳି-ଦେ.ବ. -ଅଡ଼ା ଆଙ୍ଠି (ଦେଖନ୍ତୁ)

ଅଡ଼ାଇ-ଦେ.ବ. ଓ ବଣ. (ସଂଖ୍ୟା ବାଚକ, ସଂ. ଅର୍ଦ୍ଧ ଦ୍ୱିତୀୟ, ପ୍ରା. ଅଡ଼ଢାଇଅ) ସାର୍ଦ୍ଧ ଦ୍ୱିସଂଖ୍ୟା, ଦୁଇ ଓ ଅଧେ ସଂଖ୍ୟା, ଅଢେଇ, ଦୁଇ ପୂର୍ଣ୍ଣ ଏକ ବିଭକ୍ତିକ ଦୁଇ ।

ଅଡ଼ାଇଆ-ଦେ.ବ.-ଅଢାଇ ସେର ପରିମାଣ, ଅଢାଇ ସେର ବସ୍ତୁକୁ ମାପ ବା ଓଜନ କରିବା ପାତ୍ର ବିଶେଷ ଅଢାଇ କଲେଗ୍ରାମ ପରିମାଣ । ଦେ.ବଣ-ଅଢାଇ ସେର ପରିମିତ, ଅଢାଇରେ ଗୁଣିତ (କୌଣସି ସଂଖ୍ୟା)

ଅଡ଼ାମୁଣ୍ଡି-ଦେ.ବ.-ଅଗ୍ରମୁଣ୍ଡି, ଚିଙ୍ଗି ପାହାରର ଲୁହା-ସମାଯୁକ୍ତ ଅଗ ।

ଅଡ଼ାୟା-ଦେ.ବ. ଓ ବଣ-ଅଢାଇଆ (ଦେଖନ୍ତୁ)

ଅଡିଆ-ଦେ.ବ. ଓ ବଣ-ଅଢାଇଆ (ଦେଖନ୍ତୁ), ପ୍ରାଦେ. (ସମ୍ବଲପୁର, ଗଡ଼ଜାତ) ବଣ-ଆଗନ୍ତୁକ ମାନଙ୍କ ଚର୍ଚ୍ଚା ପାଇଁ ଭାଙ୍ଗ ବସାକୁ ପଠାଯିବା ଡାଲି, ଗୁଡ଼ଲ ଓ ପରିବା ଆଦି ସାମଗ୍ରୀ,ସିଧା, ସଞ୍ଚା । ପ୍ରାଦେ(ସମ୍ବଲପୁର) ବ - ପ୍ରତିଫଳ ।

(ଯଥା -ତୁଇ ଅସଲ୍ କହୁଛୁ, ଅଡିଆ ପାଇରୁ)

ଅଡିଆ ସ୍କୁଲ-ପ୍ରାଦେ. (ସମ୍ବଲପୁର) ବ.-ଯେଉଁ ସ୍କୁଲ ବା ଗୁହାଳିର ଶିକ୍ଷକଙ୍କୁ ଗ୍ରାମବାସୀମାନେ ଡାଲି ଚଉଳ ଡାଲି ଗୁଡ଼ଲ ଆଦି ସିଧା ଯୋଗାଇବାର ବ୍ୟବସ୍ଥା ହୋଇଥାଏ ।

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

ଅଡ଼େଇ-ଦେ.ବ. ଓ ବଣ-ଅଡାଇ (ଦେଖନ୍ତୁ)

ଶୁଡ଼ କଣିଥିଲ ଅଡେଇଏ,
ଦୁଅ ବାହାକଲ, ଟୁଅ ବାହାକଲ
ବାକ ରହଗଲ ଅଡେଇଏ । ଛଗ ।

ଅଡ଼େଇଆ-ଦେ. ବ. ଓ ବଣ.-ଅଡେଇଆ (ଦେଖନ୍ତୁ)

ଦେ. ବ.-ଏହାର ପ୍ରକୋପ ଅଡେଇ ଦିନ ହେବାରୁ ଗୋରୁମାନଙ୍କ ଜ୍ୱର ବଶେଷ । ଏଥିରେ ଗୋରୁଙ୍କ ଗୋଡ଼ର ଦୁଇ ଖୁରର ସନ୍ଧିରେ ଫୋଟକା ପରି ବ୍ରଣ ଦେଖାଯାଏ ଓ ଗୋରୁଙ୍କ ଜ୍ୱର ହୁଏ । ଅଡେଇ ଦିନ ପରେ ଏ ଫୋଟକା ଭଲ ହୋଇଯାଏ ଏବଂ ଜ୍ୱର ମଧ୍ୟ ଛାଡିଯାଏ । ଦୁଇ ଖୁରର ସନ୍ଧିରେ ଯେଉଁ ଫୋଟକା ପରି ବ୍ରଣ ହୋଇଥାଏ, ତାକୁ ଦେଶୀଘିମତେ କୁହାଯାଏ ଖରି ଫୋଟକା । ପ୍ରାଦେ. (ଗଡ଼ଜାତ) ବ.-ଗୋରୁ-ମାନଙ୍କ ଶାଆଲା ରୋଗ, ଏ ରୋଗରେ ଗୋରୁମାନେ ଆଡ଼ାନ୍ତ ହୋଇ ଅଡେଇ ଦିନରେ ମରଯାଆନ୍ତ ।

ଅଡେଇ କାର୍ତ୍ତିଆ-ଦେ. ବଣ.-ଅଡେଇ ଚରଣିଆଁ (ଦେଖନ୍ତୁ)

ଅଡେଇ କଆଉଆଁ-ଦେ. ବ.-ବଲରେ ରହିବା ଏକ ପ୍ରକାର ଉଗ୍ର ବଷଧର ଜନ୍ତୁ ସାପ । ଲୋକଙ୍କର ବଶ୍ୱାସ ଏହି ସର୍ପଦ୍ୱାରା ଦୃଷ୍ଟ ବ୍ୟକ୍ତି ସର୍ପ ଦଂଶନ କରିବା ସ୍ଥାନରୁ ଅଡେଇ କଆଣ ଦୂର ନଯିବା ମୃତ ହୁଏ ଓ ଏହି ସର୍ପ ମନୁଷ୍ୟକୁ ଦଂଶିବାକୁ ଅଡେଇ କଆଣ ଦୂର ପର୍ଯ୍ୟନ୍ତ ଗୋଡ଼ାଇ କରଯାଏ । ଆଉ ଅଧିକ ବାଟ ଯାଏ ନାହିଁ ।

ଅଡେଇ ଚରଣିଆ-(ମନ୍ତ୍ର)-ଦେ ବ. (ଚରଣିଆର 'ଣ' ଅକ୍ଷର ଯୋଗୁ ପରବର୍ତ୍ତୀ 'ଆ' ର ଅନୁନାସିକ ଉଚ୍ଚାରଣ)-ଯେଉଁ ମନ୍ତ୍ରର ପଦ ସଂଖ୍ୟା ଅଡେଇ ଅର୍ଥାତ୍ ଅତି ଅଳ୍প ଅଟେ, ଗୁଣିଆମାନେ ପ୍ରଯୋଗ କରିବା ଗାରେଡି ମନ୍ତ୍ର ।

ଅଡେଇଦିନ-ଦେ. ବ. (ସଂ. ଅର୍ଦ୍ଧଦ୍ୱିତୀୟ + ଦିନ) ଦୁଇଦିନ ଅଧେ, ଅଳ୍পକାଳ ।

ଅଡ଼େଇଦିନଆଁ-ଦେ. ବ. (ଦିନଆର 'ନ' ଅକ୍ଷର ଯୋଗୁଁ ପରବର୍ତ୍ତୀ 'ଆ' ର ଅନୁନାସିକ ଉଚ୍ଚାରଣ)-ଅଳ୍পକାଳ ସ୍ଥାୟୀ, ଅଚରସ୍ଥାୟୀ, ଅସ୍ଥାୟୀ ।

ଅଡ଼େଡ଼ି-ଗ୍ରା. ବ.ଓ ବଣ.-(କଚରିଆ ଓ କରଣୀ ଲେଖାରେ ବ୍ୟବହୃତ)-ଅଡେଇ (ଦେଖନ୍ତୁ)

ଅଡେଇ ଶବ୍ଦର ଶେଷ ଦୁଇ (ଡେଇ) ବର୍ଣ୍ଣକୁ କେହି କେହି ଲେଖାଲି ସଂକ୍ଷେପରେ 'ଡେି' କରି ଦଅନ୍ତି । କନ୍ତୁ 'ଐ'ର ଉଚ୍ଚାରଣ ଅ + ଇ ଥିବାରୁ, ଓ ୍ + ଇ ନଥିବାରୁ ଏପରି ଲେଖିବା ଠିକ୍ ନୁହେଁ ।

ଅଡେଡ଼ିଆ-ଗ୍ରା. ବ. ଓ ବଣ- (କଚରିଆ ଓ କରଣିଆ ଲେଖାରେ ବ୍ୟବହୃତ, 'ଅଡେଡ଼ି' ଦେଖନ୍ତୁ)-ଅଡେଇଆ (ଦେଖନ୍ତୁ)

ଅଣା(ଧାତୁ)-ସ ଶବ୍ଦ କରିବା, ବଶ୍ୱାସ ମାଗିବା ।

ଅଣ-ଦେ.ବ.-ଢୋଲ, ବ୍ୟଞ୍ଜନରେ ଥିବା ଜଳୀୟ ଅଂଶ ଦେ.ଅ (ଅନ୍ୟ ଶବ୍ଦ ପୂର୍ବେ ଲାଗେ ନଞ୍ଜାର୍ଥକ)- ନ, ନୁହେଁ । ନଞ୍ଜାର୍ଥକ 'ନ' ସ୍ୱରବର୍ଜ୍ୟ ଶବ୍ଦ ପୂର୍ବେ ଲାଗି ସଂସ୍କୃତରେ ଯେଉଁ 'ଅନ' ଆକାର ଧାରଣ କରେ, ତାହାର ଓଡ଼ିଆ ରୂପ,ସଂସ୍କୃତରେ ବ୍ୟଞ୍ଜନାଦ୍ୟ ଶବ୍ଦପୂର୍ବେ 'ନ' 'ଅନ' ଆକାର ଧାରଣ ନ କରି 'ଅ' ଆକାର ଧାରଣ କରେ କନ୍ତୁ ଓଡ଼ିଆରେ'ଣ' ଆକାର ଉଭୟସ୍ଥ ବ୍ୟବହୃତ ହୁଏ,ଏଥିରେ ଇଂରାଜୀ ରୂପ'*un*'। ଓଡ଼ିଆରେ 'ଅଣ' ଆକାରର ବ୍ୟବହାରର ଗୋଟିଏ ଉଦାହରଣ ଏଠାରେ ଦଆଗଲା ।

ଅଣପିଟା ଅଣଇଟା ବସିଅଛୁ ଚାନ୍ଦି,
ଅଣଗୋଟା ଅଣପଟା ପୁର ଅଛୁ ଦୋଇ ।
ଅଣ କବାଟର ଅଣକଲଣିଆ ଖଞ୍ଜା,
ଅଣ ଲୁହା କବାଟ ଲଗିଛୁ ଦିବ୍ୟ ପୁଞ୍ଜା ।
ଅଣଖାତେ ଅଣଖୁମ୍ବ ପକାଇଛୁ ପୋତା,
ଅଣଖାପେ ଅଣଶେଣୀ ଦୋଇଅଛୁ ନଗା ।
ଅଣଚତ୍ର ଅଣଗୋତ୍ର ଲଗାଇଛୁ ପତ୍ରି,
ଅଣଲେଖ ଇଚ୍ଛା ସୁଖେ ଦୋଇଛନ୍ତ ଦେବୀ ।
(ପ୍ରାଚୀ. ବ୍ରହ୍ମ ନରୂପଣ ଗୀତା ।)

ଅଣ ଅକ୍ଷର-ଦେ. ବଣ. (ସଂ ଅକ୍ଷର)- ଅକ୍ଷର ।

ତୁଳ. ବ -ପରଂବ୍ରହ୍ମ, ବ୍ରହ୍ମ ।

ଅଣ ଅକ୍ଷର ନଗ୍ନକାରେ,
ବୁଦ୍ ବୁଦ୍ ପ୍ରାୟେ ମୁଁ ଶୂନ୍ୟରେ ।
(ଯଶୋବନ୍ତ-ପ୍ରେମ ଭକ୍ତି ଗୀତା ।)

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

ଅଣ ଅଣ-ଦେ. ବଣ.-ଅଣ ପର ପାଣିଆ । ଦେ. ବ.- ଉଅଣରେ ଥିବା ଦୋଳ ଅଂଶ ।

ଅଣ ଅକ୍ଷର-ଦେ ବଣ (ସଂ ଅ + ଅକ୍ଷର) ଅଶିକ୍ଷିତ, ମୂର୍ଖ, ନରକ୍ଷର, ଯେ ଅକ୍ଷର ପରିଚୟ କରି ନାହିଁ, ଅଜ୍ଞ ।

ଅଣ ଅକ୍ଷରଆ-ଦେ. ବଣ.-ଅଣ ଅକ୍ଷର (ଦେଖନ୍ତୁ)

ଅଣ ଅଜା-ଦେ.ବ ପୁଂ.-ଅଜାଙ୍କ ପିଢା, ପ୍ରପିତାମହ, ପ୍ରମାତାମହ । (ସ୍ତ୍ରୀ.-ଗୋସେଇଁ ମା, ଗୋସେଇଁ ଆଈ)

ଅଣ ଅଠା-ଗ୍ରା. ବ.-ଅଠା ନଥିବା କଳସ, ଯେଉଁ କଳସରେ ଅଠା ଲଗି ନଥାଏ ।

ଅଣ ଅନୁଭବୀ-ଗ୍ରା. ବଣ (ସଂ-ଅନୁଭବ, ଅନୁଭବସ୍ଥ ସେହୁ ନଦା ମୂର୍ଖ ଅଣ ଅନୁଭବୀ ହେଲ ଡୋହୋ ବରେ କଛୁ କୁଳ ରବ ।
(ନବ୍ୟୋଦଧି-ଚନ୍ଦ୍ରାମଣି ଆଗ୍ରମ)

ଅଣ ଆଉଟା-ଦେ. ବଣ. (ସଂ. ଅନାବର୍ତ୍ତିତ)-ଯେଉଁ ଦୁଧ ଆଉଟା ହୋଇ ନାହିଁ, ତରଳା ହୋଇ ନଥିବା ସୁନା ।

ଅଣ ଆଣ୍ଠିଆ- ଦେ.ବଣ (ସଂ ଅନଙ୍ଗ) -ଯାହାର ଆଣ୍ଠି ନାହିଁ, ଚଷ୍ମାହୀନ, ଅନ୍ଧ, ଯେଉଁ ନବଜାତ ବତ୍ସର ଓ କାନ୍ଦର ଚୁଆଙ୍କର ଆଣ୍ଠି ପଡା ଖୋଲି ନଥାଏ ।

ଅଣ ଆଖୁଆ-ଦେ.ବ. - ଅଣଖୁଆ (ଦେଖନ୍ତୁ)

ଅଣ ଆଦର-ଗ୍ରା ବ. (ସଂ. ଅନାଦର)- ଅନାଦର,ଅଯତ୍ନ ଅମାନ୍ୟ ।

କାର୍ଯ୍ୟ ନଥିଲେ ଯେ ଯାଆନ୍ତି ଘରେ,
କଲେକ ଅଣ ଆଦର ଆଦରେ ।
(ପ୍ରାଚୀ ପରରେ ଗୀତା)

ଅଣ ଆୟୁତ-ଗ୍ରା. ବଣ ଓ ବ. (ସଂ. ଅନାୟତ)-ଅଣ ଆୟତ (ଦେଖନ୍ତୁ)
କରଇ ଅଣ ଆୟତ ସରୁ ନଟା ।
(ଦୀନକୃଷ୍ଣ-ରସ କଲ୍ଲୋଳ)

ଅଣ ଆୟୁତ୍ତ-ଗ୍ରା. ବଣ. (ସଂ. ଅନାୟତ୍ତ)-ଅନାୟତ୍ତ, କ୍ଷମତା ବହିର୍ଭୂତ, ଅଧିକାର ବହିର୍ଭୂତ, ଉପାୟନ୍ତର ହୀନ, ଅସହାୟ, କ୍ଷମତାହୀନ, ଶକ୍ତିହୀନ, ଅଶକ୍ତ, ଅସାବଧାନ, ଗରଜୁସିଆର, ପରାଧୀନ, ଅବଶୀଭୂତ, ଯେ ଆତ୍ମାଧୀନ ହୁଏ ନାହିଁ । ଗ୍ରା. ବ.-ପରାଧୀନତା, ଅସାବଧାନତା, ଶକ୍ତି ବା କ୍ଷମତାର ଅଭାବ, ଅଧିକାରର ଅଭାବ, ଅସହାୟ ଅବସ୍ଥା, ଉପାୟାନ୍ତରହୀନ, ଉପାୟ ନଥିବା ଅବସ୍ଥା ।

ଅଣଆୟାସେ- ଗ୍ରା. କ୍ରି. ବଣ (ସଂ. ଅନାୟସ)- ଅନାୟାସରେ, ଅକ୍ଲେଶରେ, ବିନାକ୍ଲେଶରେ ।
ନର୍ଦ୍ଦନ ମୁହେ ସେଯ୍ଟେ ଧନ,
ଅଣ ଆୟାସେ ସେଯ୍ଟେ ପୁଣ୍ୟ ।
(ଜଗନ୍ନାଥ-ଭାଗବତ-୪ର୍ଥ)

ଅଣଉଚ୍ଚତ-ଗ୍ରା. କ୍ରି. ବଣ. (ସଂ ଅନୁଚ୍ଚତ)- ଅନୁଚ୍ଚତ, ଯାହା ଉଚ୍ଚତ ନୁହେ ।

ଅଣଉଦସ୍ୟ-ଗ୍ରା.ବି.(ସଂ ନ + ଉଦସ୍ୟ)-(ସୂର୍ଯ୍ୟ) ଉଦସ୍ୟ ହୋଇ ନଥିବା ସମସ୍ୟ ।

ସୂର୍ଯ୍ୟ ଅଣ ଉଦୟେ ସ୍ନାନ ଯଜ୍ଞ କଣ,
ବତ୍ତଶିଦଣ୍ଡର ଫଳ ଦୁଅଇ ତାହାଙ୍କ ।
(ପ୍ରାଚୀ-ଶ୍ରୀ ଗୁରୁଭକ୍ତ ଗୀତା)

ଅଣଉଦ୍ଦଆ-ଗ୍ରା. ବଣ. (ସଂ ନ + ଉଦସ୍ୟ)-ସୂର୍ଯ୍ୟୋଦୟ ପୂର୍ବରୁ କରିବା ।
ଗ୍ରା. କ୍ରି. ବଣ-ସୂର୍ଯ୍ୟ ଉଦସ୍ୟ ନ ହେଉଣୁ ।

ଅଣଉପକାର-ଗ୍ରା.ବ. (ସଂ. ଅନୁପକାର)-ଅନୁପକାର, ଅଦ୍ଭୁତ, ଅପକାର ।

ଅଣଉପବୋଧ-ଗ୍ରା.ବ. (ସଂ. ଅନୁପବୋଧ)-ଉପ୍ରୋଧ ବା ଚକ୍ଷୁ ଲଜ୍ଜାର ଅଭାବ, କରୁଣାର ଅଭାବ, ନିର୍ଦ୍ଦୟତା ଗ୍ରା. ବଣ-ଅଣ ଉପବୋଧ (ଦେଖନ୍ତୁ)

ଅଣ ଉପବୋଧ-ଗ୍ରା. ବଣ. ପୁଂ ଓ ସ୍ତ୍ରୀ-ନିରୁପ୍ରୋଧିଆ, ଯାହାର ଚକ୍ଷୁ ଲଜ୍ଜା ନାହିଁ, ଯାହାର ମୁଲହଜା ନାହିଁ, ନିର୍ମମ, ନିଷ୍କରୁଣ ।

ଅଣଉପବୋଧିଆ ଗ୍ରା.ବଣ.ପୁଂ ଓ ସ୍ତ୍ରୀ-ଅଣ ଉପବୋଧିଆ (ଦେଖନ୍ତୁ)

ଅମଉପବୋଧ-ଗ୍ରା. କ୍ରି. ବଣ- ନିଷ୍କରୁଣ ଭାବରେ, ନିର୍ମମ ଭାବରେ ।

ଅଣଉପ୍ରବୋଧ-ଗ୍ରା. ବ. ଓ ବଣ-ଅଣ ଉପବୋଧ (ଦେଖନ୍ତୁ)

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

ଅଣ ଉପ୍ରୋଧ-ଗ୍ରା. ବ. ଓ ବଣ. - ଅଣ ଉପଗ୍ରେଧ (ଦେଖନ୍ତୁ)

ଅଣଉହାଡ-ଗ୍ରା. ବଣ.-(ଫ ଅନାବୃତ୍ତ, ଆବରଣ ରହିତ

ଅଣଓସାର-ଗ୍ରା. ବଣ. (ସଂ ଅପ୍ରସର- ଅପ୍ରସର, ଅଳ୍ପ ଚଉଡ଼ା, ସଂକୀର୍ଣ୍ଣ, ଅବସ୍ତୃତ ।

ଅଣକ-ସଂ.ବଣ. (ଅଣ ଧାତୁ = ଶବ୍ଦ କରିବା + କ୍ୱିପ୍. ଅକ)-ଘୃଣ୍ୟ, ଦ୍ୱେଷ୍ୟ, ନୀଚ, ନଗଣ୍ୟ, ମନ୍ଦ, ଅତିକ୍ଷୁଦ୍ର । ସଂ.ବି.-ପକ୍ଷି ବିଶେଷ । ଦେ.ବ. (ସଂ ଅଡ଼କ)-ଉଙ୍କା, ଜ୍ୱଳନ୍ତ ଉଅଣ ଆଦି ଘାଣ୍ଟିବା ଓ ପରିଷିବା ପାଇଁ ବ୍ୟବହୃତ ବେଣ୍ଟ ଲଗିଥିବା ଷଡ଼େଇ ।

ଅଣକଉଡ଼ଆ-ଦେ.ବି.-ଜର୍ଜ୍ଜନ (ବ୍ୟଙ୍ଗ), ଅଳ୍ପ ମୂଲ୍ୟର (ପଦାର୍ଥ)

ଅଣକ ଚଘାଘ-ଦେ. ବଣ.-ଯେଉଁ ଉଅଣ ବା ଷିଣ ସିଝିବା ସମୟରେ ଅଣକଦ୍ୱାଘ ଉତ୍ତମ ରୂପେ ଘଣ୍ଟା ହୋଇଥାଏ ।

ଅଣକଦଳଆ- ଦେ. ବଣ. (ସଂ ଅ + କଦଳୀ)-ଯେଉଁ କଦଳୀ ଗଛର ପୁଆମାନ ପ୍ରତିବର୍ଷ ମୂଳରୁ ଛଡା ହୋଇ ଅନ୍ୟ ସ୍ଥାନରେ ପୋତା ନ ହେବାରୁ , ଉନବର୍ଷ ପରେ ପୁଆର ମୂକ ହାଣ୍ଡିମାନ ଭୂମି ଉପରରୁ ଉଠିଯାଏ ଓ ଗଛମାନ ଗ୍ରେଟ ହୋଇ ଉକ୍ତ ଗଛରେ ଆଉ କଦଳୀ ଫଳେ ନାହିଁ ।

ଅଣ କଦଳୀ-ଦେ. ବଣ.-ଅଣ କଦଳଆ (ଦେଖନ୍ତୁ)

ଅଣକଧଘ-ଦେ. ବଣ.-ଯେଉଁ ବ୍ୟକ୍ତ ପରିଷିବା ପାଇଁ ଅଣକ ଧରେ ।

ପୂର୍ବ ଜମ୍ମାର ବାହାଙ୍ଗ ବ୍ରାହ୍ମଣ ଶାସନ ମାନଙ୍କର କୁଳୀନ ସାମନ୍ତମାନଙ୍କ ଭୋଜନ ସମ୍ଭରେ ଯେଉଁ କୁଳୀନ ବ୍ରହ୍ମଣମାନେ (ଯଥା-ଭଟ୍ଟ ମିଶ୍ରେ) ଅଣକ ଓ ହାଣ୍ଡି ଧଣ ପରିଷିବାରେ ଅଧିକାରୀ ଅଟନ୍ତି, ସେମାନଙ୍କୁ 'ଅଣକଧଘ' ବା 'ହାଣ୍ଡିଧଘ' ବୋଲି ଡକାଯାଏ ।

ଅଣକମଘ-ଦେ. ବଣ.-ଅଣକଘୋଘ (ଦେଖନ୍ତୁ)

ଅଣକାଫୁଲୀ-ଗ୍ରା. ବଣ. ସ୍ତ୍ରୀ.-ହୁଣ୍ଡୀ, ଓଲମୀ (ସ୍ତ୍ରୀ)

ଅଣକୀଳା-ଦେ ବଣ. (ସଂ.ନ + କାଳ ଧାତୁ)-କାଳା ହୋଇ ନଥିବା (କବାଟ), କାଳା ହୋଇ ନଥିବା (ଅକ୍ଷର) ।

ଦେ. ବି -ଅଣକାଳ (ଦେଖନ୍ତୁ)

ଅଣକୀଳ-ଦେ. ବ.-(ଫ.ଅଣି + କାଲକ)-ଅକ୍ଷାଗ୍ର କାଳକ ଗାତ୍ତର ଚକକ୍ଷୁ ଅକ୍ଷରେ ଅଙ୍କାଇବା ପାଇଁ ଅକ୍ଷର ଦୁଇ ମୁଣ୍ଡରେ କଘିଯାଇ ଥିବା ଛିଦ୍ରରେ ଯେଉଁ ଗ୍ରେଟ କାଠଖିଲ ଦିଆଯାଏ, ଅଣି ।

ଅଣକୋଣିଆଁ-ଦେ. ବଣ. (ସଂ. ନ + କୋଣ)-ଯେଉଁ ବସ୍ତୁର କୋଣ ନାହିଁ, ଯାହାର କୋଣ ସବୁ ଗୋଲ ହୋଇଅଛି । (ସଂ. କୋଣ)-ଏକ କୋଣରେ ପଡି ରହିଥିବା, ଏକ ପାଖିଆ ହୋଇ ରହିଥିବା ।

ଅଣଖା-ଦେ. ବ,- ଅଣଖୁଆ (ଦେଖନ୍ତୁ)

ଅଣଖୀଳା-ଦେ.ବି.-ଅଣକାଳ (ଦେଖନ୍ତୁ)

ଅଣଖୀଳ-ଦେ.ବି.-ଅକାଳ (ଦେଖନ୍ତୁ)

ଅଣଖୁଆ-ଦେ ବ. (ସଂ. ଅନକ୍ଷି, ଯାହା ଆଖି ପର ଦେଖାଯାଏ, କନ୍ତୁ ଆଖି ନୁହେଁ)- ଆଖି ଜାତିୟ ବନ୍ୟ ଗୁଳ୍ମ ବିଶେଷ ।

ଏହାର ରସ କୃମି ରୋଗାକ୍ରାନ୍ତ ଶିଶୁମାନଙ୍କୁ ପିଆଇବାକୁ ହୁଏ । ଆମ ଦେଶରେ ଏ ଗଛ ୬/୭ମିଟର ଉଚ୍ଚରେ ବଢ଼େ, ଏହାର ପତ୍ର ଆଖି ପତ୍ର ପର ଓ ଦଣ୍ଡ ଆଖିଠାରୁ ସରୁଆ, କନ୍ତୁ ହିମାଳୟର ଉତ୍ତର ଅଞ୍ଚଳରେ ଏ ଗଛ ୧୮ମିଟର ଉଚ୍ଚ ହୁଏ ଓ ଯେଉଁ ଦଣ୍ଡରେ ଫୁଲ ଧରେ, ତାହା ୩୬ ମିଟର ପର୍ଯ୍ୟନ୍ତ ବଢେ ଓ ଏହାର ବ୍ୟାସ ୫ସେଣ୍ଟିମିଟରରୁ କମ୍ , ଦଣ୍ଡମାନ ଆଖି ପର ପତ୍ର ବେଷ୍ଟିତ । ଉତ୍ତର ଅଞ୍ଚଳରେ ଏ ଦଣ୍ଡମାନ ଘରଘର ଚାଳରେ ବାଡ଼ ଦିଆଯାଏ ।

ଅଣଗୁରୁ-ଗ୍ରା.ବ. (ସଂ ନ + ଗୁରୁ) ବିଦ୍ୟାଗୁରୁ ନ ଥାଇ ବିଦ୍ୟା ଶିକ୍ଷା କରିବା ବ୍ୟବସ୍ଥା ।

ଅଣଗୁରୁଆ-ଗ୍ରା.ବଣ (ସଂ ଅଗୁରୁ)-କୌଣସି ଗୁରୁଙ୍କ ବିନା ସାହାଯ୍ୟରେ ବିଦ୍ୟା ଶିଖିବା (ବ୍ୟଙ୍ଗ), ଯେଉଁ କର୍ମ ଶିଖିବା ପାଇଁ ଗୁରୁ ଲେଡା ହୁଅନ୍ତି ନାହିଁ, ସହଜ (କର୍ମ) (ଯଥା-ଶିଶୁର ମାତୃ ସ୍ତନ୍ୟରୁ ସ୍ତନ୍ୟ ପାନ ଶିଶୁର ନର୍ତ୍ତନ, ହାସ୍ୟ, ଯୁବକ ଯୁବତୀଙ୍କର ପରସ୍ପର ପ୍ରତି ପ୍ରଣୟାକର୍ଷଣ, ସ୍ତ୍ରୀ-ପୁରୁଷ ସଙ୍ଗମ- ଏଗୁଡ଼ିକ ଜୀବ ପ୍ରକୃତି ସୁଲଭ ଓ ଈଶ୍ୱର ପ୍ରଦତ୍ତ ଅଟେ ।), ଯେଉଁ ବିଦ୍ୟା କୌଣସି ଶିକ୍ଷକଙ୍କଠାରୁ ଶିକ୍ଷା କରିଯାଇ ନାହିଁ ଅର୍ଥାତ୍ ଆତ୍ମଉକାଶ୍ୱର ବ୍ୟକ୍ତଗତ ସାଧନା ଦ୍ୱାରା ସାଧିତ (ବିଦ୍ୟା),ଯେଉଁ ବ୍ୟକ୍ତ ମନ୍ତ୍ର ଗୁରୁଙ୍କଠାରୁ ଦୀକ୍ଷା ଗ୍ରହଣ କରି ନାହିଁ ।

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

ଅଣଚଞ୍ଚା

ଗୁମ୍ଫକ୍ତି ନ ପୂଜ୍ଜ ଯେଡ଼ୁ ଘହାସ୍ତେ ପଶିବ
ସେ ଅଣଗୁରୁଆ ସେ ଘହାସେ ନ ମିଶିବ ।
(ପ୍ରାଚୀ-ଗୁରୁଭକ୍ତ ଗୀତା)

ଅଣଚଞ୍ଚା-ଗ୍ରା. ବିଣ.-ଅଣଗୁଚ୍ଛ (ଦେଖନ୍ତୁ)

ଅଣଚତୁର-ଗ୍ରା. ବିଣ. (ସଂ. ଅଚତୁର)-ଓଲ୍ଲୁ, ନିର୍ବୁଦ୍ଧିଆ ଅଚତୁର ।

ଅଣଗୁଞ୍ଜିଲ-ଗ୍ରା. ବିଣ. (ସଂ ଅ + ଚଷ ଧାତୁ)-ଯେଉଁ ଖାଦ୍ୟ ପଦାର୍ଥର ସ୍ୱାଦ କେହି ଗୁଣି ନଥାଏ ।

ଅଣଗୁଞ୍ଜିଲ ଫଳେ ଆସି,
ଗୁଞ୍ଜିଲ ଫଳେ ଥିଲ ମିଶି ।
(ଭୂପତି-ପ୍ରେମ ପଞ୍ଚାମୃତ)

ଅଣାଗୁଚ୍ଛ-ଗ୍ରା. ବିଣ.-ଅଚଞ୍ଚା, ଯାହା ଚଞ୍ଚା ହୋଇ ନାହିଁ [ଭୂମି ଅଧାବଚ୍ଛେ ଅଣଗୁଚ୍ଛେ ହୋଇଅଛ ଜଞ୍ଚ ।
(ପ୍ରାଚୀ-ବ୍ରହ୍ମ ନରୂପଣ—ଗୀତା)

ଅଣାଗୁଳଶ-ଦେ. ବି. ଓ ବିଣ.-ସଂଖ୍ୟାବାଚକ (ସଂ.ଉନଚତ୍ୱାରିଂଶତ୍, ପ୍ରା. ଉନଚତ୍ତାଳିସ) ଉଣଶରୁ ୧ ଅଧିକ, ଗୁଣିଶରୁ ଏକ କମ, ୩୯ ସଂଖ୍ୟକ ।

ଅଣଗୁଳଶି-ଦେ. ବି. ଓ ବିଣ. ଅଣଗୁଳଶ (ଦେଖନ୍ତୁ)

ଅଣଗୁଶ-ଦେ. ବି. ଓ ବିଣ -(ସଂଖ୍ୟାବାଚକ, ସଂ. ଉନ ପଞ୍ଚାଶତ୍, ପ୍ରା ଉନପଞ୍ଚାଶ) ପଚାଶରୁ ଏକ କମ୍, ଗୁଣିଶରୁ ୧ ଅଧିକ, ୪୯ ସଂଖ୍ୟକ । ଦେ. ବି.-ଅଣଗୁଶ ପବନ (ଦେଖନ୍ତୁ)

ଅଣଗୁଶ ଉଠିବା-ଦେ. ବି. (ସଂ. ଉନପଞ୍ଚାଶତ୍ + ପବନ ଓ ଉତ୍ + ସ୍ଥା ଧାତୁ)-ମୁଖୁ ମୁଁରୁ ପ୍ରବଳ ଭାବରେ ଶ୍ୱାସ ବାୟୁର ଗମନା ଗମନ ।

ଅଣଗୁଶ ପବନ-ଦେ.ବି. (ସଂ. ଉନପଞ୍ଚାଶତ୍ + ପବନ) ମୁଖୁର ଅବ୍ୟବହିତ ପୂର୍ବରୁ ମନୁଷ୍ୟର ବହୁବା ଶେଷ ନଶ୍ୱାସ, ପ୍ରବଳ ପ୍ରଭଞ୍ଜନ ।

ପୌରାଣିକମତେ ପବନ ୪୯ ପ୍ରକାର । ଯଥା-୧-ଏକଜ୍ୟୋତି, ୨-ଦ୍ୱିଜ୍ୟୋତି, ୩-ତ୍ରିଜ୍ୟୋତି, ୪-ଚତୁର୍ଜ୍ୟୋତି, ୫-ଏକ ଶକ୍ତି, ୬-ଦ୍ୱିଶକ୍ତି, ୭-ତ୍ରିଶକ୍ତି, ୮-ମରୁବତ୍, ୯-ଇନ୍ଦ୍ର, ୧୦-ଗଭ୍ୟଦ୍ଭାଶ୍ୟ, ୧୧-ପଞ୍ଚସକ୍ତୁତ, ୧୨-ପର, ୧୩ ମିତ, ୧୪-ସମ୍ମିତ, ୧୫-ସମ୍ମିତ, ୧୬-ରୁଚକ୍ରତ, ୧୭-ଅକ୍ରତ, ୧୮-ଯଶ, ୧୯-ସେନକ୍ରତ ୨୦-ଅନୁମିତ, ୨୧-ଅନମିତ, ୨୨-ପୁରୁମିତ, ୨୩-ଅପରୁ-କ୍ରତ, ୨୪-ଗୁଡ଼, ୨୫-ରୁତବାହୁ, ୨୬-ଧର୍ତ୍ତା, ୨୭-ରୁଗ ୨୮-ଧ୍ରୁବ, ୨୯-ଵିଧାରଣ, ୩୦-ଦେବଦେବ, ୩୧-ଇଡ୍ଡ, ୩୨-ଅବୃଷ, ୩୩-ପ୍ରସଦ୍ଭୁକ୍ଷ, ୩୪-ସ୍ୱଚ୍ଛର, ୩୫-ମହାଯଶା, ୩୬-ଧାତା, ୩୭-ଦୁର୍ଗ, ୩୮-ଧୃତ, ୩୯-ଶ୍ରୀମ, ୪୦-ଅଭିଯୁକ୍ତ, ୪୧-ଅପ୍ରାନ୍ତ, ୪୨-ସମ୍ବୁ, ୪୩-ସ୍ୱଭି, ୪୪-ଯଯୁ, ୪୫-ଅନାଯ୍ୟ, ୪୬-ବାସୁ, ୪୭-ବାମ, ୪୮-ଜସ୍ୱ, ୪୯-ଵିଵିକ୍ତ ।

ପୁରାଣରେ ବର୍ତ୍ତିନା କରିଯାଇଛି, କାଶ୍ୟପପତ୍ନୀ ଅଦିତି ପବନଙ୍କୁ ଗର୍ଭରେ ଧାରଣ କରିଥିବା ଅବସ୍ଥାରେ ଅଦିତିଙ୍କ ସପତ୍ନୀ ଦିତିଙ୍କ ପ୍ରରୋଚନାରେ ଦିତିପୁତ୍ର ଇନ୍ଦ୍ର ଅଦିତିଙ୍କ ଗର୍ଭ ମଧ୍ୟରେ ପ୍ରବେଶ କରି ଭ୍ରୂଣକୁ ସାତଖଣ୍ଡ କରି କାଟି ପକାଇଲେ । କିନ୍ତୁ ଯେଉଁ ଭ୍ରୂଣ ସାତଖଣ୍ଡ ହୋଇଥିଲା, ସେ ନମର ସାତଖଣ୍ଡ ସବୁ ମାଇଚ୍ଛି, ଏହା ଦେଖି ପୁଣି ସେ ସାତଖଣ୍ଡର ପ୍ରତ୍ୟେକକୁ ସାତ ସାତ ଖଣ୍ଡ କରି କାଟିଲେ, ତଥାପି ଉପରୋକ୍ତ ଅଣଗୁଣ ଖଣ୍ଡର ପ୍ରାଣ ଗଲା ନାହିଁ । ଇନ୍ଦ୍ର ଭ୍ରୂଣ ହତ୍ୟା କରି ନପାର ଫେରିଲେ ଓ ଯଥାକାଳରେ ଅଦିତିଙ୍କ ଗର୍ଭରୁ ପବନ ୪୯ଟି ରୂପ ଧାରଣ କରି ଜନ୍ମିଲେ । ଲୋକ ବିଶ୍ୱାସ ଯେ, ମୃତ୍ୟୁ କାଳରେ ପବନଙ୍କର ଏହି ଅଣଗୁଣ ମୂର୍ତ୍ତି ମନୁଷ୍ୟର ଶିରରୁ ବାହାରିଯାଏ ଓ ସେହିହେତୁ ମନୁଷ୍ୟ ଚୋଲିହୁଏ ।

ଅଣଗୁଶ ଚୋହିବା-ଦେ. ବି. ଅଣଗୁଶ ଉଠିବା (ଦେଖନ୍ତୁ)

ଅଣଚୂନ-ଗ୍ରା. ବି.-(ସଂ. ନ + ଚୂର୍ଣ୍ଣ) ଚୂନ ନଥିବା ବସ୍ତୁ, ସେହି ପାନରେ ଚୂନ ବଦଳା ନଯାଇ ଖିଲି ଭଙ୍ଗା ଯାଇଥାଏ ।

ଅଣଚ୍ଛଞ୍ଚା-ଗ୍ରା. ବିଣ. (ସଂ. ନ + ଚଷ ଧାତୁ)— ଅଣଗୁଚ୍ଛ (ଦେଖନ୍ତୁ)
ଶୁଷ୍କ ହୋଇ ନଥିବା (ଦେହ ବା ବ୍ୟକ୍ତି)
ଅଣଚ୍ଛଞ୍ଚା ଅଣପୋତ୍ର ହୋଇଛୁ ଶପୋଟ,
ଅଣଦଗ୍ଧା ଅଣଲଘା ହୋଇଛୁ ଚୌପଟ ।
(ପ୍ରାଚୀ = ବ୍ରହ୍ମ ନରୂପଣ ଗୀତା)

ଅଣଆଶ-ଦେ. ବି. ଓ ବିଣ— ଅଣଗୁଶ (ଦେଖନ୍ତୁ)
ବିଶ୍ୱଧ୍ୱଂସି ରୁଦ୍ର ପ୍ରଖର ନଶ୍ୱାସ,
ପତ୍ରବ ବହୁଲ ବାୟୁ ଅଣଆଶ ।
(ବିଧାନାଥ ବସୁ—ଚଲ୍‌କା)

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

ଅଣଠାବ-ସ୍ତ୍ରୀ. ବି. (ସଂ. ନ + ସ୍ଥା ଧାତୁ)-ଅସ୍ଥାନ, ମନ୍ଦସ୍ଥାନ, ଅନୁପଯୁକ୍ତ ସ୍ଥାନ, ଅସୁବିଧା ଜନକ ସ୍ଥାନ, ଅପଶବ୍ଦ ବା ଅଳ୍ଲୀଳ ସ୍ଥାନ, ଅଗମ୍ୟସ୍ଥାନ, ଯେଉଁ ସ୍ଥାନକୁ କେହି ଯିବା ଆସିବା କରନ୍ତି ନାହିଁ ।

ସ୍ତ୍ରୀ. ବଣ.-ଅଣଠାବୁଆ (ଦେଖନ୍ତୁ)

କନ୍ୟାକୁ ଘେନଣ ଏଡୁ ପଲାଇ ଅଇଲେ,
ଏଥି ଆସି ଅଣଠାବ ବୋଲଣ ରହିଲେ ।
(ସାରଳା ମହାଭାରତ – ଆଦିପର୍ବ)

ଅଣଠାବୁଆ-ସ୍ତ୍ରୀ. ବଣ -ଅସୁବିଧାଜନକ (ସ୍ଥାନ) । (ଫଳ) ଯେଉଁ ବ୍ୟକ୍ତି ଅସ୍ଥାନରେ ବିଚରଣ କରେ ।
(ସ୍ତ୍ରୀ– ଅଣଠାବେଇ)

ଅଣଡ଼ଙ୍କା-ସ୍ତ୍ରୀ. ବଣ-ଅନାବୃତ । ପ୍ରାଦେ. (ପୁରୁଷ) ବଣ.-(ଯଥା-ପଣସ, ଆମ୍ବ, ସପୁର, ଆଉ)-ଅପକ୍ୱପକ୍ୱ, ଉତ୍ତମପାଚିଲ, ଅର୍ଦ୍ଧପକ୍ୱ, ଯେଉଁ ଫଳ ପାଚିଲା ପରି ଦେଖାଯାଉଥାଏ, ଅଥଚ ସମ୍ପୂର୍ଣ୍ଣ ପାଚି ନଥାଏ)

ଅଣଡ଼ଣ-ସ୍ତ୍ରୀ. ବଣ.-ଅଣଡଣିଆଁ (ଦେଖନ୍ତୁ) ।
ସ୍ତ୍ରୀ. ବି.-ଭୈଜନାଭ୍ୟବ ଜନିତ ଶସ୍ତ୍ରର ଶୀର୍ଣ୍ଣାବସ୍ଥା ।

ଅଣଡଣିଆଁ-ସ୍ତ୍ରୀ. ବଣ. ('ଣି' ଅକ୍ଷର ଯୋଗୁ ଶେଷ 'ଆ' ବର୍ଣ୍ଣର ଆନୁନାସିକ ଉଚ୍ଚାରଣ)-ଭୈଜନାଭ୍ୟବରୁ ଅତି ଶୀର୍ଣ୍ଣକାୟ (ବ୍ୟକ୍ତି), ଅନଶନ ଯୋଗୁ କଙ୍କାଳ-ବଶିଷ୍ଟ (ଦେହ), ଅସମାନ, ବନ୍ଧୁର, ଅସମତଳ, ବନ୍ଧୁ ସ୍ଥାନରେ ବନ୍ଧ ।

ଅଣଡଣ୍ଡିଆଁ-ସ୍ତ୍ରୀ. ବଣ.-ଅଣଡଣିଆଁ (ଦେଖନ୍ତୁ)

ଅଣଡରଶ-ବି. ବ. ଓ ବଣ. (ସଙ୍ଖ୍ୟାବାଚକ) (ସଂ. ଉନବିଂଶତି, ପ୍ରା. ଉନତୀସା)-ଉଣେଇଶ ସଙ୍ଖ୍ୟାରୁ ଏକ କମ୍, କୋଡିଏରୁ ନଅ ଅଧିକ, ୨୯ ସଙ୍ଖ୍ୟା ।

ଅଣଡରଶ ନରକ-ବି. ବ. (ନାମ)-ପୁରାଣମତେ ନରକ ହେଉଛି ୨୯ କୋଟି । ଯଥା—

୧-ତାମିସ୍ର, ୨-ଅନ୍ଧତାମିସ୍ର, ୩-ରୌରବ, ୪-ମହାରୌରବ, ୫-କୁମ୍ଭୀପାକ, ୬-କାଳସୂତ୍ର, ୭-ଅସିପତ୍ରବନ, ୮-ଶୂକରମୁଖ, ୯-ଅନ୍ଧକୂପ, ୧୦-କୃମିଭୋଜନ, ୧୧-ସନ୍ଦଂଶ, ୧୨-ତପ୍ତସୂର୍ମି, ୧୩-ବଜ୍ରକଣ୍ଟକ, ୧୪-ଶାଳ୍ମଳୀ, ୧୫-ବୈତରଣୀ, ୧୬-ପୂୟୋଦ, ୧୭-ବଶସନ, ୧୮-ଶ୍ୱାନଭକ୍ଷ, ୧୯-ଅୟଃପାନ, ୨୦-କ୍ଷାରକର୍ଦ୍ଦମ, ୨୧-ଦଳଶୂଳ, ୨୨-ସୂଚୀମୁଖ, ୨୩-ପ୍ରାଣରୋଧ, ୨୪-ଲଲାଭକ୍ଷ ୨୫-ଅୟଃପାନ, ୨୬-ଶୂଳପ୍ରୋତ, ୨୭-ଅବଟ, ୨୮-ନିରୋଧନ, ୨୯-ପର୍ଯ୍ୟାବର୍ତ୍ତିନ ।

ଅଣଡରଶୀ-ବି. ବ. (ସଂ. ଉନବିଂଶତି)-ଅଣଡରଶ ସଙ୍ଖ୍ୟାଯୁକ୍ତ । ଯଥା-ଲିପ୍ତଇୟର୍‌ରେ ସେପ୍ଟେମ୍ବର ମାସ ଅଣଡରଶିଆ ହୁଏ ।

ଅଣଡରଶି-ବି. ବ ଓ ବଣ.-ଅଣଡରଶ (ଦେଖନ୍ତୁ)

ଅଣଡଶ-ବି. ବ. ଓ ବଣ.-ଅଣଡରଶ (ଦେଖନ୍ତୁ)

ଅଣଡଶୀ-ବି ବଣ.-ଅଣଡରଶୀ (ଦେଖନ୍ତୁ)

ଅଣଡଶି-ବି. ବ. ଓ ବଣ.-ଅଣଡରଶ (ଦେଖନ୍ତୁ)

ଅଣତୁରୁତିଆ-ସ୍ତ୍ରୀ. ବଣ -ଅତିଶୀଘ୍ର (ଦେଖନ୍ତୁ)

ଅଣତୁରୁତିଆ-ସ୍ତ୍ରୀ. ବଣ.-ଅତିତୁରନ୍ତିଆ (ଦେଖନ୍ତୁ)

ଅଣତୁତୀୟା-ସ୍ତ୍ରୀ. ବଣ. (ସଂ ନ + ତୃତୀୟା)-ଯେଉଁ ଧାନ ବହନ ହେଉଛି ତାହାର ତୃତୀୟା ପୁଞ୍ଜରୁ କୁଣା ହୋଇଥାଏ । ସ୍ତ୍ରୀ. ବି.-ଅତ୍ୟୟ ତୃତୀୟା ପୁଞ୍ଜରୁ ଖାଲ ତଳରେ ଧାନ କୁଣ୍ଡିବା କର୍ମ ।

ସାଧାରଣତଃ କୃଷୀମାନେ ତଳରେ ଧାନକୁଣ୍ଡିବା କାମ ଅତ୍ୟୟ ତୃତୀୟା ଦିନରୁ ଆରମ୍ଭ କରନ୍ତି, କିନ୍ତୁ ଯେବେ ଚୈତ୍ର ମାସରେ ଗୁଡ଼ାଏ ବର୍ଷା ହୋଇଯାଏ ଓ ପରେ ବର୍ଷା ଛନ୍ଦୁଛିଆ ହେବ ବୋଲି ଆଶଙ୍କା ହୁଏ, ତେବେ କୃଷି ଅତ୍ୟୟତୃତୀୟା ପୁଞ୍ଜରୁ ଧାନ କୁଣ୍ଡିଥାଏ । ଆହୁରି ମଧ୍ୟ ମେଘ ଯେତେ ଏକ ପାଣିଆ କରି ଅତ୍ୟୟତୃତୀୟା ପରେ ଖୁବ୍ ଗୁଡ଼ାଏ ବର୍ଷା ହେବାର ଆଶଙ୍କା ହୁଏ, ତେବେ ଚାଲ ଜଆଙ୍କ-ମାନଙ୍କରେ ବର୍ଷା ପାଣି ଭରତ ହୋଇଥଲେ, ଧାନ କୁଣ୍ଡି ହେବ ନାହିଁ ବୋଲି କୃଷୀମାନେ ଅତ୍ୟୟତୃତୀୟା ପୁଞ୍ଜରୁ ଖାଲ କଆଙ୍କରେ ଧାନ କୁଣ୍ଡନ୍ତି ।

ଅଣଦୋଷ-ସ୍ତ୍ରୀ. ବି. (ସଂ. ଅଦୋଷ)—ଅଦୋଷ, ଦୋଷଶୂନ୍ୟତା ।

ଅଣଦୋଷୀ-ସ୍ତ୍ରୀ. ବଣ. (ସଂ. ଅ + ଦୋଷୀ)-ଅଦୋଷ, ନିର୍ଦ୍ଦୋଷ ।

ଅଣଦୋଷେ-ସ୍ତ୍ରୀ. କ୍ରି. ବଣ. (ସଂ. ଅଦୋଷ)-ବିନା ଦୋଷରେ, ଅପରାଧ ନକରି ସୁଦ୍ଧା ।

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

ଅଣନଉ

ଅଣନଉ-ଦେ.ବ.ଓ ବଣ-ସଙ୍ଖ୍ୟାବାଚକ-(ସଂ.ଊନନବତ, ପ୍ରା. ଊନନଇ)-ନଉସଙ୍ଖ୍ୟାରୁ ଏକକମ୍, ଅଶିରୁ ନଅ ଅଧିକ, ୮୯ ସଂଖ୍ୟା ।

ଅଣନଚବ-ଦେ.ବ. ଓ ବଣ.-ଅଣନଉ (ଦେଖନ୍ତୁ)

ଅଣନାଉ-ଦେ.ବ. ପୁଂ.-ନାଉ ବା ନାଉଣୀର ପୁଅ ।

ସ୍ୱଉର ଲକ୍ଷ କୁମର ନାଉ ନବଲକ୍ଷ'
ଅଣନାଉ ଉନଲକ୍ଷ ବଉନ୍ତ ଅସଂଖ୍ୟ ।
(ପୀତାମ୍ବର-ନୃସିଂହ ପୁରାଣ)

(ଅଣନାଉର ସ୍ତ୍ରୀକୁ ଅଣନାଉଣୀ ବୋହୂ କହନ୍ତି ।)

ଅଣନାବୁଣୀ-ଦେ.ବ.ସ୍ତ୍ରୀ -ନାଉ ବା ନାଉଣୀର ଝିଅ ।
(ଯଥା-ଅଣନାଉଣୀର ସ୍ୱାମୀକୁ ଅଣନାଉଣୀ ଜୋଇଁ କହନ୍ତି ।)

ଅଣନାବୁଣୀ ଜୋଇଁ-ଦେ.ବ. ପୁଂ.-ଅଣନାଉଣୀର ସ୍ୱାମୀ

ଅଣନାବୁଣୀ ବୋହୂ-ଦେ.ବ. ସ୍ତ୍ରୀ.-ଅଣନାଉର ସ୍ତ୍ରୀ ।

ଅଣନରୂପଣ-ଗ୍ରା.ବଣ. (ସଂ. ଅ + ନରୁପିତ)-ଅନରୂପିତ
ଅଣନରୂପଣ ବ୍ରହ୍ମ ଅଛନ୍ତି ସେଠାରେ ।
(ପ୍ରାଚୀ-ବ୍ରହ୍ମ ନରୂପଣ ଗୀତା)

ଅଣନଶବଦ-ଗ୍ରା. ବଣ. (ସଂ. ନଶବ्द)-ଅତି ନଃଶବ୍ଦ, ଶବ୍ଦ ଶୂନ୍ୟ ।
ଅଣାକ୍ଷର ଅଣମାନ୍ୟ। ଅଣନଶବଦ,
ଶବଦର ଭେଦନାହିଁ ବ୍ରହ୍ମ ନଜ ପଦ ।
(ପ୍ରାଚୀ-ବ୍ରହ୍ମ ନରୂପଣ ଗୀତା)

ଅଣନଶ୍ୱାସ-ଦେ ବଣ. (ସଂ. ଅ + ନଶ୍ୱାସ)- ରୁଦ୍ଧଶ୍ୱାସ, ବେଦମ୍ ।

ଅଣନଶ୍ୱାସିଆ-ଗ୍ରା.ବଣ.-ଅଣନଶ୍ୱାସ (ଦେଖନ୍ତୁ)

ଅଣନଶ୍ୱାସୀ-ଗ୍ରା.ବଣ.-ଅଣନଶ୍ୱାସ (ଦେଖନ୍ତୁ)

ଅଣପଖଳା ଗ୍ରା. ବଣ. (ସଂ. ଅ + ପ୍ରକ୍ଷାଳିତ)- ଯେଉଁ ଉବଡ ଖାଉରେ ପାଣି ମିଶାଯାଇ ନାହିଁ, ଅଧୌତ ।

ଅଣପାଟ-ଗ୍ରା.ବଣ. (ସଂ.ନ + ପଟ୍ଟ)-ଯେଉଁ ବ୍ରାଜବଂଶରେ ପଟ୍ଟମହିଷୀ ବା ବବାହିତା ସ୍ତ୍ରୀଙ୍କ ଗର୍ଭଜାତ ସନ୍ତାନ କେହି ବର୍ତ୍ତମାନ ନଥାନ୍ତି, ଅନ୍ୟଜକ, ବ୍ରାତ୍ୟ (ଦେଶ) ସୋମବଂଶ ଏବ୍ଦାଠାରୁ ହେଲ ଅଣପାଟ ।
(ପୀତାମ୍ବର-ନୃସିଂହ ପୁରାଣ)

ଅଣପାଟକ-ଗ୍ରା. ବ.-ମାଚ ଜାତ, ଜାତ ଚ୍ୟୁତ ବ୍ୟକ୍ତି ।
ଗ୍ରା. ବଣ.-ମାଚ ଜାତସ୍ଥ, ଜାତଚ୍ୟୁତ ।

ଅଣପୁରୁଷ-ଗ୍ରା.ବ. ଓ ବଣ.-ଅଣପୁରୁଷା (ଦେଖନ୍ତୁ)

ଅଣପୁରୁଷା-ଗ୍ରା.ବଣ. ପୁଂ. (ସଂ.ଅ + ପୁରୁଷ)-ନପୁଂସକ ପୁଂସ୍ତ୍ୱ ହରାଇଥିବା, ଧ୍ୱଜଭଙ୍ଗ ରୋଗଗ୍ରସ୍ତ (ବ୍ୟକ୍ତି) ।
ଗ୍ରା.ବ. ପୁଂ-ନପୁଂସକ ବ୍ୟକ୍ତି, ଅମନୁଷ୍ୟ ।

ଅଣପୌନଃପୁନକ-

ଅଣଫୁଟା-ଗ୍ରା. ବଣ. (ସଂ. ଅ + ପ୍ରସ୍ଫୁଟିତ)- ଅଫୁଟା, ଯେଉଁ ଫୁଲ ଫୁଟିନାହିଁ, ଅପ୍ରସ୍ଫୁଟିତ, ଯେଉଁ ଛଅଣ ବଘର ହୋଇନାହିଁ, ଯେଉଁ ପାଣି ବା ଦୁଧ ନଆଁ ଉପରେ ଝକ ଝକ ହୋଇ ଫୁଟିନାହିଁ, ଯେଉଁ ପାତ୍ର ଛିଦ୍ରଯୁକ୍ତ ନୁହେଁ ।

ଅଣଫୁଟିଲା--ଗ୍ରା.ବଣ.-ଅଣଫୁଟା (ଦେଖନ୍ତୁ)

ଅଣଫୁଟୀ-ଗ୍ରା.ବଣ.ସ୍ତ୍ରୀ.-ଅଫୁଟୀ,ଅପ୍ରାପ୍ତରଜସ୍କା(ବାଳିକା)

ଅଣବଣ-ଗ୍ରା. ବଣ.-ରଙ୍ଗଭଙ୍ଗ, ଅସ୍ତବ୍ୟସ୍ତ, ଇତସ୍ତତଃ ବିକ୍ଷିପ୍ତ, ଅସଂସ୍କୃତ, ଅମାର୍ଜିତ, ଅପରିଷ୍କୃତ, ଅସଜା, ଅଲଆ, ଆବର୍ଜନାମୟ, କୁତ୍ସିତ, କଦର୍ଯ୍ୟ ।

ଅଣବଣିଆଁ -ଗ୍ରା. ବଣ.— ଅଣବଣ (ଦେଖନ୍ତୁ)

ଅଣବରଡଆ-ଗ୍ରା.ବଣ. ପୁଂ-ଅଣବ୍ରତଆ (ଦେଖନ୍ତୁ)

ଅଣବରବୁଆ-ଗ୍ରା.ବଣ.ପୁଂ-ଅବ୍ରତଆ (ଦେଖନ୍ତୁ)

ଅଣବରଡେଇ-ଗ୍ରା.ବଣ.ସ୍ତ୍ରୀ.-ଯେଉଁ ସ୍ତ୍ରୀ କୌଣସି ବ୍ରତ ପାଳନ କରନଥାଏ ।

ଅଣବର୍ତ୍ତିଆ-ଗ୍ରା.ବଣ.ପୁଂ.-ଅବ୍ରତଆ (ଦେଖନ୍ତୁ)

ଅଣବର୍ତ୍ତୁଆ-ଗ୍ରା.ବଣ.ପୁଂ.-ଅଣବ୍ରତଆ (ଦେଖନ୍ତୁ)

ଅଣବର୍ତ୍ତେଇ-ଗ୍ରା.ବଣ.ସ୍ତ୍ରୀ.-ଅଣବରଡେଇ (ଦେଖନ୍ତୁ)

ଅଣବସନ୍ତିଆ-ଗ୍ରା. ବଣ.ପୁଂ (ସଂ.ଅ + ବସନ୍ତ)-ଯେଉଁ ବ୍ୟକ୍ତି ଜୀବନରେ ଆଜ ପର୍ଯ୍ୟନ୍ତ ବସନ୍ତ ରୋଗାକ୍ରାନ୍ତ ହୋଇନାହିଁ । (ସ୍ତ୍ରୀ-ଅଣବସନ୍ତେଇ)

ଅଣବାପୁଆ-ଗ୍ରା.ବଣ. ପୁଂ.-(ଗାଲରେ ବ୍ୟବହୃତ, ସଂ. ଅ + ବପ୍ତା)-ଅଜ୍ଞାତ ପିତୃକ(ବ୍ୟକ୍ତି),ଅଜ୍ଞାତ ପିତୃକ, ଯାହାର ବାପ କିଏ କଅଣ ଠିକଣା ନଥାଏ, ଜାରଜ ।

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

ଅଣବାବୁଆ-ଗ୍ରା. ବଣ. ଫୂ.-ଅଣବାପୁଆ (ଦେଖନ୍ତୁ)

ଅଣବାଳୁଡ଼-ଗ୍ରା. ବଣ. (ସଂ. ଅ + ବ୍ୟାକୃତ)-ଅପ୍ରଚ୍ଛ୍ୟା ବର୍ତ୍ତିତ, ଯାହା ଫେରି ଆସେ ନାହିଁ, ଯାହା ଲେଉଟି ଆସେ ନାହିଁ, ଯାହା ପରେ ବରିଡ଼ଗଲେ ପୁଣି ସୁଧାର ହୁଏ ନାହିଁ, ଅବ୍ୟର୍ଥ (ଶର) ।

ଅଣବାଳୁଡ଼ା-ଗ୍ରା. ବଣ.—ଅଣବାଳୁଡ଼ (ଦେଖନ୍ତୁ)

ବୋଇଲ ବ୍ରହ୍ମଶର ଶୁଣ ହେ ସୁଦର୍ଶନ,
ତୁମ୍ଭେ ଆମ୍ଭେ ଦୁହେଁଚ ଅଣବାଳୁଡ଼ା ଜାଣ ।
(ପୀତାମ୍ବର, ନୃସିଂହ ପୁରାଣ—୪୫)

ଅଣବକାର-ଗ୍ରା. ବଣ. (ସଂ. ଅ + ବକାର)—ନିର୍ବିକାର, ବକାର ଶୂନ୍ୟ, ନଘୃଣ ।

ଅଣବବେକ-ଗ୍ରା. ବଣ. (ସଂ ଅବବେକ)—ଅବବେକ, ନିର୍ବିବେକ ।

ଅଣବେଡ଼ା-ଗ୍ରା. ବଣ.-ଯାହାର ଗୃହପଟେ ବାଡ଼ ବା କାନ୍ଥ ଦ୍ୱାରା ଆବୃତ ନୁହେଁ ।

ଅଣବ୍ରତିଆ-ଗ୍ରା. ବଣ: ଫୂ. (ସଂ. ଅ + ବ୍ରତ)—ଯେଉଁ ଦ୍ୱିଜ ବାଳକର ଉପନୟନ ସଂସ୍କାର ହୋଇ ନାହିଁ, ଯେ ବ୍ରତଧାରୀ ନୁହେଁ, ଯେଉଁ ବ୍ୟକ୍ତ ବ୍ରତ ପାଳନ କରି ନାହିଁ, ଯେଉଁ ଅର୍ଡ଼ିଗ୍ ବାଳୁଙ୍କ ଧର୍ମ ହୋଇ ନାହିଁ, ଅଧର୍ମ, ଯେଉଁ ବାଳୁଙ୍କ ଲଗ୍ନ ହୋଇ ନାହିଁ ଅର୍ଥାତ୍ ଯାହା ଦେହରେ ଭାଉଜ ଲୁହାର ଦାଗ କଟା ହୋଇ ନାହିଁ ।

ଅଣବ୍ରୁଆ-ଗ୍ରା. ବଣ. ଫୂ.--ଅବେଠିଆ (ଦେଖନ୍ତୁ)

ଅଣବ୍ରଡଇ-ଗ୍ରା. ବଣ. ସ୍ତ୍ରୀ -ଅଣବରଡେଇ (ଦେଖନ୍ତୁ)

ଅଣବ୍ୟ-ସ. ବି. (ଅଣୁ = ସୂକ୍ଷ୍ମଧାନ୍ୟ, ଚଣା + ଅଧିକରଣେ, ଯ)— ଯେଉଁ କ୍ଷେତ୍ରରେ ଚଣା ନାମକ ଶସ୍ୟ ହୁଏ ।

ଅଣଭଣା-ଗ୍ରା. ବଣ.—ଅଣବଣ (ଦେଖନ୍ତୁ)

ଅଣଭଣିଆଁ-ଗ୍ରା. ବଣ.—ଅଣବଣ (ଦେଖନ୍ତୁ)

ଅଣଭିଣା-ଗ୍ର. ବଣ. (ସଂ. ଅ, ଭିନ୍ନ)— ଯେଉଁ ଭୁଲା ଭିଣା ହୋଇ ନାହିଁ, ଯେଉଁ ମାଟିରୁ ଗୋଡ଼ ଖସିସ୍ ଆଉ କଢ଼ାଯାଇ ନାହିଁ ।

ଅଣମଣିଷ-ଗ୍ରା. ବଣ: ଫୂ. (ସଂ. ଅମନୁଷ୍ୟ)—ଅମନୁଷ୍ୟ, କୃତ୍ରିମ, ଅଯୋଗ୍ୟ (ବ୍ୟକ୍ତ), ମନୁଷ୍ୟତ୍ୱ ବର୍ଜ୍ଜନ, ଖିରୁ । ଗ୍ରା. ବି.—ଅଯୋଗ୍ୟ ବ୍ୟକ୍ତ, ଖିରୁ ବ୍ୟକ୍ତ ।

ଅଣମଣିଷ-ଗ୍ରା. ବଣ. ଓ ବଃ—ଅଣମଣଷ (ଦେଖନ୍ତୁ)

ଅଣମଣିଷା-ଗ୍ରା. ବଣ.—ଅଣମଣଷ (ଦେଖନ୍ତୁ)

ଅଣମନଷ-ଗ୍ରା. ବଣ. ଓ ବ.—ଅଣମଣଷ (ଦେଖନ୍ତୁ)

ଅଣମନଷା-ଗ୍ରା. ବଣ.—ଅଣମଣଷ (ଦେଖନ୍ତୁ)

ଅଣମାତ୍ରା-ଗ୍ରା. ବଣ. (ସଂ. ଅ + ମାତ୍ରା)-ମାତ୍ରାଯୁକ୍ତ (ଅକ୍ଷର) ଅଣାକ୍ଷରେ ଅଣମାତ୍ରା ଅଣନଶବଦ୍ଦ, ଶବଦ୍ଦର ଭେଦନାହିଁ ବ୍ରହ୍ମ ନଜପଦ୍ଦ ।
(ପ୍ରାଚୀ-ବ୍ରହ୍ମ ନରୂପଣ ଗୀତା)

ଅଣମେଡ଼ା- ଗ୍ରା.ବଣ.(ସଂ.ଅ + ମେଧ୍)- ଯେଉଁ ଘରେ ଶୁଦ୍ଧି ନଥାଏ ।

ଅଣଘସ-ଗ୍ରା.ବଣ. (ସଂ. ଅ + ଘସ)-ଯେଉଁ ବ୍ୟକ୍ତ ଘସ-ମ୍ଜାର ଭକ୍ତ ନୁହେଁ ।
ଅଟଘସ ଜନଠାରେ କେଭେଁ ନ ରସିବ ।
(ଅଚ୍ୟୁତ-ଗୁରୁଭକ୍ତି ଗୀତା)

ଅଣରୂପ-ଗ୍ରା.ବଣ. (ସଂ. ଅ + ରୂପ) ଅରୂପ, ରୂପଶୂନ୍ୟ ।

ଅଣଲଉଟ-ଗ୍ରା.ବଣ.-ଅଣବାଳୁଡ଼ (ଦେଖନ୍ତୁ)

ଅଣଲଉଟା-ଗ୍ରା.ବଣ.-ଅଣବାଳୁଡ଼ (ଦେଖନ୍ତୁ)

ଅଣଶୁଧିଆ-ଗ୍ରା.ବ. (ସଂ. ଅ + ଶୁଦ୍ଧି)- ଅଶୁଦ୍ଧ,ଅଶୌଚ, ମୃତକାଶୌଚ ବା ସୂତକାଶୌଚ, ମୃତକାଶୌଚ ଘଟିବା ପରେ କୌଣସି ବ୍ୟକ୍ତି ଶୁଦ୍ଧ ଲାଭ କରି ନଥିବା ଅବସ୍ଥା । ଗ୍ରା. ବଣ -ମୃତାଦ୍ଦ ଉପଲକ୍ଷରେ ଶୁଦ୍ଧିକ୍ରିୟା ସମ୍ପାଦନ କରିନଥିବା (ବ୍ୟକ୍ତି), ମୃତକାଶୌଚ ଯୋଗୁ ଅଶୁଦ୍ଧ, ଅଶୁଚି ।

ଅଣଶେଷ-ଗ୍ରା.ବଣ. (ସଂ. ଅଶେଷ)-ଅଶେଷ ।
ଅଣଶେଷ ମନ୍ତ୍ରମାରୁ ଆମ୍ଭେଇଁ ଭେଦ ।
(ପ୍ରାଚୀ-ବ୍ରହ୍ମନରୂପଣ ଗୀତା)

ଅଣଷଠା ଶତେ-ଦେ. ବ. ଓ ବଣ. (ସଂଖ୍ୟାବାଚକ, ଉନଷଷ୍ଟି + ଶତ)-ଏକଶତ ଅଷେଠି, ୧୫୯ ସଂଖ୍ୟକ ।

ଅଣଷଠି-ଦେ. ବ ଓ ବଣ. (ସଂଖ୍ୟା ବାଚକ, ସଂ. ଉନଷଷ୍ଟି, ପ୍ରା.ଉନସଟ୍ଠି) ଷାଠିରୁ ଏକ ଉଣା, ୫୯ ସଂଖ୍ୟକ ।

ଅଣଷାଠି-ଦେ.ବ. ଓ ବଣ -ଅଣଷେଠି (ଦେଖନ୍ତୁ)

ଅଣସଣା-ଗ୍ରା ବଣ (ସଂ ଅପସ୍ମୃତ)-ଅହନା, ଅପଣ୍ଡିତ, ଅଳଆ ବା ଆବର୍ଜ୍ଜନାମସ୍ତ, କୃତ୍ରିମ ।

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

ଅଣସଣିଆଁ-ଗ୍ରା.ବ୍ୟ.-ଅଣବଣ (ଦେଶଜ)

ଅଣସବୁତ୍ତ ଶତହୁ-ଦେ.ବି. ଓ ବ୍ୟ. (ସଂଖ୍ୟାବାଚକ, ସଂ. ଊନସପ୍ତତି + ଶତ)-ଏକଶତ ଅଣସତୁରଶ, ୧୭୯ ସଂଖ୍ୟକ ।

ଅଣସତୁରୀ-ଦେ ବି. ଓ ବ୍ୟ. (ସଂଖ୍ୟାବାଚକ, ସଂ. ଊନସପ୍ତତି, ପ୍ରା. ଊନସତ୍ତଅ) ଷାଠିଏ ସଂଖ୍ୟାରୁ ନଅ ବେଶି, ସତୁର ସଂଖ୍ୟାରୁ ଏକ କମ୍, ୭୯ ସଂଖ୍ୟକ ।

ଅଣସନ୍ଧିଆ-ପ୍ରାଦେ. (ଗଡ଼ଜାତ) ବି. (ସଂ. ଊନ,ସନ୍ଧ୍ୟା) ମୁହଁ ସନ୍ଧ୍ୟା, ସନ୍ଧ୍ୟା ବୁଡ଼ିବାର ଅବ୍ୟବହିତ ପୂର୍ବକାଳ, ଗୋଧୂଳ ।

ଅଣସନ୍ଧ୍ୟା-ପ୍ରାଦେ.(ଗଡ଼ଜାତ)ବ.-ଅଣସନ୍ଧିଆ (ଦେଶଜ)

ଅଣସର ଦେ.ବ. (ସଂ. ଅନବସର, ଯେଉଁ ସମୟରେ ଯାତ୍ରୀମାନଙ୍କୁ ଦର୍ଶନ ଦେବାପାଇଁ ଜଗନ୍ନାଥଙ୍କୁ ଅବସର ନଥାଏ)- ଦେବସ୍ନାନ ପୂର୍ଣ୍ଣିମାଠାରୁ ନେତ୍ରୋତ୍ସବ ପର୍ଯ୍ୟନ୍ତ କାଳ, ଆଷଢ଼ କୃଷ୍ଣ ପ୍ରତିପଦଠାରୁ ପନ୍ଦରଦିନ କାଳ । ଗ୍ରା. ବ୍ୟ. (ସଂ. ଅଶ୍ଲଥ୍ୟ)-ଅଶ୍ଲଥ୍ୟ, ଅଛବ (ଜାଉ), ଇତର, ସାଧାରଣ । ଗ୍ରା.ମାତ ।

ଶ୍ରୀପୁରୁଷୋତ୍ତମ କ୍ଷେତ୍ରରେ ରତ୍ନସିଂହାସନରେ ତିନିବ୍ରହ୍ମମୂର୍ତ୍ତି ସାମାଜିକ ସ୍ୱତ୍ତରେ ପୂଜିତ,ଅର୍ଚ୍ଚିତ, ଚର୍ଚ୍ଚିତ । ହିନ୍ଦୁ ସମାଜର ଆରାଧ୍ୟ ତ୍ରିବ୍ରହ୍ମମୂର୍ତ୍ତି ଜଗନ୍ନାଥ, ବଳଭଦ୍ର ଓ ସୁଭଦ୍ରା ଜ୍ୟେଷ୍ଠ ପୂର୍ଣ୍ଣିମା (ସ୍ନାନପୂର୍ଣ୍ଣିମା)ଠାରୁ ଆଷ ଅମାବାସ୍ୟା ପର୍ଯ୍ୟନ୍ତ ରତ୍ନବେଦୀରେ ବଜେ ନଜର ଏକ ସ୍ୱତନ୍ତ୍ର ବେଦୀ ବା ପିଣ୍ଡିରେ ଅବସ୍ଥାନ କରନ୍ତି । ଏହି ପିଣ୍ଡିକୁ ଅଣସର ପିଣ୍ଡି ଓ ବାଉଁଶ ଚାଟି ବାଡ଼ ଘେରି ଅସ୍ଥାୟୀ ଗୃହପ୍ରକଲ୍ପକୁ ଅଣସର ଘର ଏବଂ ଏହି ପନ୍ଦର ଦିନକୁ ଅଣସର, ଅନବସର, ନଗ୍ରେଧ ବୋଲି କୁହାଯାଏ ।

ଅଣସରର ଅର୍ଥ— ଅନବସର ଅର୍ଥ ନଅବସର ଏବଂ ଅଣସର (ଦେଶଜ ଶବ୍ଦ) ନଅସର (ସମସ୍ୟା) ! ସ୍ନାନ ପୂର୍ଣ୍ଣିମାଦିନ ଠାକୁରମାନେ ନୂଆ କୂପର ଶତ୍ରୋ ଆଠଟି (କୁମ୍ଭ) ଜଳ ସ୍ନାନ କରିବାରେ ଜ୍ୱରାକ୍ରାନ୍ତ ହୁଅନ୍ତି । ଶାସ୍ତ୍ରୀୟ ଅସୁସ୍ଥତା ସମୟରେ ତାହାକୁ ଦେଖା କରିବା ବରତ୍ତାର ଓ ସମସ୍ୟାସାପେକ୍ଷ । ତେଣୁ ଭକ୍ତଗଣଙ୍କୁ ଦେଖା ଦେବାପାଇଁ ଅସର (ସମସ୍ୟା) ହେଉ ନଥିବାରୁ ପ୍ରଭୁଙ୍କର ଏହା ଅଣସର । ଏହି ସମସ୍ୟା ମଧ୍ୟରେ ସମ୍ପୃକ୍ତି ଗୁପ୍ତପୂଜା, ଗୁପ୍ତମାତ ପାଳିତ ହୁଏ । ମାଳାଦ୍ରି ମହୋଦୟର ଚତୁର୍ଦ୍ଦଶ ଅଧ୍ୟାୟରେ ଅଛି—

ଯେ ପଶ୍ୟନ୍ତି ଚ ତେ ସର୍ବେ ପଚ୍ୟନ୍ତେ ନାରସ୍ୱେ ଧ୍ରୁବମ୍,
ନରସ୍ୟଂ ପ୍ରତିପଦ୍ୟନ୍ତେ ନୋଚେତ୍ତଂ ତତ୍ର ସାକ୍ଷଣମ୍ ।୧୪୨୦।

ଏହି ଅବସରରେ ଠାକୁର ଦର୍ଶନ କଲେ ନର୍କ ଗାମୀ ହେବ । କେବଳ ବଶ୍ୱାବସୁଙ୍କ ବଂଶଧର ଦଇତା-ପତିମାନଙ୍କର ଯିବାର ଅଖଣ୍ଡ ଅଧିକାର ରହିଛି । ସେମାନେ ହିଁ ଶ୍ରୀଜଗନ୍ନାଥଙ୍କର ଚକୁଷ୍ମକ, ସେବକ ଓ ଅଙ୍ଗରକ୍ଷୀ । ବାଉଁଶଚାଟି ବାଡ଼ ସଲଗ୍ନ କ୍ଷୁଦ୍ର ଦ୍ୱାରକୁ "ଧୂକୁଞ୍ଚ ଦ୍ୱାର" କୁହାଯାଏ । ଅଣସରର ତାତ୍ପର୍ଯ୍ୟ ହେଉଛି ଯେ ରଥଯାତ୍ରାର ପୂର୍ବରୁ ଅମାବାସ୍ୟାଦିନ "ନବଯୌବନ" ଦର୍ଶନ ହୁଏ । ଶ୍ରୀଜଗନ୍ନାଥଙ୍କୁ ନବଯୌବନ ସମ୍ପନ୍ନ କରିବା ପାଇଁ ସେଗଣଯ୍ୟାରେ ପଥ୍ୟ, ପାଚନ, ସେବାଶୁଶ୍ରୂଷା କାର୍ଯ୍ୟ ବଉନ୍ନ ପର୍ଯ୍ୟାୟରେ ଅନୁଷ୍ଠିତ ହୋଇଥାଏ । ମୋଟ ଉପରେ ଶ୍ରୀଅଙ୍ଗର ପ୍ରତ୍ୟେକ ଅଂଶ ଦୀର୍ଘ ବହୁକ ସମୟ ପାଇଁ ମଜଭୁତଭାବେ ଚଳଣି କରିଯିବାର ଏହା ଏକ ବ୍ୟବସ୍ଥା କହିଲେ ଅତ୍ୟୁକ୍ତି ହେବ ନାହିଁ ।

ଚନ ବ୍ରହ୍ମ ତ ଏପର ଲୋକଲୋଚନର ଅନ୍ତରାଳରେ ରହିଲେ ଆଉ ବାହ୍ୟ ପୂଜା କିପର ହୁଏ ? ଅଣସର ଚାଟି ବାଡ଼ର ବାହାରପଟକୁ ଲମ୍ବି ଗୋଟିଏ ବଡ଼ ଖଟ ପଡିଥାଏ । ଚାଟିବାଡରେ ଗୋଟି ଚନପଟ ସ୍ଥାପିତ ହୁଏ । ଶ୍ରୀବଳଭଦ୍ରଙ୍କର ବାସୁଦେବ, ଶ୍ରୀସୁଭଦ୍ରାଙ୍କର ଭୁବନେଶ୍ୱରୀ ଓ ଶ୍ରୀଜଗନ୍ନାଥଙ୍କର ନାଟସ୍ୱଣ ରୂପ ଚର୍ଚ୍ଚିତ ହୋଇଥାଏ । ବଳଭଦ୍ରଙ୍କ ବାଡ଼ରେ ଦୋଳଗୋବନ, ରମ ନୃସିଂହ, ସୁଭଦ୍ରାଙ୍କ ବାଡ଼ରେ ଲକ୍ଷ୍ମୀ ଓ ସରସ୍ୱତୀ ଏବଂ ଜଗନ୍ନାଥଙ୍କ ବାଡ଼ରେ କୃଷ୍ଣ ଓ ମଦନମୋହନ ଏପର ସାତ ମୂର୍ତ୍ତି ଥାଆନ୍ତି । ମୁଖ୍ୟତଃ ଏହି ଦଶମୂର୍ତ୍ତି "ଦଶାବତାର ଠାକୁର" ବୋଲି କଥିତ । ଏହି ଠାକୁରମାନଙ୍କୁ ଶ୍ଲେଭ ସର୍ପାମଶୋହ ବା ସମର୍ପଣ କରିଯାଏ । ଦୈନିକ ମାତ ଓ ସ୍ୱେଗସ୍ତର ଦଶାବତାର ଠାକୁରଙ୍କ ଆଗରେ ସମ୍ପାଦିତ ହୁଏ ।

ଅଣସରରେ ଠାକୁରଙ୍କର ସ୍ୱେଗ ହେଲ ୬୮ ଓଳ ପଣା । ଏହି ପଣା ଦୁଧ, ଖୁଆ, ଦହି, ନଡିଆ, ମାଖନ ବୋଗ, ନବାତ, କର୍ପୂର ଇତ୍ୟାଦି ମିଶ୍ରିତ ହୋଇ

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

ଉଆଶ କରାଯାଇଥାଏ । ବଡ଼ସିଂହାର ନ୍ୟେଗପରେ ପନ୍ତୁଡ଼ ପୁଙ୍କରୁ ଧୂଆମୁଗ ଓ ପଣସ ଚକଟା ଦୋଇ ନ୍ୟେଗ ଲଗେ । ଏହି ନ୍ୟେଗ ବ୍ରଜା ଓ ସେବକମାନଙ୍କ ମଧ୍ୟରେ ବଣ୍ଟାଯାଏ । ତା' ବ୍ୟତୀତ ପଇଡ଼, ବଉନ୍ଦ ସ୍ୱାଦୁଷ୍ଟ ପକ୍ୱ ପଥ୍ୟ ଫଳ (ଅଙ୍ଗୁର, କେଦଳା, ସେଓ, ନାସ୍‌ପାତି, କମଳା, ଅମ୍ବୁ କଦଳୀ) ମଧ୍ୟ ନ୍ୟେଗ ହୁଏ । ଏହି ପନ୍ଦରଉନ ଡାଳ କେବଳ ଧଳା ଫୁଲ ଲଗି ହୁଅନ୍ତି । ଦଇତାମାନେ (ବଶ୍ୱାବସୁ ବଂଶଧର) ଅର୍ଥାତ୍ ଦଣ୍ଡ ମହାପାତ୍ର, ଶୁଦ୍ଧସୁଆର ଠାକୁରମାନଙ୍କୁ ବେଶଭୂଷା, ମଇଲମ, ବନକ, ଫୁଲଶର, ଚନ୍ଦନ, ଘଣାଲଗି କରନ୍ତି ଏବଂ ପଡ଼ ମହାପାତ୍ର (ବିଦ୍ୟାପତି ବଂଶଧର) ନ୍ୟେଗ ପୂଜା କରନ୍ତି ଓ ନବ କଳେବର ବର୍ଷ ବଗ୍ରହ ପ୍ରତିଷ୍ଠା, ବ୍ରହ୍ମ ସ୍ଥାପନ କାର୍ଯ୍ୟ କରନ୍ତି ।

ଲୌକିକ ମତରେ କୌଣସି ମେଳା, ଉତ୍ସବ, ପାର୍ବଣ ଭ୍ରମଣରେ ଗଲେ ଆମେ କେଶ ବନାଣ, ପ୍ରସାଧନ, ଅଙ୍ଗାଭରଣ ସୁନ୍ଦର ବସ୍ତ୍ର ଭୂଷଣ, ଅଙ୍ଗଅଙ୍ଗରାଗରେ ସ୍ନୋ, ପାଉଡ଼ର, କଜ୍ଜଳ, କୁଙ୍କୁମ, ଅଳତା ଓ ଲିପ୍‌ଷ୍ଟିକ୍ ପ୍ରଭୃତି ସାମଗ୍ରୀମାନ ଉପଯୋଗ କରି ସର୍ବାଙ୍ଗ ସୁନ୍ଦର, ନବ-ଯୌବନ ସମ୍ପନ୍ନ ହୋଇ ବାହାରିଲ ପର ଆଷାଢ଼ ଶୁକ୍ଳ ଦ୍ୱିତୀୟାଦିନ ଦୋଷଯାତ୍ରାରେ ଠାକୁରମାନେ ବାହାର ଭାଙ୍କର ଉତ୍କଣ୍ଠିତ କୋଟି କୋଟି ଭକ୍ତଙ୍କ ଗନ୍ତବ୍ୟକୁ ଆସନ୍ତି । ତେଣୁ ଶସ୍ତ୍ର-ଚର୍ଯ୍ୟାର ଆବଶ୍ୟକତା ଦୃଷ୍ଟିରୁ ଅଣସର ପନ୍ଦରଉନ ମଧ୍ୟରେ ଏହି କାର୍ଯ୍ୟକ୍ରମ ନିମ୍ନ ପ୍ରକାରରେ ସମାହିତ ହୋଇଥାଏ । ସମ୍ପୃକ୍ତ ସେବକ-ଗୋଷ୍ଠୀ ଶୁଦ୍ଧସୁଦ୍ଧ ଭାବେ ଦ୍ରବଖାନ୍ଦ ଭକ୍ଷଣପୂର୍ବକ, କ୍ଷୌର ନହୋଇ, ସଂଯମତା ଅବଲମ୍ବନ କରି ଏହି କାର୍ଯ୍ୟ କରିଥାନ୍ତି ।

ପ୍ରତିପଦଠାରୁ ପଞ୍ଚମୀ ପର୍ଯ୍ୟନ୍ତ ଠାକୁରମାନଙ୍କର ଶ୍ରୀଅଙ୍ଗରୁ ଲେପ କଢ଼ାଯାଏ । ଏହାକୁ କୁହାଯାଏ 'କଢ଼ଲ' ଏହି ଲେପ କର୍ପୂର, କସ୍ତୁରୀ, ଦୂଣା, ଚୂଆ ଓ ଚନ୍ଦନ ମିଶ୍ରିତ ହୋଇ ଉତ୍ତାଶ ହୋଇଥାଏ । ଷଷ୍ଠୀ ଓ ସପ୍ତମୀ ଦିବସରେ ଘୃତିତେଲ, ଚୂଆ, କର୍ପୂର ଘର୍ଷଣ କରାଯାଏ । ଏହାକୁ କୁହାଯାଏ "ଫୁଲଘଷା ଲଗି" । ଅଷ୍ଟମୀ ତିଥିରେ ପୁଗଚନ ପାଟବସ୍ତ୍ର ବାହାର କରାଯାଏ । ଏହାକୁ "ଶ୍ରୀକାପଡ଼ା' 'ଶିରକାପଡା' କୁହାଯାଏ । ନୂତନ ସୂକ୍ଷ୍ମ ପଞ୍ଚବସ୍ତ୍ର ବନ୍ଧନ । ନବମୀଦିନ ସ୍ୱାସ୍ତିତ ତଇଳତେଲ ଓ ଦୂଣା ମର୍ଦ୍ଦନ । ଦଶମୀ ରେ :ଚକାବଜେ'— ଧୂକୁଡ଼ି ଦ୍ୱାର ନକଟସ୍ଥ ତନୋଟି ଚକା ଆଣି ଅଣସର ପିଣ୍ଡି ପାଖେ ଋଷି ଠାକୁରମାନଙ୍କ ବନେ କରାଇ କସ୍ତୁରୀ, କୁଙ୍କୁମ, କର୍ପୂର, ଚନ୍ଦନ ଲେପନ ହୁଏ । ଏକାଦଶୀରେ "ଚନ୍ଦନଲଗି"— ଘୋରାଚନ୍ଦନ, କର୍ପୂର, କେଶର ମିଶ୍ରିତ ହୋଇ ଲେପନ କରାଯାଏ । ଦ୍ୱାଦଶୀଦିନ ଶ୍ରୀଅଙ୍ଗରେ ଶୁଳ୍ଲବସ୍ତ୍ର ଗୁଡ଼ାଇ ଲେପ ହଆଯାଏ । ଅର୍ଦ୍ଧରାତ୍ରରେ ପ୍ରଭୁଙ୍କର ପାଦ ଜଲ୍ଦନା କରାଯାଏ । ତ୍ରୟୋଦଶୀ ଦିବସରେ "ଘଣାଲଗି"—ପାଟ ଡୋର ଲଗି ପରେ ଖଲ (ଅରୁଆ ଗୁଡ଼ଲ ବଟା) ଓ ତା'ପରେ ଖଡ଼ଲଗି କାର୍ଯ୍ୟ ସମାହିତ ହୁଏ । ଏହାକୁ ଖଲ ପ୍ରସାଦ ଓ ଖଡ଼ ପ୍ରସାଦ କୁହାଯାଏ । ଅସ୍ପେରର ପେଣ୍ଡ ମଣ୍ଡ ସ୍ୱରୂପ ଚତୁର୍ଦ୍ଦଶୀ ଦିନ "ଚକା ଅପସର ଲଗି" କରାହୁଏ । ଏହା ପୂର୍ବରୁ "ବନକଲଗି" (ରଙ୍ଗ, କଲାବୁଟ୍ଟାଳ, ନାଲ ରଙ୍ଗ, ଦ୍ରବତାଳ ଓ ଫୁଲଖଡ଼ି ଗୁଣ୍ଡକଣ ବିଶୁଦ୍ଧ ଘିଅ ତେଲରେ ଠାକୁରମାନଙ୍କୁ ଚର୍ଚ୍ଚିତ କରାଯାଏ । ତା'ପରେ ସିଂହାସନକୁ ବଜେ କରନ୍ତି । ଚତୁର୍ଦ୍ଦଶୀ ପରେ ଯେଉଁ ଅମାବାସ୍ୟା ହୁଏ, ତାହାକୁ ଉତ୍ତ ଅମାବାସ୍ୟା କୁହାଯାଏ । ଏହିଦିନ ଅଣସର ଭାଟି ଫିଟି ଭାଟି ମୂର୍ତ୍ତି ବହନକାରୀ ଓ ଚଳନ୍ତି ପ୍ରତିମାମାନଙ୍କୁ ଅପସାରଣ କଲେ ଠାକୁରଙ୍କର ନବଯୌବନ ଦର୍ଶନ ହୁଏ । ତା'ପରେ ଜଳୁଲ, କୁଙ୍କୁମ, ତେଲ, ଚୂଆ, କଳା ଦେଇ ନେତ୍ରୋତ୍ସବ କାର୍ଯ୍ୟ ହୁଏ ।

ଅଣସର ସମୟରେ ଠାକୁରମାନଙ୍କ ବ୍ୟବହୃତ ଔଷଧଦ୍ରବ୍ୟ, ପଥ୍ୟ, ପାଚନ ସମ୍ପର୍କୀୟ ଆୟୁର୍ବେଦୀୟ ଶସ୍ୟ ପ୍ରସ୍ତୁତ । ଦଶମୀଦିନ ଦଶମୂଳ ମୋଦକ ପ୍ରସ୍ତୁତ ହୋଇ ଏକାଦଶୀଦିନ ଲଗି ହୁଏ । ବୃହତ୍ ପଞ୍ଚମୂଳ ଯଥା ବେଲ ଫାମ୍ପୁ ଆଣିଆ, ଗମ୍ଭାରୀ, ପାଟଳୀ ଓ ଗମ୍ଭରୀ, ଲଘୁପଞ୍ଚମୂଳ ଯଥା— ଶାଳପର୍ଣ୍ଣୀ, ପୃଶ୍ନିପର୍ଣ୍ଣୀ, ବୃହତ୍ତୀ, କଣ୍ଟାକାରୀ ଓ ଗୋକ୍ଷର । ଏହି ଦଶମୂଳ ବାତରକ୍ତ ଦୋଷନାଶକ ଆମ ପାଚକ । ଏହି ଦଶମୂଳ ମୋଦକ ବିଶେଷତଃ ବୈଦ୍ୟ ଶାସ୍ତ୍ରମତେ ଜ୍ୱର, କାଶ, ଶ୍ୱାସ ଓ ଅରୁଚି ନାଶକ ଅଟେ । ନ୍ୟେଗ ସ୍ୱରୂପ ଯେଉଁ ପଣସ ଓ ଧୂଆମୁଗ ଚକଟା ହୁଏ, ତାହା ଲଘୁସ୍ନାଦୁ, କଫବାତ ଓ କଲକାଷ୍ଠ । ପଣସ ମଧୁର, ବାତପିତ୍ତ ନାଶକ, ଦାହ ଓ ଶ୍ରମ ଉପକାରୀ । ଧଳାଫୁଲ

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

ଶୀତଳ ପ୍ରଦାୟକ ଓ ଜ୍ୱାପହାରକ । ଡେଣ୍ଡୁ ଆରୋଗ୍ୟ ଲଭ ପାଇଁ ଆଶୁ ଫଳପ୍ରାପ୍ତି ହୋଇଥାଏ ।

ଅଣସର କାଳରେ ଶ୍ରୀଜଗନ୍ନାଥଙ୍କ ପ୍ରତ୍ୟକ୍ଷ ଦର୍ଶନ ଲଭପାଇଁ ବ୍ରହ୍ମଗିରର ''ଅଲରନାଥ''ଙ୍କୁ ଭକ୍ତମାନେ ଦର୍ଶନ କରନ୍ତି । ଏଠାରେ ଶ୍ରୀବସ୍ତ୍ର ବଗବ୍ଦ ଓ ଶ୍ରୀଚୈତନ୍ୟଙ୍କ ସାଷ୍ଟାଙ୍ଗ ପ୍ରଣିପାତ କରିଥିବା ଚଦ୍ଧିତ ପ୍ରସ୍ତର ବଗ୍ୱମାନ ଅଛି ।

(ଦେଖନ୍ତୁ-ଅଲର ନାଥ, ରଥଯାତ୍ରା)

ଅଣସର ଗୁମ୍‌ଟ-ଦେ. ବ.-ଅଣସର ଘର (ଦେଖନ୍ତୁ)

ପଦ୍ମର ବନ ଅସରେ,
ରବନ୍ଦ୍ର ଗୁମ୍‌ଟ ସର ଘରେ ।
(ଯଃଶୋବନ୍ତ- ପ୍ରେମଭକ୍ତି ବ୍ରହ୍ମଗୀତା)

ଅଣସର ଗୁମୁଟ-ଦେ. ବ.-ଅଣସର ଘର (ଦେଖନ୍ତୁ)

ଅଣସର ଗୁକୁଗୁଚ୍ଛ-ଦେ. ବ.-ଅସରର ବା ଆଷାଢ଼ କୃଷ୍ଣପକ୍ଷରେ ପୁନ୍ନ ଅଞ୍ଚଳରେ ଅନୁଭୂତ ଦୁଃସହ ଗ୍ରୀଷ୍ମ ।

ଅଣସର ଘର-ଦେ. ବ.-ଜଗନ୍ନାଥ ମନ୍ଦିରର ଜଗମୋହନରେ ଚନ୍ଦନ ଅର୍ଗଳ ଜଳଟରେ ଥିବା ନର୍ଦ୍ଦିଷ୍ଟ ସ୍ଥାନ. ଯେଉଁଠାରେ କ ଜଗନ୍ନାଥ, ବଲଭଦ୍ର ଓ ସୁଭଦ୍ରଙ୍କର ମୂର୍ତ୍ତିମାନ ଅସରେ ସାମ୍ବତ୍ସରେ ରଖାଯାଇ ଚଯକାରମାନଙ୍କ ଦ୍ୱାର ଚଯ କରାଯାଆନ୍ତି ।

ଅଣସର ଡାଟି-ଦେ. ବ.- ଜଗନ୍ନାଥ, ବଲଭଦ୍ର ଓ ସୁଭଦ୍ରଙ୍କ ମୂର୍ତ୍ତିମାନ ଚତ୍ର କରାଯାଉଥିବାବେଳେ ତାଙ୍କ ଆଗରେ ରଖାଯାଇଥିବା ବାଉଁଶର ଗୁଣ୍ଡା । ଏହ ସମୟରେ ଯାତ୍ରମାନେ ଜଗନ୍ନାଥ ଆଦଙ୍କ ସାକ୍ଷାତ ଦଶନ ପାଆନ୍ତି ନାହିଁ, ଭକ୍ତ ଅସର ଡାଟିକୁ ଦର୍ଶନ କରନ୍ତି ।

ଅଣସର ପଣା-ଦେ.ବ.-ଅଣସରଘରେ ଥିବା ସମୟରେ ଜଗନ୍ନାଥଙ୍କୁ ଭୋଗ କରିବା ପ୍ରଧାନକ ବଶେଷ ।

ଅଣସୋରଷ-ଦେ ବ. (ସଂ. ନ+ସଷପ, ଯାହା ସୋରଷ ପର ଦେଖାଯାଏ, ଅଥଚ ସୋରଷ ନୁହେଁ)-ଏହାର ନାମ ସଂସ୍କୃତରେ ଆଦଭ୍ୟଭକ୍ଷା,ଆଦଭ୍ୟପତ୍ରା, ବଶଷ୍ଟା, କର୍ଣ୍ଣସ୍ଫୋଟ, ଚଲପର୍ଣ୍ଣୀ, କଙ୍କର, ତେଲଗୁରେ ସୂର୍ଯକାନ୍ତମୁ, କୁକାଡ୍ରୋମିନ୍ଦ୍ରା, ତାମିଲରେ ନସ୍ୟାଡେଜ ଓ ଗୁଜୁରାଟୀରେ ତନୋମନଚଲ୍ଲନ୍ କୁହାଯାଏ ।

ଏହା ଏକପ୍ରକାର ବନ୍ୟ ଶାଗ । ଗ୍ମରତର ଉଷ୍ଣ ପ୍ରଧାନ ସ୍ଥାନରେ ପତ୍ରଆ ମାନଙ୍କରେ ଜନ୍ମେ । ଏହା ଗୁଜୁଟ, ବମ୍ବେ ଓ ଶ୍ରୀଲଙ୍କାରେ ବଶେଷ ଗ୍ମବରେ ଦେଖାଯାଏ । ଏହାର ପତ୍ର ୫।୭ ଆଙ୍ଗୁଳ ଲମ୍ବ ଓ ଚଟଚଟିଆ, ଫୁଲ ଦ୍ୱଲଦ୍ଧଆ, ପୁଂ କେଶର ଅନେକ, ଛୁଇଁ ସୋରଷ ଛୁଇଁ-ଚିଅ, ମଞ୍ଜି ସୋରଷ ପର ଦେଖାଯାଏ ଓ ବାସେ । ଏହାର ଚେର ମଞ୍ଜି ପତ୍ର ଚର୍ମ ରୋଗ, ଯାଦୁ, ମୂତ୍ର-ବ୍ୟଥା, କୁଷ୍ଠ, ରକ୍ତଗ୍ମସ୍ୟ ଓ ଅଙ୍ଗଶ୍ଳୀ ରୋଗର ଔଷଧ ରୂପରେ ବ୍ୟବହୃତ ହୋଇଥାଏ ।

ପୁରୀ ଜିଲ୍ଲାର ଆଉ ଏକପ୍ରକାର ଶାଗ ଗୁଳୁ ଦେଖିବାକୁ ମିଳେ । ଯାହାର ପ୍ରମ ସଂସ୍କୃତରେ ସୂର୍ଯାବର୍ତ୍ତ, ଅର୍କ ପତ୍ରୀ, ବିଷ୍ଣୁକ୍ରାନ୍ତି ଇତ୍ୟାଦି ଗ୍ମନ୍ତି । ତେଲୁଗୁର ଓ ତାମିଲରେ ତେଲଇ, ନୀଭେଲ, କାଦୁପୁ ବୋଲ କୁହାଯାଏ । ଏହ ଗୁଳର ଫୁଲ ଦେଖିବାକୁ ଆରକ୍ତ ବର୍ଣ୍ଣ । କେଶର ୬ଟି, ଏହା ବାସ୍ତକ ଚ୍ଛଣ, ଗଣ୍ଠିପିଧା, ଫୁଲ ବଡ, ମଞ୍ଜି ଟାଣୁଆ, ଏହାର ପତ୍ର, ମୂଳ ଓ ମଞ୍ଜି ଚର୍ମରୋଗର ଉପକାରୀ ।

ଅଣସୋରଷା-ଦେ.ବ.-ଅଣସୋରଷ (ଦେଖନ୍ତୁ)

ଅଣସୋରଷିଆ-ଦେ.ବ.-ଅଣସୋରଷ (ଦେଖନ୍ତୁ)

ଅଣସ୍ତର ଶବ୍ଦେ-ଦେ. ବ. ଓ ବଣ.-ଅଣସରୁର ଶବ୍ଦେ (ଦେଖନ୍ତୁ)

ଅଣସ୍ତରୀ-ଦେ. ବ. ଓ ବଣ.-ଅଣସରୁର (ଦେଖନ୍ତୁ)

ଅଣସ୍ତୁର ଶବ୍ଦେ-ଦେ. ବ. ଓ ବଣ.-ଅଣସରୁର ଶବ୍ଦେ (ଦେଖନ୍ତୁ)

ଅଣସ୍ତୁରୀ-ଦେ. ବ. ଓ ବଣ.-ଅଣସରୁର (ଦେଖନ୍ତୁ)

ଶ୍ୟମ ଅସ୍ତୁରଟି କାଣ୍ଡ ଦ୍ରୋଣ ଦେହେ,
ବଛଲେ ପ୍ରାଣ ନେବାପାଇଁ ଅତ ହୋହେ ।
(କୃଷ୍ଣସିଂହ-ମହାଭାରତ-ଶ୍ରୀସ୍ତ୍ର)

ଅଣହଲଦଆ-ଦେ. ବଣ. (ସଂ. ଅ+ହରିଦ୍ରା)-ସେଉଁ ଉଅରେ ଆଦୌ ହଲଦ ପନ୍ତ ନଥାଏ କମ୍ବା ଉପଯୁକ୍ତ ପରମାଣରେ ହଲଦ ପଡ଼ି ନଥାଏ ।

ଅଣାହୁତ-ଗ୍ରା. ବଣ. (ସଂ. ଅ+ହୁତ)-ଅହୁତ, ଅମଙ୍ଗଳ-କର । ଗ୍ରା. ବ.-ଅଶୁଭ, ମନ୍ଦ ।

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

କେଦ୍ଦଉ କଦ୍ଦବାକୁ ରୁମ୍ଭୁକ୍ତଉ ନାହିଁ,
କେଦ୍ଦଉ ଅଣଦ୍ଦଉ ଜାଣିବା ତା କାହିଁ ।
(କୃଷ୍ଣ ସିଂହ-ମଦ୍ଦାଲ୍ଲରଉ-ବନ)

ଅଣଡୁଡ଼-ଦେ. ବ୍ୟ., ବି. ଓ ବି. ବ୍ୟ.-ଅଣଡୁଡା (ଦେଁଚୁ)

ଅଣଡୁଡ଼ା-ଦେ. ବ୍ୟ.-ଅଭ୍ରାନ୍ତ । ଦେ. ବି. ବ୍ୟ.-ଭ୍ରମ ପ୍ରମାଦ ବନା । ଦେ. ବ—ଭ୍ରାନ୍ତ ଶୂନ୍ୟତା ।

ଯେଉଁ ଲୋକ ପ୍ରକୃତରେ ମରଯାଇ ନଥାଏ; କନ୍ତୁ ମୃତ୍ୟୁର କେତେକ ପୂର୍ବ ଲକ୍ଷଣ ଦେଖି ସ୍ୱଜନମାନେ ଯାହାଉ ମୃତ୍ୟୁ ଆସନ୍ନ ବୋଲି ଅଶଙ୍କା କରି, କୌଣସି ତୀର୍ଥ ସ୍ଥାନରେ ମରିବା ପାଇଁ ତାକୁ ନେଇ ଯାଆନ୍ତି, କିମ୍ବା ଯାହାଠାରେ ମୃତ୍ୟୁର କେତେକ ଲକ୍ଷଣ ଦେଖି ସ୍ୱଜନମାନେ ମୃତ୍ୟୁ ହୋଇଅଛୁ ବୋଲି ସ୍ଥିର କରି ଶ୍ମଶାନକୁ ନେଇ ଯାଆନ୍ତି; କନ୍ତୁ ସେ ଲୋକଠାରେ ଜୀବନର ଲକ୍ଷଣ ପ୍ରକାଶ ହେବାରୁ ତାକୁ ଘରକୁ ଫେରାଇ ଆଣନ୍ତି ।

ଯେଉଁ ବ୍ୟକ୍ତିଠାରେ ଆସନ୍ନ ମୃତ୍ୟୁର ପୂର୍ବ ଲକ୍ଷଣ ଦେଖାଯିବାରୁ ତାକୁ ତା'ର ସ୍ୱଜନମାନେ ପୁଣ୍ଯ ଜଙ୍ଗାର ପଞ୍ଚକୋଣୀ ଅଞ୍ଚଳରୁ ମୁକ୍ତେଶ୍ୱର ମହାଦେବଙ୍କ ବାଟରେ ପୁଣ୍ଯ ସ୍ୱର୍ଗଦ୍ୱାରକୁ ହୋଇ ନଅନ୍ତି, ସେ ଯଦି ସେଇ ବାଟରେ ମଲେ ତାକୁ ସେଠାରେ ସଂସ୍କାର କରନ୍ତି, ନଚେତ୍ ଜଳ ଥଳ ପୁଷ୍ପଠାରେ ନେଇ ବସାରେ ରଖାନ୍ତି ଓ ସେ ମଲା ପରେ ତାକୁ ସଂସ୍କାର କରସାଇ ସ୍ୱଜନମାନେ ଗ୍ରାମକୁ ବାହୁଡ଼ନ୍ତି । କନ୍ତୁ ଯେଉଁ ବ୍ୟକ୍ତି ବମଣଃ ପୁସ୍ଥହୋଇ ବଞ୍ଚେ, ତାକୁ ଘରକୁ ଫେରାଇ ଆଣନ୍ତି । ଏପରି ବ୍ୟକ୍ତିକୁ 'ଅଣଡୁଡ଼ା' କହନ୍ତି ।

ଅଣତହୁ-ଗ୍ରୀ. ବି.—ଜ୍ଞାନର ଅଭାବ, ଅଜ୍ଞାନ, ଅଚେତା ବସ୍ତୁତଃ, ଅମନୋଯୋଗ ।

ଅଣତେଳା-ଗ୍ରା. ବ. (ସଂ. ତେଲା)—ଅନାଦର, ଅଯତ୍ନ, ଅଗ୍ରାହ୍ୟତା, କାର୍ଯ୍ୟରେ ତେଲା, ଅସମ୍ମାନ ।

ଅତେଳା ପାଇଥରେ ଗୋ ନନ୍ଦ ଗଉଡ଼ ଘରେ ।
(ଭକ୍ତଦାସ—କଳାକଳେବର ଚଉତିଶା)

ଅଣା- ଦେ. ବ. (ସଂ. ଅଣକ = ଅଷ୍ଟାଂଶ)-ଏକ ଟଙ୍କାର ୧୬ ଭାଗରୁ ଏକ ଭାଗ, ଚାରିପଇସାର ସମଷ୍ଟି ।
୧ ଅଣା = $\frac{1}{16}$ ଟଙ୍କା = ୪ ପଇସା = ୮ ଅଧଲା = ୧୬ ପାଉଲା = ୬୦ ଗଣ୍ଡା = ୮୦ କଡ଼ା ।

କୌଣସି ପଦାର୍ଥର ଏକ ଷୋଡ଼ଶାଂଶ । ପ୍ରାଦେ. (ଗଡ଼ଜାତ) ବ.-ପୁରୁଣା ପାଣି ନାଳବାଟେ ପାଣିଧାରକୁ ନନେଇ, ଅନ୍ୟ ବାଟେ ଧାର କୁଦ୍ଦାଇବା ପାଇଁ କଟାଯିବା ନୂଆ ନାଳ ବା ପାଣିମାଦ୍ଦାର୍ଗ । ଦେ. ବ୍ୟ. (ଫା. ଆମାଜ)-ଆନ୍ଦାଜ । ବର୍ତ୍ତମାନ ଅଣାର ବ୍ୟବହାର ନାହିଁ । ଏହା ଛଅ ପଇସା ସଙ୍ଗେ ପ୍ରାୟ ସମାନ ।

ଅଣାଅଣି-ଦେ. ବ. (ବହୁ ବଚନରେ ଦ୍ୱିପ୍ରୟୋଗ)-ପରସ୍ପର ବା ପ୍ରତ୍ୟେକେ କଡ଼ ବାଗରେ ବା ଅଣେଇ ଦୋଇ ଶୋଇବା, ଅନେକ ବସ୍ତୁ ଆଣିବା କର୍ମ ।

ଅଣାଅଶିଆ ଶତହୁ-ଦେ. ବ. ଓ ବ୍ୟ -(ସଂଖ୍ୟାବାଚକ ସଂ. ଊନାଶୀତି + ଶତ)-ଏକଶହ ଅଣାଅଶୀ, ୧୭୯ ସଂଖ୍ୟକ ।

ଅଣାଅଶୀ-ଦେ. ବି. ଓ ବ୍ୟ. (ସଂଖ୍ୟାବାଚକ, ସଂ. ଊନାଶୀତି, ପ୍ରା. ଊନ୍ନାସୀ)-ଅଶୀ ସଂଖ୍ୟାରୁ ଏକ ଊଣା, ସତୁରୁରୁ ନଅ ଅଧିକା, ୭୯ ସଂଖ୍ୟକ ।

ଅଣାଇ ଚଦବା-ଦେ. ବି.-(ସଂ. ଆ + ନୀ ଧାତୁ-ଆଣିଦେବାର ଣିଜନ୍ତ ପ୍ରୟୋଗ)-ଅନ୍ୟଦ୍ୱାରା କୌଣସି ପଦାର୍ଥକୁ ଆଣାଇ କରାଇବା (ତା. ଅଣ୍ଡୁ = ଅଡ୍ଜିବା) କୌଣସି ବସ୍ତୁ ବା ପାତ୍ରକୁ ଏକ ପାଖକୁ ଆଡ୍ଜାଇବା ବା ଢଳାଇବା ବା ବାଙ୍କ କରିବା ।

ଅଣାଇ ଧରିବା-ଦେ. ବି. (ତା. ଅଣ୍ଡୁ = ଅଡ୍ଜିବା) କୌଣସି ପାତ୍ର ବା ବସ୍ତୁକୁ ଏକ ପାଖକୁ ଆଡ୍ଜାଇ ବା ଢଳାଇ କଣ ଧରିବା ।

ଅଣାଇବା-ଦେ. ବି. ସକର୍ମକ (ସଂ. ଆ + ନୀ ଧାତୁ, ଣିଜନ୍ତ, ଆଣିବା କ୍ରିୟାର ଣିଜନ୍ତ ରୂପ, ସଂ. ଆନୟନ)-ଅନ୍ୟ ଦ୍ୱାରା ଆଣିବା କ୍ରିୟା କରାଇବା, ସକର୍ମକ-(ସଂ. ଆ + ନୀ ଧାତୁ ଣିଜନ୍ତ)-ମଗାଇବା, ଡକାଇବା । ସକର୍ମକ (ସଂ. ଆନମନ, ତା.. ଅଣ୍ଡୁ = ଆଡ୍ଜିବା)-କୌଣସି ବସ୍ତୁ ବା ପାତ୍ରକୁ ଏକ ପାଖକୁ ଢଳାଇବା ବା ଢେରଛୁଇବା । ଅକର୍ମକ (ସଂ. ଆ + ନମ ଧାତୁ)-କଡେଇ ହେବା, ଏକ ପାଖକୁ ଢଳିବା । ଅକର୍ମକ (ସଂ. ଆ + ନମ ଧାତୁ)-କଡ଼ମାଡ଼ ଶୋଇବା ।

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

ଅଣାଇହେବା-ଦେ. କ୍ରି.-ଅକର୍ମକ (ସଂ. ଆ + ନମ ଧାତୁ)-ଜଣେ ଗୋଟାଏ ପାଖକୁ ଢଳିବା, ଏକ କଡ଼ ମାଡ଼ି ଶୋଇବା ।

ଅଣାକାର- ଦେ. ବଣ.- ସଂ. ଅନାକାର) - ନଗ୍ନକାର, ଆକାରଶୂନ୍ୟ । ଦେ. ବ.-ପରମେଶ୍ୱର, ପରଂବ୍ରହ୍ମ ।
(ଦେଖନ୍ତୁ—ଅଣାକାର ମତ)

ଅଣାକାର ପୁରୁଷ ଦେ.ବ.ନଗ୍ନକାର ବ୍ରହ୍ମ, ପରମେଶ୍ୱର, ପରଂବ୍ରହ୍ମ ।

ଅଣାକାର ବସ୍ତୁ-ଦେ. ବ.-ଅଣାକାର ପୁରୁଷ (ଦେଖନ୍ତୁ)

ଅଣାକାର ବ୍ରହ୍ମ-ଦେ. ବ.-ଅଣାକାର ପୁରୁଷ (ଦେଖନ୍ତୁ)

ଅଣାକାର ମତ-ଦେ. ବ.-ଓଡ଼ିଶାରେ ପ୍ରଚଳିତ ଧର୍ମମତ ଓ ଦର୍ଶନ ବିଶେଷ ।

ସାଧୁ ଅଚ୍ୟୁତାନନ୍ଦ ଦାସଙ୍କ ଶୂନ୍ୟ ସଂହିତା, ଅଣାକାର ସଂହିତା ଓ ଗୁରୁଭକ୍ତ-ଗୀତାରେ ଅଣାକାର ଧର୍ମମତ ଓ ଦର୍ଶନ ସମ୍ପର୍କରେ ବର୍ଣ୍ଣନା କରାଯାଇଛି । ଏହି ମତବାଦୀମାନଙ୍କ ମତରେ ଭଗବାନ ଆଦ୍ୟ ଓ ଅନାଦ୍ୟ । ଜଗତ ଯେତେବେଳେ ନଥିଲା ଅର୍ଥାତ୍ ଜଗତ ଶୂନ୍ୟମୟ ସେତେବେଳେ ଭଗବାନ କେବଳ ଏକାଢ଼ୋଇ ବିଦ୍ୟମାନ କରିଥିଲେ । ଭଗବାନ ଜ୍ୟୋତିରୁ ଶୂନ୍ୟର ଉଦ୍ଭବ । ସେହି ଜ୍ୟୋତି ମଧ୍ୟ ମହାଶୂନ୍ୟରେ ପ୍ରକାଶମାନ । ସେହି ମହାଶୂନ୍ୟ ମଧ୍ୟରେ ଚିତ୍ତ ବା ଚେତ୍ତନାର ଅବସ୍ଥିତି । ସେହି ଚନ୍ଦ୍ରସ୍ଥ ମଣ୍ଡଳରେ ଭଗବାନ ବିରାଜମାନ, ତାଙ୍କର ଆକାର ନାହିଁ । ସେ ଅକ୍ଷର ବ୍ରହ୍ମଭୂତ, ଚନ୍ଦ୍ରସ୍ଥ ଚିଦାନନ୍ଦ ଓ ଚିତ୍ତର ସମଷ୍ଟି । ଯୋଗଯୁକ୍ତ ଆତ୍ମାତ୍ମନ ଅବସ୍ଥାରେ ତାଙ୍କର ସେଠାରେ ଅବସ୍ଥିତି । ସୃଷ୍ଟିର ବାସନା ଜାଗ୍ରତ ହୁଅନ୍ତେ, ସେ ନଗ୍ନ ହେଲେହେଁ ଊର୍ମି, ଧୂମ୍ର, ଜ୍ୟୋତି, ଜ୍ୱାଳା ଓ ବିନ୍ଦୁ ଏହି ପାଞ୍ଚକଳା ଯୁକ୍ତ ପ୍ରକୃତିକୁ ଭଗବାନ ଜାତ କରନ୍ତି । ଏହି ପ୍ରକୃତି ଚନ୍ଦ୍ରସ୍ଥ ଓ ଅଚନ୍ଦ୍ରସ୍ଥ । ପାଞ୍ଚ କଳା ଯଥାକ୍ରମେ ଶ୍ୱେତ, ପୀତ, ଲୋହିତ, କୃଷ୍ଣ ଓ ଶ୍ୟାମ ଏହି ପାଞ୍ଚବର୍ଣ୍ଣ ବିଶିଷ୍ଟ । ଋକ୍, ଯଜୁ, ସାମ, ଅଥର୍ବ ଏ ଶିଶୁ ବେଦର ମୂଳ ସ୍ୱରୂପ ଏବଂ ମନ, ସ୍ପନ, କ୍ରମନ, ବ୍ରମନ ଓ ଅମନର ସୂକ୍ଷ୍ମାବସ୍ଥା । ଏହି ପାଞ୍ଚକଳା ଜଳରେ ପଡ଼ନ୍ତେ ଯୋଗମାୟା ଜାତ ହେଲେ । ଏହି ଜଳର ନାମ କାରଣାର୍ଣ୍ଣବ । ଏହି ଯୋଗମାୟା ଆଦ୍ୟଶକ୍ତି ବା ଅର୍ଦ୍ଧମାତ୍ରା ତା'ପରେ ଜାତ ହେଲା କାଳପୁରୁଷ । ଏହି କାଳ 'କମଳ' ନାମରେ ଅଭିହିତ । କାଳ କାରଣାର୍ଣ୍ଣବରେ ସ୍ଥିର ହୋଇ ରହି ନପାରିବାରୁ, ଯୋଗମାୟା ସ୍ୱ ଅଙ୍ଗରୁ ଓଁକାର ଜାତ କଲେ । 'ଓଁ'ର ଉପରିଭାଗ ନାସୀ ଅର୍ଦ୍ଧମାତ୍ରା ସହ ସଂଲଗ୍ନ ଏବଂ ତାହା 'ବଜ୍ରକାଳା' ନାମରେ ଅଭିହିତ । ସେହି ବଜ୍ରକାଳା ଜ୍ୟୋତିର୍ଲିଙ୍ଗ ସ୍ୱୟଂ ସ୍ୱୟଜ ଜାଣିବ । ଏହି ଜ୍ୟୋତିର୍ଲିଙ୍ଗ ଏବଂ ଅର୍ଦ୍ଧମାତ୍ରା (ଶକ୍ତି = ଯୋଗମାୟା = ଦୁର୍ଗା)ଙ୍କ ସଂଯୋଗରେ ସୃଷ୍ଟିର ଉତ୍ପତ୍ତି । ଏହି ଜ୍ୟୋତିର୍ଲିଙ୍ଗଙ୍କ ଅନ୍ୟ ନାମ 'ବ୍ରହ୍ମ' ଓ ସ୍ଥୂଳ ବିଶେଷରେ ଅନନ୍ତ, ଶେଷ, ବଳଭଦ୍ର, ଏହି ଜ୍ୟୋତିର୍ଲିଙ୍ଗ ଆଦ୍ୟପୁରୁଷ ଏବଂ ଯୋଗମାୟା ଆଦ୍ୟ ପ୍ରକୃତି ।

ଅର୍ଦ୍ଧମାତ୍ରା ଉପରେ ବିନ୍ଦୁର ସଂଯୋଗରୁ ପ୍ରଣବ ବା ଓଁକାର । ସେହି ବିନ୍ଦୁ ବ୍ରହ୍ମରେ ଅଣାକାରଙ୍କ ଅବସ୍ଥିତି । ବିନ୍ଦୁରେ ଅଣାକାର ଅଣାକ୍ଷର ବ୍ରହ୍ମାଙ୍କର ସ୍ଥିତି । ସର୍ପାକୃତି ଅନନ୍ତ ସେହି ବିନ୍ଦୁରୁ ଜାତ । ଅନନ୍ତଙ୍କର ଅନ୍ୟନାମ ସୁଷୁମ୍ନା ବା ଶିଶୁମୁନା । ଏହି ସୁଷୁମ୍ନା ନାଡ଼ିର ଧ୍ୟାନ କଲେ, ସାଧକ ଶିଶୁବେଦ ବା ନବେଦ ବା ନସ୍ତ୍ରୈଗୁଣ୍ୟ ଲାଭ କରେ ।

ଅଣାଙ୍କଆ-ଦେ. ବଣ.-ଯେଉଁ ପଦାର୍ଥ ପ୍ରତ୍ୟେକଟିର ମୂଲ୍ୟ ଏକ ଅଣା ।

ଅଣାକ୍ଷର-ଦେ. ବଣ.- (ସଂ. ଅନକ୍ଷର) -ଅକ୍ଷରର ବହିର୍ଭୂତ, ଯାହା ଅକ୍ଷରଦ୍ୱାରା ପ୍ରକାଶିତ ହୋଇ ନପାରେ, ଅକ୍ଷୟ । ଦେ. ବ.-ଭଗବାନ ।

ଅଣାକ୍ଷର ଅଣମାତ୍ରା ଅଣନଶବଦ
ଶବଦର ଭେଦ ନାହିଁ ବ୍ରହ୍ମ ନଜ ପଦ ।
(ପ୍ରାଚୀ-ବ୍ରହ୍ମ ନରୂପଣ ଗୀତା)

ଅଣାଗୁର-ଗ୍ରା. ବି. (ସଂ. ଅନାଗୁର)-ଅନାଗୁର, ଆଗୁର ସ୍ୱଜତା, ଅଧର୍ମାଚରଣ, କଦାଗୁର, କୁପ୍ରଥା ।

ଅଣାଗୁଚ୍ଛ-ଦେ. ବ.-ଜଙ୍ଗଲୀ ଗୁଳ୍ମ ବିଶେଷ । ଉଚ୍ଚରେ ଏହା ୬ ଫୁଟ ବଢ଼େ ।

ଅଣାଗୁରୀ-ଗ୍ରା ବଣ (ସଂ. ଅନାଗୁଣ୍ଠ)-ଆଗୁର ସ୍ୱନ, ଭ୍ରଷ୍ଟାଗୁଣ୍ଠ (ବ୍ୟଙ୍ଗ)

ଅଣାନଉ-ଦେ ବ. ଓ ବଣ.-ଅଣନଉ (ଦେଖନ୍ତୁ)

ଅଣାନବେ-ଦେ. ବ. ଓ ବଣ.-ଅଣନଉ (ଦେଖନ୍ତୁ)

ଅଣାନବ୍‌ବେ-ଦେ. ବ. ଓ ବଣ.-ଅଣନଉ (ଦେଖନ୍ତୁ)

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

ଅଣାବଣା-ଦେ. ବି.-ବଶୃଙ୍ଖଳା, ଗୋଲମାଳ, ବହୁ ପରମାଣ । ଦେ. ବଣ.-ବଶୃଙ୍ଖଳ, ଗୋଲମାଳିଆ, ଇତସ୍ତତଃ, ବିକ୍ଷିପ୍ତ, ଅପର୍ଯ୍ୟାପ୍ତ, ବହୁ ପରମିତ, ବହୁ, ଅନେକ । ଜି. ବଣ.-ଅପର୍ଯ୍ୟାପ୍ତରୂପେ, ବିଶୃଙ୍ଖଳ ରୂପେ ।

ଅଣାୟତ-ଶ୍ରା. ବଣ. (ସଂ. ଅନାୟତ୍ତ)- ଅସ୍ୱାଧୀନ, ପରାଧୀନ, ନାଗର, ଉପାସ୍ୟାନ୍ତର ରହିତ, ନିଗ୍ରସ୍ତ, ଅଧିକାର ବହିର୍ଭୂତ, ଅବଶୀଭୂତ । ଗ୍ରା. ବି.-ସ୍ୱାତନ୍ତ୍ର୍ୟ ହୀନତା, ପରାଧୀନତା, ନିଗ୍ରସ୍ତ ଅବସ୍ଥା, ଅଧିକାରର ଅଭାବ ।

ଅଣାୟତ୍ତ-ଗ୍ରା. ବଣ. ଓ ବି (ସଂ. ଅନାୟତ୍ତ)-ଅଣାୟତ୍ତ (ଦେଖନ୍ତୁ)

ସତ୍ତଣ ଗୋପୀ ଅଣାୟତ୍ତେ
ଅଙ୍କାନ ମୋହେ ସ୍ୱଜପଥେ ।
(ଜଟନ୍ଧାଥ-ଭାଗବତ—୧୦ମ)

ଆଣିଯିବା-ଦେ. ଜି. (ଆଣିବା କ୍ରିୟାର କର୍ମବାଚ୍ୟରେ ରୂପ)-କୌଣସି ବ୍ୟକ୍ତିଦ୍ୱାରା ଆନତ ହେବା । (ଆଣିବା କ୍ରିୟାର କର୍ମବାଚ୍ୟ ରୂପ)-ଅନ୍ୟ ଦ୍ୱାରା ଅନେଇ ହେବା ବା ଏକ ପାଖକୁ ଢଳାଯିବା, ଆନମିତ ହେବା ।

ଅଣାଲଉ-ଗ୍ରା. ବି. ଓ ବଣ.-ଅଣନଉ (ଦେଖନ୍ତୁ)
ଅଣାଲବେ-ଗ୍ରା. ବି. ଓ ବଣ.-ଅଣନଉ (ଦେଖନ୍ତୁ)
ଅଣାଲ୍ଲଉ-ଗ୍ରା. ବି. ଓ ବଣ.-ଅଣନଉ (ଦେଖନ୍ତୁ)
ଅଣାଲ୍ଲବେ-ଗ୍ରା. ବି. ଓ ବଣ.-ଅଣନଉ (ଦେଖନ୍ତୁ)
ଅଣାଶୀ-ଦେ. ବି. ଓ ବଣ.-ଅଣାଅଣୀ (ଦେଖନ୍ତୁ)
ଅଣାଚେବା-ଦେ. ଜି -ଅଣାଯିବା (ଦେଖନ୍ତୁ)

ଅଣି-ଫ. ବି. (ଅଣ ଧାତୁ+କ୍ତି. ଇ)-ସୂଚର ଅଗ୍ରଭାଗ, ଶୂଳାଗ୍ର, ମୂନ, ପ୍ରାନ୍ତସୀମା, ଅଣକାଳ, ଗୁଡ଼ର କୋଣ । ଦେ. ବି.- ଏକଅଣା ମୂଲ୍ୟର ମୁଦ୍ରା, (ଏଡେ) ଅଣା ପରମିତ ମୁଦ୍ରା ।

ଅଣିଆ-ଦେ. ବି.-ଅଣାଇବା (କର୍ମ) (ଦେଖନ୍ତୁ)
ଅଣିଆଅଣି-ଦେ. ବି.-ଅଣାଅଣି (ଦେଖନ୍ତୁ)
ଅଣିଆ ଅଣେଇ-ଦେ. ବି.-ଅଣାଅଣି (ଦେଖନ୍ତୁ)
ଅଣିଆଇଁବା-ଦେ ଜି.-ଅଣାଇବା (ଦେଖନ୍ତୁ)

ଅଣିମାଦ ସୁଖତାସ୍ୱୀ, ଶୋଇଅଛୁ ଅଣିଆଇଁ,
ପଲ୍ୟଙ୍କ ଅଙ୍କରେ ଉଶେ ଏମନ୍ତ ଶୋଭ ।
(ଭଞ୍ଜ-ଲବଣ୍ୟବତୀ—୧୧)

ଅଣିଏ-ଦେ.ବି. ଓ ବଣ.-(ଆଦରାର୍ଥକ)-ଅଣାଏ, ଏକଅଣା ମାନ ।

ଅଣିକାଠି-ଦେ. ବି: (ଫ. ଅଣି+କାଷ୍ଠ)-ଯେଉଁ କାଠି ବା ଖିଲ ଦ୍ୱାରା ଚକର ଅରମାନ ପଦ୍ମ ସଙ୍ଗେ ଜଡ଼ା ହୋଇ କଷା ହୋଇଥାଏ । ଅରକୁ ପଦ୍ମରେ କଢ଼ାଯାଇଥିବା ଛିଦ୍ରରେ ପୂରାଇ ତାହା ହୁଗୁଳା ନ ହୋଇ ପଦ୍ମ ଉଦ୍ଦରେ ଚୁସ୍ତ ହୋଇ ବସିଯିବା ଉଦ୍ଦେଶ୍ୟରେ ପଦ୍ମର ଛିଦ୍ରରେ ଅର ସଙ୍ଗେ ଯେଉଁ ଖିଲ ବାଡ଼ିଆ ଯାଇଥାଏ ।

ଅଣିକଆ-ଦେ. ବଣ.-ଅଣାକଆ (ଦେଖନ୍ତୁ)
ଅଣିକୀଳା-ଦେ. ବି.-ଅଣକାଳ (ଦେଖନ୍ତୁ)
ଅଣିକାଳ-ଦେ. ବି.-ଅଣକାଳ (ଦେଖନ୍ତୁ)

ଅଣିଚଣି-ଗ୍ରା. ବି.-କୌଣସି ବ୍ୟକ୍ତିର ଯାବତୀୟ ଗୁପ୍ତ ଦୋଷ ବା ଛିଦ୍ର ।

ଅଣିଚଣି ଛଡ଼ାଇଦେବା-ଗ୍ରା. ଜି. (ଗାଳି ବା ଧମକାଣରେ ବ୍ୟବହୃତ)-ସମସ୍ତ ଗୁପ୍ତଦୋଷ ବା ଛିଦ୍ର ପ୍ରକାଶ କରଦେବା ।

ଅଣିଧରିବା-ଦେ. ଜି. (ଫ. ଆନମନ+ଧୃ ଧାତୁ)-କୌଣସି ପଦାର୍ଥ ବା ବ୍ୟକ୍ତିକୁ ଏକ ପାଖକୁ ଢଳାଇ କରି ବା ଆଡ଼ଜାଇ କରି ଧରିବା ।

ଅଣିବା-ଦେ, ଜି! (ଫ. ଆ+ନମ ଧାତୁ)-(ଅକର୍ମକ) କଡକୁ ଢଳିବା, ଏକ ପାଖକୁ ଢଳିବା, (ସକର୍ମକ)-କୌଣସି ପଦାର୍ଥକୁ ଏକ ପାଖକୁ ଢଳାଇବା ବା ଆଡ଼ଜାଇବା ।

ଅଣିମା-ଫ: ବି. (ଫ. ଅଣୁ+ଭାବାର୍ଥେ ଇମନ୍= ଅଣିମନ୍ ୧ମା. ୧ବ,)-

ପାଞ୍ଚଞ୍ଜଳ ଯୋଗ ଦର୍ଶନର ବିଭୂତି ପାଦରେ ବର୍ଣ୍ଣିତ ଅଷ୍ଟସିଦ୍ଧିମଧ୍ୟରୁ ଏକତମ ।

ଅଣିମାର ଅର୍ଥ ଅଣୁତା, ସୂକ୍ଷ୍ମତା, କ୍ଷୁଦ୍ରତା, ଅଣୁସର ହେବା ଅବସ୍ଥା ।
(ଦେଖନ୍ତୁ— ଅଷ୍ଟୈଶ୍ୱର୍ଯ୍ୟ)

ଅମାଣିଣ୍ଡବ୍ୟ-ଫ. ବି: (ନାମ) (ମଧ୍ୟପଦଲୋପୀ, ଅଣି=ଶୂଳାଗ୍ର, ମାଣ୍ଡବ୍ୟ ବ୍ୟକ୍ତିର ନାମ, ଅଣି ବା ଶୂଳାଗ୍ର ଯୋଗୁ ଚର୍ଦ୍ଦିତ ବା ବଖ୍ୟାତ ମାଣ୍ଡବ୍ୟ ।

ଜନୈକ ବ୍ରହ୍ମର୍ଷି । ସେ ଜଣେ ସତ୍ୟବାଦୀ ଓ ଜିତେନ୍ଦ୍ରିୟ ଥିଲେ । ସେ ଅନେକ ସମୟରେ ତପସ୍ୟାରତ

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

ରହୁଥିଲେ । ଏକଦା ଦଳେ ଚୋର ଗଜ୍ୟର ଗଜାଙ୍କ ଉଆସରୁ ଗ୍ଲେଶକଣ ଗ୍ଲେଶଦ୍ରବ୍ୟ ସବୁ ନେଇକରି ଯାଉଥିବା ବେଳେ ଏପର ଅଡୁଆରେ ପଡିଲେ ଯେ, ଧରା ପଡିଯିବା ଭୟରେ ଆଉ ନେବାକୁ ସାହସ ନକରି ମାଣ୍ଡବ୍ୟ ଋଷିଙ୍କ ଆଶ୍ରମରେ ଫୋପାଡ଼ି ଦେଇ ପଳାଇଲେ । ରାଜା ଯେତେବେଳେ ଜାଣିବାକୁ ପାଇଲେ ଚାଙ୍କର ବହୁ ଅମୂଲ୍ୟ ପଦାର୍ଥ ନଅର ମଧ୍ୟରୁ ଗ୍ଲେଶ ପାଇଛନ୍ତି, ସେ ରାଜ କର୍ମଚାରୀଙ୍କି ନର୍ଦ୍ଦେଶ ଦେଲେ ଗ୍ଲେଦ୍ରବ୍ୟଟାର କରିବାକୁ ଓ ଚୋରଙ୍କି ଧରିବାକୁ । ରାଜକର୍ମଚାରୀ ରାଜାଜ୍ଞା ପାଳନ ପୂର୍ବକ ବହୁ ସ୍ଥାନ ଖୋଜିବା ପରେ ମାଣ୍ଡବ୍ୟଙ୍କ ଆଶ୍ରମରେ ଗ୍ଲେଶ ପାଇଥିବା ସମ୍ପଦ ସବୁଠାରି ଜରିବା ସଙ୍ଗେ ସଙ୍ଗେ ଋଷିଙ୍କି ଚୋର ମନେକରି ରାଜାଙ୍କ ନକଟକୁ ଧରି ନେଇଗଲେ । ରାଜା ଗ୍ଲେଶମାଲ ସହ ଋଷିଙ୍କି ଦେଖି, ଚାଙ୍କି ଶୂଳରେ ବସାଇବା ପାଇଁ ଆଦେଶ ଦେଲେ । ଚାହାଙ୍କି ରାଜକର୍ମଚାରୀ ମାନେ ପାଳନ କରି ଋଷିଙ୍କି ଶୂଳରେ ବସାଇଲେ । କିନ୍ତୁ ସେ ଶୂଳରେ ନଳର ଅଗାଧ ତପୋବଳରେ ବହୁକାଳ ବସି ରହିଲେ । ଚାଙ୍କର ମୃତ୍ୟୁ ଆଦୌ ହେଲ ନାହିଁ । ରାଜା ଏହା ଶୁଣି ଦୁଃଖିତ ହେଲେ ଓ ଶୂଳୀ ପଡାକୁ ଦେଖିବା ପାଇଁ ଆସିଲେ । ଆସି ଦେଖିଲେ ଘଟଣା ସତ୍ୟ । ଋଷିଙ୍କର ମୃତ୍ୟୁ ହେବ କ'ଣ ? ସେ ଶୂଳ ଉପରେ ସତେଜ ଅବସ୍ଥାରେ ବସି ରହିଛନ୍ତି । ରାଜା ଅନୁମାନ କରିନେଲେ, ଏହାବ୍ୟତୀତ ଦେବଦେବୀଙ୍କ ସାଧାରଣ ପୁରୁଷ ନୁହନ୍ତି । ଏ ଜଣେ ସଦାପୁରୁଷ । ଚାଙ୍କି ଶୂଳରୁ ଓଟାଇ ଆଣିଲେ । ରାଜା ଯେତେବେଳେ ଜାଣିବାକୁ ପାଇଲେ ଏହି ବ୍ୟକ୍ତି ହେଉଛନ୍ତି ମାଣ୍ଡବ୍ୟ ବୃଦ୍ଧର୍ଷି, ଚାଙ୍କ ପାଦ୍ମକା ଜଡ଼ ଷମା ଭିକ୍ଷା କଲେ । କିନ୍ତୁ ରାଜା ଋଷିଙ୍କି ଶୂଳରୁ ଓଟାଇ ଆଣିବା ଜେଲେ, ଋଷି ଶୂଳରୁ ଉଠି ନପାରିବାରୁ ଶୂଳଟିକୁ ଚାହି ନଆସାଇଥିଲେ । ମାଣ୍ଡବ୍ୟଙ୍କ ପିଗ୍ଭରେ ଲଗି ରହିଥିବା ଶୂଳଖଣ୍ଡକୁ ବହନ କରି ସେ ତୀର୍ଥ ପର୍ଯ୍ୟଟନରେ ବାହାରିଲେ । ସେ ଶୂଳାଗ୍ର ବା ଅଣି ବହନ କରିଥିବାରୁ ଚାଙ୍କର ନାମ ହେଲ ଅଣିମାଣ୍ଡବ୍ୟ । କାରଣ ଶୂଳର ଅନ୍ୟ ନାମ ଅଣି । ପ୍ରାଣ ତ୍ୟାଗ ପରେ ଋଷି ଯମଙ୍କ ଏଡେବଡ ଶାସ୍ତି ପାଇବାର କାରଣ ପଚାରିବାରୁ ଯମ କହିଲେ, ଆପଣ ଚିଲ୍ଲାବେଳେ ଖେଳୁଥିବା ବେଳେ ଗୋଟିଏ ଟିଣ୍ଟିକାକୁ କଣ୍ଟା ଦେହରେ ଫୋଡ ସେ ଟିଣ୍ଟିକାକୁ କଷ୍ଟ ଦେଇଥିବାରୁ ଏପର ଦଣ୍ଡ ଆପଣଙ୍କୁ ଭୋଗିବାକୁ ପଡିଲା । ଏଥିରେ ମାଣ୍ଡବ୍ୟଙ୍କର ମନ ମାନିଲ ନାହିଁ । ବାଲ୍ୟାବସ୍ଥାରେ ଲୋକର ହିତାହିତ ଜ୍ଞାନ କିଛି ନଥାଏ । ସେଥି ବସ୍ୟସରେ ସେ ଯଦି କୌଣସି ପାପ କରିଥାଏ, ତାହା ଧର୍ତ୍ତବ୍ୟ ନୁହେଁ । ଲଘୁପାପ ଯୋଗୁ ଗୁରୁଦଣ୍ଡ ଦେଇଥିବାରୁ ଅଣିମାଣ୍ଡବ୍ୟ ଯମକୁ ଅଭିଶାପ ଦେଲେ । ଚତୁର୍ଦ୍ଦ ବର୍ଷ ବସ୍ୟସ ପୂର୍ବରୁ କେହି ପାପ କରିଥିଲେ ତାହା ଅଜ୍ଞାନକୃତ ବୋଲି ବିବେଚନ ହେବ ଓ ସେଥିପାଇଁ ଶାସ୍ତିର ବ୍ୟବସ୍ଥା ହୋଇପାରିବ ନାହିଁ ବୋଲି ଆଦେଶ ଦେଲେ । ଏହି ଅଭିଶାପ ଯୋଗୁ ଶୂଦ୍ର ଯୋନିରେ ବିଦୁର ଜାତିରେ ଜନ୍ମ ନିଅ କରିଥିଲେ ।

ଅଣିଷ୍ଠ-ଫ: ବିଣ. (ଅଣ୍ଡ + ଇଷ୍ଠର୍ଥରେ ଇଷ୍ଠ)-ଅତିସୂକ୍ଷ୍ମ ।

ଅଣିଢେଇବା-ଦେ. କ୍ରି.-ଅଣାଇ ଦେବା (ଦେଖନ୍ତୁ)

ଅଣୀ-ଫ. ବି. (ଅଣ ଧାତୁ + କର୍ତ୍ତୃ ଈ)-ଅଣି (ଦେଖନ୍ତୁ)

ଅଣୀୟସୀ-ଫ. ବିଣ. ସ୍ତ୍ରୀ (ଅଣୀୟସ୍ + ଈ)-ଅଣୀୟାନ୍‌ର ସ୍ତ୍ରୀ ଲିଙ୍ଗ ।

ଅଣୀୟାନ୍-ଫ. ବିଣ. ପୁ: (ଅଣ୍ଡ + ଅତ୍ୟର୍ଥେ ଇୟସୁ = ଅଣୀୟସ୍, ୧ମା, ୧ବ.)-ଅତିସୂକ୍ଷ୍ମ ।

ଅଣ୍ଡ-ଫ. ବିଣ. (ଅଣ ଧାତୁ + ଉ)-ଅତିକ୍ଷୁଦ୍ର, ଅତିସୂକ୍ଷ୍ମ । ଫ. ବି.ଅତିକ୍ଷୁଦ୍ରାଂଶ, ସୂକ୍ଷ୍ମାଂଶ, ସୂକ୍ଷ୍ମତମ ଅଂଶ, ପଦାର୍ଥର କ୍ଷୁଦ୍ରତମ ଅଂଶ, କଣିକା, କଣା, ବାୟୁରେ ଭାସମାନ ଅତି ସୂକ୍ଷ୍ମ ଧୂଳିକଣା (ଯାହା ସୂର୍ଯ୍ୟକିରଣରେ ଦେଖାଯାଇଥାଏ), ସୂକ୍ଷ୍ମ ଧାନ୍ୟ, ଅତିକ୍ଷୁଦ୍ର ଶସ୍ୟ (ଯଥା- ତୁନା, ସୋରିଷ, ପୁଆଁ), ଅଣୁଧାନ୍ୟ, ଅତି ସୂକ୍ଷ୍ମକାଳ, ଏକ ମୁହୂର୍ତ୍ତ ବା ୪୮ ମିନିଟର $\frac{1}{5467500}$ ଭାଗ ଏକ ସେକେଣ୍ଡର ପ୍ରାୟ $\frac{1}{1900}$ ଭାଗ, ସଙ୍ଗୀତ ଶାସ୍ତ୍ର ଜଣ୍ଡ ଚାରିମାତ୍ରା ମଧ୍ୟରୁ ଏକତମ (ପାଞ୍ଚଟି ମାତ୍ରା, ଯଥା-ଅର୍द्ध, ହ୍ରସ୍ୱ, ଦୀର୍ଘ, ପ୍ଲୁତ ଓ ଅଣୁ)

(୧) ଅଣୁ (*molecule*)-କୌଣସି ଜଡ଼ ପଦାର୍ଥକୁ ଭାଙ୍ଗି ଯାନ ଯାନ ଜଳେ କ୍ରମଶଃ ଏପରି ଏକ ଅବସ୍ଥାରେ ପହଞ୍ଚି ଦେବ ଯେ ପଦାର୍ଥର ଗୁଣ ଅରୁଣ ରହି ଆଉ ଅଧିକ ସାନ କରିଯାଇ ପାରିବ ନାହିଁ, ଏ ପ୍ରକାର କ୍ଷୁଦ୍ରତମ ଅଂଶର ନାମ ଅଣୁ । ଅର୍ଥାତ୍ କୌଣସି ଜଡ଼ ପଦାର୍ଥର (ଯୌଗିକ ହେଉ କମ୍ବା ମୌଳିକ ହେଉ) ଯେଉଁ କ୍ଷୁଦ୍ରତମ କଣିକାରେ ସେହି

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

ଜଡ ପଦାର୍ଥର ସମସ୍ତ ଧର୍ମ ନଷ୍ଟ ହୋଇ ଯାଏ, ସେହିପରି କଣିକାକୁ ଉକ୍ତ ପଦାର୍ଥର ଅଣୁ କୁହାଯାଏ । ବିଭିନ୍ନ ପଦାର୍ଥର ଅଣୁ ବିଭିନ୍ନ, ଅର୍ଥାତ୍ ଜଳର ଅଣୁ ତେଲର ଅଣୁଠାରୁ ଏବଂ ତେଲର ଅଣୁ କାଠର ଅଣୁଠାରୁ ପୃଥକ୍ । ଅଣୁମାନଙ୍କ ମଧ୍ୟରେ କଳ୍ପନାତୀତ ଷ୍ଟ୍ରକ୍ ବ୍ୟବଧାନ ଥାଏ ଏବଂ ଏମାନେ ପରସ୍ପରକୁ ସ୍ଥିର ଓ ଅବସ୍ଥା ଭେଦରେ ଆକର୍ଷଣ ବା ବିକର୍ଷଣ କରିଥାନ୍ତି । କଠିନ ପଦାର୍ଥରେ ଅଣୁମାନଙ୍କ ଆକର୍ଷଣ ସର୍ବାଧିକ, ତରଳରେ ତା'ଠାରୁ କମ୍ ଓ ଗ୍ୟାସ୍‌ରେ ଆଦୌ ନାହିଁ କହିଲେ ଚଳେ । ତାପମାତ୍ରାର ତାରତମ୍ୟ ଅନୁସାରେ ପଦାର୍ଥ ମଧ୍ୟସ୍ଥ ଅଣୁମାନଙ୍କ ଆକର୍ଷଣ କମ୍ ବେଶୀ ହେବା ଫଳରେ ଏକ ପଦାର୍ଥ କଠିନ, ତରଳ ବା ଗ୍ୟାସ୍ ଯେ କୌଣସି ଅବସ୍ଥା ଧରିପାରେ, ଯଥା-ବରଫ ଜଳ ଓ ଜଳୀୟ ବାଷ୍ପ ।

ଅଣୁଗୁଡ଼ିକ ମଧ୍ୟରେ ଏକପ୍ରକାର ଆକର୍ଷଣ ବଳ ରହିଥିବାକଥା ପୂର୍ବରୁ ଆଲୋଚନା କରାଯାଇଛି, ଏହି ଆକର୍ଷଣ ବଳ ପଦାର୍ଥର କଠିନ, ତରଳ ଓ ଗ୍ୟାସୀୟ ଅବସ୍ଥାରେ ସମାନ ନୁହେଁ । କଠିନ ଅବସ୍ଥାରେ ଅଣୁଗୁଡ଼ିକ ମଧ୍ୟରେ ଥିବା ଆକର୍ଷଣ ବଳ ଅଧିକ । ତେଣୁ ଅଣୁଗୁଡ଼ିକ



ପରସ୍ପର ଖୁବ୍ ନିକଟରେ ଲାଖାଲାଗି ହୋଇ ରହିଥାନ୍ତି । ତେଣୁ ପଦାର୍ଥର କଠିନ ଅବସ୍ଥାରେ ଅଣୁଗୁଡ଼ିକର ଗତି ଖୁବ୍ ସୀମିତ । ଏହି କାରଣରୁ କଠିନ ପଦାର୍ଥର ନିଜର ନିର୍ଦ୍ଦିଷ୍ଟ ଆକାର ଓ ଆୟତନ ଥାଏ । ଏହା କଠିନ ହୋଇ ଥିବାରୁ ସାଧାରଣତଃ ଏହାକୁ ଚପି ଆଉ ଟ୍ରେଞ୍ଚ କରିଯାଇ ପାରେ ନାହିଁ ।

କିନ୍ତୁ ଯେତେବେଳେ କଠିନ ପଦାର୍ଥକୁ ଉତ୍ତପ୍ତ କରିଯାଏ, ସେତେବେଳେ କଠିନ ପଦାର୍ଥ ମଧ୍ୟରେ ଥିବା ଅଣୁଗୁଡ଼ିକ ଅଧିକ ଶକ୍ତି ପାଇଯାଆନ୍ତି ଓ ଏହା ଫଳରେ ଅଧିକ ବେଗରେ ଗତି କରିବା ଆରମ୍ଭ କରିଦିଅନ୍ତି । କଠିନ ପଦାର୍ଥର ଗଳନାଙ୍କରେ ଅଣୁଗୁଡ଼ିକର ଗତିକନିତ ବଳ ସେଗୁଡ଼ିକ ମଧ୍ୟରେ ଥିବା ଆକର୍ଷଣ ବଳକୁ ଟପିଯାଏ । ତେଣୁ କଠିନ ପଦାର୍ଥଟି ତରଳିଯାଇ ତରଳାବସ୍ଥା ଧାରଣ କରେ । ତରଳ ପଦାର୍ଥର ଅଣୁଗୁଡ଼ିକ ମଧ୍ୟରେ ଥିବା ଆକର୍ଷଣବଳ କଠିନପଦାର୍ଥର ଅଣୁ ମଧ୍ୟରେ ଥିବା



ଆକର୍ଷଣ ବଳଠାରୁ କମ୍ । ତେଣୁ ତରଳ ପଦାର୍ଥର ଅଣୁ-ଗୁଡ଼ିକ ଖୁବ୍ ପାଖାପାଖି ରହିଥିଲେ ମଧ୍ୟ ଅଧିକ ସ୍ୱାଚ୍ଛନ୍ଦ୍ୟରେ ବୁଲାବୁଲି କରିପାରନ୍ତି । ଏହି କାରଣରୁ ତରଳ ପଦାର୍ଥ ଉଚ୍ଚ ସ୍ଥାନରୁ ନିମ୍ନ ସ୍ଥାନକୁ ପ୍ରବାହିତ ହୋଇଥାଏ । ତରଳ ପଦାର୍ଥର ନିଜର ନିର୍ଦ୍ଦିଷ୍ଟ ଆକାର ନଥାଏ । ଏହାକୁ ଯେଉଁ ପାତ୍ରରେ ରଖାଯାଏ, ତାହା ସେହି ପାତ୍ରର ଆକାର ଧାରଣ କରେ ।

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

ଅଣ୍ଡୁ

ଗ୍ୟାସୀୟ ପଦାର୍ଥ ମଧ୍ୟରେ ଯେଉଁ ଅଣୁ ରହିଥାଏ, ତାହାର ଆକର୍ଷଣ ବଳ, କଠିନ ବା ତରଳ ପଦାର୍ଥ ମଧ୍ୟରେ ଯେଉଁ ଅଣୁ ରହିଥାଏ, ତା' ମଧ୍ୟରେ ଥିବା ଆକର୍ଷଣ ବଳ ତୁଳନାରେ ନଗଣ୍ୟ ବା ଖୁବ୍ କମ୍ ଅଟେ । ତେଣୁ ଗ୍ୟାସୀୟ ପଦାର୍ଥ ମଧ୍ୟରେ ଥିବା ଅଣୁଗୁଡ଼ିକ ପରସ୍ପର ଠାରୁ ଦୂରରେ ରହି ଅତି ସ୍ୱାଚ୍ଛନ୍ଦ୍ୟରେ ବୁଲାବୁଲି କରି ପାରନ୍ତି । ଗ୍ୟାସୀୟ ପଦାର୍ଥର ମଧ୍ୟ ନିଜର ଆକାର ଓ ଆୟତନ ନଥାଏ । ଏହାକୁ ଯେଉଁ ପାତ୍ରରେ ରଖାଯାଏ, ତାହା ସେହି ପାତ୍ରର ଆକାର ଓ ଆୟତନ ଧାରଣ କରେ ।



ଗ୍ୟାସୀୟ ପଦାର୍ଥକୁ ଅଧିକ ଚାପପ୍ରୟୁକ୍ତ କଲେ ତାହାର ଆୟତନ କମିଯାଏ । ଏତଦ୍ଭବେଳେ ଏହାର ଅଣୁଗୁଡ଼ିକ ମଧ୍ୟରେ ଥିବା ବ୍ୟବଧାନ କମି ଆସେ ଓ ଅଣୁଗୁଡ଼ିକ ପରସ୍ପରର ନିକଟବର୍ତ୍ତୀ ହୋଇଯାଆନ୍ତି ।

ଅଣୁଗୁଡ଼ିକ ଏତେ ସାନ ଯେ, ଖାଲି ଆଖିରେ କାହିଁକି, ଶକ୍ତିଶାଳୀ ଅଣ୍ଵୀକ୍ଷଣଯନ୍ତ୍ରରେ ମଧ୍ୟ ଦେଖାଯାଇ ନାହିଁ । ପୁଞ୍ଜୀଭୂତ ଆକାର ତୁଳନାରେ ଗୋଟିଏ କଣିକା କେତୋଟି ଅତି ଆକାର ତୁଳନାରେ ଗୋଟିଏ ଅଣୁର ଆକାର ତା'ଠାରୁ ଅଧିକ ଛୋଟ । ଅଣୁଗୁଡ଼ିକ ଏତେ କ୍ଷୁଦ୍ର ଯେ, ସାଧାରଣ ଅଣୁକୁ ଗାଖ ଗାଖ କରି ଯଦି ଗୋଟିଏ ଧାଡ଼ିରେ ରଖାଯାଏ, ତେବେ ସେ ଧାଡ଼ିର ଲମ୍ବ ଏକ ଇଞ୍ଚ ହେବ କି ନାହିଁ ସନ୍ଦେହ । ଏକ ଘନ ଇଞ୍ଚ ବାୟୁରେ ଥିବା ଅଣୁର ସଂଖ୍ୟା ୮୦୦,୦୦୦,୦୦୦,୦୦୦,୦୦୦,୦୦୦ ରୁ ଅଧିକ । ଏଣୁ ଅଣୁ କେତେ ସାନ ଏଥିରୁ ସହଜରେ ଅନୁମାନ କରିହେବ ।

ବହୁ ପ୍ରାଚୀନ କାଳରେ ଭାରତୀୟ ଓ ଗ୍ରୀକ୍ ଦାର୍ଶନିକମାନେ ଅଣୁ ସମ୍ବନ୍ଧରେ ଜାଣିଥିଲେ ମଧ୍ୟ ଅଣୁଗୁଡ଼ିକ ଆଖିକୁ ଦେଖାଯାଉନାହିଁ ବୋଲି ବହୁ ବୈଜ୍ଞାନିକ ସେମାନଙ୍କର ଅସ୍ତିତ୍ୱ ସମ୍ବନ୍ଧରେ ବହୁଦିନ ପର୍ଯ୍ୟନ୍ତ ସନ୍ଦିହାନ ଥିଲେ । ମାତ୍ର ପରେ ନିର୍ଭୁଲ ଭାବରେ ଜଣାଗଲା ଯେ, ପ୍ରତ୍ୟେକ ବସ୍ତୁ ଅଣୁମାନଙ୍କର ସମାହାରରେହିଁ ଗଠିତ । ଯେଉଁ ପ୍ରମାଣଗୁଡ଼ିକ ପାଇବାପରେ ଅଣୁଗୁଡ଼ିକର ଅସ୍ତିତ୍ୱ ସମସ୍ତେ ସ୍ୱୀକାର କରିବାକୁ ବାଧ୍ୟ ହେଲେ, ସେଥି ମଧ୍ୟରୁ ନିମ୍ନରେ ଗୋଟିଏ ଉଦାହରଣ ସ୍ୱରୂପ ଦିଆଗଲା ।

ଗୋଟିଏ ଶକ୍ତିଶାଳୀ ଅଣ୍ୱୀକ୍ଷଣ ଯନ୍ତ୍ର ସାହାଯ୍ୟରେ ଦେଖିଲେ ଧୂଆଁ ମଧ୍ୟରେ ଅନେକ କ୍ଷୁଦ୍ର କ୍ଷୁଦ୍ର କଣା (*Particle*) ସବୁବେଳେ ଏଣେତେଣେ ଗତି କରୁଥିବାର ଦେଖାଯାଏ । ଏ କଣାଗୁଡ଼ିକ ଅଣୁ ନୁହନ୍ତି ମାତ୍ର ଏମାନେ ଏପରି ଗତି କରିବାର କାରଣ କଣ ? ଉନବିଂଶ ଶତାବ୍ଦୀରୁ ବୈଜ୍ଞାନିକମାନେ ଧରି ନେଇଛନ୍ତି ଯେ, ଗୋଟିଏ ବାସ୍ତୁ ମଧ୍ୟରେ ଅଣୁମାନେ କ୍ଷିପ୍ରଗତିରେ ସର୍ବଦା ଗତି କରୁଥାନ୍ତି । ଧୂଆଁ ମଧ୍ୟରେ ଏହି ଅଣୁମାନେ ବାତାବରଣ ତରରୁ ଆସି ଜଳକ୍ଷୁଦ୍ର କ୍ଷୁଦ୍ର କଣାମାନଙ୍କୁ ଧକ୍କା ଦିଅନ୍ତି । ଫଳରେ ଜଳକ୍ଷୁଦ୍ର କ୍ଷୁଦ୍ର କଣାଗୁଡ଼ିକ ଧକ୍କା ଖାଇ ବାତାବରଣ ତରକୁ ଫିଙ୍ଗି ହୋଇ ପଡନ୍ତି । ଏହି ଘଟଣାଟିକୁ ବୁଝିବାପାଇଁ ଅଣୁମାନଙ୍କର ଅସ୍ତିତ୍ୱ ସ୍ୱୀକାର କରିବା ଛଡ଼ା ଅନ୍ୟ ଉପାୟ ନାହିଁ । ଜଣେ ଇଂରେଜ ଉଦ୍ଭିଦ-ବୈଜ୍ଞାନିକ ବ୍ରାଉନ ଏହିପରି କ୍ଷୁଦ୍ର କ୍ଷୁଦ୍ର କଣାମାନଙ୍କର ଗତିକୁ ପ୍ରଥମେ ଥିବାର ପ୍ରମାଣ କରିଇଥିବାରୁ ତାଙ୍କ ନାମାନୁସାରେ ଏହି ଗତିକୁ 'ବ୍ରାଉନୀୟ ଗତି' (*Brownian movement*) କୁହାଯାଏ ଏବଂ ଉକ୍ତ କ୍ଷୁଦ୍ର କ୍ଷୁଦ୍ର କଣାଗୁଡ଼ିକୁ ବ୍ରାଉନୀୟ କଣାବୋଲି ମଧ୍ୟ କୁହାଯାଏ । ବ୍ରାଉନୀୟ ଗତିରୁ ଜଣାଗଲା ଯେ ପ୍ରତ୍ୟେକ ପଦାର୍ଥ ଅଣୁମାନଙ୍କର ସମାହାରରେ ଗଠିତ ଏବଂ ପ୍ରତ୍ୟେକ ପଦାର୍ଥର ଅଣୁଗୁଡ଼ିକ ଅସଲଗ୍ନ ।

ଏ ସମ୍ପର୍କରେ ଆଉ ଗୋଟିଏ ଉଦାହରଣ ଦିଆଯାଇପାରେ । ତାହା ହେଲା, ଗୋଟିଏ ଅଗରବତ୍ତା ଜଳିବା ବେଳେ ସେଥିରୁ ବାହାରୁଥିବା ଧୂଆଁ ଉପର ବାୟୁରେ

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

ବ୍ୟାପେ ତାହା ଆମେ ଦେଖିଥାଏ । ଗୋଟିଏ ପାତ୍ରରେ ଜଳ ନେଇ ସେଥିରେ ଗୋଟିଏ ଛାଲ ବତିକା ପକାଇଲେ ତାହା ଯେପରି ଶୀଘ୍ର ମିଳାଇ ଯାଇ ମିଶିଯାଏ, ତାହା ମଧ୍ୟ ଆମେ ଦେଖିବାକୁ ପାଇ । କିଛି ସମୟ ପରେ ପାତ୍ରରେ ଥିବା ସମସ୍ତ ଜଳ ରଙ୍ଗିନ ହୋଇଯାଏ । ଏହି ଦୁଇଟି ପଦାର୍ଥରୁ ଅଣୁ,ବାୟୁ ଓ ଜଳରେ ଏପରି ଗତିକରେ ତାହା ଜାଣିହୁଏ । ଅଣୁଗୁଡିକର ଏହିପରି ଗତିକୁ ବିସରଣ (*Diffusion*) କୁହାଯାଏ ।

କୌଣସି ଗ୍ୟାସୀୟ ପଦାର୍ଥ ଅନ୍ୟ ଏକ ଗ୍ୟାସୀୟ ପଦାର୍ଥ ମଧ୍ୟଦେଇ ବ୍ୟାପିଯିବାକୁ ଗ୍ୟାସୀୟ ବିସରଣ କୁହାଯାଏ । ଗୋଟିଏ ତରଳ ବା କଠିନ ପଦାର୍ଥ ଅନ୍ୟ ଗୋଟିଏ ତରଳ ପଦାର୍ଥ ମଧ୍ୟଦେଇ ଦ୍ରବୀଭୂତ ହେବା କ୍ରିୟାକୁ ମଧ୍ୟ ବିସରଣ କୁହାଯାଏ । ଉକ୍ତ ବିସରଣ ପ୍ରକ୍ରିୟାରୁ ଜଣାଯାଏ ଯେ ଅଣୁଗୁଡିକ ଗତିଶୀଳ । ଗ୍ୟାସ ଅଣୁର ବିସରଣଦ୍ୱାର ଉକ୍ତ ଗ୍ୟାସୀୟ ପଦାର୍ଥର ବାଷ୍ପ ଘନତ୍ୱ (*Vapour density*) ଓ ଆଣବିକ ଗୁରୁତ୍ୱ ଉପରେ ନିର୍ଭର କରେ । ବାଷ୍ପ ଘନତ୍ୱ ବେଶୀ ହୋଇଥିଲେ ପଦାର୍ଥର ବିସରଣଦ୍ୱାର କମ୍ ହୁଏ ।

ଅଣୁମାନଙ୍କର ଗତିହିଁ ସେମାନଙ୍କୁ କାର୍ଯ୍ୟକାରିଣୀ ଶକ୍ତି ଦେଇଥାଏ । ବସ୍ତୁ ମଧ୍ୟରେ ଥିବା ଅଣୁମାନଙ୍କର ଏହି ଶକ୍ତିର ସମାହାରହିଁ ଉଷ୍ମତା । ଗୋଟିଏ ବସ୍ତୁର ଉଷ୍ମତା ବୃଦ୍ଧିର ଅର୍ଥ - ସେଥିରେ ଥିବା ଅଣୁମାନଙ୍କର ଗତିର କ୍ଷିପ୍ରତାବୃଦ୍ଧି । ବିପଦ୍ଜନକ ଭାବରେ ଫୋଟିଲେ ଯଦି ଗିଲସେ ଗରମ ପାଣିକୁ ଥଣ୍ଡା କରିଯାଏ, ତେବେ ଆମକୁ ବୁଝିବାକୁ ହେବ ଯେ, ସେଥିରେ ଥିବା ଅଣୁଗୁଡିକର ଗତିର କ୍ଷିପ୍ରତା କମିଯାଇଛି । ତରଳ ପଦାର୍ଥରେ ଅଣୁମାନେ ଏଣେତେଣେ ଗତି କରୁଥାନ୍ତି । ପାଣି ଗିଲସକ ଅଧିକ ଥଣ୍ଡା ହୋଇଗଲେ ସେଥିରେ ଥିବା ଅଣୁଗୁଡିକର କ୍ଷିପ୍ରତା ଏତେ କମିଯାଏ ଯେ, ସେମାନେ ପରସ୍ପର ପ୍ରତି ଥିବା ଆକର୍ଷଣ ଶକ୍ତି ଫଳରେ ନିର୍ଦ୍ଦିଷ୍ଟ ସ୍ଥାନମାନଙ୍କରେହିଁ ରହିଯାନ୍ତି । ସେତେବେଳେ ଏହି ପାଣି ବରଫରେ ପରିଣତ ହୋଇଯାଏ । ବରଫ ମଧ୍ୟରେ ଅଣୁଗୁଡିକ ସ୍ୱ ସ୍ୱ ସ୍ଥାନର ଦୁଇ ପାଖରେ ଦୋହଲୁ ଥାନ୍ତି । ନିର୍ଦ୍ଦିଷ୍ଟ ସ୍ଥଳରେ ସଜାଡି ହୋଇ ରହି ଅଣୁମାନେ ଏ ଅବସ୍ଥାରେ କମ୍ପି ଥିବାର ଅନୁମିତ ହୁଏ । ଯଦି ଏହାର ଉଷ୍ମତା ଆହୁରି କମାଇ ଦିଆଯାଏ, ତେବେ ଅଣୁଗୁଡିକର ଏହି କମ୍ପନ ମଧ୍ୟ ଆହୁରି କମିଯିବ । ଯଦି ବସ୍ତୁ ମଧ୍ୟସ୍ଥ ଅଣୁଗୁଡିକର ଗତି ଆପାତତଃ ବନ୍ଦ ହୋଇଯିବାର ପ୍ରତିତ ହେବ, ତେବେ ବସ୍ତୁଟି ଉଷ୍ମତାହୀନ ବୋଲି ବୁଝାଯିବ । ଅନ୍ୟ ପକ୍ଷରେ ପାଣିର ଉଷ୍ମତା ବଢିବା ସଙ୍ଗେ ସଙ୍ଗେ ଏଥିରେ ଥିବା ଅଣୁମାନଙ୍କର ଗତିର କ୍ଷିପ୍ରତା ବଢ଼େ ଓ ଶେଷରେ ଏହି କ୍ଷିପ୍ରତା ଏତେ ବଢିଯାଏସେ, ସେମାନଙ୍କ ମଧ୍ୟରେ ଥିବା ଆକର୍ଷଣ-ଶକ୍ତିକୁ ଏଡି ଅଣୁମାନେ ଏଣେତେଣେ ଗଡ଼ିଯାଆନ୍ତି । ସେତେବେଳେ ଆମେ କହିଥାଇ ଥାଉ । ବାଷ୍ପ ମଧ୍ୟରେ ଏହି ଅଣୁମାନେ କ୍ଷିପ୍ରଗତିରେ ଏଣେତେଣେ ଗତି କରୁଥାନ୍ତି ଓ ପରସ୍ପରକୁ ଆଘାତ କରୁଥାନ୍ତି ।

ଅଣୁ ସମ୍ପର୍କରେ ଆଲୋଚନା କରିବା ସମୟରେ ପରମାଣୁ ସମ୍ପର୍କରେ ଆଲୋଚନା ଜରୁରି ଏକାନ୍ତ ଅବଶ୍ୟକ । କାରଣ କ୍ଷୀର ସଦୃଶ ନରର ସମ୍ପର୍କ ପଣ ଅଣୁ ସଦୃଶ ପରମାଣୁର ସମ୍ପର୍କ ଅତି ନିବିଡ଼ । ପରମାଣୁ ସମ୍ପର୍କରେ ସମ୍ୟକ ଧାରଣା ନ ହେଲେ ଅଣୁ ବିଷୟରେ ବୁଝିବା ଆମ ପକ୍ଷେ ସହଜ ନୁହେଁ । ଏହି ଅଧ୍ୟାୟରେ ପରମାଣୁ ସମ୍ପର୍କରେ ସମ୍ୟକ ଧାରଣା ହୃଦୟଙ୍ଗମ କରିବା ପରମାଣୁ ଅଧ୍ୟୟନରେ ସଂପୃକ୍ତି ଆଲୋଚନା କରିବି ।

ଅଣୁର କ୍ଷୁଦ୍ରତମ ଅଂଶକୁ ପରମାଣୁ କୁହାଯାଏ । ପରମାଣୁକୁ ଇଂରାଜୀରେ କୁହାଯାଏ ଆଟମ (*Atom*) । ଦୁଇ କିମ୍ବା ଅଧିକ ବିଭିନ୍ନ ପରମାଣୁ ମିଶି ଅଣୁ ଗଠିତ । ପଦାର୍ଥର ଅଣୁରେ ସେହି ପଦାର୍ଥର ଗୁଣ ଅଭିନ୍ନ ଥାଏ, ମାତ୍ର ପରମାଣୁର ଗୁଣ ସମ୍ପୂର୍ଣ୍ଣ ସ୍ୱତନ୍ତ୍ର । କୌଣସି ଅଣୁ ମଧ୍ୟରେ ପରମାଣୁର ସଙ୍ଖ୍ୟା ଓ ଗଠନଗତ ଭେଦରେ ପଦାର୍ଥର ରୂପ ନିରୂପିତ ହୁଏ ।

ଏହି ପରମାଣୁଗୁଡିକର ମିଳନରେହିଁ ଅଣୁର ସୃଷ୍ଟି । ଏହି ଦୁନିଆଁ ପରିବର୍ତ୍ତନଶୀଳ । ମନୁଷ୍ୟ, ପ୍ରାଣୀ ଜଗତ ଓ ବିଭିନ୍ନ ଜୈବିକ ପଦାର୍ଥମାନଙ୍କଠାରୁ ଆରମ୍ଭ କରି ବାୟୁମଣ୍ଡଳ, ପର୍ବତଶ୍ରେଣୀ ଓ ସମୁଦ୍ରର ଅତଳ ଜଳରାଶି ପର୍ଯ୍ୟନ୍ତ ସମସ୍ତ ଅଜୈବିକ ପଦାର୍ଥଗୁଡିକର ମଧ୍ୟ ଏ ଦୁନିଆଁରେ ଦିନକୁ ଦିନ ବିଭିନ୍ନ ଭାବରେ ପରିବର୍ତ୍ତନ ଘଟିଚାଲିଛି ।

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

ଏକ ବା ଏକରୁ ଅଧିକ ବିଭିନ୍ନ ପରମାଣୁର ମିଶ୍ରଣ ଫଳରେ ଅଗଣିତ ଅଣୁ ସୃଷ୍ଟି ହେଉଛୁ । ପ୍ରତ୍ୟେକ ବସ୍ତୁର ଅବସ୍ଥିତ ଗୋଟିଏ ବା ଗୋଟିଏରୁ ଅଧିକ ଅଣୁର ମିଶ୍ରଣ ଫଳରେ ସମ୍ଭବ ହୋଇପାରୁଛୁ । ବସ୍ତୁଗୁଡିକର ପ୍ରାକୃତିକ ଓ ଅପ୍ରାକୃତିକ ଭାବରେ ଯେଉଁ ପରିବର୍ତ୍ତନ ଘଟୁଛୁ, ଏ ସମସ୍ତ ପ୍ରକାର ପରିବର୍ତ୍ତନକୁ ଦୁଇଭାଗରେ ଭାଗକୁ କରାଯାଇପାରେ । ପ୍ରଥମଟି ବାହ୍ୟ ବା ଦୈହିକ ପରିବର୍ତ୍ତନ । ଏହାକୁ ଇଂରାଜୀ ଭାଷାରେ 'ଫିଜିକାଲ୍ ଚେଞ୍ଜ' ବୋଲି କୁହାଯାଏ । ଅନ୍ୟ ପ୍ରକାର ପରିବର୍ତ୍ତନଟିର ନାମ ରାସାୟନିକ ପରିବର୍ତ୍ତନ ବା 'କେମିକାଲ୍ ଚେଞ୍ଜ' ।

'ଫିଜିକାଲ୍ ଚେଞ୍ଜ' ବା ବାହ୍ୟ ପରିବର୍ତ୍ତନ ଦ୍ୱାରା ବିଭିନ୍ନ ଅଣୁଗୁଡିକ ଯେଉଁ ପରମାଣୁ ଗୁଡିକ ଦ୍ୱାରା ଗଠିତ ହୋଇଥାଆନ୍ତି, ସେଗୁଡିକର କୌଣସି ପରିବର୍ତ୍ତନ ହୁଏ ନାହିଁ । ଏ ନମ୍ବରେ ଦିଆଯାଇଥିବା ଉଦାହରଣରୁ ଆମେ ସହଜରେ ଏହା ବୁଝିପାରିବା । ପାଣି ଗୋଟିଏ ଅତି ସାଧାରଣ ଜିନିଷ । ଏହାର ଅଭାବ ଘଟିଲେ ଆମ୍ଭମାନଙ୍କ ପକ୍ଷରେ ବଞ୍ଚିବା ଅସମ୍ଭବ । ବୁନ୍ଦାବୁନ୍ଦାଏ ପାଣି ମିଶି ଗିଲାସେ ପାଣିହୁଏ । କିନ୍ତୁ ବୁନ୍ଦାଏ ପାଣି ଅସଂଖ୍ୟ ଅଣୁର ସମଷ୍ଟିରେ ହିଁ ସୃଷ୍ଟି ହୁଏ । ପୁନଶ୍ଚ ପରୀକ୍ଷା ଦ୍ୱାରା ଜଣା-ପଡିଛୁ ଯେ, ପାଣିର ଗୋଟିଏ ଅଣୁ ଦୁଇ ପ୍ରକାର ପରମାଣୁ ଦ୍ୱାରା ଗଠିତ ହୋଇଅଛୁ । ଯଥା-ଅମ୍ଳଜାନ(ଅକ୍ସିଜେନ)ଓ ଉଦ୍‌ଜାନ (ହାଇଡ୍ରୋଜେନ୍) । ଦୁଇଟି ଉଦ୍‌ଜାନ ପରମାଣୁ ଓ ଗୋଟିଏ ଅମ୍ଳଜାନ ପରମାଣୁ ମିଳିତ ହୋଇ ଗୋଟିଏ ପାଣି ଅଣୁର ସୃଷ୍ଟିକରନ୍ତି । ଏହି ପାଣିକୁ ଯଦି ଗରମ କରାଯାଏ, ତାହାହେଲେ ତାହା ବାଷ୍ପରେ ପରିଣତ ହୋଇଯାଏ । ମାତ୍ର ଏହି ବାଷ୍ପ ମଧ୍ୟ ପାଣି ଭଳି ଦୁଇଟି ଉଦ୍‌ଜାନ ପରମାଣୁ ଓ ଗୋଟିଏ ଅମ୍ଳଜାନ ପରମାଣୁ ଦ୍ୱାରା ଗଠିତ । ସେହି ପାଣିକୁ ଥଣ୍ଡା କରିଦେଲେ ତାହା ବରଫରେ ପରିଣତ ହୋଇଯାଏ । ଏହି ବରଫ ମଧ୍ୟ ମାଣିଭଳି ଦୁଇଟି ଉଦ୍‌ଜାନ ପରମାଣୁ ଓ ଗୋଟିଏ ଅମ୍ଳଜାନ ପରମାଣୁ ଦ୍ୱାରା ଗଠିତ । ତେଣୁ ପାଣିର ଏହିଭଳି ଯେଉଁ କଠିନ ବା ବାଷ୍ପୀୟ ରୂପାନ୍ତର ଘଟେ, ତାକୁ 'ଫିଜିକାଲ୍ ଚେଞ୍ଜ' ବୋଲି କୁହାଯାଏ । କାରଣ ଏହି ପରିବର୍ତ୍ତନ ଦ୍ୱାରା ସେ ଗଠିତ ହୋଇଥିବା ପରମାଣୁ ଗୁଡିକର କୌଣସି ପରିବର୍ତ୍ତନ ହେଉନାହିଁ । ମନେକର, ଆମେ ଗୋଟିଏ ଲୌହ ଖଣ୍ଡକୁ ଖୁବ୍ ଜୋର ଲୌହଚୁମ୍ବକରେ ପରିଣତ କରିଦେଉ । ଏପରି କରିବାରେ ଏହାର ବାହ୍ୟ ପରିବର୍ତ୍ତନ ଘଟିଲେ, ମାତ୍ର ଲୌହ ଅଣୁ ଯେଉଁ ଲୌହ ପରମାଣୁ ଦ୍ୱାରା ଗଠିତ ହୋଇଛୁ, ସେ ସବୁର କୌଣସି ପରିବର୍ତ୍ତନ ଘଟିନାହିଁ । ତେଣୁ ଏ ପ୍ରକାର ପରିବର୍ତ୍ତନ ମଧ୍ୟ 'ଫିଜିକାଲ୍ ଚେଞ୍ଜ'ର ଅନ୍ତର୍ଗତ ।

ରାସାୟନିକ ପରିବର୍ତ୍ତନ 'ଫିଜିକାଲ ଚେଞ୍ଜ'ଠାରୁ ସମ୍ପୂର୍ଣ୍ଣରୂପେ ଅଲଗା । ଏହି ପରିବର୍ତ୍ତନଦ୍ୱାରା ଅଣୁଗୁଡିକର ରୂପାନ୍ତରିତ ଘଟି ନୂତନ ବସ୍ତୁର ଉତ୍ପତ୍ତି ହୁଏ । ନିମ୍ନଲିଖିତ ଉଦାହରଣ ଗୁଡିକରୁ ଏହି ରାସାୟନିକ ପରିବର୍ତ୍ତନ ଯେ ପ୍ରକୃତରେ କ'ଣ ତାହା ସହଜରେ ବୁଝିହେଇଥିବ ।

ଉଦ୍‌ଜାନ ଓ ଅମ୍ଳଜାନ ବାଷ୍ପୀୟ ଆକାରରେ ପ୍ରକୃତିରେ ପ୍ରଚଳିତ । ମାତ୍ର ଉଦ୍‌ଜାନ ପରମାଣୁକୁ ରାସାୟନିକ ପ୍ରକ୍ରିୟା ଦ୍ୱାରା ଅମ୍ଳଜାନ ପରମାଣୁ ସହ ମିଳାଇଦେବା ଦ୍ୱାରା ପାଣିର ସୃଷ୍ଟି ହେଉଛୁ । ପାଣି ଏକ ତରଳ ପଦାର୍ଥ । ଏହି ଯେଉଁ ଆଶ୍ଚର୍ଯ୍ୟ ଜନକ ପରିବର୍ତ୍ତନ ଘଟିଲା, ଏହାକୁ ରାସାୟନିକ ପରିବର୍ତ୍ତନ କହନ୍ତି ।

ଆମଦେଶରେ ନାସମାନେ କପାଳରେ ଯେଉଁ ସିନ୍ଦୁର ବ୍ୟବହାର କରନ୍ତି । ଏହା ସିନ୍ଦୁର ନାଲ ପାଉଡର ସଦୃଶ ଦୃଷ୍ଟିହୁଏ । ଏହାର ରାସାୟନିକ ନାମ ମରକ୍ୟୁରିକ୍ ଅକ୍-ସାଇଡ୍ । ଗୋଟିଏ ମରକ୍ୟୁରି ବା ପାରଦର ପରମାଣୁ ଗୋଟିଏ ଅମ୍ଳଜାନ ପରମାଣୁ ସହିତ ରାସାୟନିକ ଭାବରେ ମିଳିତହୋଇ ଗୋଟିଏ ମରକ୍ୟୁରିକ୍ ଅକ୍ସାଇଡ୍ ଅଣୁର ସୃଷ୍ଟିକରେ । ମରକ୍ୟୁରି ବା ପାରଦ ତରଳ ପଦାର୍ଥ । ଏହାର ରଙ୍ଗ ରୂପାପରି ଧଳା । ଅମ୍ଳଜାନ ଗୋଟିଏ ରଙ୍ଗହୀନ ଗ୍ୟାସ୍ । ମାତ୍ର ଏହି ଦୁଇଟିର ମିଶ୍ରଣ ଫଳରେ ମରକ୍ୟୁରିକ୍ ଅକ୍ସାଇଡ୍ ଭଳି ଗୋଟିଏ କଠିନ ନାଲିଆ ପଦାର୍ଥର ସୃଷ୍ଟି ହୋଇ ପାରୁଛୁ । ଏହି ପରିବର୍ତ୍ତନ ମଧ୍ୟ ରାସାୟନିକ ପରିବର୍ତ୍ତନର ଆଉ ଗୋଟିଏ ଉଦାହରଣ ।

ଆମ୍ଭେମାନେ ଖାଇବାବେଳେ ସବୁଦା ଲୁଣ ବ୍ୟବହାର କରୁ । ଏହି ଲୁଣର ରାସାୟନିକ ନାମ ହେଉଛୁ 'ସୋଡିଅମ୍ କ୍ଲୋରାଇଡ୍' । ଗୋଟିଏ ସୋଡିଅମ୍ ପରମାଣୁ ଓ ଗୋଟିଏ କ୍ଲୋରିନ୍ ପରମାଣୁ ରାସାୟନିକ ଭାବରେ ମିଳିତ ହୋଇ ଗୋଟିଏ ଲୁଣ ଅଣୁର ସୃଷ୍ଟି

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

କରପାରନ୍ତି । ସୋଡ଼ିଅମ୍ ଗୋଟିଏ କଠିନ ଧାତୁ, କ୍ଲୋରନ୍ ଏକ ବିଷାକ୍ତ ଗ୍ୟାସ୍, ମାତ୍ର ସେମାନଙ୍କର ମିଶ୍ରଣରେ ଲୁଣର ସୃଷ୍ଟି । ଏହି ପଞ୍ଚବର୍ତ୍ତିନ ଘଟାସ୍ଥଳକ ପରିବର୍ତ୍ତିନର ଅନ୍ୟ ଏକ ଦୃଷ୍ଟାନ୍ତ ।

ବର୍ତ୍ତମାନ ଆମ୍ଭେମାନେ ବୁଝିବାକୁ ଚେଷ୍ଟା କରିବା ଯେ, କପଣ ସ୍ତରରେ ଏହି ପରମାଣୁ ଗୁଡ଼ିକ ମିଳିତ ହୋଇ ଏତେ ଆଶ୍ଚର୍ଯ୍ୟଜନକ ପରିବର୍ତ୍ତିନ ଘଟାଇ ପାରୁଛନ୍ତି ଓ ନୂତନ ଅଣୁଗୁଡ଼ିକୁ ସୃଷ୍ଟି କରପାରୁଛନ୍ତି । ଗୋଟିଏ ମରକ୍ୟୁରକ୍ ଅକ୍ସାଇଡ୍‌ର ଅଣୁ ଗୋଟିଏ ଅମ୍ଳଜାନ ପରମାଣୁ ଦ୍ୱାରା ଗଠିତ । ଗୋଟିଏ ଆମୋନିଆ ଗ୍ୟାସ୍‌ର ଅଣୁ ଗୋଟିଏ ଯବକ୍ଷାରଜାନ ପରମାଣୁ ଓ ତିନି ହାଇଡ୍ରଜାନ ପରମାଣୁର ମିଶ୍ରଣ ଫଳରେ ଗଠିତ ହୋଇଛୁ । ଏହି ପରିବର୍ତ୍ତିନ ଘଟାଇବାକୁ ପ୍ରତ୍ୟେକ ମୌଳିକ ଉପାଦାନର ଗୋଟିଏ ଲେଖାଏଁ ପରମାଣୁ ମିଳିତ ନହୋଇ ଗୋଟିଏ ମୌଳିକ ଉପାଦାନର ତିନି ପରମାଣୁ ସହିତ ଆଉ ଗୋଟିଏ ମୌଳିକ ଉପଦାନର ଗୋଟିଏ ପରମାଣୁ ମିଳିତ ହୋଇଅଛୁ । ସେହିପରି ୪ଟି ହାଇଡ୍ରଜାନ ପରମାଣୁ ସହିତ ଗୋଟିଏ କାର୍‌ବନ ବା ଅଙ୍ଗାର-ପରମାଣୁ ମିଳିତ ହୋଇ ଗୋଟିଏ ମିଥେନ୍ ଅଣୁର ସୃଷ୍ଟି ହୁଏ । ଏ କ୍ଷେତ୍ରରେ ଗୋଟିଏ ମୌଳିକ ଉପାଦାନର ୪ଟି ପରମାଣୁ ସହିତ ଆଉ ଗୋଟିଏ ମୌଳିକ ଉପଦାନରେ ଗୋଟିଏ ପରମାଣୁ ମିଳିତ ହୋଇଅଛୁ ।

ବୈଜ୍ଞାନିକମାନେ ଏହି ପରମାଣୁ ଗୁଡ଼ିକ କାହିଁକି ଏଭଳି ମିଳିତ ହୁଅନ୍ତି; ତାହା ବୁଝାଇବା ପାଇଁ, "ଯୁକ୍ଲେନସି" ଶବ୍ଦର ବ୍ୟବହାର କରିଥାନ୍ତି । ଯୁକ୍ଲେନସି କହିଲେ ଗୋଟିଏ ପରମାଣୁର ଅନ୍ୟ ପରମାଣୁ ଗୁଡ଼ିକ ସହିତ ମିଳିତ ହେବାର ଶକ୍ତି ବୋଲି ବୁଝାଯାଏ । ହାଇଡ୍ରଜାନର ଯୁକ୍ଲେନସିକୁ ୧ ବୋଲି ଧରି ନିଆଯାଇଛୁ । ଗୋଟିଏ ମୌଳିକ ଉପାଦାନର ଗୋଟିଏ ପରମାଣୁ ସହିତ ଯେତୋଟି ହାଇଡ୍ରଜାନ ପରମାଣୁ ମିଶି ଗୋଟିଏ ନୂତନ ଅଣୁର ସୃଷ୍ଟି କରପାରନ୍ତି, ସେହି ସଂଖ୍ୟାକିକୁ ସେହି ମୌଳିକ ଉପାଦାନର ଯୁକ୍ଲେନସି ବୋଲି କୁହାଯାଏ । ଗୋଟିଏ ଅମ୍ଳଜାନ ପରମାଣୁ ୨ଟି ହାଇଡ୍ରଜାନ ପରମାଣୁ ସହ ମିଳିତ ହୋଇ ଗୋଟିଏ ଜଳ ଅଣୁର ସୃଷ୍ଟି କରପାରନ୍ତି । ତେଣୁ ଅମ୍ଳଜାନର ଯୁକ୍ଲେନସି ୨ । ଗୋଟିଏ ଯବକ୍ଷାରଜାନ ପରମାଣୁ ୩ଟି ହାଇଡ୍ରଜାନ ପରମାଣୁ ସହ ମିଶ୍ରିତ ହୋଇ ଗୋଟିଏ ଆମୋନିଆ ଅଣୁସୃଷ୍ଟି କରପାରୁଛି ତେଣୁ ଯବକ୍ଷାରଜାନର ଯୁକ୍ଲେନସି ୩ । ସେହିପରି ଗୋଟିଏ କାର୍‌ବନ ବା ଅଙ୍ଗାର ପରମାଣୁ ୪ଟି ହାଇଡ୍ରଜାନ ପରମାଣୁ ସହ ମିଳିତ ହୋଇ ଗୋଟିଏ ମିଥେନ୍ ଅଣୁର ସୃଷ୍ଟି କରେ । ତେଣୁ କାର୍‌ବନ ବା ଅଙ୍ଗାରର ଯୁକ୍ଲେନସି ୪ । ଏହିପରି ସ୍ତରରେ ସମସ୍ତ ମୌଳିକ ଉପାଦାନର ଯୁକ୍ଲେନସି ନିର୍ଣ୍ଣୟ କରିଯାଇଛୁ ।

ବର୍ତ୍ତମାନ ପ୍ରଶ୍ନ ଉଠିପାରେ, ହାଇଡ୍ରଜାନର ଯୁକ୍ଲେନସି କାହିଁକି ସବୁବେଳେ ୧ ରହିବ ବା ଯବକ୍ଷାରଜାନର ଯୁକ୍ଲେନସି କାହିଁକି ସବୁବେଳେ ୩ ରହିବ ? ଏହି ଯୁକ୍ଲେନସିର ପରିମାଣ ସ୍ଥଳବିଶେଷରେ ବଦଳିବ ନାହିଁ କାହିଁକି ? ଗୋଟିଏ ଯବକ୍ଷାରଜାନ ପରମାଣୁ କାହିଁକି ତିନିରୁ ଅଧିକ ହାଇଡ୍ରଜାନ ପରମାଣୁ ସହ ମିଳିତ ହୋଇ ପାରିବ ନାହିଁ ? ଏହି ମିଳନ ପ୍ରକୃତରେ କିଭଳି ସମ୍ଭବ ହେଇଛୁ ? ଏହି ସବୁ ପ୍ରଶ୍ନର ଉତ୍ତର ପାଇବାକୁ ହେଲେ ପରମାଣୁ ଗଠନ ସମ୍ପର୍କରେ ଆଲୋଚନା ଦରକାର । ତେଣୁ ଏହି ଅଧ୍ୟାୟରେ ପରମାଣୁ ଗଠନ ସମ୍ପର୍କରେ ଆଲୋଚନା କରିବାପରେ ପରମାଣୁ ଅଧ୍ୟାୟରେ ପରମାଣୁ ଗଠନ ସମ୍ପର୍କରେ ଆଲୋଚନା କରିଛି । ତେଣୁ ଏଠାରେ କେବଳ ଇଲେକ୍ଟ୍ରନ ସମ୍ବନ୍ଧରେ ସଂକ୍ଷେପରେ ଆଲୋଚନା କରିଯାଇଛୁ ।

ପରମାଣୁର କେନ୍ଦ୍ରକୁ ଅଯ ବା କାନ୍ତିଠାରୁ ସମାନ ଦୂରତାରେ ଥାଇ ସେଉଁ ଇଲେକ୍ଟ୍ରନ ଗୁଡ଼ିକ କାନ୍ତିର ଚତୁର୍ଦ୍ଦିଗରେ ଘୂର୍ଣ୍ଣନ କରନ୍ତି, ସେହି ଇଲେକ୍ଟ୍ରନ ଗୁଡ଼ିକ ଗୋଟିଏ ସେଲ୍‌ରେ ଅବସ୍ଥାନ କରନ୍ତି । ସମସ୍ତ ପରମାଣୁର ସେଲ ସଂଖ୍ୟା ସମାନ ନୁହେଁ । ସେଲ ଓ ପରମାଣୁ ଗୋଟିଏ ପରମାଣୁରେ ଥିବା ଇଲେକ୍ଟ୍ରନ ଗୁଡ଼ିକର ସଂଖ୍ୟା ଉପରେ ନିର୍ଭର କରେ । ହାଇଡ୍ରଜାନ ପରମାଣୁରେ ଗୋଟିଏ ମାତ୍ର ଇଲେକ୍ଟ୍ରନ ସେଲ ଅଛୁ । ସେହିପରି ହିଲିୟମ୍ ଓ ମାଗ୍ନେସିୟମ୍ ପରମାଣୁ ଗୁଡ଼ିକର ଯଥାକ୍ରମେ ୨ଟି ଓ ତିନି ଇଲେକ୍ଟ୍ରନ ସେଲ ଅଛୁ । ଏହି ପରିପ୍ରେକ୍ଷୀରେ ପରମାଣୁ ଗୁଡ଼ିକର ବର୍ତ୍ତନ ଅନୁଯାୟୀ ସେଗୁଡ଼ିକର ସେଲ ସଂଖ୍ୟା ଗୋଟିଏ ଠାରୁ ଆରମ୍ଭ କରି ସାତୋଟି ପର୍ଯ୍ୟନ୍ତ ହୋଇଥାଏ । କେନ୍ଦ୍ରକ ଅଯଠାରୁ

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

ଦୂରଭାନୁକ୍ରମରେ ସାଉଟିହି ସେଲ୍‌ର ନାମ, ଯଥା-'କେ' 'ଏଲ୍', 'ଏମ୍', 'ଏନ୍', 'ଓ', 'ପ', ଏବଂ 'କ୍ୱ' । ଏହି ସେଲ ଗୁଡ଼ିକର ଇଲେକ୍‌ଟ୍ରନ୍ ଧାରଣ ଶକ୍ତି ସୀମିତ । 'କେ' ସେଲରେ ୨ଟି, 'ଏଲ୍' ସେଲରେ ୮ଟି, 'ଏମ୍' ସେଲରେ ୧୮ଟି ଓ 'ଏନ୍' ସେଲରେ ୩୨ଟି ପର୍ଯ୍ୟନ୍ତ ଇଲେକ୍‌ଟ୍ରନ ରହିପାରିବ । ମାତ୍ର ଏହି ସେଲଗୁଡ଼ିକ ସବୁବେଳେ ଇଲେକ୍‌ଟ୍ରନ ଗୁଡ଼ିକ ଦ୍ୱାରା ପୂର୍ଣ୍ଣ ହୋଇ ନଥାଏ ।

ହଦ୍‌ଜାନ ପରମାଣୁର ଗୋଟିଏ ମାତ୍ର ଇଲେକ୍‌ଟ୍ରନ ଅଛି । ତେଣୁ ଏହି ଗୋଟିକ ଇଲେକ୍‌ଟ୍ରନ ଏହାର 'କେ' ସେଲରେ ରହିଛି । ମାତ୍ର ଏହି 'କେ' ସେଲଟି ତାର ଶକ୍ତି ଅନୁଯାୟୀ ଇଲେକ୍‌ଟ୍ରନ ଗୁଡ଼ିକ ଦ୍ୱାରା ପୂରଣ ହୋଇପାରନାହିଁ,ହିଲିଅମ୍ ପରମାଣୁରେ ଦୁଇଟି ଇଲେକ୍‌ଟ୍ରନ ରହିଛି । ଏହି ଦୁଇଟି ଇଲେକ୍‌ଟ୍ରନ ଏହାର 'କେ' ସେଲରେ ରହି ତାକୁ ତା'ର ଶକ୍ତି ଅନୁଯାୟୀ ପୂର୍ଣ୍ଣ କରି ଦେଇଛନ୍ତି । 'ବୋରନ୍' ପରମାଣୁର ୫ଟି ଇଲେକ୍‌ଟ୍ରନ ରହିଛି ; ତେଣୁ ଏହାର ୨ଟି ସେଲ ଅଛି । ନାଇଟ୍ରୋଜେନ୍ ପରମାଣୁର ନକଟଚ୍ଚମ ଆଭ୍ୟନ୍ତରୀଣ 'କେ' ସେଲଟିରେ ତା'ର ଶକ୍ତି ଅନୁଯାୟୀ ୨ଟି ଇଲେକ୍‌ଟ୍ରନ ରହିଛି । ବାହାର 'ଏଲ୍' ସେଲରେ ବାକି ୫ଟି ଇଲେକ୍‌ଟ୍ରନ ରହିଛି । ଏହି 'ଏଲ୍' ସେଲଟି ତା'ର ଶକ୍ତି ଅନୁଯାୟୀ ଇଲେକ୍‌ଟ୍ରନ ଗୁଡ଼ିକ ଦ୍ୱାରା ପୂର୍ଣ୍ଣ ହୋଇ ପାରୁନାହିଁ । କାରଣ ଏହା ୮ଟି ପର୍ଯ୍ୟନ୍ତ ଇଲେକ୍‌ଟ୍ରନ ଧାରଣ କରିପାରିବ,ନାଇଟ୍ରୋଜେନ୍ ପରମାଣୁର ୧୦ଟି ଇଲେକ୍‌ଟ୍ରନ ଅଛି । ଏଥି ମଧ୍ୟରୁ ଆଭ୍ୟନ୍ତରୀଣ 'କେ' ସେଲଟିରେ ଦୁଇଟି ଓ ବାହାରେ ଥିବା 'ଏଲ୍' ସେଲଟିରେ ବାକି ୮ଟି ଯାକ ଇଲେକ୍‌ଟ୍ରନ ରହିଛି । ଏହାର ଭିତର ସେଲ ଓ ବାହାର ସେଲ ଉଭୟେ ସେମାନଙ୍କର ଶକ୍ତି ଅନୁଯାୟୀ ଇଲେକ୍‌ଟ୍ରନ ଧାରଣ କରି ପାରିଛନ୍ତି । ମାଗ୍ନେସିଅମ ପରମାଣୁର ୧୨ଟି ଇଲେକ୍‌ଟ୍ରନ ରହିଛି । ତେଣୁ ଏହାର ୩ଟି ସେଲ ଅଛି । ଏଥି ମଧ୍ୟରୁ 'କେ' ସେଲ ଓ ଏଲ୍ ସେଲରେ ଯଥାକ୍ରମେ ୨ଟି ଓ ୮ଟି ଇଲେକ୍‌ଟ୍ରନ ରହିଛି । ବାହାର 'ଏମ' ସେଲଟିରେ ବାକି ଦୁଇଟି ଇଲେକ୍‌ଟ୍ରନ ରହିଥିବାରୁ 'ଏମ୍' ସେଲଟି ଅପୂର୍ଣ୍ଣ ରହିଯାଇଛି । ଏହିପରି ଭାବରେ ଆମେମାନେ ସମସ୍ତ ପରମାଣୁ ସମ୍ବନ୍ଧରେ ଆଲୋଚନା କରିପାରିବା । ପ୍ରତ୍ୟେକ ପରମାଣୁର ବାହାର ସେଲରେ ଥିବା ଇଲେକ୍‌ଟ୍ରନଗୁଡ଼ିକ ରାସାୟନିକ ପ୍ରକ୍ରିୟାରେ ଭାଗ ନେଇଥାଏ, ତେଣୁ ଏଗୁଡ଼ିକ 'ଭାଲେନସି ଇଲେକ୍‌ଟ୍ରନ' ବୋଲି କୁହାଯାଏ ।

କେବଳ ହିଲିଅମ୍, ନିଅନ୍, ଆରଗନ୍, କ୍ରିପ୍‌ଟନ୍, ଜେନନ୍ ଓ ରାଡନ୍ ଭଳି କେତେକ ଗ୍ୟାସ ଅବସ୍ଥାରେ ଥିବା ମୌଳିକ ଉପାଦାନର ପରମାଣୁଗୁଡ଼ିକର ଗଠନ ପୂର୍ବଭଳି ଆଲୋଚନା କଲେ ଦେଖାଯିବ ଯେ, ସେ ଗୁଡ଼ିକର ବାହାର ସେଲ ଗୁଡ଼ିକ ଯଥାଶକ୍ତି ଇଲେକ୍‌ଟ୍ରନ ଦ୍ୱାରା ପୂର୍ଣ୍ଣ । ଏହି ପରମାଣୁଗୁଡ଼ିକ ରାସାୟନିକ ପ୍ରକ୍ରିୟାରେ ଭାଗନେଇ ପାରନ୍ତି ନାହିଁ, ମାତ୍ର ଏଗୁଡ଼ିକୁ ରାସାୟନିକ ଭାବରେ ଅକର୍ମଠ ବୋଲି କୁହାଯାଇପାରେ । ତେଣୁ ଏ ଗୁଡ଼ିକୁ 'ଉଦ୍ରୁ' ବା 'ନୋବଲ୍' ଗ୍ୟାସ ବୋଲି କୁହାଯାଏ ।

ଏଛଡ଼ା ବ୍ୟତୀତ ଅନ୍ୟ ସମସ୍ତ ପରମାଣୁଗୁଡ଼ିକର ବାହାର ସେଲଗୁଡ଼ିକ ଯଥାଶକ୍ତି ଇଲେକ୍‌ଟ୍ରନ ଦ୍ୱାରା ପୂର୍ଣ୍ଣ ହୋଇ ନଥାଏ । ଏହି ପରମାଣୁ ଗୁଡ଼ିକୁ ରାସାୟନିକ ଭାବରେ କର୍ମଠ ବୋଲି କୁହାଯାଏ । ରାସାୟନିକ ପ୍ରକ୍ରିୟାରେ ଭାଗନେଇ ଏଗୁଡ଼ିକ ଚତୁଃସଂପୃକ୍ତ ବାହାର ସେଲଗୁଡ଼ିକୁ ଯଥାଶକ୍ତି ଇଲେକ୍‌ଟ୍ରନ ଦ୍ୱାରା ପୂର୍ଣ୍ଣ କରିବା ପାଇଁ ଚେଷ୍ଟା କରନ୍ତି । ଏଥିପାଇଁ ଏଗୁଡ଼ିକ ନିଜର ଉପାସ୍ଥ ଅବଲମ୍ବନ କରିଥିବାର ଜଣାଯାଏ । ଉଦାହରଣ ସ୍ୱରୂପ, ଗୋଟିଏ ପରମାଣୁ ତା'ର ଅପୂର୍ଣ୍ଣ ରହିଥିବା ବାହାର ସେଲଟିରୁ ଯଦି ସମସ୍ତ ଇଲେକ୍‌ଟ୍ରନ ଆଉଗୋଟିଏ ପରମାଣୁକୁ ଦାନ କରିଦଏ, ତାହାହେଲେ ତାହାର ଅନ୍ୟ ସେଲଗୁଡ଼ିକ ଯଥାଶକ୍ତି ଇଲେକ୍‌ଟ୍ରନ ଗୁଡ଼ିକ ଦ୍ୱାରା ପୂର୍ଣ୍ଣ ହୋଇ ରହିଥିବ କିମ୍ବା ସେ ଯଦି ଆଉ ଗୋଟିଏ ପରମାଣୁଠାରୁ ତାହାର ବାହାର ସେଲରେ ନଅଣ୍ଟା ପଡ଼ିଥିବା ଇଲେକ୍‌ଟ୍ରନ ଗୁଡ଼ିକୁ ଆଦାୟ କରି ନେବ, ତେବେ ତା'ର ସମସ୍ତ ସେଲ ଇଲେକ୍‌ଟ୍ରନ ଗୁଡ଼ିକ ଦ୍ୱାରା ପୂର୍ଣ୍ଣ ହୋଇଯିବ । ଏହିଭଳି ଭାବରେ ଇଲେକ୍‌ଟ୍ରନ ଗୁଡ଼ିକର ଆଦାନ ପ୍ରଦାନ ଦ୍ୱାରା ଗୋଟିଏ ପରମାଣୁ ଅନ୍ୟ ପରମାଣୁ ସହ ମିଳିତ ହୋଇ ବିଭିନ୍ନ ପ୍ରକାର ଅଣୁ ସୃଷ୍ଟି କରିପାରେ । ପରମାଣୁ ଗୁଡ଼ିକ ପରସ୍ପର ମଧ୍ୟରେ ନଅଣ୍ଟା ପଡ଼ିଥିବା ଇଲେକ୍‌ଟ୍ରନ ଗୁଡ଼ିକୁ ଭାଗ କରି ନେଇ ସେ ଗୁଡ଼ିକର ଅହଂପୂର୍ଣ୍ଣ ସେଲଗୁଡ଼ିକୁ ପୂରଣ କରିପାରନ୍ତି । ଏହିଭଳି ରାସାୟନିକ ପ୍ରକ୍ରିୟାରେ ମଧ୍ୟ ବହୁତ ଅଣୁ ସୃଷ୍ଟି ହୋଇ ପାରୁଛି ।

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

ପରମାଣୁ ଗୁଡ଼ିକ ମିଳିତ ହୋଇ କ୍ରମଶଃ ଅସଂଖ୍ୟ ଅଣୁ ଉପରୋକ୍ତ ଉପାୟ ସାହାଯ୍ୟରେ ସୃଷ୍ଟି କରିପାରୁଛନ୍ତି, ତାହା ନମ୍ନଲିଖିତ ଉଦାହରଣ ଗୁଡ଼ିକରୁ ଅଳ୍ପେଶରେ ବୋଧଗମ୍ୟ ହୋଇପାରିବ ।

ପରମାଣୁ ଗୁଡ଼ିକ ଇଲେକ୍ଟ୍ରନ୍ ଲାଭ କରିବା ବା ଇଲେକ୍ଟ୍ରନ୍ ହରାଇ ନୂତନ ଅଣୁ ସମୂହ ସୃଷ୍ଟି କରିଥାନ୍ତି । ଏହି ପ୍ରକାର ରାସାୟନିକ ମିଳନକୁ ଇଂରାଜୀ ଭାଷାରେ କୁହାଯାଏ 'ଇଲେକ୍ଟ୍ରୋନ ଟ୍ରାନ୍ସଫର' । ଗୋଟିଏ ସୋଡିଅମ ପରମାଣୁ ଗୋଟିଏ କ୍ଲୋରିନ ପରମାଣୁ ସହ ମିଳିତ ହୋଇ ସୋଡିଅମ କ୍ଲୋରାଇଡ ନାମକ ଗୋଟିଏ ଅଣୁର ସୃଷ୍ଟିକରେ । ସୋଡିଅମ ପରମାଣୁର ନାଭିରେ ପଜିଟିଭ ଚାର୍ଜ ବିଶିଷ୍ଟ ୧୧ଟି ପ୍ରୋଟନ ଅଛି । ଏହି ନାଭିର ଚତୁର୍ଦ୍ଦିଗରେ ୩ଟି ବିଭିନ୍ନ ସେଲ୍‌ରେ ରହି ଇଲେକ୍ଟ୍ରନ ଗୁଡ଼ିକ ଘୂର୍ଣ୍ଣନ କରୁ-ଅଛନ୍ତି । ନଭିକ୍ଲଅସ ନିକଟତମ 'କେ' ସେଲ୍‌ରେ ଦୁଇଟି ଇଲେକ୍ଟ୍ରନ ରହିଛି ଓ 'ଏଲ୍' ସେଲ୍‌ରେ ୮ଟି ଇଲେକ୍ଟ୍ରନ ରହିଛି । ଏହି ଦୁଇଟି ସେଲ୍ ସେଗୁଡ଼ିକର ଋଣାତ୍ମକ ଇଲେକ୍ଟ୍ରନ ଗୁଡ଼ିକ ଦ୍ୱାରା ପୂର୍ଣ୍ଣ, ମାତ୍ର ଏହାର ବାହାର 'ଏମ୍' ସେଲ୍‌ରେ ଗୋଟିଏ ଇଲେକ୍ଟ୍ରନ ରହିଛି । ଏହି 'ଏମ୍' ସେଲ୍‌ରେ ଥିବା ଇଲେକ୍ଟ୍ରନଟିକୁ ଏହାର 'ଭ୍ୟାଲେନ୍ସି ଇଲେକ୍ଟ୍ରନ' କୁହାଯାଏ ଓ ଏହି ଇଲେକ୍ଟ୍ରନଟି ରାସାୟନିକ ପ୍ରକ୍ରିୟାରେ ଭାଗନେଏ ।

ପରମାଣୁର ନଭିକ୍ଲଅସ୍ ବା ନାଭିରେ ପଜିଟିଭ ଚାର୍ଜ ବିଶିଷ୍ଟ ବା ଧନାତ୍ମକ ପ୍ରୋଟନ ଗୁଡ଼ିକ ଥିବାରୁ ଇଲେକ୍ଟ୍ରନ ଗୁଡ଼ିକ ନଭିକ୍ଲଅସ ପ୍ରତି ଆକୃଷ୍ଟ ହୁଅନ୍ତି । ନଭିକ୍ଲଅସ୍‌ର ଏହି ଆକର୍ଷଣ ଶକ୍ତିର ପରିମାଣ ଇଲେକ୍ଟ୍ରନ୍ ଠାରୁ ତାର ଦୂରତା ଉପରେ ନର୍ଭରଜରେ । ନଭିକ୍ଲଅସ୍‌ର ନିକଟତମ 'କେ' ସେଲ୍‌ରେ ଥିବା ଇଲେକ୍ଟ୍ରନ ଗୁଡ଼ିକ ନଭିକ୍ଲଅସ୍ ପ୍ରତି ସବୁଠାରୁ ଦେଶୀ ଆକର୍ଷିତ ହୋଇଥାନ୍ତି । ଏଗୁଡ଼ିକୁ ସହଜରେ ପରମାଣୁଠାରୁ ବିଚ୍ଛିନ୍ନ କରିଯାଇ ପାରିବନାହିଁ । 'ଏଲ୍' ସେଲ୍‌ରେ ଥିବା ଇଲେକ୍ଟ୍ରନ ଗୁଡ଼ିକ ପ୍ରତି ନାଭିର ଆକର୍ଷଣ ଶକ୍ତି 'କେ' ସେଲ୍‌ଠାରୁ ଅପେକ୍ଷାକୃତ କମ୍ । କାରଣ ନାଭିଠାରୁ 'ଏଲ୍' ସେଲ୍‌ର ଦୂରତା 'କେ' ସେଲ୍ ଅପେକ୍ଷା ବେଶୀ । ଏହିପରି ଭାବରେ ନାଭିଠାରୁ ଦୂରତା କ୍ରମରେ ବଭିନ୍ନ ସେଲ୍‌ରେ ଥିବା ଇଲେକ୍ଟ୍ରନ ଗୁଡ଼ିକର ନାଭି ପ୍ରତି ଥିବା ଆକର୍ଷଣ ଶକ୍ତି କ୍ରମଶଃ ହ୍ରାସପାଏ । ସୋଡିଅମ ପରମାଣୁର 'ଏମ୍' ସେଲ୍‌ରେ ଥିବା ଭ୍ୟାଲେନ୍ସି ଇଲେକ୍ଟ୍ରନ ଟି ନଭିକ୍ଲଅସ୍ ପ୍ରତି ଅନ୍ୟ ଇଲେକ୍ଟ୍ରନ ଗୁଡ଼ିକଠାରୁ ଅପେକ୍ଷାକୃତ ଅଳ୍ପ ଆକର୍ଷଣ ଶକ୍ତିଦ୍ୱାରା ଆକୃଷ୍ଟ ହୋଇଥାଏ ଯଦି କୌଣସି ବାହ୍ୟଶକ୍ତି ପ୍ରୟୋଗ କରିଯାଏ, ତାହାହେଲେ ଏହି ଇଲେକ୍ଟ୍ରନ୍‌ଟିକୁ ପରମାଣୁଠାରୁ ସହଜରେ ବିଚ୍ଛିନ୍ନ କରିଯାଇ ପାରିବ ।

ବର୍ତ୍ତମାନ କ୍ଲୋରିନ ପରମାଣୁର ଗଠନ ସମ୍ପର୍କରେ ଆଲୋଚନା କରିଯାଉ । ଏହି ପରମାଣୁର ନଭିକ୍ଲଅସ୍‌ରେ ୧୭ଟି ପ୍ରୋଟନ ରହିଛି ଓ ୧୭ଟି ସେଲ୍‌ରେ ଏହି ୧୭ଟି ଯାକ ଇଲେକ୍ଟ୍ରନ ରହିଛନ୍ତି । ତନ୍ମଧ୍ୟରୁ ଆଭ୍ୟନ୍ତରୀଣ 'କେ' ସେଲ୍‌ରେ ୨ଟି ଇଲେକ୍ଟ୍ରନ ରହିଛି ଓ ତାହାର 'ଏଲ୍' ସେଲ୍‌ଟିରେ ୭ଟି ଇଲେକ୍ଟ୍ରନ ରହିଛି । ଏହି 'ଏଲ୍' ସେଲ୍‌ରେ ଥିବା ୭ଟି ଯାକ ଇଲେକ୍ଟ୍ରନ୍‌କୁ ଏହାର ଭ୍ୟାଲେନ୍ସି ଇଲେକ୍ଟ୍ରନ ଗୁଡ଼ିକ ରାସାୟନିକ ପ୍ରକ୍ରିୟାରେ ଭାଗ ନେଇଥାଆନ୍ତି । 'ଏଲ୍' ସେଲ୍‌ଟିରେ ଯଦି ଆଉ ଗୋଟିଏ 'ଇଲେକ୍ଟ୍ରନ' ଥାଆନ୍ତା, ତାହାହେଲେ ତାହା ଯଥା ଶକ୍ତି ଇଲେକ୍ଟ୍ରନ ଗୁଡ଼ିକ ଦ୍ୱାରା ପୂର୍ଣ୍ଣ ହୋଇ ଯାଇଥାନ୍ତା ।

ପୂର୍ବରୁ ଆଲୋଚିତ ହୋଇଛି ଯେ, ସୋଡିଅମ ପରମାଣୁ ଦେହରୁ ତା'ର ଭ୍ୟାଲେନ୍ସି ଇଲେକ୍ଟ୍ରନ ଟିକି ବାହ୍ୟ ଶକ୍ତିଦ୍ୱାରା ଅତି ସହଜରେ ବିଚ୍ଛିନ୍ନ କରିଯାଇପାରେ । ଏହି ଇଲେକ୍ଟ୍ରନ ଟି ଯଦି କ୍ଲୋରିନ ପରମାଣୁ ଦେହକୁ ଯାଇଥାଏ, ତାହାହେଲେ ତା'ର 'ଏଲ୍' ସେଲ୍‌ଟି ଇଲେକ୍ଟ୍ରନ ଗୁଡ଼ିକ ଦ୍ୱାରା ପୂର୍ଣ୍ଣ ହୋଇଯିବ । ପ୍ରକୃତରେ ରାସାୟନିକ ପ୍ରକ୍ରିୟାରେ ଏହି ପରିବର୍ତ୍ତନ ଘଟିଥାଏ ।

ଏହି ପରିବର୍ତ୍ତନ ଘଟିବାଦ୍ୱାରା ସୋଡିଅମ ପରମାଣୁ ଓ କ୍ଲୋରିନ ପରମାଣୁ ଆଉ ପରମାଣୁ ଅବସ୍ଥାରେ ରହିପାରନ୍ତି ନାହିଁ । ପରମାଣୁର କୌଣସି ବୈଦ୍ୟୁତିକ ଚାର୍ଜ ନାହିଁ । ବର୍ତ୍ତମାନ ସୋଡିଅମ ପରମାଣୁ ଗୋଟିଏ ଇଲେକ୍ଟ୍ରନ ଦାନ କରିଦେଇଥିବାରୁ ଏହି ପରମାଣୁରେ ପ୍ରୋଟିନ ସଂଖ୍ୟା ୧୧ ଓ ଇଲେକ୍ଟ୍ରନ ସଂଖ୍ୟା ୧୦ ହୋଇଗଲା । ଆମ୍ଭେମାନେ ଜାଣୁ ଯେ,

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

ପ୍ରୋଟନ୍‌ର ପଜିଟିଭ୍ ଚାର୍ଜର ପରମାଣ ୧ ଓ ଇଲେକ୍‌ଟ୍ରନ୍ ସମପରମାଣରେ ନେଗେଟିଭ୍ ଚାର୍ଜ ବିଶିଷ୍ଟ । ବର୍ତ୍ତମାନ ସୋଡିଅମ୍ ପରମାଣୁରେ ପ୍ରୋଟନ୍-ଗୁଡ଼ାକର ସଂଖ୍ୟା ଇଲେକ୍‌ଟ୍ରନ ସଂଖ୍ୟା ଠାରୁ ଗୋଟିଏ ବଢ଼ିଯାଇ-ଥିବାରୁ ଏହି ପରମାଣୁ ଆଉ 'ନଉଟ୍ରାଲ' ବା ବୈଦ୍ୟୁତିକ ଶକ୍ତି ବିହୀନ ହୋଇପାରିଲା ନାହିଁ, ଏହା ପଜିଟିଭ୍ ଚାର୍ଜ ବିଶିଷ୍ଟ ହୋଇଗଲା ଓ ଏହାର ପଜିଟିଭ୍ ଚାର୍ଜର ପରମାଣ ୧ ହୋଇଗଲା । ତେଣୁ ସୋଡିଅମ୍ ପରମାଣୁ ବର୍ତ୍ତମାନ ପରମାଣୁ ଅବସ୍ଥାରେ ନ ରହି 'ଆୟନ' ଅବସ୍ଥାକୁ ଆସି-ଗଲା । ଏହିପରି ଭାବରେ ଗୋଟିଏ ସୋଡିଅମ ପରମାଣୁ ଗୋଟିଏ ସୋଡ଼ିଅମ୍ ଆୟନରେ ପରିଣତ ହେଲା । (ଆୟନଗୁଡ଼ାକ ବୈଦ୍ୟୁତିକ ଚାର୍ଜ ବିଶିଷ୍ଟ; ମାତ୍ର ପରମାଣୁର କୌଣସି ବୈଦ୍ୟୁତିକ ଚାର୍ଜ ନାହିଁ ।) ସେହିପରି କ୍ଲୋରିନ ପରମାଣୁ ଗୋଟିଏ ଇଲେକ୍‌ଟ୍ରନ ପାଇପାରିଥିବାରୁ ଏହି ପରମାଣୁରେ ପ୍ରୋଟନ ସଂଖ୍ୟା ୧୭ ଓ ଇଲେକ୍‌ଟ୍ରନ ସଂଖ୍ୟା ୧୦ । ପରମାଣୁଟି ବର୍ତ୍ତମାନ ନେଗେଟିଭ୍ ଚାର୍ଜବିଶିଷ୍ଟ ହୋଇଯିବାରେ ଏହାର ନେଗେଟିଭ ଚାର୍ଜର ପରମାଣ ମଧ୍ୟ ୧ । ଏହାକୁ 'କ୍ଲୋରିନ ପରମାଣୁ' ବୋଲି କୁହା ନଯାଇ 'କ୍ଲୋରିନ୍ ଆୟନ୍' ବୋଲି କୁହାଯିବା ହିଁ ପ୍ରାସଙ୍ଗିକ ହେବ ।

ପୂର୍ବୋକ୍ତ ଆଲୋଚନାରୁ ଏହା ସ୍ପଷ୍ଟ ହୋଇଗଲା ଯେ, ସୋଡିଅମ୍ ଆୟନ୍ ପଜିଟିଭ୍ ଚାର୍ଜ ବିଶିଷ୍ଟ ଓ କ୍ଲୋରିନ୍ ଏଥିଠାରୁ ଆୟନ୍ ନେଗେଟିଭ୍ ଚାର୍ଜ ବିଶିଷ୍ଟ; ମାତ୍ର ବୈଦ୍ୟୁତିକ ଶକ୍ତିର ଗୋଟିଏ ଧର୍ମ ବା ଗୁଣ ହେଉଛି ଯେ, ଗୋଟିଏ ପଜିଟିଭ୍ ଚାର୍ଜବିଶିଷ୍ଟ ବସ୍ତୁ ସବୁବେଳେ ଗୋଟିଏ ନେଗେଟିଭ୍ ଚାର୍ଜ ବିଶିଷ୍ଟ ବସ୍ତୁକୁ ଆକର୍ଷଣ କରେ । ତେଣୁ ଏହି ଦୁଇଟିଯାକ ଆୟନ ପରସ୍ପର ପ୍ରତି ଆକୃଷ୍ଟ ହୋଇ ଏକାଠି ମିଶିଯାଆନ୍ତି । ଏହି ମିଶ୍ରଣ ଯୋଗୁ ଗୋଟିଏ ସୋଡିଅମ୍ କ୍ଲୋରାଇଡ୍ ଅଣୁର ସୃଷ୍ଟି ହୁଏ ।

ଲୁଣ ବା ସୋଡିଅମ କ୍ଲୋରାଇଡ୍‌ର ଅଣୁ ମଧ୍ୟ ଏହିଭଳି ଭାବରେ ସୃଷ୍ଟି ହୋଇପାରିଛି । ସୋଡିଅମ ପରମାଣୁର ଗଠନ ପୂର୍ବରୁ ଆଲୋଚିତ ହୋଇଛି । ଏହାର 'ଏମ୍' ସେଲ୍‌ରେ ଗୋଟିଏ ଭ୍ୟାଲେନ୍ସି ଇଲେକ୍‌ଟ୍ରନ ରହିଛି । କ୍ଲୋରିନ ପରମାଣୁରେ ୧୭ଟି ପ୍ରୋଟନ୍ ଓ ୧୭ଟି ଇଲେକ୍‌ଟ୍ରନ ରହିଛି । ଏଥି ମଧ୍ୟରୁ 'କେ' ସେଲରେ ୨ଟି ଓ 'ଏଲ୍' ସେଲ୍‌ରେ ୮ଟି ଇଲେକ୍‌ଟ୍ରନ ରହିଛି । ଏହି ସେଲ ଦୁଇଟି ସଥାଶକ୍ତି ଇଲେକ୍‌ଟ୍ରନଗୁଡ଼ିକଦ୍ୱାରା ପୂର୍ଣ୍ଣ । ଅବଶିଷ୍ଟ ୭ଟି ଇଲେକ୍‌ଟ୍ରନ 'ଏମ୍' ସେଲରେ ଅଛି । ଏଗୁଡ଼ିକ କ୍ଲୋରିନ ପରମାଣୁର ଭ୍ୟାଲେନ୍ସି ଇଲେକ୍‌ଟ୍ରନ ବ୍ୟତୀତ ଅନ୍ୟ କିଛି ନୁହେଁ । ଆଉ ଗୋଟିଏ ଇଲେକ୍‌ଟ୍ରନ ପାଇଲେ ଏହାର 'ଏମ୍' ସେଲଟି ସମ୍ପୂର୍ଣ୍ଣ ହୋଇଯିବ । (ପୂର୍ବରୁ କୁହାଯାଇଛି ଯେ, 'ଏମ' ସେଲ୍ ୧୮ଟି ପର୍ଯ୍ୟନ୍ତ ଇଲେକ୍‌ଟ୍ରନ ଧାରଣ କରିପାରେ, ମାତ୍ର ସ୍ଥଳ ବିଶେଷରେ ଖୁବ୍ ବେଶୀ ହେଲେ ଏହି 'ଏମ' ସେଲ୍ ୮ଟି ପର୍ଯ୍ୟନ୍ତ ଇଲେକ୍‌ଟ୍ରନ ଧାରଣ କରିଥାଏ ।) ଠିକ୍ ପୂର୍ବ ଉଦାହରଣ ଭଳି ଏ କ୍ଷେତ୍ରରେ ସୋଡିଅମ୍ କ୍ଲୋରାଇଡ୍ ଅଣୁ ଗଠିତ ହୋଇଥାଏ । ସୋଡିଅମ ତା'ର ଭ୍ୟାଲେନ୍ସି ଇଲେକ୍‌ଟ୍ରନଟିକୁ ତ୍ୟାଗ କରିଦେଇ ପଜିଟିଭ୍ ଚାର୍ଜ ବିଶିଷ୍ଟ ସୋଡ଼ିଅମ୍ ଆୟନରେ ପରିଣତ ହୁଏ ଓ ଏହି ଇଲେକ୍‌ଟ୍ରନଟି କ୍ଲୋରିନ୍ ପରମାଣୁ ଦେହକୁ ଚାଲି ଆସେ । ତେଣୁ କ୍ଲୋରିନ୍ ପରମାଣୁଟି ସମପରମାଣରେ ନେଗେଟିଭ୍ ଚାର୍ଜ ବିଶିଷ୍ଟ ହୋଇ କ୍ଲୋରିନ ଆୟନରେ ପରିଣତ ହୋଇଯାଏ । ସୋଡିଅମ୍ ଆୟନ୍ ଓ କ୍ଲୋରିନ ଆୟନ୍ ପରସ୍ପର ପ୍ରତି ଆକୃଷ୍ଟ ହୋଇ ଏକାଠି ମିଶିଯାଆନ୍ତି । ଏହି ମିଶ୍ରଣ ଫଳରେ ସୋଡିଅମ୍ କ୍ଲୋରାଇଡ୍ ବା ଲୁଣ ଅଣୁର ସୃଷ୍ଟି ହୁଏ ।

ଯେଉଁ ସମ୍ପର୍କଦ୍ୱାରା ଆୟନଗୁଡ଼ାକ ମିଳିତ ହୋଇ ଅଣୁର ସୃଷ୍ଟି କରନ୍ତି, ତାହାକୁ 'ଇଲେକ୍‌ଟ୍ରୋ ଭ୍ୟାଲେନ୍ସି ବନ୍ଧ' କୁହାଯାଏ । 'ବନ୍ଧ' ଶବ୍ଦର ଅର୍ଥ ସମ୍ପର୍କ । ଯେଉଁ ପରମାଣୁଗୁଡ଼ିକ ସୋଡିଅମ୍ ଭଳି ଗୋଟିଏ ଲେଖାଏଁ ଇଲେକ୍‌ଟ୍ରନ ଦାନ କରି ପଜିଟିଭ୍ ଚାର୍ଜ ବିଶିଷ୍ଟ ଆୟନ୍‌ରେ ପରିଣତ ହୁଅନ୍ତି, ସେମାନଙ୍କର ଇଲେକ୍ଟ୍ରୋ ଭ୍ୟାଲେନ୍ସର ପରମାଣ + ୧ । ସେହିଭଳି ଯେଉଁ ପରମାଣୁଗୁଡ଼ିକ ଗୋଟିଏ ଲେଖାଏଁ ଇଲେକ୍ଟ୍ରନ ଗ୍ରହଣ କରେ ନେଗେଟିଭ୍ ଚାର୍ଜ ବିଶିଷ୍ଟ ଆୟନ୍‌ରେ ପରିଣତ ହୁଅନ୍ତି, ସେମାନଙ୍କର ଇଲେକ୍ଟ୍ରୋ ଭ୍ୟାଲେନ୍ସର ପରମାଣ — ୧ । କ୍ଲୋରିଅମ୍ ଓ ପ୍ରୋମିଅମ୍ ଭଳି ଧାତୁଗୁଡ଼ିକର ଇଲେକ୍ଟ୍ରୋ ଭ୍ୟାଲେନ୍ସର ପରମାଣ + ୧ ଓ ଧାତୁ ହୋଇ ନଥିବା କ୍ଲୋରିନ ଓ ଫ୍ଲୋରିନ ଭଳି ମୌଳିକ ପଦାର୍ଥଗୁଡ଼ିକର ଇଲେକ୍ଟ୍ରୋ ଭ୍ୟାଲେନ୍ସ — ୧ । ଧାତୁ ବା 'ମେଟାଲ'ର ପରମାଣୁଗୁଡ଼ିକ

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

ଇଲେକ୍ଟ୍ରନ୍ ଦାନ କରି ପାରନ୍ତି ଓ ଅଧାରୁ ଅଧିକ ଧାତୁ ହୋଇ ନ ଥିବା ମୌଳିକ ଉପାଦାନଗୁଡ଼ିକର ପରମାଣୁ ସବୁ ଇଲେକ୍ଟ୍ରନ ଆଦାୟ କରିପାରନ୍ତି ।

ମାନ ସମସ୍ତ ଧାତୁ ବା ଅଧାତୁଗୁଡ଼ିକର ଇଲେକ୍ଟ୍ରୋ ଭ୍ୟାଲେନ୍ସ ସ୍ୱଳ୍ପତା + ୧ ବା − ୧ ନୁହେଁ । ବେରିଅମ୍ ଓ ମାଗ୍ନେସିଅମ ଧାତୁର ପରମାଣୁଗୁଡ଼ିକ ଦୁଇଟି ଭ୍ୟାଲେନ୍ସି ଇଲେକ୍ଟ୍ରନ ଦାନ କରି ପାରନ୍ତି, ତେଣୁ ଏଗୁଡ଼ିକର ଇଲେକ୍ଟ୍ରୋ ଭ୍ୟାଲେନ୍ସର ପରିମାଣ ହେଉଛି + ୨ । ସେହିଭଳି ସ୍ୱାର୍ଣ୍ଣିଅମ୍, ଇଣ୍ଡିଅମ୍ ଓ ବୋରିଅମର ପରମାଣୁଗୁଡ଼ିକ ୩ଟି ଲେଖାଏଁ ଭ୍ୟାଲେନ୍ସି ଇଲେକ୍ଟ୍ରନ ଦାନ କରିପାରୁଥିବାରୁ ଏଗୁଡ଼ିକର ଇଲେକ୍ଟ୍ରୋ ଭ୍ୟାଲେନ୍ସର ପରିମାଣ + ୩ ଓ ଟିଟାନିଅମ୍, ଜର୍କୋନିଅମ୍, ହାଫ୍-ନିଅମର ପରମାଣୁଗୁଡ଼ିକ ୪ଟି ଲେଖାଏଁ ଭ୍ୟାଲେନ୍ସି ଇଲେକ୍ଟ୍ରନ ଦାନ କରି ପାରୁ ଥିବାରୁ ଏଗୁଡ଼ିକର ଇଲେକ୍ଟ୍ରୋ ଭ୍ୟାଲେନ୍ସର ପରିମାଣ + ୪ । ଧାତୁ ହୋଇ ନ ଥିବା ସଲଫର୍ ପରମାଣୁ ୬ଟି ଇଲେକ୍ଟ୍ରନ ଲାଭ କରି ପାରୁଥିବାରୁ ଏହାର ଇଲେକ୍ଟ୍ରୋ ଭ୍ୟାଲେନ୍ସିର ପରିମାଣ − ୨ । ଏହି ଇଲେକ୍ଟ୍ରୋ ଭ୍ୟାଲେନ୍ସର ପରମାଣୁ ପରମାଣୁର ଗଠନ ଉପରେ ନର୍ଭର କରେ । ଏହିପରି ଭ୍ୟାଲେନ୍ସ ବଣ୍ଡରେ 'ଇଲେକ୍ଟ୍ରୋ ଭ୍ୟାଲେନ୍ସ୍ ବଣ୍ଡ' ପ୍ରଣାଳୀ ଅନୁଯାୟୀ ବହୁତ ଅଣୁ ସୃଷ୍ଟି ହୋଇପାରିଛି ।

ସବୁ ପ୍ରକାର ଅଣୁ ଗଠନ ଯେ କେବଳ ପୂର୍ବୋକ୍ତ ପ୍ରଣାଳୀ ଦ୍ୱାରା ବୁଝାଇ ବୁଝାଯାଇପାରେ, ତାହା ନୁହେଁ । ଅନେକ ଅଣୁ ଅଛନ୍ତି—ଯେଉଁଗୁଡ଼ିକର ଗଠନକୁ ପୂର୍ବୋକ୍ତ ପ୍ରଣାଳୀ ସାହାଯ୍ୟରେ ବୁଝାଯାଇ ପାରିବ ନାହିଁ । ତେଣୁ ବୈଜ୍ଞାନିକମାନେ ଏ ଉଗରେ ଗବେଷଣା କରି ଆଉ ଗୋଟିଏ ଉପାୟରେ ଏହି ବୈଚିତ୍ର୍ୟକୁ ବୁଝାଇ ପାରିଥିଲେ । ଏହା 'କୋ-ଭ୍ୟାଲେନ୍ସ୍ ବଣ୍ଡ' ନାମରେ ପ୍ରଚଳିତ । 'କୋ-ଭ୍ୟାଲେନ୍ସ୍ ବଣ୍ଡ' ଯେ ପ୍ରକୃତରେ କ'ଣ ତାହା ନମ୍ନଲିଖିତ ଉଦାହରଣଗୁଡ଼ିକରୁ ସହଜରେ ବୁଝାଯାଇ ପାରିବ ।

ଗୋଟିଏ କ୍ଲୋରିନ ପରମାଣୁ ଓ ଗୋଟିଏ ଫ୍ଲୋରିନ ପରମାଣୁ ମିଳିତ ହୋଇ ପାରିବେ କି ନାହିଁ ? ଏ ଦୁଇଟିଯାକ ପରମାଣୁର ବାହାର ସେଲ୍‌ରେ ଗୋଟିଏ ଲେଖାଏଁ ଇଲେକ୍ଟ୍ରନର ଅଭାବ ଅଛି । ତେଣୁ ଇଲେକ୍ଟ୍ରନ ଗୁଡ଼ିକର ଆଦାନ ପ୍ରଦାନ ଦ୍ୱାରା ଏ ଦୁଇଟିଯାକର ମିଳନ ପୂର୍ବୋକ୍ତ ପ୍ରଣାଳୀ ଅନୁଯାୟୀ ସମ୍ଭବ ହେବ ନାହିଁ । ବର୍ତ୍ତମାନ ଏ ଦୁଇଟି ପରମାଣୁ ପରସ୍ପର ମଧ୍ୟରେ ଇଲେକ୍ଟ୍ରନ ଆଦାନପ୍ରଦାନ ନ କରି ସେଗୁଡ଼ିକୁ ପରସ୍ପର ମଧ୍ୟରେ ବାଣ୍ଟି ନେଇଯାଆନ୍ତି । ଏ ଦୁଇଟି ପରମାଣୁର ୭ଟି ଲେଖାଏଁ ଭ୍ୟାଲେନ୍ସି ଇଲେକ୍ଟ୍ରନ ଅଛି । ଏହି ଭ୍ୟାଲେନ୍ସି ଇଲେକ୍ଟ୍ରନଗୁଡ଼ିକ ବାହାର ସେଲ୍‌ରେ ରହି ଅନ୍ୟ ଇଲେକ୍ଟ୍ରନଗୁଡ଼ିକ ଭଲ ନାଭିର ଚତୁର୍ଦ୍ଦିଗରେ ଭ୍ରମଣ କରେ ଓ ସେହି ଦୁଇ ପରମାଣୁର ମୋଟ ଭ୍ୟାଲେନ୍ସି ଇଲେକ୍ଟ୍ରନ ଗୁଡ଼ିକର ସଂଖ୍ୟା ୧୪ । ବର୍ତ୍ତମାନ ଏ ଦୁହେଁ ପରସ୍ପର ମଧ୍ୟରେ ଗୋଟିଏ ଲେଖାଏଁ ଇଲେକ୍ଟ୍ରନ ଭାଗ ବାଣ୍ଟି ନେବେ । ଏପରି କି ପ୍ରତ୍ୟେକ ପରମାଣୁର ବାହାର ସେଲ୍‌ରେ ୭ଟି ଲେଖାଏଁ ଇଲେକ୍ଟ୍ରନ ରହି ପ୍ରତ୍ୟେକ ପରମାଣୁର ନାଭିର ଚତୁର୍ଦ୍ଦିଗରେ ଘୂର୍ଣ୍ଣନ କରିବେ । ମାନ ଭ୍ୟାଗବଣ୍ଡ ହୋଇଥିବା ୨ଟି ଇଲେକ୍ଟ୍ରନ ଉଭୟ ପରମାଣୁର ନାଭିର ଚତୁର୍ଦ୍ଦିଗରେ ଭ୍ରମଣକରିବେ । ଏପରି ଘଟିବା ଦ୍ୱାରା ପ୍ରତ୍ୟେକ ପରମାଣୁକୁ ପୃଥକ୍ ଭାବରେ ଲକ୍ଷ୍ୟ କଲେ ତାର ବାହାର ସେଲ୍‌ରେ ୮ଟି ଇଲେକ୍ଟ୍ରନ ଥିବା ଭଳି ଜଣା ପଡିବ । ଏହିପରି ଭାବରେ ଏ ଦୁଇଟି ପରମାଣୁ ମିଳିତ ହୋଇପାରିବେ । ଏ ପ୍ରକାର ମିଳନକୁ ଇଂରାଜୀ ଭାଷାରେ 'କୋ-ଭ୍ୟାଲେନ୍ସ୍' ବୋଲି କୁହାଯାଏ । ଏହି କୋ-ଭ୍ୟାଲେନ୍ସ୍ ସମ୍ପର୍କ ଦ୍ୱାରା ଗୋଟିଏ କ୍ଲୋରିନ ପରମାଣୁ ଗୋଟିଏ ଫ୍ଲୋରିନ ପରମାଣୁ ସହ ମିଶି 'କ୍ଲୋରିନ୍ ଫ୍ଲୋରାଇଡ୍' ନାମକ ଏକ ଅଣୁର ସୃଷ୍ଟି କରିପାରେ । କ୍ଲୋରିନ ଓ ଫ୍ଲୋରିନ ଉଭୟର କୋ-ଭ୍ୟାଲେନ୍ସର ପରିମାଣ ହେଉଛି + ୧ । ଏହି ପ୍ରଣାଳୀ ସାହାଯ୍ୟରେ ଦୁଇଟି କ୍ଲୋରିନ ପରମାଣୁ ଏକତ୍ର ହୋଇ ଗୋଟିଏ କ୍ଲୋରିନ ଅଣୁର ସୃଷ୍ଟି କରିପାରିବେ ଓ ଦୁଇଟି ହାଇଡ୍ରୋଜାନ ପରମାଣୁ ମଧ୍ୟ ଏକତ୍ର ହୋଇ ଗୋଟିଏ ହାଇଡ୍ରୋଜାନ ଅଣୁର ସୃଷ୍ଟି କରିପାରିବେ ।

ନାଇଟ୍ରୋଜେନ ବା ଯବକ୍ଷାରଜାନର କୋ-ଭ୍ୟାଲେନ୍ସର ପରିମାଣ ୩ । ଏହାର ବାହାର ସେଲ୍‌ରେ ୫ଟି ଭ୍ୟାଲେନ୍ସି ଇଲେକ୍ଟ୍ରନ ଅଛି । ହାଇଡ୍ରୋଜାନ ପରମାଣୁର ଗୋଟିଏ ଭ୍ୟାଲେନ୍ସି ଇଲେକ୍ଟ୍ରନ ଅଛି । ଯବକ୍ଷାରଜାନ ପରମାଣୁର ତିନିଟି ଭ୍ୟାଲେନ୍ସି ଇଲେକ୍ଟ୍ରନ ହାଇଡ୍ରୋଜାନ

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

ପରମାଣୁର ଗୋଟିଏ ଭ୍ୟାଲେନ୍ସି ଇଲେକ୍ଟ୍ରନ ସହ ଭ୍ୟାଗ ହୋଇଯାଏ । ଏହିପରି ଭ୍ୟାକରେ ଯବକ୍ଷାରଜାନ ପରମାଣୁର ୫ଟି ଯାକ ଭ୍ୟାଲେନ୍ସି ଇଲେକ୍ଟ୍ରନ ପୃଥକ ଭ୍ୟାକରେ ୫ଟି ଉଦ୍‌ଜାନ ପରମାଣୁରେ ଥିବା ୫ଟି ଯାକ ଭ୍ୟାଲେନ୍ସି ଇଲେକ୍ଟ୍ରନ ସହ ମିଶିଯାଇ ପାରନ୍ତି । ଏପରି ଘଟିବା ଦ୍ୱାରା ଯବକ୍ଷାରଜାନ ପରମାଣୁଟିକୁ ପୃଥକ ଭ୍ୟାକରେ ଗୁଡ଼ିଲେ ଏହାର ବାହାର ସେଲରେ ୭ଟି ଇଲେକ୍ଟ୍ରନ ରହି ତା'ର ନଉକ୍ଲଅସ୍‌ର ଚତୁର୍ଦ୍ଦିଗରେ ଘୂର୍ଣ୍ଣନ କଲାଭଳି ଦେଖାଯିବ । ପ୍ରତ୍ୟେକ ଉଦ୍‌ଜାନ ପରମାଣୁକୁ ପୃଥକ ଭ୍ୟାକରେ ଗୁଡ଼ିଲେ ଏହାର 'କେ' ସେଲ୍‌ଟି ୨ଟି ଭ୍ୟାଲେନ୍ସି ଇଲେକ୍ଟ୍ରନ ଦ୍ୱାରା ପୂର୍ଣ୍ଣ ହୋଇ ଯାଇଥିବା ଭଳି ମଧ୍ୟ ଦେଖାଯିବ । ଡେଣ୍ଡୁ ଭ୍ୟାଗ ବନ୍ଧା-ବର୍ତ୍ତି ହୋଇ ସେହି ୫ଟି ଇଲେକ୍ଟ୍ରନ ପେଆର (ବା ଇଲେକ୍ଟ୍ରନ ଯୁଗଳ) ଗଠିତ ହୋଇଥାଏ, ଯଦ୍ଦ୍ୱାରା ପ୍ରତ୍ୟେକ ପେଆରଟି ଯବକ୍ଷାରଜାନ ପରମାଣୁର ନାଭି ଓ ଗୋଟିଏ ଉଦ୍‌ଜାନ ପରମାଣୁର ନାଭିର ଚତୁର୍ଦ୍ଦିଗରେ ଭ୍ରମଣ କରୁଥାନ୍ତି । ଏପରି ଭ୍ୟାକରେ ଗୋଟିଏ ଯବକ୍ଷାରଜାନ ପରମାଣୁ ୫ଟି ଉଦ୍‌ଜାନ ପରମାଣୁ ସହ ମିଳିତ ହୋଇ ଗୋଟିଏ ଆମୋନିଆ ଅଣୁର ସୃଷ୍ଟି କରେ ।

କାର୍‌ବନର କୋ-ଭ୍ୟାଲେନ୍ସର ପରମାଣୁ ୪ । ୪ଟି ହ୍ରୋଣକ ପରମାଣୁ ପୂର୍ବୋକ୍ତ ଭ୍ୟାସ୍ଥରେ ଗୋଟିଏ କାର୍‌ବନ ପରମାଣୁ ସହ ମିଳିତ ହୋଇ ଗୋଟିଏ କାର୍‌ବନ 'ଟେଟ୍ରା କ୍ଲୋରାଇଡ୍' ଅଣୁର ସୃଷ୍ଟି କରିପାରନ୍ତି । ଏହି କାର୍‌ବନ ଟେଟ୍ରା କ୍ଲୋରାଇଡ ମୂଲ୍ୟବାନ ପୋଷାକ ସଫା କରିବାରେ ବ୍ୟବହୃତ ହୁଏ । ଏହାଦ୍ୱାରା 'ଡ୍ରାଇ-କ୍ଲିନିଙ୍ଗ୍' (ପୋଷାକକୁ ଓଦା ନ କରି ସଫା କରିବା) ସମ୍ଭବ ହେଉଛି । ଏହିପରି ଭ୍ୟାକରେ 'କୋ-ଭ୍ୟାଲେନ୍ସ୍ ବଣ୍ଡ୍' ପ୍ରତିଷ୍ଠା ଦ୍ୱାରା ଅନେକ ପରମାଣୁ ସୃଷ୍ଟି ହୋଇ ପାରିଛନ୍ତି ।

ପୁଣ ଉଦାହରଣଗୁଡ଼ିକୁ ଲକ୍ଷ୍ୟକଲେ ଜଣାପଡ଼େଯେ, କେତେକ ଅଣୁ 'ଇଲେକ୍ଟ୍ରୋ ଭ୍ୟାଲେନ୍ସ ବଣ୍ଡ' ପ୍ରଣାଳୀ ସାହାଯ୍ୟରେ ଓ ଆଉ କେତେକ ଅଣୁ 'କୋ-ଭ୍ୟାଲେନ୍ସ ବଣ୍ଡ' ପ୍ରଣାଳୀ ସାହାଯ୍ୟରେ ଗଠିତ ହୋଇଅଛନ୍ତି । ମାତ୍ର ଏଭଳି କେତେକ ଅଣୁ ଅଛନ୍ତି, ଯେଉଁଗୁଡ଼ିକର ଗଠନକୁ ଯଥିକ ଭ୍ୟାକରେ 'ଇଲେକ୍ଟ୍ରୋ ଭ୍ୟାଲେନ୍ସ' ବା 'କୋ-ଭ୍ୟାଲେନ୍ସ' ପ୍ରଣାଳୀ ସାହାଯ୍ୟରେ ବୁଝାଇ ବୁଝାଯାଇ ପାରିବ ନାହିଁ, କାରଣ ଏଗୁଡ଼ିକ ମଧ୍ୟବର୍ତ୍ତୀ ପନ୍ଥା ଅନୁସରଣ କରିଥିବା ଦିଶି ଦୃଷ୍ଟ ହୁଏ ।

ଉଦାହରଣ ସ୍ୱରୂପ, ଦୁଇଟି ଅଣୁ ପରସ୍ପର ମଧ୍ୟରେ କୋ-ଭ୍ୟାଲେନ୍ସ ପ୍ରଣାଳୀ ଭଳି ଗୋଟିଏ ସେଥ୍ୟାର ଇଲେକ୍ଟ୍ରନ ଭ୍ୟାଗଦାନ୍ତି ନେଇ ପାରନ୍ତି । ବର୍ତ୍ତମାନ କୋ-ଭ୍ୟାଲେନ୍ସ ପ୍ରଣାଳୀ ଅନୁଯାୟୀ ଏହି ଇଲେକ୍ଟ୍ରନ ଦ୍ୱୟ ଉଭୟ ପରମାଣୁର ନାଭିର ଚତୁର୍ଦ୍ଦିଗରେ ଘୂର୍ଣ୍ଣନ କରିବାର କଥା । ଯଦି ଇଲେକ୍ଟ୍ରନ ଦ୍ୱୟ ଗୋଟିଏ ପରମାଣୁର ନଉକ୍ଲଅସ୍‌ର ଚତୁର୍ଦ୍ଦିଗରେ ଘୂର୍ଣ୍ଣନ କରିବା ପାଇଁ ଅନ୍ୟ ପରମାଣୁର ନଉକ୍ଲଅସ୍‌ର ଚତୁର୍ଦ୍ଦିଗରେ ଭ୍ରମଣ କରିବା ଅପେକ୍ଷା ବେଶୀ ସମୟ ନିଅନ୍ତି, ତାହାଙ୍କେଲେ ସେଉଁ ପରମାଣୁର ନଉକ୍ଲଅସ୍‌ର ଚତୁର୍ଦ୍ଦିଗରେ ଘୂର୍ଣ୍ଣନ କରିବା ପାଇଁ ସେମାନେ ବେଶୀ ସମୟ ନିଅନ୍ତି, ତାହା ଆଂଶିକ ଭ୍ୟାକରେ ନେଗେଟିଭ୍ ଚର୍ଜ ବିଶିଷ୍ଟ ବା ଋଣାତ୍ମକ ହୋଇଯିବ ଓ ଅନ୍ୟ ପରମାଣୁଟି ଆଂଶିକ ଭ୍ୟାକରେ ପଜିଟିଭ୍ ଚର୍ଜ ବିଶିଷ୍ଟ ବା ଧନାତ୍ମକ ହୋଇଯିବ । ଏହିପରି ଭ୍ୟାକରେ ମିଳିତ ହୋଇ ଏହି ପରମାଣୁ ଦ୍ୱୟ ଯେଉଁ ଅଣୁ ଗଠନ କରନ୍ତି, ତାହା ଦୈଦ୍ୟୁତିକ ଦ୍ୱିଜ୍‌ମେରୁ (ଇଲେକ୍ଟ୍ରିକାଲ ଡାଇପୋଲ) ବୋଲି କୁହାଯାଇ ପାରିବ ନାହିଁ । ଡେଣ୍ଡୁ ଏଭଳି ଅଣୁକୁ ଆମେମାନେ ଆଂଶିକ ଭ୍ୟାକରେ ଅଯୁଗ୍ମ ଗୁଣ ବିଶିଷ୍ଟ କୋ-ଭ୍ୟାଲେନ୍ସ୍ ବଣ୍ଡ୍ ପ୍ରଣାଳୀ ଦ୍ୱାରା ଗଠିତ ବୋଲି କହିବା । ଉପରୋକ୍ତ ପ୍ରଣାଳୀରେ ଗଠିତ ହୋଇଥିବା ଅଣୁଗୁଡ଼ିକ ମଧ୍ୟରେ କଳର ଅଣୁ ଅନ୍ୟତମ ।

ପୂର୍ବୋକ୍ତ ପ୍ରଣାଳୀ ସାହାଯ୍ୟରେ ପରମାଣୁଗୁଡ଼ିକ ମିଳିତ ହୋଇ ଅସଂଖ୍ୟ ପ୍ରକାରର ଅଣୁ ଗଠନ କରନ୍ତି । ଉପରୋକ୍ତ ଉଦାହରଣଗୁଡ଼ିକରେ କେତଜ କେତେକ ଅତି ସରଳ ଅଣୁର ଗଠନ ସମ୍ପର୍କରେ ସୂତ୍ରଇଦ୍ଧାଯାଇଛି । ଏପରି କେତେକ ଅଣୁ ଅଛି, ଯେଉଁଗୁଡ଼ିକର ଗଠନ ଅତ୍ୟନ୍ତ ଜଟିଳ । ଏକ ହଜାର ବା ତା' ଠାରୁ ଅଧିକ ପରମାଣୁ ମିଳିତ ହୋଇ ଗୋଟିଏ ଗୋଟିଏ ଅଣୁ ସୃଷ୍ଟି କରି ପାରିଛନ୍ତି । ଜୈବିକ ପଦାର୍ଥଗୁଡ଼ିକର ବିଶେଷ କରି ବିଭିନ୍ନ ପ୍ରକାର ପ୍ରୋଟିନଗୁଡ଼ିକର ଅଣୁଗୁଡ଼ିକ ଏହି ଧରଣର । ଦୁଗ୍ଧରେ ଥିବା ଲକ୍‌ଟାଲ ବ୍ୟୁମିନ ନାମକ ପ୍ରୋଟିନ

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

ପ୍ରୋଟିନ୍‌ର ଅଣ୍ଡ ପ୍ରାୟ ୧୭,୫୦୦ ପରମାଣୁର ମିଶ୍ରଣ ଫଳରେ ଗଠିତ ହୋଇଅଛୁ ଓ ଆମ ରକ୍ତରେ ଥିବା ହେମୋସିଆନନ୍‌ର ଗୋଟିଏ ଅଣ୍ଡ ପ୍ରାୟ ୬୭୦୦,୦୦୦ ପରମାଣୁର ମିଶ୍ରଣ ଫଳରେ ଗଠିତ ହୋଇଛୁ । ସେହିପରି ଅଣ୍ଡାରେ ଥିବା ଆଲ୍‌ବୁମିନ ନାମକ ଏକ ପ୍ରୋଟିନ, ଦୁଗ୍ଧରେ ଥିବା କେଟିନ ନାମକ ଏକ ପ୍ରୋଟିନ, ହାଡ଼ରେ ଥିବା ଓଲ୍‌ଟିନ ନାମକ ଏକ ପ୍ରୋଟିନ ଓ କେଶରେ ଥିବା କେରାଟିନ ନାମକ ଏକ ପ୍ରୋଟିନର ଗଠନ ମଧ୍ୟ ବହୁ ପରମାଣୁର ମିଶ୍ରଣ ଫଳରେ ସମ୍ଭବ ହୋଇପାରୁଛୁ । କିନ୍ତୁ କ୍ଷୁଦ୍ର ଅଣୁଗୁଡ଼ିକଠାରୁ ଆରମ୍ଭ କରି ଏହି ବିରାଟ ଅଣୁ-ଗୁଡ଼ିକର ପରମାଣୁ ସମୂହ ପୂର୍ବୋକ୍ତ ପ୍ରଣାଳୀ ଅନୁଯାୟୀ ମିଳିତ ହୋଇ ପାରୁଛନ୍ତି ।

(ଦେଖନ୍ତୁ- ଆଇସୋଟୋପ୍, ଆଟମ୍, ଇଲେକ୍‌ଟ୍ରି-ସିଟୀ, ଇଲେକ୍ଟ୍ରୋନ, କେମିଷ୍ଟ୍ରି, ନ୍ୟୁକ୍ଲିନ, ମଲିକ୍ୟୁଲ, ପଦାର୍ଥ ବିଦ୍ୟା, ପରମାଣୁ, ପ୍ରୋଟନ)

(୨) ଅଣୁ (ହିନ୍ଦୁ ଦର୍ଶନ) - ଭାରତୀୟ ଷଡ଼ଦର୍ଶନ ମଧ୍ୟରୁ ଅନ୍ୟତମ । କଣାଦ ରଚିତ ବୈଶେଷିକ-ଦର୍ଶନରେ ଉଲ୍ଲେଖ ଅଛୁ, ସକଳ ଜାଗତିକ ପଦାର୍ଥ ଅଣୁ ବା ପରମାଣୁରୁ ସୃଷ୍ଟି । ଭାରତୀୟ ଦର୍ଶନରେ ଅଣୁ ଓ ପରମାଣୁର ବ୍ୟବହାରରେ ପାର୍ଥକ୍ୟ ପରିଲକ୍ଷିତ ହୁଏ ନାହିଁ । ଅଣୁର ଅସ୍ତିତ୍ୱ ସ୍ୱତନ୍ତ୍ର ଭାବରେ ଦେଖି ନ ହେଲେ ମଧ୍ୟ ଅଣୁର ସ୍ଥିତି ସମ୍ପର୍କରେ ଯେଉଁ ଅନୁମାନ କରାଯାଇଛୁ, ତାହା ନିମ୍ନରେ ଦିଆଯାଇଛୁ । ଦୃଶ୍ୟମାନ ଯେତେ ପ୍ରକାର ପଦାର୍ଥ ଆମକୁ ଦୃଷ୍ଟ ହୁଏ ଓ ଅନେକ ଅଦୃଷ୍ଟ ପଦାର୍ଥ ବି ବହୁ ଅଣୁର ସଂଯୋଗରୁ ସୃଷ୍ଟି । ପ୍ରଥମେ ଦୁଇଟି ଅଣୁର ସଂଯୋଗ ଘଟି ଦ୍ୟଣୁକରୁ ପୃଥିବୀ, ତେମୋଟି ଅଣୁର ସଂଯୋଗ ଘଟି ତ୍ର୍ୟଣୁକରୁ ଜଳ, ଚାରୋଟି ଅଣୁର ସଂଯୋଗ ଘଟି ଚତୁରଣୁକରୁ ଅଗ୍ନି ଓ ବାୟୁର ଉତ୍ପତ୍ତି ହୋଇଛି । ପୃଥିବ୍ୟାଦିର ମୂଳ କାରଣ ରୂପ ଅଣୁ ବା ପରମାଣୁ ନିତ୍ୟ, ଅର୍ଥାତ୍ ଏହାର ଉତ୍ପତ୍ତି ଓ ନାଶ ନାହିଁ । କାରଣ, ଦ୍ରବ୍ୟର ପରମାଣୁମାନଙ୍କର ବିଶ୍ଳେଷଣକୁ ନାଶ କୁହାଯାଏ, କିନ୍ତୁ ପରମାଣୁର କୌଣସି ଅଂଶ ନ ଥିବାରୁ ତାହାର ନାଶ ଅସମ୍ଭବ । ଯେଉଁ ଦ୍ରବ୍ୟକୁ ଯେତେ ଚ୍ଛୋଟ ଖଣ୍ଡରେ ବିଭକ୍ତ କଲେ ମଧ୍ୟ, ତାହାର ଅଂଶ ରହିଥାଏ, ସେ ଦ୍ରବ୍ୟ ଉତ୍ପନ୍ନ ହେବା ସମ୍ଭବ, ମାତ୍ର ପରମାଣୁକୁ ଚ୍ଛୋଟ ଖଣ୍ଡରେ ବିଭକ୍ତ କଲେ, ତାହାର ଅଂଶ ରହେ ନାହିଁ । ତେଣୁ ପରମାଣୁ ଅଂଶଶୂନ୍ୟ ଓ ତା'ର ଉତ୍ପତ୍ତି ହେବା ଅସମ୍ଭବ । ପଶ୍ଚଦୃଶ୍ୟମାନ ଯେ କୌଣସି ଦ୍ରବ୍ୟକୁ ଭଗ କରିବା ପରେ ଯେଉଁ ଅଂଶର ଭଗ ଆଉ ହୋଇ ପାରିବ ନାହିଁ, ସେହି ଅବିଭାଜ୍ୟ ଅଂଶକୁ ଅଣୁ ବା ପରମାଣୁ କୁହାଯାଏ ।

ପୂର୍ବରୁ ଜଳ ଓ ପୃଥିବୀ ଆଦିର ପରମାଣୁ ସମ୍ପର୍କରେ ଯେଉଁ ଆଲୋଚନା କରାଯାଇଛୁ, ସେଥିରେ କୁହାଯାଇଛୁ, ଜଳ ଓ ପୃଥିବୀ ଆଦିର ପରମାଣୁ ପରସ୍ପର ପୃଥକ, ଅର୍ଥାତ୍ ପୃଥିବୀର ପରମାଣୁ ଜଳର ପରମାଣୁ ଠାରୁ ପୃଥକ ଏବଂ ଉଭୟଗୁଣ ବିଶିଷ୍ଟ । ପୃଥିବୀ, ଜଳ, ଅଗ୍ନି, ବାୟୁ ଓ ଆକାଶ ଏହି ପଞ୍ଚଭୂତ ମଧ୍ୟରେ, ବୈଶେଷିକ ମତରେ କେବଳ ଆକାଶହିଁ ନିତ୍ୟ ।

ଆକାଶ ଶବ୍ଦର ବାହକ ଓ ଶବ୍ଦର ଅନୁଭୂତିରୁ ତଦାଧାର ଆକାଶର ଅବସ୍ଥିତି ଅନୁମେୟ । ଏହା ପରମାଣୁ ପରି ନିତ୍ୟ, ଅତଏବ ପରମାଣୁରୁ ଉତ୍ପନ୍ନ ନୁହେଁ । କାଳ, ଦିକ୍, ଆତ୍ମା ଓ ମନସ୍ ବୋଲି ଅପର ତିନିଗୋଟି ଦ୍ରବ୍ୟ ମଧ୍ୟ ପରମାଣୁରୁ ଉତ୍ପନ୍ନ ନୁହନ୍ତି, ଅତଏବ ପରମାଣୁ ପରି ନିତ୍ୟ । ବୈଶେଷିକ ମତରେ ଈଶ୍ୱର ବା ପରମେଶ୍ୱରଙ୍କ ଇଚ୍ଛା ହେଲେ ନିତ୍ୟ ପରମାଣୁମାନଙ୍କ ମଧ୍ୟରେ ଗତି ଆରମ୍ଭ ହୋଇ ସେମାନଙ୍କର ସଂଯୋଗ ଘଟେ ଓ ସଂଯୁକ୍ତ ପରମାଣୁ-ମାନଙ୍କର ସଂଖ୍ୟାନୁସାରେ ଦ୍ୟଣୁକାଦିର ଉତ୍ପତ୍ତି ହୁଏ । ତନ୍ନ ବା ତତ୍ତୋଧିକ ଅଣୁ ମିଶି ହଠାତ୍ ବା ଯେରେଣ୍ଡୁ ଉତ୍ପନ୍ନ ହୁଏ ଓ ଏହା ଆକାଶରେ ଅତି କ୍ଷୁଦ୍ର ଆକାର ରୂପରେ ଉଡ଼ୁଥିବା ସମୟରେ ମନୁଷ୍ୟ ଦେଖିବାକୁ ପାଇଥାଏ । ଦ୍ୟଣୁକାଦିମାନେ ଇନ୍ଦ୍ରିୟାଗମ୍ୟ, ତେଣୁ କେବଳ ତତ୍କଳନିତ ପଦାର୍ଥମାନଙ୍କ ଦ୍ୱାରା ସେମାନଙ୍କର ସତ୍ତା ଅନୁମେୟ ।

ଅଣ୍ଡା କାଢ଼ିବା-ପ୍ରାଦେ. (ବାଲେଶ୍ୱର) - ଭୈଳବାଳକୁ ବନ୍ଧ ଭୈଳ ପ୍ରସ୍ତୁତ କରିବା ।

ଅଣ୍ଡୁକ-ସଂ.ବି. (ଅଣୁ + ସ୍ୱାର୍ଥେକ) - ଅଣୁଧାନ୍ୟ (ଦେଖନ୍ତୁ) ସଂ.ବିଣ (ଅଣୁ + କ) - ଅତି ସୂକ୍ଷ୍ମ । (ଅଣ ଧାତୁ + କର୍ତ୍ତୃ. ଉକ) - ଚତୁର ।

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

ଅଣ୍ଡଖୁଆ

ଅଣ୍ଡଖୁଆ-ଗ୍ରା.ବି.-ଅଣ୍ଡଖୁଆ (ଦେଶଜ)

ଅଣ୍ଡଚର୍କିକା - (*Phatelets*) - ସଂ. ବି. (ବିଜ୍ଞାନ ପରିଭାଷା) - ମନୁଷ୍ୟର ରକ୍ତରେ ଯେଉଁ ଉପାଦାନମାନ ଥାଏ, ସେମାନଙ୍କ ମଧ୍ୟରୁ ଅଣୁଚର୍କିକା ଅନ୍ୟତମ । ରକ୍ତର ଅନ୍ୟ ଏକ ମୁଖ୍ୟ ଉପାଦାନ ଲୋହିତ ରକ୍ତ ଚର୍କିକା ଅପେକ୍ଷା ଆୟତନରେ ଛୋଟ । ଏକ ଘନ ମିଲିମିଟର ରକ୍ତରେ ପ୍ରାୟ ୨୫୦,୦୦୦ ଅଣୁ ଚର୍କିକା ରହିଥାଏ । ଏହା ରକ୍ତ ଜମାଟ ବାନ୍ଧିବା କାର୍ଯ୍ୟରେ ବିଶେଷ ଭାବେ ସାହାଯ୍ୟ କରେ ।

ଅଣୁଚ୍ଛେଦ-ସଂ. ବି. (ଅଣୁ+ଛେଦ, ସନ୍ଧି ଯୋଗୁଁ ଛ ସ୍ଥାନରେ ଚ୍ଛ)- ଉନ୍ମଜ୍ଜନ ବିପତ୍ତି ।

ଅଣୁଜୀବ-(*Micro-organism*)-ସଂ. ବି. (ବିଜ୍ଞାନ ପରିଭାଷା) - କେତେକ ଉଦ୍ଭିଦ ଓ ପ୍ରାଣୀମାନଙ୍କର ଶରୀର ଏତେ ସୂକ୍ଷ୍ମ ଯେ ସେମାନେ ଖାଲି ଆଖିକୁ ଦେଖାଯାନ୍ତାନାହିଁ କେବଳ ଅଣୁବୀକ୍ଷଣ ଯନ୍ତ୍ର ସାହାଯ୍ୟରେ ଦେଖାଯାଆନ୍ତି । ଏମାନଙ୍କୁ ଅଣୁଜୀବ କହନ୍ତି । ଅଣୁଜୀବମାନଙ୍କର ଶରୀର ଏକ ବା ଏକାଧିକ କୋଷରେ ଗଠିତ । ଅଣୁଜୀବମାନେ ଶୈବାଳ, ଜୀବାଣୁ, ଭାଇରାଣୁ, ଶୈବେଷିଆ ଏବଂ ଆଦିପ୍ରାଣୀ (*Protozoa*) ଶ୍ରେଣୀମାନଙ୍କରେ ଅନ୍ତର୍ଭୁକ୍ତ ।

ଏହି ଅଣୁଜୀବମାନଙ୍କ ଦ୍ୱାରା ପ୍ରାଣୀମାନଙ୍କଠାରେ ସଂକ୍ରାମକ ରୋଗ ହୋଇଥାଏ । କେତେକ ସଂକ୍ରାମକ ରୋଗର ଜୀବାଣୁ ସଂସର୍ଗ ଦ୍ୱାରା ଏବଂ କେତେକର ଜୀବାଣୁ ଜଳ, ବାୟୁ, ଜୀବ ଯନ୍ତ୍ରାଙ୍ଗ ଏବଂ ପ୍ରାଣୀମାନଙ୍କ ଦ୍ୱାରା ରୋଗୀର ଶରୀରରୁ ସୁସ୍ଥ ଲୋକର ଶରୀରକୁ ସଂକ୍ରମିତ ହୋଇଥାଏ ।

ଉଇଜା, ଆନ୍ଥ୍ରାକ୍ସର, ଯକ୍ଷ୍ମା, ଧନୁଷ୍ଟଙ୍କାର, ମ୍ୟାଲେରିଆ, କୁଷ୍ଠ ଏବଂ ଜଣ୍ଡିସ୍ ରୋଗମାନ ନିର୍ଦ୍ଦିଷ୍ଟ ଜୀବାଣୁ ଦ୍ୱାରା ହୋଇଥାଏ । ବସନ୍ତ, ହାଡଫୁଟି, ମିଳିମିଳା, ଇନଫ୍ଲୁଏଞ୍ଜା, କଳାଜ୍ୱର, ପୋଲିଓ ରୋଗମାନ ସୂକ୍ଷ୍ମତମ ଭୂତାଣୁ (*Virus*) ଦ୍ୱାରା ହିଁ ହୁଏ । ସ୍ଲାସମୋଡିୟମ୍ ନାମକ ଏକ ଆଦ୍ୟ ପ୍ରାଣୀ ଦ୍ୱାରା ମ୍ୟାଲେରିଆ ରୋଗ ସୃଷ୍ଟି ହୁଏ । ବାଛୁରର ଏକ ରୋଗକୁମି ଦ୍ୱାରା ହୁଏ । କାନ୍ଥୁ ଏକ ଅତିକ୍ଷୁଦ୍ର ଝିଙ୍କା ଜାତୀୟ ସନ୍ଧିପଦ ପ୍ରାଣୀ ଏବଂ ଯାହୁ ଏକ କବକ ଦ୍ୱାରା ହୋଇଥାଏ ।

ଅଣୁତା-ସଂ.ବି. (ଅଣୁ+ତ୍ୱବାର୍ଥେ. ତା) - ସୂକ୍ଷ୍ମତ୍ୱ ।

ଅଣୁତୈଳ-ସଂ.ବି.-ବୈଦ୍ୟ ଶାସ୍ତ୍ରୋକ୍ତ ତୈଳ ବିଶେଷ ।

ଅଣୁଦେହ- ସଂ. ବି. (ଅଧୁନିକ ବିଜ୍ଞାନ ପରିଭାଷା)- ଜଳାଦ୍ଭ ପଦାର୍ଥରେ ଥିବା ଅତି କ୍ଷୁଦ୍ର ଜନ୍ତୁ, ଜୀବାଣୁ ।

ଅଣୁଧାନ୍ୟ-ସଂ.ବି.- ସୂକ୍ଷ୍ମଧାନ୍ୟ, ଦେଖିବାକୁ ଅତି ଛୋଟ ଶସ୍ୟ (ଯଥା- ଚଣା, ମାଣ୍ଡିଆ, ସୋରଷ, କୋଦୁଅ, ପୁଅଁ ।)

ଅଣୁପରମାଣୁ-ସଂ.ବି. (ବିଜ୍ଞାନ ପରିଭାଷା) - (ଦେଶଜ- ଅଣୁ, ପରମାଣୁ)

ଅଣୁ ପ୍ରମାଣ-ସଂ.ବିଣ (ବହୁବ୍ରୀହି)-ଅଣୁ ପରି କ୍ଷୁଦ୍ର, ଅତି ସାମାନ୍ୟ ।

ଅଣୁବାଦ-ସଂ.ବି. (ବିଜ୍ଞାନ ପରିଭାଷା)- ଯେଉଁ ମତବାଦ ପୃଥିବୀର ଯାବତୀୟ ବସ୍ତୁ ଅତିସୂକ୍ଷ୍ମ ଅଣୁମାନଙ୍କର ସମଷ୍ଟି ବୋଲି ବିବେଚନା କରେ ।

ଅଣୁବୀକ୍ଷଣ- ସଂ. ବି (ଅଣୁ+ବୀକ୍ଷଣ) - ବସ୍ତୁର କ୍ଷୁଦ୍ର ଅଂଶମାନଙ୍କର ପର୍ଯ୍ୟବେକ୍ଷଣ, ଅତି ସହଜ ପଦ୍ଧତିକ ନରୀକ୍ଷଣ ।

ଅଣୁବୀକ୍ଷଣ ଯନ୍ତ୍ର (*Microscope*) - ଦେ. ବି. (ବିଜ୍ଞାନ ପରିଭାଷା) - ଯେଉଁ ଯନ୍ତ୍ର ସାହାଯ୍ୟରେ ଛୋଟ ଛୋଟ ବସ୍ତୁ ବଡ଼ ଆକାରରେ ଦେଖାଯାଏ, ତାହାକୁ ଅଣୁବୀକ୍ଷଣ ଯନ୍ତ୍ର କୁହାଯାଏ । ଏହାକୁ ଇଂରାଜୀ ଭାଷାରେ କୁହାଯାଏ "ମାଇକ୍ରୋସ୍କୋପ୍" । ଗ୍ରୀକ୍ ଭାଷାର 'ମାଇକ୍ରୋ' (ସୂକ୍ଷ୍ମ) ଓ 'ସ୍କୋପିନ' (ଦେଖିବା) ଶବ୍ଦର ମିଶ୍ରଣରେ ଏହି ଇଂରାଜୀ ଶବ୍ଦଟିର ସୃଷ୍ଟି । ସୂକ୍ଷ୍ମ ପଦାର୍ଥକୁ ଦେଖି ପାରୁଥିବାରୁ ଏହାକୁ 'ସୂକ୍ଷ୍ମ ଦର୍ଶକ' ବୋଲି କୁହାଯାଇଥାଏ ।

ଅଣୁବୀକ୍ଷଣ ଯନ୍ତ୍ର କ'ଣ ଓ ଏହା ଦ୍ୱାରା ମାନବ ସମାଜର କି ପ୍ରକାର ଉନ୍ନତ ସାଧନ ହେଉଛି ଆଲୋଚନା କରିବା ପୂର୍ବରୁ ଜଣେ, କେବେ ଓ କାହିଁକି ଏହି ଯନ୍ତ୍ରର ଉଦ୍ଭାବନ କରିଥିଲେ ସେ ସମ୍ପର୍କରେ ଆଲୋଚନା କରିବା । ଉନ୍ନତ ଧରଣର ଅଣୁବୀକ୍ଷଣ ଯନ୍ତ୍ର

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

ଉଦ୍ଭାବନ ହେବାର ବହୁ ପୂର୍ବ କାଳରୁ ସାଧାରଣ ଅଉତ୍ତଳ କାଚର ବ୍ୟବହାର ଲୋକମାନଙ୍କୁ ଜଣାଥିଲା । ଅଉତ୍ତଳ କାଚ କ'ଣ, ସାଧାରଣ ଉଦାହରଣଟିଏ ଦେଲେ ସହଜରେ ବୁଝି ହୋଇଯିବ । ସାଧାରଣତଃ ଦୂରରେ ଥିବା କିଛି ନକଟର ହେଲେ ଟମେ ବଡ଼ ଦେଖାଯାଇଥାଏ, ମାତ୍ର ୬୫ ସେଣ୍ଟିମିଟରରୁ ନକଟକୁ ଆସିଲେ ବସ୍ତୁଟି ଆକାରରେ ବଡ଼ ଦେଖାଗଲେ ମଧ୍ୟ ଅସ୍ପଷ୍ଟ ହୋଇଯାଏ । କିନ୍ତୁ ଏହି ଅବସ୍ଥାରେ ଗୋଟିଏ ଉତ୍ତଳ-କାଚ (*Convex lens*) ସେହି ବସ୍ତୁ ଓ ଆଖି ମଧ୍ୟରେ ରଖିଲେ ବସ୍ତୁଟି ସ୍ପଷ୍ଟ ଦେଖାଯାଇଥାଏ । ପ୍ରକୃତରେ ଏ କ୍ଷେତ୍ରରେ ଆମେ ବସ୍ତୁଟିକୁ ନ ଦେଖି ଏହାର ପ୍ରତିବମ୍ବକୁହିଁ ଦେଖିଥାଉଁ । ପ୍ରତିବମ୍ବ ଆମ ଆଖିକୁ ବସ୍ତୁଠାରୁ ବଡ଼ ଦେଖାଯାଏ । ତେଣୁ ଗୋଟିଏ ଉତ୍ତଳ-କାଚକୁ 'ସରଳ ଅଣୁବୀକ୍ଷଣ ଯନ୍ତ୍ର' ବୋଲି କୁହାଯାଇପାରେ ।

ଏହା ପୂର୍ବରୁ ଷୋଡଶ ଶତାବ୍ଦୀରେ ଗାଲିଲଓ ତାଙ୍କର ପ୍ରଖର ବୁଦ୍ଧି ଓ ଅଦମ୍ୟ ଚେଷ୍ଟା ଫଳରେ ଯେଉଁ ଯନ୍ତ୍ର ବଳରେ ଅତିଦୂରରେ ଥିବା କିଛି ପଦାର୍ଥଗୁଡ଼ିକ ଖୁବ୍ ବଡ଼ ବଡ଼ ଆକାରରେ ଓ ଅତି ସ୍ପଷ୍ଟ ଭାବରେ ଦେଖାଯାଇ ପାରିବ, ସେହିଭଳି ଏକ ଯନ୍ତ୍ର ଉଦ୍ଭାବନ କରିଥିଲେ । ସେହି ଯନ୍ତ୍ରର ନାମ ଦୂରବୀକ୍ଷଣ ଯନ୍ତ୍ର । ମହାନଭ ଗାଲିଲଓ ଦୂରବୀକ୍ଷଣ ଯନ୍ତ୍ର ମାଧ୍ୟମରେ ପୃଥିବୀର ବସ୍ତୁ ପିଣ୍ଡ ସମ୍ପର୍କରେ ପର୍ଯ୍ୟବେକ୍ଷଣ କରିବା ପରଠାରୁ ଦୂରବୀକ୍ଷଣ ଯନ୍ତ୍ରର ନର୍ମାଣ ପଦ୍ଧତି ଓ ବହୁମୁଖୀ ପ୍ରୟୋଗ କ୍ଷେତ୍ରରେ ପ୍ରଭୂତ ଅଗ୍ରଗତି ସାଧିତ ହେଲା । ଜ୍ୟୋତି ବିଜ୍ଞାନର ସମୃଦ୍ଧି ସାଧନ ପାଇଁ ଗାଲିଲଓ ଦୂରବୀକ୍ଷଣ ଯନ୍ତ୍ର ବ୍ୟବହାର କରିବା ଫଳରେ ଏହି ଯନ୍ତ୍ରର ଅନୁକରଣରେ ଅଧୁନିକ ଯୁଗର ଅତି ଶକ୍ତିଶାଳୀ ଯୌଗିକ ଅଣୁବୀକ୍ଷଣ ଯନ୍ତ୍ର ଉଦ୍ଭାବିତ ହେଲା । ବୈଜ୍ଞାନିକ କୋହାନ୍‌ସ କେପଲର ଓ ତାଙ୍କ ସମସାମୟିକ ବୈଜ୍ଞାନିକ ଝରପେଲ୍ ଅଣୁବୀକ୍ଷଣ ଯନ୍ତ୍ରର ନର୍ମାଣ ପଦ୍ଧତି ସମୃଦ୍ଧରେ ବୈଜ୍ଞାନିକମାନଙ୍କୁ ତାତ୍ତ୍ୱିକ ଜ୍ଞାନ ଯୋଗାଇ ଦେବା ପରଠାରୁ ଅଣୁବୀକ୍ଷଣର ପ୍ରସ୍ତୁତି ଓ ପ୍ରୟୋଗ କ୍ଷେତ୍ରରେ ପୃଥିବୀର ବିଭିନ୍ନ ଦେଶର ବୈଜ୍ଞାନିକ ଓ କାରିଗରମାନେ ବ୍ୟାପକ ଉଦ୍ୟମ ଚଳାଇଲେ । ସପ୍ତଦଶ ଶତାବ୍ଦୀର ମଧ୍ୟଭାଗରେ ଏହି ଗବେଷଣାର ତୀବ୍ରତା ବିଶେଷ ବୃଦ୍ଧିଲାଭ କଲା ।

ଇଟାଲୀର ଶାସ୍ତ୍ରରଚୟିତା ମାର୍‌ସେଲ୍ଲୋ ମାଲପିଗି (୧୬୨୮ - ୧୬୯୪) ଓ ହଲଣ୍ଡର ପ୍ରସିଦ୍ଧ ଉଦ୍ଭାବକ ଆଣ୍ଟନଭନ ଲେଉଏନ୍ ହୁକ୍ (୧୬୩୬-୧୭୨୩) ସମ-ସାମୟିକ ଭାବରେ ଅଣୁବୀକ୍ଷଣ ଯନ୍ତ୍ରର ପ୍ରସ୍ତୁତି ଓ ପ୍ରୟୋଗ କ୍ଷେତ୍ରରେ ବିଚକ୍ଷଣ ପାରଦର୍ଶିତା ପ୍ରଦର୍ଶନ କରିଥିଲେ । ମାତ୍ର ଲେଉଏନ୍‌ହୁକ୍ ସ୍ୱୀୟ ନିରବଚ୍ଛିନ୍ନ ଉଦ୍ୟମ, କର୍ମକୁଶଳତା ଓ ଅଣୁବୀକ୍ଷଣ ଯନ୍ତ୍ରର ବହୁମୁଖୀ ଜନପ୍ରିୟ ଉପଯୋଗ ଜରିଆରେ ଏପରି ସୁନାମ ଅର୍ଜନ କରିଥିଲେ ଯେ ତାଙ୍କୁ ହିଁ ବର୍ତ୍ତମାନ ଅଣୁବୀକ୍ଷଣ ଯନ୍ତ୍ରର ଜନକ ଭାବରେ ସମ୍ମାନିତ କରାଯାଉଛି ।

ଲେଉଏନ୍‌ହୁକ୍ ଶୈଶବ ଅତିବାହିତ କରିଥିବା ବିଦ୍ୟାଳୟରେ ଆନୁଷ୍ଠାନିକ ଶିକ୍ଷାଲାଭ କରିଥିଲେ । ପିତାଙ୍କ ମୃତ୍ୟୁ ପରେ ସେ ଗୋଟିଏ ବସ୍ତ୍ରାଳୟରେ କର୍ମୀ ଭାବରେ ଯୋଗ ଦେଇ ମାତ୍ର ୧୬ ବର୍ଷ ବୟସରେ କର୍ମମୟ ଜୀବନର ଅସ୍ତ୍ରାରମ୍ଭ କରିଥିଲେ । କିଛିକାଳ ପରେ ସେ ସ୍ୱାଧୀନ ଭାବରେ ନିଜର ଗୋଟିଏ ଦୁଗା ଦୋକାନ ଖୋଲିଥିଲେ । ସୌନ୍ଦର୍ଯ୍ୟବଶତଃ ତାଙ୍କୁ ଡେଲଫଟ ସିଟି ହଲ୍‌ରେ ଗୃହ ରକ୍ଷକ ଚାକିରି ମିଳିଗଲା । ଦେହାବସାନ ଯଦିବା ଯର୍ଯ୍ୟନ୍ତ ସେ ଏହି ସ୍ୱଳ୍প ଶ୍ରମ ସ୍ୱଳ୍প ଦାୟିତ୍ୱ ବିଶିଷ୍ଟ ଚାକିରିକୁ ଆଦର ନେଇଥିଲେ । ବାଲ୍ୟକାଳରୁ ଛୋଟ ଛୋଟ ବସ୍ତୁ ଗୁଡ଼ିକୁ ବଡ଼ ଆକାରରେ ଦେଖିବାର ବାସନା ତାଙ୍କ ମନରେ କୌତୂହଳ ସୃଷ୍ଟି କରିଥିଲା । ଯବକାଚକୁ ସରଳ ଅଣୁବୀକ୍ଷଣ ଭାବରେ ବ୍ୟବହାର କରି ସେ ବାସନା ମେଣ୍ଟାଇଥିଲେ । ମାତ୍ର କାଚକୁ ଏପରି ଭାବରେ ଦର୍ଷି ସେ ଯଜକାଚଗୁଡ଼ିକୁ ପ୍ରସ୍ତୁତ କରିପାରୁଥିଲେ ଯେ ସେଗୁଡ଼ିକର ଆବର୍ଦ୍ଧନ କ୍ଷମତା ପ୍ରାୟ ୨୦୦ ଗୁଣ ହେଉଥିଲା । ଏଠାରେ ଆମେ ଜାଣିବାର କଥା ଯେ, ଯେଉଁ ପ୍ରକାର ଯୌଗିକ ଅଣୁବୀକ୍ଷଣ ଯନ୍ତ୍ରର ପ୍ରସ୍ତୁତି ଓ ସମୃଦ୍ଧି ସାଧନ ପରବର୍ତ୍ତୀ କାଳରେ ବୈଜ୍ଞାନିକ ମାନର ଅଣୁବୀକ୍ଷଣ ଯନ୍ତ୍ର ନର୍ମାଣ ପାଇଁ ପଥ ସୁଗମ କରିଥିଲା, ଲେଉଏନ୍‌ହୁକ୍‌ଙ୍କ କର୍ମାଭିମୁଖ୍ୟ ସେ ଦିଗକୁ ଅଭିପ୍ରେତ ହୋଇ ନଥିଲା । କାରଣ ସୁକାମଧନ୍ୟ ବ୍ରିଟିଶ ପଦାର୍ଥ ବିଜ୍ଞାନ ରବର୍ଟ୍‌ହୁକ (୧୬୩୫-୧୭୦୩) ପ୍ରଥମେ ଆମେ ବର୍ତ୍ତମାନ ବ୍ୟବହାର କରୁଥିବା ଯୌଗିକ ଅଣୁବୀକ୍ଷଣ ଯନ୍ତ୍ର ନର୍ମାଣ କରିଥିଲେ । ଲେଉଏନ୍‌ହୁକ୍‌ଙ୍କ ବିଶେଷତ୍ୱ ହେଉଛି ଯେ ସେ ସ୍ୱନିର୍ମିତ ଅଣୁବୀକ୍ଷଣ ଯନ୍ତ୍ର

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

ଜଣାରେ ବହୁବଧ ଜ୍ଞାତବ୍ୟ ତଥ୍ୟ ଫଗ୍ରହ କରିଥିଲେ ।



(ଲେଉଁଏନ୍‌ହୁକ୍‌ଙ୍କ ତିଆରି
ଏକ ସରଳ ଅଣୁବୀକ୍ଷଣ ଯନ୍ତ୍ର)

ଏଥିପାଇଁ ଜୀବବିଜ୍ଞାନର ସମୃଦ୍ଧି ସାଧନ କ୍ଷେତ୍ରରେ ବାସ୍ତବିକ ସେ ଜଣେ ଯୁଗ ପ୍ରବର୍ତ୍ତକର ଭୂମିକା ଗ୍ରହଣ କରିଛନ୍ତି ।

୧୬୭୭ ମସିହାରେ ସେ ସ୍ୱନର୍ମିତ ଅଣୁବୀକ୍ଷଣ ଯନ୍ତ୍ର ବ୍ୟବହାରକର ଏକକୋଷୀ ଆଦିଜୀବ ବା ପ୍ରୋଟୋଜୋଆ-ମାନଙ୍କ ସ୍ଥାୟିତ୍ୱ ସମ୍ପର୍କରେ ସୂଚନା ଦେଇଥିଲେ । ମାଲପିଗି ଓ ସ୍ୱାମରଡାମ୍‌ଙ୍କ ଭୁଲନାରେ ସେ ମନୁଷ୍ୟର ରକ୍ତଦାଣ୍ଡ ନଳୀ ଓ ଲୋହିତ ରକ୍ତ କୋଷଗୁଡ଼ିକୁ ଅଧିକ ସ୍ପଷ୍ଟ ଭାବରେ ଦେଖି ପାରିଥିଲେ । ଶୁକ୍ରାଣୁ ସମ୍ବନ୍ଧରେ ଲେଉଁଏନ୍‌ହୁକ୍ ହିଁ ପ୍ରଥମେ ପର୍ଯ୍ୟବେକ୍ଷଣାତ୍ମିକା ବର୍ତ୍ତନା ସୋସାଇଥିଲେ । ଇଂଲଣ୍ଡର ରୟାଲ ସୋସାଇଟି ଓ ଫ୍ରାନ୍‌ସର ଏକାଡେମୀ ଅଫ୍ ସାଇନ୍‌ସକୁ ସେ ଯଥାକ୍ରମେ ୧୬୭୫ ଓ ୧୬୭୩ ଗବେଷଣାତ୍ମିକା ପ୍ରବନ୍ଧ ପଠାଇଥିଲେ । ତାଙ୍କ ଗବେଷଣାର ଭାତ୍ପର୍ଯ୍ୟକୁ ହୃଦସ୍ପଙ୍ଗମ କରି ଏହି ଦୁଇଟି ସୁପ୍ରସିଦ୍ଧ ପ୍ରତିଷ୍ଠାନ ତାଙ୍କୁ ସଭ୍ୟପଦରେ ଗ୍ରହଣ କରିଥିଲେ । ପୁଣି ସେ ସ୍ୱନର୍ମିତ ୨୬୫ ଅଣୁବୀକ୍ଷଣ ଯନ୍ତ୍ର ଇଂଲଣ୍ଡର ରୟାଲ ସୋସାଇଟିକୁ ପଠାଇବା ସଙ୍ଗେ ସଙ୍ଗେ ବହୁବିଧ ପ୍ରକାର ପର୍ଯ୍ୟବେକ୍ଷଣ କରିବା ପାଇଁ ପରାମର୍ଶ ଦେଇଥିଲେ । ମନୁଷ୍ୟର ମାଂସପେଶୀ, କେଶ, ଚର୍ମ ପ୍ରଭୃତି ସମ୍ପର୍କରେ ପର୍ଯ୍ୟବେକ୍ଷଣାତ୍ମିକା ତଥ୍ୟାକର୍ଷକ ତଥ୍ୟ ଯୋଗାଇ ଦେଇ ସେ ଅଚିରେ ବିଶେଷ ଜନପ୍ରିୟତା ଅର୍ଜନ କରିଥିଲେ । ଏସିଆ ମହାଦେଶର ଜୀବମାନଙ୍କ ସମ୍ପର୍କରେ ପର୍ଯ୍ୟାପ୍ତ ପର୍ଯ୍ୟବେକ୍ଷଣ କରିବା ପାଇଁ ଡଚ୍ ଇଷ୍ଟ ଇଣ୍ଡିଆ କମ୍ପାନୀ ତାଙ୍କୁ ଜଣେ ବିଶେଷଜ୍ଞ ଭାବରେ ନିଯୁକ୍ତ କରିଥିଲେ । ସେ ନେଦରଲ୍ୟାଣ୍ଡକୁ ଜାହାଜ ନର୍ମାଣ ସମ୍ପର୍କରେ ଜ୍ଞାନାଜ୍ଜନ ଉଦ୍ଦେଶ୍ୟରେ ଆସିଥିବା ବେଳେ ଇଂଲଣ୍ଡର ରାଣୀ ଦ୍ୱିତୀୟ ଚାର୍ଲ୍ସ ଓ ରୁଷିଆର ଜାର ପ୍ରମୁଖ ବହୁ ସମ୍ଭ୍ରାନ୍ତ ବ୍ୟକ୍ତି ତାଙ୍କୁ ସାକ୍ଷାତ କରିଥିଲେ ।

ସେ ୧୬୮୩ ମସିହାରେ ଗୋଟିଏ ଚମତ୍କାର ଆବିଷ୍କାରର ସଙ୍ଗଠକ ଭାବରେ ସୁନାମ ଅଜ୍ଜନ କଲେ । ସେ ଯେଉଁ କ୍ଷୁଦ୍ରାତିକ୍ଷୁଦ୍ର ଜୀବଗୁଡ଼ିକ ସମ୍ପର୍କରେ ବର୍ତ୍ତନା ଯୋଗାଇଦେଲେ, ସେଗୁଡ଼ିକୁ ଆମେ ବର୍ତ୍ତମାନ ବ୍ୟାକ୍-ଟେରିଆ ନାମରେ ଅଭିହିତ କରୁଛୁ । ତାଙ୍କ ଅଣୁବୀକ୍ଷଣ ଯନ୍ତ୍ରର ଆବର୍ଦ୍ଧନ କ୍ଷମତା ସୀମିତ ହୋଇଥିବାରୁ ସେ ଏପରି ଗବେଷଣାରେ ଆଗେଇ ପାରିଲେ ନାହିଁ । ଅବଶ୍ୟ ଏ କ୍ଷେତ୍ରରେ ଦକ୍ଷତାରସହ ପର୍ଯ୍ୟବେକ୍ଷଣ ନେବାପାଇଁ ଆହୁରି ୧୦୦ ବର୍ଷରୁ ଅଧିକକାଳ ଅପେକ୍ଷା କରିବାକୁ ପଡିଲା ।

ଦୃଶ୍ୟମାନ ଆଲୋକରଶ୍ମି ସାହାଯ୍ୟରେ କିୟାଶୀଳ ଅଣୁବୀକ୍ଷଣ ଯନ୍ତ୍ରଗୁଡ଼ିକୁ ବର୍ତ୍ତମାନ ଆମେ ଆଲୋକୀୟ ଅଣୁ-ବୀକ୍ଷଣ ଯନ୍ତ୍ର କହୁଛୁ । ଡାକ୍ତରଖାନାରେ ଓ ସ୍କୁଲ କଲେଜର ପଯ୍ୟାଖାଚାମାନଙ୍କରେ ଆଲୋକୀୟ ଅଣୁବୀକ୍ଷଣଯନ୍ତ୍ର ଗୋଟିଏ ଅତି ପରିଚିତ ଓ ଦରକାରୀ ଯନ୍ତ୍ର ଭାବରେ ବ୍ୟବହୃତ ହେଉଛି । ମାତ୍ର ମୌଳିକ ବିଜ୍ଞାନର ସମୃଦ୍ଧି ସାଧନ ସଙ୍ଗେ ସଙ୍ଗେ ମନୁଷ୍ୟ ଯେଉଁ ପ୍ରକାର କ୍ଷୁଦ୍ରାତିକ୍ଷୁଦ୍ର ବସ୍ତୁ ତଥା ପ୍ରାଣୀମାନଙ୍କ ସମ୍ବନ୍ଧରେ ପର୍ଯ୍ୟବେକ୍ଷଣ ନେବାକୁ ଗୁହିଁଲା, ଆଲୋକୀୟ ଅଣୁବୀକ୍ଷଣ ଜଣାରେ ତଦନୁରୂପ ବ୍ୟାପାର ଭୁଲାଇବା ସମ୍ଭବ ହେଲା ନାହିଁ । ବୈଜ୍ଞାନିକ-ମାନେ ଜାଣି ପାରିଲେ ଯେ, ବ୍ୟବହୃତ ଆଲୋକର ତରଙ୍ଗ ଦୈର୍ଘ୍ୟଠାରୁ ଅଧିକ କ୍ଷୁଦ୍ର ବସ୍ତୁକୁ ଆଲୋକୀୟ ଅଣୁବୀକ୍ଷଣ ସାହାଯ୍ୟରେ ଅବର୍ଦ୍ଧିତ ମାର୍ଗରେ ଦେଖିବା ଆଦୌ ସମ୍ଭବ ନୁହେଁ । ଏହି ବ୍ୟାପାରରେ କୃତକାର୍ଯ୍ୟ ହେବା ପାଇଁ ଦୃଶ୍ୟମାନ ଆଲୋକ ତରଙ୍ଗ ଠାରୁ ଅଧିକ କ୍ଷୁଦ୍ର ତରଙ୍ଗ-ଦୈର୍ଘ୍ୟ ବିଶିଷ୍ଟ ରଶ୍ମି ବ୍ୟବହାର କରିବାକୁ ହେବ ।

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

ସୌଭାଗ୍ୟ ବଶତଃ ଇଲେକ୍ଟ୍ରନ ରଶ୍ମିର ତରଙ୍ଗ ପ୍ରକୃତି ସମ୍ପର୍କରେ ମାର୍କିନ୍ ପଦାର୍ଥ ବିଜ୍ଞାନୀ ଡେଭିସନ (୧୮୮୧-୧୯୫୮) ୧୯୨୭ ମସିହାରେ ନିର୍ଭରଯୋଗ୍ୟ ପ୍ରାମାଣିକ ତଥ୍ୟ ଯୋଗାଇଦେଲେ । ଏଥିପାଇଁ ପଦାର୍ଥ ବିଜ୍ଞାନ ଜଗତରେ ଅଚରେ ଇଲେକ୍ଟ୍ରନ-ପ୍ରକାଶିକା ନାମକ ଏକ ଅନୁବୀକ୍ଷଣର ଅଭ୍ୟୁଦୟ ଘଟିଲା । ନୋବେଲ ପୁରସ୍କାର ବିଜେତା ଅରନେଷ୍ଟ ରୁସ୍କା ଏହି ଅନୁବୀକ୍ଷଣଟିର ବିକାଶ ପଛରେ ପଥ ପ୍ରଦର୍ଶନକାରୀ ଅବଦାନ ଯୋଗାଇଥିଲେ । ଦୃଶ୍ୟମାନ ଆଲୋକକୁ ଯେପରି ସହଜରେ ସାହାଯ୍ୟରେ ବଙ୍କାଇ ଇଚ୍ଛାଯାଇ ଫୋକସ୍ କରାଯାଏ, ଠିକ୍ ସେହିପରି ବୈଦ୍ୟୁତିକ ଶକ୍ତିଯୁକ୍ତ ଇଲେକ୍ଟ୍ରନ କଣିକାଗୁଡ଼ିକୁ ବିଦ୍ୟୁତ୍ ଚୁମ୍ବକୀୟ କ୍ଷେତ୍ର ଦ୍ୱାରା ପ୍ରସ୍ତାବିତ କରାଇ ସେ ଇଲେକ୍ଟ୍ରନ ରଶ୍ମିକୁ ଫୋକସ୍ କରାଇବା ବ୍ୟାପାରରେ କୃତକାର୍ଯ୍ୟ ହୋଇଥିଲେ । ୟୁରୋପ ମହାଦେଶରେ ଛାଙ୍କ ପ୍ରଶଂସନୀୟ ଉଦ୍ୟମବଳରେ ନିର୍ମିତ ଇଲେକ୍ଟ୍ରନ ଅଣ୍ୱୀକ୍ଷଣ ଯନ୍ତ୍ର ଅବଶ୍ୟ ସେତେ ଉଚ୍ଚକୋଟୀର ହୋଇନଥିଲା । ବ୍ୟବହାର ଯୋଗ୍ୟ ଟେଲିଭିଜନ କାମେରାର ପ୍ରଥମ ନିର୍ମାତା ପ୍ରସିଦ୍ଧ ମାର୍କିନ ବୈଜ୍ଞାନିକ ଭ୍ଲାଡିମିର କୋସମା ଜୋରକିନ (୧୮୮୯-୧୯୩୯) ଗୋଟିଏ ଉଚ୍ଚମାନର ଇଲେକ୍ଟ୍ରନ ଅଣ୍ୱୀକ୍ଷଣ ଯନ୍ତ୍ର ନିର୍ମାଣକଲେ । ଏହାର ଆବର୍ଦ୍ଧନ-କ୍ଷମତା ଉତ୍କୃଷ୍ଟ ମାନସମ୍ପନ୍ନ ଆଲୋକୀୟ ଅଣ୍ୱୀକ୍ଷଣ ଯନ୍ତ୍ର ତୁଳନାରେ ପ୍ରାୟ ୫୦ ଗୁଣ ଅଧିକ ହୋଇଥିଲା ।

ବର୍ତ୍ତମାନ ଯେଉଁ ଅଣ୍ୱୀକ୍ଷଣ ଯନ୍ତ୍ର ସାଧାରଣ ଭାବେ ବିଭିନ୍ନ ଡାକ୍ତରଖାନା ଓ ପରୀକ୍ଷାଗାରମାନଙ୍କରେ ବ୍ୟବହାର କରାଯାଉଛି, ତାହା ଏକାଧିକ ଉତ୍ତଳ-କାଚ ଦ୍ୱାରା ଗଠନ କରାଯାଇଛି । କୌଣସି ଅଣ୍ୱୀକ୍ଷଣ ଯନ୍ତ୍ରରେ କେବଳ ଗୋଟିଏ ଉତ୍ତଳ-କାଚ ବ୍ୟବହାର କଲେ ଗୋଟିଏ ପଦାର୍ଥକୁ ଆମେ ଦେଖିଲେ, ପଦାର୍ଥଟି ଯେଉଁକ ଆକାର ବିଶିଷ୍ଟ ହୋଇଥାଏ, ତା'ର ୫୦ ଗୁଣ ବଡ ହୋଇ ଦେଖାଯାଏ । ୫୦ ଗୁଣରୁ ଅଧିକ ବଡ ହୋଇ ଦେଖାଯାଏ ନାହିଁ । ଯଦି ଅଣ୍ୱୀକ୍ଷଣ ଯନ୍ତ୍ରରେ ଏକରୁ ଅଧିକ ଉତ୍ତଳକାଚ ବ୍ୟବହାର କଲେ ଯେ କୌଣସି ପଦାର୍ଥର ପ୍ରତିବିମ୍ବ ଜନ୍ତୁଜାର ଗୁଣ ପର୍ଯନ୍ତ ବଡ ହୋଇ ଦେଖାଯାଏ । ଏହି ପ୍ରକାର ଭାବେ



(ସାଧାରଣ ଅଣୁବୀକ୍ଷଣ ଯନ୍ତ୍ର)

ଯେଉଁ ଅଣ୍ୱୀକ୍ଷଣ ଯନ୍ତ୍ର ଦୁଆରି କଟାଯାଇଥାଏ, ତାହାକୁ ଜଟିଳ ଅଣ୍ୱୀକ୍ଷଣ ଯନ୍ତ୍ର କୁହାଯାଏ ।

ସଂଗ୍ରାହକ, ବସ୍ତୁଦୀକ୍ଷ ଓ ନେତ୍ରଦୀକ୍ଷ ଏହି ତିନୋଟି ଜଟିଳ ଅଣୁଦୀକ୍ଷଣ ଯନ୍ତ୍ରର ପ୍ରଧାନ ଅଙ୍ଗ । ଏହି ତିନୋଟି-ସାକ ଅଙ୍ଗ ମୁଖ୍ୟତଃ ଅଣୁଦୀକ୍ଷଣ ଯନ୍ତ୍ରରେ ଯେ କୌଣସି ପଦାର୍ଥକୁ ଦେଖିବାରେ ସାହାଯ୍ୟ କରିଥାଏ । ଏହା ମଧ୍ୟରୁ କୌଣସି ଗୋଟିଏ ଅଙ୍ଗର ବ୍ୟତିକ୍ରମ ଘଟିଲେ ଯନ୍ତ୍ରଟି ଅଚଳ ହୋଇପଡ଼େ । ଯନ୍ତ୍ରରେ ଥିବା 'ସଂଗ୍ରାହକ' ଦ୍ୱାରା ଆଲୋକ ସଂଗୃହୀତ ଓ କେନ୍ଦ୍ରୀଭୂତ ହୋଇ ଦୃଶ୍ୟ ବସ୍ତୁକୁ ଉତ୍ତଳ ଭାବେ ପ୍ରତିଫଳିତ ହେବାରେ ସାହାଯ୍ୟ କରିଥାଏ । ବସ୍ତୁର ନିକଟରେ ଯେଉଁ କାଚଟି ଥାଏ, ତାହାକୁ ବସ୍ତୁଦୀକ୍ଷ (ତଳରେ - ଉତ୍ତଳ) କୁହାଯାଏ । ବସ୍ତୁ ଦେହରୁ ଯେଉଁ ଆଲୋକ ବହିର୍ଗତ ହୁଏ, ତାହା ଏହି କାଚ (ବସ୍ତୁଦୀକ୍ଷ)

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

ମଧ୍ୟଦେଇ ଗତ କରିବା ପରେ ନେତ୍ରସ୍ୱାସ୍ଥ (ଚକ୍ଷୁରେ-ନେ) ନଳୀରେ ଗୋଟିଏ ବୃହଦାକାର ପ୍ରତିବମ୍ବ ସୃଷ୍ଟି କରେ । ଚକ୍ଷୁରେ କ ଖ ବସ୍ତୁ ଓ କ'ଖ' ଏହାର ପ୍ରତିବମ୍ବ ।



(ଅଣୁବୀକ୍ଷଣ ଯନ୍ତ୍ରର କାର୍ଯ୍ୟ ପ୍ରଣାଳୀ)

'ନେତ୍ରସ୍ୱାସ୍ଥ' ଏହି ପରବର୍ତ୍ତିତ ପ୍ରତିବମ୍ବ 'କ' 'ଖ' କୁ ସରଳ ଅଣୁବୀକ୍ଷଣ ଯନ୍ତ୍ର ପରି ଆହୁରି ବଡ କରିଦେଇଥାଏ । ଫଳରେ 'କ' 'ଖ' ପ୍ରତିବମ୍ବଟି ଦେଖିବାକୁ ପାଉ । ଜଟିଳ ଅଣୁବୀକ୍ଷଣ ଯନ୍ତ୍ରରେ ଦେଖାଯାଉଥିବା ପ୍ରତିବମ୍ବ ଏହିପରି ଭାବରେ ଦୁଇସ୍ତରରେ ପରବର୍ତ୍ତିତ ହେଉଥିବାରୁ ବହୁତ ବଡ ଆକାରରେ ଦେଖାଯାଇଥାଏ ।

ଅଣୁବୀକ୍ଷଣ ଯନ୍ତ୍ରର ନିର୍ମାଣ ପ୍ରଣାଳୀ ଯେପରି ବୈଜ୍ଞାନିକ ଦୃଷ୍ଟିରୁ ଗୁରୁତ୍ୱପୂର୍ଣ୍ଣ, ତା'ର କାର୍ଯ୍ୟ ପ୍ରଣାଳୀ ମଧ୍ୟ ସେହିପରି ଦାୟିତ୍ୱପୂର୍ଣ୍ଣ । ଦାୟିତ୍ୱପୂର୍ଣ୍ଣଭାବେ ଏହି ଯନ୍ତ୍ରକୁ ବ୍ୟବହାର ନ କଲେ ଆଦୌ ଲକ୍ଷ୍ୟ ହାସଲ କରିବା ସମ୍ଭବ ନୁହେଁ । ଏଠାରେ ଜଟିଳ ଅଣୁବୀକ୍ଷଣ ଯନ୍ତ୍ର କଥା ବସ୍ତୁରକୁ ନଆଯାଉ । ଆମେ ଅଣୁବୀକ୍ଷଣ ଯନ୍ତ୍ରରେ କୌଣସି ବସ୍ତୁକୁ ଦେଖିବାକୁ ହେଲେ, ସେହି ବସ୍ତୁଟିକୁ ଖଣ୍ଡିଏ କାଚ ଉପରେ ବସ୍ତୁସ୍ୱାସ୍ଥ ଭଳେ ରଖିବାକୁ ହେବ । ସେଉଁ କାଚଖଣ୍ଡ ଉପରେ ବସ୍ତୁଟିକୁ ଆମେ ରଖିଥିବା, ସେହି କାଚ ଖଣ୍ଡକ ଦୁଇଟି ଚପୁଆଣି ସାହାଯ୍ୟରେ ଗୋଟିଏ ଧାତୁ ପଟା ଉପରେ ରଖିବାକୁ ହୁଏ । ଫଳରେ ଦୁଇଟି ସାକ ଚପୁଆଣି କାଚଖଣ୍ଡକୁ ଆର୍ଶ୍ଚ କରେ । ସେ ଆଉ ସହଜରେ ଏପଟ ସେପଟ ବା ଦୁଗୁଳା ହୁଏ ନାହିଁ । ଧାତୁ ପଟାର ମଧ୍ୟ ଭାଗରେ ଗୋଟିଏ ଛିଦ୍ର ଥାଏ । ସେହି ଛିଦ୍ର ସିଧାରେ ବସ୍ତୁଟିକୁ ରଖିବାକୁ ହୁଏ । କାରଣ ବସ୍ତୁଟି ଛିଦ୍ର ସିଧାରେ ରହିଲେ ଅଣୁବୀକ୍ଷଣ ଯନ୍ତ୍ରରେ ଦେଖିହୁଏ । ବସ୍ତୁଟିକୁ ଭଲଭାବରେ ଦେଖିବା ପାଇଁ ବସ୍ତୁସ୍ୱାସ୍ଥ ଓ ନେତ୍ର-ସ୍ୱାସ୍ଥ ସେଉଁ ଧାତୁ ନଳୀରେ ଜଡ଼ା ଯାଇଥାଏ, ସେହି ନଳୀଟିକୁ ପେଚ ସାହାଯ୍ୟରେ ଉପର ତଳ କରିବାକୁ ପଡ଼େ । ବସ୍ତୁଟି ଭଲଭାବେ ଦେଖାଗଲେ ଏହାକୁ ଆହୁରି ଭଲଭାବେ ଦେଖାଯିବା ପାଇଁ ନମ୍ନ ଭାଗରେ ଥିବା 'ସଂଗ୍ରାହକ'କୁ ବିଭିନ୍ନ ଦିଗରେ ଘୁରାଇବାକୁ ହୁଏ ।

ବିଜ୍ଞାନ ଶିକ୍ଷା ଓ ଗବେଷଣାରେ ଅଣୁବୀକ୍ଷଣ ଯନ୍ତ୍ରର ଆବଶ୍ୟକତା ଏକାନ୍ତ ବେଶୀ । ଏହା କାଲି ଯେ କୌଣ ବିଜ୍ଞାନର ଗବେଷଣାରେ ଆବଶ୍ୟକ ହୁଏ, ତା ନୁହେଁ । ଏହା ପ୍ରାଣୀ ଓ ଉଦ୍ଭିଦ ବିଜ୍ଞାନ ବ୍ୟତୀତ ଚିକିତ୍ସା ବିଜ୍ଞାନ, ରସାୟନ ବିଜ୍ଞାନ, ପଦାର୍ଥ ବିଜ୍ଞାନ, ଭୂତତ୍ତ୍ୱ ବିଜ୍ଞାନ ଆଦି ବିଜ୍ଞାନର ବିଭିନ୍ନ ଶାଖାରେ ଏକାନ୍ତ ଆବଶ୍ୟକ ହୁଏ । ଏହାର ଆବଶ୍ୟକତା ବିଜ୍ଞାନ ଶିକ୍ଷା କ୍ଷେତ୍ରରେ ଏତେ ଅଧିକ ଯେ, ଏହା ମାଧ୍ୟମିକ ଶିକ୍ଷାଠାରୁ ଆରମ୍ଭ କରି ବିଶ୍ୱବିଦ୍ୟାଳୟର ଶେଷ ଡିଗ୍ରୀ ସ୍ତର ପର୍ଯନ୍ତ ସବୁ ଶ୍ରେଣୀରେ ସବୁ କ୍ଷେତ୍ରରେ ଆବଶ୍ୟକ ହୁଏ । ପୃଥିବୀରେ କେତୋଟି ଧନୀ ଦେଶକୁ ଛାଡ଼ି ଦେଲେ ଅନ୍ୟ ବହୁ ଦେଶରେ ସ୍କୁଲ ପିଲାମାନଙ୍କ ଶ୍ରେଣୀରେ ଏହାର ବ୍ୟବହାର ଆଶାଜନକ ଭାବରେ କରାଯାଇ ପାରି ନାହିଁ । ତାହାର ମୂଳରେ ରହିଛି ଏହାର ଦୁର୍ମୂଲ୍ୟତା । ଇଂଲଣ୍ଡ, ଆମେରିକା, ରୁଷିଆ ଓ ଇଉରୋପୀୟ ରାଜ୍ୟମାନଙ୍କୁ ଛାଡ଼ିଦେଲେ ଅନ୍ୟ ବହୁ ରାଜ୍ୟରେ ସ୍କୁଲର ଗ୍ରେଡ୍ ଗ୍ରେଡ୍ ପିଲାମାନଙ୍କୁ ଅଣୁବୀକ୍ଷଣ ଯନ୍ତ୍ରର ବ୍ୟବହାର ସୁବିଧା ଦେବା ସମ୍ଭବପର ନୁହେଁ । ଜୀବବିଜ୍ଞାନ ପଢୁଥିବା ଛାତ୍ରଛାତ୍ରୀମାନେ ଅଣୁବୀକ୍ଷଣ ଯନ୍ତ୍ର ସାହାଯ୍ୟରେ ପଢୁଥିବା ବିଭିନ୍ନ ବିଷୟକୁ ଅନୁଧାନ ନ କଲେ ସେମାନଙ୍କ ପଢ଼ାର ସାର୍ଥକତା ଆସେ ନାହିଁ । ବିଜ୍ଞାନ ଏକ ପୋଥିଗତ ବିଦ୍ୟାଭଲି ରହିଯାଏ । ଏହି

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

ଅସୁବିଧାକୁ ଦୂର କରିବା ପାଇଁ ସ୍କୁଲଠାରୁ ଆରମ୍ଭ କରି କଲେଜ ସ୍ତରର ଗ୍ରନ୍ଥଗ୍ରନ୍ଥୀଙ୍କୁ ଅଣୁବୀକ୍ଷଣ ଯନ୍ତ୍ରର ସୁବିଧା ଦେବା ଏକାନ୍ତ ଆବଶ୍ୟକ । ଅବଶ୍ୟ ଦୁଃଖର ବିଷୟ ସାଧାରଣ ଗ୍ରନ୍ଥୋପଯୋଗୀ ଅଣୁବୀକ୍ଷଣ ଯନ୍ତ୍ରର ମୂଲ୍ୟ ଅପେକ୍ଷାକୃତ ଅଧିକ ହୋଇଥିବାରୁ ପୃଥିବୀର ବହୁଦେଶରେ



(ଏକ ବହୁଅଂଶୀ ଶସ୍ତା ଅଣୁବୀକ୍ଷଣ ଯନ୍ତ୍ର)

ସ୍କୁଲପିଲ୍ଲମାନଙ୍କୁ ବିଜ୍ଞାନ ଶିକ୍ଷାରେ ସାହାଯ୍ୟ କଲଭଳି ଅଣୁବୀକ୍ଷଣ ଯନ୍ତ୍ର ଯୋଗାଯାଇ ପାରୁନାହିଁ । ଫଳରେ ବିଜ୍ଞାନଶିକ୍ଷା ଅପୂର୍ଣ୍ଣ ରହିଯାଉଛୁ । ଏହି ଅସୁବିଧାକୁ ଦୂର କରିବାପାଇଁ ଆମ ଦେଶରେ ଶସ୍ତା ଅଣୁବୀକ୍ଷଣ ଯନ୍ତ୍ରର ପ୍ରଚଳନ କରିଯାଇଛୁ ।

ଛେଣ୍ଡ ଆମ ଦେଶରେ ତିଆରି ହେଲା ଖୁବ୍ ଶସ୍ତା ସରଳ ଅଣୁବୀକ୍ଷଣ ଯନ୍ତ୍ର । ଏଥିରେ ଲେନ୍ସର ବ୍ୟବହାର ପୁରୁପୁରି ଉଠାଇ ଦେଇ ଲେନ୍ସ ସ୍ଥାନରେ ବ୍ୟବହାର କରିଗଲା କାଚ ଗୁଟିକା । ଯାହାକୁ କି ଇଂରାଜୀରେ କୁହାଯାଏ ଗ୍ଲାସ୍ ବ୍ଲାଡ (*Glass blad*) । ଏହି ଅଣୁ-ବୀକ୍ଷଣ ଯନ୍ତ୍ରରେ ଆଖିକୁ ଦେଖାଯାଉନଥିବା ବହୁ କ୍ଷୁଦ୍ର କ୍ଷୁଦ୍ର ପଦାର୍ଥ ଦେଖି ହେଲା । ଏହାର ମୂଲ୍ୟ ପନ୍ଦର ବର୍ଷ ତଳେ ଥିଲା ପ୍ରାୟ ପନ୍ଦର ଟଙ୍କା । ଯେ କୌଣସି ସ୍କୁଲ ଗ୍ରନ୍ଥଗ୍ରନ୍ଥୀ ପକ୍ଷରେ ଏହାକୁ ବ୍ୟବହାର କରିବା ଖର୍ଚ୍ଚ ସାପେକ୍ଷ ନୁହେଁ । ଏହାର ଉଦ୍ଭାବକ ହେଉଛନ୍ତି ଅନ୍ଧ୍ରମହାବିଦ୍ୟାଳୟ ବିଜ୍ଞାନ ସମ୍ବାୟ କମ୍ପ୍ୟୁନିଟି ବିଜ୍ଞାନ କେନ୍ଦ୍ରର ବୈଜ୍ଞାନିକ ଏମ୍. ଏସ୍. ପ୍ରହ୍ଲାଦରାଓ । ଏହି ସରଳ ଅଣୁବୀକ୍ଷଣ ଯନ୍ତ୍ରଟି ଏତେ ଲୋକପ୍ରିୟ ହେଲା ଯେ ଏହା ଆମ ଓଡ଼ିଶା ସମେତ ବହୁ ରାଜ୍ୟର ସ୍କୁଲ ଗ୍ରନ୍ଥଗ୍ରନ୍ଥୀଙ୍କୁ ଯୋଗାଇ ହୋଇ ପାରିଲା ।

ଏହା ପରେ ପ୍ରହ୍ଲାଦ ରାଓ ଗବେଷଣା କରି ଶସ୍ତା ବହୁଅଂଶୀ ଅଣୁବୀକ୍ଷଣ ଯନ୍ତ୍ର ଉଦ୍ଭାବନ କଲେ । ସାଧାରଣ ବହୁଅଂଶୀ ଅଣୁବୀକ୍ଷଣ ଯନ୍ତ୍ର ତାରୁ ଏହାର ମୂଲ୍ୟ ବହୁ କମ୍ ପଡ଼ିଲା । ଏହାର ଅଭିବର୍ଦ୍ଧନ କ୍ଷମତା ଥିଲା ୬୫୦ରୁ ୩୫୦ ମଧ୍ୟରେ । ଏଥିରେ ଅଭିଦୃଶ୍ୟକ ଲେନସ ସ୍ଥାନରେ ଗୋଟିଏ କାଚ ଗୁଟିକା ବ୍ୟବହୃତ କରିଯାଇଥିଲା । ସାଧାରଣ ଅଣୁବୀକ୍ଷଣ ଯନ୍ତ୍ରରେ ନେତ୍ରିକା ଲେନସ ଯେପରି ବ୍ୟବହାର କରିଯାଇଛୁ, ଏଥିରେ ସେହିପରି ବ୍ୟବହାର କରିଗଲା । ତାହାଛଡ଼ା ଦୃଶ୍ୟ ବସ୍ତୁକୁ ଆଲୋକିତ କରିବା ପାଇଁ ଅବତଳ ଦର୍ପଣ, ଆଲୋକନଳୀ, ଦୃଶ୍ୟ ବସ୍ତୁକୁ ରଖିବା ପାଇଁ ଷ୍ଟେଜ ଆଦି ଏଥିରେ ମଧ୍ୟ ରଖି ଯାଇଛୁ । ଏଥିରେ ବ୍ୟୟ ସାପେକ୍ଷ ଅଭିବର୍ଦ୍ଧନ ସାମର୍ଥ୍ୟ ଥିବା ଅଭିଦୃଶ୍ୟକ ଲେନସ ଅଣୁବୀକ୍ଷଣ ନଳୀ ସହିତ ଲଗି ନ ଥାଏ । ତା' ଅର୍ଥ ନୁହେଁ ଯେ ଏହି ଯନ୍ତ୍ରରେ ବିଭିନ୍ନ ଅଭିବର୍ଦ୍ଧନ ସାମର୍ଥ୍ୟ ଥିବା ଯନ୍ତ୍ର ନାହିଁ । ଏଥିରେ ବିଭିନ୍ନ ଅଭିବର୍ଦ୍ଧନ ସାମର୍ଥ୍ୟ ଥିବା ଲେନସ ଲଗିଥିବା ନଳୀ ଅଲଗା ଥାଏ । ଯେତେବେଳେ ଯେଉଁ ନଳୀ ଦରକାର, ସେତେବେଳେ ଅଣୁବୀକ୍ଷଣ ଯନ୍ତ୍ରରୁ ଗୋଟିଏ ନଳୀ କାଢ଼ିବାର କଣ ଆଉ ଏକନଳୀ ଇଚ୍ଛା ମୁତାବକ ଲଗାଇ ଏହାର ଅଭିବର୍ଦ୍ଧନ ସାମର୍ଥ୍ୟକୁ ବଢ଼ାଇ ହଆଯାଇପାରେ ।

ଏହି ଅଣୁବୀକ୍ଷଣ ଯନ୍ତ୍ରରେ ଅନ୍ୟ ଅଣୁବୀକ୍ଷଣ ଯନ୍ତ୍ର ଭଳି ନେତ୍ରିକା ଲେନସ ଓ ଅଭିଦୃଶ୍ୟକ ଲେନସ ଲଗିଥିବା ଅଣୁବୀକ୍ଷଣ ନଳୀ ଉପର ତଳ ହୋଇ ଦୃଶ୍ୟ ବସ୍ତୁକୁ ଫୋକସ କରେ ନାହିଁ । ଅଧୁନିକ ଯାନ୍ତ୍ରିକ ଜଟିଳତା ପୂର୍ଣ୍ଣ ଅଣୁବୀକ୍ଷଣ ଯନ୍ତ୍ରମାନଙ୍କରେ ଯେପରି ଦୃଶ୍ୟ ବସ୍ତୁ ରହିଥିବା ଷ୍ଟେଜକୁ ଉପର ତଳ କରିଯାଇ ଦୃଶ୍ୟ ବସ୍ତୁକୁ ଫୋକସ କରିଯାଏ, ଏଥିରେ ଠିକ ସେହିପରି । ସାଧାରଣ ଯନ୍ତ୍ରମାନଙ୍କରେ ଅଣୁବୀକ୍ଷଣ ନଳୀକୁ ଉପର ତଳ କରି ଫୋକସ କରିବେଳେ ଦୃଶ୍ୟ ବସ୍ତୁଥିବା ସ୍ଲାଇଡ଼

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

ଅସାବଧାନତା ବଶତଃ ଖୁର୍ଚ୍ଚି ଯାଏ, ସେଥି ଅସୁବିଧା ଏହି ଯନ୍ତ୍ରରେ ନାହିଁ । ଏଥିରେ ଯେଉଁ ଆଲୋକନଳୀ ଓ ତା'ର ଏକ ଠିପି ବ୍ୟବହୃତ ହୁଏ, ତାହା ଆଲୋକ ପଶମାଣକୁ କମ୍ ବେଶୀ କରିପାରେ, ଫଳରେ ଦୃଶ୍ୟ ବସ୍ତୁ ମନ-ମୁତାବକ କମ୍ ବା ବେଶୀ ଆଲୋକିତ ହୋଇପାରେ । ଏଥିପାଇଁ ଅଳ୍ପ ମୂଲ୍ୟ ଅଣ୍ଡୁବୀକ୍ଷଣ ଯନ୍ତ୍ର ମାନଙ୍କରେ ବିଭିନ୍ନ ପ୍ରକାର ଲେନ୍ସ ଓ ଡାଏଫାଗ୍ରାମ୍ର ଆବଶ୍ୟକତା ଉଠାଇ ଦିଆଯାଇଥାଏ ।

ଏହି ଅଣ୍ଡୁବୀକ୍ଷଣ ଯନ୍ତ୍ରକୁ ବ୍ୟବହାର କରିବାପାଇଁ ହେଲେ ପ୍ରଥମେ ଗୋଟିଏ ଭଲ ଆଲୋକ ଆସୁଥିବା ଝରକା ପାଖରେ ଗୋଟିଏ ଟେବୁଲ ଉପରେ ଏହାକୁ ରଖିବାକୁ ପଡ଼େ । ପ୍ରଥମେ କମ୍ ଅଭିବର୍ଦ୍ଧନ ସାମର୍ଥ୍ୟ ଥିବା ନଳୀକୁ ଅଣ୍ଡୁବୀକ୍ଷଣରେ ପୁରାଇ ନେତ୍ରିକା ଲେନ୍ସକୁ ଲଗାଇବାକୁ ପଡ଼େ । ଦର୍ପଣକୁ ଏପଟ ସେପଟ କରି ଓ ଆଲୋକନଳୀ ଠିମିକୁ ଏପଟ ସେପଟ କରି ଯେମିତି ଆବଶ୍ୟକୀୟ ଆଲୋକ ଦୃଶ୍ୟବସ୍ତୁ ଉପରେ ପଡ଼ିବ ସେଥିପ୍ରତି ବ୍ୟବସ୍ଥା କରିବାକୁ ହୁଏ । ଯଦି ଏଜ ବିଦ୍ୟୁତ୍ ବତ୍ତା ଆଲୋକ ପାଇଁ ବ୍ୟବହାର କରାଯାଏ, ତେବେ ଏହା କେଉଁ ଦୂରତାରେ ରହିଲେ ଆଶାଜନକ ଆଲୋକ ଆସିବ, ତାହା ଭଲ କରି ଦେଖା-ଯାଏ । ଉପରେ ଷ୍ଟାଣ୍ଡ ଦେହରେ ଲଗିଥିବା ସ୍ପ୍ରିକ୍ସ ମୋଡ଼ି ଦୃଶ୍ୟବସ୍ତୁ ଥିବା ଷ୍ଲେଜକୁ ଉପରତଳ କରାଯାଏ, ଯେପରିକି ଏହା ଠିକ ଜାଗାରେ ଫୋକସିତ ହେବ । ବର୍ତ୍ତମାନ ଗୋଟିଏ ସ୍ଲାଇଡ୍ରେ ଦୃଶ୍ୟ ବସ୍ତୁକୁ ନେଇ ଷ୍ଲେଜ ଉପରେ ରଖାଯାଏ, ଷ୍ଲେଜକୁ ଉପରତଳ କରି ଦୃଶ୍ୟ ବସ୍ତୁକୁ ଫୋକସ କରାଯାଏ । ଏହାକୁ ଅଧିକ ଅଭିବର୍ଦ୍ଧନ ସାମର୍ଥ୍ୟ ଥିବା ଅଭିଦୃଶ୍ୟକ ଲେନସ ସାହାଯ୍ୟରେ ଦେଖିବାକୁ ହେଲେ ନଳୀଟିକୁ ବାହାର କରିଦେଇ ଅଧିକ ସାମର୍ଥ୍ୟ ବିଶିଷ୍ଟ ନଳୀ ପୁରାଯାଏ । ସେଥିସହିତ ନେତ୍ରିକା ଲେନସକୁ ସଠାଖାତରେ ଲଗାଯାଏ, ଉପରେ ଷ୍ଲେଜକୁ ଉପରତଳ କରି ଦୃଶ୍ୟବସ୍ତୁକୁ ଫୋକସ କରାଯାଏ ।

ଅଣ୍ଡୁବୀକ୍ଷଣ ଯନ୍ତ୍ର ବିଭିନ୍ନ ପ୍ରକାରର । ସେଥିମଧ୍ୟରୁ ଆଲୋକ ଅଣ୍ଡୁବୀକ୍ଷଣ ଯନ୍ତ୍ର ଏକତମ । ଆଲୋକ ଅଣ୍ଡୁବୀକ୍ଷଣ ଯନ୍ତ୍ର ଦୁଇପ୍ରକାରର । ଯଥା-ସରଳ ଓ ବହୁଅଂଶୀ ଅଣ୍ଡୁ-ବୀକ୍ଷଣ ଯନ୍ତ୍ର । ଏହି ବହୁଅଂଶୀ ଅଣ୍ଡୁବୀକ୍ଷଣ ଯନ୍ତ୍ର ପୁଣି ଦୁଇ ପ୍ରକାରର, ଯଥା ମନୋକ୍ୟୁଲର ଅଣ୍ଡୁବୀକ୍ଷଣ ଯନ୍ତ୍ର ଓ ବାଇନୋକ୍ୟୁଲର ଅଣ୍ଡୁବୀକ୍ଷଣ ଯନ୍ତ୍ର । ମନୋକ୍ୟୁଲର ଅଣ୍ଡୁ-ବୀକ୍ଷଣ ଯନ୍ତ୍ରରେ ଗୋଟିଏ ଆଖିରେ ଦେଖିବାକୁ ହୁଏ । ଗୋଟିଏ ଆଖି ବନ୍ଦକର ଅନ୍ୟ ଆଖିରେ ନେତ୍ରିକା ଲେନସ ଦେଇ ଦେଖିବାକୁ ପଡ଼େ । ମନୋକ୍ୟୁଲର ଅଣ୍ଡୁବୀକ୍ଷଣ ଯନ୍ତ୍ରରେ ଗୋଟିଏ ନେତ୍ରିକା ଲେନସ ଓ ଗୋଟିଏ ଅଭି-ଦୃଶ୍ୟକ ଲେନ ସ ଥାଏ । ଗୋଟିଏ ନଳୀରେ ଦୁଇଟିଯାକ ଲେନ ସ ଲଗିଥାଏ ।

କିନ୍ତୁ ବାଇନୋକ୍ୟୁଲର ଅଣ୍ଡୁବୀକ୍ଷଣ ଯନ୍ତ୍ରରେ ଦୁଇଟି ନେତ୍ରିକା ଲେନ ସ ବ୍ୟବହୃତ ହୁଏ । ଏଥିରେ ଗୋଟିଏ ଆଖି ବନ୍ଦ କରିବାକୁ ପଡ଼େ ନାହିଁ । ଦୁଇଆଖିରେ ଦୁଇଟିଯାକ ନେତ୍ରିକା ଲେନ୍ସକୁ ଅନାଇଲେ ପଶବର୍ଦ୍ଧିତ ବସ୍ତୁଟି ଅତି ପଶଷ୍କାର ଭାବରେ ଉଭେ । ଗୋଟିଏ ଆଖି ବନ୍ଦକର ଚୁନ୍ଧିବାର ଅସୁବିଧା ଏଥିରେ ନାହିଁ । ଏହି ବାଇନୋକ୍ୟୁଲର ଅଣ୍ଡୁବୀକ୍ଷଣ ଯନ୍ତ୍ର ପୁଣି ଦୁଇ ପ୍ରକାରର । ଉଭୟଦୃଷ୍ଟିରେ ଦୁଇଟି ନେତ୍ରିକା ଲେନ୍ସ ବ୍ୟବହୃତ ହୁଏ । ପ୍ରଥମଟିରେ ଗୋଟିଏ ଅଭିଦୃଶ୍ୟକ ଲେନ୍ସ ଦ୍ୱାରା ପଶବର୍ଦ୍ଧିତ ବସ୍ତୁର ପ୍ରତିଫଳିତ ଆଲୋକ ରଶ୍ମି ଏକ ପ୍ରିକମ ସାହାଯ୍ୟରେ ଦୁଇ ଭାଗରେ ବଣ୍ଟିତ ହୋଇ ଦୁଇଟିଯାକ ନେତ୍ରିକା ଲେନ୍ସଠାକୁ ଯାଏ । ଫଳରେ ନେତ୍ରିକା-ଲେନ୍ସ ଦେଇ ଅନାଇଲେ ସେହି ବସ୍ତୁଟି ଏକ ଭାବରେ ଦୁଇଟିଯାକ ଆଖିକୁ ସମାନ ଉଭେ । ଏହା ପ୍ରକୃତରେ ବାଇନୋକ୍ୟୁଲର ଅଣ୍ଡୁବୀକ୍ଷଣ ଯନ୍ତ୍ର ନୁହେଁ, ଯଦିଚ ଏଥିରେ ଦୁଇଟି ନେତ୍ରିକା ଲେନ୍ସ ବ୍ୟବହୃତ ହୁଏ । ଏହାକୁ ପ୍ରକୃତରେ ଦ୍ୱିନେତ୍ରୀ ମନୋକ୍ୟୁଲର ଅଣ୍ଡୁବୀକ୍ଷଣ ଯନ୍ତ୍ର କହିଲେ ଠିକ୍ ହେବ । ଏଥିରେ ଗୋଟିଏ ଅଭିଦୃଶ୍ୟକ ଲେନସ ଓ ଦୁଇଟି ନେତ୍ରିକା ଲେନସ ବ୍ୟବହୃତ ହୁଏ ।

ପ୍ରକୃତ ବାଇନୋକ୍ୟୁଲର ଅଣ୍ଡୁବୀକ୍ଷଣ ଯନ୍ତ୍ରରେ ଦୁଇଟି ନେତ୍ରିକା ଲେନ୍ସ ଦୁଇଟି ଅଲଗା ଅଲଗା ନଳୀ ସହିତ ଲଗିକରି ଥାଏ । ପ୍ରତ୍ୟେକରେ ଗୋଟିଏ ଗୋଟିଏ ଅଭିଦୃଶ୍ୟକ ଲେନ୍ସ ଲଗିଥାଏ । କୌଣସି କ୍ଷୁଦ୍ର ବସ୍ତୁଟି ଉପରେ ଏହି ଦୁଇଟିଯାକ ଅଣ୍ଡୁବୀକ୍ଷଣ ଯନ୍ତ୍ରକୁ ଫୋକସ୍ କରାଯାଏ । ଆମ ଦୁଇଟିଯାକ ଆଖିରେ ଯେଉଁ ବ୍ୟବଧାନ, ସେହି ବ୍ୟବଧାନ ଏହି ନେତ୍ରିକା ଲେନ୍ସ ଓ ନଳୀ ଭିତରେ ରଖାଯାଇଥାଏ । ଏହି ଦୁଇଟିଯାକ ନଳୀରେ ଲଗିଥିବା ନେତ୍ରିକା ଓ ଅଭିଦୃଶ୍ୟକ ଲେନ ସ ପୁରସ୍ପର

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

ଏକ ପ୍ରକାରର ଓ ଭଲଭ୍ରବରେ ମେଳଯୁକ୍ତ । ଦୁଇଟିଯାକ ନେତ୍ରିକା ଲେନ୍‌ସରେ ଅନାଇଲେ ବସ୍ତୁଟି ଅଲଗା ଅଲଗା ଭ୍ରବରେ ପ୍ରତିଫଳିତ ହୋଇ ଦୁଇଟି ଯାକ ଚକ୍ଷୁରେ ପୁଣି ଚକ୍ଷୁର ଅଭ୍ୟନ୍ତରରେ ଥିବା ଅକ୍ଷି ପଟ୍ଟରେ ସମ୍ମିଳିତ ହୋଇ ବସ୍ତୁର ହିପଶସରଯୁକ୍ତ ପ୍ରତିଚ୍ଛବିର ଧାରଣା ହୁଏ ।

ଆମେ କୌଣସି ବସ୍ତୁକୁ ହିପଶସରଯୁକ୍ତ ଭ୍ରବରେ ଦେଖିପାରୁ କପଣ ? ଆମର ଦୁଇଟି ଆଖିଥିବାରୁ ଆମେ କୌଣସି ପଦାର୍ଥକୁ ଅନାଇଲେ ପଦାର୍ଥର ବାମ୍ଭ ପାର୍ଶ୍ୱର ରଶ୍ମି ଅଲଗା ଅଲଗା ଭ୍ରବରେ ଦୁଇ ଆଖି ଦେଇ ଚକ୍ଷୁ ଅଭ୍ୟନ୍ତରସ୍ଥ ଅକ୍ଷିପଟ୍ଟ ଉପରେ ପଡ଼ି ଦୃଷ୍ଟି ସ୍ନାୟୁ ଦେଇ ମସ୍ତିଷ୍କର ଦୃଷ୍ଟି କେନ୍ଦ୍ରରେ ସମ୍ମିଳିତ ହୁଏ । ଫଳରେ ଆମେ ଧାରଣା ପାଉଁ ସେ ଏବା ହିପଶସରଯୁକ୍ତ ପଦାର୍ଥ । ସେଉଁମାନଙ୍କର ଗୋଟିଏ ଆଖି ଅଛି, ଅନ୍ୟ ଆଖିଟି ନଷ୍ଟ ହୋଇଯାଇଛି, ସେମାନେ ହିପଶସରଯୁକ୍ତ ପଦାର୍ଥ ଦେଖିଲେ ହେଁ ଉପଲବ୍ଧି କରି ପାରନ୍ତି ନାହିଁ, କାରଣ ସେ କ୍ଷେତ୍ରରେ ଦୁଇଟି ଅଲଗା ଅଲଗା ପ୍ରତିଚ୍ଛବିର ପ୍ରଶ୍ନ ଉଠେ ନାହିଁ । ଆମେ ଦୁଇଟି ଆଖି ସାହାଯ୍ୟରେ ସେମିତି ହିପଶସରଯୁକ୍ତ ପଦାର୍ଥର ଧାରଣା ପାଇଁ ଠିକ୍ ସେହି ଭଳି ବାଇନୋକ୍ୟୁଲର ଅଣ୍ଡୁବୀକ୍ଷଣ ଯନ୍ତ୍ରରେ କୌଣସି ପଦାର୍ଥର ପରିବର୍ଦ୍ଧିତ ପ୍ରତିଚ୍ଛବି ପଦାର୍ଥର ଅଲଗା ଅଲଗା ପାର୍ଶ୍ୱରୁ ପ୍ରତିଫଳିତ ହୋଇ ଅଲଗା ଅଲଗା ଅଭିଦୃଶ୍ୟକ ଲେନ୍‌ସ, ଅଲଗା ଅଲଗା ନଳୀ ଓ ଅଲଗା ଅଲଗା ନେତ୍ରିକା ଲେନ୍‌ସ ଦେଇ ଅକ୍ଷିପଟ୍ଟରେ ପହଞ୍ଚି ଓ ସେଠାରୁ ଦୃଷ୍ଟି ସ୍ନାୟୁ ଦେଇ ମସ୍ତିଷ୍କର ଦୃଷ୍ଟି କେନ୍ଦ୍ରରେ ସମ୍ମିଳିତ ହୋଇ ହିପଶସରଯୁକ୍ତ ପଦାର୍ଥର ସୂଚନା ହୁଏ । କନ୍ତୁ ଉପରୋକ୍ତ ପ୍ରଥମ ବାଇନୋକ୍ୟୁଲର ଅଣ୍ଡୁବୀକ୍ଷଣ ଯନ୍ତ୍ରରେ ହିପଶସରଯୁକ୍ତ ପଦାର୍ଥର ସେଭଳି ସୂଚନା ମିଳେ ନାହିଁ ।

ଆଉ ଏକ ବାଇନୋକ୍ୟୁଲର ଅଣ୍ଡୁବୀକ୍ଷଣ ଯନ୍ତ୍ର ଅଛି, ସେଥିରେ କ୍ଷୁଦ୍ର କ୍ଷୁଦ୍ର କଣିକାର ଗତିଶୀଳ ଅବସ୍ଥା ଭଲ ଭ୍ରବରେ ଦେଖିହୁଏ । ଏହି ଗତିଶୀଳ ଅବସ୍ଥାକୁ ବ୍ରାଉନ୍-ଆନ ଗତି କୁହାଯାଏ । କୌଣସି ଏକ ତରଳ ପଦାର୍ଥରେ ଏହି କ୍ଷୁଦ୍ର କ୍ଷୁଦ୍ର କଣିକା ଜଳଜ ମନକୁ ମନ ଗତିଶୀଳ ହୁଅନ୍ତି, କେଉଁ କଣିକାଟି ଉପରକୁ ଯାଇ କଉଣ ଭ୍ରବରେ ତଳକୁ ଆସେ ତାହା ଭଲଭ୍ରବରେ ଦେଖାଇବା ପାଇଁ ଏହି ବାଇନୋକ୍ୟୁଲର ଅଣ୍ଡୁବୀକ୍ଷଣ ଯନ୍ତ୍ର ବ୍ୟବହାର କରାଯାଏ । ଏହାର ମୂଳତତ୍ତ୍ୱ ଉପରେ ବର୍ତ୍ତିତ ଦ୍ୱିତୀୟସ୍ଥ ପ୍ରକାର ବାଇନୋକ୍ୟୁଲର ଅଣ୍ଡୁବୀକ୍ଷଣ ଯନ୍ତ୍ର ସମ୍ପୂର୍ଣ୍ଣ ସମାନ । କେବଳ ଢଙ୍ଗାଡ଼ି ହେଉଛି କେତେକ ଯାନ୍ତ୍ରିକ ବ୍ୟବସ୍ଥା । ବ୍ରାଉନ୍‌ଆନ ଗତିକୁ ଛାତ୍ରମାନଙ୍କୁ ଦେଖାଇବା ପାଇଁ ଏହା ଏକ ଉପଯୁକ୍ତ ଯନ୍ତ୍ର ।

ବହୁଅଂଶୀ ଅଣ୍ଡୁବୀକ୍ଷଣ ଯନ୍ତ୍ରର ଦୂରବୀକ୍ଷଣ ଯନ୍ତ୍ରଭଳି ଗୋଟିଏ ନଳୀ ଥାଏ । ଅବଶ୍ୟ ଏହି ନଳୀଟି ଦୂରବୀକ୍ଷଣ ଯନ୍ତ୍ରର ନଳୀଭଳି ସେତେ ଲମ୍ବା ନୁହେଁ । ଏହି ନଳୀର ଦୁଇମୁଣ୍ଡରେ ଦୁଇଟି ଲେନସ୍ ରହିଥାଏ । ସେଥିରୁ ଗୋଟିଏ ହେଉଛି ଅଭିଦୃଶ୍ୟକ ଲେନସ୍ ଓ ଅନ୍ୟଟି ନେତ୍ରିକା ଲେନସ୍ । ଅଭିଦୃଶ୍ୟକ ଲେନସ୍ ନଳୀର ତଳେ ଥାଏ ଓ ଦେଖିବା ବସ୍ତୁର ଠିକ ଉପରକୁ ଥାଏ । ନେତ୍ରିକା ଲେନସ୍‌ଟି ନଳୀର ଅପର ମୁଣ୍ଡରେ ଥାଏ, ଏହି ନେତ୍ରିକା ଲେନସ୍ ପାଖରେ ଆଖିକୁ ଲଗାଇ ବସ୍ତୁଟିକୁ ଦେଖିବାକୁ ହୁଏ ।

ଏହି ବହୁଅଂଶୀ ଅଣ୍ଡୁବୀକ୍ଷଣ ଯନ୍ତ୍ରରେ ଥିବା ଅଭିଦୃଶ୍ୟକ ଲେନ୍‌ସର କାମ ହେଉଛି କ୍ଷୁଦ୍ର କ୍ଷୁଦ୍ର ବସ୍ତୁକୁ ପରିବର୍ଦ୍ଧନ କରି ଏହାର ଏକ ପରିବର୍ଦ୍ଧିତ ପ୍ରତିଚ୍ଛବି ଏହାର ଫୋକେଲ ବନ୍ଦୁଠାରେ ସୃଷ୍ଟି କରିବା, ତତ୍ପରେ ନେତ୍ରିକା ଲେନ୍‌ସ ଏହି ପରିବର୍ଦ୍ଧିତ ପ୍ରତିଚ୍ଛବିକୁ ଅଧିକ ପରିବର୍ଦ୍ଧନ କରି ବଡ଼ କରି ଦେଖାଏ । ଅଣ୍ଡୁବୀକ୍ଷଣ ଯନ୍ତ୍ରରେ ଯେଉଁ ଅଭିଦୃଶ୍ୟକ ଲେନସ ବ୍ୟବହୃତ ହୁଏ, ତାହାର ଆକାର, ଦୂରବୀକ୍ଷଣ ଯନ୍ତ୍ର ଭଳି ବଡ଼ ହେବା ଦରକାର ନାହିଁ । ଏହାର ପରିବର୍ଦ୍ଧନ ଶକ୍ତି ସେତେ ବେଶି ହେଲେ ସେତେ ଭଲ । ଅଭିଦୃଶ୍ୟକ ଲେନସର ଫୋକେଲ ଦୈର୍ଘ୍ୟ ଯେତେ କମ୍ ହେବ,ଲେନସର ଅଭିବର୍ଦ୍ଧନ ସାମର୍ଥ୍ୟ ସେତେ ବେଶୀ ହେବ, ତେବେ ଲେନ୍‌ସର ଅଭିବର୍ଦ୍ଧନ ସାମର୍ଥ୍ୟକୁ ଅଶୀତଳ ଭ୍ରବରେ ବଢ଼ାଇବା ପାଇଁ ଆମେ ଲେନ୍‌ସର ଫୋକେଲ ଦୈର୍ଘ୍ୟକୁ ମନଇଚ୍ଛା କମାଇଦେଇ ପାରିବା ନାହିଁ, କାରଣ ତାହା କଲେ ଯେଉଁ ପ୍ରତିଚ୍ଛବି ସୃଷ୍ଟି ହେବ, ତାହା ବଙ୍କେଇଯିବ ଓ ବକ୍ରତାଳ ହୋଇବ । ଅଭିଦୃଶ୍ୟକ ଲେନ୍‌ସ ସାହାଯ୍ୟରେ ଯେଉଁ ପ୍ରକୃତ ପ୍ରତିଚ୍ଛବି ଅଣ୍ଡୁବୀକ୍ଷଣ ଯନ୍ତ୍ରର ନଳୀ ଭିତରେ ସୃଷ୍ଟି ହୁଏ, ତାହା ଓଲଟା ହୋଇଥାଏ । ଏହା ପୁଣି ଯେତେବେଳେ

CC-0. In Public Domain. Utkal Kanya Collection, Haridwar

Digitized by Arya Samaj Foundation Chennai and eGangotri

(ଏକ ବହୁ ଅଂଶୀ ଅଣୁବୀକ୍ଷଣ ଯନ୍ତ୍ର ଓ ଏହାର ବିଭିନ୍ନ ଅଂଶ)

ନେତ୍ରିକା ଲେନ୍ସ ଦ୍ୱାରା ପୁଣି ପରବର୍ତ୍ତିତ ହୁଏ, ଏହା ପୁଣି ଓଲଟି ଯାଇ ସିଧା ହୁଏ ।

ବହୁ ଅଂଶୀ ଅଣୁବୀକ୍ଷଣ ଯନ୍ତ୍ରରେ ପ୍ରଥମେ ପ୍ରଥମେ ଦୁଇଟିଯାକ ଉତ୍ତଳ ଲେନ୍ସ ବ୍ୟବହୃତ ହେଉଥିଲା । ଏହି ଦୁଇଟିଯାକ ଲେନ୍ସ ଏଭଳି ଭାବରେ ଏକନଳୀର ଦୁଇ ମୁଣ୍ଡରେ ଲଗାଯାଇଥିଲା, ଯେମିତିକି ଦୁଇଟିଯାକର କେନ୍ଦ୍ର ଗୋଟିଏ ସରଳ ରେଖାରେ ରହିବ । ଅଭିଦୃଶ୍ୟକ ଲେନ୍ସର ଫୋକେଲ ଦୈର୍ଘ୍ୟ କମ ହେବ ଓ ଦ୍ୱାରକ ମଧ୍ୟ କମ ହେବା ଉଚିତ୍ । ନଳୀର ଉପର ମୁଣ୍ଡରେ ଯେଉଁ ନେତ୍ରିକା ଲେନ୍ସ ରହିବ ତାହାର ଫୋକେଲ ଦୈର୍ଘ୍ୟ ମଧ୍ୟ କମ ହେବ କାରଣ ଦ୍ୱାରକ ବେଶି ହେବ ।

ଆଧୁନିକ ଅଣୁବୀକ୍ଷଣ ଯନ୍ତ୍ରମାନଙ୍କରେ ଅଭିଦୃଶ୍ୟକ ଓ ନେତ୍ରିକା ଲେନ୍ସ ସବୁ ଗୋଟିଏ ଗୋଟିଏ ଲେନ୍ସ ନ ହୋଇ ପ୍ରତ୍ୟେକଟି ଯୁଗ୍ମ ଲେନ୍ସ ରୂପରେ ବ୍ୟବହୃତ ହେଉଛି । ଗୋଟି ଗୋଟିକିଆ ଲେନ୍ସ ବ୍ୟବହାର କଲେ ଆଲୋକ ରଶ୍ମିର ପ୍ରତିସରଣ ବେଳେ ଦୁଇଟି ବଡ଼ ଅସୁବିଧା ହୁଏ । ସେ ଅସୁବିଧା ଦୁଇଟି ହେଲା ଘନବୃତ୍ତୀୟ ବିପଥନ ଓ ବର୍ଣ୍ଣିକ ବିପଥନ । ଏହି ଅସୁବିଧା ସବୁ ଦୂରବୀକ୍ଷଣ ଯନ୍ତ୍ରରେ ହୋଇଥାଏ (ଦେଖନ୍ତୁ-ଦୂରବୀକ୍ଷଣ ଯନ୍ତ୍ର) । ଘନବୃତ୍ତୀୟ ବିପଥନ ଫଳରେ ଅଣୁବୀକ୍ଷଣ ଯନ୍ତ୍ରରେ ବସ୍ତୁଥିବା ପ୍ରତିବିମ୍ବ ଅସ୍ପଷ୍ଟ ହୁଏ । ବର୍ଣ୍ଣିକ ବିପଥନ ଫଳରେ ଅଣୁବୀକ୍ଷଣ ଯନ୍ତ୍ରରେ ବସୁଥିବା ପ୍ରତିବିମ୍ବ ନାନାପ୍ରକାର ଅସ୍ପାକ୍ଷବିକ ବର୍ଣ୍ଣରେ ରଞ୍ଜିତ ହୋଇ ଅସ୍ପଷ୍ଟ ହୁଏ ।

ଯେତେବେଳେ ଆଲୋକ ରଶ୍ମି ଏକ ବଡ଼ ଲେନ୍ସ ଭେଦ ଆସେ ସେତେବେଳେ ସେଉଁ ରଶ୍ମି ଲେନ୍ସର କେନ୍ଦ୍ର ଭେଦ ଆସେ ତାହା ଅଧିକ ପ୍ରତିସରିତ ହୁଏ ଓ ଯାହା ଲେନ୍ସର ଧାର ଭେଦ ଆସେ, ତାହା କମ ପ୍ରତିସରିତ ହୁଏ, କାରଣ ଲେନ୍ସ ମଝିରେ ଅଧିକ ମୋଟ, ଧାର ଆଡକୁ କମ ମୋଟ । ଏହା ଫଳରେ ଯେଉଁ ପ୍ରତିବିମ୍ବ ସୃଷ୍ଟି ହୁଏ, ତାହା ବଙ୍କା ଓ ବକ୍ରାକାର ହୁଏ । ଏହାକୁ କୁହାଯାଏ ଘନବୃତ୍ତୀୟ ବିପଥନ (*Spherical aberration*) । ଏହି ବିପଥନକୁ ଦୂର କରିବା ଲେନସର କେନ୍ଦ୍ର ଅଂଶକୁ ମାସ ବ୍ୟବହାର କରିବା ଉଚିତ ।

ବର୍ଣ୍ଣିକ ବିପଥନ(*Chromatic aberration*)ର କାରଣ ହେଉଛି ଏକ ଉତ୍ତଳ ଲେନ୍ସ ପ୍ରକାଶରଶ୍ମିରେ କେତେଗୁଡ଼ିଏ ପ୍ରିଜମର ସମଷ୍ଟି ଭଳି କାର୍ଯ୍ୟ କରେ । ଆଲୋକରଶ୍ମି ଯେତେବେଳେ ପ୍ରିଜମ ମଧ୍ୟଦେଇ ଗତକରେ, ବିଭିନ୍ନ ବର୍ଣ୍ଣ ବିଶିଷ୍ଟ ଆଲୋକ ରଶ୍ମିର ତରଙ୍ଗ

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

ଦୈର୍ଘ୍ୟ ଅଲଗା ଅଲଗା ହୋଇଥିବାରୁ ଏହା ବଙ୍କୁଣ୍ଡ ହୁଏ । ପ୍ରିଜ୍‌ମରେ ଯାହା ହୁଏ, ତାହା ଏହି ଲେନ୍‌ସ୍‌ରେ ହେବାରୁ ଯେଉଁ ପ୍ରତିବମ୍ବ ଲେନ୍‌ସ ଦ୍ୱାରା ସୃଷ୍ଟି ହୁଏ, ତାହା ବହୁନ୍ନ ରଙ୍ଗରେ ରଞ୍ଜିତ ହୋଇଥିଲା ଭଳେ, ଏହାକୁ ହେଉଛି ବର୍ଣ୍ଣିକ ବିପଥନ । ଏହାକୁ ଦୂର କରିବା ପାଇଁ ଅବର୍ଣ୍ଣିକ ଲେନ୍‌ସ ବ୍ୟବହାର କରିବାକୁ ପଡେ । ୧୭୫୮ ଖ୍ରୀ.ରେ ବିଖ୍ୟାତ ଇଂରେଜ ବୈଜ୍ଞାନିକ ଜନ ଡୋଲଣ୍ଡ ଏହି ବର୍ଣ୍ଣିକ ବିପଥନକୁ ଦୂର କରିବା ପାଇଁ ଏକ ଉପାୟ ବାହାର କଲେ । ଅବଶ୍ୟ ସେହି ଉପାୟକୁ ସର୍ବପ୍ରଥମେ ଆବିଷ୍କାର କରିଥିଲେ ଅନ୍ୟତମ ଇଂରେଜ ବୈଜ୍ଞାନିକ ଚେଷ୍ଟର ମୁରହଲ ୧୭୩୦ ଖ୍ରୀ. ରେ । ସାଧାରଣ ଓ ଫ୍ଲିଣ୍ଟକାଚରୁ ଦୁଆର ଦୁଇଟି ଲେନ୍‌ସକୁ ଏକତ୍ର କରି ବ୍ୟବହାର କଲେ ବର୍ଣ୍ଣିକ ବିପଥନ ହୁଏନା ବୋଲି ସେ ପ୍ରଥମେ ଆବିଷ୍କାର କରିଥିଲେ । ସେ ଅଭିଦୃଶ୍ୟକ ଲେନ୍‌ସକୁ ଖଣ୍ଡିଏ କାଚରୁ ଦୁଆର ନକରି ଏକ ଯୁଗଳ ଲେନ୍‌ସ ନେଲେ । ସେହି ଦୁଇଟି ଭିତରୁ ଗୋଟିଏ ଉତ୍ତଳ ଲେନ୍‌ସ ଓ ଏହା ସାଧାରଣ କାଚରୁ ତିଆରି । ତହିଁପରେ ସେ ଫ୍ଲିଣ୍ଟକାଚରୁ ଏକ ଅବତଳ ଲେନ୍‌ସ ତିଆରି କଲେ, ଯାହାର ଗୋଟିଏ ପାର୍ଶ୍ୱ ସମତଳ ଓ ଅନ୍ୟ ପାର୍ଶ୍ୱଟି ଅବତଳ, ଏ ଦୁଇଟିଯାକ ଲେନ୍‌ସ ଏଭଳି ଯେ ସେ ଦୁଇଟିକୁ ଯୋଡିଦେଲେ ପରସ୍ପର ସଙ୍ଗତ ଲାଗିଯାଇ ଗୋଟିଏ ଲେନ୍‌ସ ଭଳି ହୋଇଯାଏ । ଏହି ଯୁଗ୍ମ ଲେନ୍‌ସର ସମତଳ ଅଂଶକୁ ତଳକୁ ରଖି ଅଭିଦୃଶ୍ୟକ ଲେନ୍‌ସ ଉପରେ ଅଣ୍ଡୁବୀକ୍ଷଣ ଯନ୍ତ୍ରର ତଳ ଅଂଶରେ ଲଗାଯାଏ । ଏଭଳି କରିବା ଦ୍ୱାରା ପ୍ରତିବମ୍ବ ଆଉ ବହୁନ୍ନ ବର୍ଣ୍ଣରେ ରଞ୍ଜିତ ହେଲାଭଳି ଦିଶେ ନାହିଁ । ଏହାକୁ ହେଉଛି ଅବର୍ଣ୍ଣିକ ଲେନ୍‌ସ (*achromatic lens*) । ଏହି ଅବର୍ଣ୍ଣିକ ଲେନ୍‌ସ ବ୍ୟବହାର ଫଳରେ ବର୍ତ୍ତମାନର ଅଣ୍ଡୁବୀକ୍ଷଣ ଯନ୍ତ୍ରରେ ଆଉ ବର୍ଣ୍ଣିକ ବିପଥନ ଦେଖାଗଲା ନାହିଁ । ଅବଶ୍ୟ ଆଉରି ପରେ ଏହି ସହିତ ତୃତୀୟ ଲେନ୍‌ସ ଯୋଗକଲେ ପ୍ରତିବମ୍ବ ଆଉରି ଉନ୍ନତ ହୁଏ ଓ ଏହି ତୃତୀୟ ଲେନ୍‌ସଟି ତୃତୀୟ ପ୍ରକାର କାଚରୁ ତିଆରି ହେବା ଉଚିତ । ଏହି ଉନ୍ନତ ବ୍ୟତିତ ଆଜିକାଲି ଅଣ୍ଡୁବୀକ୍ଷଣ ଯନ୍ତ୍ରରେ ବ୍ୟବହୃତ ସମସ୍ତ ପ୍ରକାର ଲେନ୍‌ସରେ ଏକପ୍ରକାର ପାତଳ ପ୍ରଲେପ ଦିଆଯାଉଛି, ଯାହାଫଳରେ ଅଧିକ ଆଲୋକ ଲେନ୍‌ସ ଭିତରକୁ ଯିବା ଫଳରେ ପ୍ରତିବମ୍ବ ଆହୁରି ସ୍ପଷ୍ଟ ହେଉଛି । ଏହି ଉପାୟ ଅବଲମ୍ବନ ଦ୍ୱାରା ଲେନ୍‌ସ ପୃଷ୍ଠରୁ ଅଧିକ ଆଲୋକ ପ୍ରତିଫଳିତ ହୋଇ ଅନ୍ୟତ୍ର ବାହାରି ଯାଇ ନାହିଁ । ଏହି ପ୍ରଲେପ ଯୋଗୁଁ ଅଙ୍କକାଳି ଲେନ୍‌ସଗୁଡିକ ଉପରକୁ ନୀଳ, ଲେହିତ ବା ବାଦାମୀ ବର୍ଣ୍ଣର ଆଲୋକ ପ୍ରତିଫଳନ କରିବା ଦେଖାଯାଏ ।

ଆଧୁନିକ ଅଣ୍ଡୁବୀକ୍ଷଣ ଯନ୍ତ୍ରରେ ଏହି ଲେନ୍‌ସର ଉନ୍ନତ ବ୍ୟତୀତ ଆହୁରି ତିନି ପ୍ରକାର ଉନ୍ନତ କରାଯାଇଛି । ପ୍ରତିବମ୍ବ କିଭଳି ଅଧିକ ସ୍ପଷ୍ଟ ହିଁବ, ଏହାହିଁ ହେଉଛି ଏହି ଉନ୍ନତିର ମୂଳ ଲକ୍ଷଣ । ପ୍ରତିବମ୍ବ ଅଧିକ ସ୍ପଷ୍ଟ ହିଁବା ପାଇଁ ଦେଖିବା ବସ୍ତୁକୁ ଅଧିକ ଆଲୋକିତ କରିବା ବାଞ୍ଛନୀୟ ।

ଜର୍ମାନୀର ପ୍ରସିଦ୍ଧ ଜେନା ସହରର ଅଧ୍ୟାପକ ଅର୍ନେଷ୍ଟ ଆବେ ଓ ଡକ୍ଟର ଅଟୋ ସ୍କଟ୍ ପ୍ରତିବମ୍ବକୁ ଆହୁରି ଉତ୍କୃଳ ଓ ସ୍ପଷ୍ଟ କରିବା ପାଇଁ ୧୮୭୩ ଖ୍ରୀ. ଠାରୁ ଗବେଷଣା ଚଳାଇ ବହୁବର୍ଷ ପରେ କୃତ୍ରିମାଫି ସ୍ୱରୂପ ଏକ ଉନ୍ନତ ଧରଣର କାଚ (ଯାହାକୁ କହନ୍ତି ସ୍ପୋରକାଚ) ଆବିଷ୍କୃତ କଲେ । ଅଣ୍ଡୁବୀକ୍ଷଣ ଯନ୍ତ୍ରର ଲେନ୍‌ସ ତିଆରି ପାଇଁ ଏହା ହେଲା ପ୍ରକୃଷ୍ଟ କାଚ । ଏହା ସାହାଯ୍ୟରେ ଖୁବ୍ ଶକ୍ତିଶାଳୀ ଆଧୁନିକ ଅଣ୍ଡୁବୀକ୍ଷଣ ଯନ୍ତ୍ରମାନ ତିଆରି ହେଲା ! ଏଥିପାଇଁ ଆବେଙ୍କୁ ଆଧୁନିକ ଶକ୍ତିଶାଳୀ ଅଣ୍ଡୁବୀକ୍ଷଣ ଯନ୍ତ୍ରର ଜନକ ବୋଲି କହନ୍ତି ।

ବୈଜ୍ଞାନିକ ଆବେଙ୍କ ପ୍ରଚେଷ୍ଟାରେ ଜେନାସହରରେ ଗୋଟିଏ ବିଶିଷ୍ଟ କମ୍ପାନୀଗଢିଉଠିଲା, ଯାହା ଏହି ଲେନ୍‌ସ ତିଆରି ପାଇଁ ସୁନାମ ଅର୍ଜନ କଲା । ଏହି କମ୍ପାନୀର ନାମ ଜାଇସ୍ ଏଣ୍ଡ କମ୍ପାନୀ । ଏହି କମ୍ପାନୀର ପ୍ରତିଷ୍ଠାତା ଥିଲେ ବିଖ୍ୟାତ ଶିଲ୍ପପତି ଓ ଇଂଜିନିଅର କାର୍ଲ୍‌ଜାଇସ୍ । କାର୍ଲ୍ ଜାଇସ୍ ପ୍ରଥମରୁ ଆଲୋକୀୟ କାଚ ତିଆରିରେ ଦକ୍ଷତା ଅର୍ଜନ କରିଥିଲେ । ତାଙ୍କ ତିଆରି ଦୂରବୀକ୍ଷଣ ଓ ଅଣ୍ଡୁବୀକ୍ଷଣ ଯନ୍ତ୍ର ସେ ଯୁଗରେ ସାରା ପୃଥିବୀରେ ପ୍ରସିଦ୍ଧି ଲାଭ କରିଥିଲା । ୧୮୬୬ ଖ୍ରୀ. ରେ କାର୍ଲ୍ ଜାଇସ୍ ଜେନା ସହରରେ କାରଖାନା ପ୍ରତିଷ୍ଠା କରିବା ସମୟରେ ଆରନେଷ୍ଟ ଆବେ ଥିଲେ ଜେନାସହରସ୍ଥ ବିଶ୍ୱବିଦ୍ୟାଳୟର ପଦାର୍ଥ ବିଜ୍ଞାନ ଅଧ୍ୟାପକ । କାର୍ଲ୍‌ଜାଇସ ସର୍ବଦା ଆବେଙ୍କ ପରାମର୍ଶ ନେଉଥିଲେ ନିଜ ଯନ୍ତ୍ରପାତିର ଉତ୍କୃଷ୍ଟତା ବଜାୟ

CC-0. In Public Domain. Panini Kanhi Collection, Haridwar

Digitized by Arya Samaj Foundation Chennai and eGangotri

ରଖିବା ପାଇଁ । ସେତିକିବେଳେ ଆବେ ଓ ସ୍ମିଟ ସେଉଁ ନୂଆ ଆଲୋକୀୟ କାଚ ତିଆରି କଲେ, ସେହି କାଚକୁ ବ୍ୟବହାର କରି କାର୍ଲ ଜାଇସ ଅଣୁବୀକ୍ଷଣ ଦୂରବୀକ୍ଷଣ ଯନ୍ତ୍ର ଆଦି ତିଆରି କଲେ । ଏହା ଶୀଘ୍ର ଲୋକପ୍ରିୟ ହେବାରୁ କାର୍ଲ ଜାଇସ୍ ଆବେଙ୍କୁ ନିଜ କମ୍ପାନୀର ଏକ ଅଂଶୀଦାର କରିଦେଲେ । ଏହି ସମୟରେ ଆବେଙ୍କ ସହକର୍ମୀ ସ୍ୱରଖ୍ୟାତ କାଚ ତିଆରି ଇଂଲଣ୍ଡର ଅଟୋସ୍ମିଟ ଏହା ସହିତ ଯୋଗ ଦେଲେ । ଅଟୋସ୍ମିଟ ପ୍ରାୟ ଶହେ ପ୍ରକାର ଆଲୋକୀୟ କାଚ ତିଆରିର କୌଶଳ ଜାଣିଥିବାରୁ ଆବେଙ୍କ ବୁଦ୍ଧି, ସ୍ମିଟଙ୍କ କାଚ ତିଆରି କୌଶଳ ଓ କାର୍ଲ ଜାଇସ୍ଙ୍କ କାରଖାନା ସୁବିଧା ଏହି ତିନିମୂର୍ତ୍ତିଙ୍କ ମଧ୍ୟରେ ଏପରି ଯୋଗସୂତ୍ର ଆଣିଲା, ଯାହା ଫଳରେ କି ଅଣୁବୀକ୍ଷଣ ଯନ୍ତ୍ରର କାର୍ଯ୍ୟକାରିତା ଗୁଣ ବହୁଗୁଣ ବଢ଼ିଗଲା । ସେମାନଙ୍କଠାରୁ ପୃଥିବୀର ଉତ୍କୃଷ୍ଟତମ ଅଣୁବୀକ୍ଷଣ ଯନ୍ତ୍ର ଜନ୍ମ ନେଲା । କାର୍ଲ ଜାଇସ୍ ୧୮୮୮ ଖ୍ରୀ:ରେ ମରିବା ପରେ ଏହି କମ୍ପାନୀର ସ୍ୱତ୍ୱାଧିକାରୀ ହେଲେ ଆବେ । ଏହି ସମୟରେ ଅଧିକ ଉନ୍ନତ ଲେନ୍ସ ଉଦ୍ଭାବିତ ହେଲା । ଏହାକୁ ବ୍ୟବହାର କରି ଖୁବ୍ ଉନ୍ନତ ଧରଣର ଅଣୁବୀକ୍ଷଣ ଯନ୍ତ୍ର ତିଆରି ହେଲା । ଏହି ସମୟରେ ଓଲମ୍ପାସ ବୈଜ୍ଞାନିକ ଫ୍ରିକ କୋରନକେ ସେଉଁ ଫେଜ ପାର୍ଥକ୍ୟ ଅଣୁବୀକ୍ଷଣ ଯନ୍ତ୍ର ଉଦ୍ଭାବନ କଲେ, ତାହା ଏହି କମ୍ପାନୀ ଦ୍ୱାରା ତିଆରି କରାଇ ଆଜି ପାଇଁ ୧୯୩୫ ଖ୍ରୀ: ରେ ବଜାରକୁ ପଠାଗଲା ।

ଏତଦ୍ ଭିନ୍ନ ଏହିପରି ବହୁ ପ୍ରକାରର ଅଣୁବୀକ୍ଷଣ ଯନ୍ତ୍ରମାନ ଉଦ୍ଭାବନ କରାଯାଇଛି, ଯଥା :- ଅଲଟ୍ରା ଭାୟୋଲେଟ୍ ଅଣୁବୀକ୍ଷଣ ଯନ୍ତ୍ର, ଅଲଟ୍ରା ଅଣୁବୀକ୍ଷଣ ଯନ୍ତ୍ର, ବ୍ୟବସାୟିକ ଅଣୁବୀକ୍ଷଣ ଯନ୍ତ୍ର, ଟେଲିଭିଜନ ଅଣୁବୀକ୍ଷଣ ଯନ୍ତ୍ର, ଧ୍ରୁବୀଣ ଅଣୁବୀକ୍ଷଣ ଯନ୍ତ୍ର, ଫେଜ୍ ବୈଷମ୍ୟ ଅଣୁବୀକ୍ଷଣ ଯନ୍ତ୍ର, ପକେଟ ଅଣୁବୀକ୍ଷଣ ଯନ୍ତ୍ର ଓ ଇଲେକ୍ଟ୍ରନ ଅଣୁବୀକ୍ଷଣ ଯନ୍ତ୍ର । ନିମ୍ନରେ ଅଣୁବୀକ୍ଷଣ ଯନ୍ତ୍ରର ଏକ ଶ୍ରେଣୀ ବିଭାଗ ତାଲିକା ଦିଆଗଲା ।

ଅଣୁବୀକ୍ଷଣ ଯନ୍ତ୍ର



ଅଲଟ୍ରା ଭାୟୋଲେଟ ଅଣୁବୀକ୍ଷଣ ଯନ୍ତ୍ରରେ ପ୍ରତିବମ୍ବ ଅଧିକ ସୁସ୍ପଷ୍ଟ ହୁଏ ଓ ସାଧାରଣ ଆଲୋକୀୟ ଅଣୁବୀକ୍ଷଣ ଯନ୍ତ୍ରରେ ଦୃଶ୍ୟ ନଥିବା ବସ୍ତୁକୁ ଏଥିରେ ଦେଖିହୁଏ । ଏଥିରେ କାଚ ତିଆରି ଲେନ୍ସ ବ୍ୟବହୃତ ହୁଏ ନାହିଁ ।

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

ଅଲଟ୍ରା ଭାୟୋଲେଟ୍ ରଶ୍ମିର ତରଙ୍ଗ ଦୈର୍ଘ୍ୟ ଚେର କମ ହୋଇଥିବାରୁ ବିଭିନ୍ନ ପ୍ରକାର କ୍ଷୁଦ୍ରତର ପ୍ରାଣୀମାନଙ୍କର ସୂକ୍ଷ୍ମ ଅଂଶ ଏଥିରେ ଦୃଷ୍ଟିଗୋଚର ହୁଏ । ଏହି ଯନ୍ତ୍ରକୁ ଘନ ଅନ୍ଧକାର ମଧ୍ୟରେ ବ୍ୟବହାର କରାଯାଏ । ଘନ ଅନ୍ଧକାର ଭିତରେ ଦେଖାଯିବା କ୍ଷୁଦ୍ର ବସ୍ତୁ ଉପରେ ଆଲୋକ ରଶ୍ମି ପରିବର୍ତ୍ତିତ ହୋଇ ଅଲଟ୍ରା ଭାୟୋଲେଟ ରଶ୍ମି ପକାଯାଏ । ଅଲଟ୍ରା ଭାୟୋଲେଟ ରଶ୍ମି ଆଖିକୁ ଅଦୃଶ୍ୟ ଥିବାରୁ ଦେଖାଯିବା ବସ୍ତୁଟି ମଧ୍ୟ ଘନ ଅନ୍ଧକାରରେ ଆଖିକୁ ଦିଶେ ନାହିଁ । ବସ୍ତୁ ଉପରେ ଅଲଟ୍ରା ଭାୟୋଲେଟ୍ ରଶ୍ମି ପଡ଼ି ଏହା ପ୍ରତିଫଳିତ ହୋଇ ଅଣ୍ଡବୀକ୍ଷଣ ଯନ୍ତ୍ରର ଅଭିଦୃଶ୍ୟକ ଲେନ୍ସ ଦେଇ ଯାଇ ଅଣ୍ଡବୀକ୍ଷଣ ଯନ୍ତ୍ର ଭିତରେ ଏକ ପ୍ରତିବିମ୍ବ ସୃଷ୍ଟିକରେ ଓ ଏହା ନେତ୍ରିକା ଲେନ୍ସ ଦ୍ୱାରା ଆହୁରି ପରିବର୍ତ୍ତିତ ହୋଇ ଦେଖିବା ଅବସ୍ଥାକୁ ଆସେ । ଏଥିରେ କାଚ ଲେନ୍ସ ବ୍ୟବହାର କରା ନ ଯିବାର କାରଣ ହେଲା କାଚ ମଧ୍ୟ ଦେଇ ଅଲଟ୍ରା ଭାୟୋଲେଟ ରଶ୍ମି ଗଲେ ଏହା କାଚ ଦ୍ୱାରା ପୂର୍ଣ୍ଣରୂପ ବିଶୋଷିତ ହୋଇଯାଏ । ଏହା ଆଉ ପ୍ରତିବିମ୍ବ ସୃଷ୍ଟି କରିପାରେ ନାହିଁ ।

ଅଲଟ୍ରା ଭାୟୋଲେଟ ଅଣ୍ଡବୀକ୍ଷଣ ଯନ୍ତ୍ର ଭଲ ଗବେଷଣାତ୍ମକ ଅଣ୍ଡବୀକ୍ଷଣ ଯନ୍ତ୍ର ଆଧୁନିକ ବିଜ୍ଞାନରେ ଏକ ଅଭିନବ ସୃଷ୍ଟି । ଏଥିରେ ସାଧାରଣ ଆଲୋକ ରଶ୍ମି ପରିବର୍ତ୍ତେ ମୋଲିବଡେନମ୍ ଆଲୋକ ରଶ୍ମି ବ୍ୟବହୃତ ହୁଏ । ଏଣୁ ଏହା ସାହାଯ୍ୟରେ ବିଭିନ୍ନ ପ୍ରକାର ଧାନା ବା ସ୍ଫଟିକର ପ୍ରତିଛବି ଅନୁଧାନ କରିହୁଏ ।

ଟେଲିଭିଜନ ଅଣ୍ଡବୀକ୍ଷଣ ଯନ୍ତ୍ର ଅତି ଉନ୍ନତ ଧରଣର ଆଧୁନିକ ଅଣ୍ଡବୀକ୍ଷଣ ଯନ୍ତ୍ର । ଟେଲିଭିଜନ ପରଦା ଭଳି ପରଦା ଉପରେ ଦୃଶ୍ୟ ବସ୍ତୁର ପ୍ରତିବିମ୍ବ ପଡ଼ୁଥିବାରୁ ଏହାର ନାମ ଏପରି ଦେଇଛନ୍ତି । ଏଥିରେ ଅଲଟ୍ରା ଭାୟୋଲେଟ ରଶ୍ମି ବ୍ୟବହୃତ ହୁଏ । ଏହି ରଶ୍ମିର ତରଙ୍ଗ ଦୈର୍ଘ୍ୟ ସାଧାରଣ ଆଲୋକ ରଶ୍ମିର ତରଙ୍ଗ ଦୈର୍ଘ୍ୟଠାରୁ କମ୍ ହୋଇଥିବାରୁ ଯେଉଁ ସବୁ ପଦାର୍ଥ ଆଲୋକ ଅଣ୍ଡବୀକ୍ଷଣ ଯନ୍ତ୍ରରେ ଦିଶନ୍ତି ନାହିଁ, ତାହା ଏହି ଅଣ୍ଡବୀକ୍ଷଣ ଯନ୍ତ୍ରରେ ଦେଖାଯାନ୍ତି । ଏହାର ଲେନ୍ସ ଜାର୍ମାନ୍ ପଥରରେ ନିର୍ମିତ ।

ଧ୍ରୁବୀଣ ଅଣ୍ଡବୀକ୍ଷଣ ଯନ୍ତ୍ର ପ୍ରସ୍ତର ପରୀକ୍ଷକ ବା ପେଟ୍ରୋଗ୍ରାଫିକ୍ ଅଣ୍ଡବୀକ୍ଷଣ ଯନ୍ତ୍ର ଭାବରେ ପରିଚିତ । ଏହି ଯନ୍ତ୍ର ସାଧାରଣତଃ ଭୂତତ୍ତ୍ୱବିତ୍ ଓ ଖଣିଜ ବିଜ୍ଞାନୀମାନଙ୍କ ଦ୍ୱାରା ବ୍ୟବହୃତ । ଜୀବବିଜ୍ଞାନୀମାନେ ବି ଏହାକୁ ବହୁଳ ବ୍ୟବହାର କରନ୍ତି । ଏଥିରେ ସାଧାରଣ ଆଲୋକ ରଶ୍ମି ବ୍ୟବହୃତ ନ ହୋଇ ଧ୍ରୁବୀକୃତ ଆଲୋକ ରଶ୍ମି ବ୍ୟବହୃତ ହୁଏ । ଏହି ଧ୍ରୁବୀକୃତ ଆଲୋକର ସୃଷ୍ଟି ହିଁ ଏହି ସାଧାରଣ ଆଲୋକ ରଶ୍ମିରୁ । ଏହି ଧ୍ରୁବୀକୃତ ଆଲୋକ ରଶ୍ମି ପକାଇ ଦୃଶ୍ୟ ବସ୍ତୁର ଅଭିବର୍ଦ୍ଧିତ ପ୍ରତିବିମ୍ବକୁ ଦେଖିଲେ ନାନା ନୂଆ ନୂଆ ବସ୍ତୁ ଦେଖି ହୁଏ, ଯାହା ସାଧାରଣ ଅଣ୍ଡବୀକ୍ଷଣ ଯନ୍ତ୍ରରେ ଦେଖିହୁଏ ନାହିଁ । ଏଥିରେ ଦୃଶ୍ୟ ବସ୍ତୁକୁ ରଞ୍ଜିତ ନ କରିଲେ ବେଶ୍ ଭଲ ଭାବରେ ଦେଖିହୁଏ । ଭୂତତ୍ତ୍ୱ ଓ ଖଣିଜ ବିଜ୍ଞାନରେ ବିଶେଷଜ୍ଞମାନେ ବିଭିନ୍ନ ପ୍ରକାର ପ୍ରସ୍ତର ଓ ଖଣିଜର ପାର୍ଥକ୍ୟ ଜାଣିବା ପାଇଁ ଏହି ଯନ୍ତ୍ରକୁ ବ୍ୟବହାର କରନ୍ତି । ଧାତୁ ପ୍ରସ୍ତର, ଖଣିଜ ଓ ବିଭିନ୍ନ ଜାତିର ପ୍ରସ୍ତରର ଗଠନ, ସ୍ଫଟିକାକାର ଓ ରୂପ ଆଦି ଅନୁଧାନ କରିବାରେ ଏହି କାର୍ଯ୍ୟ ଅଣ୍ଡବୀକ୍ଷଣ ଯନ୍ତ୍ରର ଅବଦାନ ବିଶେଷ ।

ଫେଜ୍ ବୈଷମ୍ୟ ଅଣ୍ଡବୀକ୍ଷଣ ଯନ୍ତ୍ର ଜୀବବିଜ୍ଞାନ ଓ ଚିକିତ୍ସା ବିଜ୍ଞାନରେ ବ୍ୟବହାର ପାଇଁ ଏହା ଏକ ଆଦର୍ଶ ଅଣ୍ଡବୀକ୍ଷଣ ଯନ୍ତ୍ର । ବସ୍ତୁକୁ ରଙ୍ଗ ନକରି ଏଥିରେ ଦେଖି ହୁଏ । ବିଭିନ୍ନ ପ୍ରକାର ଜୀବନ୍ତ କୋଷର ଅଭ୍ୟନ୍ତର, ଜୀବାଣୁର ଶସ୍ତ୍ରଗଭ୍ୟନ୍ତର, ଟିସୁର ରୂପ ଆଦି ଦେଖିବାରେ ଏହା ବେଶ୍ ସୁଦକ୍ଷ । ସାଧାରଣ କ୍ଷୁଦ୍ରଅଂଶୀ ଅଣ୍ଡବୀକ୍ଷଣ ଯନ୍ତ୍ରରେ ଅଭିଦୃଶ୍ୟକ ଲେନ୍ସଠାରେ ଫେଜ୍ ପ୍ଲେଟ ଥୋଇ ଫେଜ ବୈଷମ୍ୟ ଅଣ୍ଡବୀକ୍ଷଣ ଯନ୍ତ୍ରରେ ପରିଣତ କରିହୁଏ । ଅଣ୍ଡବୀକ୍ଷଣ ଯନ୍ତ୍ରର ପ୍ରଥମ ଫୋକସ୍ ସମତଳ ଠାରେ ବଳୟାକାର ଡାଏଫ୍ରାଗ୍ରାମ ଥୋଇ ଏହା କରାଯାଏ । ଫେଜ ପ୍ଲେଟ ଏକ କାଚରୁ ତିଆରି ପ୍ଲେଟ. ଏହା ଉପରେ ଏକ ପ୍ରକାର ସ୍ୱଚ୍ଛ ପଦାର୍ଥ ବଳୟାକାରରେ ପ୍ରଲେପ କରାଯାଇଥାଏ । ଏହି ସ୍ୱଚ୍ଛ ପଦାର୍ଥଟି କାଚର ଆଲୋକୀୟ ପଥର ସ୍ୱଚ୍ଛତା ଏକ ଚତୁର୍ଥାଂଶ ବଢ଼ାଇ ଦେଇପାରେ । ଏହି ପରିବର୍ତ୍ତନ ଫଳରେ କୌଣସି ବସ୍ତୁର ବିବର୍ତ୍ତନ ରୂପ ଏତେ ବଢ଼ିଯାଏ ଯେ ଯେଉଁ ଦୃଶ୍ୟ ବସ୍ତୁର ଘନତା ବୃଦ୍ଧି ନ ପାଇ ଆଲୋକପଥ ବୃଦ୍ଧି ପାଇଥାଏ ସେ

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

ବସ୍ତୁକୁ ସଂହଜରେ ଦେଖିହୁଏ । ବିଜ୍ଞାନର ବିଭିନ୍ନ ଶାଖାରେ ଭିନ୍ନ ଭିନ୍ନ ଅନୁଧାନ ପାଇଁ ଏହି ଧରଣର ଅଣୁବୀକ୍ଷଣ ଯନ୍ତ୍ରର ଆବଶ୍ୟକତା ଖୁବ୍ ଅଧିକ ।

ପକେଟ ଅଣୁବୀକ୍ଷଣ ଯନ୍ତ୍ର ଏପରି ଏକ ଅଣୁବୀକ୍ଷଣ ଯନ୍ତ୍ର ଯାହାକୁକି ପକେଟରେ ସହଜରେ ବହନ କରିହେବ । ଏହାର ଲମ୍ବ ୪ ଇଞ୍ଚ ଓ ଓସାର ଦୁଇ ଇଞ୍ଚ ଏବଂ ଛଅଚଟା ଅଢ଼େଇ ଇଞ୍ଚ । ଏହାର ଅଭିବର୍ଦ୍ଧନ ସାମର୍ଥ୍ୟ ଦୁଇହଜାର ଗୁଣ । ଏହାର ନାମ ମେକ୍‌ଆର୍ଥର ଅଣୁବୀକ୍ଷଣ ଯନ୍ତ୍ର । ଏହାର ଓଜନ ୫୦୦ ଗ୍ରାମ । ଲଣ୍ଡନର ସୁବଖ୍ୟାତ ବୈଜ୍ଞାନିକ ରେଙ୍କ ଅରଗେନଜେସନ ଏହାକୁ ଉଦ୍ଭାବନ କରିଥିଲେ । ଏହା ଏକ ଅଭିନ୍ନ ଧରଣର ଅଣୁବୀକ୍ଷଣ ଯନ୍ତ୍ର । ଏଥିରେ ଅଭିଦୃଶ୍ୟକ ଲେନ୍‌ସ ଦୃଶ୍ୟ ବସ୍ତୁର ତଳେ ଥାଏ । ଆଲୋକ ସଂଗନକ ମଧ୍ୟ ଅଭିଦୃଶ୍ୟକ ଲେନ୍‌ସ ପାଖରେ ଥାଏ । ଏ ଦୁଇଟି ଯାକ ଯନ୍ତ୍ର ସହିତ ଅଚଳ ଖୁବରେ ସଂଯୁକ୍ତ । ଯନ୍ତ୍ରର ତଳ ଅଂଶରେ ଏକ ଆଲୋକନଳୀ ସନ୍ନିବିଷ୍ଟ । ଦୃଶ୍ୟ ବସ୍ତୁରୁ ପ୍ରତିଫଳିତ ଆଲୋକ ରଶ୍ମି ଅଭିଦୃଶ୍ୟକ ଲେନ୍‌ସ ଦେଇ ଦୁଇ ସମକୋଣୀ କୋଣ ନିର୍ମ୍ମି କରି ନେତ୍ରିକା ଲେନ୍‌ସଠାରେ ପହଞ୍ଚେ । ଫଳରେ ନେତ୍ରିକା ଲେନ୍‌ସ ଠାରେ ଦୃଶ୍ୟ ବସ୍ତୁର ଅଭିବର୍ଦ୍ଧିତ ପ୍ରତିବିମ୍ବ ଦେଖିହୁଏ ।

ବିଜ୍ଞାନର ଦ୍ରୁତ ଅଗ୍ରଗତି ଫଳରେ ଆହୁରି ଏକ ପ୍ରକାର ଜଟିଳ ଅଣୁବୀକ୍ଷଣ ଯନ୍ତ୍ରର ସୃଷ୍ଟି ହୋଇଛି । ସେଥିରେ କି ବସ୍ତୁର ପ୍ରାୟ ଦଶହଜାର ଗୁଣ ବଡ଼



(ଅଲଟ୍ରା ମାଇକ୍ରୋସ୍କୋପ୍)

ପ୍ରତିବିମ୍ବ ଦେଖି ହୋଇ ପାରିଲା । ଏ ପ୍ରକାର ଅଣୁବୀକ୍ଷଣ ଯନ୍ତ୍ରର ନାମ ଅଲଟ୍ରା ମାଇକ୍ରୋସ୍କୋପ ବା ଅଧି-ଅଣୁବୀକ୍ଷଣ ଯନ୍ତ୍ର । ସାଧାରଣ ଆଲୋକୀୟ ଅଣୁବୀକ୍ଷଣ ଯନ୍ତ୍ର ଠାରୁ ଏହି ଅଲଟ୍ରା ଅଣୁବୀକ୍ଷଣ ଯନ୍ତ୍ର ଅଧିକ ଶକ୍ତିଶାଳୀ । ଯେଉଁ ଖୁବ୍ କ୍ଷୁଦ୍ର ପଦାର୍ଥମାନ ଶକ୍ତିଶାଳୀ ଅଣୁବୀକ୍ଷଣ ଯନ୍ତ୍ର ଦେଖାଇ ପାରେ ନାହିଁ, ସେହି କ୍ଷୁଦ୍ର ପଦାର୍ଥକୁ ଅଲଟ୍ରା ଅଣୁବୀକ୍ଷଣ ଯନ୍ତ୍ର ଭଲ ଭାବରେ ଦେଖାଇ ଦେଇପାରେ । ଉଦାହରଣ ସ୍ୱରୂପ କଲଯୁଡ଼ୀୟ ପଦାର୍ଥ । ସାଧାରଣ କ୍ଷୁଦ୍ରତର ପଦାର୍ଥ ଯାହା ଅଣୁବୀକ୍ଷଣ ଯନ୍ତ୍ର ସାହାଯ୍ୟରେ ଦେଖାଯାଏ, ତାହାର ଆକାର ହେଉଛି ଏକ ମିଲିମିଟରର ହଜାରେ ଭାଗରୁ ଏକଭାଗ । କିନ୍ତୁ କଲଯୁଡ଼ୀୟ ପଦାର୍ଥର ଆକାର ଏକ ମିଲିମିଟରର ଦଶଲକ୍ଷ ଭାଗରୁ ଏକଭାଗଠାରୁ ଜହ୍ନିତ ବଡ଼ । ତେଣୁ ଏତେ କ୍ଷୁଦ୍ର ପଦାର୍ଥକୁ ସାଧାରଣ ଅଣୁବୀକ୍ଷଣ ଯନ୍ତ୍ର ଯେତେ ଶକ୍ତିଶାଳୀ ହେଲେ ବି ଦେଖାଇବାକୁ ସକ୍ଷମ ନୁହେଁ । ଉଦାହରଣସ୍ୱରୂପ ଦୁଧ, ଦୁଧରେ ଛେନାଜାତୀୟ ପଦାର୍ଥ କଲଯୁଡ଼ୀୟ ଅବସ୍ଥାରେ ବିଦ୍ୟମାନ ଏହି କଲଡୀୟ କଣିକା ଏତେ ଛୋଟ ଯେ ସାଧାରଣ ଅଣୁବୀକ୍ଷଣ ଯନ୍ତ୍ର ତଳେ ଦେଖିଲେ ଦୁଧର କଲଯୁଡ଼ୀୟ କଣିକାଗୁଡ଼ିକ ପରିଷ୍କାର ଖୁବରେ ଅଲଗା ଅଲଗା ଦେଖାଯାଏନି । ତାଳ ଆଖିରେ ଦୁଧ ସେମିତି ଏକ ଦ୍ରବଣ ଭଳି ଲାଗେ, ସାଧାରଣ ଅଣୁବୀକ୍ଷଣ ଯନ୍ତ୍ର ତଳେ ଦେଖିଲେ ଏହା ପ୍ରାୟ ସେମିତି ଭଳି ଦେଖାଯାଏ । ଦୁଧର କଣିକା ଏତେ ଛୋଟ ହୋଇଥିବାରୁ ପରିସ୍ରବଣ କାଗଜରେ ଦୁଧକୁ ଛାଣିଲେ ଦୁଧର କଣିକା ଛାଣିହୋଇ ପରିସ୍ରବଣ କାଗଜରେ ରହିପାରେନାହିଁ ।

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

କନ୍ଥ ବର୍ଷାଦ୍ଧନରେ ନଦୀର ଗୋଲଆ ପାଣିକୁ ଚ୍ଛାଣିଲେ ପରସ୍ରବଣ କାଗଜରେ ଜଳର ମଇଳାଢକ ରହିଯାଏ । ପରସ୍ରବଣ କାଗଜ ଦେଇ ପରଷ୍କୃତ ପାଣି ବାହାର ଆସେ ସେହି ଗୋଲଆ ପାଣିକୁ ସାଧାରଣ ଅଣୁବୀକ୍ଷଣଯନ୍ତ୍ର ତଳେ ଦେଖିଲେ ଜଳରେ ଘୂରୁଥିବା କଣିକାକୁ ବେଶ୍ ପରଷ୍କାର ଭାବରେ ଦେଖିହୁଏ । ଏହି ସବୁ କଣିକାର ଆକାର ଏକ ମିଲ୍ ମିଟରର ଦଶଲକ୍ଷଗରୁ ଏକଲକ୍ଷଗଠାରୁ ଆହୁରି ଛୋଟ ହୋଇଥିବାରୁ ସେଗୁଡ଼ିକୁ ଚ୍ଛାଣିହୁଏ ଓ ଅଣୁବୀକ୍ଷଣଯନ୍ତ୍ର ତଳେ ପରଷ୍କାର ଦେଖିହୁଏ । କନ୍ଥ ଦୁଧରେ ଥିବା କଣିକା ଆକାରରେ ଅନେକ କ୍ଷୁଦ୍ର ହୋଇଥିବାରୁ ସେଗୁଡ଼ିକୁ ଚ୍ଛାଣିହୁଏ ନାହିଁକି, ଅଣୁବୀକ୍ଷଣଯନ୍ତ୍ରରେ ଦେଖିହୁଏ ନାହିଁ । ତେଣୁ କଲସ୍ୟଡ଼ୀସ୍ଥ କଣିକାକୁ ଦେଖିବାକୁ ଅଲଟ୍ରା ଅଣୁବୀକ୍ଷଣ ଯନ୍ତ୍ର ବ୍ୟବହାର କରାଯାଏ ।

ଅଲଟ୍ରା ଅଣୁବୀକ୍ଷଣଯନ୍ତ୍ରକୁ ବୈଜ୍ଞାନିକ ଏଚ୍. ସିଡେନଟର୍ଫ, ଆର୍. ଜଗମଣ୍ଡେ ଓ ଶ୍ରୀଗର୍ଡ ଏଡ୍‌ଲଫ୍ ୧୯୦୩ ଖ୍ରୀଷ୍ଟାବ୍ଦରେ ଉଦ୍ଭାବନ କରିଥିଲେ । ଅଷ୍ଟ୍ରୀୟ ବୈଜ୍ଞାନିକ ଜଗମଣ୍ଡେ ପ୍ରଥମେ ଜେନା ସହରସ୍ଥ ସ୍କଟଙ୍କ ଆଲୋକୀୟକାଚ କାରଖାନରେ ଗବେଷଣା କରୁଥିଲେ । ସେଠାରେ ଜାମ କରୁ କରୁ ପୁନାର କଲସ୍ୟଡ଼ୀସ୍ଥ କଣିକାର ପ୍ରକୃତ ଅଧ୍ୟୟନ କଲେ । ସେ ପୁନାର କଲସ୍ୟଡ଼ୀସ୍ଥ ଦ୍ରବଣବ୍ୟତୀତ ବହୁ ବିଭିନ୍ନ ଧାତୁରୁ ନାନା ପ୍ରକାର କଲସ୍ୟଡ଼ୀସ୍ଥ ଦ୍ରବଣ ପ୍ରସ୍ତୁତ କଲେ । ଏହି କଲସ୍ୟଡ଼ୀସ୍ଥ ଦ୍ରବଣର ଅନୁଧ୍ୟାନ ପାଇଁ ସାଧାରଣ ଅଣୁବୀକ୍ଷଣ ଯନ୍ତ୍ର ଉପଯୋଗୀ ନୁହେଁ ବୋଲି ଅଲଟ୍ରା ଅଣୁବୀକ୍ଷଣଯନ୍ତ୍ର ଉଦ୍ଭାବନ କଲେ ଓ ଏହି ସବୁ ଗବେଷଣା ଆବିଷ୍କାର ଓ ଉଦ୍ଭାବନ ପାଇଁ ସେ ୧୯୨୫ ଖ୍ରୀ.ରେ ରସାୟନ ବିଜ୍ଞାନରେ ନୋବେଲ ପୁରସ୍କାର ଲାଭକଲେ ।

ଜଗମଣ୍ଡେଙ୍କ ବାପା ଜେନା ସହରର ଏକ ପ୍ରସିଦ୍ଧ ଚିକିତ୍ସକ ଥିଲେ । ଜଗମଣ୍ଡେ ଜର୍ମାନରେ ଡାକ୍ତରୀ ଶିକ୍ଷା ଆରମ୍ଭ କରିଥିଲେ । କଲସ୍ୟଡ଼୍ ପ୍ରତି ଅତ୍ୟଧିକ ଆକୃଷ୍ଟ ହୋଇ ଏ ଦିଗରେ ବ୍ୟାପକ ଗବେଷଣା ଚଳାଇଲେ । ସେ ଜୈବ ରସାୟନରେ ଗବେଷଣା କରି ମିନ୍ଚନକ ବିଶ୍ୱବିଦ୍ୟାଳୟରୁ ଡକ୍ଟରେଟ୍ ଉପାଧି ପାଇଥିଲେ, ସେ ସ୍କଟଙ୍କ କାଚ କାରଖାନାରେ କାମ କରୁଥିଲ ବେଳେ ଦୁଧିଆ କାଚ ଉଦ୍ଭାବନ କରିଥିଲେ । ଆଜିକାଲି ବିଦ୍ୟୁତ୍ ବଲ୍‌ବ ତିଆରିରେ ଏହି ଦୁଧିଆ କାଚ ବ୍ୟବହୃତ ହେଉଛି, ଏଉଦ୍‌ବ୍ୟତୀତ ସେ ନାନାପ୍ରକାର ରଙ୍ଗୀନ୍ କାଚ ମଧ୍ୟ ତିଆରି କରିଥିଲେ । ୧୯୧୭ ମସିହାରେ ସେ ଗଟିନଜେନ ବିଶ୍ୱବିଦ୍ୟାଳୟରେ ଅଜୈବ ରସାୟନ ବିଜ୍ଞାନରେ ଅଧ୍ୟାପକ ହେଲେ । ଅଲଟ୍ରା ଅଣୁବୀକ୍ଷଣଯନ୍ତ୍ର ସେମିତି କିଛି ପୁସ୍ତପୁର ଅଲଗା ଅଣୁବୀକ୍ଷଣ ଯନ୍ତ୍ର ନୁହେଁ । ଏହା ଏକ ସାଧାରଣ ଆଲୋକୀୟ ଅଣୁବୀକ୍ଷଣ ଯନ୍ତ୍ର । ତେବେ ଏଥିରେ କେତେକ ଅଲଗା ବ୍ୟବସ୍ଥା ଗଞ୍ଜା ହୋଇଥିବାରୁ ଖୁବ୍ କ୍ଷୁଦ୍ର କ୍ଷୁଦ୍ର କଣିକାକୁ ଦେଖିହୁଏ । ଅଲଟ୍ରା ଅଣୁବୀକ୍ଷଣଯନ୍ତ୍ରର ମୂଳତତ୍ତ୍ୱ ମୋଟା ମୋଟି ଟିଣ୍ଡେଲ୍ ପ୍ରଭାବ ଉପରେ ନର୍ଭରକରେ । ଏହି ପ୍ରଭାବକୁ ଆବିଷ୍କାର କରିଥିଲେ ଜନ୍‌ଟିଣ୍ଡେଲ ନାମକ ଜଣେ ଇଂରେଜ ବୈଜ୍ଞାନିକ ଏହି ଟିଣ୍ଡେଲ୍ ପ୍ରଭାବ କଅଣ ଆଗ ଆଲୋଚନା କରିବା ।

ଆମ ବାୟୁମଣ୍ଡଳରେ ଅସଙ୍ଖ୍ୟ କ୍ଷୁଦ୍ର କ୍ଷୁଦ୍ର ଧୂଳିକଣା ସଦା ସର୍ବଦା ଭସିବୁଲୁଛନ୍ତି । ଆମେ ପ୍ରତି ନଶ୍ୱାସରେ କୋଟି କୋଟି କଣିକା ଆମ ନାକ ଭିତରକୁ ଯେ ନେଉଛୁ, ଆମେ ଜାଣି ପାରୁନୁ । ଏତେ ସଂଖ୍ୟକ କଣିକା ଆମ ବାୟୁମଣ୍ଡଳରେ ଭସିବୁଲୁଥିଲେ ହେଁ ଆମକୁ ବାୟୁ ବେଶ୍ ପରଷ୍କାର ଜଣାପଡେ ।

ଯେଉଁ ଘରର ବାୟୁ ଆମକୁ ବେଶ୍ ପରଷ୍କାର ଲଗେ, ଆମେ ସେହି ଘରର ସବୁ ଦୁଆର, ଝରକା ବନ୍ଦ କରି ଦେଇ ଅନ୍ଧାର କରିଦେବା । ସେହି ଘରର ଚ୍ଛାତରେ ଗୋଟିଏ ଗ୍ଲେଟ୍ କଣାକର ସେହି କଣା ବାଟେ ଯଦି ପୌର ରଶ୍ମିକୁ ସେହି ଅନ୍ଧାର ଘର ଭିତରକୁ ଚ୍ଛାଡୁଁ, ତେବେ ଆଲୋକ ରଶ୍ମି ଏକ ସରଳ ରେଖା ଭଳି ଚ୍ଛାତରୁ ଆସି ଚଟାଣ ସହିତ ଲାଗି ଯାଇଥିବ । ଘର ବାହାରେ ଆଲୋକ ରଶ୍ମି ସରଳ ରେଖାରେ ଆସୁଛୁକ କଅଣ ଆମକୁ ମୋଟେ ଦିଶେନ । କନ୍ଥ ଅନ୍ଧକାର ଗହ୍ୱର ଭିତରେ ଆଲୋକ ରଶ୍ମି ପଥ ଚର୍ଚ୍ଚିତ ହୋଇ ଯାଉଥିବାରୁ ଆଲୋକ ରଶ୍ମି ସରଳ ରେଖାରେ ଗତକରେ ବୋଲି ଆମକୁ ବୋଧ ହୁଏ । ଖାଲି ସେତିକ ନୁହେଁ, ସେହି ଆଲୋକ ରଶ୍ମି ଚର୍ଚ୍ଚିତ ବାୟୁରେ ଅସଂଖ୍ୟ ଧୂଳିକଣା ଘୂରୁଥିବାର ଦିଶେ । ଏହି ପରମାଣୁ ପୁଣି ଏତେ ଅଧିକ ଯେ ଦେଖିଲେ ଆମକୁ ବୋଧ ହେଉଥିବ ସତେ ଯେପରି ଆମେ ନଶ୍ୱାସରେ

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

ଏ ଗୁଡ଼ିକ ନାକ ଭିତରକୁ ନେବା ଫଳରେ, ଆମ ନାକ ସେମିତି ରୁନ୍ଧ ହୋଇ ଯାଉଛୁ । ଘରଟି ଅନ୍ଧାର ଥିଲା-ବେଳେ ଆମକୁ ଏହି ଧୂଳିକଣା ଗୁଡ଼ାକ ଦିଶୁଥିଲା, ଘରକୁ ପୁଙ୍ଖାନୁପୁଙ୍ଖ ମେଲ୍ କରିଥିଲା ଧୂଳିକଣା ଆଉ ଆମ ଆଖିକୁ ଦିଶିବନାହିଁ । ଏହା ଟିଣ୍ଡେଲ୍ ପ୍ରସ୍ତାବର ଏକପ୍ରକୃଷ୍ଟ ଉଦାହରଣ ।

ଏହି ଟିଣ୍ଡେଲ ପ୍ରସ୍ତାବକୁ ଦର୍ଶାଇବା ପାଇଁ ଆଉ ଏକ ଉଦାହରଣ ନଆଯାଉ । ଗୋଟିଏ ପାତ୍ରରେ ଖାଲ ପରିଷ୍କାର ପାଣି ନଅ । ତା' ଭିତରକୁ ସୌର ରଶ୍ମିକୁ ଏକ ସରୁ କଣା ଦେଇ ପ୍ରବେଶ କରାଅ । ଆଲୋକ ରଶ୍ମି ପାଣି ଦେଇ ଅତିକ୍ରମ କରି ଆରପାଖକୁ ଗୁଲିଯିବ ସିନା, କିନ୍ତୁ ଜଳରେ ଆଲୋକ ରଶ୍ମିର ପଥ ଚିହ୍ନିତ ହେବ ନାହିଁ । ସେହି ପାତ୍ରରେ ଜଳ ନ ନେଇ ଏକ କଲଯୁଡ଼ୀୟ ଦ୍ରବଣ ନଅ, ସେଥି ଭିତରକୁ ଠିକ୍ ସେହିଭଳି ଆଲୋକ ରଶ୍ମି ପକାଅ । ଏଥର ଦ୍ରବଣ ଭିତରେ ଆଲୋକ ରଶ୍ମିର ପଥ ଚିହ୍ନିତ ହୋଇଯିବ । ଏହା ଟିଣ୍ଡେଲ ପ୍ରସ୍ତାବ ଯୋଗୁଁ ସମ୍ଭବପର ହେଉଛୁ । ଆଲୋକ ରଶ୍ମି ଏହି କଲଯୁଡ଼ୀୟ କଣିକା ଦ୍ୱାରା ବଚ୍ଛୁରିତ ହେଉଥିବାରୁ ଏହା ବେଶ୍ ସ୍ପଷ୍ଟ ଦିଶେ ।

ଏହି ଟିଣ୍ଡେଲ ପ୍ରସ୍ତାବକୁ ପ୍ରୟୋଗ କରି ସିଡେନ-ଟର୍ଫ ଓ ଜଗମଣ୍ଡେ ଅଲଟ୍ରା ଅଣୁବୀକ୍ଷଣ ଯନ୍ତ୍ର ଉଦ୍ଭାବନ କରିଥିଲେ । ଗୋଟିଏ କାଚ ପାତ୍ରରେ ସେମାନେ କଲଯୁଡ଼ୀୟ ଦ୍ରବଣ ନେଲେ । ଏକ ଶକ୍ତିଶାଳୀ ଆଲୋକୀୟ ଅଣୁବୀକ୍ଷଣ ଯନ୍ତ୍ରକୁ ତା ଉପରେ ରଶ୍ମି ଅଣୁବୀକ୍ଷଣଯନ୍ତ୍ରରେ କଲଯୁଡ଼ୀୟ ଦ୍ରବଣକୁ ଦେଖିବାକୁ ଚେଷ୍ଟା କଲେ । କଲଯୁଡ଼ୀୟ ଦ୍ରବଣରେ ଭାସୁଥିବା କଲଯୁଡ଼ୀୟ କଣିକା ଅଲଗା ଅଲଗା ପରିଷ୍କାର ଦିଶିବ ନାହିଁ । ବର୍ତ୍ତମାନ ଘରକୁ ଅନ୍ଧାରକର ସୃଷ୍ଟି କରଣକୁ ଏକ ଦର୍ପଣ ସାହାଯ୍ୟରେ ପ୍ରତିଫଳିତ କରି ପାନ ସହିତ ସମାନ୍ତରାଳ ଭାବରେ ଏକ ସରୁ କଣା ଦେଇ ପ୍ରବେଶ କରାଅ । ଆଲୋକ ରଶ୍ମି ଦ୍ରବଣ ଭିତରକୁ ପଶିବା ପୂର୍ବରୁ ଏକ ଉତ୍ତଳ ଲେନ୍ସ ଦ୍ୱାରା ଦ୍ରବଣ ଭିତରେ କେନ୍ଦ୍ରୀଭୂତ ହେବା ଦରକାର । ବର୍ତ୍ତମାନ ଏହି କେନ୍ଦ୍ରୀଭୂତ ସୌର ରଶ୍ମି ଦ୍ୱାରା ଆଲୋକିତ କଲଯୁଡ଼ୀୟ ଦ୍ରବଣକୁ ଅଣୁବୀକ୍ଷଣଯନ୍ତ୍ର ସାହାଯ୍ୟରେ ଲକ୍ଷ୍ୟ କଲେ କଲଯୁଡ଼ୀୟ କଣିକା ଗୁଡ଼ିକ ବେଶ୍ ସ୍ପଷ୍ଟ ଦିଶିବ । ସେଉଁ କଣିକା ସାଧାରଣ ଆଲୋକୀୟ ଅଣୁବୀକ୍ଷଣ ଯନ୍ତ୍ରରେ ଦିଶୁ ନଥିଲା, ତାହା ଏହି ଉପାୟ ଖଞ୍ଜିଲରୁ ସେହି ଅଣୁବୀକ୍ଷଣରେ ଦିଶିଲା । ଏହାହିଁ ହେଲା ଅଲଟ୍ରା ଅଣୁବୀକ୍ଷଣ ଯନ୍ତ୍ରର ମୂଳଭିତ୍ତି । ଏହି ଯନ୍ତ୍ର ସାହାଯ୍ୟରେ ହଜାର ହଜାର ପ୍ରକାର କଲଯୁଡ଼ୀୟ ଦ୍ରବଣକୁ ଦେଖି ସେମାନଙ୍କର ପ୍ରକୃତ ଜାତି ହେଉଛୁ । ଅବଶ୍ୟ ଏଠାରେ ପ୍ରକୃତ କଲଯୁଡ଼ୀୟ ଦ୍ରବଣକୁ ଦେଖି ସେମାନଙ୍କର ପ୍ରକୃତ ଜାତି ହେଉଛୁ । ଅବଶ୍ୟ ଏଠାରେ ପ୍ରକୃତ କଲଯୁଡ଼ୀୟ କଣିକାକୁ ନ ଦେଖି ସେମାନଙ୍କ ଦ୍ୱାରା ବଚ୍ଛୁରିତ ଆଲୋକରୁ ସେମାନଙ୍କର ଆକାର ସମ୍ବନ୍ଧରେ ଧାରଣା କରି ହେଉଛୁ ।

ଏହାପରେ ଏକ ନୂତନ ଅଣୁବୀକ୍ଷଣ ଯନ୍ତ୍ରର ଉଦ୍ଭାବନ ହେଲା । ଏହି ଯନ୍ତ୍ରରେ ଆଲୋକ ପରିବର୍ତ୍ତେ ଇଲେକ୍ଟ୍ରନ୍ ରଶ୍ମି ବ୍ୟବହୃତ କରାଗଲା । ଏହା ଆଧୁନିକ ଯୁଗର ଶକ୍ତିଶାଳୀ ଅଣୁବୀକ୍ଷଣଯନ୍ତ୍ର । ସବୁଠାରୁ ଶକ୍ତିଶାଳୀ ଆଲୋକୀୟ ଅଣୁବୀକ୍ଷଣ ଯନ୍ତ୍ରର ଅଭିବର୍ଦ୍ଧନ ଅଢ଼େଇ ହଜାର ଗୁଣରୁ ଅଧିକ ନୁହେଁ । ଯେତେ ଉନ୍ନତ ଧରଣରେ ଲେନ୍ସ ବ୍ୟବହାର କଲେ ମଧ୍ୟ ଆଲୋକୀୟ ଯନ୍ତ୍ରର ଅଭିବର୍ଦ୍ଧନ ସାମର୍ଥ୍ୟ ୨୫୦୦ଠାରୁ ବେଶୀ ହେବନାହିଁ । କିନ୍ତୁ ଇଲେକ୍ଟ୍ରନ୍ ଅଣୁବୀକ୍ଷଣ ଯନ୍ତ୍ରର ଅଭିବର୍ଦ୍ଧନ ସାମର୍ଥ୍ୟ ୨୦୦,୦୦୦ଗୁଣ ପାଖାପାଖି, ଅର୍ଥାତ ଗୋଟିଏ ଇଲେକ୍ଟ୍ରନ ଅଣୁବୀକ୍ଷଣଯନ୍ତ୍ର ସାଧାରଣ ଆଲୋକୀୟ ଅଣୁବୀକ୍ଷଣ ଯନ୍ତ୍ରଠାରୁ ପ୍ରାୟପ୍ରାୟ ଶହେ ଗୁଣ ଅଧିକ ଶକ୍ତିଶାଳୀ । ଆଲୋକୀୟ ଅଣୁବୀକ୍ଷଣ ଯନ୍ତ୍ରରେ ଦୃଶ୍ୟବସ୍ତୁର ଅଭିବର୍ଦ୍ଧନ ପ୍ରତିବିମ୍ବ ସୃଷ୍ଟି ପାଇଁ ଆଲୋକ ରଶ୍ମି ବ୍ୟବହୃତ ହେଉଥିଲା ବେଳେ ଇଲେକ୍ଟ୍ରନ ଅଣୁବୀକ୍ଷଣ ଯନ୍ତ୍ରରେ ଇଲେକ୍ଟ୍ରନ ରଶ୍ମି ବ୍ୟବହୃତ ହୁଏ । ମାତ୍ର ପନ୍ଦର ବର୍ଷ ବ୍ୟବଧାନ ଭିତରେ ଇଲେକ୍ଟ୍ରନ୍ ଅଣୁବୀକ୍ଷଣ ଯନ୍ତ୍ର ଅଭିବର୍ଦ୍ଧନ ସାମର୍ଥ୍ୟ ଦୃଷ୍ଟିରୁ ଖୁବ୍ ଉଚ୍ଚକୁ ଉଠିଥିଲା ବେଳେ ଆଲୋକୀୟ ଅଣୁବୀକ୍ଷଣ ଯନ୍ତ୍ର ସବୁଠାରୁ ଶକ୍ତିଶାଳୀ ଅବସ୍ଥାକୁ ଆସିବା ପାଇଁ ୭୦୦ବର୍ଷ ନେଇଥିଲା ।

୧୯୬୪ ଖ୍ରୀ. ରେ ବଶିଷ୍ଟ ଫରସୀ ବୈଜ୍ଞାନିକ ଲୁଇ. ଡ଼ି. ବ୍ରଗଲି ପ୍ରମାଣ କଲେ ଯେ ଇଲେକ୍ଟ୍ରନ୍

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

ସତ୍ତ୍ୱେ ଏକପ୍ରକାର ବସ୍ତୁ କଣିକା, ତଥାପି ଏଥି ସହିତ ଏକ ପ୍ରକାର ତରଙ୍ଗ ପ୍ରକୃତ ସଂଶ୍ଳିଷ୍ଟ ରହିଛି । ସେ ଗଣନା ସାହାଯ୍ୟରେ ପ୍ରମାଣ କଲେ ଯେ, ୬୦,୦୦୦ ଭୋଲ୍ଟ ବିଭବାନ୍ତରରେ ଇଲେକ୍ଟ୍ରନ୍ ଯେଉଁ ତରଙ୍ଗ ରୂପ ଧାରଣ କରେ ସେହି ତରଙ୍ଗର ତରଙ୍ଗ ଦୈର୍ଘ୍ୟ ହେଉଛି ୦.୦୫ ଏଙ୍ଗଷ୍ଟ୍ରମ (ଏକ ଏଙ୍ଗଷ୍ଟ୍ରମ = 10^{-8} ସେଣ୍ଟିମିଟର) । ଏହି ତରଙ୍ଗର ତରଙ୍ଗ ଦୈର୍ଘ୍ୟ ଆଲୋକ ତରଙ୍ଗର ତରଙ୍ଗ ଦୈର୍ଘ୍ୟଠାରୁ ଲକ୍ଷେ ଗୁଣ କମ୍ ।



(ଇଲେକ୍‌ଟ୍ରନ ଅଣ୍ଡୁବୀକ୍ଷଣଯନ୍ତ୍ର)

୧୯୨୭ ଖ୍ରୀ:ରେ ଏରଉଇନ ସ୍ରୁଡିନଜର ଓ ଭ୍ରମେକାନକ୍ସ ପ୍ରୟୋଗ କରି ଇଲେକ୍ଟ୍ରନ୍‌ର ତରଙ୍ଗ ପ୍ରକୃତ ଧାରଣାକୁ ଆହୁରି ସୁଦୃଢ଼ କଲେ ।

ଏହି ଇଲେକ୍ଟ୍ରନ୍ ରଶ୍ମିକୁ ଆଲୋକ ରଶ୍ମିଭଳି ବ୍ୟବହାର କରି ଏକ ଅଣୁବୀକ୍ଷଣ ଯନ୍ତ୍ର ଉଦ୍ଭାବନର ଧାରଣା ସ୍ରୁଡିନ୍‌ଜରଙ୍କ ମୁଣ୍ଡରେ ପ୍ରବେଶ କରିଥିଲେ ହେଁ, ସେ ଏହାର ପ୍ରକୃତ ରୂପରେଖ ଦେଇ ପାରିନଥିଲେ । କିନ୍ତୁ ସେ ଇଲେକ୍ଟ୍ରନ୍ ଅଣୁବୀକ୍ଷଣ ଯନ୍ତ୍ର ସମ୍ଭାବନାକୁ ସେ ଦୃଢ଼ ଭାବରେ ସମର୍ଥନ କରିଥିଲେ । ଡେଡେ ଲେନ୍‌ସ ସାହାଯ୍ୟରେ ଆଲୋକ ରଶ୍ମିକୁ ଘନଭୂତ କରି ପ୍ରତିବିମ୍ବ ସୃଷ୍ଟି କରି ହେଉଥିଲାବେଳେ ଇଲେକ୍ଟ୍ରନ୍ ରଶ୍ମିକୁ କିଭଳି କେନ୍ଦ୍ରୀଭୂତ କରିହେବ ତହିଁର ଧାରଣା ସେତେବେଳେ କାହାର ମୁଣ୍ଡକୁ ପଶିନଥିଲା, ୧୯୩୨ ଖ୍ରୀ:ରେ ବିଖ୍ୟାତ ଜର୍ମାନ ପଦାର୍ଥ ବିଦ୍ୟାବିତ୍ତ ହ୍ୟାନ୍‌ସ ବୁସ ଇଲେକ୍ଟ୍ରନ୍ ରଶ୍ମିକୁ କେନ୍ଦ୍ରୀଭୂତ କରିବାର ଏକ ଉପାୟ ବାହାର କଲେ । ସେ ପ୍ରମାଣ କଲେ ଯେ ଚୁମ୍ବକୀୟ କ୍ଷେତ୍ର ଇଲେକ୍ଟ୍ରନ୍ ରଶ୍ମିକୁ କେନ୍ଦ୍ରୀଭୂତ କରିବାରେ ସହାୟକ ହେବ । ୧୯୨୭ ଖ୍ରୀ:ରେ ବୁସ୍ ଏକ ଚୁମ୍ବକୀୟ କ୍ଷେତ୍ରକୁ ଲେନ୍‌ସ ଭାବରେ ବ୍ୟବହାର କରି ଇଲେକ୍ଟ୍ରନ୍ ରଶ୍ମିକୁ କେନ୍ଦ୍ରୀଭୂତ କରି ପାରିଲେ । ୧୯୩୨ ଖ୍ରୀ.ରେ ମାର୍କିନ ବୈଜ୍ଞାନିକ ଡେଭିସନ୍ ଓ କଲବିକ୍ ବୁସ୍‌ଙ୍କ କାର୍ଯ୍ୟକୁ ପୁନଃ ସମ୍ପାଦନ କରି ଚୁମ୍ବକୀୟ ଲେନ୍‌ସର ଦକ୍ଷତା ପ୍ରତିପାଦନ କଲେ । ୧୯୩୨ ଖ୍ରୀ:ରେ ଆରନେଷ୍ଟ ରୁସ୍ ଓ ଜୋହ୍ନସନ୍ ଜର୍ମାନୀରେ ଏକପ୍ରକାର ବିଦ୍ୟୁତ୍ ଲେନ୍‌ସ ବ୍ୟବହାର କରି ଏକ ଇଲେକ୍ଟ୍ରନ୍ ଅଣ୍ଡୁବୀକ୍ଷଣ ଯନ୍ତ୍ର ତିଆରି କଲେ । ସେହି ବର୍ଷ ଜର୍ମାନୀର ଆହୁରି ଦୁଇ ଜଣ ବୈଜ୍ଞାନିକ ଏମ୍.ନଲ ଓ ଇ. ରୁସ୍କା ଚୁମ୍ବକୀୟ ଲେନ୍‌ସକୁ ବ୍ୟବହାର କରି ଏକ ଇଲେକ୍ଟ୍ରନ୍ ଅଣ୍ଡୁବୀକ୍ଷଣ ଯନ୍ତ୍ର ତିଆରି କଲେ । ୧୯୩୨ ଖ୍ରୀ:ରେ ସେମାନେ ପ୍ରମାଣ କଲେ ଯେ ଇଲେକ୍ଟ୍ରନ୍ ରଶ୍ମି ଯେଉଁ ପ୍ରତିବିମ୍ବ ସୃଷ୍ଟି କରେ ତାହା ଆଲୋକ ରଶ୍ମି ପ୍ରତିବିମ୍ବ ଅପେକ୍ଷା ଅଧିକ ସ୍ପଷ୍ଟ ହେବ । ଅବଶ୍ୟ ଏଥିରେ ଇଲେକ୍ଟ୍ରନ୍‌ର ବେଗ ଖୁବ୍ ବେଶୀ ହେବା ଦରକାର । ୧୯୩୮ ଖ୍ରୀ.ରେ ଯୁକ୍ତରାଷ୍ଟ୍ର ଆମେରିକାରେ ନଲ୍, ରୁସ୍କା ଓ ଷ୍ଟେଲ୍‌ଡେନର ସୃଷ୍ଟା ଭ୍ଲଡିମିର ଜୋରଜ୍‌ଓକିନ୍ ମିଶି ଯେଉଁ ଇଲେକ୍ଟ୍ରନ୍ ଅଣ୍ଡୁବୀକ୍ଷଣ ଯନ୍ତ୍ର ତିଆରି କଲେ, ତାହାର ଅଭିବର୍ଦ୍ଧନ ସାମର୍ଥ୍ୟ ଥିଲା ୩୦,୦୦୦ ଗୁଣ । ଏହା ସେତେବେଳେ ଆଲୋକୀୟ ଅଣୁବୀକ୍ଷଣ ଯନ୍ତ୍ରଠାରୁ ଦଶ ବାର ଗୁଣ ଅଧିକ ଶକ୍ତିଶାଳୀ ଥିଲା ।

ଏହି ଘଟଣାର ପରେ ପରେ ଜର୍ମାନୀ ଓ ଯୁକ୍ତରାଷ୍ଟ୍ରର ବହୁ ବୈଜ୍ଞାନିକ ଏହି ଅଣୁବୀକ୍ଷଣ ଯନ୍ତ୍ରକୁ ଅଧିକ ଉନ୍ନତ ଓ ଶକ୍ତିଶାଳୀ କରିବା ପାଇଁ ଲାଗିପଡ଼ିଲେ । ସେମାନଙ୍କ ମଧ୍ୟରେ ଭନ୍ ବୋରସ, ହ୍ୟାନସ୍‌ମଲ୍ ଆଦି ଜର୍ମାନ ବୈଜ୍ଞାନିକ ଓ ହଲସ, ମାରଟନ ଆଦି ଆମେରିକୀୟ ବୈଜ୍ଞାନିକ ଅଗ୍ରଚର୍ଯ୍ୟ ।

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

ଆମେରିକାର ରେଡ଼ିଓ କର୍ପୋରେସନ ସେମାନଙ୍କ ସାହାଯ୍ୟରେ ଅଳ୍ପଦିନ ଭିତରେ ଖୁବ୍ ଆଧୁନିକ ଧରଣର ଶକ୍ତିଶାଳୀ ଇଲେକ୍‌ଟ୍ରନ ଅଣୁବୀକ୍ଷଣ ଯନ୍ତ୍ର ତିଆର କରି ବଜାରକୁ ଆଣିପାରିଲା ଯାହାର ଅଭିବର୍ଦ୍ଧନ ସାମର୍ଥ୍ୟ ଥିଲା ଦୁଇଲକ୍ଷ ଗୁଣ ପାଖାପାଖି ।

ଆଲୋକୀୟ ଅଣୁବୀକ୍ଷଣ ଯନ୍ତ୍ରରେ ଆମେ ଯେମିତି ଦୃଶ୍ୟ ବସ୍ତୁର ଏକ ଅଭିବର୍ଦ୍ଧିତ ପ୍ରତିବିମ୍ବ ଦେଖିପାରୁ, ଇଲେକ୍‌ଟ୍ରନ୍ ଅଣୁବୀକ୍ଷଣ ଯନ୍ତ୍ରରେ ସେମିତି ଦେଖିହୁଏନ । ଦୃଶ୍ୟ ବସ୍ତୁର ଏକ ପ୍ରତିବିମ୍ବକୁ ଏକ ଫଟୋଗ୍ରାଫିକ ପ୍ଲେଟ ଉପରେ ପକାଇ ତାହାର ଆଲୋକ ଚିତ୍ର ଉଠାଇ ହୁଏ ।

ଇଲେକ୍‌ଟ୍ରନ ଅଣୁବୀକ୍ଷଣ ଯନ୍ତ୍ର ଏକ ବଡ଼ଟ କଟିଲତା ପୂର୍ଣ୍ଣ ଯନ୍ତ୍ର ବୋଲେଇ । ସାଧାରଣ ଅଣୁବୀକ୍ଷଣ ଯନ୍ତ୍ରର ଆକାର ସହିତ ଏହାର ମୋଟେ ସାମଞ୍ଜସ୍ୟ ନାହିଁ । ଏହି ଅଣୁ-ବୀକ୍ଷଣ ଯନ୍ତ୍ରର ସବା ଉପରେ ଅଂଶରେ ଏକ ଇଲେକ୍‌ଟ୍ରନ୍ ରଶ୍ମି ସୃଷ୍ଟିକାରୀ ଯନ୍ତ୍ର ଥାଏ, ତାକୁ କହନ୍ତି ଇଲେକଟ୍ରନ ବନ୍ଧୁକ । ଏହା ଇଲେକଟ୍ରନ୍ ରଶ୍ମିକୁ ଖୁବ୍ ବେଗରେ ଜଲକୁ ନକ୍ଷେପ କରେ । ଏହି ଇଲେକ୍‌ଟ୍ରନ୍ ରଶ୍ମି ଏକ ଚୁମ୍ବକୀୟ ଫାନକ ସାହାଯ୍ୟରେ ସଙ୍କଳିତ ହୋଇ ଦୃଶ୍ୟ ବସ୍ତୁ ଉପରେ ପକାଯାଏ । ଏଥିରୁ ଯେଉଁ ଦୃଶ୍ୟବସ୍ତୁର ପ୍ରତିବିମ୍ବ ସୃଷ୍ଟି ହୁଏ, ତାହାକୁ ଗୋଟିଏ ଫଟୋଗ୍ରଫିକ୍ ପ୍ଲେଟ ଉପରେ ପକାଇଲେ ଦୃଶ୍ୟବସ୍ତୁର ଏକ ଅଭିବର୍ଦ୍ଧିତ ଚିତ୍ର ଉଠିଯାଏ । ବଉନ୍ନ ଅବସ୍ଥାରେ ଦୃଶ୍ୟବସ୍ତୁର ପ୍ରତିବିମ୍ବକୁ ଦେଖିବାପାଇଁ ଏଥିରେ ବଉନ୍ନ ସ୍ଥାନରେ ବାଇନୋକ୍ୟୁଲର ନେତ୍ରିକା ଲେନ୍‌ସ ଲଗିଥାଏ । ଇଲେକ୍‌ଟ୍ରନ୍ ରଶ୍ମି ଜନିତ ପ୍ରତିବିମ୍ବ ଖାଲି ଆଖିକୁ ଅଦୃଶ୍ୟ ହୋଇଥିବାରୁ ଏହି ପ୍ରତିବିମ୍ବକୁ ଏକପ୍ରକାର ପ୍ରତିପ୍ରଭ ପରଦା ଉପରେ ପକାଇ ଇଲେକଟ୍ରନ୍ ରଶ୍ମି ଜନିତ ଅଦୃଶ୍ୟ ପ୍ରତିବିମ୍ବକୁ ଏକ ଆଲୋକ ପ୍ରତିବିମ୍ବରେ ପରିଣତ କରାଯାଏ ।

ଇଲେକ୍‌ଟ୍ରନ ଅଣୁବୀକ୍ଷଣ ଯନ୍ତ୍ରର ଅଭିବର୍ଦ୍ଧନ କ୍ଷମତା ଅତି ଅଧିକ ହୋଇଥିବାରୁ ଯେଉଁ ସବୁ କ୍ଷୁଦ୍ର କ୍ଷୁଦ୍ର ପଦାର୍ଥକୁ ଆଲୋକୀୟ ଅଣୁବୀକ୍ଷଣ ଯନ୍ତ୍ରରେ ଦେଖି ହୁଏ ନାହିଁ, ସେ ଗୁଡ଼ିକୁ ଏହି ଅଣୁବୀକ୍ଷଣ ଯନ୍ତ୍ର ସାହାଯ୍ୟରେ ଦେଖିହୁଏ । ବିଶେଷତଃ ରୋଗ ସୃଷ୍ଟିକାରୀ ଭାଇରସ ବା ଭ୍ରୁଣାଣୁକୁ ଦେଖିବାପାଇଁ ଇଲେକ୍‌ଟ୍ରନ ଅଣୁବୀକ୍ଷଣ ଯନ୍ତ୍ର ଏକ ପ୍ରକୃଷ୍ଟ ଯନ୍ତ୍ର । ଏହା ସାହାଯ୍ୟରେ ବସନ୍ତ ରୋଗର ଭ୍ରୁଣାଣୁ, ଇନ୍‌ଫ୍ଲୁଏଞ୍ଜା ରୋଗର ଭ୍ରୁଣାଣୁ, ପିଣ୍ଡପକ୍ଷାଘାତ ରୋଗର ଭ୍ରୁଣାଣୁ ଆଦିକୁ ଲକ୍ଷ୍ୟ କରି ସେଗୁଡ଼ିକର ଆକାର ସମ୍ବନ୍ଧରେ ସମ୍ୟକ ଧାରଣା କରିପାରିଛୁ ।

ଅଣୁବୀକ୍ଷଣ ଯନ୍ତ୍ର ମାନବ ସମାଜକୁ ବହୁ କାର୍ଯ୍ୟରେ ସାହାଯ୍ୟ କରୁଛୁ । ମନୁଷ୍ୟ ଯେଉଁ ଭଗବାନ ଦତ୍ତ ଚକ୍ଷୁ ଦୁଇଟି ପାଇଛୁ, ସେ ଚକ୍ଷୁ ଦୁଇଟି ତା' ଚତୁଃପାଖେ ଯେଉ ରହିଥିବା ସମସ୍ତ ପଦାର୍ଥକୁ ଦେଖିବାକୁ କଦାପି ସମର୍ଥ ହୋଇ ପାରୁନାହିଁ । ତେଣୁ ମନୁଷ୍ୟ ଯେଉଁ ପଦାର୍ଥକୁ ଦେଖି ପାରୁନାହିଁ, ସେହି ପଦାର୍ଥଗୁଡ଼ିକୁ ଦେଖିବାରେ ଅଣୁବୀକ୍ଷଣଯନ୍ତ୍ର ସାହାଯ୍ୟ କରୁଛୁ । ଗୋଟିଏ ସାଧାରଣ ଉଦାହରଣ ମାଧ୍ୟମରେ ଅଣୁବୀକ୍ଷଣଯନ୍ତ୍ର ମନୁଷ୍ୟ ସମାଜର କି ଉପକାରରେ ଲାଗୁଛୁ । ଜଳର ଅନ୍ୟନାମ ଜୀବନ । ମନୁଷ୍ୟ ଏହି ଜଳ ପାନୀୟରୂପେ ବ୍ୟବହାର କରେ ନଜେ ବଞ୍ଚିରହିବା ପାଇଁ । ତେଣୁ ସେ କୂଅ, ପୋଖରୀ ଓ ନଦୀର ଜଳକୁ ପାନୀୟ ରୂପେ ବ୍ୟବହାର କରେ । କିନ୍ତୁ ସେ ଜାଣେ ନାହିଁ ଏହି ଜଳ ମଧ୍ୟରେ କି କି ଅଦୃଶ୍ୟ ପଦାର୍ଥ ରହିଛୁ । ବୁନ୍ଦାଏ ଜଳ ଆଣି ଆମେ ଯଦି ଅଣୁବୀକ୍ଷଣ ଯନ୍ତ୍ରରେ ପରୀକ୍ଷା କରିବା, ତାହା ହେଲେ ଆମେ ପରିଷ୍କାର ଭାବେ ଦେଖିବା ବହୁ ଏକକୋଷୀ ଜୀବ ବୁନ୍ଦାଏ ଜଳ ମଧ୍ୟରେ ଭରପୂର ହୋଇ ରହିଛନ୍ତି । ସେମାନେ କେବଳ ଭରପୂର ହୋଇ ସ୍ଥିର ଭାବେ ମୃତ ଅବସ୍ଥାରେ ରହି ନାହାନ୍ତି । ଆମେ ଯେପରି ଆମର ଜୀବନ ଧାରଣ ପାଇଁ ଚଲବୁଲ କରୁଥାଏ, ଖାଦ୍ୟ ଖାଇଥାଏ ଓ ବର୍ଜ୍ୟ ବସ୍ତୁ ତ୍ୟାଗ କରୁଥାଏ, ସେମାନେ ସେହିପରି ଜଳ ମଧ୍ୟରେ ଏନେ ତେନେ ବୁଲୁଛନ୍ତି, ଦେହରେ ଖାଦ୍ୟ ଭେଦାଉଛନ୍ତି ଓ ନଜ ଦେହ ମଧ୍ୟରୁ ମଇଳା ତ୍ୟାଗ କରୁଛନ୍ତି । ଏହିଥିରୁ ଆମେ ସହଜରେ ବିଚାର କରିବା ଅଣୁବୀକ୍ଷଣ ଯନ୍ତ୍ର ଆମକୁ କେତେ ସାହାଯ୍ୟ ନକରୁଛୁ ! ଏହିପରି ଅନେକ ଉଦାହରଣ ଦିଆଯାଇପାରେ ।

ଯେତେବେଳେ ଅଣୁବୀକ୍ଷଣ ଯନ୍ତ୍ର ବାହାର ନଥିଲା, ସେତେବେଳେ ମନୁଷ୍ୟ ବହୁ ଚେଷ୍ଟା କରିଛୁ କାରଣ ଖାଲେ ସୂକ୍ଷ୍ମ ପଦାର୍ଥଗୁଡ଼ିକୁ ଦେଖିପାରନ୍ତା । ସୂକ୍ଷ୍ମ ପଦାର୍ଥଗୁଡ଼ିକୁ ଦେଖିବା ପାଇଁ ଯନ୍ତ୍ର ଉଦ୍ଭାବନ କରିପାରନ୍ତା । କିନ୍ତୁ ସେ ସେତେବେଳେ କଦାପି ଚିନ୍ତା କରି ନଥିବ, କେଉଁ ସୂକ୍ଷ୍ମ ପଦାର୍ଥକୁ ଦେଖିବା ପାଇଁ ବ୍ୟାକୁଳ । ଏହି ବ୍ୟାକୁଳ

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

ମନୋଭାବ ନେଇ ବହୁ ବୈଜ୍ଞାନିକ ଯନ୍ତ୍ରମାନ ଉଦ୍ଭାବନ କରି ସୂକ୍ଷ୍ମାତି ସୂକ୍ଷ୍ମ ପଦାର୍ଥମାନ ଦେଖିବାକୁ ଚେଷ୍ଟା କରିଥିବେ। କେତେ ବ କୃତକାର୍ଯ୍ୟ ନହୋଇ ଇହଲୀଳା ସମ୍ବରଣ କରିଥିବେ। କେତେ ବ ବିଫଳ ମନୋରଥ ହୋଇ ମୁହଁପୋଡି ରହିଯାଇଥିବେ। କିନ୍ତୁ ସବୁବେଳେ ଏହିଭଳି ବିଫଳ ହୋଇ ଏ ବୁଦ୍ଧିମାନ ମଣିଷ ରହିନ। କୌଣସି-ମତେ ବୁଦ୍ଧି ଖଟେଇ ପଥ ଖୋଜ ଖୋଜ ନିର୍ଦ୍ଦିଷ୍ଟ ସ୍ଥାନରେ ପହଞ୍ଚି ଲକ୍ଷ୍ୟ ହାସଲ କରିଛି। ବିଜ୍ଞାନର ଅଗ୍ରଗତି କେଉଁରେ ଅଣୁବୀକ୍ଷଣ ଯନ୍ତ୍ରର ଉଦ୍ଭାବନ କେତେ ଦିନ ବା ଆଉ ଡେରି ହୋଇଥାନ୍ତା ? ବୈଜ୍ଞାନିକମାନେ ଆଉ ଅଟକିଯା



(ଅଲୋକର୍ଜନ କାଚରେ ମାଛିଟି କେମିତି ବଡ ଦିଶୁଛି)

ନଜର ଉଦ୍ଭାବନ କରିଦେଲେ ଅଣୁବୀକ୍ଷଣ ଯନ୍ତ୍ର। ଏହି ଅଣୁବୀକ୍ଷଣ ଯନ୍ତ୍ରରେ ମଣିଷ ଯେତେବେଳେ ଭାର ଶତ୍ରୁକୁ ଦେଖିଲା, ସେ ଆଶ୍ଚର୍ଯ୍ୟ ହୋଇଗଲା। ସେ ଦେଖି ଜାଣି ପାରିଲା ଭା'ର ଦେହ କୋଟି କୋଟି ସେଲ୍ ବା କୋଷରେ ଗଠିତ। କୋଷ ମଧ୍ୟରେ ରହିଛି ପ୍ରୋଟୋ-ପ୍ଲାଜମ ବା ଆଦ୍ୟ ଜୀବ-ବସ୍ତୁ। ଅଣୁବୀକ୍ଷଣ ଯନ୍ତ୍ର ଉଦ୍ଭାବନ ହୋଇ ନଥିଲେ ମଣିଷ କଦାପି ଜାଣି ପାର ନଥାନ୍ତା, ଭା' ଶତ୍ରୁର କ ଖ ପଦାର୍ଥରେ ଗଠିତ।

ରୋଗ ଜୀବାଣୁ କ'ଣ ଆମେ ଜାଣି ନଥିଲୁ। ଏହି ରୋଗ ଜୀବାଣୁ ଯୋଗୁ ମଣିଷ ଜାତି ବିଭିନ୍ନ ରୋଗରେ ପଡି ହଜାର ହଜାର ସଂଖ୍ୟାରେ ମୃତ୍ୟୁବରଣ କରୁଥିଲେ। କିନ୍ତୁ ଅଣୁବୀକ୍ଷଣ ଯନ୍ତ୍ର ସବୁ ରୋଗର ଜୀବାଣୁକୁ ଚକ୍ଷୁଃ ଗୋଚର କରିବା ଯୋଗୁ ମଣିଷ ଆଜି ବହୁ ବହୁ ରୋଗରୁ ମୁକ୍ତି ପାଇପାରିଛି। ତେଣୁ ମାନବ-ଜ୍ଞାନର ପ୍ରତ୍ୟେକ ବିଭାଗ ସ୍ୱୀକାର କରିଛି ଯେ ଅଣୁବୀକ୍ଷଣ ଯନ୍ତ୍ରର ସାହାଯ୍ୟ ବିନା ସେହି ବିଭାଗ ଏତେ ଉନ୍ନତି କରିପାର ନଥାନ୍ତା। (ଦେଖନ୍ତୁ-ଆଖି, ଆଲୋକ, ଜୀବାଣୁ, ଇଲେକ୍‌ଟ୍ରନ, ବାଇ-ନୋକୁଲର, ଚଷମା, ବୃହଦଂଶ-କାଚ)

ଅଣୁବୀକ୍ଷଣାତୀତ ରୋଗବୀଜ (*Virus*)-ସ. ବି.

(ବିଜ୍ଞାନ ପରିଭାଷା) – ଜୀବାଣୁ ଓ ଜୀବାଣୁକୁ ଗୁଡ଼ି ଦେଲେ ବହୁକ୍ଷୁଦ୍ର କେତେଗୁଡିଏ ରୋଗବୀଜ ଥିବା ମଧ୍ୟ ଜଣାଯାଏ। ଏଗୁଡିକ ବ୍ୟାକୁର ଓ ଫାଜ ପରି କ୍ଷୁଦ୍ର ବୋଲ୍ କେହି କେହି କହନ୍ତି। ମାଇକ୍ରୋସ୍କୋପ ବା ଅଣୁବୀକ୍ଷଣ ଯନ୍ତ୍ର ଦ୍ୱାରା ଏହି ରୋଗବୀଜ ସବୁ ଦେଖିବା ସମ୍ଭବ ହୁଏ ନାହିଁ। ଏଣୁ ଏମାନଙ୍କୁ ଅଣୁ-ବୀକ୍ଷଣାତୀତ ବା ଅଲ୍‌ଟ୍ରା-ମାଇକ୍ରୋସ୍କୋପିକ ବୋଲି କୁହାଯାଏ। ଏଗୁଡିକ ଜୀବଜଗତରେ କେଉଁ ପର୍ଯ୍ୟାୟର ଭାହା ଜଣା ନଥିବା ଯୋଗୁ ଏପରିକି ଏଗୁଡିକ ପ୍ରକୃତରେ ଜୀବନ ପଦବାଚ୍ୟ ନୁହେଁ ଭା'ର ମଧ୍ୟ କୌଣସି ଠିକଣା ନଥିବାରୁ ଏଗୁଡିକୁ ଜୀବାଣୁ ନକହି କେବଳ ଭାଇରସ (*Virus*) ବା ସ୍ୱାଜ ଆଖ୍ୟା ଦିଆଯାଇଛି।

ଏହି ଭାଇରସଗୁଡିକୁ ଅଲ୍‌ଟ୍ରା-ମାଇକ୍ରୋସ୍କୋପିକ ଭାଇରସ ବା ଫିଲ୍‌ଟାରେବଲ୍ ଭାଇରସ କୁହାଯାଏ। ଏମାନଙ୍କୁ କୌଣସି ଯନ୍ତ୍ର ଦ୍ୱାରା ଦେଖିବା ଯେପରି ସମ୍ଭବ ହୁଏ ନାହିଁ, ଗବେଷଣା କରି ମଧ୍ୟ ଅସ୍ତିତ୍ୱ ବୁଝିବା ସେପରି ସହଜ ହେଉନାହିଁ। ଏଣୁ ଏହି ଭାଇରସ ଗୋଷ୍ଠୀର ପ୍ରକୃତ ପରିଚୟ ଏବେ ମଧ୍ୟ ରହସ୍ୟାବୃତ। ତଥାପି ଏଗୁଡ଼ିକର ଅସ୍ତିତ୍ୱ ସମ୍ବନ୍ଧେ ବୈଜ୍ଞାନିକମାନଙ୍କର କୌଣସି ସନ୍ଦେହ ନାହିଁ। ଯେଉଁ ସମସ୍ତ ଅଭିବ୍ୟକ୍ତିରୁ ଏମାନଙ୍କର ଅସ୍ତିତ୍ୱର ସୁସ୍ପଷ୍ଟ ପ୍ରମାଣ ମିଳେ ତନ୍ମଧ୍ୟରୁ ଦୁଇଟି ପ୍ରଧାନ କଥା ଦେଖିବାକୁ, (୧) ପ୍ରତ୍ୟେକ ନିର୍ଦ୍ଦିଷ୍ଟ ରୋଗୀଙ୍କର ନିର୍ଦ୍ଦିଷ୍ଟ ପ୍ରାଣୀ ଉପରେ ପକ୍ଷପାତ ଅଛି, ସେହି ପ୍ରାଣୀ ବ୍ୟତୀତ ଅନ୍ୟ କୌଣସି ପ୍ରାଣୀ ଶରୀରରେ ଉକ୍ତ ସ୍ୱାଜ ସୃଷ୍ଟି ପାଏ ନାହିଁ। (୨) ଯାହାର ଅରେ କୌଣସି ନିର୍ଦ୍ଦିଷ୍ଟ

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

ଭାଇରସ ଦ୍ୱାରା ରୋଗ ଉତ୍ପନ୍ନ ହୋଇ ତାହା ଆରୋଗ୍ୟ ହୋଇଯାଏ, ସେହି ବ୍ୟକ୍ତି ପୁଣି ଦ୍ୱିତୀୟଥର ପାଇଁ ଆଉ ସେହି ରୋଗରେ ଆକ୍ରାନ୍ତ ହୁଏ ନାହିଁ । ସୁତରାଂ ରୋଗୀ ଶରୀରରେ ଏଣ୍ଟିବଡ଼ି ଜନ୍ମାଇ ପାରିବା ଭଳି କୌଣସି ବିଶିଷ୍ଟ ଏଣ୍ଟିଜେନ୍ ଶକ୍ତି ଏମାନଙ୍କର ଅଛି, ଏକଥା ସ୍ପଷ୍ଟ ଜଣାଯାଏ । ଏପରିକ ବ୍ୟାକ୍ଟେରିମାନଙ୍କ ଅପେକ୍ଷା ଭାଇରସର ଏପରି ଶକ୍ତି ଅଧିକ ବୋଲି ପ୍ରମାଣିତ ହୋଇଛି ।

ଭାଇରସ ଦ୍ୱାରା ଉତ୍ପନ୍ନ ରୋଗ ମାତ୍ରକେ ଅତ୍ୟନ୍ତ ସଂକ୍ରାମକ ଏବଂ ଥରେ ସେଥିରୁ ଗୋଟିଏ ରୋଗଦ୍ୱାରା କୌଣସି ବ୍ୟକ୍ତି ଆକ୍ରାନ୍ତ ହେଲେ ପୁନର୍ବାର ତା'ଠାରେ ସେହି ରୋଗ ହେବା ପ୍ରାୟ ଦେଖାଯାଏ ନାହିଁ । ବସନ୍ତ, ହାଡ଼ଫୁଟି, ମିଳମିଳା, ଡେଙ୍ଗୁ, ସର୍ଦ୍ଦି, ଜଲାତଙ୍କ, ଏଲ୍ଲେଫିଆର, ପଲିଓମାୟେଲାଇଟିସ୍, ଏନ୍‌କେଫାଲାଇଟିସ୍ ଓ ହର୍ପିସ ପ୍ରଭୃତି କେତେକ ରୋଗ ଏହି ଭାଇରସ ଗୋଷ୍ଠୀର ରୋଗଜୀବାଣୁ ଦ୍ୱାରା ହିଁ ଉତ୍ପନ୍ନ ହୁଏ ।

ଇଲେକ୍‌ଟ୍ରୋନ୍ ମାଇକ୍ରୋସ୍କୋପ ଉଦ୍ଭାବନ ପରେ କେତେକ ଭାଇରସର କିଛି କିଛି ଚେହେରା ଓ କର୍ମପଦ୍ଧତି ବର୍ତ୍ତମାନ ଜଣାଯାଇଛି । ଡ଼ି. ହେରେଲଙ୍କ ବ୍ୟାକ୍ଟିରିଓଫାଜ ମଧ୍ୟ ଏକ ପ୍ରକାର ଭାଇରସ ଏବଂ ଏହା କେବଳ ବ୍ୟାକ୍ଟିରିୟାଗୁଡ଼ିକୁ ଭକ୍ଷଣ କରି ପୁଷ୍ଟି ଲାଭ କରନ୍ତି ନାହିଁ, ବ୍ୟାକ୍ଟିରିୟାମାନଙ୍କ ଦେହରେ ଉହା ଏଗୁଡ଼ିକ ନିଜର ବଂଶ ମଧ୍ୟ ବୃଦ୍ଧି କରିଥାନ୍ତି । ଏହା ବର୍ତ୍ତମାନ ପ୍ରମାଣିତ ହୋଇସାରିଛି । ଏମାନଙ୍କର ଆଉ ଏକ ବୈଶିଷ୍ଟ୍ୟ ଲକ୍ଷ୍ୟ କରାଯାଇଛି ଯେ, ଏଗୁଡ଼ିକ କେବଳ ଜୀବନ୍ତ ପ୍ରାଣୀ ଦେହରେ ହିଁ ଜନ୍ମନ୍ତି ଓ ବଢ଼ନ୍ତି । ଜଳ, ବାୟୁ ଏବଂ ମୃତ୍ତିକାରେ ମଧ୍ୟ ବୃଦ୍ଧି ପାଆନ୍ତି । ସାଧାରଣତଃ ଜୀବମାନେ ଯେଉଁ ସ୍ଥାନରେ ବଞ୍ଚନ୍ତି, ସେମାନେ ସେହି ସ୍ଥାନରେ ରହି ପ୍ରଜନନ ତଥା ସମସ୍ତ ଜୀବନ କ୍ରିୟା ସମ୍ପାଦନ କରନ୍ତି ।

ଭାଇରସମାନେ ଠିକ୍ କ ଉପାୟରେ ରୋଗ ଉତ୍ପାଦନ କରନ୍ତି ତାହା ବର୍ତ୍ତମାନ ସୁଦ୍ଧା ସଠିକ୍ ଭାବେ ଜଣାଯାଇ ନାହିଁ । କେତେକ ରୋଗରେ ଦେଖାଯାଏ ଯେ, ଭାଇରସ କୋଷାଣୁ ଧ୍ୱଂସ କରି ଫୁଲନ୍ତି । ଆଉ କେତେକ ରୋଗରେ ଦେଖାଯାଏ ସେମାନେ କୋଷ ପରେ କୋଷ ଜନ୍ମାଇ ଗୁଳୁ ପରି ବଢ଼ିଯାଆନ୍ତି । ପୁଣି ବ୍ୟାଧି ଆଗମ ହେବା ପରେ ମଧ୍ୟ ଭାଇରସ କୋଷ ମଧ୍ୟରେ ଲୁଚି ରହିଯାନ୍ତି, ମରନ୍ତି ନାହିଁ । ଏହି କୋଷ ମଧ୍ୟରେ କୌଣସି ହେଲେ ଏଣ୍ଟିବାୟୋଟିକ୍ ପ୍ରବେଶ କରି ପାରନ୍ତି ନାହିଁ । ଏଣୁ କୌଣସି ଏଣ୍ଟିବାୟୋଟିକ୍‌ସ ଦ୍ୱାରା ଏଗୁଡ଼ିକୁ ଧ୍ୱଂସ କରିବା ଆଜି ପର୍ଯ୍ୟନ୍ତ ସମ୍ଭବ ହୋଇ ପାରିନି । ଭାଇରସମାନଙ୍କୁ ଦମନ କରିବାର ଉପାୟ ଆବିଷ୍କାର କରିବା ପାଇଁ ଏବେସୁଦ୍ଧା ବୈଜ୍ଞାନିକମାନଙ୍କର ଚେଷ୍ଟା ଅବ୍ୟାହତ ରହିଛି ।

ଅଣୁଚବଦାନ୍ତ-ସଂ.ବି. (ନାମ)-ବେଦାନ୍ତ ଗ୍ରନ୍ଥ ବିଶେଷ ।

ଅଣୁବ୍ରତ-ସଂ. ବି.- ଜୈନମାନଙ୍କର ବାରଗୋଟି ଓପା ବା ବ୍ରତ । ଜୈନଶାସ୍ତ୍ରାନୁସାରେ ଏହା ଗୃହସ୍ଥ ଧର୍ମର ଏକ ଅଙ୍ଗ । ଏହା ପାଞ୍ଚଟି ଭେଦ ବିଶିଷ୍ଟ (୧) ପ୍ରାଣାତିପାତ ବିରମଣ ବା ଅହିଂସା (୨) ମୃଷାବାଦ ବିରମଣ ବା ସତ୍ୟ (୩) ଅଦତ୍ତଦାନ ବିରମଣ ବା ଅସ୍ତେୟ (୪) ମୈଥୁନ ବିରମଣ ବା ବ୍ରହ୍ମଚର୍ଯ୍ୟ (୫) ପରିଗ୍ରହ ବିରମଣ ବା ଅପରିଗ୍ରହ । ଏହାକୁ ପାତଞ୍ଜଳ ଯୋଗ ଶାସ୍ତ୍ରରେ ଯମ ବୋଲି କୁହାଯାଏ ।

(୧) ଜୀବହିଂସାର ପରିତ୍ୟାଗକୁ ଅହିଂସା କୁହାଯାଏ ।

(୨) କାହାର ପ୍ରତି ଅନୁରାଗ ହେତୁ ବା କାହାର ପ୍ରତି ଦ୍ୱେଷ ହେତୁ ଅସତ୍ୟ କହିବାରୁ ନିବୃତ୍ତ ହେବାର ନାମ ସତ୍ୟ ।

(୩) ମନ ଅଭିଳାଷ ପୋଷଣ କରି ସ୍ଥୂଳତଃ ଅନ୍ୟର ବସ୍ତୁ ଅପହରଣକୁ ସର୍ବଥା ପରିତ୍ୟାଗ କରିବାର ନାମ ଅସ୍ତେୟ ।

(୪) ପର ସ୍ତ୍ରୀ ପ୍ରତି ଲଲାୟିତ ନ ହୋଇ ସ୍ୱ-ସ୍ତ୍ରୀମାତ୍ରରେ ସନ୍ତୁଷ୍ଟ ରହିବା ହିଁ ବ୍ରହ୍ମଚର୍ଯ୍ୟ ।

(୫) ଧନ ସମ୍ପତ୍ତିର ଲପ୍‌ସାକୁ ନିୟନ୍ତ୍ରିତ କରି ପରଠାରୁ କିଛି ହେଲେ ଗ୍ରହଣ ନ କରିବାର ନାମ ଅପରିଗ୍ରହ ।

ଏହି ଅଣୁବ୍ରତ, ଶ୍ରାବକ ବା ଗୃହସ୍ଥମାନଙ୍କର ଅବଲମ୍ବନୀୟ ସାଧୁମାନେ ଅତି କଠୋର ଭାବରେ ଏହା ପାଳନ କରୁଥିବାରୁ ସେମାନଙ୍କର ଆଚରଣୀୟ ଏହି ବ୍ରତକୁ ମହାବ୍ରତ ବୋଲି କୁହାଯାଏ ।

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

**ଅଣୁବ୍ରତ ଆନ୍ଦୋଳନ-ଫ. ବ୍ରଣ - ଉତ୍କଳ ବଶ୍ୱ ବଦ୍ୟାଳସ୍ଥ ଦ୍ୱାବ୍ର ପ୍ରକାଶିତ 'ସଂକ୍ଷିପ୍ତ ଓଡ଼ିଆ ଜ୍ଞାନ କୋଷ'ରେ ଏ ସଂପର୍କରେ ବର୍ଣ୍ଣନା କବ୍ୟଯାଇଛୁ ଯେ ଜୈନମୁନ ଆଗୁର୍ଯ୍ୟ ଶ୍ରୀ ଗୁଲସୀଙ୍କ ଦ୍ୱାବ୍ର ପ୍ରବର୍ତ୍ତିତ ଓ ତାଙ୍କର ଅନୁଗାମୀ ୬୫୦ ଜଣ ପଶବ୍ରାଜକଙ୍କ ଦ୍ୱାବ୍ର ୧୯୫୦ ସ୍ୱାଲରୁ ମଧ୍ୟଭାବ୍ରତ ଓ ଉତ୍ତର ଭାବ୍ରତର ନାନା ସ୍ଥାନରେ ପ୍ରଗୁଶତ ଏକ ନୈତିକ ଆନ୍ଦୋଳନ । ଏହା ଅହିଂସା, ସତ୍ୟ, ବ୍ରହ୍ମଚର୍ଯ୍ୟ ଓ ଅପଶବ୍ରହ ଭଳ ଶାଶ୍ୱତ ଆଦର୍ଶଗୁଡ଼ିକୁ ଯୁଗୋପଯେଗୀ ରୂପଦାନ କଶ ଜନତା ସମ୍ମୁଖରେ ପ୍ରତ୍ୟୁର କରୁଅଛୁ । ଧର୍ମ ଓ ଜାତି ନର୍ବିଶେଷରେ ଏହାର ଶିକ୍ଷା ସମସ୍ତଙ୍କୁ ଗ୍ରହଣଯାବ୍ୟ । ଭୂଦାନ କର୍ମୀଙ୍କ ଭଳ ଅଣୁବ୍ରତର ପ୍ରତ୍ୟୁରକମାନେ ମଧ୍ୟ ପଦଯାତ୍ରା କଶ ଲୋକମାନଙ୍କ ସହ୍ରିତ ପ୍ରତ୍ୟକ୍ଷ ସମ୍ପର୍କ ସ୍ଥାପନ କଶଥାନ୍ତି । ଭଗବଦ୍ଗୀତାର "ଅଲ୍ପମପ୍ୟସ୍ୟ ଧର୍ମସ୍ୟ ତାସ୍ତ୍ରତେ ମହତୋଭୟାତ୍" ଭଳ ଅଣୁବ୍ରତ ଆନ୍ଦୋଳନ ମଧ୍ୟ କହେ ଯେ ଅଣୁମାତ୍ର ନୈତିସି ବ୍ରତକୁ ପାଳନ କଶପାଶଲେ ମନୁଷ୍ୟ କ୍ରମଶଃ ସେହ୍ନ ବ୍ରତକୁ ଅଧିକ ପଶମାଣରେ ପାଳନ କଶପାଶବେ । ସାର୍ଥକ ଜୀବନର ଅର୍ଥ-ସଂଯମ ଓ ସଚ୍ଚଶନ ଉପରେ ପ୍ରତିଷ୍ଠିତ ଜୀବନ—"ସଂଯମଃ ଖଳୁ ଜୀବନମ୍" । ଜୀବନର ପ୍ରତ୍ୟେକ ମୁହୂର୍ତ୍ତକୁ ଶାନ୍ତିମସ୍ଥ କଶବା ଉଦ୍ଦେଶ୍ୟରେ ଏହ୍ନ ଆନ୍ଦୋଳନ ପ୍ରତ୍ୟେକ ମନୁଷ୍ୟକୁ କେତୋଟି ନୟମ ବା ବ୍ରତ ପାଳନ କଶବାକୁ ଉପଦେଶ ଦଏ । ଆଗୁର୍ଯ୍ୟ ଶ୍ରୀ ଗୁଲସୀଙ୍କ ମତରେ ଭୌତିକତା ବର୍ତ୍ତମାନ ମାନବଜୀବନକୁ ଏକ କୃତ୍ରିମତାର ଆଚ୍ଛାଦାନରେ ଆଚ୍ଛାଦିତ କଶ ରଖିଅଛୁ । ତେଣୁ ମନୁଷ୍ୟର ଦୃଷ୍ଟିକୁ ଭୌତିକତା ଆଡୁ ଫେରାଇ ମନୁଷ୍ୟ ଜୀବନରେ ଯେ ଆତ୍ମ ଚେତନା ଓ ଚରିତ୍ର-ଶୁର୍ଦ୍ଧି ଭୌତିକ ସାଫଲ୍ୟଠାରୁ ମହତ୍ତର,ତାହା ପ୍ରତିପାଦନ କଶବାକୁ ହେବ,ଏହ୍ନ ଆନ୍ଦୋଳନ ମାନବର ସାମାଜିକ ଓ ରାଜନୈତିକ ଜନ୍ମଠାରୁ ଅଧିକ ବ୍ୟାପକ ସଂତୋମୁଖୀ ଓ ଆଧ୍ୟାତ୍ମିକ ଜନ୍ମତ କାମନା କରେ ଏବଂ ଏହା ବଶ୍ୱାସ କରେ ଯେ ପାଶବାରିକ ଓ ସାମାଜିକ ଜୀବନ ଯାପନ କଶ ମଧ୍ୟ ମନୁଷ୍ୟ ଏହାର ନର୍ଦ୍ଦେଶିତ ପନ୍ଥାରେ ସଂତୋମୁଖୀ ଆଧ୍ୟାତ୍ମିକ-ଜନ୍ମତ ଲାଭ କଶ ନଜର ଓ ଅନ୍ୟର କଲ୍ୟାଣ ସାଧନ କଶପାରେ । ଅଣୁବ୍ରତର ସଂଯମ ପଥ ବ୍ୟକ୍ତିକୁ ପଶବର୍ତ୍ତିତ କଶବାକୁ ଗୃହ୍ନେ ଏବଂ ବଶ୍ୱାସ କରେ ଯେ ପଶସ୍ଥିତିର ପଶବର୍ତ୍ତିନ ହେଉ ବା ନହେଉ ପ୍ରଥମେ ବ୍ୟକ୍ତିର ପଶବର୍ତ୍ତିନ କାମ୍ୟ । ଅସାଧୁତାର ପଶବେଷ୍ଟନୀ ମଧ୍ୟରେ ଯଦି କୋଟିଏ ବ୍ୟକ୍ତି ସାଧୁତାର ବ୍ରତ ପାଳନ କଶବାରେ ଦୃଢ଼ ରହେ, ତେବେ କ୍ରମଶଃ ଏହା ସଂକ୍ରାମକ ହୋଇ ଅନ୍ୟ ବ୍ୟକ୍ତିକୁ ମଧ୍ୟ ପ୍ରଭାବାନ୍ୱିତ କଶବ ଏବଂ କ୍ରମଶଃ ପଶବେଷ୍ଟନୀ ମଧ୍ୟ ବଦଳିବ । ତେଣୁ ଅଣୁମାତ୍ର ସାଧୁତାର ବ୍ରତ ଯେତ୍ନ ମାତ୍ର କେତୋଟି ଲୋକ ଜୀବନ ଆରମ୍ଭ କଲେ, ସାଧୁତା ଯେ ନଶ୍ଚୟ ବ୍ୟାପିଯିବ, ଆଗୁର୍ଯ୍ୟ ତୁଲସୀ ଦୃଢ଼ ସ୍ୱରରେ ଏ କଥା ଘୋଷଣା କଶଛନ୍ତି । ଏହ୍ନ ଆନ୍ଦୋଳନ ଅହିଂସା, ସତ୍ୟ, ଅଚୌର୍ଯ୍ୟ, ବ୍ରହ୍ମଚର୍ଯ୍ୟ, ସଂଯମ, ଅପଶବ୍ରହ ଓ ଆତ୍ମ ବଶ୍ଳେଷଣ ଉପରେ ଗୁର୍ ଜୋରଦଏ । ଆଗୁର୍ଯ୍ୟ ଶ୍ରୀତୁଲସୀଙ୍କ ମତରେ ଜୈନ, ବୌଦ୍ଧ, ବୈଷ୍ଣବ, ଇସ୍ଲାମ ଓ ଖ୍ରୀଷ୍ଟଧର୍ମ-ଗୁଡ଼ିକ ସତ୍ୟଧର୍ମକୁ ଆସ୍ତତ୍ତ କଶବାର ବିଭିନ୍ନ ବିଶ୍ୱରଧାତ୍ମ ମାତ୍ର । ସତ୍ୟଧର୍ମ ସମସ୍ତଙ୍କ ପକ୍ଷରେ ଏକ ବସ୍ତୁ ଏବଂ ସ୍ୱଳ୍ପାସ୍ତ ସାଧନା ଓ ଶିକ୍ଷାଦୀକ୍ଷା ଦ୍ୱାବ୍ର ମନୁଷ୍ୟ ଯେ ଆଗୁର୍ଣ୍ଣତ୍ତି ଲାଭ କରେ, ତାହାହିଁ ତାହାର ଧର୍ମ । ଏଭଳ ଧର୍ମ ଉପରେ ଜୈନ ବା ବୌଦ୍ଧ ବା ଖ୍ରୀଷ୍ଟାନ୍ ବୌଦ୍ଧସି ଟ୍ରାପ ମରମାଇ ନଥାଏ । ଧର୍ମର ବ୍ୟାଖ୍ୟା ତା' ମାନେ ହିଁ ସମ୍ପ୍ରଦାସ୍ଥ ବା ମତଭେଦ ସୃଷ୍ଟି କରନ୍ତି । ସମ୍ପ୍ରଦାସ୍ତଭେଦରେ ଧର୍ମ ଧ୍ରୁପଲବଧ୍ୱର ପଦ୍ଧତି ଭିନ୍ନ ହେଲେହେଁ ମୂଳତଃ ଧର୍ମ ଏକ, ତେଣୁ ଅଣୁବ୍ରତ ଆନ୍ଦୋଳନ ସଦ୍ଭାବ ସମ୍ଭତ ନବମାତ ଆଦରଣ କଶ ତାହା ଗ୍ରହଣ କଶବାପାଇଁ ଜନସାଧାଶଣଙ୍କୁ ଆହ୍ୱାନ କରେ ଯଦ୍ଦ୍ୱାବ୍ର ମୌଳିକ ଧର୍ମର ଆଚରଣ ବୃର୍ଦ୍ଧି ପାଇବ ଏବଂ ଧର୍ମାନୁହରକୋତ୍ମ ବିଭିନ୍ନ ସମ୍ପ୍ରଦାସ୍ୱ ମଧ୍ୟରେ ବଦ୍ୱେଷ ରହିବ ନାହିଁ । ଅଣୁବ୍ରତ ଆନ୍ଦୋଳନ ସବୁ ସମ୍ପ୍ରଦାସ୍ୱର ଲୋକଙ୍କ ପାଇଁ ଅଭିପ୍ରେତ ଓ ପାଶ୍ଚାତ୍ୟର "ମରାଲ୍ ଶ' ଆର୍ମାମେଣ୍ଟ" ଆନ୍ଦୋଳନ ଭଳ ନୈତିକତାର ଅବନତିକୁ ଜଗତର ବର୍ତ୍ତମାନ ଦୁରବସ୍ଥାର ପ୍ରଧାନ କାରଣ ବୋଲି ସ୍ୱୀକାର କଶ ଜନ୍ମତିଳର ମନୁଷ୍ୟ ଚରିତ୍ର-ଗଠନ କଶବାରେ ପ୍ରସ୍ତାସୀ । ଆଗୁର୍ଯ୍ୟ ଶ୍ରୀତୁଲସୀ କହିଅଛନ୍ତି, "ଅଣୁବ୍ରତମାନେ ସାନବଜାତିଏ । ଏହ୍ନଭଳି ବ୍ରତ ଦ୍ୱାଶ ପରମ୍ପର ଭ୍ରାତୃତ୍ୱସ୍ଥ ମାନସ ଗଠନରେ ଅତି ପ୍ରାଚୀନ ଅବଦାନ । ମୁଁ କୌଣସି ନୂତନ ଆବଷ୍କାର କରିନାହିଁ ।

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

ଏହି ଆନ୍ଦୋଳନ ଦ୍ୱାରା ମୁଁ କେବଳ ଉତ୍ତରର ସେହି ଅତିପ୍ରାଚୀନ ପଦ୍ଧତିକୁ ଜୀବନବ୍ୟାପୀ ପ୍ରୟୋଗ କରିବାର ବାଟ ଦେଖାଇଅଛି ମାତ୍ର'' । ଏହି ଆନ୍ଦୋଳନର ଲକ୍ଷ୍ୟ ହେଉଛି ଜାତି, ବର୍ଣ୍ଣ ଓ ଧର୍ମ ନିର୍ବିଶେଷରେ ମନୁଷ୍ୟକୁ ଆତ୍ମ-ସଂଯମ ପଥରେ ଚାଳିତ କରିବା ଏବଂ ଅହିଂସା ଓ ବିଶ୍ୱଶାନ୍ତିର ଭାବନା ପ୍ରସାର କରିବା । ଜୀବନ ଶୁଦ୍ଧି ପାଇଁ ଆଗ୍ରହୀ ଯେ କୌଣସି ପୁରୁଷ ବା ନାରୀ ଅଣୁବ୍ରତ ଗ୍ରହଣ କରିପାରନ୍ତି । ଅଣୁବ୍ରତର ପ୍ରତିପାଦ୍ୟ ଅହିଂସା ବ୍ରତ ପାଳନ ପାଇଁ ଅଣୁବ୍ରତୀ ନରପଦ୍ଧ ପ୍ରାଣୀଙ୍କୁ ସଂକଳ୍ପ ପୂର୍ବକ ଆଘାତ କରିବେ ନାହିଁ, ହତ୍ୟା ବା ଧ୍ୱଂସ କରିବା ଉଦ୍ଦେଶ୍ୟରେ ପ୍ରତିଷ୍ଠିତ କୌଣସି ଦଳ ବା ପ୍ରତିଷ୍ଠାନରେ ଯୋଗ ଦେବେ ନାହିଁ, ଜାତିଭେଦ ମାନ କାହାରିକୁ ଅସ୍ପୃଶ୍ୟ ବା ଘୃଣ୍ୟ ବୋଲି ମନେ କରିବେ ନାହିଁ, ସକଳ ଧର୍ମ ପ୍ରତି ଉଦାରତା-ଭାବ ପୋଷଣ କରିବେ ଓ ଭ୍ରାନ୍ତ ଧାରଣା ବା ମିଥ୍ୟା ଅଭିଯୋଗ କାହାରି ବିରୁଦ୍ଧରେ ପ୍ରଚାର କରିବେ ନାହିଁ, କାହାରି ସହିତ ନିଷ୍ଠୁର ବ୍ୟବହାର କରିବେ ନାହିଁ ଇତ୍ୟାଦି । ଏହିଭଳି ଭାବରେ ସତ୍ୟ, ଅଚୌର୍ଯ୍ୟ, ବ୍ରହ୍ମଚର୍ଯ୍ୟ ଓ ଅପରିଗ୍ରହ ପ୍ରଭୃତି ବ୍ରତରେ ମଧ୍ୟ ଅଣୁବ୍ରତୀକୁ ନାନାବିଧ ବିଧି ନିଷେଧ ମାନି ଚଳିବାକୁ ହେବ, ଯଦ୍ଦ୍ୱାରା ବ୍ୟକ୍ତିର ଓ ସମାଜର ଜୀବନ ଧନକୁ ଧନ ସୁନ୍ଦରତର ଓ ସଂଯତ ହୋଇ ଗଢିବ ବୋଲି ଆଚାର୍ଯ୍ୟ ଶ୍ରୀତୁଳସୀଙ୍କର ବିଶ୍ୱାସ । ଅଣୁବ୍ରତ ପ୍ରାର୍ଥନାର ଶେଷ ଗୁମ୍ଫେଟି ପଂକ୍ତି ହେଉଛି—

''ଭୌତିକବାଦୀ ପ୍ରଲୋଭନୋ ମୋଁ କଭୁ ନଦୁଦସୁ
ଲୁଭୁଥୋଁ ଦମ୍
ଆତ୍ମ ସାଧନାକେ ସତ୍ପଥମୋଁ ଅନୁବ୍ରତୀବନ୍
ସାବଁ ଦମ୍
ସ୍ୱଧରେ ବ୍ୟକ୍ତ, ସମାଜ ବ୍ୟକ୍ତ ସେ, ଉସ୍‌କା
ଅସର୍ ଗ୍ରସ୍ତୁପର ହୋ
ଜାଗ୍ ଉଠେ ଧନ୍ ଧନ୍‌କା ମାନସ୍ ସ୍ୱେସି ଜାଗର୍ତ୍ତି
ଘର ଘର ହୋ ।''

ଅଣୁବ୍ରୀହି-ଫ. ବି. (କର୍ମଧା)-ଅଣୁଧାନ (ଦେଖନ୍ତୁ)

ଅଣୁସ୍ରୁ-ଫ. ବି. (ବହୁବ୍ରୀହି, ଅଣୁ = ଅଳ୍ପକାଳ ସ୍ଥାୟିନୀ + ସ୍ରୁ = ପ୍ରସ୍ରା, ସାନ୍ଦ୍ରାର)-ବଦ୍ୟୁଳ୍, ବଜୁଳ ।

ଅଣୁମାତ୍ର-ଫ. ବିଣ. (ବହୁବ୍ରୀହି, ଅଣୁ + ମାତ୍ରା)-ଅତି ପରିମିତ, ଅତିକ୍ଷୁଦ୍ର, କ୍ଷୁଦ୍ରାଦପି କ୍ଷୁଦ୍ର, ଅତି ଆକାର ବିଶିଷ୍ଟ । ଦେ.ବି.-ଅତି ସାମାନ୍ୟ ପରିମାଣ । ଦେ ଜି. ବିଣ.- ଅଣୁ ମାତ୍ରେ (ଦେଖନ୍ତୁ)

ଅଶ୍ୱଗଜ ଯେ ନର ପଡିବାରେ ମହୀ
ଅଣୁମାତ୍ର ନ ଭଣିଲ ହେ ନରସାଇଁ ।
(କୃତ୍ତିସିଂହ-ମହାଭାରତ-ଦ୍ରୋଣ)

ଅଣମାତ୍ରକ-ଦେ. ବିଣ. (ଫ. ଅଣୁମାତ୍ର)-ଅଣୁମାତ୍ର (ଦେଖନ୍ତୁ)

ଦେ.ଜି.ବିଣ.-ଅଣୁମାତ୍ରେ (ଦେଖନ୍ତୁ)

ଅଣମାତ୍ରେ-ଦେ. ଜି. ବିଣ. (ଫ. ଅଣୁମାତ୍ର)-ସାମାନ୍ୟ ପରିମାଣରେ, ସାମାନ୍ୟ ପ୍ରକାରେ, ଟିକେ ମାତ୍ର ।

ଅଣୁରେଣୁ-ଫ. ବି. (ବିଜ୍ଞାନ ପରିଭାଷା)-ଅତି କ୍ଷୁଦ୍ର ରେଣୁ ।

ଅଣୁରେଖତୀ-ଫ. ବି -କନକା ଗଛ ।
(ଦେଖନ୍ତୁ-ଦନ୍ତୀବୃକ୍ଷ)

ଅଣୁଶ୍ରୋତ୍ର-ଫ.ବି: (ଆଧୁନିକ ବିଜ୍ଞାନ ପରିଭାଷା)- ଯେଉଁ ଯନ୍ତ୍ର ସାହାଯ୍ୟରେ ଅତିକ୍ଷୀଣ ଶବ୍ଦ ଜୋର ହୋଇ ଶୁଣାଯାଏ ।

ଅଣେ-ଗ୍ରା. ବି. (ଅଣା ସଙ୍ଗେ ଏକ ସଂଖ୍ୟା ବାଚକ ଏ ଯୁକ୍ତ ହୋଇ ବିକଳ୍ପରେ ଧାରଣ କରିବା ରୂପ, ଅନ୍ୟ ରୂପ ଅଣାଏ, ଏକଅଣା, ଏକଅଣା ମାତ୍ର ।

ଅଣେଇବା-ଦେ. କ୍ରି.- ଅଣାଇବା (ଦେଖନ୍ତୁ)

ଅଣ୍ଟୁ-(ଧାତୁ) ଫ-ଗଡିକରିବା, ଅଗ୍ରସର ହେବା ।

ଅଣ୍ଟୁକୁଣ୍ଡ-ପ୍ରାଦେ. (ସମ୍ବଲପୁର) ବିଣ. ଫୁ.-ଆଣ୍ଠୁକୁଡ଼ା, ଅପଭ୍ୟଞ୍ଜନ, ନଃ ନଞ୍ଜାନ ।
(ଅଣ୍ଟୁକୁଣ୍ଡ-ସ୍ତ୍ରୀ)

ଅଣ୍ଟୁ-ଦେ ବି. (ଫ. ଅଟନ = ଚଳନ)-ଅଣ୍ଟିବା, କାର୍ଯ୍ୟ ଚଳିବା ପାଇଁ ଯଥେଷ୍ଟ ହେବା ।

ଅଣ୍ଟୁନଅଣ୍ଟୁ-ଦେ. ବି. (ଫ. ଅଟନ ଓ ଅନଟନ, ବିପରୀତ ସହଚର)-ଅଣ୍ଟିବା ଓ ନଅଣ୍ଟିବା ଅବସ୍ଥା । ଦେ. ବିଣ.-କୌଣସି କାର୍ଯ୍ୟ ପାଇଁ ଯଥେଷ୍ଟ ହେବା ଓ ନ ଅଣ୍ଟିବ (ପଦାର୍ଥ), ସାମାନ୍ୟରେ ଉଣା, କଣ୍ଟିକାଣ୍ଟି ହୋଇ ଅଣ୍ଟିବା (ବସ୍ତୁ)

ଅଣ୍ଟୁନଅଣ୍ଟୁ-ଦେ. ବି. ଓ ବିଣ.-ଅଣ୍ଟନଅଣ୍ଟ
(ଦେଖନ୍ତୁ)

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

ଅଣ୍ଟା-ଦେ. ବି. (ସଂ. କଟି, ତୁଳନା କର-ସଂ. ଅଟ୍ ଧାତୁ, ଅଣ୍ଟଧାତୁ=ଗତ କରିବା ପାଇଁ ଅଣ୍ଟାର ବଳ ଦରକାର ପଡ଼େ)-କଟି ଦେଶ, ମନୁଷ୍ୟର ଗୋଡ ଓ ପେଟ ପିଠି ମଧ୍ୟରେ ଥିବା ଦେହାଂଶ, ପଶୁର ପିଠି, ପେଟ ଓ ପଛ ଗୋଡର ଫଣ୍ଡିଆ ମଧ୍ୟସ୍ଥ ଅଂଶ। ଅଣ୍ଟିବା (କର୍ମ) (ଦେଖନ୍ତୁ) ଦେ. ବିଣ.-ଅଣ୍ଟୁଆ (ଦେଖନ୍ତୁ)।

(ଦେଖନ୍ତୁ-ଅଣ୍ଟି)

ଅଣ୍ଟାଇବା-ଦେ. କି. (ସଂ. ଅଟ୍ଟ ଧାତୁ=ଅତିକ୍ରମ କରିବା, ଦ୍ୱଂସା କରିବା)-କୌଣସି ଅସାଧ୍ୟ କାମକୁ ଅଣ୍ଟା ଲଗାଇ ସମାଧାନ କରିବା, (ଶଗଡ଼ ଆଦିକୁ) ଅଣ୍ଟା ଲଗାଇ ବଳପୂର୍ବକ ପେଲିବା, ଶଗଡ଼ର ଦଣ୍ଡାକୁ ଧରି ଖୁବ୍ ଜୋରରେ ପଛଆଡୁ ଆଗକୁ ପେଲିବା, ପେଚକସ୍କୁ ପେଚର ମୁଣ୍ଡରେ ଥିବା ଘୁଘୁରେ ବସେଇ ବଳପ୍ରୟୋଗ ପୂର୍ବକ ବୁଲାଇବା ଦ୍ୱାରା ପେଚକୁ ଇଚ୍ଛରକୁ ପୂରାଇବା, (ଲକ୍ଷଣାର୍ଥ) କୌଣସି ବ୍ୟକ୍ତିକୁ ବଳ ବା ସାହାଯ୍ୟ କରିବା।

ଅଣ୍ଟାଉଠିବା-ଦେ: ବି.-କୌଣସି କାର୍ଯ୍ୟ କରିବାକୁ ବଳ ବା ସାମର୍ଥ୍ୟ ପାଇବା।

ଅଣ୍ଟା ନ ଉଠିଲ କରିବ କସ୍,
ମୋ ବନା କାହାକୁ କରିଛୁ ଆଶ।

(ହାସ୍ୟ ତରଙ୍ଗ)

ଇତସ୍ତତଃ ଚଳପ୍ରଚଳ ହେବା।

ବଡ଼ ଦେଉଳରେ ବାଜିଲ ଘଣ୍ଟା
ଖାଣ୍ଡି ଖିଆଙ୍କର ଉଠିଲ ଅଣ୍ଟା। (ଛଡ଼ା)

ଅଣ୍ଟାଏ-ଦେ. ବିଣ.-ଅଣ୍ଟାକ (ଦେଖନ୍ତୁ)

ଦେ. ବି.-ଅଣ୍ଟା ପର୍ଯ୍ୟନ୍ତ ଉଚ୍ଚତା, ଅଣ୍ଟା ବୁଡ଼ିଯିବାଭଳ ଗଭୀରତା।

ଅଣ୍ଟାକ-ଦେ. ବିଣ.-ମନୁଷ୍ୟର ଅଣ୍ଟା ବୁଡ଼ିଯିବା ଭଳ ଗଭୀର, ଅଣ୍ଟା ପର୍ଯ୍ୟନ୍ତ ଉଚ୍ଚ।

ଅଣ୍ଟାକସା-ଦେ. ବି.-ଅଣ୍ଟାଭଙ୍ଗା (ଦେଖନ୍ତୁ)

ଅଣ୍ଟାକସିବା-ଦେ. କି.-(ଓ ଅଣ୍ଟା + ସଂ. କଣ୍ଠା)-କୌଣସି ବଳସାଧ୍ୟ କର୍ମ କରିବାକୁ ଉଦ୍ୟମ କରିବାକୁ ଉଦ୍ୟମ କରି ଅଣ୍ଟାରେ ଲୁଗା ଭିଡ଼ିବା, କୌଣସି କାମ କରିବାକୁ ଉଦ୍ୟତ ବା ପ୍ରସ୍ତୁତ ହେବା, କୌଣସି କର୍ମ କରିବାକୁ ଦୃଢ ପ୍ରତିଜ୍ଞା କରିବା, ଗମନୋଦ୍ୟତ ହେବା।

ଅଣ୍ଟାକୁ ମାରିବା-ଦେ. ବି:-ଅଣ୍ଟା ବନ୍ଧା ହେବା।

ଅଣ୍ଟା ଖସାଇବା-ଦେ. କି.-ହାତ ବା ଲେଣ୍ଡ ଦ୍ୱାରା କୌଣସି ବ୍ୟକ୍ତିର ବ୍ୟଥାଯୁକ୍ତ ଅଣ୍ଟାକୁ ଚପି ଘଷି ସମ୍ମୋହନ କରିବା।

ଅଣ୍ଟାଖୋସା-ଦେ. ବି. (ଯାହା ଅଣ୍ଟାରେ ଖୋସାଯାଏ) ଲଜ୍ଜା, ସଙ୍କୋଚ।

ନପାଇଲେ ସେମାନଙ୍କଠାରୁ ଅଣ୍ଟାଖୋସା
ଚମତ୍କାର ଦେଶିସାରମାନଙ୍କର ଘୋଷା।

(ଉତ୍କଳ ଭ୍ରମଣ-ଫକର ମୋହନ)

ଅଣ୍ଟାଗୁଞ୍ଜା-ଦେ. ବି: (ଯାହା ଅଣ୍ଟାରେ ଗୋପନରେ ଗୁଞ୍ଜାଯାଏ)-ଲଜ୍ଜା, ସଙ୍କୋଚ।

ସମସ୍ତଙ୍କେ ଗୋଟି ଗୋଟି ନପଟ କଲଆ,
ଅଣ୍ଟାଗୁଞ୍ଜା ପାଇଁ କିଛୁ ନାହିଁ ସେ ଭଲଆ।

(ଉକାଶ୍-ଗୀତ ଲହରୀ)

ଅଣ୍ଟାଘିନା-ପ୍ରାଦେ: (ଗଞ୍ଜାମ) ବି:-ଅଣ୍ଟା ବନ୍ଧିବା।

ଅଣ୍ଟାଜାଡୁ-ଦେ: ବି.-ଅଧିକାଂଶ ସମୟ ଓଦାଲୁଗା ପିନ୍ଧିବା ଯୋଗୁଁ ଅଣ୍ଟା ଗୃହପାଖରେ ହେବା ଏକପ୍ରକାର ଦୁରାରୋଗ୍ୟ ଦଦ୍ରୁ ରୋଗ।

(ଦେଖନ୍ତୁ-ଜାଡୁ)

ଅଣ୍ଟାଦରଣ୍ଡିବା-ଦେ. କି.-କୌଣସି ବ୍ୟକ୍ତି ପିନ୍ଧିବା ଲୁଗାରେ ଅଣ୍ଟା ପାଖରେ କିଛି ଟଙ୍କା ପଇସା ଖୋସି କରି ଲୁଚାଇ ରଖିଚି କି ନାହିଁ, ଏଦା ଦେଖିବା ପାଇଁ ତା' ଅଣ୍ଟା ଘୁରି ପାଖରେ ପିନ୍ଧିଥିବା ଲୁଗାକୁ ଅଣ୍ଡାଳିବା ବା ଉଣ୍ଡିବା।

ଅଣ୍ଟାଧସ-ଦେ. ବି.-କଟିପାଚ, (ଏଥିରେ ଅଣ୍ଟା ଅବଶ ହେବାରୁ ଲୋକ ଚଳପାରେ ନାହିଁ)। ଅଣ୍ଟାବଥା (ଦେଖନ୍ତୁ)

ଅଣ୍ଟାପାଣି-ଦେ ବି.-ଅଣ୍ଟାଠାରୁ ତଳକୁ ଧୋଇବା ପାଦଠାରୁ ଅଣ୍ଟାପର୍ଯ୍ୟନ୍ତ ପାଣିରେ ବୁଡାଇ ଗାଧୋଇବା।

ଅଣ୍ଟାପିଠି-ଦେ. ବି. (ସଦ୍ଭବର)-କଟି ଓ ପୃଷ୍ଠ।

ଅଣ୍ଟାପିଠି ଲଗିଯିବା-ଦେ. ବି.-ବହୁ ସମୟ ଏକ ସ୍ଥାନରେ ବସି ବା ଠିଆ ହୋଇ ରହିବା ବା ଅତ୍ୟଧିକ ପରିଶ୍ରମ କରିବା ଯୋଗୁଁ କଟି ଓ ପୃଷ୍ଠରେ ବେଦନା ବା ଯୋଳା ଅନୁଭୂତ।

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

ଅଣ୍ଟାବଥା-ଦେ.ବ. (ଓ. ଅଣ୍ଟା + ସଂ. ବ୍ୟଥା)- ଅଣ୍ଟାଧରି, କଟିବାତ,

ଯେଉଁ ବାତରେ ଅଣ୍ଟା ଅବଶ ହେବାରୁ ମନୁଷ୍ୟ ଚଲାପାରେ ନାହିଁ, ଶୂଳ ବଶେଷ, ପାର୍ଶ୍ୱଶୂଳ ।

(ଦେଖନ୍ତୁ-କଟିବାତ)

ଅଣ୍ଟାବସିଯିବା-ଦେ. ବ.-ବାର୍ଦ୍ଧକ୍ୟ ବା ରୋଗ ଯୋଗୁଁ ବଳହୀନ ଘଟିବା, ଅଣ୍ଟାରେ ଜଖମଥିବା ଯୋଗୁଁ କଠିନ ପଶ୍ରମ କରବାକୁ ବା ବହୁଦୂର ଗଲବାକୁ ଅସମର୍ଥ ହେବା, (ଅଣ୍ଟା ବସିଯାଇଥିବା ଘୋଡାକୁ 'କମଗ୍ଧ' ବୋଲସାଏ) ।

(ଅଣ୍ଟା ଭାଙ୍ଗିଯିବା-ଦେଖନ୍ତୁ)

ଅଣ୍ଟାବାନ୍ଧିବା-ଦେ କି.-ଅଣ୍ଟା କସିବା (ଦେଖନ୍ତୁ)

ଅଣ୍ଟାବନ୍ଧା-ଦେ. ବ.-ଅଣ୍ଟାବଥା (ଦେଖନ୍ତୁ)

ଅଣ୍ଟାଭଙ୍ଗା-ଦେ.ବଣ.-କମଗ୍ଧ, ଯହାର ଅଣ୍ଟା ଜଖମ ହୋଇଅଛୁ ।

ଅଣ୍ଟା ଭଙ୍ଗା ହୋଇ ଯେବଣ ବାରୁ,
କହେ ଦନାଇ ଏ ଜନ୍ମେ ମାରୁ । (ପହ୍ଲୀ)

ଅଣ୍ଟାଭଙ୍ଗା ଗୁଲ-ଦେ.ବ.-ଗୁଲବାର ଏକ ଢଙ୍ଗ, ବଶିଷ୍ଟତା, ସ୍ୱତନ୍ତ୍ର ଗୁଲ । ଗୁଲବାବେଳେ ଅଣ୍ଟାକୁ ଭାଙ୍ଗିଭାଙ୍ଗି, ବଙ୍କାଇବଙ୍କାଇ, ଦୋହଲାଇ ଦୋହଲାଇ, ମୋଡି ମୋଡି ଗୁଲବା । ସ୍ତ୍ରୀ ମାନଙ୍କର ମଗ୍ଧଲୀଗତ । ହଂସୀମାନେ ଦକ୍ଷଣ ଅଙ୍ଗ ବୁଲାଇ ବୁଲାଇ ଗୁଲବାଭଳି ଗୁଲ । ନାଟକରେ ସ୍ତ୍ରୀ ଭୂମିକାରେ ଅଭନସ୍ଥ କରବା-ବେଳେ ଅଣ୍ଟାକୁ ଦୋହଲାଇ ଦୋହଲାଇ ଅଭନସ୍ଥ କରବା । ଅଳ୍ପ ବସ୍ତ୍ରା ନାସ୍ତ୍ର ଗୁଲ ପର ଗୁଲ । ଯୁବତୀର ଗତ, ମଗ୍ଧଲୀ ଗୁଲ, ନବଯୌବନାର ଗୁଲ, ଅଢଗ୍ଧରଣା ବା ଯୌବନ ଯୁବତୀର ଗୁଲ । ମାଇଚଆ ବା ମାଇଆ ଯୁବକର ଗୁଲ ।

ଦେଖଲେ ଚମ୍ପା ବୋଉ ଅଣ୍ଟା ଭଙ୍ଗା ଗୁଲକ,
ନାଗର ଦେଇଛୁ କଣ୍ଠ ଆସିବ ସେ କାଲକ । (ଢଗ)
ଆହା ମୋ ସଜ ମଉଜ ମଲ୍ଲୀ
ଭାଙ୍ଗିଯିବ ଡୋ'ର ଅଣ୍ଟାଭଙ୍ଗା ଗୁଲ । (ଢଗ)

ଅଣ୍ଟାଭାଙ୍ଗିଯିବା-ଦେ.ବ -କୌଣସି ଗୁରୁତର ଆଘାତ (ଯଥା-ପ୍ରହାର ବା ଉଚ୍ଚରୁ ପଡ଼ିଯିବା) ଯୋଗୁଁ ଅଣ୍ଟାର ହାଡ଼ ଜଖମ ହେବା, ବାର୍ଦ୍ଧକ୍ୟ ବା ରୋଗ ଯୋଗୁଁ ଜଲ କମିଯିବା, ଅଣ୍ଟା-ବସିଯିବା, ହତୋତ୍ସାହ ହେବା, ନଗ୍ଧଶ ହେବା ବା ହତାଶ ହେବା, କୌଣସି ବଶିଷ୍ଟ ବନ୍ଧୁ, ପଶଜନ ବା ସହାୟକଙ୍କ ବଚ୍ଛେଦ ବା ମୃତ୍ୟୁ ଯୋଗୁଁ ମନରେ ଗୁରୁତର ଦୁଃଖ ଜନ୍ମିବା ।

ଅଣ୍ଟାଭିଡ଼-ଦେ.ବ-ଗୁରୁତର କାୟିକ ପଶ୍ରମ ।

ଦେ.ବଣ.- ଅଣ୍ଟାଭିଡ଼ା (ଦେଖନ୍ତୁ)

ଅଣ୍ଟାଭିଡ଼ା- ଦେ.ବ- କୌଣସି ପଶ୍ରମ ସାଧ୍ୟ କର୍ମ କରବା ପାଇଁ ପ୍ରସ୍ତୁତ ହେବା, ପଶ୍ରମ ସାଧ୍ୟ କର୍ମ କରବା ବା ବହୁଦୂର ପଥ ଗୁଲବା ପୂର୍ବରୁ ଅଣ୍ଟାରେ ଭିଡ଼ାସିବା ଗାମୁଗ୍ଧ । ଦେ.ବଣ (ଏଥିରେ ଅଣ୍ଟା ଉପରେ ଭିଡ଼ା ପଡ଼ୁଥିବାରୁ)-ବହୁ ପଶ୍ରମ ସାଧ୍ୟ (କର୍ମ) ।

ଅଣ୍ଟାଭିଡ଼ବା-ଦେ. କି.-ଅଣ୍ଟା କସିବା (ଦେଖନ୍ତୁ)

ଅଣ୍ଟାମଗ୍ଧ-ଦେ. ବ.-ଅଣ୍ଟାବଥା (ଦେଖନ୍ତୁ)

ଅଣ୍ଟା ସଳଖିବା-ଦେ କି.-ଏକାଦ୍ଧକ୍ରମେ କଛୁକାଳ କୌଣସି ପଶ୍ରମ ସାଧ୍ୟ କାମ କରବା ଯୋଗୁଁ ଅଣ୍ଟା ପଠି ଲଗିଗଲେ ବା ଘୋଳ ହେଲେ କଛୁକାଳ ଠିଆ ହୋଇ ଦେହକୁ ଓ ଅଣ୍ଟାକୁ ସିଧା କରବା, ଶ୍ରମ ମେଣ୍ଟାଇବା ପାଇଁ କଛୁକ୍ଷଣ ବଶ୍ରାମ ନେବା । ପ୍ରାଦେ. (ସମ୍ବଲପୁର, ଗଡଜାତ)-ପଦ୍ଧଲ ପାଲ ଯାଇଥିବା ଦ୍ୱିଅ କଛୁଦ୍ଧନ ସ୍ୱାମୀ ଘରେ ରହିବା ପରେ କଛୁଦ୍ଧନ ପାଇଁ ବାପଘରକୁ ଆସିବା ।

ଅଣ୍ଟା ସଳଖି ଚହଲବା-ଦେ.କି.-ଅଣ୍ଟା ସଳଖିବା (ଦେଖନ୍ତୁ)

ଅଣ୍ଟା ସାଉଁବା-ଅଣ୍ଟା ସଳଖିବା (ଦେଖନ୍ତୁ)

ଅଣ୍ଟାସୂତା-ଦେ.ବ. (ସଂ. କଟି + ସୂତ୍ର)-କରଧୂତ୍ର, କରସୂତା, ଅଣ୍ଟାରେ ବନ୍ଧାଯିବା ସରୁ ଦଉଡ଼ି, ଧାତୁ ନର୍ମିତ କଟିସୂତ୍ର ।

ଅଣ୍ଟି-ଦେ.ବ (ତୁଳ ସଂ. ଗ୍ରନ୍ଥି, ସଂ. ଟଙ୍କ = ଜଙ୍ଘ, ଖଡ୍ଗ କୋଷ) ପିନ୍ଧିଥିବା ଲୁଗାର ସାମନା ବା କୁଞ୍ଚ ପାଖରେ କୌଣସି ବସ୍ତୁ ରଖିବାପାଇଁ କରଯିବା ପାସାକୃତ ମୁଣି ବା ପାକଟି ।

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

ଅରଜୁନ ବାଣ ଅର୍ଣ୍ଣରେ ପୂରାଇଲେ,
ଉପରକୁ ଚାହାଣି ଫିର୍ଜି ଫିର୍ଜି ଗଲେ ।
(କୃଷ୍ଣସିଂହ. ମହାଭାରତ. ସଭା)

ପିନ୍ଧା ଲୁଗାର ଅଣ୍ଚାପାଖ ଖୋସ୍ତଣୀ, ଅଣ୍ଚାପାଖେ ଥିବା ପିନ୍ଧା ଲୁଗାର ଗଣ୍ଠି ।

ଅର୍ଣ୍ଣରୁ ଆପଣେ ଯେ କାଢିଲେ ଖଡ୍ଗ ଗୋଟି,
ପଣାକୋଠୀ କାଟିଦେଲେ ଧରମ ଯୁଧିଷ୍ଠି ।
(ସାରଳା. ମହାଭାରତ. ସଭା)

ଅଣ୍ଚା, କଟି, କୋଳ, ଉତ୍ସଙ୍ଗ ।

ଅର୍ଣ୍ଣିଓକ୍ (*Antioch*)-ବୈ.ଦେ.ବ. (ନାମ)-ଏହା ଏକ ନଗର । ଏହି ନଗରଟି ସିରିଆ ରାଜ୍ୟରେ ଅବସ୍ଥିତ । ମହାଯୋଦ୍ଧା ଆଲେକ୍‌ଜେଣ୍ଡରଙ୍କ ସେନାପତି ସେଲ୍ୟୁକସ୍ ଅର୍ଣ୍ଣିଓକ୍ ନଗର ପ୍ରତିଷ୍ଠା କରିଥିଲେ ଓ ନିଜ ପିତା ଅର୍ଣ୍ଣିଓକସ୍‌ଙ୍କ ନାମାନୁସାରେ ନଗରର ନାମକରଣ କରିଥିଲେ ଅର୍ଣ୍ଣିଓକ୍ । ଅର୍ଣ୍ଣିଓକ୍ ନଗର ଅରନ୍ତସ୍ ନଦୀ ପାର୍ଶ୍ୱରେ ଆଲେପ୍‌ପୋ ସହରଠାରୁ ୬୦ ମାଇଲ ଦୂରରେ ବିଦ୍ୟମାନ । ଏହି ନଗରର ନାମ ଐତିହାସିକ ଅଶୋକଙ୍କ ଅନୁଶାସନ ମାନଙ୍କରେ ଉଲ୍ଲେଖ ଥିବାର ଦେଖିବାକୁ ମିଳେ । ଅଶୋକ ବୌଦ୍ଧ-ଧର୍ମର ପ୍ରଚାର ଓ ପ୍ରସାର ନିମନ୍ତେ ଏଠାକୁ ବୌଦ୍ଧଭିକ୍ଷୁ ପଠାଇଥିଲେ । ପରେ ଏଠାରେ ବୌଦ୍ଧଧର୍ମର ଅବନତି ଘଟିବାରୁ ଖ୍ରୀଷ୍ଟଧର୍ମ ପ୍ରଚାରର ପ୍ରଧାନ କେନ୍ଦ୍ର ହୋଇ । ପାରସ୍ୟ ସମ୍ରାଟ ଖସରୁଙ୍କ ଦ୍ୱାରା ୫୬୮ ଖ୍ରୀ:ରେ ଏହି ନଗର ଧ୍ୱଂସ ହୋଇ ପୁନର୍ବାର ସପ୍ତମ ଶତାବ୍ଦୀରେ ରୋମାନ୍-ସମ୍ରାଟ ଜଷ୍ଟିନିୟାନ୍‌ଙ୍କ ଦ୍ୱାରା ଗଢି ଉଠିଥିଲା । ଜଷ୍ଟିନିୟାନ୍ ଅର୍ଣ୍ଣିଓକ୍ ନାମଟି ବଦଳାଇ ନଗରର ନୂତନ ନାମ କରଣ କରିଥିଲେ-ଥିଓପୋଲସ୍ (ଦେବପୁତ୍ର) । ଖ୍ରୀ: ୬୫୮ ରେ ଏହା ଆରବୀୟ ମାନଙ୍କ ଦ୍ୱାରା ଅଧିକୃତ ହୋଇଥିଲା । ଖ୍ରୀ: ୧୭୮୮ରେ ଖ୍ରୀଷ୍ଟିୟାନ୍ ମାନଙ୍କ ଦ୍ୱାରା ଅଧିକୃତ ସୀରିୟାନ୍ ଖ୍ରୀଷ୍ଟିୟାନ୍ ମାନଙ୍କ ମହନ୍ତ ବା ବିଷପଙ୍କ ବାସସ୍ଥଳ ହୋଇ ।

ଅର୍ଣ୍ଣିକଟା-ଦେ.ବ.-ଯେଉଁ ବ୍ୟକ୍ତି ଅନ୍ୟ ବ୍ୟକ୍ତିର ପିନ୍ଧାର ଲୁଗାର ଅର୍ଣ୍ଣିକୁ (ବସ୍ତ୍ର ଗ୍ରନ୍ଥି) କାଟି ଅର୍ଣ୍ଣରେ ଥିବା ଧନକୁ ଚୋରକରେ, ଦଗାବାଜି, ପକେଟମାରୁ ।

ଅର୍ଣ୍ଣିଚୁରୀ ଡର୍ଣ୍ଣିକାଟିବା-ଦେ.ନ୍ୟାସ୍ୟ-ନିଜର କୌଣସି ଆତ୍ମୀୟ ସ୍ୱଜନ ବିଶ୍ୱାସଘାତକତା କଲେ ଏହି ନ୍ୟାସ୍ୟ ଉଦାହୃତ ହୁଏ ।

ଅର୍ଣ୍ଣିଧନ-ଦେ ବ.-ଅର୍ଣ୍ଣରେ ରଖାଯିବା ଧନ, ଗଚ୍ଛିତ ଧନ, ଯତ୍ନ ରଖିଛ ଧନ, ମନୁଷ୍ୟର ପ୍ରିୟତମ ବସ୍ତୁ ବା ବ୍ୟକ୍ତି, ଅତି ଯତ୍ନରେ ପାଳିତ (ବ୍ୟକ୍ତି)
ଅର୍ଣ୍ଣଧନ ଛର୍ଣ୍ଣକାଟେ (ଚଳ)

ଅର୍ଣ୍ଣିନଆଁ-ଦେ ବ. (ଲକ୍ଷଣାର୍ଥ, ଆପଣା ପିନ୍ଧିଥିବା ଲୁଗାର ଅର୍ଣ୍ଣରେ ନଆଁ ରଖିଲେ ତାହା ମନୁଷ୍ୟକୁ ପୋତିପକାଏ, ସେହି ଲକ୍ଷଣରୁ)-ନିଜର ପରିବାରର କୌଣସି ନିନ୍ଦାଜନକ ବା ଅନିଷ୍ଟକର ଗୁପ୍ତକଥା, ନିଜ ପରିବାରର କୌଣସି ବ୍ୟକ୍ତି ଦ୍ୱାରାକୃତ ଦୁଷ୍କୃତିର୍ଯ୍ୟା ।

ଅର୍ଣ୍ଣିପଡଇବା-ଦେ.କ୍ରି. (ଓ.ଅର୍ଣ୍ଣି + ସଂ. ପତ୍ତଧାତୁ ଶିଚ ପାତ ଥାଉ) କୌଣସି ଦ୍ରବ୍ୟ ଅର୍ଣ୍ଣରେ ପଡିବା ପାଇଁ ଅର୍ଣ୍ଣକୁ ପ୍ରସାରଣ କରିବା, (ଲକ୍ଷଣାର୍ଥ) କୌଣସି ବସ୍ତୁ ପାଇବା ପାଇଁ ଆଶା କରିବା, ଉଦ୍‌ଗ୍ରୀବ ହୋଇ ରହିବା ।

ଅର୍ଣ୍ଣିପୂରା-ଦେ.ବିଣ. (ଓ. ଅର୍ଣ୍ଣି + ପୂର୍ତ୍ତି)- ପିନ୍ଧିଥିବା ଲୁଗାରେ ଅର୍ଣ୍ଣି ପୂର୍ତ୍ତି ହୋଇଥିବା ଭଲ, ଯଥେଷ୍ଟ ପରିମାଣରେ ।

ଅର୍ଣ୍ଣିବା-ଦେ କ୍ରି.(ସଂ. ଅର୍ଦନ = ଚଳନ) ପ୍ରୟୋଜନା-ନୁରୂପ ହେବା, ପର୍ଯ୍ୟାପ୍ତ ହେବା, ଯଥେଷ୍ଟ ହେବା ।

କଲେ ତା ଭୋଗେ ଅଭିଳାଷ ଲବ
ଅର୍ଣ୍ଣିବ ନାହିଁନି ନବ ପଲ୍ଲବ ।
(ଜବ ସୂର୍ଯ୍ୟ, ସଙ୍ଗୀତ)

ସମ୍ଭାଇବା, ଉପଯୋଗୀ ହେବା, ସମକକ୍ଷ ହେବା, ପ୍ରାଦେ. (ଗଡଜାତ)-କମିଯିବା, ଶୁଖିଯିବା, ମରିଯିବା ।

ଅର୍ଣ୍ଣେଇବା-ଦେ.କ୍ରି-ଅଣାଇବା (ଦେଟନ୍ତୁ)

ଅର୍ଣ୍ଣେଇ-ଦେ.ବିଣ.ସ୍ତ୍ରୀ.-ଆଣ୍ଠେଇ (ଦେଖନ୍ତୁ)

ଅର୍ଣ୍ଣରଓ-ବୈଦେ.ବ.(ନାମ)-୧) ଉତ୍ତର ଆମେରିକାର କାନାଡା ଓ ଯୁକ୍ତରାଷ୍ଟ୍ରର ସୀମା ନିକଟରେ ପଞ୍ଚହ୍ରଦର ଅଞ୍ଚଳ ଅବସ୍ଥିତ । ଏହି ହ୍ରଦଗୁଡିକ ହେଲା-ସୁପରିଅର,

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

ମିଚଗାନ, ହ୍ୱରନ, ଇରି ଓ ଅଣ୍ଟେରଓ କାନାଡା ଓ ଯୁକ୍ତରାଷ୍ଟ୍ରର ଅର୍ଥନାଡ଼ ଏହି ହ୍ରଦ ଗୁଡ଼ିକର ଅବସ୍ଥିତି ହେତୁ ଜନ୍ମିଛି । ପୂର୍ବେ ଏହି ହ୍ରଦ ଅଞ୍ଚଳ ବରଫାବୃତ ଥିଲା । କିନ୍ତୁ କାଳକ୍ରମେ ବରଫ ପଡ଼ିବା ଏ ଅଞ୍ଚଳରୁ କମିଯାଇଛି । ଅଣ୍ଟେରଓ ହ୍ରଦଟି ପଞ୍ଚହ୍ରଦର ପୂର୍ବରେ ଅବସ୍ଥିତ । ଏହି ଅଞ୍ଚଳରେ ବାସ କରୁଥିବା ଇରୋକୁ-ଓଇସ ଜାତି ଯେଉଁ ଭାଷାରେ କଥାବାର୍ତ୍ତା କରନ୍ତି, ସେହି ଭାଷାରେ 'ଅଣ୍ଟେରଓ' ଶବ୍ଦର ଅର୍ଥ 'ମନୋହର ହ୍ରଦ' । ଏହି ହ୍ରଦର ଉତ୍ତରରେ କାନାଡ଼ାର ଅଣ୍ଟେରଓ ପ୍ରଦେଶ ଓ ଦକ୍ଷିଣରେ ଯୁକ୍ତରାଷ୍ଟ୍ରର ନ୍ୟୁୟର୍କ ଷ୍ଟେଟ୍ । ଏହାର ଲମ୍ବ ୧୯୦ ମାଇଲ ଏବଂ ଓସାରିଆ ଅଂଶର ଓସାର ୬୦ ମାଇଲ । ଯେଉଁ ଅଞ୍ଚଳରେ ପାଣିଥାଏ, ତହିଁର ପରିମାଣ ୭୫୦୦ ବର୍ଗମାଇଲ । ହ୍ରଦର ଗଭୀରତା ୭୩୮ ଫୁଟ୍ । କୂଳ ଦେଶରେ ଫଳ ବର୍ତ୍ତିମାନ ଦେଖାଯାଏ । ନାଏଗ୍ରା ନଦୀ ଜଳଦ୍ୱାରା ଏହି ହ୍ରଦ ପୁଷ୍ଟ । ଏହା ବ୍ୟତୀତ ଅନ୍ୟ କେତେକ ଛୋଟ ଛୋଟ ନଦୀର ଜଳ ହ୍ରଦ ମଧ୍ୟକୁ ନିର୍ଦ୍ଦିଷ୍ଟ ହୁଏ । ଶୀତଦିନେ ଏହାର ସମୁଦାୟ ଜଳରାଶି ବରଫ ନ ପାଲଟି ଅଳ୍ପ କେତେକ ଅଂଶର ଜଳ ବରଫରେ ପରିଣତ ହୋଇଯାଏ । କେତେକ ସମୟରେ ପ୍ରବଳ ଝଡ଼ତୁଫାନ ଏବଂ ଏହାର ପ୍ରସ୍ରବରେ ଜଳମଗ୍ନତା ଉପରକୁ ଉଠିଯାଏ । କଙ୍ଗ୍ଷ୍ଟନ, ରୋଚେଷ୍ଟର ଓ ହାମିଲେଟନ ବନ୍ଦର ଓ ଯୁକ୍ତରାଷ୍ଟ୍ରର ଅସ୍-ୱେଗୋ ବନ୍ଦର ଏହା କୂଳରେ ଅବସ୍ଥିତ ।

୨) ଉତ୍ତର ଆମେରିକା କାନାଡାର ଗୋଟିଏ ପ୍ରଦେଶ । ଉତ୍ତରରୁ ଦକ୍ଷିଣକୁ ଏହା ୧୦୦୦ ମାଇଲ ଲମ୍ବା । କ୍ଷେତ୍ରଫଳ ୪୧୨, ୫୮୨ ବର୍ଗମାଇଲ । ଏହାର ରାଜଧାନୀ ଟରେଣ୍ଟୋ । କାନାଡାର ରାଜଧାନୀ ଅଟାଓ୍ୱା ଏହି ପ୍ରଦେଶରେ ଅବସ୍ଥିତ । ଏଥିରେ ୨୪୦,୦୦୦ ବର୍ଗମାଇଲ ଅଞ୍ଚଳ ଜଙ୍ଗଲ । ଏଥିରୁ ସରଳ ବର୍ଗୀୟ ପାଇନ କାଠ ମିଳେ । ଚେଣ୍ଡୁ ମାଠାରେ କାଗଜ ଉଆର ଶିଳ୍ପ ବିଶେଷ ଦେଖାଯାଏ । ଜଙ୍ଗଲରେ ସ୍ତନ୍ୟପ ପ୍ରାଣୀ ମାନଙ୍କ ମଧ୍ୟରେ ଅଟର, ବଭର, ମିଙ୍କ ଓ ସ୍କିଙ୍କ ବହୁ ସଂଖ୍ୟାରେ ଦେଖାଯାନ୍ତି । ଏଠାକାର ଆସ୍ଥାବର୍ଦ୍ଧକ ମହ୍ୟ ଉତ୍ପାଦନ ଉପରେ ନର୍ଭରକରେ । ଚମ୍ବା, ରୂପା, ସୁନା, ଲୁହା, ସୀସା, ଜସ୍ତା, ପ୍ଲାଟିନମ ଓ କୋବାଲ୍ଟ ମିଳେ । ଗ୍ରାଫାଇଟ୍, ପେଟ୍ରୋଲିୟମ, ଟିଣ, ଚୂନ, ମାଙ୍ଗନିଜ, ଶଙ୍ଖୁଆ ଓ ଅଭ୍ର ଏଠାରେ ପ୍ରଚୁର ପରିମାଣରେ ମିଳେ । ଏଠାକାର ଅଧିବାସୀଙ୍କର କୃଷି ପ୍ରଧାନ ଜୀବିକା । ଖଣିଜ ଦ୍ରବ୍ୟର ପ୍ରଚୁରତା ହେତୁ, ବହୁ ପରିମାଣରେ କୃଷିଜାତ ଦ୍ରବ୍ୟ ଉତ୍ପନ୍ନ ହେଉଥିବାରୁ ଓ ଜଳବିଦ୍ୟୁତ୍ ମିଳୁଥିବାରୁ ଏହା ଗୋଟିଏ ଶିଳ୍ପ ପ୍ରଧାନ ଅଞ୍ଚଳ ।

ଅଣ୍ଟୁ-(ଧାତୁ) ସଂ.-ଅଣ୍ଟ (ଧାତୁ) (ଦେଖନ୍ତୁ)

ଅଣ୍ଡଉ-ପ୍ରାଦେ. (ସମ୍ବଲପୁର) ବିଣ. (ସଂ. ଅଣ୍ଡୀର)-ଅଣ୍ଡିଆ, ପୁରୁଷ ଜାତୀୟ । ପ୍ରାଦେ. (ସମ୍ବଲପୁର) ବି. ପୁରୁଷ, ନରପ୍ରଜାତୀୟ ପ୍ରାଣୀ । ପ୍ରାଦେ. (ସମ୍ବଲପୁରୀ ନାଚ ଭାଷା)-ସ୍ୱାମୀ, ପତି ।

ଅଣ୍ଡା-ସଂ.ବି. (ଅମ ଧାତୁ = ପଙ୍ଗମ କରିବା + ଉଡ଼ିଚ୍) ପକ୍ଷୀ, ପତ୍ରସ୍ପର ଆଦିଙ୍କ ଗର୍ଭରୁ ନିର୍ଗତ ଶାବକାଧାର, ମୁଣ୍ଡ, ଅଣ୍ଡକୋଷ, ପେଲ, କୁରୁଣ୍ଡ, ଶୁକ୍ର, ସର୍ମ, ମୃଗଜାତିର ଖୋଲ, ଅଣ୍ଡାକାର ବସ୍ତୁ, ଗୋଲକାର ବସ୍ତୁ, ଶିବ, ମହାଦେବ । ବି.ବ.-ପୁରୁଷର ଲିଙ୍ଗ ।

ଅଣ୍ଡେ ବସଇ ପ୍ରଜାପତି
ମିତ୍ର ବରୁଣ କୋଷେ ସ୍ଥିତି ।
(ଜଗନ୍ନାଥ. ଭଗବତ)

ଗ୍ରା. ଅ. (ଗୃହାଳୀରେ ପୁରୁଣାକାଳିଆ ଅବଧାନମାନେ ପିଲଙ୍କୁ ସ୍ୱତ୍ତରଫଳା ମଡାଇଲ ବେଳେ ଅଶୁଦ୍ଧ ଉଚ୍ଚାର କରିବା ଧ୍ୱନି)-'ଣ୍ଡ' ଯୁକ୍ତାକ୍ଷର ।

ଆଦ୍ୟରେ ସ୍ୱୟମ୍ଭୂ ଭଗବାନ ପ୍ରଥମେ ଜଳ ସୃଷ୍ଟିକରି ତହିଁରେ ଶକ୍ତିବୀଜକୁ ଆରୋପ କରି ଗୋଟିଏ ଅଣ୍ଡ ଜାତକଲେ ଓ ସେହି ଅଣ୍ଡରୁ ସମସ୍ତ ବିଶ୍ୱ ଜାତହେଲା । ଏଥିପାଇଁ ଚରାଚର ସୃଷ୍ଟିକୁ ବ୍ରହ୍ମାଣ୍ଡ କୁହାଯାଏ ।

ପ୍ରଥମେ ଏହି ବିଶ୍ୱ ଫଟାର ଅନ୍ଧକାରମୟ ଥିଲା । ସୃଷ୍ଟି ଆଦ୍ୟରେ ସ୍ୱୟମ୍ଭୂ ଭଗବାନ ପ୍ରକଟିତ ହେଲେ । ସେ ଆପଣା ଶରୀରରୁ ଧ୍ୟାନ ମାତ୍ରକେ ଜଳ ସୃଷ୍ଟିକଲେ ଓ ଜଳରେ ଶକ୍ତିବୀଜ ଆରୋପ କଲେ । ସେହି ବୀଜ ସ୍ୱର୍ଣ୍ଣମୟ ସୂର୍ଯ୍ୟପ୍ରଭ ଅଣ୍ଡରେ ପରିଣତ ହେଲା । ସେହି ଅଣ୍ଡରେ ବ୍ରହ୍ମା ବା ପରମାତ୍ମା ପ୍ରକଟିତ ହେଲେ । ସେହି ଅଣ୍ଡ ମଧ୍ୟରେ

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

ଉକ୍ତ ଭଗବାନ୍ ବ୍ରହ୍ମା ଏକ ପଶ୍ଚବର୍ଷର କାଳ ବାସ୍ତବର ଧ୍ୟାନ ଦ୍ୱାରା ତାକୁ ଦୁଇଖଣ୍ଡ କଣ ଫଟାଇଦେଲେ । ସେହି ଦୁଇଖଣ୍ଡରୁ ଗୋଟିକରୁ ଦ୍ୟୁ ଲୋକ (ସ୍ୱର୍ଗ) ଓ ଅନ୍ୟଟିରୁ ପୃଥିବୀର ସୃଷ୍ଟି ହେଲା ଏବଂ ମଧ୍ୟରେ ଆକାଶ, ଅଷ୍ଟଦିଗ ଓ ଜଳ ପ୍ରକାଶିତ ହେଲା ।

(ଅଣ୍ଡକୋଷ-ଦେଖନ୍ତୁ)

ଅଣ୍ଡକ-ସଂ.ବ.-(ଅଣ୍ଡ + ସ୍ୱାର୍ଥେ. କ)-ଅଣ୍ଡ, ଡିମ୍ବ, ଗ୍ଲୋବ୍ଡମ୍ବ ।

ଅଣ୍ଡକଟାହ-ସଂ.ବ, (ଅଣ୍ଡ + କଟାହ, କଟାହ ସଙ୍ଗେ ତୁଳନୀୟ ଅଣ୍ଡ)-ବ୍ରହ୍ମାଣ୍ଡ, ଚରାଚର ସୃଷ୍ଟି ।
(ଷଷ୍ଠୀତତ୍) -ବ୍ରହ୍ମାଣ୍ଡର ଖୋଳପା ।

ଅଣ୍ଡକପାଳ-ଦେ.ବ. (ଷଷ୍ଠୀତତ୍., ଆଧୁନିକ ବଙ୍ଗାଳ ପଶ୍ଚତ୍ପା)-ଡିମ୍ବ ଉପରର ଖୋଳପା ।

ଅଣ୍ଡକୋଟର ପୁଷ୍ପୀ-ସଂ.ବ. (ବୈଦ୍ୟକ)-ମାଲବାସ୍ନା, ଅଜାଦ୍ଦିଦୃଷ୍ଟ ।

ଅଣ୍ଡକୋଶ-ସଂ.ବ.-(ଷଷ୍ଠୀତତ୍, ଅଣ୍ଡ + କୋଷ)-ମୂଷ, ବୀଜକୋଷ, ଉପସ୍ଥର ମୂଳରେ ଚମଡ଼ାଥଳିରେ ଝୁଲୁଥିବା ଅଣ୍ଡାକୃତି କୋଷଦ୍ୱୟ,ବ୍ରହ୍ମାଣ୍ଡ । (ଦେଖନ୍ତୁ-ଅଣ୍ଡକୋଷ)

ଯେ ଅନ୍ତକାଳେ ଅଣ୍ଡକୋଶ ।
ନମିଷମାତ୍ରେ କରେ ଗ୍ରାସ ।

(ଜଗନ୍ନାଥ ଭାଗବତ. ୪ର୍ଥ)

ଅଣ୍ଡକୋଷ-ସଂ. ବ.-ଶରୀରର ଅବୟବ ବିଶେଷ । ପୁରୁଷ ଜନନେନ୍ଦ୍ରିୟ ମଧ୍ୟରୁ ଅଣ୍ଡକୋଷ ଏକତମ । ଏହାକୁ ବି ଜୀବମାତ୍ରଙ୍କର ପୁଂ-ବୀଜାଧାର ବୋଲ କୁହାଯାଏ । ଏହା ଦୁଇଟି ଅଣ୍ଡାକୃତି କୋମଳ ବସ୍ତୁ । ଶିଶୁ ଯେତେବେଳେ ମାତୃଗର୍ଭରେ ଥାଏ ସେତେବେଳେ ଅଣ୍ଡକୋଷ ଦୁଇଟି ଶିଶୁର ନମ୍ନୋଦର ବା ତଳପେଟ (*Abdominal Covity*) ମଧ୍ୟରେ ଥାଏ । ଜନ୍ମହେବାର କିଛିଦିନ ଆଗରୁ ତାହା ତଳପର ଅଣ୍ଡକୋଷାଶ୍ରୟକୁ ବାହାରଆସେ ଏବଂ ଉକ୍ତ କୋଷାଶ୍ରୟ ଦୁଇଭାଗରେ ବିଭକ୍ତ ହୋଇ ରହେ । ଅଣ୍ଡକୋଷ ଦୁଇଟିଯାକ ରକ୍ତଶିରା, ଧମନୀ ଓ ସ୍ନାୟୁ ମଣ୍ଡଳ ଦ୍ୱାରା ଆଚ୍ଛାଦିତ । ଏହା ପୁରୁଷର ଜଙ୍ଘ ସନ୍ଧିରେ ଲମ୍ବର ତଳକୁ ରେଚଃ ରଜ୍ଜୁ ଦ୍ୱାରା (*Supermatic Cord*) କୋଷା ଧାରର ଦୁଇଟି ଥଳୀରେ ଝୁଲି ରହିଥାଏ । ଏହି ଦୋଳାୟମାନ ବସ୍ତୁଟି ଅତି ସୂକ୍ଷ୍ମ ପ୍ରାଣ କେନ୍ଦ୍ର କହିଲେ ଆଦୌ ହେବନାହିଁ । ପରଣତ ଅଣ୍ଡକୋଷ ଡମ୍ବାକାର । କୋଷାଧାରର ଦୁଇଟି ପୃଥକ୍ ଥଳୀ ମଧ୍ୟରେ ଅଣ୍ଡଦ୍ୱୟ ଆବଦ୍ଧ ରହିଥାଏ । ଏହି ଥଳୀକୁ ଝିଲ୍ଲୀକା ଭେଜିନାଲିସ୍ (*Tunica Vaginalis*) ଥଳୀ କୁହାଯାଏ । ଏହାଦ୍ୱାରା ବଂଶ ରକ୍ଷାହୁଏ । ଏହାର ଭିତର ଅଂଶ ସୂକ୍ଷ୍ମ କୋଷ ଦ୍ୱାରା ଗଠିତ । ଏହି କୋଷ ଜନ୍ମାଗତ ବୟସ ବୃଦ୍ଧି ସହିତ ଶକ୍ତି ସଞ୍ଚାରିତ ହୋଇ ଶୁକ୍ର ପ୍ରସୁତି କାର୍ଯ୍ୟରେ ଯନ୍ତ୍ରବତ୍ କାର୍ଯ୍ୟକରେ । ଅଣ୍ଡକୋଷ ଦୁଇଟି ଅଂଶରେ ବିଭକ୍ତ, ଯଥା-ନଳୀଯୁକ୍ତ ଓ ନଳୀବିହୀନ । ଅଣ୍ଡକୋଷ ଘନଶ୍ୱେତ ଆବରଣ ଦ୍ୱାରା ଆବୃତଥାଏ । ଏହି ଆବରଣକୁ ଝିଲ୍ଲୀକା ଆଲ୍‌ବୁଜିନିଆ (*Tunica albuginea*) କୁହାଯାଏ । ଏହା ତନ୍ତୁମୟ ଅସଂଖ୍ୟ କ୍ଷୁଦ୍ର କ୍ଷୁଦ୍ର କକ୍ଷରେ ବିଭକ୍ତ । ଏଇଥିରେ ଶୁକ୍ରାଣୁ ଉତ୍ପାଦକ କୋଷସମୂହ ଥାଆନ୍ତି ଓ ସେମାନେ କେତେ-ଗୁଡିଏ କ୍ଷୁଦ୍ର କ୍ଷୁଦ୍ର ନଳୀଦ୍ୱାରା ଅଣ୍ଡ ସହିତ ସଂଯୁକ୍ତ ଥାଆନ୍ତି, ଏହି ନଳୀଗୁଡିକ ଦେଇ ଅଣ୍ଡଦେହରେ ଉତ୍ପନ୍ନ ହେଉଥିବା ଶୁକ୍ରାଣୁ ଗୁଡିକ ଶୁକ୍ରକୋଷକୁ ଓ ସେଠାରୁ ଶୁକ୍ରନଳୀକୁ ଚାଲିଯାଆନ୍ତି । ସେଠାରେ ଶୁକ୍ରରସ ଜମା ହୋଇ ରହେ । ସେଠାରେ ଏକ ସଙ୍କୁଚିତ ପ୍ରଣାଳୀ ସଂଗୃହୀତ ହୁଏ । ସେହି ପ୍ରଣାଳୀକୁ ଭାସଡିଫେରେନ୍ସ କୁହାଯାଏ, ଏହା ମୂତ୍ରାଶୟ ପାର୍ଶ୍ୱ ଦେଇ ଯାଇ ସେମିନାଲ୍ ଓ ରେସିକାଲସ୍ ନାମକ ଏକ ଗ୍ରନ୍ଥି ସହିତ ମିଶେ ଏବଂ ସେଠାରୁ ଶୁକ୍ରାନୁପ୍ରଣାଳୀ ପ୍ରୋନଷ୍ଟାରଏଣ୍ଡ ଗ୍ଲାଣ୍ଡ ଓ କାଉପରସ୍ ଗ୍ଲାଣ୍ଡ ସହିତ ସଂଯୋଗ ହୋଇଥାଏ । ପରଶେଷରେ ମୂତ୍ରାନୁପ୍ରଣାଳୀ ଏକତ୍ର ମିଳିତ ହୋଇ ଲିଙ୍ଗ ଭିତର ଦେଇ ବହିର୍ଦ୍ଦେଶକୁ ନିର୍ଗତ ହୁଏ । ଅଣ୍ଡର ନଳୀହୀନ ଅଂଶରୁ ନିର୍ଗତ ଅନ୍ତଃକ୍ଷରଣତ ରସ ରକ୍ତ ସ୍ରୋତରେ ମିଶେ । ଏହି ରସ ପୁରୁଷର ପୁରୁଷତ୍ୱ ରକ୍ଷାରେ ସାହାଯ୍ୟ କରେ । କୋଷ ଗାତ୍ରରେ ଯେଉଁ ଅନୁଦ୍ଧିକ୍ ରନ୍ଧ୍ରଅଛି ସେଥିରୁ ନିର୍ଦ୍ଦିଷ୍ଟ ପରମାଣରେ ଏକ ପ୍ରକାର ତରଳ ପଦାର୍ଥ ବାହାରିଥାଏ । ତଦ୍ଦ୍ୱାରା

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

ଅଣ୍ଡଦ୍ୱୟ କୋଷାଧାରର ଥଳୀ ମଧ୍ୟରେ ଉପର ତଳ ହୋଇ ପାରନ୍ତି । ରୋଗ ବା କୌଣସି ଆଘାତ ଯୋଗୁ ଏହି ତରଳ ପଦାର୍ଥର ଆଧିକ୍ୟ ଘଟିଲେ ଜଳକୋଷ ରୋଗ (*Hydrocele*) ହୋଇଥାଏ । ବାତଜ୍ୱର ପ୍ରଭୃତିରୁ ମଧ୍ୟ କୋଷାଧାରର ବୃଦ୍ଧି ହୋଇଥାଏ । ସାଧାରଣତଃ ପୁରୁଷର ଅଣ୍ଡକୋଷ ପଶ ସ୍ତ୍ରୀ-ଜାତର ମଧ୍ୟ ଡିମ୍ବକୋଷ ଥାଏ ।

ଅଣ୍ଡଜ-ସ. ବଶ. ପୁଂ. (ଅଣ୍ଡ + ଜନ ଧାତୁ + କର୍ତ୍ତୃ.ଅ)- ଡିମ୍ବଜାତ ।

ସଂ ବ.-ଯେଉଁ ଜୀବମାନେ ମାତୃଗର୍ଭରୁ ପ୍ରଥମେ ଅଣ୍ଡ ଉପରେ ଆଇ ଜନ୍ମ ଲାଭ କରନ୍ତି ଓ ପରେ ଡିମ୍ବ ଫାଟି ଉହିଁ ମଧ୍ୟରୁ ବାହାରନ୍ତି ।

ଘମଶଙ୍କରଙ୍କ ମନୁସଂହିତାରେ ଉଲ୍ଲେଖ ଅଛି, ସୃଷ୍ଟିସ୍ଥ ସଚେତନ ବସ୍ତୁ ଗୁରୁତ୍ୱଗରେ ବଢନ୍ତି । ଯଥା (୧) ଜରାୟୁଜ-ମନୁଷ୍ୟ,ପଶୁ, ରାକ୍ଷସ,ପିଶାଚ (୨) ଅଣ୍ଡଜ ସର୍ପ, ପକ୍ଷୀ, ସପାଦ (୩) ସ୍ୱେଦଜ-ମଶା, ଡାଉଁଶ ଉକୁଣି, ମାଛୁ (୪) ଉଦ୍ଭିଦଜ- ବୃକ୍ଷଲତାଦି ।

ଅଣ୍ଡଜା-ସଂ. ବଶ. ସ୍ତ୍ରୀ. (ଅଣ୍ଡଜ + ଆ) -ଅଣ୍ଡଜର ସ୍ତ୍ରୀ ଲିଙ୍ଗ । ସଂ,ବ.ସ୍ତ୍ରୀ- ମୃଗନାଭି, କସ୍ତୁରୀ ।

ଅଣ୍ଡଜେଶ୍ୱର-ସଂ. ବ. (ଷଷ୍ଠୀ ତତ୍, ଅଣ୍ଡଜ + ଈଶ୍ୱର)- ପକ୍ଷିରାଜ, ଗରୁଡ଼ ।

ଅଣ୍ଡଦଳ-ସଂ.ବ. (ଷଷ୍ଠୀ ତତ୍, ଅଣ୍ଡ + ଦଳ)-ଡିମ୍ବର ଖୋଲପା ।

ଅଣ୍ଡଦାଶୁଙ୍ଗ-ସଂ.ବ. (ନାମ)-ଖ୍ରୀଷ୍ଟାବ୍ଦ ସପ୍ତମ ଶତାବ୍ଦୀ ପୂର୍ବରୁ ସ୍ୱେତକ ନାମରେ ଗୋଟିଏ ରାଜ୍ୟ ମହେନ୍ଦ୍ର ପର୍ବତର ପୂର୍ବୋତ୍ତର ଭାଗରେ କୋଙ୍ଗଦର ଦକ୍ଷିଣକୁ ଲଗି ରହିଥିଲା । ଏହି ପ୍ରାଚୀନ ରାଜ୍ୟ ଅନ୍ତର୍ଭୁକ୍ତ ଗୋଟିଏ ବଂଶର ବା ଜାହ୍ନାର ନାମ ଥିଲା ଅଣ୍ଡଦାଶୁଙ୍ଗ (ଦେଖନ୍ତୁ-ଭୁମୁଣ୍ଡା)

ଅଣ୍ଡଦ୍ରବ ହେବା-ଦେ.ବ. (ଲକ୍ଷଣାର୍ଥ, ଗୁଲନାକର, ପିଲେହି ପାଣି ହେବା)- କଂ କର୍ତ୍ତବ୍ୟ ବମ୍ଭୁଡ଼ା ଘୋଟିବା, ଭୀତ ହସ୍ତ ହେବା ।

ଅଣ୍ଡଧର-ସଂ. ବ. (ଅଣ୍ଡ ଧାତୁ + କର୍ତ୍ତୃ. ଅ)- ଶିବ, ମହାଦେବ ।

ଅଣ୍ଡପ୍ରସବନ- ସଂ.କ୍ରି-ଅଣ୍ଡାଦେବା, କୁକୁଡ଼ା ଓ ପକ୍ଷୀ ମାନେ ଅଣ୍ଡା ପ୍ରସବ କରିବା

ଅଣ୍ଡବଢିବା-ଦେ.ବ. (ସ. ଅଣ୍ଡ ବୃଦ୍ଧି)-ଅଣ୍ଡବୃଦ୍ଧି (ଦେଖନ୍ତୁ)

ଅଣ୍ଡ ବର୍ଦ୍ଧନ ସଂ.ବ. (ଷଷ୍ଠୀ, ତତ୍, ଅଣ୍ଡ + ବର୍ଦ୍ଧନ)- ଅଣ୍ଡବୃଦ୍ଧି (ଦେଖନ୍ତୁ) ।

ଅଣ୍ଡବୃଦ୍ଧି-ସଂ.ବ. (ଷଷ୍ଠୀ. ତତ୍.,)-କୋଷବୃଦ୍ଧି, କୃରୁଣ୍ଡ ରୋଗ ଏକଶିର ରୋଗ ।

ଅଣ୍ଡଭୂ-ସଂ.ବଶ.(ଅଣ୍ଡ + ଭୂଧାତୁ = ଜନ୍ମିବା + କର୍ତ୍ତୃ ଭ) ଅଣ୍ଡଜ (ଦେଖନ୍ତୁ)

ସଂ. ବ.-ପକ୍ଷୀ, ସର୍ପ, ମତ୍ସ୍ୟ, ବ୍ରହ୍ମା ।

ଅଣ୍ଡସ୍ଫୋଟନ-ସଂ.କ୍ରି-ପକ୍ଷୀମାନେ ଅଣ୍ଡା ଫୁଟେଇବା, ଅଣ୍ଡା ପାରିବା ।

ଅଣ୍ଡର-ବୈଦେ. ଅବ୍ୟୟପଦ (ଇଂ *under*) ତଳେ ତଳକୁ, ନମ୍ନରେ, ଅଧୀନରେ ପାଦ ଦେଶରେ, ଜଳାଭୂତ, କମ, ନ୍ୟୂନ, ଉତ୍ତର, ଉତ୍ତର ପାଶ୍ୱର୍ରେ, ଗୌଣଭାବ ହୋଇ । ବୈ.ଦେ. ବଣ. ବଣର. ବଣ.- ତଳକୁ, ତଳରେ, ନମ୍ନକୁ, ନମ୍ନରେ, ନମ୍ନସ୍ଥ, ଅଧୀନସ୍ଥ ଅଧସ୍ଥନ, ନିକୃଷ୍ଟ । ଉପପଦ-ଉପ, ଅନୁ, ତଳେ ଅଧସ୍ତନ ନ୍ୟୂନ ।

ଅଣ୍ଡର ଏଜ୍-ବୈଦେ.ବ (ଇଂ *under age*)- ନାବାଳକ, ୧୮ବର୍ଷର କମ ବୟସ୍କ, ୧୮ବର୍ଷର କମ୍ ବୟସର ବ୍ୟକ୍ତି, ଗୁରୁତ୍ୱ କରିବା ପାଇଁ ଅନୁପଯୁକ୍ତ ବୟସ୍କ ବ୍ୟକ୍ତି ।

ଅଣ୍ଡର ଏଷ୍ଟିମେଟ୍-ବୈଦେ. କ୍ରି.ବ. (ଇ. *under estimate*)-ନ୍ୟୂନକର ମୂଲ୍ୟ ନିର୍ଦ୍ଧାରଣ କରିବା ନ୍ୟୂନ ବିଚାରିବା, ହେୟ ଜ୍ଞାନକରିବା ବୈଦେ.ବ.- ନ୍ୟୂନ ଅଟକଳ, ନ୍ୟୂନ ପ୍ରାକ୍‌କଥନ, ନ୍ୟୂନ ମୂଲ୍ୟ ନିରୂପଣ ।

ଅଣ୍ଡର ଓୟାର-ବୈଦେ.ବ.(ଇଂ. *under wear*)- ଅନ୍ତର୍ବାସ ଅଧଃ ପରିଚ୍ଛଦ, ଅଧୋବାସ ।

ଅଣ୍ଡର କନ୍‌ସିଡ଼ରେସନ୍-ବୈଦେ. (ଇଂ *under Consideration*)-ବିଚାରାଧୀନ, ବିଚାର ପାଇଁ ରହିଥିବା ଘଟଣା ବା ନ୍ୟାସ୍ୟ ।

ଅଣ୍ଡର କରେଣ୍ଟ-ବୈଦେ.ବ. (ଇଂ. *under Cur-*

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

rent)-ଅନ୍ତଃସ୍ରୋତ ଅନ୍ତଃପ୍ରବାହ, (ଲକ୍ଷଣାର୍ଥରେ) ଅନ୍ତଃଦାସ୍ତ୍ୱବଧାତ୍ୱ, ପ୍ରଚ୍ଛନ୍ନଭ୍ୱବ ।

ଅଣ୍ଡର ଗ୍ରାଉଣ୍ଡ-ବୈ.ଦେ.ବ. ଓ ବଣ. (ଇଂ. *under ground*)-ଭୂଗର୍ଭରେ, ଭୂଇଁତଳେ, ଗୁପ୍ତଭ୍ୱବରେ, ଲୁଚଛପିକରି । ବୈ.ଦେ. ବଶ.-ଭୂଗର୍ଭସ୍ଥ ମାଟି ଭିତରର, ଭୂନମ୍ନ, ପ୍ରଚ୍ଛନ୍ନ, ଗୁପ୍ତ, ଗୂଢ଼, ଭିତର । ବୈ.ଦେ. ବ.-ଭୂନମ୍ନସ୍ଥ ରେଲଘ୍ରା ।

ଅଣ୍ଡର ଗ୍ରାଜୁଏଟ୍-ବୈ.ଦେ ବ (ଇଂ. *under graduate*)-ଉପସ୍ନାତକ ଉପାଧି (ଡିଗ୍ରୀ) ପାଇ ନଥିବା ବଶ୍ୱବଦ୍ୟାଳସ୍ଥ ଛାତ୍ର ।

ଅଣ୍ଡର ଟେକିଙ୍ଗ୍-ବୈଦେ. ବ. (ଇଂ. *under taking*)-କାର୍ଯ୍ୟ, ସାଦ୍ଧସ କାମ, ନବ ଉଦ୍ୟମ, ବୃତ୍ତି ମୂଳକ କାରବାର, ପ୍ରତଶ୍ରୁତି ନର୍ଭର ଜବାବ, ଅଙ୍ଗୀକାର ।

ଅଣ୍ଡର ମାଟ୍ରିକ୍-ବୈଦେ ବ. (ଇଂ *under matric*)-ମାଟ୍ରିକ୍ ବା ଛଇ ମାଧମିକ ପସ୍ନାକ୍ଷାରେ କୃତକାର୍ଯ୍ୟ ହୋଇ ନଥିବା ଛାତ୍ର ।

ଅଣ୍ଡର ସାର୍ଟିଫିକେର୍ଟ ପୋଷ୍ଟିଙ୍ଗ୍-ବୈଦେ କ୍ର. (ଇଂ *under Certificate of posting*)-ପ୍ରେରିତ ପ୍ରମାଣ ପତ୍ର । ଡାକରେ ଚିଠି ପଠାଇବାର ପ୍ରମାଣ ପତ୍ର ।

ଅଣ୍ଡର ସେକ୍ରେଟରୀ-ବୈଦେ.ବ (ଇଂ *uuder Secretary*)-(ସରକାସ୍ନ କାର୍ଯ୍ୟଳସ୍ଥରେ)-ଅନୁକର୍ମ ସଚିବ, ଉପକାସ୍ନ କର୍ମ ସଚିବ, ମନ୍ତ୍ରାସଭ୍ଭର ଅନୁକର୍ମ ସଚିବ ।

ଅଣ୍ଡରା ପ୍ରାଦେ. (ସମ୍ବଲପୁର) ବ. ଓ ବଣ.-ଅଣ୍ଡା (ଡେଟନ୍ସ)

ଅଣ୍ଡଳା ଅଣ୍ଡଳ-ଦେ.ବ.-ଅନ୍ଧାରରେ କୌଣସି ବସ୍ତୁକୁ ଛନ୍ଦି ଛନ୍ଦି କରି ବହୁକାଳ ଦ୍ୱାଳଦ୍ୱାସ୍ନ ଅଣ୍ଡାଳିବା ବା ଉତ୍ତର୍ଣ୍ଣିବା, ଉରଣ୍ଡା ଉରର୍ଣ୍ଣି ।

ଅଣ୍ଡ ସଣ୍ଡ-ଗ୍ରା. ବଣ. (ସଂ. ଭଣ୍ଡ)-ଭଣ୍ଡସଣ୍ଡ, ଧଣ୍ଡସଣ୍ଡ, ଅଶ୍ଳୀଳ (ଭ୍ୱଷା) । ଗ୍ରା.ବ.-ଅଶ୍ଳୀଳ (ଭ୍ୱଷା) ।

ଅଣ୍ଡ ସେଟ୍ସିଗ୍ରିକ୍-ବୈଦେ. ବ. (ନାମ)-ନରୱେର ଜନୈକା ଔପନ୍ୟାସିକା । ସେ ୧୮୮୨ ଖ୍ରୀଷ୍ଟାବ୍ଦରେ ଜନ୍ମଗ୍ରହଣ କରି ୧୯୪୯ ଖ୍ରୀଷ୍ଟାବ୍ଦରେ ଇହଧାମ ତ୍ୟାଗ କରିଥିଲେ । ପିତାଙ୍କ ନାମ ନରୱେ୍ଜ କ୍ରାନ୍ ଓ ମାତାଙ୍କ ନାମ ଡାନିଶ୍ । ସେ ୧୯୨୮ ଖ୍ରୀଷ୍ଟାବ୍ଦରେ ତାଙ୍କର ଶ୍ରେଷ୍ଠ ପୁସ୍ତକ କାଇଷ୍ଟିନ୍ ଲଭ୍ରାଁ ପାଇଁ ନୋବେଲ ପୁରସ୍କାର ପାଇଥିଲେ ।

ଅଣ୍ଡା-ଦେ.ବ. (ସଂ. ଅଣ୍ଡ, ଆ. ଅଣ୍ଡା)-ଅଣ୍ଡ (ଦେଖନ୍ତୁ) ପକ୍ଷିଶାବକ ବା ଛୁଆ, ଶାବକ, ଛୁଆ ଶିଶୁ ।

ସୃଷ୍ଟିକର୍ତ୍ତାଙ୍କର ବଚିତ ସୃଷ୍ଟିରେ ପ୍ରତ୍ୟେକ ଜୀବର ସୃଷ୍ଟି ଅଣ୍ଡାରୁ । ବନା ଅଣ୍ଡାରେ କୌଣସି ଜୀବ ସୃଷ୍ଟି ହେବା ଆଦୌ ସମ୍ଭବନୁହେଁ । ଅଣ୍ଡା କଡ଼ଲେ ଆମେ ସାଧାରଣ ଭ୍ୱବେ କୁକୁଡ଼ା ଡିମକୁ ହିଁ ବୁଝୁଁ । ଏହ କୁକୁଡ଼ା ଡିମ ମାଇ କୁକୁଡ଼ା ଦେଇଥାଏ । ଅଣ୍ଡିସ୍ନ କୁକୁଡ଼ା ବା ଗଞ୍ଜା ପକ୍ଷେ ଏହା ସମ୍ଭବ ହୋଇ ନଥାଏ । ତା' ହେଲେ ଏଠାରେ ବଚାର କରିବାକୁ ପଡ଼ିବ ମାଇ କୁକୁଡ଼ା ପେଟରେ ଅଣ୍ଡା କିପରି ଭ୍ୱବରେ ସୃଷ୍ଟି ହେଲ ? ମାଇ କୁକୁଡ଼ା ପେଟରେ 'ଡିମ୍ବକୋଷ' ରହିଛି । ଏହ ଡିମ୍ବକୋଷ ମଧ୍ୟରୁ ଗୋଟିଏ ଅତ କ୍ଷୁଦ୍ର ଡିମ୍ବ ବା ଅଣ୍ଡା ବାହାରି, ଛାଡ଼ା ମାଇ କୁକୁଡ଼ାର ପେଟ ଭିତରେ ଚଢ଼ିବାକୁ ଲାଗେ ଜମେ ଜମେ ବଡ ହୋଇ ଖୋଳପା ବାନ୍ଧିବା ପରେ ସେ ଅଣ୍ଡା ତା'ର ମଳଦ୍ୱାରରୁ ବାହାରକୁ ବାହାରି ଆସେ, ସେତେବେଳେ ଆମେ କହୁ କୁକୁଡ଼ା ଅଣ୍ଡା ଦେଲ, ସେଭ୍ରପର ମଣିଷ କଥା ବଚାର କଲେ ଜଣାଯାଏ, ସ୍ତ୍ରୀ ମାନଙ୍କ ଗର୍ଭ ମଧ୍ୟରେ ଦୁଇଟି ଡିମ୍ବକୋଷ ରହିଛି । ସାଧାରଣ ଇଂରାଜୀରେ କହିବାସାଏ ଓଭାସ୍ନ । ଏହି ଡିମ୍ବକୋଷ ମଧ୍ୟରୁ ପ୍ରଥମେ ଏକ ଇଞ୍ଚର ୧୭ ଭାଗର ଏକଭାଗ ପରମାଣ ଲମ୍ବର ଏକ ଅଣ୍ଡା ସୃଷ୍ଟି ହୋଇ ଧୀରେ ଧୀରେ ଆସି ସ୍ତ୍ରୀ ମାନଙ୍କର ଜରାୟୁ କାନ୍ଥକୁ ଲଗି ରହେ । ଜରାୟୁରେ ଥାକା ରକ୍ତ ମାଂସ ରକ୍ତସୋତରୁ ଖାଦ୍ୟ ସଂଗ୍ରହ କରି ଦଶମ ପ ଦଶଦିନ ପର୍ଯ୍ୟନ୍ତ ଜମଣ ବାଢ଼ି ବଢ଼ିବାକୁ ଲାଗେ ! ପ୍ରାସ୍ନ ୨୮୦ ଦିନ ବେଳକୁ ଗୋଟିଏ ପଣ୍ଡିତଙ୍କ ଶିଶୁରେ ପରିଣତ ହୋଇ ମା' ଗର୍ଭରୁ ବାହାରକୁ ବାହାର ଆସେ ।

କେବଳ ସ୍ତ୍ରୀ ଜାତସ୍ନ ଜୀବ ସେମାନଙ୍କର ସ୍ୱଚ୍ଛତାରେ ଏବଂ ଅଣ୍ଡିସ୍ନ ଜୀବର ବନା ସମ୍ଭୋଗରେ ଅଣ୍ଡା କମ୍ଭା ସନ୍ତାନ ସୃଷ୍ଟି କରି ପାରବେ ନାହିଁ । ଏଥପାଇଁ ଅଣ୍ଡିସ୍ନ ଏବଂ ମାଇ ଜୀବର ପରସ୍ପର ସମ୍ଭୋଗ ଏକାନ୍ତ

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri



୧-ମାଛ ୨-ମାଛ (Lace wing fly) ୩-କାଚ ମାଛ ୪-ଧଳା ପ୍ରଜାପତ ୫-ମ୍ୟାଲେରିଆ ମଶା ୬-କୁମ୍ଭୀର ୭ ସମୁଦ୍ର ଗେଣ୍ଡା ୮-କାଠି ପୋକ ୯-କପା ମଥ ୧୦-ଛାର ପୋକ ୧୧-ମାଛି (Alder fly) ୧୨-ପତ୍ରକଟା ମହୁମାଛି ୧୩-ସାଧାରଣ ମାଛି ୧୪-ମୁଣ୍ଡ ଉକୁଣି ୧୫-ସାମୁଦ୍ରିକ ପକ୍ଷୀ ୧୬-ସାମୁଦ୍ରିକ ଜୀବ ୧୭-ଷ୍ଟେଟ ମାଛ

ଆବଶ୍ୟକ । ଦୁଇଙ୍କର ପରସ୍ପର ସହଯୋଗର ଅଭାବରେ କଦାପି ନୂଚନ ଜୀବର ସୃଷ୍ଟି ହେବ ନାହିଁ । ଅବଶ୍ୟ ଏହା ଏକଲୋଖୀ ଜୀବଙ୍କ ପ୍ରତି ପ୍ରଯୁଯ୍ୟ ନୁହେଁ ।

ମଣିଷ କଥା ବଦ୍ଧର କଲେ ଜଣାଯାଏ, ମଣିଷ ପ୍ରଥମେ ଅତ୍ୟକ୍ଷୁଦ୍ର ଅଣ୍ଡାଭଳି ମା' ପେଟରେ ରହିଥାଏ । ଏହି କ୍ଷୁଦ୍ର ଅଣ୍ଡା ମାଆର ଡିମ୍ବକୋଷରୁ ବାହାର ଆସି ଗୋଟିଏ ନଳୀପଥ ମଧ୍ୟ ଦେଇ ଜରାୟୁ ଆଡକୁ ଅତି ଧୀରେ ଧୀରେ ଗତି କରେ । ଏହି ସମୟରେ ପରୁଷ ସହିତ ସ୍ତ୍ରୀର ସଙ୍ଗମ ହେଲେ ପୁରୁଷ ଶୁକ୍ରରେ ଥିବା କୋଟି କୋଟି ଶୁକ୍ରାଣୁ ସ୍ତ୍ରୀର ଜରାୟୁ ବାଟେ ଧାଇଁ ଯାଆନ୍ତି ମାଆ ପେଟରୁ ଆସୁଥିବା 'ଅଣ୍ଡା' ଆଡକୁ । ଜରାୟୁ ଓ ଡିମ୍ବକୋଷକୁ ଯୋଗ କରୁଥିବା ନଳୀଭିତରେ ଶୁକ୍ରାଣୁ ଓ ଅଣ୍ଡାର ମିଳନ ହୁଏ । ଶୁକ୍ରାଣୁ ଓ ଅଣ୍ଡାର ମିଳନ ମୁହୂର୍ତ୍ତରେହିଁ ମଣିଷର ଜନ୍ମ । ଏହା ପରେ 'ଅଣ୍ଡା' ଟା'ର ପ୍ରଂ କଲ୍ପିତ ଗତିପଥରେ ଅଗ୍ରସର ହୋଇ ଜରାୟୁ କାନ୍ଥରେ ଆଶ୍ରୟ ନଏ ।

ମାଆ ପେଟରେ ଥିଲାଟି ରହିଲେ ସେ ଗର୍ଭବତୀ ହେଲା ବୋଲି ଆମେ କହୁଁ, ମା'ର ଜରାୟୁ ଭିତରେ ଥିଲାଟି ବଢିବାକୁ ଲାଗେ । ସେଇ ଅବସ୍ଥାରେ ମା'ର ଶରୀର ଭିତରେ ଥାଇ ସେ ମା'ଠାରୁ ନଜର ଖାଦ୍ୟ ପାଇଥାଏ । ଥିଲାଟି ଗୋଟିଏ ସ୍ୱତନ୍ତ୍ର ନଳୀ ବା ନାଡ଼ଦ୍ୱାରା ମାଆ ସହିତ ଯୋଡ଼ ହୋଇ ରହିଥାଏ । ଏହି ନାଡ଼ ବାଟେ ସେ ଟା'ର ମା'ଠାରୁ ଖାଦ୍ୟ ପାଏ । ଏହାକୁ ଗର୍ଭନାଡ ବା ଫୁଲ ବୋଲି କହନ୍ତି । ଏହି ଗର୍ଭନାଡ଼ ବା ଫୁଲ ଯେତେବେଳେ ଶୁକ୍ରାଣୁ ଓ ଅଣ୍ଡାର ମିଳନ ହୋଇ ଆସ୍ତେ ଆସ୍ତେ ଆସି ଜରାୟୁ କାନ୍ଥରେ ଲଗିରହିଥାଏ, ସେତିକ ବେଳେ ଏହା ଦେହରେ ଗ୍ଭବଁ ଗ୍ଭବଁ ଲଗିଯାଇଥାଏ । ମା' ରକ୍ତରୁ ଏହି ଗର୍ଭନାଡ଼ ଦ୍ୱାରା ଥିଲାଟି ଖାଦ୍ୟପାଇ କ୍ରମଶଃ ବଢିବାକୁ ଲାଗେ । ଥିଲାଟି ପ୍ରାୟ ୬୮୦ଦିନ ପର୍ଯ୍ୟନ୍ତ ମାଆ ଗର୍ଭରେ ରହିଥାଏ । ମାଆ ଗର୍ଭରେ ଥିଲାଟି ରହିବା ମଧ୍ୟରେ ତା'ର ଆଖି, ପାଟି, କାନ, ହାତ ଓ ଗୋଡ଼ ଇତ୍ୟାଦି ସୃଷ୍ଟି ହେବା ପରେ ଗୋଟିଏ ପୂର୍ଣ୍ଣାଙ୍ଗ ପ୍ରାପ୍ତ ସନ୍ତାନରେ ପରିଣତ ହୋଇ ଜନ୍ମ ହୁଏ । ସନ୍ତାନଟି ମାଆ ଦେହରୁ ଯୋନି ପଥ ଦେଇ ବାହାରକୁ ବାହାର ଆସେ । ଜନ୍ମ

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

ହୋଇ ବାହାରକୁ ଆସିଲ ପରେ ବ ଗର୍ଭନାଡଟି ମା' ଦେହରେ ସେହ୍ନପର ଲଗିଥାଏ । ଡାକ୍ତର ସେ ନାଡଟିକୁ କାଟିଦିଅନ୍ତି । କଟା ଯାଗାଟି ଶୀଘ୍ର ଶୁଖିଯାଏ । କନ୍ତୁ ସନ୍ତାନ ଦେହରେ ସେହ୍ନଠାରେ ଗୋଟିଏ ଚହ୍ନ ରହିଯାଏ, ଏହି ଚହ୍ନଟିକୁ ନାଭି ବା ନାହି କହନ୍ତି ।

ମଣିଷ କ୍ଷେତ୍ରରେ ଯେପର ଗ୍ଭବେ 'ଅଣ୍ଡା'ରୁ ସନ୍ତାନର ସୃଷ୍ଟି । କୁକୁଡା କ୍ଷେତ୍ରରେ ମଧ୍ୟ ସେହ୍ନପର 'ଅଣ୍ଡା'ରୁ କୁକୁଡ଼ା ଛୁଆର ସୃଷ୍ଟି ହୋଇଥାଏ । ମାଇ କୁକୁଡାର ଅଣ୍ଡା ଛା' ଶଗ୍ତର ଭିତରେ ରହିଥାଏ । ଅଣ୍ଡାକୁ ଫଳବନ୍ତା କରିବା ପାଇଁ ଶଗ୍ତର ଭିତରେ ଯେଉଁଠାରେ ଅଣ୍ଡା ଥାଏ, ସେହ୍ନ ଯାଗାକୁ ଅଣ୍ଡିର କୁକୁଡ଼ାର ଶୁକ୍ରାଣୁ ଥିବା ଦରକାର । ଶୁକ୍ରାଣୁଟି ମାଇ କୁକୁଡ଼ାର ଶଗ୍ତର ଭିତରେ 'ଅଣ୍ଡା' ସହ୍ନିତ ମିଳିତ ହେଲେ ଅଣ୍ଡାଟି ନଷିକ୍ତ ହେବା ସମ୍ଭବ । ତେଣୁ ଅଣ୍ଡିର କୁକୁଡା ବା ଗଞ୍ଜା ଛା'ର ଶୁକ୍ରାଣୁକୁ ମାଇ କୁକୁଡ଼ାର ଶଗ୍ତର ଭିତରକୁ ଟାଣିଦିଏ । ଏହି ପ୍ରକ୍ରିୟାକୁ ସଙ୍ଗମ କହନ୍ତି ।

ଗଞ୍ଜାର ଲଞ୍ଜ ତଳେ ଗୋଟିଏ ଛିଦ୍ର ଅଛି । ଏହି ବାଟ ଦେଇ ଶୁକ୍ରାଣୁ ଛା'ର ଶଗ୍ତରରୁ ବାହାର ପାରେ । ସେହ୍ନପର ମାଇ କୁକୁଡ଼ାର ଲଞ୍ଜତଳେ ମଧ୍ୟ ଛିଦ୍ରଟିଏ ଅଛି । ମାଇ କୁକୁଡ଼ର ଏହି ଛିଦ୍ରଟି ଛା'ର ଶଗ୍ତରରେ ଅଣ୍ଡାଥିବା ଯାଗା ପର୍ଯ୍ୟନ୍ତ ଲମ୍ବି



(ଡିମ୍ବାଣୁର ନଷେକ)

ରହିଥାଏ ମାଇ କୁକୁଡ଼ାର ଶରୀର ଭିତରକୁ ଶୁକ୍ରାଣୁକୁ ଗ୍ଭଡିବା ପାଇଁ ଗଞ୍ଜାଟି ମାଇ କୁରୁଡ଼ାର ପିଠି ଉପରକୁ ପ୍ରଥମେ ଚଢେ । ଛା'ପରେ ସେ ନଜର ଛିଦ୍ରଟିକୁ ମୁରଗୀର ଛିଦ୍ର ଉପରେ ଲଗାଇ ରଖେ ଏବଂ ଶୁକ୍ରାଣୁକୁ ଛା' ଭିତରକୁ ଗ୍ଭଡ଼ିଦିଏ । ମାଇ କୁକୁଡ଼ାର ସେ ଛିଦ୍ର ମଧ୍ୟ ଦେଇ ଶୁକ୍ରାଣୁ ସବୁ ପହଁଚି ପହଁଚି ଅଣ୍ଡା ବା ଡିମ୍ବାଣୁ ନଜକଟକୁ ଗ୍ଭଲଯାଏ । ଅଣ୍ଡା ସହ୍ନିତ ଶୁକ୍ରାଣୁର ମିଳିତ ହେବାପରେ ଅଣ୍ଡା ନଷିକ୍ତ ହୁଏ । ମାଇ କୁକୁଡ଼ାର ଦେହ ଭିତରେ ଥିବାବେଳେ ଅଣ୍ଡାରେ ଖୋଲପା ନଥାଏ । ପ୍ରତ୍ୟେକଟି ଅଣ୍ଡା ଗୋଟିଏ ମାତ୍ର ଶୁକ୍ରାଣୁ ଦ୍ୱାରା ଫଳବନ୍ତା ହୁଏ । ନଷିକ୍ତ ହେବା ପରେ ଅଣ୍ଡାଟି ନଜ୍ଞପଦରେ ରହିବା ପାଇଁ ଗୋଟିଏ କଠିନ ଖୋଲପା ଅଣ୍ଡାର ଗୃହ-ପଟେ ତିଆରି ହୋଇଯାଏ । ଏହି ଖୋଲପାଟି ଟାଣ ହୋଇଯିବା ପରେ ମାଇ କୁକୁଡ଼ା ଦେହରେ ଯେଉଁ ବାଟେ ଶୁକ୍ରାଣୁ ପ୍ରବେଶ କରିଥିଲା, ସେହି ବାଟ ଦେଇ ଅଣ୍ଡାଟି ବାହାରକୁ ବାହାର ଆସେ ।

ମଣିଷ ଛୁଆ ମା' ଗର୍ଭରେ ଥିବାବେଳେ ସେ ମା' ରକ୍ତରୁ ଖାଦ୍ୟ ଖାଇ ବଢ଼ି ରହିଥାଏ, କନ୍ତୁ କୁକୁଡ଼ା କ୍ଷେତ୍ରରେ ସେପର ହୁଏ ନାହିଁ । କାରଣ କୁକୁଡ଼ା ଛୁଆର ସୃଷ୍ଟି ମା' ପେଟ ଭିତରେ ନ ହୋଇ, ହୋଇଥାଏ ପଦାରେ । ଆମେ ଯେଉଁ କୁକୁଡ଼ା ଅଣ୍ଡା ଦେଖୁ, ସେଥିରେ ଛୁଆ ବା ଚଆଁ ବଢିବା ପାଇଁ ଯଥେଷ୍ଟ ଖାଦ୍ୟ ଥାଏ । ଅଣ୍ଡାଟିଏ ଭାଙ୍ଗିଦେଲେ, ସେଥିରେ ଗୋଟିଏ ଗୋଲକାର ହଳଦିଆ ଅଂଶ ଦେଖାଯାଏ । ଏହି ହଳଦିଆ ଅଂଶକୁ ଅଣ୍ଡାର କେଶର କୁହାଯାଏ । କେଶରକୁ ବେଡ ମେଞ୍ଚାଏ ରଙ୍ଗୀନ ଅଠାଳିଆ ଜନପ ଥାଏ, ଏହି ରଙ୍ଗୀନ ଅଂଶକୁ ଆଲବୁମେନ କହନ୍ତି । ଅଣ୍ଡାକୁ ସିଝାଇଲେ ଆଲବୁମେନ ଧଳା ପାଲଟି ଯାଏ । ବେଳେ ବେଳେ କେଶର ଉପରେ ଗୋଟିଏ ଟ୍ରେଟ ଚହ୍ନ ମଧ୍ୟ ଦେଖାଯାଏ । ଏହି ଚହ୍ନଟି ହିଁ ଅଣ୍ଡାର ଫଳବନ୍ତା ଅଂଶ । ପ୍ରକ୍ତୁତରେ ଅଣ୍ଡାର ଏହି ଅଂଶରୁ କୁକୁଡ଼ା ଛୁଆ ବା ଚଆଁର ବୃଦ୍ଧି ଘଟେ । କେଶର ଓ ଆଲବୁମେନକୁ ସେ ନଜର ଖାଦ୍ୟ ରୂପେ ବ୍ୟବହାର କରେ ।

ମାଇ କୁକୁଡା ଛା'ର ଅଣ୍ଡା ଉପରେ ବସେ ଏବଂ ସେଗୁଡିକୁ ଉଷୁମାଏ । ପ୍ରାୟ ଦଶ ସପ୍ତାହ ଧରି ସେ ସେଗୁଡିକୁ ସେହ୍ନଭଳି ଉଷୁମାଏ, ଉତ୍ତୀର୍ଣ୍ଣ ସପ୍ତାହପରେ ଛୁଆଟି ଅଣ୍ଡାରୁ ବାହାର

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

ଅଣ୍ଡା



(ଅଣ୍ଡାରୁ କୁକୁଡ଼ା ଛଣା ବାହାର ବଢ଼ିବାକୁ ଲଗେ)

ବଢ଼ିବା ପାଇଁ ଟେର ବନ୍ଦ ହୋଇଯାଇଥାଏ । ତେଣୁ ସେ ଅଣ୍ଡାର ଖୋଲପାଟି ଖୁଙ୍ଗି ବାହାରକୁ ଚାଲିଆସେ । ଏହାକୁ ଅଣ୍ଡା ଫୁଟିବା କହାଯାଏ ।

ମଣିଷ ଏବଂ କୁକୁଡାଠାରୁ 'ଅଣ୍ଡା' ସୃଷ୍ଟି ହେବା ପଦ୍ଧତିରେ ଏକ ବ୍ୟତିକ୍ରମ ଦେଖାଯାଏ । ସ୍ତ୍ରୀ ଏବଂ ପୁରୁଷର ସଂଗମ ବିନା ସ୍ତ୍ରୀ ଅଣ୍ଡାଟି 'ଜୀବନଯୁକ୍ତ' ହୋଇନଥିବା ବେଳେ ମାଇ କୁକୁଡା ଏବଂ ଅଣ୍ଡିରା କୁକୁଡାର ସଙ୍ଗମ ବିନା ମାଇ କୁକୁଡାର ଅଣ୍ଡାଟି 'ଜୀବନଯୁକ୍ତ' ହୋଇ ପାରୁଛୁ । ମଣିଷ କ୍ଷେତ୍ରରେ ବିଲ୍କୁଲ ଜଳେ ଦେଖାଯାଏ- ସ୍ତ୍ରୀ ମାନଙ୍କର ଡିମ୍ବକୋଷରୁ ପ୍ରତିମାସରେ ନଷ୍ଟସ୍ୱ ଅଣ୍ଡା ବାହାରେ । ମାସକରେ ଥରେ ଯେତେବେଳେ ସ୍ତ୍ରୀ ମାନଙ୍କର ଋତୁସ୍ରାବ ହୁଏ, ସେତେବେଳେ ଆମେ ଜାଣୁ, ସ୍ତ୍ରୀର ଡିମ୍ବକୋଷରୁ ଅଣ୍ଡା ବାହାରିବା କାର୍ଯ୍ୟ ଆରମ୍ଭ ହୁଏ । ତା'ର ଯଦି ପୁରୁଷ ସହିତ ସଙ୍ଗମ ହେଲ ଓ ପୁରୁଷର ଶୁକ୍ରାଣୁ ଯାଇ ସେହି ଅଣ୍ଡା ସହିତ ମିଳିତ ହେଲ, ତାହା- ହେଲେ ସେଇଠି ଜୀବ ବା ସନ୍ତାନର ସୃଷ୍ଟି ହେଲ । ଯଦି କୌଣସି କାରଣରୁ ଅଣ୍ଡା ସହିତ ଶୁକ୍ରାଣୁର ମିଳନ ହୋଇ ପାରିଲ ନାହିଁ, ତେବେ ସେ ଅଣ୍ଡାଟି 'ଜୀବନଯୁକ୍ତ' ହୋଇ ନପାର, ସେହି ଅବସ୍ଥାରେ ଜରାୟୁ ମଧ୍ୟରେ ପ୍ରବେଶ କରି ମଇଳି ଯାଉଛୁ । ତେଣୁ ସେ କ୍ଷୁଦ୍ର ଅଣ୍ଡାଟି ମଇଳିଥିବା ଅବସ୍ଥାରେ ସ୍ତ୍ରୀର ଋତୁସ୍ରାବ ବେଳେ ରକ୍ତସାଙ୍ଗରେ ପଦାକୁ ବାହାର ଆସୁଛୁ । ଶୁକ୍ରାଣୁର ଅଣ୍ଡା ସହିତ ମିଳନ ହୋଇ- ଥା'ନ୍ତା, ତେବେ ସ୍ତ୍ରୀ ଗର୍ଭ ଧାରଣ କରିବାକୁ ସକ୍ଷମ ହୋଇ ଥାଆନ୍ତା, ଅର୍ଥାତ୍ ଅଣ୍ଡାଟି ବାହାରକୁ ବାହାର ନ ଆସି ଗର୍ଭ ମଧ୍ୟରେ ରହି- ଥାଆନ୍ତା ଏବଂ ସ୍ତ୍ରୀର 'ଋତୁ' ବନ୍ଦ ହୋଇଥାଆନ୍ତା ।

କିନ୍ତୁ କୁକୁଡ଼ାର ତାହା ହୋଇନଥାଏ । ମାଇ କୁକୁଡାର ଡିମ୍ବକୋଷରୁ 'ନିଷ୍ଫ ଅଣ୍ଡା'ଟି ବାହାରିଲା ପରେ ଯେଉଁସବୁ ପ୍ରକ୍ରିୟା ହେବାର କଥା, ସବୁ ଗୁଡିକ



(ବଡ଼ ସାନ କ୍ରମରେ-ହସ୍ତୀପକ୍ଷୀ, ମୋଆ, ଓଟପକ୍ଷୀ ଓ କୁକୁଡ଼ାର ଅଣ୍ଡା)

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

ହୋଇଥାଏ । ମାଈ କୁକୁଡ଼ା ର ଅଣ୍ଡିଘ କୁକୁଡ଼ା ସହିତ ଆଦୌ ଯୋଡ଼ ନ ହେଲେ ମଧ୍ୟ, ତା' ଦେହଭିତରେ ଖୋଳ ସମେତ ପୂର୍ଣ୍ଣ ଅଣ୍ଡାଟି ତିଆର ହୋଇଯାଏ ଓ ବାହାରକୁ ବାହାର ଆସେ । ମାତ୍ର ତଫାତ୍ ଏଇଆ- ଯେଉଁ ଅଣ୍ଡାଟି ଅଣ୍ଡିଘ କୁକୁଡ଼ାର ଶୁକ୍ରାଣୁ ସହିତ ମିଳିତ ହୋଇ ସୃଷ୍ଟି ହେଲା, ସେ ଅଣ୍ଡାରୁ ଛୁଆ ହୁଏ । ଯେଉଁ ଅଣ୍ଡାଟି ଅଣ୍ଡିଘ କୁକୁଡ଼ାର ଶୁକ୍ରାଣୁ ବିନା ସୃଷ୍ଟି ହେଲା, ସେଥିରୁ ଛୁଆ ହୁଏନାହିଁ । ଏ ପ୍ରକାର ଅଣ୍ଡାକୁ ଆମେ 'ବାଉଁଆ' ଅଣ୍ଡା ବୋଲି କହିଥାଉ । ଯାହାକୁ କି ଇଂରାଜୀରେ କୁହାଯାଏ, ଅନ୍ ଫର୍ଟିଲାଇଜଡ୍ ଏଗ୍ ।

କେବଳ ପ୍ଲାଟିପାସ ନାମକ ଏକ ପ୍ରାଚୀନ ସ୍ତନପାୟୀ ପ୍ରାଣୀ ଛୁଆ ଜନ୍ମ ନକରି ଅଣ୍ଡା ପ୍ରସବ କରେ । ମାତ୍ର ପକ୍ଷୀ, ସାପଛତୁଆ, ସରୀସୃପ ପ୍ରଭୃତି ଅନ୍ୟ ଜୀବମାନେ ଅଣ୍ଡା ଦେଇଥାନ୍ତି । ପଶୁପକ୍ଷୀମାନେ ମାଟିରେ କୃତ୍ତ ଗର୍ତ୍ତରେ, ଗଛର କୋରଡ଼ରେ, ଝାଡ଼ରେ ଅଥବା ନିଜନ

(ମଗର ଅଣ୍ଡା)

ସ୍ଥାନମାନଙ୍କରେ ଅଣ୍ଡା ପାରନ୍ତି ବା ସନ୍ତାନ ପ୍ରସବ କରନ୍ତି । ମାଛ, ବେଙ୍ଗ ଓ ସାପ ପ୍ରଭୃତି ପାଣିରେ ଅଣ୍ଡା ଛଡ଼ନ୍ତି । ଏକପ୍ରକାର ବୁଢିଆଣୀ ନିଜର ପେଟତଳେ ଅଣ୍ଡା ବୋହି ବୁଲୁଥିବାର ଦେଖାଯାଏ । ଅଣ୍ଡାରୁ ଛୁଆ ଫୁଟାଇବା ପାଇଁ ଅଧିକାଂଶ କ୍ଷେତ୍ରରେ ମା'କୁ ବିଶେଷ ଯତ୍ନ ନେବାକୁ ପଡ଼ିଥାଏ । ହଂସ, କୁକୁଡ଼ା ପ୍ରଭୃତି ଅଧିକାଂଶ ପ୍ରାଣୀଙ୍କର ମା' ଅଣ୍ଡା ଉପରେ ବସି ଏହାକୁ ଉତ୍ତପ୍ତ ମାତ୍ର, ମାତ୍ର କୁମ୍ଭୀର ନିଜ ଅଣ୍ଡାକୁ ସୂର୍ଯ୍ୟକିରଣ ଦ୍ୱାରା ଉତ୍ତପ୍ତ ହୋଇ ଫାଟିଯିବା ପାଇଁ ବାଲିରେ ପୋତି ଦେଇଥାଏ । ବୁଢିଆଣୀ ନିଜ ଅଣ୍ଡାର ଚାରପାଖରେ ଏକପ୍ରକାର ଜାଲ ତିଆର କରିଥାଏ । ଏହିପରି ଭାବରେ ଅଧିକାଂଶ କ୍ଷେତ୍ରରେ ଅଣ୍ଡାରୁ ଛୁଆ ନ ବାହାରିବା ପର୍ଯ୍ୟନ୍ତ ମା' ସେଗୁଡ଼ିକୁ ଯତ୍ନ ସହକାରେ ରକ୍ଷା କରିଥାଏ ।

ମଣିଷର ପ୍ରିୟ ଖାଦ୍ୟ ଅଣ୍ଡା । ଏହା ମଣିଷର 'ଦେହ-ତିଆରି' ଓ 'ଶକ୍ତିଦାୟକ' ଖାଦ୍ୟରୂପେ ପରିଚିତ । ଏଥିରୁ ପ୍ରୋଟିନ୍, ଭିଟାମିନ ବା ଖଣିଜ ଲବଣ ଇତ୍ୟାଦି ଉପାଦାନ ମିଳିଥାଏ । ଅଣ୍ଡାର ଗଠନ ଦୃଷ୍ଟିରୁ ବିଚାର କଲେ ସବୁ ଅଣ୍ଡା ଏକ ପ୍ରଣାଳୀରେ ଓ ପ୍ରାୟ ଏକପ୍ରକାର ଉପାଦାନରେ ଗଢ଼ା । ତେଣୁ ଅଧିକାଂଶ ଜୀବଙ୍କର ଅଣ୍ଡା ଖାଇବାରେ ଆପତ୍ତି ନାହିଁ, ମାତ୍ର ଆମ ଖାଇବାର ରୁଚି



(ଅସରପା ଅଣ୍ଡା)

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

ଉପରେ ନର୍ଭରକରେ । ଯେଉଁ ପ୍ରକାର ଅଣ୍ଡା ସବୁରହୁଛି, ସେମାନଙ୍କ ମଧ୍ୟରୁ କୁକୁଡ଼ା ଏବଂ ବତକ ଅଣ୍ଡା ଆମେ ଖାଇବାକୁ ଭଲପାଉ । କନ୍ତୁ ବତକ ଅଣ୍ଡାଅପେକ୍ଷା କୁକୁଡ଼ା ଅଣ୍ଡାକୁ ହଜମ କରିବା ଅଧିକ ସହଜ ହୋଇଥାଏ, ଆମେ କୁକୁଡ଼ା ଅଣ୍ଡା ଖାଉ । ବତକ ଓ କୁକୁଡ଼ା ଅଣ୍ଡା ଭିତରେ ସ୍ୱାଦ ଦୃଷ୍ଟିରୁ କୁକୁଡ଼ା ଅଣ୍ଡା ଉତ୍କୃଷ୍ଟ । ବଙ୍ଗେପଙ୍ଗ ମାନଙ୍କ ମତରେ ପ୍ରତ୍ୟେକ ଲୋକ ପ୍ରତିଦିନ ଖାଦ୍ୟରେ ଅନ୍ତତଃ ଗୋଟିଏ ଅଣ୍ଡା ଖାଇଲେ ଶରୀରକୁ ବହୁ ଉପକାର ହୋଇଥାଏ ।

ଅଣ୍ଡାରୁ ଖୋଲପାଟିକୁ ବାଦ ଦେଲେ ଗୋଟିଏ କୁକୁଡ଼ା ଅଣ୍ଡାର ଓଜନର ଶତକଡ଼ା ୭୪.୭ ପାଣି, ୧୨.୮ ପ୍ରୋଟିନ୍, ୧୧.୫ ସ୍ନେହସାର ଓ ୧ ଗ୍ରାମ ଖଣିଜ ଲବଣ ରହିଥାଏ । ଏହାର ଶତକଡ଼ା ସାତେ ଏଗାର ଗ୍ରାମ ସ୍ନେହସାର ହୋଇଥିବାରୁ ଅଣ୍ଡାକୁ ଘିଅରେ ବା ତେଲରେ ଭଜିବାକୁ ପଡ଼େନାହିଁ । ଅଣ୍ଡାରେ ଥିବା କାଲସିୟମ୍, ଫସ୍‌ଫରସ୍, ଲୁହା ଓ ଅନ୍ୟ ଖଣିଜ ଲବଣ ଆମ ଦେହର ହାଡ଼ ଗଠନ ଏବଂ ହାଡ଼କୁ ମଜବୁତ୍ କରିବାରେ ସାହାଯ୍ୟ କରିଥାଏ । ଦେହ ଭିତରେ ବିଭିନ୍ନ ଜିୟା ସାଧିତ ହେବା କାମରେ ମଧ୍ୟ ଅଣ୍ଡାର ଖଣିଜ ଲବଣ ଆମକୁ ଉପାଦାନ



(ଅକ୍‌ଟୋପସ୍ ଅଣ୍ଡା)

ଯୋଗାଏ । ଅଣ୍ଡା ଖାଇବା ଯୋଗୁ ଅଣ୍ଡାରେ ପ୍ରଚୁର ରହିଥିବା ବିଭିନ୍ନ ପ୍ରକାରର ଭିଟାମିନ୍ ଦ୍ୱାରା ଆମେ ସୁସ୍ଥ ଓ ନିରୋଗ ରହୁ । ଖାଦ୍ୟସାର ଦୃଷ୍ଟିରୁ ଗୋଟିଏ ଅଣ୍ଡା ପ୍ରାୟ ୧୨୦ ଗ୍ରାମ କ୍ଷୀର ସଦୃଶ ସମାନ । ଅଣ୍ଡାରେ ଥିବା ଖାଦ୍ୟସାରର ପରିମାଣ କ୍ଷୀରରେ ଥିବା ଖାଦ୍ୟସାର ଠାରୁ ୪ ଗୁଣ ବେଶୀ । ଅଣ୍ଡାରେ ଲୌହ ଅଂଶ ଓ ଖାଦ୍ୟ ପ୍ରାଣ 'କ'ର ପରିମାଣ କ୍ଷୀର ଅପେକ୍ଷା ଅଧିକ । ଅଣ୍ଡା ସହଜରେ ହଜମ ହୁଏ । ସବୁ ବୟସର ବ୍ୟକ୍ତିମାନଙ୍କ ପାଇଁ ଏହା ଏକ ଉପାଦେୟ ଖାଦ୍ୟ । ଗ୍ରେଟ୍ ପିନ୍ନ, ଗର୍ଭବତୀ ମହିଳା ଓ ରୋଗୀମାନଙ୍କ ପାଇଁ ଏହା ଅପରିହାର୍ଯ୍ୟ । ଏଥିରେ ଶ୍ୱେତସାର ନଥିବାରୁ ବହୁମୂତ୍ର ରୋଗୀ ଓ ଡାଏବିଟିଜ କରୁଥିବା ବ୍ୟକ୍ତିମାନଙ୍କ ପକ୍ଷେ ଖୁବ୍ ଉପଯୋଗୀ । ଯେହେତୁ କ୍ଷୀର ଓ ଅନ୍ୟାନ୍ୟ ଖାଦ୍ୟପରି ଏହାକୁ ଭେଜାଳ କରିହୁଏ ନାହିଁ । ତେଣୁ ଏହା ଶରୀର ପକ୍ଷେ ଅତ୍ୟନ୍ତ ହିତକର ଅଟେ ।

ଅଣ୍ଡା ଦେହକୁ ଶକ୍ତି ଯୋଗାଏ ସତ, କନ୍ତୁ ଅଣ୍ଡାକୁ ଯେପରି ଖାଇବା କଥା ସେପରି ଖାଇଲେ ଆମକୁ ଅଧିକ ଶକ୍ତି ଅଣ୍ଡାରୁ ମିଳିଥାଏ । ଏପରିକ ଯେଉଁକ ଅଣ୍ଡା ସିଝାଇ ବା ପାଣିପୋଚ୍ କରି ଖାଇଲେ ୭୦ କାଲୋଜ୍ ମିଳେ, ସେଉଁକ ଅଣ୍ଡାକୁ ଘିଅ, ତେଲ ବା ବଟରରେ ଭଜି ଖାଇଲେ ୧୧୦ କାଲୋଜ୍ ମିଳିଥାଏ । ଏକ ଆଉନ୍ସ ଅଣ୍ଡା ଓ କ୍ଷୀରରେ କେତେଗ୍ରାମ ପରିମାଣର ପ୍ରୋଟିନ୍, ଶ୍ୱେତସାର ଓ ଫ୍ୟାଟ୍ ଅଛୁ, ତାହାର ଏକ ତୁଳନାତ୍ମକ ବିବରଣୀ ନମ୍ନରେ ଦିଆଗଲା ।

ଦ୍ରବ୍ୟ	ପ୍ରୋଟିନ୍	ଶ୍ୱେତସାର	ଫ୍ୟାଟ୍	କାଲୋଜ୍
ଦୁଧ	୧.୧	୧.୩	୧.୨	୨୦
କୁକୁଡ଼ା ଅଣ୍ଡା	୩.୮	୦	୩.୩	୪୫
ବତକ ଅଣ୍ଡା	୩.୮	୦	୪.୧	୫୨

ଅନେକ ଲୋକ କଞ୍ଚା ଅଣ୍ଡା ଖାଇବାକୁ ଭଲ-ପାଆନ୍ତି । ସେମାନଙ୍କ ମତରେ ଏହା ସ୍ୱାସ୍ଥ୍ୟ ପକ୍ଷରେ ହିତକର । ମାତ୍ର କଞ୍ଚା ଅଣ୍ଡା ଖାଇବା ଠିକ୍ ନୁହେଁ । କାରଣ ଅଣ୍ଡାରେ ଥିବା 'ବାୟୋଟିନ' ନାମକ ଭିଟାମିନ୍ କଞ୍ଚା ଅଣ୍ଡା ଖାଉଥିବା ଲୋକଙ୍କୁ ମିଳେ ନାହିଁ । ଏହାଛଡ଼ା କଞ୍ଚା ଅଣ୍ଡାର ଆଲବୁମିନ୍ ବା ଧଳାଅଂଶ ଖାଦ୍ୟ ନଳୀରେ 'ଏନ୍‌ଜାଇମ୍' ଦ୍ୱାରା ଦ୍ରବଭୂତ ନ ହେବା ପର୍ଯ୍ୟନ୍ତ ଆବରଣ ସୃଷ୍ଟି କରିଥାଏ । ଅଣ୍ଡାକୁ ସିଝାଇ ଦେଲେ 'ଆଲବୁମିନ' ଅଂଶ ଦ୍ରବଭୂତ ହେବା ଫଳରେ ଏହା ସହଜରେ ହିଁ ହଜମ ହୋଇଥାଏ । ଯଦି ଅଣ୍ଡାଟିକୁ ଅଳ୍ପ ସିଝାଇକରି ଖିଆଯାଏ, ତେବେ ସବୁଠାରୁ ଭଲ

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

ଫଳ ମିଳେ । କଞ୍ଚା ଅଣ୍ଡାରେ ଏକ ପ୍ରକାର ଜୀବାଣୁ ଥାଆନ୍ତି । ଏମାନେ ବେଳେ ବେଳେ ,ଖାଦ୍ୟ ବିଷାକ୍ତ'ରୋଗ ସୃଷ୍ଟି କରନ୍ତି । ଚେଣ୍ଡୁ ଯାହା ହେଲେ ବି ଅଣ୍ଡାକୁ ଅଳ୍ପ ସିଝାଇ ଖାଇବା ଶସ୍ତର ପକ୍ଷେ ହିତକର । ଅଣ୍ଡାକୁ ବେଶୀ ସିଝାଇଲେ ଅଣ୍ଡାର ହଳଦିଆ ଅଂଶ ଉପରେ ଇଷତ୍ ନଳ ବର୍ଣ୍ଣର ଆବରଣ ଦେଖାଯାଏ । ଯଦିଓ ଅଣ୍ଡା କେଶରର ରଙ୍ଗ ବଦଳେ, ଏହାର ଉପାଦାନରେ କିଛି ପରିବର୍ତ୍ତନ ହୁଏ ନାହିଁ ଏବଂ ଏହା ଖାଦ୍ୟୋପଯୋଗୀ ଅଟେ

ଅନେକଙ୍କ ମତରେ ଛୁଆଫୁଟିବା ଅଣ୍ଡା (*Fertilized egg*), ବାନ୍ଝ ଅଣ୍ଡା (ଯେଉଁଥିରୁ ଛୁଆ ଫୁଟେ ନାହିଁ) ଅପେକ୍ଷା ଅଧିକ ପୁଷ୍ଟିକର । ମାତ୍ର ଏହା ଜୀବିବା ଠିକ୍ ନୁହେଁ । ଅବଶ୍ୟ ବାନ୍ଝ ଅଣ୍ଡାକୁ ଅଧିକ ଦିନ ସାଇତି ରଖିହୁଏ । ସମୟେ ସମୟେ ଅଣ୍ଡାର ଉପର ଖୋଲପାରେ ଧୂଧିଆ ଧଳାରଙ୍ଗର ଚର୍ଦ୍ଦି ପରିଲକ୍ଷିତ ହୁଏ । ଏହିପରି ଚର୍ଦ୍ଦି ଦେଖାଯାଉଥିବା ଅଣ୍ଡାଗୁଡିକ ଖୁବ୍ ଭଲିକା ଅଟେ । ଅଣ୍ଡାରେ ଥିବା ଅଙ୍ଗାରକାମ୍ଳ ଗ୍ୟାସ ଯୋଗୁ ଏହିପରି ଚର୍ଦ୍ଦି ଦେଖାଯାଏ । ମାତ୍ର ନମନଃ ଅଣ୍ଡା ଖୋଲପାରେ ଥିବା ସରୁ ସରୁ ଛିଦ୍ର ଦେଇ ବାହାରିଯାଏ ଏବଂ ଏହି ଚର୍ଦ୍ଦିଗୁଡିକ ଆଦୌ ଦେଖିହୁଏ ନାହିଁ । ଆହୁରି ଅନେକ ସମୟରେ ଅଣ୍ଡାରେ ଥିବା ଧଳା ଅଂଶଗୁଡିକ ସାଗୁଆ ବା କୁଟା ରଙ୍ଗ ପରି ଦେଖାଯାଏ । ସାଧାରଣ ଲୋକମାନେ ଏହିପରି ଅଣ୍ଡାକୁ ପୁଷ୍ଟିକର ନୁହେଁ ବୋଲି ଜାଣିଥାନ୍ତି । କିନ୍ତୁ ବୈଜ୍ଞାନିକମାନଙ୍କ ମତରେ ଏପରି ଏପରି ଅଣ୍ଡା ଦେହ ପକ୍ଷରେ ଆଦୌ କ୍ଷତିକାରକ ନୁହେଁ । ଅଣ୍ଡାରେ ଥିବା ଶବୋଫ୍ଲେବନ୍ ବି$_2$ (*Riboflavin B_2*) ଖାଦ୍ୟ ପ୍ରାଣ ଯୋଗୁ ଏହାର ରଙ୍ଗ ବଦଳି ଯାଇଥାଏ ।

ଆଜି ପର୍ଯ୍ୟନ୍ତ ସାଧାରଣ ଲୋକଙ୍କର ଆଉ ଏକ ଭ୍ରମ ଧାରଣା ଅଛି ଯେ, ଗାଢ଼ ହଳଦିଆ କେଶର ଥିବା ଅଣ୍ଡା ଅଧିକ ପୁଷ୍ଟିକର ଓ ଶସ୍ତର ପକ୍ଷେ ହିତକର । ମାତ୍ର ଅଣ୍ଡା କେଶରର ରଙ୍ଗ ଉପରେ ଏଥିରେ ଥିବା ଖାଦ୍ୟ ଉପାଦାନର ଗୁଣ ବଦଳି ନ ଥାଏ । ଆମ୍ଭେମାନେ ବଜାରୁ ମିଠା ତିଆରି କରିବା ସମୟରେ ଯେପରି ଉପଯୁକ୍ତ ରଙ୍ଗ ମିଶାଇବା ଦ୍ୱାରା ଖାଦ୍ୟର ରଙ୍ଗ ବଦଳାଇ ଥାଉ, ସେହିପରି ଯେଉଁ କୁକୁଡ଼ାମାନଙ୍କୁ ସାସ, ହଳଦିଆ ମକା, ଲୁସର୍ନ ପ୍ରଭୃତି ବେଶି ପରିମାଣରେ ଦାନା ହିସାବରେ ଦିଆଯାଏ, ସେହି କୁକୁଡ଼ାମାନଙ୍କର ଅଣ୍ଡା କେଶରର ରଙ୍ଗ ଗାଢ଼ ହଳଦିଆ ହୋଇଥାଏ । କିନ୍ତୁ ଖାଦ୍ୟର ଗୁଣ ଅନୁସାରେ ଉଭୟ ଗାଢ଼ ଓ ଫିକା ହଳଦିଆ ରଙ୍ଗର କେଶର ସମାନ ।

କୁକୁଡ଼ା ଅଣ୍ଡାକୁ ଦୁଇଭାଗ କରି ଦିଆଯାଇପାରେ । ଏଥି ମଧ୍ୟରୁ ପ୍ରଥମ ଭାଗଟି ହେଲା - ''ଭବିଷ୍ୟତ କୁକୁଡ଼ା'' ଅର୍ଥାତ୍ ଯେଉଁଥିରେ ଜୀବନ ଅଛି ଓ ଯେଉଁଥିରୁ ଭବିଷ୍ୟତର କୁକୁଡ଼ା ବାହାରିବ । ଦ୍ୱିତୀୟ ଭାଗଟି ହେଲା - ସେହି ଭବିଷ୍ୟତ କୁକୁଡ଼ାର ଖାଦ୍ୟ ଓ ଅନ୍ୟାନ୍ୟ ଆନୁସଙ୍ଗିକ ପଦାର୍ଥ । କିନ୍ତୁ ପ୍ରତ୍ୟେକ ପକ୍ଷୀର ଅଣ୍ଡାରେ ସାଧାରଣତଃ ନମ୍ନଲିଖିତ ଚାରିଟି ପଦାର୍ଥ ଥାଏ । ଯଥା : (୧) ଖୋଲ, (୨) ଟିଲ୍ଲୀ ପରି ଚର୍ମ, (୩) ଶ୍ୱେତାଂଶ, (୪) କୁସୁମ ବା ପୀତାଂଶ । ଏହି ଯେଉଁ ଉପରୋକ୍ତ ଚାରିଟି ପଦାର୍ଥକୁ ନେଇ ଅଣ୍ଡା ଗଠିତ ପ୍ରଥମେ ଅଣ୍ଡା ଭିତରେ ଥିବା ହଳଦିଆ କେଶର ବା ପୀତାଂଶ ବିଷୟରେ ଆଲୋଚନା କରିଯାଉ । ଅଣ୍ଡା ଭିତରେ ଥିବା ହଳଦିଆ କେଶରଟି ଆମକୁ ଗୋଟିଏ ପରି ଦେଖାଯାଏ, ମାତ୍ର ତାହା ସେପରି ନୁହେଁ । ପିଆଜ ସେପରି ପରସ୍ତ ପରସ୍ତ ହୋଇଥାଏ, ହଳଦିଆ କେଶରଟି ସେହିପରି । ଗୋଟିଏ ପରସ୍ତ 'ହଳଦିଆ କେଶର' ଅଣ୍ଡା ଭିତରେ ଖଞ୍ଜି ଉପରେ ଆଉ ଗୋଟିଏ ପରସ୍ତ ଧଳା କେଶର ଖଞ୍ଜାଯାଇଛି । ଏମିତିକି ହଳଦିଆ ପରସ୍ତଟି ତିଆରି ହୁଏ ଓ ଭିତରେ ତିଆରି ହୁଏ ଧଳା ପରସ୍ତଟି । ଅଣ୍ଡା ଭିତରଟି ଏପରି ଢଙ୍ଗରେ ତିଆରି ହୋଇ ଓ କଠିନ ଭାବରେ ସଜେଇ ହୋଇ ରହିଛି, ତା'ର ବିବରଣୀ ନମ୍ନରେ ଦିଆଗଲା । ପରସ୍ତେ ହଳଦିଆ ଓ ପରସ୍ତେ ପରସ୍ତେ ଧଳା କେଶର ଦ୍ୱାରା ଗଠିତ ପୂର୍ଣ୍ଣାଙ୍ଗ କେଶରଟି ଅଣ୍ଡା ମଧ୍ୟରେ ରହିଛି । ପୂର୍ଣ୍ଣ କେଶରର ଉପରେ ଅଂଶରେ ଗୋଟିଏ ଛୋଟ ସ୍ଥାନ ଛାଡି ଦିଆଯାଇଛି । ଏହି ସ୍ଥାନଟିକୁ କୁହାଯାଏ—'ବୀଜଭୂମି' ବା ଜର୍ମସ୍ପଟ (*Germ Spot*) । ଯେଉଁ ମାଇ କୁକୁଡ଼ା ସହିତ ଅର୍ଣ୍ଡିଗ କୁକୁଡ଼ାର ସଂଗମ ହୋଇଥାଏ । ସେହି କୁକୁଡ଼ାର ଅଣ୍ଡାର ଏହି ବୀଜଭୂମି ଅଞ୍ଚଳରୁ ନୂତନ କୁକୁଡ଼ା ଛୁଆର ସୃଷ୍ଟି ହେବା କାର୍ଯ୍ୟ ଅମ୍ଭେ ହୋଇଥାଏ

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

କେଶର ପରଦା ଦ୍ୱାରା କେଶର ବାନ୍ଧି ହୋଇ ରହେ । କେଶର ପରଦାକୁ ଇଂରାଜୀରେ କୁହାଯାଏ ''ୟୋକ୍‌ମେଂ-ବ୍ରେନ୍'' ବା ''ଭିଇଟେଲ୍‌ନ୍ ମେଂବ୍ରେନ୍'' (*yolk or Vitelline Rembrane*) ।

କେଶର ପରଦା ଉପରେ କେଶରକୁ ଘେରି ରହିଛି ଅଣ୍ଡାନାଳ ବା ଶ୍ୱେତାଂଶ । ଅଣ୍ଡା-ନାଳ ପୁଣି ଦୁଇ ପ୍ରକାରର— ମୋଟା ଓ ପତଳା । କେଶରକୁ ଲାଗି ରହିଥିବା ନାଳ ମୋଟା ଏବଂ ଏହି ମୋଟା ନାଳର ଉପର ସ୍ତରରେ ରହିଥାଏ ପତଳା ନାଳ । ଏହି ଦୁଇ ପରସ୍ତକୁ ନାଳର 'ଭିତର ପରସ୍ତ' ବୋଲି କୁହାଯାଏ । ଏହା ଉପରେ ପୁଣି ପରସ୍ତେ ଲେଖାଏଁ ମୋଟା ଓ ପତଳା ନାଳ ରହିଥାଏ । ଏ ଦୁଇ ପରସ୍ତକୁ କୁହାଯାଏ ''ବାହାର ପରସ୍ତ'' । କେଶରକୁ ଲାଗି ଭିତର ପରସ୍ତର ମୋଟା ନାଳ'କୁ ଦଉଡ଼ି ବୋଲିଲ ପର କର ଦୁଇ ପଟକୁ ସେହି ଦଉଡ଼ିକୁ ଟାଣି ବାନ୍ଧି ଦେଲଭଳି କରାଯାଇଛି । ଏହାକୁ ଇଂରାଜୀରେ କୁହାଯାଏ-'କଲାଜ' (*Chalaza*) । ଏପରି ବାନ୍ଧି ହୋଇ ରହିବାଦ୍ୱାରା ଅଣ୍ଡାଭିତରେ ଥିବା କେଶରଟି ସୁରକ୍ଷିତ ହୋଇ ରହେ । ସହଜରେ ତା'ର ଗଠନରେ କୌଣସି ଆଘାତ ଲାଗେ ନାହିଁ ।

ଯେଉଁ ଖୋଳଦ୍ୱାରା ଅଣ୍ଡାର ଭିତର ପଦାର୍ଥକୁ ସୁରକ୍ଷିତ ହୋଇ ରହିଥାଏ, ସେହି ଖୋଳପାଟି ପ୍ରଧାନତଃ ଚୂନ ବା କାବ୍ବୋନେଟ୍ ଅଫ୍ ଲାଇମ୍ ଦ୍ୱାରା ଗଠିତ । ଏହି ଖୋଳପାରେ ସୂକ୍ଷ୍ମ ଛିଦ୍ର ସବୁ ରହିଥାଏ । ସେହି ଛିଦ୍ର ମଧ୍ୟ ଦେଇ ପବନ ଓ ଆଦ୍ରତା ବାହାରୁ ଅଣ୍ଡା ଭିତରକୁ ପଶେ ଓ ବାହାରେ । କୁକୁଡ଼ା ଅଣ୍ଡାର ଓଜନ ପରମାଣର ଶତକଡ଼ା ୧୦ ଭାଗ ଖୋଳ, ଶତକଡ଼ା ୭୦ ଭାଗ ନାଳ ଓ ଶତକଡ଼ା ୩୦ ଭାଗ କେଶର । ପ୍ରତି ୧୦୦ ଗ୍ରାମ ଅଣ୍ଡାରୁ ଖୋଳ ବାଦ ଦେଲେ ଅବଶିଷ୍ଟ ୯୦ ଭାଗ ଖାଇବା ପଦାର୍ଥ ଅର୍ଥାତ ନାଳ ଓ କେଶର ପାଇଥାଉ ।

ଅଣ୍ଡା ମାଇ କୁକୁଡ଼ା ପେଟ ଭିତରେ କପର ତିଆର ହେଉଛି, ତାହା ଜାଣିବା ନିହାତ ଆବଶ୍ୟକ । ପୂର୍ବରୁ କୁହାଯାଇଛି ଅଣ୍ଡାର ସୃଷ୍ଟି ମାଇ କୁକୁଡ଼ାର ଡିମ୍ବକୋଷରେ । ମାଇ କୁକୁଡ଼ା ମାତ୍ରକେ ତାର ଡିମ୍ବ-କୋଷରେ ହଜାର ହଜାର ସଂଖ୍ୟାରେ ଖୁବ୍ ଛୋଟ ଛୋଟ ଅଣ୍ଡା ରହିଥାଏ କିନ୍ତୁ ଅପ୍ରାପ୍ତ ବୟସ୍କ ଅର୍ଥାତ ଯେଉଁ କୁକୁଡ଼ାର ଅଣ୍ଡା ଦେବା ଅବସ୍ଥା ହୋଇ ନ ଥାଏ, ସେ ଯେତେ ବେଳେ ଅଣ୍ଡା ଦେବା ଅବସ୍ଥାରେ ପହଞ୍ଚେ, ସେତେବେଳେ ତାର ଡିମ୍ବକୋଷ ମଧ୍ୟରେ ଥିବା ହଜାର ହଜାର ଖୁବ୍ ଛୋଟ ଛୋଟ ଅଣ୍ଡା ମଧ୍ୟରୁ କେତେକ ଆସ୍ତେ ଆସ୍ତେ ବଡ ହେବାକୁ ଲାଗନ୍ତି । ପ୍ରଥମେ ସେହି ସୂକ୍ଷ୍ମ ଅଣ୍ଡାଟିର ଚତୁଃପାଶ୍ୱର୍ରେ କେଶର ଖୋଳ ତିଆର ହୋଇଯାଏ । ଏହି କେଶର ଖୋଳଟି ପ୍ରୋଟିନ୍ (ପ୍ୟାଟ୍), ଲେସିଥିନ୍ ଲୁଟିନ୍ (ରଙ୍ଗ-ଉପାଦାନ) କୋଲେ-ଷ୍ଟରଲ, ଫସଫୋପ୍ରୋଟିନ୍, ଭିଟାମିନ ଓ ଅଳ୍ପ ପରମାଣରେ ଲଭେଟିନ୍ ବୋଲ ଗୋଟିଏ ପ୍ରକାର ପ୍ରୋଟିନ୍ ଦ୍ୱାରା ଗଠିତ । ଯେଉଁଥିରୁ କୁକୁଡ଼ାର ଆଦ୍ୟ ଜୀବର ସୃଷ୍ଟି ହେଇ, ସେହି ଦ୍ରବ୍ୟଟି ଏହି 'କେଶର ଖୋଳ'ର ଉପର ଅଂଶରେ ରହେ । ଏଇଟି ଖୁବ୍ ହାଲୁକା ହୋଇଥିବାରୁ ଅଣ୍ଡାଟି ଯେପରି ଅଣ୍ଡେଇ ତଣ୍ଡେଇ ହେଲେ ମଧ୍ୟ କେଶରର ଯେଉଁ ପଟ ଉପରକୁ ରହେ, ସେହି ପଟକୁ ସେ ଘୁଲିଯାଏ । କେଶରଟି ମାଇ କୁକୁଡ଼ା ପେଟରେ ସଂପୂର୍ଣ୍ଣ ଭାବରେ ତିଆର ହେବାକୁ ଦଶ ଦିନ ସମୟ ଲାଗେ । ଏବଂ ତା'ପରେ କେଶରଟି ଡିମ୍ବକୋଷରୁ ଅଣ୍ଡା 'ନଳୀପଥ' ଦେଇ ଆସିଲ ବେଳେ ତା'ର ଚତୁଃପଟେ ନାଳ ଖଞ୍ଜି ହୋଇଯାଏ । ଏହି ପର ନାଳ ଉପରେ ଆହୁରି ଦୁଇଟି ପରଦା ଚୁର ଘଣ୍ଟା ମଧ୍ୟରେ ଖଞ୍ଜି ହୋଇ ସାରିବାପରେ ମାଇ କୁକୁଡ଼ାର ଜରାୟୁକୁ ଅଣ୍ଡାଟି ଆସିଯାଏ ଜରାୟୁରେ ପ୍ରବେଶ କଲାପରେ ଅଣ୍ଡା ଉପରେ ଖୋଳପାର ତିଆର କାର୍ଯ୍ୟ ଆରମ୍ଭ ହୁଏ । ଖୋଳପା ତିଆର ହୋଇଗଲ ପରେ ଅଣ୍ଡା ଜରାୟୁ ମଧ୍ୟରେ ରହିବା ଆଉ ଆବଶ୍ୟକ ପଡେନାହିଁ । ଏହି ଖୋଳଟି ଜରାୟୁ ମଧ୍ୟରେ ତିଆର ହେବାକୁ ପ୍ରାୟ କୋଡ଼ିଏ ଘଣ୍ଟା ସମୟ ଲାଗେ । କୁକୁଡ଼ା ଅଣ୍ଡା ଦେବାର ଠିକ୍ ପୂର୍ବରୁ ଖୋଳପାଟିକୁ ଗୋଟିଏ 'ଓଦା ପରଦା'ରେ ଘୋଡେଇ ଦିଆଯାଏ । ଏହି ଓଦା ପରଦାକୁ କୁହାଯାଏ ''ବ୍ଲୁମ୍ ।

ରାସାୟନିକ ଦୃଷ୍ଟିରୁ ଅଣ୍ଡା ଉପରେ ଥିବା ନାଳ ଏକ ପ୍ରକାର ମୂଲ୍ୟବାନ ତରଳ ପ୍ରୋଟିନ । ଏହା ସାମାନ୍ୟ କ୍ଷାରଯୁକ୍ତ ଓ ଏଥିରେ ଶତକଡ଼ା ୮୫ରୁ ୮୬ ଭାଗ ପାଣି

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

ରହୁଛି । ସେଉଁକ ନଦା ଅଂଶ ରହିଲା, ସେଥିରେ ୧୨.୨ ପ୍ରୋଟିନ (ପ୍ରଧାନତଃ ଆଲବୁମିନ୍), ୦.୫ ଗୁକୋଜ, ୦.୬୭ ଅବଣ, ଅଉସାମାନ୍ୟ ଅଂଶ ସ୍ନେହସାର (ଫ୍ୟାଟ) ଲେସିଥିନ୍ ଓ କୋଲେଷ୍ଟରଲ ରହିଛି ।

ଅଣ୍ଡା ଖୋଲରେ ଥିବା ସୂକ୍ଷ୍ମ ଛିଦ୍ରମାନଙ୍କରେ ଅଣ୍ଡା ଭିତରକୁ ପବନ ପଶେ ଓ ବାହାରେ । ସେହି ବାଟ ଦେଇ ସୂକ୍ଷ୍ମ ଜୀବାଣୁ ମଧ୍ୟ ଅଣ୍ଡା ଭିତରେ ପ୍ରବେଶ କରନ୍ତି, ଅଣ୍ଡା ଭିତରେ ଯଦି ଜୀବନ ପ୍ରକ୍ରିୟା ଚାଲିଥାଏ, ତେବେ ଜୀବାଣୁ ମାନଙ୍କ ଦ୍ୱାରା ଅଣ୍ଡାର କୌଣସି କ୍ଷତି ହୁଏ ନାହିଁ, ନଚେତ ଅଣ୍ଡାଟି ପୋଡ଼ି ହୋଇଯାଏ । ଅନେକ ସମୟରେ ଆମେ ଦେଖୁ ଗୋଟିଏ ଅଣ୍ଡା ଭିତରୁ ଦୁଇଟି କେଶର ବାହାରିଥାଏ । ଏହା ବେଳେ ବେଳେ ବି ସମ୍ଭବ ହୋଇଥାଏ । କାରଣ ଭ୍ରୂଣକୋଷରୁ ଯଦି କୌଣସି କାରଣରୁ ଦୁଇଟି କେଶରରେ ଏକ ସଙ୍ଗରେ ଦୁଇଟି ଭ୍ରୂଣାଣୁ ଆସି ଜର୍ଦ୍ଦୀ ମଧ୍ୟରେ ପ୍ରବେଶ କରନ୍ତି, ଏବଂ ଜର୍ଦ୍ଦୀରେ ଦୁଇଟିଯାକ କେଶର ଉପରେ ଗୋଟିଏ ଖୋଲ ବାନ୍ଧି ହୋଇଥାଏ, ତେବେ ଗୋଟିଏ ଅଣ୍ଡାରୁ ଦୁଇଟି କେଶର ବାହାରିଥାଏ । ଆଉ ଥରେ ଥରେ ଅଣ୍ଡାକୁ



୧-ଅନେକ ଶୁକ୍ରାଣୁ ଭ୍ରୂଣାଣୁ ଆଡ଼କୁ ପହଁରି ଯାଆନ୍ତି ।
୨-କେବଳ ଗୋଟିଏ ଶୁକ୍ରାଣୁ ନଷେକ କରିଥାଏ ।

ଭର୍ଜି ପକାଇଲେ ତା' ଭିତରେ ଟିକିଏ ଖଣ୍ଡରକ୍ତ ଥିବା ଭଳି ଲାଲ ଦେଖାଯାଏ । 'ଅଣ୍ଡାପଥ'ରେ କେଶର ଆସିଲା ବେଳେ ଓ ଲାଲ ଅଆର ହେଲବେଳେ ଟିକିଏ ଖଣ୍ଡରକ୍ତ ସେଥିରେ ଲାଗି ରହିଥାଏ । ତାକୁ ହିଁ ଆମେ ଅଣ୍ଡା ଭର୍ଜିଲା ବେଳେ ଦେଖିଥାଉ । ବେଳେ ବେଳେ ଅଣ୍ଡାର ଖୋଲପା ଟାଣ ହୋଇ ନଥାଏ, ଭାଙ୍ଗିବାରେ ଧଶଲେ ଟିକିଏ ନରମା ଲାଗେ । ଜର୍ଦ୍ଦୀ ଭିତରେ ଯେଉଁକ ସମସ୍ତ ରହିବାର କଥା, ସେଉଁକ ସମସ୍ତ ନରହି ପଦାକୁ ବାହାର ଆସିବାରୁ ଏପରି ହୋଇଥାଏ । ଜର୍ଦ୍ଦୀ ଭିତରେ ଯେଉଁ ଗ୍ରନ୍ଥି ଗୁଡ଼ିକରୁ ଖୋଲ ଅଆର ଉପାଦାନ ବାହାରେ ସେ ଗ୍ରନ୍ଥି ଗୁଡ଼ିକରୁ ରସ ଠିକ୍ ଭାବେ ଓ ଆବଶ୍ୟକ ପରମାଣର ନଃଟଲେ ଖୋଲ ଅଆର ହେବାରେ ବାଧା ଉପୁଜେ । ଏହା ବ୍ୟତୀତ ଆଉର ଗୋଟିଏ କଥା ଦେଖାଯାଏ— ଗୋଟିଏ ଅଣ୍ଡା ଖୋଲକୁ ଭର୍ଜିଲା ବେଳକୁ ତା' ଭିତରେ ଆଉ ଗୋଟିଏ ଖୋଲ ସହ ପୂର୍ଣ୍ଣ ଅଣ୍ଡା ରହିଥାଏ । ଏପରି ହେବାର କାରଣ ହେଉଛି— ଜର୍ଦ୍ଦୀ ଭିତରେ ଅଣ୍ଡାଟି ଅଆର ହେଲ ପରେ ମାଈ କୁକୁଡ଼ା ତାକୁ ବାହାର ଜଗତର ବାହାରକୁ । ଥରେ ଥରେ ସେଇଟି ବାହାରକୁ ବାହାର ଆସିବା ବାଟରେ ନ ଆସି ଭ୍ରୂଣକୋଷ ଆଡ଼କୁ ଓଲଟା ମୁହାଁଏ । କନ୍ତୁ ତେଣିକି ସେ ବେଶି ବାଟ ଯାଇ ପାରେ ନାହିଁ, ସୂନଙ୍କାର ସେ ଜର୍ଦ୍ଦୀ ଭିତରକୁ ପଶିଯାଏ । ଜର୍ଦ୍ଦୀରେ ପହଞ୍ଚିଲ ବେଳେ ସେଠି ତା' ଉପରେ ଆଉ ଗୋଟିଏ ଖୋଲ ଅଆର ହୋଇଯାଏ ।

ଅଣ୍ଡାର ମାନ କୁକୁଡ଼ାର ଖାଦ୍ୟ ଉପରେ ନିର୍ଭର କରେ । ଆବଶ୍ୟକୀୟ ଭଲ ଖାଦ୍ୟ କୁକୁଡ଼ାକୁ

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

ଅଣ୍ଡା

ଖାଇବାକୁ ଦିଆଗଲେ ମାଈ କୁକୁଡ଼ା ଉଲ୍ଲିଷ୍ଟ ମାନର ଅଣ୍ଡା ଦେଇଥାଏ । ଉପଯୁକ୍ତ ପରମାଣର ଓ ଉଲ୍ଲିଷ୍ଟ ଖାଦ୍ୟ ଖାଇବାକୁ ଦିଆ ନଗଲେ କୁକୁଡ଼ା ସ୍ୱାସ୍ଥ୍ୟବକ ଭିଟାମିନ୍‌ଯୁକ୍ତ ଅଣ୍ଡାଠାରୁ ନ୍ୟୂନ ମାନର ଅଣ୍ଡା ଦିଏ । ଏପରକ ଋତୁ ଅନୁସାରେ କୁକୁଡ଼ା ଯେଉଁ ଅଣ୍ଡାଦିଏ, ସେ ଅଣ୍ଡାରେ ଭିଟାମିନ୍ କମ୍ ବେଶୀ ପରମାଣର ରହିଥାଏ । ଶୀତଋତୁରେ ଗୋଟିଏ ନର୍ଦ୍ଦିଷ୍ଟ ପରମାଣ ଅଣ୍ଡାରେ ଯଦି ୬୨୦ ଇଣ୍ଟରନଟ୍ 'କ' (ଏ) ରହିଥାଏ, ଖରାଦିନେ ଦେଇ-ଥିବା ସେତକ ଅଣ୍ଡାରେ ୧୪୬୦ ଇଣ୍ଟରନଟ୍ ରହେ । ଭିଟାମିନ୍ 'ବି'ର ପାର୍ଥକ୍ୟ ରହେ ୧୪୦ରୁ ୪୪୦ ଇଣ୍ଟରନଟ୍ ଭିତରେ ।

ଅଣ୍ଡା ଏକ ଉତ୍କୃଷ୍ଟ ଖାଦ୍ୟ ରୂପରେ ଆହୁରି ପୂର୍ବରୁ ବ୍ୟବହାର କରାଯାଇଛି । ଏହା ବ୍ୟତୀତ ଅଣ୍ଡାର କେଶରକୁ ବ୍ୟବହାର କରିଯାଏ ସାବୁନ ତିଆରରେ, ରଙ୍ଗ ତିଆର କରିବାରେ, ବନ୍ଧୁ ବନ୍ଧାଇରେ, ଚମଡ଼ା ବ୍ୟାଗରେ ବ୍ୟବହୃତ ହୋଇଥିବା ଚମଡ଼ାକୁ ନରମ ଓ ସୁନ୍ଦର କରିବାରେ । ବାର୍ଣ୍ଣିସ, ଅଠା ଓ କାଳି ମଧ୍ୟ ଅଣ୍ଡାର ନାଳରେ ତିଆରି କରିଯାଏ । ଭଲ ସାର ରୂପେ ଅଣ୍ଡାର ଖୋଳମା ଜମିରେ ଦିଆଯାଏ ।

କୁକୁଡ଼ା ବ୍ୟତୀତ ଅନ୍ୟ ପକ୍ଷୀମାନେ ଓ ଆଉ କେତେକ ଜୀବ ଅଣ୍ଡା ଦିଅନ୍ତି । ସେମାନଙ୍କ ମଧ୍ୟରେ 'ଦ୍ୱମ୍ବିଙ୍ଗ' ଚଢେଇର ଅଣ୍ଡା ସବୁଠାରୁ ସାନ । ଏହି ଅଣ୍ଡାର ଆକାର ପ୍ରାୟ ଅଧଇଞ୍ଚ । ସବୁଠାରୁ ବଡ ଅଣ୍ଡା ଦିଏ 'ମୋଆ' ଓ ହସ୍ତୀପକ୍ଷୀ । ହସ୍ତୀପକ୍ଷୀ ଅଣ୍ଡାର ଲମ୍ବ ଏକ ଫୁଟ ଓ ଓସାର ଏକ ଫୁଟ । ଏହି ଅଣ୍ଡାର ଖୋଳପାରେ ଦୁଇ ଗାଲନ ପାଣି ରହିପାରେ । ଆଦିବାସୀମାନେ ଏହି ଖୋଳପାକୁ ମାଠିଆ ରୂପେ ବ୍ୟବହାର କରନ୍ତି । ବର୍ତ୍ତମାନ ହସ୍ତୀପକ୍ଷୀ ଆଉ ସେପରି ଦେଖିବାକୁ ମିଳୁ-ନାହାନ୍ତି, ପ୍ରାୟ ଲୁପ୍ତ । ଏବେ ଯେଉଁ ପକ୍ଷୀମାନଙ୍କୁ ଆମେ ଦେଖିବାକୁ ପାଉ ସେମାନଙ୍କ ମଧ୍ୟରେ ଅସ୍ଟ୍ରିଚ୍ ବା ଓଟପକ୍ଷୀର ଅଣ୍ଡା ସବୁଠାରୁ ବଡ । ଗୋଟିଏ ଗୋଟିଏ ଅଣ୍ଡାର ଓଜନ ପ୍ରାୟ ଅଢେଇ କେଜିଗ୍ରାମ । ଓଟପକ୍ଷୀର ଗୋଟିଏ ଅଣ୍ଡା ସହିତ ଅଠରଟି ବଡ କୁକୁଡ଼ା ଅଣ୍ଡା ସମାନ । ନ୍ୟୁଜିଲାଣ୍ଡରେ 'କିୱି' ନାମକ ଏକ ପକ୍ଷୀ ଦେଖାଯାଏ । ତା'ର ଅଣ୍ଡାର ଓଜନ ପ୍ରାୟ ୭୦୦ ଗ୍ରାମ । ବଡ 'ଇଗଲ' ପକ୍ଷୀ ଯେଉଁ ଅଣ୍ଡା ଦିଏ, ତା'ର ଲମ୍ବ ପ୍ରାୟ ଅଢେଇ ଇଞ୍ଚ ଏବଂ ଧଳା ଶାଗୁଣାର ପ୍ରାୟ ସାଢେ ତିନି ଇଞ୍ଚ । ଶାଗୁ ଅଣ୍ଡାର ଲମ୍ବ ଏକ ଇଞ୍ଚ ଓ ଘରଚଟିଆ ଅଣ୍ଡାର ଲମ୍ବ ପ୍ରାୟ ଅଧ ଇଞ୍ଚ । ଗେଣ୍ଡାଳିଆ ପ୍ରାୟ ପାଞ୍ଚ ଇଞ୍ଚ ଲମ୍ବର ଅଣ୍ଡା ଦିଏ ।

ସମସ୍ତ ପ୍ରକାର ଅଣ୍ଡଜ ପ୍ରାଣୀଙ୍କର ଥରକେ ଦେଇଥିବା ଅଣ୍ଡାର ସଂଖ୍ୟା ସମାନ ନୁହେଁ । ତାହାର ଏକ ତୁଳନାତ୍ମକ ତରବରଣୀ ତଳରେ ଏକ କେତେ ଅଣ୍ଡା ଦିଏ ନମ୍ବରେ ଦିଆଗଲା ।

ସାପ	୨୦-୩୦
ଘରଚଟିଆ	୨-୪
କଚ୍ଛପ	୫୦-୧୫୦
ଭଇ	୮୦ ହଜାର (ତିନିକ ମଧ୍ୟରେ)
ଅଜଗର	୧୫-୧୦୦
ବେଙ୍ଗ	୭୦୦୦-୧୨,୦୦୦
ଷ୍ଟର୍ଜନ ମାଛ	୩୦-୪୦ଲକ୍ଷ
ହ୍ୱେଲଙ୍ଗ ମାଛ	୫୦୦୦୦
କଡ୍ ମାଛ	୯୦,୦୦,୦୦୦
ଓଟପକ୍ଷୀ	୧୨-୧୭
ପାରା	୨
ଶାମୁକା	୭୦୦୦ଲକ୍ଷ
ହକ୍-ଇଗଲ୍	୧
ଶାଗୁ	୪-୫
ଗୁଜଶାଗୁଣା	୧
କୋକୁଆ ଶାଗୁଣା	୨
ପେଙ୍ଗୁଇ	୩-୪
କାଉ	୪-୫
କୁକୁଡା	୧

ଭିନ୍ନ ଭିନ୍ନ ଜାତ ପ୍ରାଣୀଙ୍କର ଅଣ୍ଡାଗୁଡିକର ଆକାର ଓ ଓଜନରେ ମଧ୍ୟ ପାର୍ଥକ୍ୟ ଦେଖାଯାଏ । ସବୁ ଅଣ୍ଡଜ ପ୍ରାଣୀଙ୍କର ଅଣ୍ଡା ସଂପର୍କରେ ଏ ଅଧ୍ୟାୟରେ ବର୍ତ୍ତିନା କରିବା ସମ୍ଭବ ନୁହେଁ । ତେଣୁ ପ୍ରତ୍ୟେକ ଅଣ୍ଡଜ ପ୍ରାଣୀଙ୍କ ଅଣ୍ଡା ସଂପର୍କରେ ସେମାନଙ୍କ ବିଷୟରେ ଯେଉଁ

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

ଅଧାସ୍ଥ ମାଜଙ୍କରେ ଆଲୋଚନା କରଯାଇଛୁ, ସେହି ଅଧାସ୍ଥରେ ସବୁଶେଷ ବରରଣୀ ହଆଯାଇଛୁ ।

(ଦେଖନ୍ତୁ-କ୍ରାକଡା, ଖାଦ୍ୟ, ପକ୍ଷୀ, ପ୍ରୋଟିନ୍, ବଡକ ଇଟାମିନ୍ ଓ ମାଗ)

ଅଣ୍ଡା ଉଷୁମେଇବା-ଦେ. କି. (ସଂ. ଅ + ଉଷ୍ମ)-(ପକ୍ଷୀ ଆଦ୍ୟ) ଅଣ୍ଡା ଜନ୍ମ କରିବା ପରେ ଛଦ୍ମିରୁ ଚୁଆ ବାହାରିବା ପୂର୍ବରୁ ତା' ଉପରେ ବସିବା ଦ୍ୱାରା ତାକୁ ଉଷ୍ମ କରିବା କାର୍ଯ୍ୟ ।

ଅଣ୍ଡା କର୍ଷଣ-ସଂ.ବି. (ଷଷ୍ଠୀ ତତ୍ପୁ. ଅଣ୍ଡ + ଆକର୍ଷଣ)-ଖାସ୍ କରିବା, ମୁଣ୍ଡ ଛେଦନ ।

ଅଣ୍ଡାକାର-ସଂ.ବି. (ଷଷ୍ଠୀ ତତ୍ପୁ. ଅଣ୍ଡ + ଆକାର)-ଉପ୍ମପଣ ଲମ୍ବୁଡା ଓ ଗୋଲ ଆକାର । ସଂ. ବିଣ. (ବହୁବ୍ରୀହି) ଉପ୍ମପଣ ଗୋଲ ଓ ଲମ୍ବୁଡା ।

ଅଣ୍ଡାକୃତି-ସଂ. ବିଣ. (ବହୁବ୍ରୀହି, ଅଣ୍ଡ + ଆକୃତି)-ଉପ୍ମପଣ ଗୋଲ ଓ ଲମ୍ବୁଡା । ସଂ ବି. (ବହୁବ୍ରୀହି)-ଉପ୍ମ ଆକୃତି ବିଶିଷ୍ଟ କ୍ଷେତ୍ର,(କର୍ମଧା) ଉପ୍ମପଣ ଆକାର ଲମ୍ବୁଡା ଓ ଗୋଲ ଆକୃତି ।

ଅଣ୍ଡାଷିଆ ସାପ- (*Elaschistodon westermanni*)-ଦେ.ବି.(ନାମ)-ଏହା ଏକ ପ୍ରକାର ସାମ । ଇଂରାଜୀରେ ଏହାକୁ କୁହାଯାଏ ଇଣ୍ଡିଆନ୍ ଏଗ ଇଟର (*Indian egg eater*) ଏମାନେ ବେଶୀ ପରିମାଣରେ ପର୍ଣ୍ଣମବର୍ଜ ଓ ବହାରରେ ଦେଖାଯାନ୍ତି । ଏହାର ଲମ୍ବ ୮୦୦ମିଲିମିଟର । ଦେହିଟାକୁ ଜଇପାଇ (*olive*) ପତର ବର୍ଣ୍ଣ ପର ପରୁନ ଓ ଦେହ ଉପର କଳା କଳା ଦାଗ ରହିଛୁ । ମୁଣ୍ଡର ତ୍ରିକୋଣ ଢାଲଠାରୁ ଚକ୍ଷୁ ଉପର ଅଂଶ ଦେଇ କେଳ ପର୍ଯ୍ୟନ୍ତ କଳା ଓ କଡ ଧଳାରଙ୍ଗ । ଆଖି କୋଣରୁ କେଳ ପର୍ଯ୍ୟନ୍ତ କଳା ଡୋରା ପଡିଥାଏ । ଚକ୍ଷୁତାରା ଭୂ ଲମ୍ବ ଭାବେ (*Vertical*) ଅବସ୍ଥିତ । ଦେହସାରା କଳା ଚକ୍ର ଓ ମଝି ମଝିରେ ଧଳାରଙ୍ଗ ଚକ୍ର ଥାଏ । ମେରୁଦଣ୍ଡ ସଳଖ । ପିଠି ଉପରେ ଅଳ୍ପ ଆଡ ଭାଗରେ ପଡିଥିବା ଅସରଳ କଳା ଚକ୍ର ମଧ୍ୟରେ ଧଳାରଙ୍ଗ ଚକ୍ର ଥାଏ । ଉପର ଓ ତଳ ଓଠ ଧଳାରଙ୍ଗ । ଦନ୍ତ ଦାଢ଼ ଉପରେ କେତୋଟି କ୍ଷୁଦ୍ର ଦାନ୍ତ ଥାଏ । ପବନ୍ ସଂଜ୍ଞାର୍ଥୁ ନଳୀଯୁକ୍ତ ଦୁଇଟି କ୍ଷୁଦ୍ର କ୍ଷୁଦ୍ର ଦାନ୍ତ ଅବସ୍ଥିତ ।

ମୁଣ୍ଡ ବେକଠାରୁ ସ୍ପଷ୍ଟ ନୁହେଁ । ନାସା ଢାଲ ବେଶ ବଡ । ପୂର୍ବ ଅକ୍ଷିକ ଢାଲ ଗୋଟିଏ, ଲେବିଅଲ୍, ପୂର୍ବ ଅକ୍ଷିକ ଛଳେ ଅବସ୍ଥିତ ଓ ଚକ୍ଷୁକୁ ସ୍ପର୍ଶ କରେ । ଅନୁଅକ୍ଷିକ (*Post ocular*) ଢାଲ ଦୁଇଟି, ଅଧ-ଓଷ୍ଠୀୟ ସାତୋଟି । ତୃତୀୟ ଓ ଚତୁର୍ଥ ଅଧ-ଓଷ୍ଠୀୟ ଢାଲ ଚକ୍ଷୁକୁ ସ୍ପର୍ଶ କରନ୍ତି । ଦେହ ରୁଖ ପାଖରେ ଶଲ୍କ ସଂଖ୍ୟା ପୋଡଳ । ମେରୁଦଣ୍ଡ ଉପରେ ଯାଇଥିବା ଶଲ୍କ ଟିକେ ବଡ ଓ ଷଡ ଭୁକାଲୁଆ, ଏଥିପାଇଁ ଏ ସାପକୁ ଚଣ୍ଡା ବା ରଣା ସାପ ବୋଲି ଭ୍ରମରେ କୁହାଯାଇଥାଏ । ମାଈ ଏ ସାପର ମେରୁଦଣ୍ଡ ଉପରେ ଥିବା ଶଲ୍କ ଟଣ୍ଡା ବା ରଣାର କାନ୍ଥ ପରି ସ୍ପଷ୍ଟ ଉଚ୍ଚିଷ୍ଟ ନୁହେଁ ଓ ଲାଞ୍ଜତଳର କାନ୍ଥ ସୋଜା ସୋଜି ।

ଲାଞ୍ଜ ସ୍ଥୂଳ ଏବଂ ପଛ ଅଡକୁ ଥିବା କଣେଇକା ଚୁଙ୍ଗିକରେ ଢାଙ୍କି ପୋଷାଇସିସ୍ ନାହିଁ । ଏମାନେ ଅଣ୍ଡା ପ୍ରସବୀ, ଭୟାଳୁ ପ୍ରକୃତିର ଓ ଅଣ୍ଡାଳୁ ଗିଳିବାର ଖାଆନ୍ତି । ଦେହର ବର୍ଣ୍ଣ ଦୃଷ୍ଟିରୁ ସାପଟି ଭୟଙ୍କର ତୋଲି ମନେ ହେଲେ ମଧ୍ୟ ହିଂସ୍ର ନୁହେଁ ଏବଂ ବିଷଧର ନୁହେଁ ।

ଅଣ୍ଡାଦେବା-ଦେ. କି. (ପକ୍ଷୀ ଓ ସରୀସୃପ ପାଦ)-ଉପ୍ମ ପ୍ରସବ କରିବା ।

ଅଣ୍ଡାଧାର-ସଂ.ବି. (ଷଷ୍ଠୀ ତତ୍ପୁ. ଅଣ୍ଡ + ଆଧାର)-ଅଣ୍ଡ-କୋଷ, ସାଜକୋଷ ।

ଅଣ୍ଡାପାଡ଼ିବା-ଦେ.କି.-ଅଣ୍ଡାଦେବା (ଦେଖନ୍ତୁ)

ଅଣ୍ଡାପାରିବା-ଦେ.କି.-ଅଣ୍ଡା ଦେବା (ଦେଖନ୍ତୁ)

ଅଣ୍ଡାବଚା-ଦେ. ବି. (ସମ୍ବଚନ, ସ. ଅଣ୍ଡ + ଆ, ବଚା, ବହୁ ବଚନାର୍ଥକ)-ଅଣ୍ଡସ୍ଥୁ ଶିଶୁ, ବହୁ ଫଟ୍ୟେକ ସନ୍ତାନ ସନ୍ତତି, ବାଲବଚା ।

ଅଣ୍ଡାର-ପ୍ରା.ଦେ. (ବସ୍ତର) ବି.-ମଦୁମାଛୁ ।

ଅଣ୍ଡାଳିବା-ଦେ. କି. (ସ. ଆଦୋଳନ)-ଦରଡ଼ିବା, ଅନ୍ଧାରରେ ବା ଆଖିକୁ ଦେଖା ନପଡିବା ସ୍ଥାନରେ ହାତ ଦ୍ୱାରା ଦରଡ଼ି କୌଣସି ବସ୍ତୁକୁ ଖୋଳିବା, ଅନ୍ଧାରରେ କୌଣସି କାର୍ଯ୍ୟ କରିବା ।

ଅଣ୍ଡାଳଦେବା-ଅଣ୍ଡାଳିବା (ଦେଖନ୍ତୁ)
ଧନ୍ଦଦେବା, ଇତସ୍ତତଃ ଦେବା ।

ଅଣ୍ଡାଳୁ-ସଂ. ବିଣ. (ଅଣ୍ଡ + ବହୁର୍ଥେ ଆଳୁ, ତୁଳ = ଦୟାଳୁ, ନଦ୍ରାଳୁ)-ବହୁ ଉପ୍ମଯୁକ୍ତ । ସଂ. ବି.-ମାଛ । ଦେ. ବି -ଗୋଲଆଳୁ, ବଲତ ଆଳୁ ।

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

ଅଣ୍ଡି-ଖ୍ରୀ. ବ. (ଫ. ଅଣ୍ଡ)-ପୁରୁଷକ ଲିଙ୍ଗ ।

ଅଣ୍ଡିଆ-ଦେ. ବ୍ୟ. (ଫ. ଅଣ୍ଡ)-କାଶିପଣ୍ଡିଆ, ମୁଣ୍ଡ ଛେଦନକାସ୍ତ ବ୍ୟକ୍ତର ଦୋଷରୁ ଧଉଦେବା ବେଳେ ଯେଉଁ ଅଣ୍ଡିର ବାଛୁଘର ମୁଣ୍ଡ ନଃଶେଷ ରୂପେ କଟା ହୋଇ ପାଣ ନଥାଏ । ଦେ. ବ.-ଅଣ୍ଡିର ବାଛୁଘ । ପ୍ରାଦେ. (ବାଲେଶ୍ୱର) ବ. (ଫ. ଅଣ୍ଡୀର)-ଦାମୁଡ, ସମ୍ପୂର୍ଣ୍ଣରୂପେ ମୁଣ୍ଡ ଛେଦଉ ହୋଇ ନଥିବା ବଳଦ ।

ଅଣ୍ଡିଆବଉ-ଦେ. ବ. (ନାମ)-ସୁନ୍ଦରଗଡ଼ ଜିଲ୍ଲା ରାଜଗାଙ୍ଗପୁର ଥାନା ଅନ୍ତର୍ଗତ ଏକ ପଞ୍ଚତ । ଏହି ପଞ୍ଚତର ଉଚ୍ଚତା ୧୪୫୫ ଫୁଟ (୪୪୩ ମିଟର) ।

ଅଣ୍ଡିଚିଙ୍ଗେଇବା-ଦେ. ବି. (ଅଶ୍ଳୀଳ)-ଲଙ୍ଗୋଦ୍ରେକ ହେବା, (ଲକ୍ଷଣାର୍ଥ) କୌଣସି ବିଷୟ ପାଇଁ ମନରେ ଚଞ୍ଚଳତାର ଉଦ୍ରେକ ।

ଅଣ୍ଡିନୀ-ଫ. ବ. (ଅଣ୍ଡ + ଇନ୍ + ଈ)-ସ୍ତ୍ରୀ ମାନଙ୍କର ଯୋନିଜନ୍ୟ ରୋଗ ।

ଅଣ୍ଡିର-ଦେ. ବଣ. (ଫ. ଅଣ୍ଡୀର)-ଅଣ୍ଡୀର (ଦେଖନ୍ତୁ) ପୁରୁଷ ଜାତୀୟ । ଦେ. ବ.-ଅଣ୍ଡିର (ଦେଖନ୍ତୁ)

ଅଣ୍ଡିର-ଦେ. ବଣ. (ଫ. ଅଣ୍ଡୀର)-ପୁରୁଷ ଜାତୀୟ (ଜୀବ), ବାଞ୍ଛ (ଗଛ), ଯେଉଁଗଛ ଫଳେ ନାହିଁ, ଯେଉଁ ଫୁଲରୁ ଫଳ ହୁଏ ନାହିଁ, (ଲକ୍ଷଣାର୍ଥ) ବଳଶାଳୀ, ବଳିଆ, ବୀର । ଦେ. ଇ.-ପୁରୁଷ ଜାତୀୟ ଜୀବ, ପୁରୁଷ, ମନୁଷ୍ୟ, ସ୍ୱାମୀ, ପତି, ଦାମୁଡ, ଯୁବା, ଅଣ୍ଡିର ବାଛୁଘ, ଗାଈପୁଅ ଅଣ୍ଡିର, ଆପଣା ଗାଈଠାରୁ ଜନ୍ମିଥିବା ଅଣ୍ଡିର ବାଛୁଘ । ପ୍ରାଦେ. (କଟକ) ବ.-ସ୍ତ୍ରୀ ଜାନ ବ୍ରାହ୍ମଣ । (ବିପରୀତ-ମାଇ)

ଅଣ୍ଡିର କାଙ୍କଡ଼-ଦେ. ଜି.-ବନ୍ଧ୍ୟା କର୍କୋଟକୀ (ଦେଖନ୍ତୁ), ଯେଉଁ କାଙ୍କଡ ଫଳ ଧରେ ନାହିଁ ।

ଅଣ୍ଡିରଚଣ୍ଡୀ-ଦେ. ବ. ସ୍ତ୍ରୀ (ଫ. ଅଣ୍ଡୀର + ଚଣ୍ଡୀ)-ଦୁଷ୍ଟା ସ୍ତ୍ରୀ, ଉତ୍ପତ୍ତିକା ସ୍ତ୍ରୀ, କଳହୁଡୀ ସ୍ତ୍ରୀ, ପୁରୁଷ ପ୍ରକୃତିକା ସ୍ତ୍ରୀ, ଯେଉଁ ସ୍ତ୍ରୀ ପୁରୁଷ ସମାଜରେ ମିଶିବାକୁ ଦେଖି ସୃଷ୍ଟ ପାଏ, ନର୍ଲଜ୍ଜା ସ୍ତ୍ରୀ ।

ଅଣ୍ଡିର ବାଇଗଣ-ଦେ ବ.-ଅସ୍ତ୍ରବୃ ଓ ଧଳାବାଇଗଣ । ଏ ବାଇଗଣ ମଧ୍ୟରୁ ସୁନ୍ଦାପଣ ଗୋଟାଏ ଭଜ୍ଜି ବାହାରେ ଓ ଏହା ଖାଇବାକୁ ବୁଚଡର ନୁହେଁ ।

ଅଣ୍ଡିର ବ୍ରାହ୍ମଣ-ଖ୍ରୀ. ବ. (ବ୍ୟଙ୍ଗାର୍ଥକ)-ମାସ୍ତାନବ୍ରାହ୍ମଣ (ଦେଖନ୍ତୁ)

ଅଣ୍ଡିର ବଳୁଆ ବୋବାଇ- (ଲୌକିକ ସମ୍ବର)-ସାଧାରଣ ବଳୁଆଙ୍କ 'ହୁକେ ହୁକେ ହୋ' ଡାକ ଅପେକ୍ଷା କର୍କଶତର ଗୋଟିକିଆ ବଳୁଆର ଦୀର୍ଘକାଳ ସ୍ଥାୟୀ ଡାକ ।

ସାଧାରଣତଃ ବଳୁଆମାନେ ସଙ୍ଖ୍ୟା ବେଳେ, ଘଉ ପହରକ ଠାରେ, ଘଉ ଦୁଇ ପହରେ, ଘଉ ତିନ ପହରେ ଦଳ ବାନ୍ଧ ହୋଇ 'ହୁକେ ହୁକେ ହୋ' ବୋବାଳି ଚାଲିଥାନ୍ତି । କିନ୍ତୁ ଅଣ୍ଡିର ବଳୁଆ ଅସମସ୍ତରେ ଦୀର୍ଘକାଳ ସ୍ଥାୟୀ ବିକଟ ଚିତ୍କାର କରେ । ଗ୍ରାମ ନିକଟରେ ଅଣ୍ଡିର ବଳୁଆ ବୋବାଇଲେ ଗ୍ରାମସ୍ଥ କୌଣସି ବ୍ୟକ୍ତର ଆଶାମୁରୂପ ଘଟିବାର ଗ୍ରାମବାସୀମାନେ ବିଶ୍ୱାସ କରନ୍ତି । ଅଣ୍ଡିର ବଳୁଆ ବୋବାଳି ଅଶୁଭ ସୂଚକ ।

ଅଣ୍ଡିର ମାଦ୍ଦା-ଖ୍ରୀ. ବ. ପୁଂ. (ଗାଳିରେ ବ୍ୟବହୃତ)-ଗର୍ଭିଣୀ ଅନନ୍ତା, ଯେଉଁ ଲୋକ କିଛି କାମ ନକରି ବୃଥାରେ ବୁଲୁଥାଏ ।

ଅଣ୍ଡିରପୁଅ-ଖ୍ରୀ. ବ. ପୁଂ. (ଫ. ଅଣ୍ଡୀର + ପୁତ୍ର)-ବାଳକ (ପୁରୁଷ ଜାତି) (ମାଇକିନିଆ ଝିଅ-ସ୍ତ୍ରୀ)

ଅଣ୍ଡିରପୁଅ ଉର୍ଦ୍ଧ୍ୱ ଦେ. ବ. (ବ୍ୟଙ୍ଗ)-ଜମ୍ବୁଶାକ ପରି ବୃଦ୍ଧ ଦେଖା ସୁନ୍ଦର ପୁରୁଷ ।

ଅଣ୍ଡୀର-ଫ. ବିଶ୍ର. ପୁଂ. (ଅଣ୍ଡ + ଅଚ୍ ଅର୍ଥରେ ଈର)-ପୁରୁଷ ଜାତୀୟ, ବଳୁଆ, ଶକ୍ତ, ସମର୍ଥ । ଦଂ.ବ. ପୁଂ.-ମନୁଷ୍ୟ, ବଳବାନ ଓ ଦୁଷ୍ଟପୁଷ୍ଟ ପୁରୁଷ ।

ଅଣ୍ଡୀଆ-ଖ୍ରୀ. ବ.-ନଈବଢି ଚୁଡିଗଲେ ନଈର ଯେଉଁ ଯେଉଁ ସ୍ଥାନରେ ତଳର ଓ ସ୍ଥିର ପାଣି ରହିଯାଇ ଥାଏ ।

ଦେ. ବ. (ନାମ)ଓଡ଼ିଶାର ଗଡ଼ମାନଙ୍କ ମଧ୍ୟରୁ ଅଣ୍ଡିଅଗଡ଼ ଅନ୍ୟତମ । ଏହି ଗଡ ସୁବଳଲ କୋଠଦେଶ ପ୍ରଗଣାର ଶାସନ, ଧର୍ମ, ସାହିତ୍ୟ ଓ ସଂସ୍କୃତ ସହିତ ଦୀର୍ଘଦିନ ଧରି ଓଡିଶାର ଅଙ୍ଗତ ଇତିହାସରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲ । ଅଧୁନା ଅଣ୍ଡିଅଗଡ଼ ଅବଲୁପ୍ତ । ଅଦ୍ୟାବଧି ମୂକସାକ୍ଷୀ ରୂପେ ଠିଆ ହୋଇ ରହିଛି ଏହାର କେତେକ ଜରାଜୀର୍ଣ୍ଣ ଧ୍ୱଂସାବଶେଷ ।

ଜମାପଡ଼ା ଭିତ୍ତା ତୋଠ ଦେଶର ସ୍ୱଜନୈତିକ ଓ ସାଂସ୍କୃତିକ ଇତିହାସରେ ଜମିଦାର ବୃସ୍ତସିଂହ

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

ବଂଶର ପ୍ରତିଷ୍ଠା ଓ ବିକାଶକ୍ରମ ସମ୍ପର୍କରେ କୌଣସି ଲିଖିତ ପ୍ରମାଣ ନଥିଲେ ମଧ୍ୟ କମ୍ବୁଦନ୍ତୀ ସୂତ୍ରରୁ ଅନେକ ତଥ୍ୟ ମିଳେ । ବର୍ତ୍ତମାନ ଏହି ବଂଶଧରମାନେ ନିଜକୁ ସାମନ୍ତ, ସ୍ୱଜବଂଶରୂପେ ପରିଚୟ ଦିଅନ୍ତି ଓ ସେମାନଙ୍କ ଶ୍ୱଜବାହୀ ଅଣ୍ଟିଆଗଡ଼ରେ ଅବସ୍ଥିତ । ଆନ୍ଧ୍ର ଅଞ୍ଚଳର ଲୋକେ ପ୍ରଥମେ ଆସି ଏହି ଜଙ୍ଗଲ ପରିପୂର୍ଣ୍ଣ ସ୍ଥାନରେ ବାସ କରିଥିବାରୁ ଏହାର ନାମ ଅଣ୍ଟିଆ । ସମ୍ଭବତଃ ଆନ୍ଧ୍ରର ଲୋକେ ବାସ କରିବା ସମୟରେ ଏ ସ୍ଥାନର ନାମ ଥିଲା ଆନ୍ଧ୍ରସ୍ଥା । କ୍ରମଶଃ ଆନ୍ଧ୍ରସ୍ଥାରୁ ଆନ୍ଧସ୍ଥା ଏବଂ ଆନ୍ଧସ୍ଥାରୁ ଅନ୍ଧଆ ଶବ୍ଦଅପଭ୍ରଂଶ ହୋଇ ଶେଷରେ ସ୍ଥାନଟିର ନାମ ଅଣ୍ଟିଆ ହୋଇଛନ୍ତି । କେହି କେହି ମତ ଦିଅନ୍ତି ଏହି ସ୍ଥାନଟି ପ୍ରଥମେ ଘୋର ଜଙ୍ଗଲମୟ ଥିବାରୁ ଓ ବାସୋପଯୋଗୀ ଘରଦୁଆର ନଥିବାରୁ ଏପରି ନାମକରଣ କରିଯାଇଛନ୍ତି । ସେ ଯାହାହେଲେ ମଧ୍ୟ ଏହି ନାମକୁ କେନ୍ଦ୍ରକରି ଅଣ୍ଟିଆଗଡ଼, ଅଣ୍ଟିଆ ଶାସନ, ଅଣ୍ଟିଆ ସାହି ଓ ଛଳଅଣ୍ଟିଆ ବସ୍ତୁତଃ ରହିଛନ୍ତି । ଅଣ୍ଟିଆଗଡ଼ର ଜମିଦାର ରଘୁନାଥସିଂହଙ୍କୁ ବନ୍ଧୁତ୍ୱ ଭାବରେ ସହାୟତା କରିବାପାଇଁ ଇଂରାଜ ଗ୍ରାମଗୁଡ଼ିକ ପ୍ରଦାନ କରିଯାଇଥିଲା ।

ରଘୁନାଥସିଂହ ବଂଶର ପ୍ରତିଷ୍ଠାତା ନାବସ୍ୟଣ ଖ୍ରୀଷ୍ଟବ୍ଦର ଶେଷଭାଗରୁ ଆସି ନୟାପଡ଼ା ଜିଲ୍ଲାସ୍ଥିତ ବଳିପୁର ଗ୍ରାମରେ ଅବସ୍ଥାନ କରୁଥିଲେ । ସମସ୍ତଙ୍କର ଭାଙ୍ଗର କଣେ ଅନାରଙ୍ଗ ବନ୍ଧୁ ମାଳଦେଉଳ ଜାଜନଗୋଙ୍କ ନାଗପୁର ମଠାରୁ ଫେରିଲବେଳେ ରଘୁଙ୍କୁ ଖୋନସଲଙ୍କ ଠାରୁ ଜମିଦାରୀ ଲଭ କରିଲେ । କାରଣ ସେତେବେଳକୁ ଓଡ଼ିଶା ରାଜ୍ୟର ଗଡଜାତ ଖୋନସଲଙ୍କ ଅଧୀନରେ ଉନ୍ନତ ଥିଲା । ଏହି ଦୋଠ ଦେଶର ଆୟତନ ପ୍ରାୟ କୋଣ ଅଙ୍କ । ଅଷ୍ଟାଦଶ ଶତାବ୍ଦୀର ଦ୍ୱିତୀୟାର୍ଦ୍ଧରେ ଏହି ବଂଶ ପ୍ରତିଷ୍ଠିତ ହୋଇ ଜମିଦାରୀ ଲଭ କରିଥିଲେ ମଧ୍ୟ 'ରଘୁନାଥସିଂହ' ଉପାଧି ଆଗରୁ ଏମାନେ ବ୍ୟବହାର କରୁ ନଥିଲେ । ପଥମେ ଭଗବାନ ରଘୁନାଥସିଂହ ଏହି ରାଜତ୍ୱ ଉପାଧି ଲଭ କରିଥିଲେ ଓ ସେହି ଦିନଠାରୁ ଏହା ରଘୁନାଥସିଂହ ବା ସେଇ ସ୍ଥାନରେ 'ରାଉତିଂ' ବଂଶରୂପେ ପରିଚିତ ହେଲା । ପରବର୍ତ୍ତୀ କାଳରେ ଏମାନଙ୍କର ଅନେକ ପ୍ରତାପଶାଳୀ ଥିଲେ ମଧ୍ୟ ଭାହା ଦୀର୍ଘଦିନ ପର୍ଯ୍ୟନ୍ତ ସ୍ଥାୟୀ ରହି ନଥିଲା ।

୧୮୩୦ ଖ୍ରୀଷ୍ଟାବ୍ଦରେ ସିନ୍ଧିଆ ଓ ଖୋନସଲ୍ଲା ଦ୍ୱିତୀୟ ମରହଟ୍ଟା ଯୁଦ୍ଧରେ ଇଂରେଜମାନଙ୍କ ଦ୍ୱାରା ପରାସ୍ତ ହୋଇ, ଖୋନସଲ୍ଲା ଦେଓଗାଁଠାରେ ଇଂରେଜମାନଙ୍କ ଶରଣାପନ୍ନ ହେଲେ । ଫଳରେ ଓଡ଼ିଶାର କଟକ, ପୁରୀ ଓ ବାଲେଶ୍ୱର ଇଂରେଜମାନଙ୍କ ଅଧୀନକୁ ଯାଇଗଲା । ଇଂରେଜ ବନ୍ଦୋବସ୍ତ କର୍ତ୍ତୃଓ୍ୱାଲସ୍ ୧୭୯୩ ଖ୍ରୀ.ରେ ଓଡ଼ିଶାରେ ଚିରସ୍ଥାୟୀ ବନ୍ଦୋବସ୍ତ କରିବା ଦ୍ୱାରା ଜମିଦାରମାନେ ଜମିର ସ୍ଥାୟୀ ମାଲିକ ହୋଇଗଲେ ଓ ବଂଶ ପରମ୍ପରା କ୍ରମେ ପ୍ରଜାମାନଙ୍କଠାରୁ ରାଜସ୍ୱ ଆଦାୟ କରି ସରକାରଙ୍କୁ ଦେଲେ । ଏହାଦ୍ୱାରା ଜମିଦାରମାନଙ୍କର ପ୍ରଭୁତ୍ୱ ପ୍ରଜାମାନଙ୍କ ଉପରେ ବୃଦ୍ଧି ପାଇଲା । ମନଇଚ୍ଛା ଶୋଷଣ ଆଦାୟ କଲେ । ପ୍ରଜାମାନଙ୍କ ଉପରେ ଅକଥନୀୟ ଅତ୍ୟାଚାର ଚଳାଇଲେ ।

ଅଣ୍ଟିଆଗଡ଼ର ଜମିଦାର ଦଂଟେକ ମରହଟ୍ଟାଙ୍କ ବାର୍ଷିକ ଏକଲକ୍ଷ ସତୋଇଶ ହଜାର ଟଙ୍କା ଟାକସ ଦେବା କଥା । ମାନ ଜମିଦାର ଏହି ନିର୍ଦ୍ଦିଷ୍ଟ ସମୟସୀମାର ଟାକସ ସରକାରଙ୍କ ଦେବାରେ ଅବହେଳା ପ୍ରଦର୍ଶନ କରିବାରୁ ଜମିଦାରୀ ବନ୍ଦମ କରିବା ପାଇଁ ସରକାର ସ୍ଥିର କଲେ । କିନ୍ତୁ ଜମିଦାର ଆପତ୍ତି କରିବାରୁ ୧୮୧୫ ଖ୍ରୀ.ରେ ତତ୍କାଳୀନ ଟାକସ ସମେତ ବନ୍ୟାଦ୍ୱାର ଛାଡ଼ପତ୍ର ଦେଇଥିବା ଓଡ଼ିଶାର ପ୍ରଜାମାନଙ୍କ ଉପରୁ ପଞ୍ଚମ ଦଫାର ହଜାର ଟଙ୍କା ଉଠାଇବେ ସରେ ଅବଶିଷ୍ଟ ବାକିଥିବା ଟଙ୍କାକୁ କାହି ସ୍ୱଦରେ ସରକାରଙ୍କ ତହବିଲରେ ଜମା କରିବାକୁ ନିର୍ଦ୍ଦେଶ ଦିଆଗଲା । ଫଳରେ ଅଣ୍ଟିଆଗଡ଼ ଜମିଦାରଙ୍କ ଜମିଦାରୀ ବନ୍ଦମ କରାଗଲା ନାହିଁ । କିନ୍ତୁ ଭାରତ ସ୍ୱାଧୀନତା ଲଭ କରିବାରେ ଜମିଦାରୀ ଉଚ୍ଛେଦ ନୀତିମାନ୍ତାରେ ଚୁପ୍ ଚୁପ୍ ଜମିଦାରୀ ଲୋପ ହେଲା । ଦୋଠ ଦେଶର ଜମିଦାରୀ 'ଲେପ'କୁ ଭିତ୍ତିକରି ପରୀକ୍ଷା ବାବୁ ବାବୁ 'ମାଡ଼ାଲ ବଲମ' ପ୍ରବାଦଟି ସୃଷ୍ଟି ହେବାର କମ୍ବୁଦନ୍ତୀ ଶୁଣିବାକୁ ମିଳେ ।

ରଘୁନାଥସିଂହ ବଂଶର ପ୍ରାଚୀନ ବନ୍ଦେଜ୍ଞା ଘର ଓ ଉଆସର ଗଠନ ପରିପାଟୀରୁ ସ୍ଥାପତ୍ୟ ଓ ଆଭିଜାତ୍ୟର

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

ସ୍ପଷ୍ଟ ସୂଚନା ଅଦ୍ୟାବଧି ରହିଅଛି । ଚତୁର୍ଦ୍ଦିଗରେ ଉଆସକୁ ବେଢି ରହିଥିବା ପ୍ରାଚୀର ଓ ଅଣ୍ଟିଆଗଡର ପରସୀମାକୁ ଘେରି ରହିଥିବା ଗଡଖାଇ ନାରସ୍ୱର ଷ୍ଟେଟ୍‌ଗସ୍ୱଙ୍କ ପୁଣି ବାଲୁଙ୍କେଶ୍ୱର ଜଗଦେବଙ୍କ କୀର୍ତ୍ତି । ପ୍ରାସ୍ୱ ଦଶଫୁଟ୍ ଉଚ୍ଚତା ବିଶିଷ୍ଟ ପ୍ରାଚୀରଟି ମାଟିରେ ନର୍ମିତ ଓ ଏହାର ଭଗ୍ନାବଶେଷ ଏବେ ମଧ୍ୟ ବିଦ୍ୟମାନ । ପ୍ରାଚୀରର ପ୍ରତିଦୁଇଫୁଟ୍ ବ୍ୟବଧାନରେ ଗୋଟିଏ ଗୋଟିଏ ନଲା ବହୁସ୍ତରରେ ବସାଯାଇଥିଲା । ମାଟିରେ ଛଅଣ ଏହି ନଲା ଗୁଡିକ ଭଲ ସ୍ତରରେ ଘୋଡା କରାଯାଇଥିଲା, ଯେପରି ଏହା ସହଜରେ ଭୁଇଁବ ନାହିଁ । ଉଆସ ଭିତର ପଟକୁ ଥିବା ନଲା ମୁହଁର ବେଧ ପ୍ରସ୍ୱ 'ଛ' ଇଞ୍ଚ ଥିବାସ୍ଥଳେ ବାହାରକୁ ଥିବା ନଲା ମୁହଁର ବେଧ ଚଉଦ ଇଞ୍ଚ । ଏଗୁଡିକ ଢଆଣ କରାଯାଇ ଏପରି ଭାବେ ଗଡପ୍ରାଚୀରରେ ଲଗାଯାଇଥିଲା, ଯେପରି କି ପ୍ରାଚୀରର ଭିତରପଟ୍ଟ ଶତ୍ରୁକି ନଶ୍ୱାଷଣ କରି ଗୁଳି କରାଯାଇ ପାରିବ । କିନ୍ତୁ ବାହାର ଭିତରକୁ ଗୁଳି କରାଯାଇ ପାରିବ ନାହିଁ । ଶତ୍ରୁ ଆକ୍ରମଣରୁ ଗଡକୁ ରକ୍ଷା କରିବା ପାଇଁ ଅନେକ ପ୍ରକାର ପ୍ରତିଷେଧକ ବ୍ୟବସ୍ଥା ଗ୍ରହଣ କରାଯାଇଥିଲା । ଗଡର ଚତୁର୍ଦ୍ଦିଗରେ ଥିବା ଗଡଖାଇ ଏକଦା କୃଶଭଦ୍ରା ନଦୀସହିତ ସଂଯୁକ୍ତ ହୋଇ ସର୍ବଦା ଜଳ ପ୍ରବାହ ଦ୍ୱାରା ପରିପୂର୍ଣ୍ଣ ଥିଲା । ଉକ୍ତ ଗଙ୍ଗାର ଓ ପ୍ରଶସ୍ତ ଗଡଖାଇ ଡେଇଁ ଶତ୍ରୁମାନେ ଗଡ ମଧ୍ୟକୁ ପ୍ରବେଶ କରିବା ପାଇଁ ଦୁଃସାହସ କରୁନଥିଲେ । ବର୍ତ୍ତମାନ ଏହି ଗଡଖାଇ କୃଶଭଦ୍ରା ନଦୀଠାରୁ ବିଚ୍ଛିନ୍ନ ହୋଇ ଯାଇଥିଲେ ହେଁ ତାହାର ଅସ୍ତିତ୍ୱ ଲୋପ ପାଇ ନାହିଁ । କାଳକ୍ରମେ ପୋତ ହୋଇ ପଡିବାରୁ ଏହା ସଂକୀର୍ଣ୍ଣ ଓ ଅଗଭୀର ହୋଇ ପଡିଛି । ସେହିପରି ଗଡ ମଧ୍ୟରେ ଉଆସ ସମ୍ମୁଖରେ ଲୋକଙ୍କୁ ବସନ୍ତ ସ୍ଥାପନ କରି ରହିବାକୁ ଅନୁମତି ପ୍ରଦାନ କରାଯାଇଥିଲା । ଶତ୍ରୁ ଆକ୍ରମଣକୁ ପ୍ରତିହତ କରିବାର ଦାୟିତ୍ୱ ଥିଲ ସେହିମାନଙ୍କ ଉପରେ । ଡେଣ୍ଡ ଶତ୍ରୁ ପ୍ରଥମେ ସେମାନଙ୍କୁ ପରାସ୍ତ କରି ପାରିଲେ ଯାଇ ଗଡବାଡୀ ମଧ୍ୟରେ ପ୍ରବେଶ କରିପାରିବ । ଶତ୍ରୁର ଉଚ୍ଚତ ମୁକାବିଲା କରିବା ଲାଗି ମଧ୍ୟ କଟୁ ଅଶ୍ୱାରୋହୀ ଓ ଗଜାରୋହୀ ସୈନ୍ୟ ଥିଲେ । ଅଶ୍ୱ ଓ ଗଜମାନେ ରହିଥିବା ସ୍ଥାନକୁ 'ଘୋଡାଶାଳ' ଓ 'ହାତୀଶାଳ' କୁହାଯାଇଥିଲା । ଗଡ ମଧ୍ୟରେ ବିଭିନ୍ନ ପ୍ରକାର ଭୋପ ସଜ୍ଜିତ ହୋଇ ରହିଥିବା ଓ ଆବଶ୍ୟକ ସ୍ଥଳେ ସେ ସବୁ ବ୍ୟବହୃତ ହେଉଥିଲା ।

ବାଲୁଙ୍କେଶ୍ୱର ଜଗଦେବ ଅଣ୍ଟିଆ ସାହସ୍ର ବାଲୁଙ୍କେଶ୍ୱର ମନ୍ଦିର ଓ ପାଟପୁରରେ ବିଷ୍ଣୁ ମନ୍ଦିର ନର୍ମାଣ କରନ୍ତି । ସଙ୍ଗେ ସଙ୍ଗେ ଏକ ବୃତ୍ତାକାର ପୁଷ୍କରଣୀ ଖୋଳାଇ ଥିଲେ । ଏହି ପୁଷ୍କରଣୀରେ ପ୍ରତିବର୍ଷ ଚନ୍ଦନଯାତ୍ରା ମହାସମାରୋହରେ ପାଳିତ ହୁଏ, ପାଟପୁରସ୍ଥ ଏହି ଦୁର୍ଗା ଓ ରଘୁଟସିଂହଙ୍କ ଗୃହଦେବୀ ଦୁର୍ଗାଙ୍କ ମଧ୍ୟରେ ବିଜୟା ଦଶମୀ ଦିନ ଗୁର୍ଣ୍ଣିର ମନ୍ଦିର ନିକଟରେ ମିଳନ ହୁଏ । ଏକଦା ମହା ସମାରୋହରେ ପାଳନ କରାଯାଇଥିବା ଏହି ଉତ୍ସବର ପରଂପରା ଅଦ୍ୟାବଧି ପ୍ରଚଳିତ ଅଛି । କଥିତ ଅଛି ରଘୁଟସିଂହ ବଂଶର କୌଣସି ମହିଳା ପାଟପୁର ଗ୍ରାମ ପ୍ରତିଷ୍ଠା କଣ ଜନ ନାମାନୁସାରେ ଏହାର ନାମ 'ପାଟପୁର' ରଖିଲେ । ସେହିପରି ରାମଚନ୍ଦ୍ର ରଘୁଟସିଂହଙ୍କ ଦ୍ୱାରା ପ୍ରତିଷ୍ଠିତ ବ୍ରାହ୍ମଣ ଶାସନର ନାମ ରାମଚନ୍ଦ୍ରପୁର ଶାସନ । ଉକ୍ତ ଶାସନ ବ୍ରାହ୍ମଣମାନେ ଦେବାଦେବୀଙ୍କ ନାମ୍ନେ ଭୁଲିବା ସଙ୍ଗେ ସଙ୍ଗେ ଏମାନଙ୍କ ମଧ୍ୟରୁ ଜଣକ ରଘୁଟସିଂହ 'ଗୁରୁ' ରୂପେ ବରଣ କରିଥିଲେ ।

ରଘୁଟସିଂହଙ୍କ ଉଆସ ମଧ୍ୟରେ ଥିବା ଲକ୍ଷ୍ମୀ ଜନାର୍ଦ୍ଦନଙ୍କ ମନ୍ଦିର ଶୈଳିବ ସ୍ଥାପତ୍ୟ ଇତିହାସର ଏକ ମୂକସାକ୍ଷୀ ! ପ୍ରସ୍ୱ ୩୦ ଫୁଟ୍ ଉଚ୍ଚତା ବିଶିଷ୍ଟ ଏହି ମନ୍ଦିର ଓ ସିଂହଦ୍ୱାର ପଞ୍ଚରତ୍ନ ଥିବା ନାଟ ମଣ୍ଡପ ନାରସ୍ୱର ଷ୍ଟେଟ୍‌ସ୍ୱଙ୍କ ଦ୍ୱାରା ନର୍ମିତ ହୋଇଥିଲ । ମନ୍ଦିରରେ ପାର୍ଶ୍ୱ ଦେବତାରୂପେ ରହିଛନ୍ତି ବାମନ, ନୃସିଂହ ଓ ହନୁମାନ । ଏକଦା ମନ୍ଦିରରେ ପ୍ରତ୍ୟହ ନୂତନ ଦାଣ୍ଡିରେ ପାଳିତ କରାଯାଇ ଠାକୁରଙ୍କର ମନୋହ କାର୍ଯ୍ୟ ସମାପନ କରାଯାଉଥିଲ । ସେଥିପାଇଁ ନିକଟବର୍ତ୍ତୀ ସ୍ଥାନରେ ଭଙ୍ଗାଦାଣ୍ଡି ଓ ଝପର ଗଦା ପଡିରହିଛି । ବର୍ତ୍ତମାନ ଆଉ ଏ ପରଂପରା ପ୍ରଚଳିତ ନାହିଁ । ପୃଷ୍ଠ ଜଗନ୍ନାଥଙ୍କ ମନ୍ଦିରରେ ପ୍ରଚଳିତ ଦେବଦାସୀ ନୃତ୍ୟ ପରି ଲକ୍ଷ୍ମୀ ଜନାର୍ଦ୍ଦନଙ୍କ ମନ୍ଦିରରେ ଦେବଦାସୀ ନୃତ୍ୟର ବ୍ୟବସ୍ଥା ରହିଥିଲ ।

ଗଡ ଭିତରେ ଥିବା ଲକ୍ଷ୍ମୀ ଜନାର୍ଦ୍ଦନ ମନ୍ଦିରର ନାଟମଣ୍ଡପ ଓ ମୁଖ୍ୟ ମନ୍ଦିର ଏବେ ନାନା ପ୍ରକାର ବୃକ୍ଷଲତା ଦ୍ୱାରା ଆବୃତ ହୋଇ ଅର୍ଦ୍ଧଭଗ୍ନ ଅବସ୍ଥାରେ ପଡି ରହିଛି । ପରବର୍ତ୍ତୀ ସମୟରେ ନର୍ମିତ ହୋଇଥିବା

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

ଜଗନ୍ନାଥବଲ୍ଲୀ ଅନ୍ୟଏକ କ୍ଷୁଦ୍ର ମନ୍ଦିରରେ ଲକ୍ଷ୍ମୀଜନାର୍ଦ୍ଦନ ଅଦସ୍ଥାନ କରୁଛନ୍ତି ।

ଭଗବାନ ବ୍ରହ୍ମଙ୍କସିଂହ ଥିଲେ ଜଗନ୍ନାଥଙ୍କର ପରମ ଭକ୍ତ । ଛେଣ୍ଡ ସେ ମନ୍ଦିର ନିର୍ମାଣ କରି ପତିତ-ପାବନ ମୂର୍ତ୍ତି ପ୍ରତିଷ୍ଠା କରି ତାଙ୍କର ସେବା ପୂଜା ନିମନ୍ତେ ଅନେକ ଭୂସମ୍ପତ୍ତି ଖଞ୍ଜା କରିଥିଲେ । ଅର୍ଣ୍ଣିଆ ଗଡ଼ରେ ଏହି ପତିତପାବନଙ୍କର ରଥଯାତ୍ରା ଉତ୍ସବ ପାଳନ ହେଉଥିଲା । ଏଥିପାଇଁ ଗଡ଼ରେ ଗୁଣ୍ଡିଘରାଣ ଓ ଗୁଣ୍ଡିଘ ମନ୍ଦିର ରହୁଥିଲା । ଏହି ରଥଯାତ୍ରାରେ କେବଳ ଗୋଟିଏ ମାତ୍ର ରଥ ବ୍ୟବହୃତ ହେଉଥିଲା ଓ ବହୁ ଦୂରରୁ ଲୋକେ ଦେଖିବା ପାଇଁ ଆସୁଥିଲେ । ମାତ୍ର ଏ ରଥଯାତ୍ରାର ଅବସାନ ଘଟିଛି । ପରବର୍ତ୍ତୀ ସମସ୍ତରେ ଧନୁର୍ଜସ୍ତ ମାନଧାତା ପତିତପାବନ ମନ୍ଦିର ମଧ୍ୟରେ ଏକ ଝୁଲଣ ମଣ୍ଡପ ନିର୍ମାଣ କରି ଝୁଲଯୋଗ ଆରମ୍ଭ କରିଥିଲେ । ବ୍ରହ୍ମଙ୍କସି ହୁ ବଂଶର ହୈମବତୀ ଦେବୀ ନୂଆ ପୋଷାକ ଖୋଲାଇଥିଲେ । ଏହି ପୋଷାକର ମଧ୍ୟ ଭାଗରେ ଗୋଟିଏ ମନ୍ଦିର ଅଛି । ଏହିଠାରେ ଲକ୍ଷ୍ମୀ-ଜନାର୍ଦ୍ଦନଙ୍କ ବଦନେ ପ୍ରତିମାକୁ ଉପରେ ବସାଇ ଚନ୍ଦନଯାତ୍ରା କରାଯାଏ । ସେହିପରି ଭଗବାନ ବ୍ରହ୍ମଙ୍କସିଂହଙ୍କ ଦ୍ୱାରା ନିର୍ମିତ ପୁରୁଷିତ ଦୋଳ ବେଦୀରେ ଏହି ବଂଶର ଗୁରୁ ଦେବତା ରାଧାକୃଷ୍ଣ ଦୋଳ ପୂର୍ଣ୍ଣିମା ଦିନ ଭଜେ କରନ୍ତି ଓ ମହା ଅଭିଷେକ ପରିବେଶରେ ଉତ୍ସବଟି ପାଳନ ହୁଏ ।

ଅତ୍-ଅବ୍ୟ. (ଅତ୍ + ଲୁପ୍)-ଆର୍ଷ୍ମ, ଶୀଘ୍ର, ଅତିଶୟ । ଅବ୍ୟ. (ଅତ୍ର + ତ୍ରସିଲ୍)-ଏହାପରେ, ଏଥିରୁ ଫିଲେ, ଏଥିରୁ ବେଶି ।

ଅତ୍ରି ଦସ୍ତି-ସା. ବ. (ନାମ)-ଚତୁର୍ଦ୍ଦଶ ବୁଦ୍ଧ । ଏହାଙ୍କର ଜନ୍ମ ଶୋଭନ ନକ୍ଷତ୍ରରେ । ପତ୍ନୀଙ୍କ ନାମ ବଶାଖା । ପିତାଙ୍କ ନାମ ସାଗର ଓ ମାତାଙ୍କ ନାମ ସୁଦର୍ଶନା । ସେନ ନାମରେ ଏହାଙ୍କର ଗୋଟିଏ ପୁତ୍ର ଥିଲା । ଫସ୍ଟ୍ଟଚ ଭାଷାରେ ଅତ୍ରି ଦସ୍ତି 'ଅର୍ଥଦର୍ଶୀ' ନାମରେ ପରିଚିତ ।
(ଦେଖନ୍ତୁ-ବୁଦ୍ଧ, ବୌଦ୍ଧଜାତକ)

ଅତ୍ରିସ ସତ୍ବାର ଜାତକ-ପା.ବ. (ନାମ)-ଖଣ୍ଡିଏ ବୌଦ୍ଧ ଜାତକ । ଏହି ଜାତକରେ ବୁଦ୍ଧଦେବଙ୍କର ପୂନର୍ଜନ୍ମର ବିବରଣୀ ବର୍ଣ୍ଣନା କରାଯାଇଛି ।
(ବୌଦ୍ଧ ଜାତକ-ଦେଖନ୍ତୁ)

ଅତ-(ଧାତୁ)-ସଂ.-ଗୁଲିବା, ଭ୍ରମଣ କରିବା, ବାନ୍ଧିବା ।

ଅତଉଲ-ଦେ. ବଣ.-ଅତୌଲ (ଦେଖନ୍ତୁ)

ଅତଉଲ-ଦେ. ବଣ.-ଅତୌଲ (ଦେଖନ୍ତୁ)

ଅତଉର୍ଦ୍ଧ୍ୱ-ସଂ. ଅ. (ସଂ. ଅତଃ + ଉର୍ଦ୍ଧ୍ୱ, ସନ୍ଧି ଯୋଗୁ ବିସର୍ଗର ଲୋପ)-ଏହାପରେ, ଏଥିରୁ ଫିଲେ, ଏଥିରୁ ବେଶି ।

ଅତଏବ-ସଂ. ଅ. (ଅତଃ + ଏବ, ସନ୍ଧିଯୋଗୁ ବିସର୍ଗର ଲୋପ)-ଏହି କାରଣରୁ, ଏଥିଯୋଗୁ, ଏଣୁ, ଏ ନିମିତ୍ତ ।

ଅତଃ ସଂ. ଅ. (ଇଦମ୍ + ଝମୀ ବିଭକ୍ତି. + ତସ୍)-ଏହି ସ୍ଥାନରୁ, ଏହିଠାରୁ, ଏହି କାରଣରୁ, ଏ ହେତୁରୁ, ଏହା ଅପେକ୍ଷା, ଏହି ସମସ୍ତଠାରୁ, ଅଳ୍ପ ଠାରୁ ।

ଅତଃପର-ଦେ. ଅ. (ସଂ ଅତଃପରମ୍) ଏହାପରେ, ଏଥି ଉତ୍ତାରୁ ।

ଅତକ୍-ପ୍ରାଦେ. (ଭଙ୍ଗି) ସଂ.-ଏହା, ଏଭଳି, ଏଭେଳ ।

ଅତକ-ସଂ. ବିଶ. ପୁ. (ଅତ ଧାତୁ + କର୍ତ୍ତୃ. ଅକ)-ଭ୍ରମଣକାରୀ ।

ଅତଟ-ସଂ. ବି. (ବହୁବ୍ରୀହି, ଅ + ତଟ, ଯାହାର ତଟ ନାହିଁ)-ପଙ୍କର ଦୁଇପାଶ୍ୱ ଉଠିଥିବା ଶିଙ୍ଗ, ନଈର ଅଡ଼ୁଆ । ସଂ. ବିଶ.-ତଟସ୍ଥ, ଅସୀମ, ଏକଦମ୍ ଅଖାଡ଼ ।
ପ୍ରତିଶବ୍ଦ-ଭୂଗୃ, ପ୍ରପାତ ।

ଅତଡ଼୍-ପ୍ରାଦେ. (ଗଡଜ ତ, ଅଙ୍କ) ବି.-ଦେହିବା କାଠିଆ ଦେବାପାଇଁ ଅଙ୍ଗୁଳି ଆ ସ୍ଥାନ ।

ଅତଡ଼-ଦେ. ବି. (ସଂ. ଅତଟ) ଲମ୍ବା ଭବରେ ଉଠିଥିବା ନଈର ଅଖୁଡ ତଟଭୂମି, ଉଚ୍ଚ ମାଟି ଭୂମି ।

ଅତଡ଼ା-ଦେ. ବି.-ଅଚ୍ଛଡ଼ (ଦେଖନ୍ତୁ)
କଳୁଥିବା ନଈଆଁ ଗଦା । ସଂ (ଅତ୍+ଳଟଚ) ବଳଟ ଉଚ୍ଚ ସ୍ୱରର ଆଘାତ ଯୋଗୁ କମ୍ପିରେ ଉପୁଜିବା ଦୁର୍ବଧତା । ଦେ. ବଣ.-(ସଂ.ଅ + ଛାଡିତ)-କାନ୍ଦ ଆଦରେ ଅଚ୍ଛଡା (ଛାଡ଼ିତ) ଦୋଇ ନଥିବା (ଭୂମି)

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

ଅତଡା ଖସିବା-ଦେ. ବି. ନଦୀ ଜଝ ଭୂମିର ବଡ଼ ବଡ଼ ମାଟି ଖଣ୍ଡମାନ ଜଳସ୍ରୋତର ପ୍ରବଳ ଆଘାତ ଦ୍ୱାରା ନଦୀର ଗର୍ଭସାତ୍ ହେବା ।

ଅତଡା ଖାଇବା-ଦେ. କ୍ରି.-(ନଈ) ସ୍ରୋତର ଆଘାତ ଦ୍ୱାରା ଜଝଭୂମିକୁ ଗର୍ଭସାତ୍ କରିବା, (କୌଣସି ଦୁଷ୍ଟ ବ୍ରଣ ବା ଘାଆ) ଗୁଣ ପାଖର ଚମ ଓ ମାଂସକୁ ପଗୁଇ ଘାଇଲ କରିବା ।

ଅତଡା ପଡ଼ିବା-ଦେ. ବି.-ଅତଡ଼ା ଖସିବା (ଦେଖନ୍ତୁ) ଅତି ଉତ୍କଟ ବା କଠୋର ଶବ୍ଦ ଦ୍ୱାରା (କାନ) ବଧିର ବା ସ୍ତବ୍ଧ ହେବା ।

ଅତଡ଼-ଦେ. ବି-ଅଚଡ଼ (ଦେଖନ୍ତୁ)
ଗ୍ରୋଟ ଜଳନ୍ତା ନିଆଁ ଉଦା ।

ଅତଡ଼ଆ-ଦେ. ବିଣ. (ସଂ. ଅତଟ)-ଉଚ୍ଚ, ଅତିଉଚ୍ଚ ଲମ୍ବୁଚ୍ଚବରେ ଉଚ୍ଚ ।

ଅତଣ୍ଡି-ଦେ. ବି (ଲତା ବଶେଷ)-ଆରୁଣ୍ଡୀ (ଦେଖନ୍ତୁ)

ଅତଥୋଚିତ-ସଂ: ବିଣ. (ନଞ୍ଚ ତତ୍.) ଅନୁଚିତ ଅନ୍ୟାଯ୍ୟ, ଅଯଥାଯୋଗ୍ୟ ।

ଅତଥ୍ୟ-ସଂ. ବି. (ଅ + ତଥ୍ୟ)-ଅସତ୍ୟ, ଅବାସ୍ତବ, ଅନଉଚିତ ।

ଅତଦ୍‌ଗୁଣ-ସଂ. ବି. (ଅ + ତଦ୍‌ଗୁଣ)-ଅର୍ଥାଲଙ୍କାର ବଶେଷ, ଯେଉଁ ଅଳଙ୍କାରରେ ଏକ ବସ୍ତୁ ବସ୍ତ୍ୟନ୍ତରର ଗୁଣ ଗ୍ରହଣ କରିଲେ ନିଜର ଗୁଣକୁ ବଜାଏ ରଖିଥାଏ, ଅଳଙ୍କାର ବଶେଷ-କୌଣସି ବସ୍ତୁର ଅସଲ ପ୍ରକୃତି ବର୍ଣ୍ଣନା ନକରି ଯେଉଁ ଅଳଙ୍କାରରେ ତାକେ ଗୁଣ ବର୍ଣ୍ଣନା କରାଯାଇଥାଏ ।

ଅତନ-ସଂ ବି. (ଅତ ଧାତୁ + ଲଟ, ଅନ)-ଗମନ ଭ୍ରମଣ ।

ଅତନୁ-ସଂ. ବି.-(ବହୁବ୍ରୀହି, ଅ + ତନୁ)-ଅନଙ୍ଗ, କାମଦେବ, ମଦନ । ସଂ. ବିଣ. (ବହୁବ୍ରୀହି)-ଶତ୍ରୁର ରନ୍ଧ୍ରତ (ନଞ୍ଚତତ୍ତ୍ୱ)-ସ୍ଥୂଳ, ମୋଟା ।

ଅତନ୍ତ୍ର-ସଂ. ବିଣ. (ବହୁବ୍ରୀହି. ଅ + ତନ୍ତ୍ର) ଯେଉଁ ବାଦ୍ୟ ଯନ୍ତ୍ରରେ ତନ୍ତ୍ର ବା ତାର ନଥାଏ, ସ୍ୱତନ୍ତ୍ର, ଅପରାଧୀନ ସ୍ୱାଧୀନ, ଅବାଧ, ସ୍ୱେଚ୍ଛାଧୀନ, ଯାହା ବାଧତାମୂଳକ ନୁହେଁ, ତନ୍ତ୍ର ବହୁଳତ୍ତ, ତନ୍ତ୍ରସ୍ଥନ ।
(ଅତନ୍ତ୍ରା—ସ୍ତ୍ରୀ) ।
(ଅତନ୍ତ୍ରତା—ବପସ୍ତତ) ।

ଅତନ୍ଦ୍ର-ସଂ. ବିଣ. ପୁଂ. (ବହୁବ୍ରୀହି, ଅ + ତନ୍ଦ୍ରା)-ତନ୍ଦ୍ରା ସ୍ଥନ, ନଦ୍ରାସ୍ଥନ, ଅନଳସ, ଅବଶ୍ରମ, ସାବଧାନ ସତର୍କ । (ଅତନ୍ଦ୍ର।-ସ୍ତ୍ରୀ)

ଅତନ୍ଦ୍ରିକ-ସଂ, ବିଣ. (ଅ + ତନ୍ଦ୍ର + ଇକ)-ଅତନ୍ଦ୍ର, (ଦେଖନ୍ତୁ) (ଅତନ୍ଦ୍ରିକା-ସ୍ତ୍ରୀ)

ଅତନ୍ଦ୍ରିତ-ସଂ. ବିଣ. ପୁଂ. (ଅ + ତନ୍ଦ୍ରା + ଇତ)-ଅତନ୍ଦ୍ର (ଦେଖନ୍ତୁ)
(ଅତନ୍ଦ୍ରିତା—ସ୍ତ୍ରୀ)

ଅତନ୍ଦ୍ରୀ-ସଂ. ବିଣ ପୁଂ. ଅ + ତନ୍ଦ୍ରା + ଇନ୍, ୧ମା, ୧ବ,)-ଅତନ୍ଦ୍ର (ଦେଖନ୍ତୁ)
(ଅତନ୍ଦ୍ରିଣୀ—ସ୍ତ୍ରୀ)

ଅତପ-ସଂ.ବିଣ. (ଅ + ତପ ଧାତୁ + ଅ)-ଥଣ୍ଡା, ଶୀତଳ ଅନୁଷ୍ଣ, ଅନାଯୁକ୍ତ ।

ଅତପସ୍-ସଂ. ବିଣ. ପୁଂ. ଓ ସ୍ତ୍ରୀ (ବହୁବ୍ରୀହି, ଅ + ତପସ୍ ୧ମା. ୧ବ.)-ଯେ ତପଶ୍ଚରଣରେ ହେଳା କରେ । ସଂ.ବି.-ଅଧାର୍ମିକ ବ୍ୟକ୍ତି ।

ଅତପସ୍କ-ସଂ ବିଣ. ପୁଂ. (ଅ + ତପସ୍ + କ)-ଅତପଃ (ଦେଖନ୍ତୁ) (ଅତପସ୍କା— ସ୍ତ୍ରୀ)

ଅତପାସ୍-ପୁଂ. ବିଣ.(ବହୁବ୍ରୀହି)- ଅତପଶ୍ଚର୍ଯ୍ୟାକାଣ୍ଡ, ଯେ ତପସ୍ୟା କରେ ନାହିଁ, ତପସ୍ୟାସ୍ଥନ ।

ଅତପ୍ତତନୁ-ପୁଂ. ବିଣ.(ଅତପ + ତ + ତନୁ)(ବହୁବ୍ରୀହି) ବ୍ରହ୍ମାଣ୍ଡ ଦ୍ୱାରା ତାପିତ ହୋଇନଥିବା (ଶଙ୍କର)

ଅତର-ବୈଦେ:ବ. ନାମ ପାରସ୍ୟ ଦେଶର ଜନୈକ ପ୍ରସିଦ୍ଧ କବି । ଏହାଙ୍କର ପୁରାନାମ ଫରଦ୍‌ବୁଦ୍ଦିନ ଅତର । ଜନ୍ମ ୧୧୧୯ ଖ୍ରୀଷ୍ଟାବ୍ଦ ଓ ମୃତ୍ୟୁ ୧୬୩ ଖ୍ରୀଷ୍ଟାବ୍ଦ ଜଣେ ଅତର ଯୁବକ ଅବସ୍ଥାକୁ ଉତ୍ତୀର୍ଣ୍ଣ ହେବା ମାତ୍ରକେ ପ୍ରଥମେ ନିଜର ପିତାଙ୍କ ସହକ ଓ ଔଷଧ ବ୍ୟବସାୟରେ ନିଜକୁ ନିୟୋଜିତ କରିଥିଲେ । ବ୍ୟବସାୟ କରିବା ସଙ୍ଗେ ସଙ୍ଗେ ସେ କବିତା ଲେଖୁଥିଲେ । ତାଙ୍କର କବିତ୍ୱ କବିତା ଯୋଗୁ ସେ ପାଠକମାନଙ୍କ ଦୃଷ୍ଟିକୁ ଆସିଥିଲେ । ଶେଷରେ ଏପରି ହେଲା, କବିତା ଲେଖା ଯୋଗୁ ସେ ବ୍ୟବସାୟ କରିପାରିଲେ ନାହିଁ ! ଅତର ଫକୀର ହୋଇଗଲେ । ତାଙ୍କ ରଚିତ 'ପକ୍ଷୀ ସମ୍ମିଳନୀ'

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

'ଉପଦେଶମାଳା' ଓ 'ମହାପୁରୁଷମାନଙ୍କ ଇତିକଥା' ପୁସ୍ତକ ଖୁବ୍ ଉଚ୍ଚକୋଟିର । ଚେଙ୍ଗିସ୍ ଖାଁଙ୍କ ଆକ୍ରମଣ ବେଳେ ଜଣେ ମୋଗଲ ସୈନ୍ୟ ତାଙ୍କୁ ୧୨୩୦ ଖ୍ରୀଷ୍ଟାବ୍ଦରେ ହତ୍ୟା କରିଥିଲା ।

ଅତର-ବୈ.ଦେ. ବ (ଆ.ଇନ୍ଦ)-ପୁଷ୍ପରୁ ନିଷ୍କାସିତ ତୈଳ ମଧ୍ୟ ସୁଗନ୍ଧଯୁକ୍ତ । ଅତରର ବ୍ୟବହାର ବହୁ ପ୍ରାଚୀନ କାଳରୁ ଚଳିଆସୁଛି ।ମୁଖ୍ୟତଃ ଉଦ୍ଭିଦ ଜନ୍ୟରୁ ଏହା ସଂଗୃହୀତ ହୋଇଥାଏ । ଗୋଲପଫୁଲ, ଲଭେଣ୍ଡରର ପାଖୁଡ଼ା ବେଣାଚେର, ଚନ୍ଦନକାଠ, ଡାଲଚିନି ଛେଲି ଜାଇଫଳ ମଞ୍ଜି, କମଳା ଗ୍ରେପ ଏବଂ କେତେକ ଗଛର ପତ୍ରରୁ ଅତର ପ୍ରସ୍ତୁତ କରାଯାଏ । ଅତର ପାଇଁ ଦକ୍ଷିଣ ଫ୍ରାନ୍ସ, ପାରସ୍ୟ, ତୁରସ୍କ, ବଲକାନ୍ ଓ ସିରିଆ ଇତ୍ୟାଦି ଦେଶ ପ୍ରସିଦ୍ଧ । ସବୁଠାରୁ ଉତ୍ତମ ଏବଂ ମୂଲ୍ୟବାନ ଅତର ପ୍ରସ୍ତୁତ କରାଯାଏ ଗୋଲପ ଫୁଲରୁ । ଗୁଣବତ୍ତାର ତୋଳା ଗୋଲପ ଫୁଲରୁ ମାତ୍ର ୩୦୦ ଗ୍ରାମ ଅତର ବାହାରେ । ଏକ ପାଉଣ୍ଡ ସୁବାସ ତେଲ ବାହାର କରିବା ପାଇଁ ୮୮୦ ପାଉଣ୍ଡ କମଳା ଫୁଲ ଆବଶ୍ୟକ ।ବାଷ୍ପ ବା ଗ୍ରୁପ ପ୍ରୟୋଗ ନିସ୍ୱା ଦ୍ୱାରା ଏବଂ ସୁଗନ୍ଧ ଧାରକ ଚର୍ବି ସଂଯୋଗ ପ୍ରକ୍ରିୟାରେ ଅତର ପ୍ରସ୍ତୁତ କରାଯାଏ । ଗୋଲପ ଫୁଲରୁ ଅତର ପ୍ରସ୍ତୁତ କରିବା ପୂର୍ବରୁ ଗୋଲପ ଗଛର ବସ୍ତ୍ରର ଉପରେ ଦୃଷ୍ଟି ଦେବାକୁ ପଡ଼େ । ଯେଉଁ ଗୋଲପ ଗଛଟି ପାଞ୍ଚ ବସ୍ତ୍ରର ହୋଇଥିବ, ସେହି ଗଛରେ ଫୁଟିଥିବା ଫୁଲ ସର୍ବାଧିକ ଉତ୍ତମ ପଡିବାର ବହୁ ଆଗରୁ ତୋଳି ଅତର ପ୍ରସ୍ତୁତ କରିବାକୁ ପଡ଼େ । ନଚେତ ଭଲ ଅତର ପ୍ରସ୍ତୁତ ହୋଇପାରେ ନାହିଁ । ସ୍ରେଗାନ୍ଦାନ୍ର ଉତ୍ତମ ଅନ୍ତରୁ ଜାତ ଅମ୍ବର ଶ୍ରୀସ୍ ମୂଲ୍ୟବାନ ଅତର ପ୍ରସ୍ତୁତ ପାଇଁ ଲୋଡା ହୁଏ । କୃତ୍ରିମ ଉପାୟରେ କୋଇଲ ତେନ୍ଦରୁ ମଧ୍ୟ ଅତର ବାହାର କରିଗଲିଣି ୧୮୭୮ ଖ୍ରୀଷ୍ଟାବ୍ଦଠାରୁ ।

ଚୀନର ଡ଼ାକ୍ତରମାନେ ଏକପ୍ରକାର ଅତର ଆବିଷ୍କାର କରିଛନ୍ତି, ଯାହାକୁ ଆଘ୍ରାଣ କଲେ ଧୂମ୍ରପାନରେ ଅଭ୍ୟସ୍ତ ବ୍ୟକ୍ତମାନେ ସିଗାରେଟ୍ ଟାଣିବା ଭୁଲି ଯେଉଛନ୍ତି ।

ଧୂମ୍ରପାନକାରୀମାନେ ଏହି ଅତରକୁ ଦୈନିକ ୧୦ରୁ ୨୦ ମିନିଟ୍ ଉତ୍ସାବରେ ୩ଥର ଧରି ଆଘ୍ରାଣ କଲେ ସିଗାରେଟ୍ ଟାଣିବା ପାଇଁ ଧୀରେ ଧୀରେ ସେମାନଙ୍କ ଇଚ୍ଛା କମିଯାଉଛୁ । ଏପରିକ 'ଚେନ୍ ସ୍ମୋକର୍' ମାନେ ଆଉ ଏକ ସପ୍ତାହ ପାଇଁ ୧ ରୁ ୨ ମିନିଟ୍ ଧରି ଏହି ଅତରକୁ ଆଘ୍ରାଣ କଲେ ସିଗାରେଟ୍ ପ୍ରତି ସେମାନଙ୍କର ମୋହ ସମ୍ପୂର୍ଣ୍ଣ ରୂପେ ଯାଉଥିବାର ଲକ୍ଷ୍ୟ କରାଯାଇଛୁ । (ଦେଖନ୍ତୁ ଗୋଲପ, ଫୁଲ, ସୁବାସ-ଦ୍ରବ୍ୟ)

ଅତରକ-ଗ୍ରା. (ପଦ୍ୟ)ବଣ. (ସଂ ଅର୍ଦ୍ଧଚନ୍ଦ୍ର)-ଅର୍ଦ୍ଧଚନ୍ଦ୍ର (ଦେଖନ୍ତୁ)

ଅତରକା-ଦେ.ବଣ ପୁଂ ଓ ସ୍ତ୍ରୀ-ଯେ ମାୟାମୟ ବା କପଟୀ ନୁହେଁ, ନିଷ୍କପଟ, ସରଳ, ଅସାବଧାନ ।

ଅତରକଆ-ଗ୍ରା.ବଣ. ଅତରକା (ଦେଖନ୍ତୁ)

ଅତରକତ-ଗ୍ରା. (ପଦ୍ୟ)ବଣ. (ସଂ. ଅର୍ଦ୍ଧଚନ୍ଦ୍ର)-ଅର୍ଦ୍ଧଚନ୍ଦ୍ର (ଦେଖନ୍ତୁ)

ଅତରକତେ ଗ୍ରା(ପଦ୍ୟ)କ୍ରି.ବଣ.(ଫା.ଅର୍ଦ୍ଧଚନ୍ଦ୍ର)-ଅର୍ଦ୍ଧଚନ୍ଦ୍ର ଭାବରେ, ଅପ୍ରତ୍ୟାଶିତ ରୂପେ, ହଠାତ୍ ।

ଅତରତକ-ଗ୍ରା. (ପଦ୍ୟ) କ୍ରି.ବଣ. (ସଂ. ଅର୍ଦ୍ଧଚନ୍ଦ୍ର)-ଅତରକତେ (ଦେଖନ୍ତୁ)

ଅତରଚ୍ଛ-ଗ୍ରା.ବ. ଓ ବଣ.-ଅତର୍ଚ୍ଛ (ଦେଖନ୍ତୁ)

ଅତରଚ୍ଛଆ-ଦେ ବଣ.-ଅତର୍ଚ୍ଛିଆ (ଦେଖନ୍ତୁ)

ଅତରଣୀଯୁ-ସଂ. ବଣ. (ନଞ୍ ତତ୍.)-ଉତ୍ତୀର୍ଣ୍ଣ ହେବାକୁ ଅସମର୍ଥ, ସାନ୍ତା ପାଣ ଦୋଇ ହୁଏ ନାହିଁ ।
(ଅତରଣୀୟା-ସ୍ତ୍ରୀ)

ଅତରଦାନ-ବୈଦେ. ବ, (ଆ.ଇନ୍.ଦାନ୍) -ସଭା ଓ ଦରକାର ଆଦରେ ନିମନ୍ତ୍ରିତ ବ୍ୟକ୍ତମାନଙ୍କୁ ଅତରଦ୍ୱାରା ଅଭ୍ୟର୍ଥନା କରିବା ପାଇଁ ବ୍ୟବହୃତ ଅତର ରଖା-ଯାଇଥିବା ପାତ୍ର । ଦେ. ବ. (ଆ.ଇନ + ଦାନ)-ଅତର ଶିଶି, ଅତର ରଖିବା ପାଇଁ ବ୍ୟବହୃତ ଦାନ ବୋତଲ ।

ଅତରଦାନୀ-ଦେ ବ.-ଅତରଦାନ୍ (ଦେଖନ୍ତୁ)

ଅତରଦ୍ଧଆ-ଦେ ବଣ.-ଅତରଦ୍ୱାରା ସୁବାସିତ ଦ୍ରବ୍ୟ ।

ଅତରପକା-ଦେ.ବଣ. ଅତରଦ୍ଧଆ (ଦେଖନ୍ତୁ)

ଅତର ପିତର କରବା-ଗ୍ରା. କ୍ରି.-ବହୁ ବସ୍ତୁକୁ ଏକତ୍ର କରିବା ବା ମିଳାଇ ଦେବା ।

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

ବେଦୋକ୍ତ ଅଦ୍ୟ ପିତ୍ରେମାଦସ୍ମଦ୍ଗଂଇତ୍ୟାଦ୍ୟ ମନ୍ତ୍ରପାଠ ପୂର୍ବକଶ୍ରାଦ୍ଧ ପତ୍ରରେ ପିଣ୍ଡାବଶିଷ୍ଟ ଅନ୍ନ ବ୍ୟଞ୍ଜନାଦ୍ଧକୁ ଠଳ କଶ ଶ୍ରାଦ୍ଧ କର୍ତ୍ତା ପିତୃ ଲୋକଙ୍କୁ ଉତ୍ସର୍ଗ କରନ୍ତି । ଉକ୍ତ ମନ୍ତ୍ରର ପ୍ରଥମ ଓ ଦ୍ୱିତୀୟସ୍ଥ ଶବ୍ଦ ଦ୍ୱୟର ଅପଭ୍ରଂଶରେ ଏହି ବାକ୍ୟର ବ୍ୟବହାର ହୁଏ ।

ଅତରସ-ଦେବ (ସଂ.ଅତ + ଉରସ୍)-ଉଦ୍‌ବେଗ ।

ଅତଶ୍ର-ଗ୍ରା.ବି.-କଣ୍ଡୁବାଧକ ଶବ୍ଦ,କାନ ଚାବଡା ଦେବା ।

ଅତରୁ-ସଂ. ବଣ (ବହୁବ୍ରୀହି)-ବୃକ୍ଷଶୂନ୍ୟ, ପାଦପଶୂନ, ବନ୍ଧ୍ୟ, ଉସର ।

ଅତର୍କ-ସଂ. ବି. (ଅ + ତର୍କ)-ଯୁକ୍ତି ବା ତର୍କର ଅଭାବ, ଅଯୌକ୍ତିକ ତର୍କ, ଅଯୌକ୍ତିକ ତର୍କ କରବା ବ୍ୟକ୍ତି । ସଂ. ବଣ.-ଅଯୌକ୍ତିକ, ତର୍କ ବରହିତ ।

ଅତର୍କଣୀୟ-ସଂ. ବଣ. (ନଞ୍‌ତତ୍.) ତର୍କଦ୍ୱାରା ଯାହା ନିଷ୍ପନ୍ନ ହୋଇ ନପାରେ, ଅସମ୍ଭାବ୍ୟ, ଅଭାବନୀୟ ।
(ଅତର୍କଣୀୟା-ସ୍ତ୍ରୀ)

ଅତର୍କିତ-ସଂ. ବଣ (ଅ + ତର୍କିତ)-ଅଚନ୍ତିତ, ଅସମ୍ଭାବିତ ଅପ୍ରତ୍ୟାଶିତ, ଯାହା ହଠାତ୍ ଘଟେ, ଅଲକ୍ଷିତ, ଅବବେଚିତ, ଅନାଲୋଚିତ, ଆକସ୍ମିକ, ଅନନୁମିତ ।

ଅତର୍କିତଚର ସଂ. ବଣ. ପୁଂ. (ଅତର୍କିତ + ଚର ଧାତୁ + କର୍ତ୍ତା. ଅ)-ଯେଉଁ ବ୍ୟକ୍ତି ପୂର୍ବରୁ ସମ୍ବାଦ ନ ଦେଇ ଉପସ୍ଥିତ ହୁଏ । (ଅତର୍କିତଚରା—ସ୍ତ୍ରୀ)

ଅତର୍କିତ ଶାସନ ଦଖଲ (*Coupd'etat*)-ସଂ.ନି. ବେ -ଫରାସୀ ଶବ୍ଦ 'କୁଦ୍‌ତାତ୍'ର ଓଡ଼ିଆ ଅନୁବାଦ 'ଅତର୍କିତ ଶାସନ ଦଖଲ' ଜନସାଧାରଣଙ୍କ ମତ ବରୁଦ୍ଧରେ କମ୍ବା ଜନମତ ଗ୍ରହଣ ନକରି ବଳକାର ଜୋରରେ କୌଣସି ଦେଶର ଶାସନ ବ୍ୟବସ୍ଥା ପରବର୍ତ୍ତନ ନମିତ୍ତ ଅତର୍କିତ ଭାବରେ ଆକ୍ରମଣ କରବାର କୌଶଳକୁ ଏହା କୁହାଯାଇଥାଏ । କେତେକ କ୍ଷେତ୍ରରେ ସ୍ୱେଚ୍ଛାଚାରୀ ଶାସନର ଲୋପ ପାଇଁ ଏପରି ଉଦ୍ୟୋଗ ହେଲେ, ତାହା ପଛରେ ଜନସାଧାରଣଙ୍କର ପ୍ରଚ୍ଛନ୍ନ ସମର୍ଥନ ଥାଏ । ଏହା ସାଧାରଣତଃ ସାମରିକ-ବାହିନୀର ମୁଖ୍ୟଙ୍କ ଦ୍ୱାରା ଏପରି ହୋଇଥାଏ । ଏପରି ଘଟଣା ଘନ ଘନ ଦକ୍ଷିଣ ଆମେରିକା, ପାକସ୍ତାନ, ବଙ୍ଗଳା ଦେଶ, ମିଶର, ଇରାକ ଓ ବର୍ମାରେ ଅତୀତରେ ବହୁ-ବାର ଘଟିଥିବାର ଦୃଷ୍ଟାନ୍ତ ରହିଛି । ୧୯୮୭ ମସିହା ମେଁ ମାସରେ ଦକ୍ଷିଣ ପ୍ରଶାନ୍ତ ମହାସାଗରସ୍ଥ ଷ୍ଟ୍ରଦ୍ରୀପ ଗୁଣ୍ଡ ଫିଜିରେ ସାମରିକ ବିଦ୍ରୋହ ଘଟି ଲେଫ୍‌ଟନାଣ୍ଟ କର୍ଣ୍ଣେଲ ସିତବେନ ଗାରୁକା ଫିଜିର ଶାସନ ଭାର ଗ୍ରହଣ କଲ ୧୫ ଜଣ ସାମରିକ ଉଚ୍ଚପଦାଧିକାରୀଙ୍କୁ ମନ୍ତ୍ରୀତ୍ୱରେ ଶପଥ ଗ୍ରହଣ କରାଇ ଥିଲେ । ଏହାର ପ୍ରତିବାଦ ସ୍ୱରୂପ ଫିଜିର ଜନସାଧାରଣ ସାମରିକ ଶାସନ ବରୁଦ୍ଧରେ ପ୍ରବଳ ଜନ ବକ୍ଷୋଭ ମାନ କରାଯାଇଥିଲା ।

ଅତର୍କ୍ୟ-ସଂ.ବଣ.(ଅ + ତର୍କ ଧାତୁ + କର୍ମ.ଯ)-ଅଚନ୍ତ୍ୟ, ଚନ୍ତାର ଅଗମ୍ୟ, ତର୍କର ଅଯୋଗ୍ୟ, ଯାହା ବିଷୟରେ ତର୍କ ବତର୍କ ହୋଇ ନ ପାରେ ।
(ଅତର୍କ୍ୟା-ସ୍ତ୍ରୀ)

ଅତର୍ଚ୍ଛ-ଦେ.ବଣ.ପୁଂ.-(ସଂ.ଅଚ୍ଛତ୍ର, ପ୍ରା.ଅର୍ଚ୍ଛି)-ଛାନଆଁ, ମହାଘୋଡ, ବହ୍ୱଳ, ହଠାତ୍ ଉତ୍ପତ୍ତ, ଘାବରା, କଂକଡ଼ିବ୍ୟବମୂଢ଼,ଡାରୁଆ, ସହଜ ଭରସହେ ନାହିଁ । ଦେ.ବ.-ଦାସ, ମହ ଉତ୍ପ, ହଠାତ୍ ଉପସ୍ଥିତ ଉତ୍ପ, ଉଦ୍‌ବେଗ, କଂକଉବ୍ୟବମୂଢ଼ତା ।
(ଅତର୍ଚ୍ଛୀ-ସ୍ତ୍ରୀ)

ଅତର୍ଚ୍ଛିଆ-ଦେ.ବଣ.ପୁଂ.-ଅତର୍ଚ୍ଛ(ଦେଶ୍ୟ)
ହଠାତ୍ ଖାତ ଉତ୍ପାଦନକାରୀ, ଉଦ୍‌ବେଗ କର ।
(ଅତର୍ଚ୍ଛିଇ-ସ୍ତ୍ରୀ)

ଅତର୍ଚ୍ଛିଇବା-ଦେ. କି. (ସଂ. ଅତ + ତସ ଧାତୁ)-ଅତର୍ଚ୍ଛି ବରବା, ଡରାଇବା, ଉତ୍ତେଜିତ କରିବା, ବିଚଳିତ ନ ସହିବା, କୌଣସି ବ୍ୟକ୍ତିର ମନରେ ଉଦ୍‌ବେଗ ଜନ୍ମାଇବା ।

ଅତର୍ପଣୀୟ-ସଂ. ବଣ. (ନଞ୍ ତତ୍)-ଅପରିତୋଷଣୀୟ, ସନ୍ତୋଷ ସାଧନର ଅସାଧ୍ୟ, ଦୁସ୍ତ୍ୟଜ୍ୟ ।
(ଅତର୍ପଣୀୟା—ସ୍ତ୍ରୀ)

ଅତର୍ପିତ-ସଂ. ବଣ. (ନଞ୍‌ତତ୍)-ଅତୋଷିତ, ଯାହାର ସନ୍ତୋଷ ସାଧନ କରିହୁଏ ନାହିଁ ।

ଅତଳ-ସଂ. ବଣ. (ବହୁବ୍ରୀହି, ଅ + ତଳ, ଯାହାର ତଳ ନାହିଁ)-ଯାହାର ତଳ ବା ନିମ୍ନଭାଗ ନିର୍ଦ୍ଦୋଷ ହୋଇ ନପାରେ, ଅଗାଧ, ଅତି ଗଭୀର । ସଂ. ବ.-ପୃଥିବୀ ମାନଙ୍କରେ ବର୍ତ୍ତିତ ସପ୍ତପାତାଳ ମଧ୍ୟରୁ ମଣ୍ଡିର

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

ଅବ୍ୟବହୃତ ନମ୍ବରେ ଥିବା ପାତାଳ । ସପ୍ତପାତାଳର ନାମଗୁଡ଼ିକ ହେଲା, ଯଥା : ଅତଳ, ବିତଳ, ସୁତଳ, ତଳାତଳ, ମହାତଳ, ରସାତଳ ଓ ପାତାଳ ।

ଅତଳତଳ-ଦେ. ବଣ. (ସଂ.ଅତଳ)-ଅତଳ(ଦେଖନ୍ତୁ) ଅତଳତଳା (ଦେଖନ୍ତୁ)

ଅତଳତଳା-ଦେ.ବଣ-ତଳତଳାନ୍ତ,ଯେଉଁ ପାତ୍ରରୁ ସମସ୍ତ ଜଳୀୟ ପଦାର୍ଥ ନିଃଶେଷରୂପେ ନଆସାଇ ସାରିଥାଏ, ନିଃଶେଷିତ । ପୁଂ.ଓ ସ୍ତ୍ରୀ - ସଙ୍ଗସ୍ପାନ୍ତ, ଯେଉଁ ବ୍ୟକ୍ତିର ସଙ୍ଗ ସମ୍ପଦ ବଲ୍ଲପ୍ତ ହୋଇଗଲି ।

ଅତଳତଳାନ୍ତ-ଦେ, ବଣ. -ଅତଳତଳା (ଦେଖନ୍ତୁ)

ଅତଳତଳଆ- ଦେ.ବ.ଣ.- ଅତଳତଳା(ଦେଖନ୍ତୁ)

ଅତଳସ- ବୈଦେ.ବ. (ଆ ଅତଳସ)-ଏକ ପ୍ରକାର ଖୁବ୍ ନରମ ରେଶମ କପଡ଼ା ।

ଅଟୁ ଜଙ୍ଘ ପରେ ଭଡି ଦେଇ କଟି ଡୋରେ
ପିନ୍ଧନ୍ତୁ ସେ ଅତଳସ ଲମ୍ବଙ୍ଗା ଉପରେ ।

(ଭଞ୍ଜ.ଦ୍ରବଣ୍ୟବସ୍ତ୍ର ୧୫)

ଅତଳସ୍ପରଶ- ଦେ (ପଦ୍ୟ) ବଣ. (ସଂ. ଅତଳସ୍ପର୍ଶ) (ଦେଖନ୍ତୁ)

ବଧ୍ୟଂସ ତାପ ସ୍ପରଶ ,ବଡ଼ ଅତଳସ୍ପରଶ,
ବନଦ୍ର ମଳ ସାରସ, ବଦ୍ରଇ ରସ ସେ ।

(ଭଞ୍ଜ ବୈଦେସ୍ପାଶ ବଲାସ-୬୭/୧୬)

ଅତଳସ୍ପର୍ଶ-ସଂ. ବଣ. (ବହୁବ୍ରୀହି) ଅ + ତଳସ୍ପର୍ଶ, ଯାହାର ତଳ ସ୍ପର୍ଶ କରିପାରି ନ ପାରେ, ଗଭୀର ଅତଳ + ସ୍ପର୍ଶ, ଅତଳକୁ ଛୁଇଁଛି ସ୍ପର୍ଶ ଯାହାର)- ଅଗାଧ, ଅତଗଭୀର ।

(ଅତଳସ୍ପର୍ଶା-ସ୍ତ୍ରୀ)

ଅତଳସ୍ପର୍ଶୀ-ସଂ. ବଣ.(ବହୁବ୍ରୀହି), ଅ + ତଳସ୍ପର୍ଶ + ଇନ୍, ଯାହାର ତଳକୁ କେହି ସ୍ପର୍ଶ କରି ନପାରେ, ଅଥବା, ଅତଳ + ସ୍ପର୍ଶ + ଇନ, ୧ମା. ୧ବ.-ଯାହା ଅତଳ ବା ପ୍ରଥମ ପାତାଳକୁ ସ୍ପର୍ଶ କରିଛି)-ଅତଳସ୍ପର୍ଶ (ଦେଖନ୍ତୁ)

(ଅତଳସ୍ପର୍ଶିନ୍ଃ-ସ୍ତ୍ରୀ

ଅତଳାନ୍ତକ ମହାସାଗର- ଦେ. ନାମ, (ଆଧୁନିକ ପ୍ରୟୋଗ, ଇଂରାଜୀ ନାମକୁ ଗଢ଼ିବା ପାଇଁ ଏ ଶବ୍ଦର ପ୍ରୟୋଗ)-ଆଟ୍‌ଲାଣ୍ଟିକ ମହାସାଗର,ଯେଉଁ ମହାସାଗର ପୂର୍ବ ପାଶ୍ୱେ ଇଉରୋପ ଓ ଆଫ୍ରିକା ଏବଂ ପଶ୍ଚିମ ପାଶ୍ୱେ ଉତ୍ତର ଓ ଦକ୍ଷିଣ ଆମେରିକା ।

ଦେଖନ୍ତୁ-ଆଟ୍‌ଲାଣ୍ଟିକ ମହାସାଗର ।

ଅତସ-ସଂ ବ. (ଅତ ଧାତୁ + ଉତ୍ତି. ଅସ)-ବାୟୁ, ପବନ, ଆତ୍ମା,ଛତପଟ ଅଂଶରେ ବୁଣାଲୁଗା ।

ଅତସୀ-ସଂ. ବ. (ଅତସ + ସ୍ତ୍ରୀ.ଈ) - ଫେଶୀ, ପେଣ୍ଡୁ । ଏହାର ନାମ ସଂସ୍କୃତରେ ଉମା, ରୁଦ୍ରପତ୍ନୀ, ନସୃଣା, ତେଲଗୁରେ ଆବଷେ ଓ ନଲଗସ୍ପି ।

ଏହା ଏକ କୃଷିଜାତ ତୈଳପତ୍ର ସାଜଯୁକ୍ତ ଗୁଳ୍ମ । ଏହା ବର୍ଷ ଜାତ ଗୁଳ୍ମ ସମଗ୍ର ଭାରତ ବର୍ଷରେ ଦେଖାଯାଏ । ଏଥିରେ ଉଚ୍ଚତା ୬ଠାରୁ ୪ଫୁଟ ପର୍ଯ୍ୟନ୍ତ ହୁଏ । ପତ୍ର ସରୁ ଓ ଲମ୍ବା । ଜାନୁଆରୀ ମାସରେ ଏଥିରେ ଫୁଲ ଏବଂ ଫଳ ହୁଏ,ଫୁଲଗୁଡ଼ିକ କ୍ଷୁଦ୍ର,କ୍ଷୁଦ୍ର ଫୁଲର ପାଖୁଡ଼ା ପଞ୍ଚଦଳ ବିଶିଷ୍ଟ, ଈଷତ୍ ଶ୍ୟାମଳ ବା ଆକାଶ ପରି ନୀଳ ବର୍ଣ୍ଣ । ଏହାଗୁଳ୍ମକୁ ଘାଣିରେ ପଡାଇଲେ ଏଥିରୁ ଯେଉଁ ସୂକ୍ଷ୍ମ ଅଂଶୁ ବାହାରେ ତାହା ତୋଷ ଅପେକ୍ଷା ଦୃଢ଼ ଓ ନସୃଣ । ସାଜକୋଷ ଭିତରୁ ୮ଟିରୁ ୮ଟି ପର୍ଯ୍ୟନ୍ତ ବୀଜ ହୋଇଥାଏ । ପ୍ରତ୍ୟେକ ସାଜକୋଷରେ ଗୋଟିଏ ଲେଖାଏଁ ସାଜଥାଏ ।

ବୈଦ୍ୟଶାସ୍ତ୍ରମତରେ ଏହା ମଧୁର ରସ, ସ୍ନିଗ୍ଧ, ଗୁରୁ,ବଲକାରକ, କଫବର୍ଦ୍ଧକ,ବାୟୁ ଓ ପିତ୍ତନାଶକ,ଏହା ଶୁକ୍ର ଓ ଦୃଷ୍ଟି ଶକ୍ତିର ହାନିକର । ଅତସୀ ମଞ୍ଜିର ତୈଳ ମଳକାରକ,ଅଗ୍ନିବର୍ଦ୍ଧକ ଓ ଅବରୋଚକ । ଏହାର ତୈଳ ନୟନ ସୁକ୍ତତୈଳ(*Lin seed oil*) ନାମରେ ରଙ୍ଗରେ ମିଶିଯାଏ । ଏହି ତୈଳକୁ ବି ଲୋକେ ଖାଦ୍ୟ ରୂପେ ବ୍ୟବହାର କରନ୍ତି । ଏହାର ଅଂଶରୁ ଆମ ଦେଶରେ ପୂର୍ବ କାଳରେ ଷୌମ ବସ୍ତ୍ର ବୁଣାଯାଉଥିଲା କିନ୍ତୁ ବର୍ତ୍ତମାନ ଲୋକେ ଏହାକୁ କେବଳ ମଞ୍ଜି ପାଇଁ ବୁଣନ୍ତି ଓ ଏହାର ଗୁଳରୁ ଛତପଟ ପରି ଅଂଶୁ ବାହାରେ। କିନ୍ତୁ ବୁଣାମାନେ ଜାଣନ୍ତି ନାହିଁ,କେହି କେହି ଏହି ଗୁଳ୍ମକୁ ଶଣ ବା ଛତ ପଟ ଗୁଳ୍ମ ବୋଲି ଭୁଲରେ କହନ୍ତି କିନ୍ତୁ ଛତପଟ ନୁହେଁ, ଛତପଟ ଫୁଲ ଶ୍ୟାମଳ ନୁହେଁ, ଦଲଦା । ଅତସୀ କୁସୁମ ଶ୍ୟାମ ବର୍ଣ୍ଣ । ଏକ କୃଇଣ୍ଟାଲ ଅତସୀ-ସାଜରୁ ପ୍ରସ୍ତୁ ୩୦ ଠାରୁ ୩୫ ଲିଟର ପର୍ଯ୍ୟନ୍ତ ତୈଳ ବାହାରେ । ଏହି ଗୁଳ୍ମର ସାଜରୁ ବାହାରୁ ଥିବା ତୈଳ ବାର୍ଣ୍ଣିଶ ଓ ଛାପାଖାନା କାଳିରେ ବହୁ ପରମାଣରେ ବ୍ୟବହୃତ ହୁଏ ।

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

ଅତସୀ ଚଣା-ପ୍ରାଦେ. (ଗଞ୍ଜାମ) ବ.-ଅତସୀ(ଦେଖନ୍ତୁ)

ଅତସୀ ପୁଷ୍ପ ବର୍ଣ୍ଣ ଭ-ଫ.ବଣ.ସ୍ତ୍ରୀ -ଅତସୀ ଫୁଲ ପରି ବର୍ଣ୍ଣ ବିଶିଷ୍ଟ ଦୁର୍ଗାଦେବୀ ।

ଅତସ୍ତତଃ-ଫ.ବ. ବଣ.-(ଅତଃ = ଏଠାରୁ + ତତଃ = ସେଠାରୁ) – ଇତସ୍ତତଃ, ଏଣେତେଣେ, ଚତୁର୍ଦ୍ଦିଗରେ (ବର୍ଷପ୍ତ), ଗୋଳମାଳିଆ ଭାବରେ ।

ଅତା-ପ୍ରାଦେ. (ଗଞ୍ଜାମ) ଅ. (ଫ. ନାଟ୍ୟୋକ୍ତରେ ଅଣ୍ଟା ବୋଲ ମା', ଶାଶୁ ଓ ବଡ଼ ଭାଉଣୀଙ୍କୁ 'ଅତା' ଡାକନ୍ତି । ମୈଲଙ୍ଗୀସ୍ଥ ଦଂସ୍ତ୍ରକରେ ଗଞ୍ଜାମର ଦକ୍ଷିଣ ଅଂଶର ଓଡ଼ିଆମାନେ ମଧ୍ୟ ଏହି ଅର୍ଥରେ ଏ ଶବ୍ଦ ବ୍ୟବହାର କରନ୍ତି)-ମା ଓ ବଡ଼ ଭାଉଣୀଙ୍କୁ ସମ୍ବୋଧନ କରନ୍ତି ।

ଅତାଇଚ-ଦେ. ବ. ଓ ବଣ.-(ଫ.ଅତବତା)- ମଦ୍ଦୁର ବଶେଷ, ଅଣ୍ଟସୀ ।

ଅତାଇତ-ଦେ.ବ ଓ ବଣ.-ଅତାଦ୍ଭୁତ, ଗର ଦ୍ୱେପାଦସ୍ତ, ଅଯତ୍ନ, ଅନାଦର, ଅଣଦେଖା, ଅଯତ୍ନ ପାଳିତ ।

ଅତାଉତ-ଦେ ବ. ଓ ବଣ.-ଅତାଦ୍ଭୁତ (ଦେଖନ୍ତୁ)

ଅତାଗମ୍-ଦେ.ବ (ଫ.ଅସ୍ତ ଗ + ଗମ ଧାରୁ) ଅଗତାଗତ, ଯା ଆ, ଚଳପ୍ରଚଳ,ଗମନାଗମନ,ଇସ୍ତଣ୍ଟି, ନର୍ଦ୍ଦାରଣ ମାପ. ଗଣନା, ପଣ୍ଟି. ସନ୍ଧାନ, ଚଣ୍ଟି, ଶଙ୍କୁ । ଦେ.ବଣ, ନର୍ଦ୍ଦାରତ, ମାପ କରଯାଇଥିବା ।

ଅତାର-ଦେ.ବଣ.-ଦେଚାର, ଯେଉଁ ସମ୍ବାଦ ଦୂରକୁ ପଠାପିବା ପାଇଁ ଟେଲଗ୍ରାଫ୍ ତାର ଲେଡାହୁଏନାହିଁ ।

ଅତାରୀ-ଦେ.ବ. (ନାମ)-ପଞ୍ଜାବର ଗୋଟିଏ ପ୍ରାଚୀନ ସମୃଦ୍ଧଶାଳୀ ନଗର । ଆଜକାଲି ଏହାର ଧ୍ୱଂସାବଶେଷ ରହିଅଛି ।

ଦେ.ବଣ.-ଯେଉଁ ଚଣା ବା କଦଳି ମିଶା ପାଣି ନଆଁ ଉପରେ ଆଉଟା ଦୋଇ ପାଗ ଦେବା ଅବସ୍ଥାରେ ତାର ବାନ୍ଧ ନଥାଏ ଅର୍ଥାତ୍ ବହଳିଆ ପାଳଟି ନଥାଏ ।

ଚଣା ବା କଦଳିମିଶା ପାଣି ନଆଁ ଉପରେ କିଛିକ୍ଷଣ ବସାଗଲା ପରେ ତାକୁ ଚଟୁରେ ଟେକିଲେ ଚଟୁରେ ଉନ୍ନଧାର (ତାର) ବୁନ୍ଦା, ଆଙ୍ଗୁଠି ବହଳ ହେଲେ ଦୁଇ ତାର ଓ ତହିଁଠାରୁ ଆଙ୍ଗୁଠ ବହଳ ହେଲେ ଏକ ତାର ବୁନ୍ଦା । ଏହି ତାର କଦ ରସକୁ 'ଶିଖି' କହନ୍ତି ଓ ଆବଶ୍ୟକ ମତେ ଏହି ଶିଖିରେ ଲଡୁ, ଜଲବି, ରସଗୋଲ ଆଦି ମିଠାଦ୍ରବ୍ୟ ନମନ୍ତ୍ରେ ବୁଡାଇ ଦିଆଯାଏ ।

ଅତାଳ ଜ୍ଞାନୀ-ଦେ. ବଣ. (ଫ. ଅ + ତାଳ + ଜ୍ଞାନୀ)-ଯେଉଁ ବ୍ୟକ୍ତିର ତାଳଜ୍ଞାନ ନଥାଏ ।

ଘଣାବାଦ୍ୟ ଶିକ୍ଷା ଦେଇ ଅଶେଷେ
ଅତାଳ ଜ୍ଞାନୀ ବୋଲଇଲେ ଲେଶେ ।
(କବିସୂର୍ଯ୍ୟ-କବିତା)

ଅତାଳିଆ-ଦେ. ବଣ. (ଫ. ଅ + ତାଳ)-ବେତାଳିଆ, ତାଳରହିତ(ଗୀତ ବାଦ୍ୟାଦି),ତାଳ ଜ୍ଞାନଶୂନ୍ୟ(ଠିକ୍ ନୁହଁ), (ଲକ୍ଷାର୍ଥ) ସାମଞ୍ଜସ୍ୟ-ଶୂନ୍ୟ, ଧାରଣାଶୂନ୍ୟ, ଅଗାଡ଼ୁଆ ।

ବ.—ତାଳକାନା

ବି.—ବେତାଳ

ଅତାଳୁଆ-ଦେ.ବଣ (ଫ.ଅ + ତାଳ)-ଅତାଳିଆ (ଦେଖନ୍ତୁ)

ଅତାଦ୍ଭୁତ-ଦେ.ବ. (ଫ.ଅ + ବୃ.ତ୍ଭୁତ୍ = ପ୍ରେମ,ଆଦର, ପୁଷ୍ଟି) ଗର ଦ୍ୱେପାଦସ୍ତ, ଅଯତ୍ନ, ଅତ୍ଭୁତା, ଅନାଦର, ଅଣଦେଖା । ଦେ.ବଣ -ଅଯତ୍ନ ପାଳିତ ।

ବ.—ଅଯତ୍ନ ।

ବି.—ଅତ୍ଭୁତ୍ତ ।

ଅତାହୁତା- ଦେ.ବ. ଓ ବଣ.-ଅତାଦ୍ଭୁତ (ଦେଖନ୍ତୁ)

ଅତାହୁତ-ଦେ.ବ. ଓ ବଣ.-ଅତାଦ୍ଭୁତ (ଦେଖନ୍ତୁ)

ଅତ-ଫ.ଅ. (ଅତ ଧାରୁ + ଘ)-ସମଧିକ, ଅତିଶୟ, ଅତ୍ୟନ୍ତ, ଅତିଶୟ, ବେଜାୟ, ଅତ୍ୟଧିକ, ସୀମା ଅତିକ୍ରମ କରିବା ।

ଅତଅନ୍ତ-ଗ୍ରା. (ପଦ୍ୟ) ଅ. (ଫ ଅତ୍ୟନ୍ତ)-ଅତ୍ୟନ୍ତ,ଅତି, ଅତିଶୟ । ବ.-ଅତ୍ୟନ୍ତ ।

ଅତକଥ-ଫି. ବଣ (ଅତ + କଥ୍ + ଅ)- କଥନର ଅଯୋଗ୍ୟ. ଅଶ୍ରଦ୍ଧେୟ, ନଷ୍ଟ ।
(ସ୍ତ୍ରୀ ଅତକଥା)

ଅତକଥା-ଫ.ବ.(ଅତ = ଅତିଶୟ + କଥା)-ବୃଥାଦ୍ୱେଷ, ବାଗାଡ଼ମ୍ବର, ବ୍ୟର୍ଥବାକ୍ୟ, ଅତିରଞ୍ଜିତ ବର୍ଣ୍ଣନ, ବୃଥା କଥନ । ସ୍ତ୍ରୀ.ବଣ. (ବିଦ୍ରୁବ୍ରୀହି)-ଅଶ୍ରଦ୍ଧେୟା, ନଷ୍ଟା ।

ଅତକନ୍ଦ-ଫ ବ. (ଅତ + କନ୍ଦ, ଏହାର ମୂଳ ଭୂତ୍ ବଢ଼ଥିବାରୁ) ଦୁର୍ଗନ୍ଧଯୁକ୍ତ ଗୁଳ୍ମ । (ଦେଖନ୍ତୁ-ଦୁର୍ଗନ୍ଧ କନ୍ଦ)

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

ଅଙ୍ଗକର୍ଷଣ-ଫ.ବିଶ.ପୁଂ. (ଅଙ୍ଗ + କୃଷ + ଅନ)-ଅଙ୍ଗଯନ୍ତ୍ର ଭାପଦାୟୁକ, ଅଙ୍ଗଯନ୍ତ୍ର ଆକର୍ଷକ ।

ଅଙ୍ଗକଶ-ଫ.ବି.ପୁଂ-(ଅଙ୍ଗ + କଶ୍ + ଅ)-ଦୁଷ୍ଟ ଅଶ୍ୱ ।

ଅଙ୍ଗକାୟୀ-ଫ.ବିଶ.ପୁଂ. (ବହୁବ୍ରୀହି, ଅଙ୍ଗ + କାୟ)-ବୃହଦ୍ଦବପୁବ, ଦୀର୍ଘକାୟୀ, ପ୍ରକାଣ୍ଡ । (ସ୍ତ୍ରୀ ଅଙ୍ଗକାୟୀ)

ଫ.ବି.ଫୁ.-ସୁଗ୍ରୀମସ୍ତ୍ରୀ ଲଙ୍କାର ଗ୍ରଜା ଗ୍ରବଣର ପୁତ୍ର । ବ୍ରହ୍ମା ଏହାକୁ ଗୋଟିଏ କବଚ ଦାନ କରଥିଲେ । କବଚ ବଳରେ ଅଙ୍ଗକାୟୀ ଦେବତା ଓ ଅସୁରମାନଙ୍କୁ ଯୁଦ୍ଧରେ ଜିଣିପାରୁଥିଲେ । ମାତ୍ର ରାମଗ୍ରବଣ ଯୁଦ୍ଧରେ ଲକ୍ଷ୍ମଣ ଅଙ୍ଗକାୟୀକୁ ବଧ କରଥିଲେ ।

ଅଙ୍ଗକାୟୀ ଶରୀସୃପ(*Dinosaur*) ବୈଜ୍ଞାନିକ ପରିଭାଷା

ଇଂଗ୍ଲଣ୍ଡର ଡାଇନୋସର ଶବ୍ଦର ଆକ୍ଷରିକ ଓଡ଼ିଆ ଅର୍ଥ କ'ଣ ନିର୍ଦ୍ଦିଷ୍ଟ କରିପାରି ନଥିଲେ ମଧ୍ୟ, ଆମେ ଓଡ଼ିଆରେ ଏହାର ଅର୍ଥ 'ଅଙ୍ଗକାୟୀ ସରୀସୃପ' ବୋଲି କହୁ । ଡାଇନୋସର ଶବ୍ଦଦୁଇଟି ଗ୍ରୀକ୍‌ଶବ୍ଦରୁ ଉଦ୍ଭୂତ । ଡାଇନସ (*Deinos*) ଅର୍ଥ 'ଅଙ୍ଗକାୟୀ' ଓ ସଉରସ୍ (*Sauros*) ଅର୍ଥ 'ସରୀସୃପ' ।

ଅଢ଼େଇକୋଟି ବର୍ଷ ପୂର୍ବେ ମାଙ୍କଡ଼ପରି ପ୍ରାଣୀରୁ ପ୍ରଥମେ ମଣିଷର ସୃଷ୍ଟି ହୋଇଥିଲା । ଜମାଗତ ବିବର୍ତ୍ତନ ଫଳରେ ମାଙ୍କଡ଼ ରୂପାନ୍ତର ଘଟି ବର୍ତ୍ତମାନିଆ ଉଭିବଦେଲା । ଏହି ଲାଙ୍ଗଳା ବର ମଣିଷ ଶେଷରେ ନଟିଷ ହୋଇ ଆସି ପ୍ରକାଶ କଲା ।

ପଚାଶ କୋଟି ବର୍ଷରୁ କୋଡ଼ିଏ କୋଟି ବର୍ଷ ପୂର୍ବ ସମୟକୁ ପ୍ରାଚୀନ ଯୁଗ ବୋଲି କୁହାଯାଏ । ଏହି ପ୍ରାଚୀନ ଯୁଗରେ ବିଭିନ୍ନ ଅମେରୁଦଣ୍ଡୀ ପ୍ରାଣୀ, ମାଛ, ବେଙ୍ଗ ଓ ପ୍ରଥମ ସରୀସୃପ ମାନଙ୍କର ଉଦ୍ଭବ ହେଲା । ସାତକୋଟି ବର୍ଷ ପୂର୍ବେ ସାଢ଼ାକୁ କି ଆମ୍ଭେ ମଧ୍ୟଯୁଗ ବୋଲି କହୁ ସେହି ସମୟକୁ କୁହାଯାଏ 'ସରୀସୃପ ଯୁଗ' । ଏହି ଯୁଗରେ ଉଦ୍ଭବ ହୋଇଥିଲେ ଅଙ୍ଗକାୟୀ ସରୀସୃପ । ସେମାନେ ବାର, ଚୌରକୋଟି ବର୍ଷକାଳ ପୃଥିବୀରେ ପ୍ରାୟ ସର୍ବେସର୍ବା ହୋଇ ରହିଥିଲେ । ସେହି ସମୟରେ ଅଙ୍ଗକାୟୀ ସରୀସୃପମାନଙ୍କ ବ୍ୟତୀତ ଅଙ୍ଗକାୟୀ ଜଳବାସୀ ଓ ଡ୍ୟୋମରୁଣ୍ଡ ସରୀସୃପମାନେ ମଧ୍ୟ ବାସ କରୁଥିଲେ । ମଧ୍ୟଯୁଗ ଶେଷବେଳକୁ ଏ ସମସ୍ତେ ଲୋପ ପାଇଗଲେ । ଆଧୁନିକ ଯୁଗରେ ସ୍ତନ୍ୟପାୟୀ ପ୍ରାଣୀମାନଙ୍କର ଆଧିପତ୍ୟ ହେଲା ଓ ଶେଷରେ ସବୁଠାରୁ ବୁଦ୍ଧିମାନ ପ୍ରାଣୀ ମନୁଷ୍ୟର ଜନ୍ମ ହେଲା ।

ଅଠେଇଶ କୋଟି ବର୍ଷ ପୂର୍ବେ ପ୍ରଥମକରେ ଯେଉଁ ସରୀସୃପ ଜନ୍ମ ହେଲେ, ସେମାନେ ଖୁବ୍ ବଡ଼ ନଥିଲେ କି ଖୁବ୍ ସାନ ନଥିଲେ । ତା'ପରେ ଅତି ବୃହତ୍-କାୟ ସରୀସୃପ ଜନ୍ମ ହେଲେ । ଏହି ବୃହତ୍ ସରୀସୃପ ଓ ତାଙ୍କର ବଂଶଧର ମାନେ ପ୍ରାୟ ଚୌରକୋଟି ବର୍ଷକାଳ ପୃଥିବୀରେ ବିଚରଣ କରଥିଲେ । ଏମାନଙ୍କୁ ଡାଇନୋସର ବା ଅଙ୍ଗକାୟୀ ସରୀସୃପ ବୋଲି କୁହାଯାଏ । ଏମାନେ ଉଦ୍ଭିଦ ଭୋଜୀ, ମାଂସାଶୀ, ଜଳବାସୀ ଓ ସ୍ଥଳବାସୀ ଥିଲେ । ଅଙ୍ଗକାୟୀ ସରୀସୃପ ମାନଙ୍କ ସାଙ୍ଗକୁ କେତେକ ସରୀସୃପ ଦେଖା ଦେଇଥିଲେ, ଯେଉଁମାନେ ବାଦୁଡ଼ି ପରି ଆକାଶରେ ଉଡ଼ୁଥିଲେ । ଚୌରକୋଟି ବର୍ଷର ଗ୍ରଜତ୍ୱ ପରେ ଏମାନଙ୍କର ବଂଶ ନିର୍ମ୍ମୂଳ ହୋଇଗଲା । ଆଜିକାଲି ଗୋଟିଏ ବି ପୁରା ଅଙ୍ଗକାୟୀ ସରୀସୃପ ଦେଖିବାକୁ ମିଳୁନାହାନ୍ତି ।

ଯେତେବେଳେ ଅଙ୍ଗକାୟୀ ସରୀସୃପମାନେ ବାସ କରୁଥିଲେ, ସେତେବେଳର ପୃଥିବୀ ଆଜିର ପୃଥିବୀଠାରୁ ଅନେକ ଭିନ୍ନଥିଲା । ବର୍ତ୍ତମାନ ପୃଥିବୀରେ ଶୀତଋତୁରୁ ବରଜମାନ କରୁଥିଲା । ଏପରିକି ସେତେବେଳେ ଅତି ଉତ୍ତମ ଆଲସ୍କା ଅଞ୍ଚଳରେ ନଡ଼ିଆ, ତାଳପରି ଗ୍ରୀଷ୍ମ ଦେଶର ଗଛ ଜନ୍ମୁଥିଲା, ଆଉ ଜାଭା ଦେଶ ଗ୍ରୀନ୍‌ଲ୍ୟାଣ୍ଡରେ ଜମିର ଗଛ ହେଉଥିଲା । ପୃଥିବୀର କେତେକ ସ୍ଥାନରେ ପର୍ବତ ଓ ଆଗ୍ନେୟଗିରିମାନ ଥିଲା, ମାତ୍ର ପୃଥିବୀର ବେଶୀ ଭାଗ ଥିଲା ନୀଚଭୂମି ଓ ସମତଳ । ସମୁଦ୍ରରେ ଜୁଆର ଆସିଲେ ଜଳ ଭୂମିର ଅନେକ ଅଞ୍ଚଳରେ ସମୁଦ୍ର ଜଳ ମାଡ଼ି ଯାଉଥିଲା । ସେ ଯୁଗର ସମୁଦ୍ର ଜଳ ଆଜିକାଲିକାର ସମୁଦ୍ର ଜଳ ଭଳି ସେତେଲୁଣିଆ ନଥିଲା । ଗୁଡ଼ାଏ ଜୋର ଓ ସମାନ୍ତରାଳ ଜମିଥିଲା । କେତେ ଯାଗାରେ ସମୁଦ୍ର ଭୂମି ଭିତରକୁ ପଶିଯିବାରୁ, ସମାନ୍ତରାଳ ଜଙ୍ଗଲର ଅଭାବ ନଥିଲା । ଶୁଖିଲା ଭୂମିରେ କେତେ ସ୍ଥାନରେ ଚଟାଣ ଥିଲା, ମାତ୍ର ସେହିବୁ ଏବର ଗଛ ଠାରୁ ସମ୍ପୂର୍ଣ୍ଣ ଭିନ୍ନ । ସେଥିରେ ଫୁଲ ଫୁଟୁ ନଥିଲା । ସମୁଦ୍ରର ଗର୍ଭର ଅଂଶକୁ ଛାଡ଼ିଦେଲେ ଗୁଡ଼ାଏ ସବୁଜ ଉଦ୍ଭିଦ ଭଳି ରହିଥିଲା । ସେ ସମୟରେ ବହୁତ ବର୍ଷା ମଧ୍ୟ ହେଉଥିଲା ।

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

ଅଡକାସ୍ଥି ସରୀସୃପମାନେ ଅସମଭାପୀ ଥିଲେ । ସେତେବେଳେ ଗ୍ରୀଷ୍ମଋତୁରେ ଉଷ୍ଣ ଜଳବାୟୁ ଅନୁଭୂତ ହେଉଥିବାରୁ ସେମାନେ ସ୍ୱଚ୍ଛନ୍ଦ ଜୀବନଯାପନ କରିପାରୁଥିଲେ । ଅଡକାସ୍ଥି ସରୀସୃପମାନଙ୍କର ପଛ ଦୁଇଗୋଡ ଶକ୍ତ ଥିବାରୁ ସେମାନେ ଦୁଇଗୋଡ଼ରେ ଚୁଲବୁଲା କରୁଥିଲେ । ଆଗ ଦୁଇଗୋଡ ଖୋଟ ଥିଲା ଓ ଚୁଲବାରେ ବ୍ୟବହୃତ ହେଉନଥିଲା । ଲାଞ୍ଜ ବେଶ୍ ବଡ, ମୋଟା ଓ ମାଂସାଳ ଥିଲା ଏବଂ ଛାଡା ଦେହ ଭରର ସମତା ରକ୍ଷା କରୁଥିଲା । ପ୍ରଥମ ଅଡକାସ୍ଥି ସରୀସୃପମାନେ ଖୁବ୍ ବଡ଼ ନଥିଲେ । ସେମାନଙ୍କର ଲମ୍ବ ୬୦ ସେଣ୍ଟିମିଟରରୁ ୯୦ ସେଣ୍ଟିମିଟର ଥିଲା । ଏମାନେ ଆକାରରେ କ୍ଷୁଦ୍ର ହେଲେ କ'ଣ ହେବ, ପଛ ଦୁଇଗୋଡରେ ଦ୍ରୁତ ବେଗରେ ଗତି କରିପାରୁଥିଲେ । ଆଗର ଖୋଟ ଗୋଡ ଦୁଇଟିରେ ମୁନଆଁ ବଙ୍କା ନଖ ଥିବାରୁ ଅନ୍ୟ ଜୀବଜନ୍ତୁଙ୍କୁ ସହଜରେ ଧରି ବିଦାରି ପାରୁଥିଲେ ଓ ସେମାନଙ୍କ ମାଂସ ଖାଉଥିଲେ ।

କେତେକ ଅଡକାସ୍ଥି ସରୀସୃପ ଛାଦି-ଖୋଳା ଥିଲେ । ଏହି ମାନଙ୍କର ଆକାର କ୍ରମଶଃ ବଡ ହେବାକୁ ଲଗିଲା । ଏମାନେ ସଦାସର୍ବଦା କେବଳ ଚଣ୍ଡୁଲ ଖାଉଥିଲେ । ଦେହର ଭାର ବଢିଯିବାରୁ ପଛଗୋଡ ଦଇଟିରେ ଚଲିପାରିଲେ ନାହିଁ । ଆଗଟାଙ୍ଗ ଦୁଇଟି ଭୂମିରେ ଲଗିଲା । ତଥାପି ଚୁଲଗେଡରେ ଚୁଲିବା ସମୟ ଦୌଡିପାରିଲା ନାହିଁ । ଦେହର ଭାର ଅସମ୍ଭବ ଭାବେ ବଢିଗଲା । ସେଥିପାଇଁ ଏମାନେ ବେଶୀ ସମସ୍ତ ଜଳରେ ରହିଲେ । କେବଳ ଦେହର ଭାର ଲଘବ କରିବାପାଇଁ । ଯେଉଁ ଅଡକାସ୍ଥି ସରୀସୃପମାନେ ଜଳରେ ବାସକଲେ, ସେମାନଙ୍କ ଦେଉ ଜଳରେ ଅଧା ଭସିଲା । ତେଣୁ ଦେହର ଭାର କମାଇବାକୁ ଆଉ ଏମାନଙ୍କ ବେଶୀ କଷ୍ଟ କରିବାକୁ ପଡିଲା ନାହିଁ ଏବଂ ଜଳାଶୟରେ ଚଲିଲେ । ଜାହାଣ ଉଦ୍ଭିଦ ଖାଇଲା ପାଇଁ ମାଂସାଶୀ ଅଡକାସ୍ଥି ସରୀସୃପଙ୍କ ପରି ଏମାନଙ୍କର ତୀକ୍ଷ୍ଣ ଦାନ୍ତ ନଥିଲା ଏବଂ ଆବଶ୍ୟକ ବେଳେ କୁଲରୁ ଜଲମଝିକି ପହଁରିଯାଇ ମାଂସାଶୀ ଅଡକାସ୍ଥି ସରୀସୃପଙ୍କ କବଳର ରକ୍ଷା ପାଇପାରୁଥିଲେ ।

ଏମାନେ ଏକ ନିର୍ଦ୍ଦିଷ୍ଟ ଅଞ୍ଚଳରେ ବାସ କରୁନଥିଲେ । କ୍ରମେରୁ (Antractica) ବ୍ୟତୀତ ପୃଥିବୀର ବିଭିନ୍ନ ସ୍ଥାନରୁ ଅଡକାସ୍ଥି ସରୀସୃପଙ୍କର ଜୀବାଶ୍ମ ମିଳିଛି । ଯୁକ୍ତରାଷ୍ଟ୍ର ଆମେରିକା, ବ୍ରହ୍ମଲ୍, ପାର୍ଟାଗୋନିଆ, ଇଂଲଣ୍ଡ, ବେଲଜିୟମ୍, ଫ୍ରାନ୍ସ, ଜର୍ମାନ୍, ଅଷ୍ଟ୍ରିଆ, ଦକ୍ଷିଣ ଓ ପୂର୍ବ ଆଫ୍ରିକା, ଭାରତ,କେନ୍ଦ୍ର ମଙ୍ଗୋଲିଆ ଏବଂ ଅଷ୍ଟ୍ରେଲିଆରେ ଅଡକାସ୍ଥି ସରୀସୃପମାନେ ବାହାରୁଥିଲେ । ପ୍ରାୟ ଅଠର କୋଟି ବର୍ଷ ପୂର୍ବେ ପୃଥିବୀ ଆଜିପରି ନଥିଲା । ଦକ୍ଷିଣ ଆମେରିକା, ଆଫ୍ରିକା, ଭାରତ, ଇପଦ୍ୱୀପ ଅଷ୍ଟ୍ରେଲିଆକୁ ମିଶାଇ ଏକ ଅଖଣ୍ଡ ଭୂମି ଥିଲା । ଅଷ୍ଟ୍ରେଲିଆ ଅଞ୍ଚଳକୁ 'ଅଷ୍ଟ୍ରାଲିସ୍' (Australi) ଓ ବାକି ଅଞ୍ଚଳକୁ 'ଗଣ୍ଡୱାନା ଭୂମି' (Gondwana land) କୁହା ଯାଉଥିଲା । ଆଜି ଯେଉଁଠାରେ ହିମାଳୟ ପର୍ବତମାଳା ରହିଛି, ତାହା ଟେଥିସ୍ (Tethys) ସାଗରର ଏକ ଅଂଶ ଥିଲା । ଏହି ଟେଥିସ୍ ସାଗର ପୂର୍ବ, ପଶ୍ଚିମ ଓ ଉତ୍ତରକୁ ବ୍ୟାପି ରହିଥିଲା । ଉତ୍ତରକୁ ବ୍ୟାପ୍ତ ଟେଥିସ୍ ସାଗରର ପଶ୍ଚିମକୁ ଥିଲା ଉତ୍ତର ଆମେରିକା ଓ ଉତ୍ତର ଆଟଲାଣ୍ଟିକ୍ ମହା-ସାଗରକୁ ମିଶାଇ ଏକ ଭୂଖଣ୍ଡ ଏବଂ ପୂର୍ବକୁ ଥିଲା ଆଜିର ୟୁରୋପର ପୂର୍ବାଂଶ, ରୁଷିଆ, ଚୀନ, ଜାପାନକୁ ମିଶାଇ ଅନ୍ୟ ଏକ ଭୂଖଣ୍ଡ । ସମାସମୟିକ ଜଳମୟ ପାହାଡ ଭୂମିବାସୀ ଏଣ୍ଟାର୍କଟୋସରସ୍ (*Antarctosaurus*), ଟାଇଟା-ନୋସରସ୍ (*Titanosaurus*) ପ୍ରଭୃତି ଅଡକାସ୍ଥି ସରୀସୃପମାନଙ୍କର ଜୀବାଶ୍ମ ଦକ୍ଷିଣ ଆମେରିକାର ପାର୍ଟା-ଗୋନିଆ ଅଞ୍ଚଳରେ ମିଳିଥିବାବେଳେ, ଭାରତର ଜବଲ-ପୁର ଅଞ୍ଚଳରେ ମଧ୍ୟ ମିଳିଛି । ଜଳପାହାରେ ବାସ-କରୁଥିବା ଅଡକାସ୍ଥି ସରୀସୃପ ଲମ୍ବଲଟା ସରସ୍ (*Lap-lata Saurus*)ର ଜୀବାଶ୍ମ ଦକ୍ଷିଣ ଆମେରିକାର ଆର୍ଜେଣ୍ଟିନା ଅଞ୍ଚଳର ଲାସ୍ଟାଟାରେ ମିଳିଥିବା ବେଳେ, ଆଫ୍ରିକା ମହାଦେଶର ମାଡାଗାସ୍କର୍ (ଅଧୁନିକ ମାଳଗାସେ)ଦ୍ୱୀପରେ ମଧ୍ୟ ମିଳିଛି । ଉତ୍ତରଆମେରିକାରେ ବିଭିନ୍ନ ଜାତି ଅଡକାସ୍ଥି ସରୀସୃପ ମାନଙ୍କର ଜୀବାଶ୍ମ ଏତେ ବେଶୀ ବାହାରିଛି ଯେ, ସେଥିରୁ ମନେହୁଏ, ସେଠାରେ ଅସଂଖ୍ୟ ଅଡକାସ୍ଥି ସରୀସୃପ ବାସକରୁଥିଲେ । ଉଟାହା (*Utah*) ଅଞ୍ଚଳର ଭରନାଲ (*Vernal*) ନାମକ ସ୍ଥାନରେ ଗୋଟିଏ ବସ୍ତୁସଂଗ୍ରହର ଜାଗତିକ ଉଦ୍ୟାନ ଗଢା-ଯାଇଛି । ତା'ର ନାମ "ଡାଇନୋସର ପାର୍କ" ଏଠାରେ ପ୍ରାଗୈତିହାସିକ ଯୁଗର ଡାଇନୋସରମାନଙ୍କର ପ୍ରସ୍ତରୀଭୂତ କଙ୍କାଳ ସବୁ ଆଂଶିକ ଖୋଳାଦୋଇ ଅବିକଳ ଅବସ୍ଥାରେ ସଂରକ୍ଷିତ ହୋଇଛି ।

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri



(ଏଲୁସରସ୍)

ଏଲୁସରସ୍ (Allosaurus)ଗୋଟିଏ ଅସୁର ପ୍ରକୃତର ଅଡକାସ୍ ସସ୍ପସୃପ । ଏଲୁସରସ୍ ଶବ୍ଦଟି ଦୁଇଟି ଗ୍ରୀକ୍ ଶବ୍ଦରେ ଗଠିତ । ଏହାର ଅର୍ଥ 'ଅନ୍ୟ ଗୋଧ' ('Other lizard') । ଏହା ଗୋଟିଏ ଅଡକାସ୍ ଓ ହିଂସ୍ର ପ୍ରକୃତର ସସ୍ପସୃପ । ମୁହଁଠାରୁ ଲାଞ୍ଜ ଶେଷ ପର୍ଯ୍ୟନ୍ତ, ଏହାର ଲମ୍ବ ଥଲ ୧୦.୭ ମିଟର । କେବଳ ମୁଣ୍ଡଟିର ଲମ୍ବ ଥଲ ୭୦ ସେଣ୍ଟିମିଟର । ଏହାର ପାଟିରେ ଅନେକଗୁଡିଏ ଶକ୍ତ ଓ ଖାଷ୍ଟ୍ରଣ ଦନ୍ତ ରହୁଥଲ । ପଛ ଗୋଡ଼ ଦୁଇଟି ଥଲ ଓଜନଦାର ଓ ଦୃଢ଼ ଏବଂ ତା ସାହାଯ୍ୟରେ ସେ ଦୌଡି ପାରୁଥଲ । ପଛଗୋଡ଼ରେ ଚନୋଟି ଅଙ୍ଗୁଳ ଓ ଅଙ୍ଗୁଳରେ ମୁନଆଁ ନଖଥଲ । ଲମ୍ବା, ମଜବୁତ୍ ଲାଞ୍ଜ ଦେହର ଭର ସମ୍ଭାଳବାରେ ସାହାଯ୍ୟ କରୁଥଲ । ଆଗ ଗୋଡ଼ ଦୁଇଟି ଥଲ ଖ୍ରେଟ ଓ ଚଲବାରେ ବ୍ୟବହୃତ ହେଉ ନଥଲ । ଆଖଗୋଡ଼ ଅଙ୍ଗୁଳରେ ମଧ୍ୟ ଖାଷ୍ଟ୍ରଣ ନଖ ଥଲ । ଏଲୁସରସ୍ ଠାରୁ ଆହୁରି ବଡ଼ ସସ୍ପସୃପ ବି ଥଲେ । କନ୍ତୁ ସେମାନେ ଥଲେ ତୃଣଭୋଜୀ । ସେମାନେ ମାଂସାଶୀ ଏଲୁସରସ୍‌କୁ ପାରୁନଥଲେ । ଏଲୁସରସ୍ ତୃଣଭୋଜୀ ଅଡକାସ୍ ସସ୍ପସୃପକୁ ତାର ଆଗଗୋଡ଼ ଦୁଇଟିରେ ଧଶପକାଇ ତାର ଅସଂଖ୍ୟ ଖାଷ୍ଟ୍ରଣ ଦାନ୍ତରେ ଆକ୍ରମଣକରି ମାରିଦେଉଥଲ । ତେଣୁ ଏମାନେ ଜଙ୍ଗଲରେ ବୁଲି ଜୀବିତ-ଭୋଜୀ ଅଡକାସ୍ ସସ୍ପସୃପକୁ ମାରି ଖାଉଥଲେ । ବେଳେ ବେଳେ ଜଳରେ ଥିବା ଅଡକାସ୍ ସସ୍ପସୃପ ମଶା କୂଳକୁ ଚ୍ୱିପିଆସିଲେ ତାଙ୍କ ମାଂସ ମଧ୍ୟ ଖାଉଥଲେ । ମାଟି ଯେଉଁଠି ଭୂମି ନଡାନୁହେଁ, ସେଠି ସେ ପାଣି କାଦୁଅ ମଧ୍ୟରେ ପଶୁନଥଲ । କାରଣ ତା'ର ପାଉ ପାଣିରେ ପହଁରବା ଉପଯୋଗୀ ନଥଲ । ଏଲୁସରସ୍ ଅନ୍ୟ ଅଡକାସ୍ ସସ୍ପସୃପଙ୍କୁ ଗୋଡ଼ାଇଲ ବେଳେ ପଙ୍କରେ ଗୋଡ଼ ଦବି ଯାଉଛୁ ଦେଖିଲମାନେ ନଦା ଭୂଇଁକୁ ଫେର ପଲାଇ ଆସୁଥଲ । ଏଣୁ ଏଲୁସରସ୍‌କୁ ଦେଖିଲମାନେ ଜୀବିତ ଭୋଜୀ ଅଡକାସ୍ ସସ୍ପସୃପମାନେ ପାଣିମଟିକୁ ପଲାଇ ଯାଉଥଲେ । ଚେରକୋଟି ବର୍ଷ ପୂର୍ବେ ଏଲୁସରସ୍ ବାସ କରୁଥଲ ।



(ବ୍ରନ୍‌ଟସରସ୍)

ବ୍ରନ୍‌ଟସରସ୍ (Brontosaurus) ଏକ ପ୍ରକାର ଅଡକାସ୍ ସସ୍ପସୃପ । ଏହି ଶବ୍ଦର ପ୍ରକୃତ ଅର୍ଥ "ଘଡଘଡ ଗୋଧ" । ଏହାର ଲମ୍ବ ଥଲ ୨୧.୩ ମିଟର ଓ ଓଜନ ୨୨ ମେଟ୍ରିକ୍ ଟନ୍‌ରୁ ଅଧିକ । ଏହାର ଲାଞ୍ଜଟି ଯେପରି ଲମ୍ବା ଥଲ ବେକଟି ମଧ୍ୟ ସେହିପରି ଲମ୍ବାଥଲ । ଗୋଡ ଗୁଡ଼ିଗୁଡି ବଡ଼ ଦ୍ରୁମର କାଣ୍ଡ ପରି ଶକ୍ତ, ମୋଟ ଓ ଓଜନଆ ଥଲ । କନ୍ତୁ ଏତେବଡ଼ ପ୍ରାଣୀଟିର ଦୋଇଥଲେ ମଧ୍ୟ ତା'ର ମୁଣ୍ଡଟି ଥଲ ଖୁବ୍ ଛୋଟ । ବେକ ଯେପରି ମୋଟ ଥଲ ମୁଣ୍ଡଟି ପ୍ରାୟ ସେତିକି ମୋଟ ଥଲ । ବେକ

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

ଖୁବ୍ ଲମ୍ବାଥିବାରୁ ସେ ମୁଣ୍ଡଟେକିଲେ ଆଖପାଖର ବୃକ୍ଷଆଡ଼େ କ'ଣ କେଉଁଠି ଅଛୁ ଓ କ'ଣ କେଉଁଠି ଦେଖିହୁଏ ସବୁ ଦେଖି ପାରୁଥିଲା । ମୁଣ୍ଡ ଛୋଟ ଥିବାରୁ ଛା ପାଟିଟା ବି ଖୁବ୍ ଛୋଟଥିଲା । ପାଟିରେ ଛା'ର ଚବିଶଟି ଦୁର୍ବଳ କଣ୍ଟାପର ଦାନ୍ତଥିଲା । ସେଥିରେ ସେ ପତ୍ରେବାଇପାରୁନଥିଲା । ଗଛର ପତ୍ର ଚୁଣ୍ଡାଇବା ପାଇଁ ତାହା କେବଳ ଉପଯୁକ୍ତ ଥିଲା । ଗଛ ପତ୍ର ସହିତ ସେ ବଡ ବଡ ପଥର ଖଣ୍ଡ ମଧ୍ୟ ଗିଳି ପକାଉଥିଲା । ଏହି ପଥରଖଣ୍ଡ ମାନ ସବୁ ଯାଇ ଖାଦ୍ୟ ନଳୀରେ ଖାଇଥିବା ପଦାର୍ଥକୁ ଚକ୍ରପର ପେଶୁଥିଲେ । ବ୍ରନ୍ଟୋସରସ୍ ଅଧିକାଂଶ ସମୟ ଜଳ ମଧ୍ୟରେ ରହୁଥିଲା । କେତେବେଳେ କପର କୂଳକୁ ଉଠିଆସି ଗଛର ପତ୍ର ଖାଉଥିଲା । ଆଉ କେତେବେଳେ ଯଦି ଛା'ର ମୁଖ୍ୟ ଶତ୍ରୁ ଏଲୁସରସ୍ ଛା' ପିଲୁ ଧରୁଥିଲା, ତେବେ ସେ ଜଳଉତ୍ତରକୁ ପଳାଉଥିଲା ଏବଂ କୂଳରୁ ଜଳଉତ୍ତରକୁ ପଳାଇଗଲା ବେଳେ ଓଜନଦାର ଲାଞ୍ଜରେ ଶତ୍ରୁ ମୁଣ୍ଡକୁ ଠାଏ କଣ ପାଦାରେ ବସାଇ ଦେଉଥିଲା । ବ୍ରନ୍ଟୋସରସ ଜଳରୁ କୂଳକୁ ଉଠିଆସି ଶୁଖିଲାରେ ଅଣ୍ଡା ଦେଉଥିଲା । ଶତ୍ରୁଟି କୁଣ୍ଢୁଡା ଅଣ୍ଡାର ସମ୍ମିଳିତ ବ୍ୟାସ ଯେତକ ହେବ, ଗୋଟିଏ ବ୍ରନ୍ଟୋସରସ୍‌ର ଅଣ୍ଡାର ବ୍ୟାସ ପ୍ରାୟ ସେତକଥିଲା । ଖର୍ତ୍ତା ତାପରେ ଅଣ୍ଡାରୁ ଛୁଆ ଫୁଟିଥିଲେ । ପ୍ରାୟ ସାଢ଼େବାର-କୋଟି ବର୍ଷପୂର୍ବେ ବ୍ରନ୍ଟୋସରସ୍ ପୃଥିବୀରେ ବାସକରୁଥିଲା ।



(ବ୍ରେକ୍‌ଇଉସରସ୍)

ବ୍ରେକ୍‌ଇଓସରସ୍ (Brachiosaurus) ଏକ ପ୍ରକାର ଅଡକାସ୍ଟ ସରୀସୃପ । ବ୍ରେକ୍‌ଇଅସରସ୍ ଏକ ଗ୍ରୀକ୍ ଶବ୍ଦ । ଏହାର ଅର୍ଥ 'ବାହୁ ଗୋଧ' । ଆଗଗୋଡ଼ ଦୁଇଟି ଖୁବ୍ ବଡ଼ ଓ ମଜବୁତ୍ । ଅଡକାସ୍ଟ ସରୀସୃପ ମାନଙ୍କ ମଧ୍ୟରେ ଏହା ଥିଲା ସବୁଠାରୁ ବୃହତ୍ତମ ଓ ଓଜନିଆ । ଏହାର ଲମ୍ବ ୧୮ରୁ ୨୪ ମିଟର । ବେକଟି ଲମ୍ବା । ଏହି ଲମ୍ବା ବେକକୁ ଉପରକୁ ଉଠାଇ ଅନେକ ଦୂରଯାଏ ଦେଖିପାରୁଥିଲା । ଅଧିକାଂଶ ଅଡକାସ୍ଟ ସରୀସୃପ ମାନଙ୍କର ପଛଗୋଡ ଲମ୍ବା ଓ ସାଜଥିଲାବେଳେ, ବ୍ରେକ୍‌ଇଅସରସ୍‌ର ସାମନା ଗୋଡ଼ ଦୁଇଟି ମଧ୍ୟ ବେଶ୍ ଲମ୍ବା ଓ ମଜବୁତ୍ ଥିଲା । ଏମାନଙ୍କର ଓଜନ ଥିଲା ୪୫ ମେଟ୍ରିକ୍‌ଟନ୍ । ଏତେବଡ ବପୁଟି ଦେହକୁ ବହନ କରୁଥିବା ଜଣ୍ଟୁଦାସ୍ତିକ ହୋଇଥିବାରୁ ଏମାନେ ବେଶୀ ସମୟ ଜଳରେ ରହୁଥିଲେ । ଏହାର ନାକପୁଡା ଦୁଇଟି ମୁଣ୍ଡ ଉପରକୁ ଥିବାରୁ, ପାଣିଭିତରେ ଦେହକୁ ବୁଡ଼ାଇ ଖାଲି ଲମ୍ବା ବେକଟି ବଢାଇ ମୁଣ୍ଡଟିକୁ ପାଣିଉପରକୁ ତୋଳି ରଖିପାରୁଥିଲା । ଏପରି ଅବସ୍ଥାରେ ଆଗ ଓ ପଛଗୋଡ଼ ଦେହର ଭର ରକ୍ଷା କରିବାରେ ସମର୍ଥ ହେଉଥିଲା । ପାଣି ଭିତରେ ରହି ସହଜରେ ଆତ୍ମଗୋପନ କରିପାରେ । ଅଗଣ୍ଠିର ଜଳରୁ ଉଦ୍ଭିଦ ଖାଇ ଜୀବନ ଧାରଣ କରୁଥିଲା । ଏମାନେ ଜଳରେ ପହଁରି ପାରୁନଥିଲେ ।

(ଡ଼ିପ୍ଲଡ଼୍‌ଉକସ୍)

ଦୀପଙ୍କର ଶ୍ରୀଜ୍ଞାନ ବିକ୍ରମଶୀଳା ଫେରି ବିକ୍ରମଶୀଳା ମହାବିହାରର ପରିଚାଳନା ଦାୟିତ୍ୱ ହାତକୁ ନେଲେ । ଏହା ସହିତ ଶହେ ଆଠଟି ମଠର ପରିଚାଳନା ଦାୟିତ୍ୱ ମଧ୍ୟ ଗ୍ରହଣ କଲେ । ଠିକ୍ ଏହି ସମୟରେ ଉତ୍କଳରେ ବୌଦ୍ଧ ଧର୍ମର ପ୍ରସାର କ୍ରମଶଃ ଦୁର୍ବଳ ହୋଇ ପଡିଲା ।

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

ସେଠାକାର ପୃଷ୍ଠ ପୋଷକମାନେ ଯେତେ ଚେଷ୍ଟା କଲେ ବ ବୌଦ୍ଧ ଧର୍ମକୁ ବଞ୍ଚାଇ ରଖିବାରେ ସକ୍ଷମ ହୋଇ ପାରଲେ ନାହିଁ । ଉଦ୍ଭବର ଜନୈକ ଗ୍ରନ୍ଥପୁଜ ବୌଦ୍ଧ ଧର୍ମ ଗ୍ରହଣ କଶ ଜ୍ଞାନପ୍ରଭ ନାମ ଧାରଣ କଲେ ଏବଂ ସେ ବୌଦ୍ଧଧର୍ମକୁ ବଞ୍ଚାଇ ରଖିବା ପାଇଁ ଦୃଢ ପଶକର ହେଲେ କନ୍ତୁ ଯେତେ ଚେଷ୍ଟା କଲେ ବ ସେ ସଫଳ ହେଲେ ନାହିଁ । ଶେଷରେ ଦୀପଙ୍କର ଶ୍ରୀଜ୍ଞାନଙ୍କୁ ଉଦ୍ଭତ ନେଇ ସେଠାରେ ଉଦ୍ଭଣ୍ଡସ୍ଥ ଯୁବକମାନଙ୍କୁ ଶିକ୍ଷା ଦେଇ ବୌଦ୍ଧ ଧର୍ମର ପ୍ରସାର ଘଟାଇବାର ପଶକଲ୍ପନା କଶ ଦୀପଙ୍କର ଶ୍ରୀଜ୍ଞାନଙ୍କ ନକଟକୁ ଆସିଲେ । ଦୀପଙ୍କର ଶ୍ରୀଜ୍ଞାନ ବଦମଶୀଲା ମହାବହାରର ଫପ୍ରଣ୍ଠି ପଜଗ୍ଦଲନା ଦାସ୍ଦିତ୍ୱ ହାତକ ନେଇଥିବାରୁ ଉଦ୍ଭତ ସିବାକୁ ବାରଣ କଲେ । ତଥାପି ଜ୍ଞାନ ପ୍ରଭ ଆଶା ହଗଇଲେ ନାହିଁ । ଶେଷ ଚେଷ୍ଟା ସ୍ୱରପ ତଲେ ଉଦ୍ଭତୀୟ ସନ୍ୟାସୀଙ୍କ ସଦ୍ଭତ ସ୍ପର୍ଶମୁଦ୍ରା ଧର ଦୀପଙ୍କର ଜ୍ଞାନଶ୍ରୀଙ୍କ ନକଟରେ ଆସି ପଦ୍ଧଣି, ଉଦ୍ଭତ ସିବା ପାଇଁ ଅନୁରୋଧ କରିବା ସମୟରେ ବର୍ତ୍ତା ହେଲେ ଓ ବର୍ତ୍ତୀ ଶାଳାରେ ପ୍ରାଣ ହଗଇଲେ । ଆଗ୍ରଫି ଦୀପଙ୍କର ଯେତେବେଳେ ଜାଣିଲେ ଜ୍ଞାନପ୍ରଭ ତାଙ୍କୁ ନେବାକୁ ଆସି ବର୍ତ୍ତୀହେଲେ ଓ ବର୍ତ୍ତୀଶାଳାରେ ପ୍ରାଣ ହଗ୍ଇଲେ, ସେତେବେଳେ ତାଙ୍କର ହୃଦସ୍ଥ ଉଚଳଗଲା, ବ୍ରଜ ସନ୍ୟାସୀ ଜ୍ଞାନପ୍ରଭଙ୍କର ଅପ୍ରଣ୍ଠି କାର୍ଯ୍ୟ ପ୍ରଣ୍ଠି କରିବା ପାଇଁ ସେ ଉଦ୍ଭତ ସିବା ନମନେ ଗ୍ରହ ହୋଇ କହିଲେ "ଜ୍ଞାନପ୍ରଭ ସେ ବୋଧିପଥରୁ ଥିଲେ, ଏଥିରେ କୌଣସି ଦ୍ୱଦ୍ୱେଦ ନାହିଁ । କାରଣ, ସେ ଧର୍ମର ପତାକାର ଟେକ ରଖିବା ପାଇଁ ପ୍ରାଣତକ୍ତି ଦେଇଛନ୍ତି । ତାଙ୍କର ଇଚ୍ଛା ମୁଁ ପ୍ରରଣ କରିବ । କନ୍ତୁ ମୁଁ ଏଠାରେ ଯେଉଁ ଗୁରୁ ଦାସ୍ଦିତ୍ୱ ବହନ କରିଛି, ତାହା ଅନ୍ୟମାନଙ୍କୁ ଦେଇ ଏଠାରେ ସ୍ୱବ୍ୟବସ୍ଥା କରିବା ପାଇଁ ମୋତେ ଅତରମାସ ସମସ୍ତ ଲଗିବ । ତୁମ୍ଭେମାନେ ଏଠାରେ ରୁହ । ଏ ସ୍ୱବର୍ଣ୍ଣ ମୋର ଲେଡା ନାହିଁ, ତୁମ୍ଭେମାନେ ନିଜ ପାଖରେ ରଖ ।"

ଏହି ସମସ୍ତକ ଦୀପଙ୍କଙ୍କୁ ବାର୍ଦ୍ଧକ୍ୟ ଲଗି ଅସୁଥାଏ । ସେ ବଦମଶୀଲା ମହାବହାରର ପଶଗ୍ଦଲନା ଦାସ୍ଦିତ୍ୱ ମୁଖ୍ୟ ଅଧ୍ୟକ୍ଷ ଆଗ୍ରଫି ରତ୍ନାକର ଶାନ୍ତିଙ୍କୁ ଅର୍ପଣ କଶ ଉଦ୍ଭତ ସାଞ୍ଚା କଲେ । ଉଦ୍ଭତରେ ସେ ବ୍ରଜ ସନ୍ୟାସୀ ଜ୍ଞାନପ୍ରଭ ମୃତ୍ୟୁ ପ୍ରବରୁ ବସାଇଥିବା ଥୋ- ଲିନ୍ ବହାରରେ ଅବସ୍ଥାନ କଲେ । ଏହିଠାରେ ଅବସ୍ଥାନ କଶ ଦୀପଙ୍କର ଜ୍ଞାନଶ୍ରୀ ବା ଅତିଶ ବୌଦ୍ଧ ଧର୍ମର ପ୍ରଚାର କରିବା ସଙ୍ଗେ ସଙ୍ଗେ ବହୁ ସଂସ୍କୃତ ପୁସ୍ତକ ଉଦ୍ଭତସ୍ଥ ଭାଷାରେ ଅନୁବାଦ କଲେ । ତାଙ୍କଦ୍ୱାରା ରଚିତ ପ୍ରସିଦ୍ଧ ପୁସ୍ତକ 'ବୋଧିପଥ-ପ୍ରଦୀପ' ଅଦ୍ୟାପି ଉଦ୍ଭତସ୍ଥ ଭାଷାରେ ଅନୁବାଦ ହୋଇ ରହିଥିଛି । ଏଠାରେ କିଛିକାଳ ଅବସ୍ଥାନ କରିବା ପରେ ଅତିଶ ମାନସସରୋବର ପାଶ୍ୱର୍ ଦଶରେ ଥିବା ଥୋଲିଙ୍ଗ ବହାରରେ ରହିବା ସମୟରେ ତାଙ୍କର ପରମ ଶିଷ୍ୟ ଡୋମ୍-ଟନ୍-ପାଙ୍କ ସଦ୍ଭତ ଭେଟ ହୋଇଥିଲା । ଆଗ୍ରଫି ଅତିଶଙ୍କର ମୃତ୍ୟୁ ପର୍ଯ୍ୟନ୍ତ ଶିଷ୍ୟ ଡୋମ୍-ଟନ୍-ପା ତାଙ୍କ ସଦ୍ଭତ ରହିଥିଲେ ଓ "ଗୁରୁଗୁଣ ଧର୍ମାକର" ନାମରେ ଗୁରୁ ଅତିଶଙ୍କର ଜୀବନ ରଚନା କରିଥିଲେ । ଶିଷ୍ୟମାନଙ୍କ ମଧ୍ୟରେ ଏ ଥିଲେ ତାଙ୍କର ପ୍ରଧାନ ଶିଷ୍ୟ ।

ଆଗ୍ରଫି ଅତିଶ ଉଦ୍ଭତରେ ଅବସ୍ଥାନ କରିଥିବା ସମୟରେ ବୌଦ୍ଧଧର୍ମର ସଂସ୍କାର ଓ ଉଦ୍ଭତସ୍ଥ ଭାଷାରେ ବୌଦ୍ଧଧର୍ମ ଗ୍ରନ୍ଥ ଅନୁବାଦ କାର୍ଯ୍ୟରେ ମନୋନବେଶ କରିଥିଲେ । ଶେଷ ଜୀବନରେ ସେ 'କାଳଚକ୍ର' ତନ୍ତ୍ରରେ ସ୍ୱତନ୍ତ୍ର ଟୀକା ରଚନା କରିଥିଲେ । ସେ' ଉଦ୍ଭତର ଗ୍ରଜଧାନ ଲସା ନକଟ ବର୍ତ୍ତୀ ନେଁ-ଥାନ ବହାରଠାରେ ୧୦୫୪ଖ୍ରୀଷ୍ଟାବ୍ଦରେ ଦେହ ତ୍ୟାଗ କଲେ,ତାଙ୍କର ସ୍ମୃତିରକ୍ଷା ଉଦ୍ଦେଶ୍ୟରେ ଶିଷ୍ୟ ଓ ଭକ୍ତମାନଙ୍କ ଉଦ୍ୟମରେ ଗୋଟିଏ ମୃତ୍ତି-ସ୍ତୂପ ନର୍ମାଣ କରିଯାଇଥିଲା । ସ୍ତୂପଟି ଅଦ୍ୟାବଧି ସେଠାରେ ବର୍ତ୍ତମାନ । ଉତେ ଏହି ମୃତ୍ତି-ସ୍ତୂପ ନକଟରେ ଗୋଟିଏ ବହାର ନର୍ମାଣ କରାଗଲା । ବର୍ତ୍ତମାନ ଏହିସ୍ଥାନଟି ଉଦ୍ଭତସ୍ଥ ବୌଦ୍ଧମାନଙ୍କର ଗୋଟିଏ ପ୍ରଧାନ ତୀର୍ଥସ୍ଥାନ । ଏହି ବୌଦ୍ଧବହାର ମଧ୍ୟରେ ଗୋଟିଏ ସୁବୃହତ୍ ରୌପ୍ୟ ନର୍ମିତ ସ୍ତୂପରେ ଅତିଶଙ୍କ ଚତାଭସ୍ମ ରକ୍ଷିତ ହୋଇଛି । ଅଧୁନା ବହାର ମିତ୍ରଜସ୍ତମରେ ଆଗ୍ରଫି ଅତିଶଙ୍କର ଗୋଟିଏ ମୂର୍ତ୍ତି ରହିଥିଛି । ଶାନ୍ତିଦେବଙ୍କ ବୋଧିଚର୍ଯ୍ୟା-ବତାରର ଗୋଟିଏ ଗ୍ରନ୍ଥ ମଧ୍ୟ ଲେଖିତଥିବା ବୋଲି ଜଣାଯାଏ । କଦମ୍ପ ନାମକ ଗୋଟିଏ ବୌଦ୍ଧ ସମ୍ପ୍ରଦାୟ ତାଙ୍କରସୃଷ୍ଟି ।

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

(ଦେଖନ୍ତୁ-ଉଚ୍ଚଡ,ଲମାଧର୍ମ, ବୌଦ୍ଧଧର୍ମ)

ଅତୀସାର ଫ.ବ.-ଅତିସାରର ଅନ୍ୟରୂପ ।

ଅତୁଙ୍ଗ-ଫ.ବିଣ.- (ଅ + ତୁଙ୍ଗ)- ଅନୁଚ, ବାଙ୍ଗର, ବାମନ ।

ଅତୁଟ-ଦେ.ବିଣ. (ସଂ.ଅ + ତ୍ରୁଟିତ)- ଅଯତ୍ତ, ଅତ୍ତଗ୍ନ, ଅବଚ୍ଛିନ୍ନ, ଅନାହତ, ଅବନାଶୀ, ପୃଥ୍ଥୀଙ୍ଗ, ଅକ୍ଷୟ୍ୟ, ଅସରନ୍ତି, ସମ୍ପୃତ୍ତି, ପୃଥ୍ଥୀତ୍ତବରେ ଥିବା, ଶାଶ୍ତି, ଅତମ୍ୟ ।

(ବ୍ଦ-ଅତ୍ରୁଟ)

ଅତୁଟା-ଦେ. (ପଦ୍ୟ) ବିଣ.-ଅତୁଟ (ଦେଖନ୍ତୁ)

ଅତୁଠ-ଦେ.ତି.(ସଂ.ଅ + ଓ. ତୁଠ)-ନଙ୍କା ବା ଜଳାଶୟର ଯେଉଁ ଅଂଶ ଗାଧୁଆ ତୁଠ ବା ପାଣିଘାଟ ରୂପେ ବ୍ୟବହୃତ ହୁଏ ନାହିଁ ।

ଦେ. ବିଣ.-ଯେଉଁ ନଦୀ ପୋତ୍ତଳରେ ଗାଧୁଆ ତୁଠ ନଥାଏ ।

(ବ-ଅଘାଟ)

ଅତୁର୍ଣ୍ଣି-ଦେ ବି.-ଆତୁର୍ଣ୍ଣି (ଦେଖନ୍ତୁ)

ଅତୁଳ-ସଂ.ବିଣ. (ଅ + ତୁଲ ଧାତୁ + କର୍ମ.ଏ)- ଅତୁଳନୀୟ, ଅନୁପମ, ଅପ୍ରତିମେୟ, ଅଦ୍ୱିତ୍ତୀୟ,, ଅତିସୁନ୍ଦର ।

ଦେ.ବିଣ.-ଯାହା ଓଜନ କରାଯାଇ ନଥାଏ. ଯାହା ତୁଳା ଯାଇ ନାହିଁ ।

ଦଂ.ବି.-ଚଳ (ତୁଲୁ ବା ମ୍ଳକ)

(ଅତୁଳା-ସ୍ତ୍ରୀ)

ଅତୁଳ-ଦେ ବି. (ସଂ. ଅତୁଲ ବା ଅତୁଲ୍ୟ, ଏହା ଅତି ସୁନ୍ଦର ଥିବାରୁ) ସ୍ତ୍ରୀମାନଙ୍କ ହାତ ଅର୍ତ୍ତିରେ ପିନ୍ଧିବା ଅଳଙ୍କାର ବିଶେଷ ।

ଦେ.ବିଣ (ସଂ. ଅତୁଲ)-ଅତୁଳ (ଦେଖନ୍ତୁ), ଅସମାନ, ଅସମତଳ ।

(ତୁଳ-ଜ୍ଞପଣ୍ତତ)

ଅତୁଳନ-ସଂ.ବିଣ (ବହୁବ୍ରୀହି, ଅ + ତୁଳନା)- ଅତୁଳ(ଦେଖନ୍ତୁ)

(ଅତୁଳନା-ସ୍ତ୍ରୀ)

ଅତୁଳନୀୟ-ସଂ.ବିଣ.(ଅ + ତୁଳନୀୟ)-ଅତୁଳ(ଦେଖନ୍ତୁ)

ଅତୁଳା-ସଂ. ବିଣ. ସ୍ତ୍ରୀ. (ଅତୁଳ + ଆ)- ଅତୁଳର ସ୍ତ୍ରୀ ଲିଙ୍ଗ ।

ଦେ. ବିଣ.- ତତ୍ତଳ ଯାଇ ନଥିବା, ଅର୍ଦ୍ଧିତ୍ତୟ୍ୟ ।

ଅତୁଲ୍ୟ-ଦେ.ବି.-(ସଂ. ଅତୁଲ୍ୟ)-ଅତୁଳ (ଦେଖନ୍ତୁ)

ଅତୁଲଇତ-ଦେ.ବିଣ. (ସଂ. ଅତୁଳ) ଅତୁଳନୀୟ ।

ଅତୁଳଆ- ଦେ.ବିଣ. (ସଂ. ଅ + ଓ. ତୁଲଆ)-ଯେଉଁ ଘୁଣ ଘରର ତୁଳଆ ଶୂନ୍ୟ ନଥାଏ, ମହତମସ୍ତ ଘର । (ବ୍ର.-ବଙ୍ଗଳା)

ଅତୁଳତ-ସଂ. ବିଣ. (ନଞ୍ଜ. ତତ୍ତ୍ୱ.)-ଯାହା ତୌଲି ହୋଇ ନାହିଁ, ଅମିତ, ତୁଳନା ରହିତ, ଅନୁପମ । (ଅତୁଳତା-ସ୍ତ୍ରୀ)

ଅତୁଲ୍ୟ-ସଂ.ବିଣ. (ନଞ୍ଜ. ତତ୍ତ୍ୱ, ଅ + ତୁଲ୍ୟ) -ଅସମାନ (ବହୁବ୍ରୀହି)ଅତୁଳ (ଦେଖନ୍ତୁ)

ଅତୃଷ-ଦେ.ବିଣ. (ବହୁବ୍ରୀହି)-ତୃପ୍ତ ନଥିବା (ଶସ୍ୟାଦି)

ଅତୃଷି-ଦେ.ବି. (ସଂ. ଅତତୃଷା)-ଅତତୃଷା (ଦେଖନ୍ତୁ)

ଅତୃଷ୍ଣ-ସଂ. ବିଣ. (ନଞ୍ଜ ତତ୍ତ୍ୱ.)- ଅପ୍ରୀତ, ଅତୃପ୍ତ ଅସନ୍ତୁଷ୍ଟ, ବିରକ୍ତ । (ଅତୃଷ୍ଣା-ସ୍ତ୍ରୀ)

ଅତୃଷ୍ଣି-ସଂ. ବି. ସ୍ତ୍ରୀ (ନଞ୍ଜ ତତ୍ତ୍ୱ.)- ଅପ୍ରୀତ, ଅତୃପ୍ତି, ଅସନ୍ତୋଷ ।

ଅତୃଷ୍ଣିକର-ସଂ.ବିଣ.(ଅତୃଷ୍ଣି + କୃ + ଅ) -ଅସନ୍ତୋଷ କର, ଅପ୍ରୀତିକର, ଅରୁଚିକର ।

ଅତୃହନରଶି -ଫ.ବି.ପୁଂ. (ଅତୃହନ + ଇଶି,ବହୁବ୍ରୀହି) ସୂର୍ଯ୍ୟ ।

ଅତୃତୁଜି-ସଂ. ବିଣ. ପୁଂ. (ଅ + ତୃକ୍ + ଇ)-କୃପଣ, ଯେ ଦାତା ନୁହେଁ ।

ଅତୃର୍ତ୍ତ-ସଂ.ବିଣ. ପୁଂ. (ଅ + ତୃପ୍ତ + ତ)-ଅନ୍ତଂସିକ ।

ଅତୃଣ -ସଂ. ବିଣ. (ବହୁବ୍ରୀହି, ଅ + ତୃଣ)- ତୃଣଶୂନ୍ୟ (ପ୍ରଦେଶ), ଉର୍ଦ୍ଭିକୃହୀନ (ଦେଖନ୍ତୁ)

ଅତୃଣାଦ-ସଂ.ବିଣ. (ଅ + ତୃଣାଦ)-ଯେଉଁ ଜନ୍ତୁ ତୃଣ-ଭୋଜୀ ନୁହେ ।

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

ସଂ. ବ. ପୁଂ. (ଯେଉଁ ବାଛୁଘା ଘାସ ଖାଇ ପାଣ ନାହିଁ) କଅଁଳା ବାଛୁଘା ।

ଅତୃଦ୍ଧନ-ସଂ.ବ.ପୁଂ. (ଅ+ତୃଦ+ଇଲ, ନଞ୍ ତତ୍.) ପଙ୍ଗତ ।

ସଂ.ବଣ.-ଯେ ବଧ ଯୋଗ୍ୟ ନୁହେ ।

ଅତୃପତ୍ତ-ଗ୍ରା. ବ. (ସଂ. ଅତୃପ୍ତି)-ଅତୃପ୍ତି, ତୃପ୍ତିର ଅଭାବ ।

ଅତୃପ୍ତ-ସଂ. ବଣ. (ନଞ୍ ତତ୍.)- ଅସନ୍ତୁଷ୍ଟ, ଅତୃପ୍ତ ଯାହାର ଆଶା ମେଣ୍ଟେ ନାହିଁ ।

(ଅତୃପ୍ତା-ସ୍ତ୍ରୀ)

ଅତୃପ୍ତି-ସଂ. ବ.ସ୍ତ୍ରୀ. (ସ+ତୃପ+ତି)- ଅସନ୍ତୋଷ, ତୃପ୍ତିର ଅଭାବ ।

ସଂ.ବଣ.-ଅତୃପ୍ତ ।

ଅତୃଷିକ-ଗ୍ରା. (ପ୍ରାଚୀନ ପଦ୍ୟ) ବଣ.(ସଂ. ଅତୃର୍ପିତ)- ଯାହାକୁ ତୃଷ୍ଣା କଣ ନାହିଁ, ତୃଷ୍ଣା ରହିତ, ଯାହାର ତୃଷା ଶାନ୍ତ ହୁଏ ନାହିଁ ।

ମୋହର ଶ୍ରବଣ ଗୃହକ
କେତେ ହେଁ ନୋହେ ଅତୃପ୍ତିକ ।
(ଭୁଧର, ପ୍ରେମ ପଞ୍ଚାମୃତ-୧/୧୧୯)

ଅତୃପ୍ତିତ-ସଂ.ବଣ.-ଅତୃପ୍ତିକ (ଦେଖନ୍ତୁ)

ଅତୃଷ୍ଣ-ସଂ. ବଣ. ପୁଂ. (ବହୁବ୍ରୀହି, ଅ+ତୃଷ୍ଣା)- ତୃଷ୍ଣାହୀନ ।

(ଅତୃଷ୍ଣା-ସ୍ତ୍ରୀ)

ଅତେଜଃ-ସଂ.ବ ଲ୍ଲୀ (ନଞ୍ ତତ୍.)-ତେଜର ବରେ୍ଧାଧୀ । ଯଥା:-ଚୁମ୍ବା, ଧୂମ, ଅନ୍ଧକାର ଇତ୍ୟାଦି ।

ସଂ. ବଣ.-ଅତେଜସ୍କ ।

ଅତେଶ-ବୈଦେ. ବ. (ନାମ)-ପାର୍ଶୀମାନଙ୍କର ଏହା ପବିତ୍ର ଅଗ୍ନି । ଅତେଶ ତିନ ପ୍ରକାରରେ ବିଭକ୍ତ, ଯଥା: ଅତେଶ ଦାଦଗାନ, ଅତେଶ ଅଦେରାନ ଓ ଅତେଶ ବେହ୍ରାମ । ପାର୍ଶୀମାନେ ଅତେଶଙ୍କୁ ଅଗ୍ନି ମନ୍ଦିରରେ ଏହାକୁ ପବିତ୍ର ସହକାରେ ସ୍ଥାପନ କରନ୍ତି । ପାର୍ଶୀମାନେ ନିଜ ଘରମାନଙ୍କରେ ଅତେଶ ଦାଦଗାନ ଅଗ୍ନିକୁ ସବୁଦା ଜଳାଇ ରଖନ୍ତି । ଏ ଅଗ୍ନି ସବୁଦା ଘରେ ଜଳେ । କଦାପି ଲିଭେ ନାହିଁ । ନୂତନ ଘର କମ୍ବା ଘର ବଦଳାଇଲେ ଏ ଅଗ୍ନିକୁ ନେଇ ନୂତନ ଘରେ ପ୍ରତିଷ୍ଠିତ କରାଯାଏ । ଏହି ପ୍ରତିଷ୍ଠିତ ଅଗ୍ନିକୁ ଗୃହକର୍ତ୍ତା ଆଦୌ ଲଭିବାର ସୁଯୋଗ ହୁଏ ନାହିଁ ।

'ଅତେଶ ଦାଦଗାନ' ଅଗ୍ନିଠାରୁ 'ଅତେଶ ଅଦେରାନ' ଅଗ୍ନିକୁ ପାର୍ଶୀମାନେ ଅଧିକ ପବିତ୍ର ବୋଲି ମନେ କରନ୍ତି । ଏହି ଅଗ୍ନିକୁ ଅଗ୍ନି ବୋଲି ସେମାନେ କୁହାନ୍ତି । ପୁରୋହିତ, ଯୋଦ୍ଧା, କୃଷକ ଓ ଶିଳ୍ପୀମାନଙ୍କ ଘରୁ ଅଗ୍ନି ଅଣାଯାଇ 'ଅତେଶ ଅଦରାନ' ଅଗ୍ନି ଲଗାଯାଏ ପ୍ରତ୍ୟେକ ଘରୁ ନଆଁ ଆଣି ପୁଣି ଛାଣି ଶୋଧନ କରାଯାଏ । ଲୁହାଗୁଲୁଣିରେ ଚନ୍ଦନ କାଠ ଉପରି ନଆଁ ଉପରେ ରଖାଯାଏ । ଗୁଲୁଣିରେ ଥିବା ଚନ୍ଦନ କାଠ ଜଳିଲେ ତା ଉପରେ ଆଉ ଗୋଟିଏ ଗୁଲୁଣୀରେ ଚନ୍ଦନ କାଠ-ଏହିଭଳି ତିନିଥର କଲପରେ ଯେଉଁ ଅଗ୍ନି ରହେ, ତାକୁ ଛତ୍ରିଶ ଜଣ ପୁରୋହିତମାନେ ନେଇ ଅଗ୍ନି-ମନ୍ଦିରରେ ସ୍ଥାପନ କରନ୍ତି ।

'ଅତେଶ ଦାଦଗାନ' ଓ 'ଅତେଶ ଅଦେରାନ' ଅପେକ୍ଷା ସବୁଠାରୁ ପବିତ୍ରତମ ଅଗ୍ନି ହେଉଛି 'ଅତେଶ ବେହ୍ରାମ' । ପାର୍ଶୀମାନେ ସେମାନଙ୍କର ହାଜୋତ୍ ଦେବତା 'ବହ୍ରାମ'ଙ୍କ ପୂଜା କଲ୍ବେଳେ ଏହି ପବିତ୍ର-ତମ ଅଗ୍ନିର ଆବଶ୍ୟକତା ପଡିଥାଏ । ବଡ ବଡ ମନ୍ଦିର ମାନଙ୍କରେ ଏହି ଅଗ୍ନି ସବୁଦା ସବଦା ପ୍ରଜ୍ୱଳିତ ହୋଇରହିଥାଏ ବହୁ କଷ୍ଟ ସାଧନା ପରେ ଅତେଶ ବେହ୍ରାମ' ଅଗ୍ନିର ସୃଷ୍ଟି ହୁଏ । ଚତାଗ୍ନି, ଧୋବାଚୁଲି, ଶ୍ମଶାନ ବା ସ୍ନାନଘର, କୁମ୍ଭାରଘର, ଇଟାଭାଟି, ସନ୍ୟାସୀମାନଙ୍କ ଯଜ୍ଞ ଧୂଳି, ଜଣିଆଚୁଲି, କମାରଶାଳ, ଅସ୍ତ୍ରକର୍ମାଗାର ଚୁଲି, ରୁଟି ତିଆରି ହେଉଥିବା ଚୁଲି, ମଦ୍ୟ ତିଆରି ଚୁଲି, ଶିବିର କମ୍ବା ବଶ୍ରାମାଗାର, ଗୁହାଳ, ବଦ୍ୟୁତାଗ୍ନି, ପଥର ଓ କାଠ ଘଷିବା ଫଳରେ ଉତ୍ପନ୍ନ ହେଉଥିବା ନଆଁ ଅର୍ଥାତ୍ ଝଟକା ନଆଁ ଓ ପାରଶୀ ଗୃହସ୍ଥର ଗୃହାଗ୍ନି ଏହିସବୁ ଅଗ୍ନିମିଶି ସୃଷ୍ଟି ହୁଏ "ଅତେଶ ବେହ୍ରାମ" ଅଗ୍ନି । ଉପରୋକ୍ତ ପ୍ରତ୍ୟେକ ଅଗ୍ନିକୁ ସହ୍ର ସହକାରେ ହେଉବାର

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

ସୋଧନ କଲ୍ପରେ ସବୁ ଅଗ୍ନିକୁ ଏକତ୍ର କରାଯାଏ । ମାସେ ପର୍ଯ୍ୟନ୍ତ ବହୁ ମନ୍ତ୍ର ପାଠ ଓ ପୂଜା ପରେ ମନ୍ଦିରର ଅଗ୍ନିଗୃହ ଦେବରେ 'ଅଡେଶ ବେହ୍ୱରମ୍' ଅଗ୍ନିକୁ ସ୍ଥାପନ କରାଯାଏ ।

(ଦେଖନ୍ତୁ-ଫାର୍ଶୀ, ପୂଜା)

ଅଡେଶ ଅଦେଶନ-ବୈଦେ. ବି. (ନାମ) ଅଡେଶ (ଦେଖନ୍ତୁ)

ଅଡେଶ ଦାଦଯାନ-ବୈଦେ. ବି. (ନାମ)-ଅଡେଶ (ଦେଖନ୍ତୁ)

ଅଡେଶ ବେହ୍ରମ-ବୈଦେ. ବି. (ନାମ)-ଅଡେଶ (ଦେଖନ୍ତୁ)

ଅଡୈଳ-ସଂ.ବି. କ୍ଲୀ.-ଉଲୋପ୍ନ ସ୍ନେହ ଦ୍ରବ୍ୟ ସଦୃଶ ଦ୍ରବ୍ୟ, ସର୍ଜପାଉର ରସ ।

ସଂ.ବିଶ.-ଡୈଳ ବସ୍ତ୍ରନ, ରୁକ୍ଷ ।

ଅଡୋଠ-ଦେ.ବ. ଓ ବଣ.-ଅଠୁଠ (ଦେଖନ୍ତୁ)

ଅଡୋଭ୍ରଷ୍ଟ ଡଡୋଭ୍ରଷ୍ଟ-ଦେ. (ପ୍ରବଚନ)- ଏକ ସମୟରେ ଦୁଇଟି କାର୍ଯ୍ୟ କରିବାକୁ ଇଚ୍ଛା କରି, କାର୍ଯ୍ୟ ସାଧନ ନମନ୍ତେ ଚେଷ୍ଟା କରି ବିଫଳ ହେବା । ଅର୍ଥାତ୍ ଦୁଇଟି କାର୍ଯ୍ୟରୁ ଗୋଟିଏ କାର୍ଯ୍ୟରେ ବି ସଫଳତା ଲାଭ ହୁଏ ନାହିଁ ।

ଅଡୋଷି-ଦେ.ବ. (ସଂ.ଅଛବସା)-ଅଛବସା(ଦେଖନ୍ତୁ)

ଅଡ୍ଡ-ସଂ.ବି.ପୁଂ.(ଅଡ୍ ଧାତୁ = ଗମନ କରିବା + କଡ଼ି. ଡ)-ପଥିକ, ପର୍ଯ୍ୟଟକ, ଦେହର ଅଙ୍ଗ ।

ଅଡ୍ଡବେ-ସଂ. ଅବ୍ୟ.(ଅଦ୍ + ତବେ)-ଭୋଜନ ନମିତ୍ତ ।

ଅଡ୍ଡା-ସଂ.ବିଶ. ପୁଂ. (ଅଦ୍ ଧାତୁ = ଖାଇବା + କଡ଼ି.ଡ଼. ୧ମା. ୧ବ)-ଭୋଜନକାଷ୍ଠ, ଅଡ୍ଡଭୋଜନକାଷ୍ଠ, ପେଟୁ ସଂ.ବି.ସ୍ତ୍ରୀ. (ଅଡ୍ ଧାତୁ + ଗମନ କରିବା + ତ + ଆ, ନାଟ୍ୟୋକ୍ତିରେ ବ୍ୟବହୃତ)- ମାଉ, ଶାଶୁ, ବଡ଼ ଭଉଣୀ, ପିଉସୀ ।

(ଅଡ୍ଡୀ-ସ୍ତ୍ରୀ)

ଅଡ୍ଡି-ସଂ.ବି. ସ୍ତ୍ରୀ-ଅଣ୍ଡା (ଦେଖନ୍ତୁ)

ଅଡ୍ଡିକା-ସଂ.ବି.ସ୍ତ୍ରୀ. (ଅଡ୍ଡି + କ + ଆ)-ଅଣ୍ଡା [ଦେଖନ୍ତୁ]

ଅଡ୍ଡିଲ-ଦେ.ବି. ବି. (ନାମ)-ଜଣେ ହୁଣ ରାଜା । ଜନ୍ମ ୪୦୬ ଖ୍ରୀଷ୍ଟାବ୍ଦ ଓ ମୃତ୍ୟୁ ୪୫୩ ଖ୍ରୀଷ୍ଟାବ୍ଦ । ତାଙ୍କର ଖୁଡ଼ତୁତା ଭା ଜଦାରୁଆମଙ୍କ ମୃତ୍ୟୁପରେ ୪୩୩ ଖ୍ରୀଷ୍ଟାବ୍ଦରେ ସିଂହାସନ ଆରୋହଣ କରି ହୁଣ ମାନଙ୍କର ରାଜା ହୋଇଥିଲେ । ସେ ଅତ୍ୟନ୍ତ ଯୁଦ୍ଧ ଘୋର ଥିଲେ । ସେ ତାଙ୍କ ରାଜତ୍ୱର ପ୍ରଥମ ବର୍ଷରୁ ଅଠ ବର୍ଷ ପର୍ଯ୍ୟନ୍ତ କେବଳ ପଡ଼ୋଶୀ ରାଜ୍ୟମାନଙ୍କ ସହିତ ଯୁଦ୍ଧରେ ସମସ୍ତ ବଡାଇ ଦେଇଥିଲେ । ଏହି ଯୁଦ୍ଧରେ ବ୍ୟାପୃତ ରହିବା ଫଳରେ ଇଉରୋପର ସେ ଜଣେ ପ୍ରତାପଶାଳୀ ରାଜା ରୂପେ ପରିଗଣିତ ହୋଇଥିଲେ । ବର୍ତ୍ତମାନ ଦ୍ରଙ୍ଗେରି ଏବଂ ଟ୍ରାନ୍ସ ଥିଲ୍‌ଭାନିଆ ନାମରେ ପରିଚିତ, ତତ୍କାଳୀନ ସମୟରେ ଏହି ଦୁଇଟି ରାଜ୍ୟ ହୁଣ ମାନଙ୍କର ରାଜ୍ୟଥିଲା । ବୁଡାପେଷ୍ଟ ସହର ଥିଲା ହୁଣ ରାଜ୍ୟର ରାଜଧାନୀ । କୋଡ଼ିଏ ବର୍ଷ ପର୍ଯ୍ୟନ୍ତ ସେ କାସ୍ପିଆନରୁ ରାଇନ ପର୍ଯ୍ୟନ୍ତ ଅଞ୍ଚଳ ବିଜୟ କରିବାର ଅଧିକାରୀ ହୋଇଥିଲେ ।

ତାଙ୍କ ରାଜତ୍ୱକୁ ନିଜ ରାଜ୍ୟ ପଶ୍ଚିମ ଦିଗକୁ ବିସ୍ତୃତ କରିବାକୁ ଇଚ୍ଛା କରି ୪୫୦ ଖ୍ରୀଷ୍ଟାବ୍ଦ ପରେ ଯୁଦ୍ଧ ସାମ୍ରାଜ୍ୟର ପଶ୍ଚିମ ପଟେ ଥିବା ଦେଶର ରାଜା ବାଲେନ୍ଟୀ ନିୟନଂଙ୍କ ସହିତ ଘୋର ଯୁଦ୍ଧର ଆୟୋଜନ ହେଲେ । ୪୫୧ ଖ୍ରୀଷ୍ଟାବ୍ଦ ଜୁନ୍ ମାସରେ ଏହି ଯୁଦ୍ଧ ହୋଇଥିଲା । ଏଥିରେ ଅଡ୍ଡିଲ ପରାସ୍ତ ହୋଇ ନିଜ ଦେଶକୁ ଫେରି ଆସିଲେ କିନ୍ତୁ ଏହି ଯୁଦ୍ଧରେ ତାଂକର ଘୋର ବିପର୍ଯ୍ୟୟ ଘଟିଥିଲେ ମଧ୍ୟ ସେ ପୁନର୍ବାର ପରବର୍ଷ ଇଟାଲି ଉପରେ ଆକ୍ରମଣ କଲେ ଏବଂ ଇଟାଲି ଦେଶର ବହୁ କ୍ଷୁଦ୍ର କ୍ଷୁଦ୍ର ରାଜ୍ୟ ସବୁକୁ ଛିନ୍ନଭିନ୍ନ କରିପକାଇଲେ । କିନ୍ତୁ ଯୁଦ୍ଧ ବହୁକାଳ ଚାଲିବା ଫଳରେ ହୁଣ ସୈନ୍ୟମାନେ ଯୁଦ୍ଧ କରିବାକୁ ବଦ୍ଧପରିକର ହୋଇ ପଡ଼ିଲେ । ଏହି ସମସ୍ୟକୁ ଇଟାଲିର ରାଜା ପୋପ ଜେତିଲେ, ଏହିପରି ଯୁଦ୍ଧ ଚାଲିଲେ ଇଟାଲି ଧ୍ୱଂସ ହୋଇଯିବ । ତେଣୁ ସେ ଅଡ୍ଡିଲଙ୍କୁ ଅନୁରୋଧ କଲେ ଯୁଦ୍ଧ ନ କରିବାକୁ । ହୁଣ ସୈନ୍ୟ ମାନଙ୍କର ଯୁଦ୍ଧ କରିବାର ବଦ୍ଧପରିକର ମନୋଭାବ ଦେଖି ଅଡ୍ଡିଲ ଆଉ ଯୁଦ୍ଧ କରିବାକୁ ଇଚ୍ଛା କଲେ ନାହିଁ । ଶେଷରେ ଯୁଦ୍ଧ ନକରି ନିଜ ରାଜ୍ୟକୁ ଫେରି ଆସିଲେ । ଯେଉଁଦିନ ସେ ଇଲବକୋ ନାମ୍ନୀ ଜଣେ କା ରାଜକୁମାରୀଙ୍କୁ ବିବାହ କରି ବିବାହ ଉତ୍ସବ ପାଳନ କଲେ

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

ସେନ୍ଧବନ ଗ୍ରନ୍ଥରେ ରକ୍ତଗୁପ ରୋଗରେ ମୃତ୍ୟୁ ହୋଇଥିଲା ।

ଅତ୍ନ-ଫ. ବ. (ଅତ ଧାତୁ = ଗମନ କରବା + କର୍ତ୍ତରି ନ) -ପଥିକ, ବାୟୁ, ସୂର୍ଯ୍ୟ ।

ଅତ୍ନୁ-ଫ. ବ. (ଅତ ଧାତୁ = ଗମନ କରବା + କର୍ତ୍ତରି ନୁ) -ଅତ୍ନ (ଦେଖନ୍ତୁ)

ଅତ୍ୟର-ଫ. ବିଣ.(ବହୁବ୍ରୀହି)-ଉତ୍କ୍ଷନ, ଅକ୍ଷିପ୍ତ, ମନ୍ଥର, ଅଦ୍ରୁତ ।
(ଅତ୍ୟରି-ସ୍ତ୍ରୀ)

ଅତ୍ୟ-ସଂ, ବ. ବୈଦିକ (ଅତ୍ ଧାତୁ = ଗମନ କରବା + କର୍ତ୍ତରି ଯ) ବେଗଗାମୀ ଅଶ୍ୱ, ବାରୁ ।

ଅତ୍ୟଙ୍କୁଶ-ସଂ. ବିଣ. (ବହୁବ୍ରୀହି, ଅତ = ଅତିକ୍ରମ କରଅଛୁ + ଅଙ୍କୁଶକୁ ଯେ, ଯେ ଅଙ୍କୁଶ ଦ୍ୱାରା ଅସାଧ)- ଅଶାସ୍ୟ, ଅସାଧ ନରଙ୍କୁଶ ।

ଅତ୍ୟଗ୍ନି-ସଂ.ବ. (ସୁପ୍ ସୁପ୍ ସମାସ, ଅତ + ଅଗ୍ନି)- ରୋଗ ବଶେଷ, ଖାଦ୍ୟ ଦ୍ରବ୍ୟ ଅତଶୀଘ୍ର ଜୀର୍ଣ୍ଣ ହୋଇ ଉପର୍ଯ୍ୟୁପର ଷୁଧା ବୋଧ ହେବା ରୋଗ ।
ଫ. ବିଣ. ଅବ୍ୟୟୀଭାବ, ଅତିକ୍ରମ କରଅଛୁ ଅଗ୍ନିକୁ ଯେ) -ତେଜରେ ଅଗ୍ନିକୁ ବଳଥିବା ।

ଅତ୍ୟଗ୍ନିଷ୍ଟୋମ- ଫ. ବ. (ଅବ୍ୟୟୀଭାବ, ଅତିକ୍ରମ କରଅଛୁ + ଅଗ୍ନିଷ୍ଟୋମକୁ ଯେ,ଯଜ୍ଞର ଫଳ ଅଗ୍ନିଷ୍ଟୋମ ଯଜ୍ଞର ଦ୍ୱିତୀୟ ଅଂଶ ।

ଅତ୍ୟଙ୍ଗୁଳ-ଫ. ବିଣ. (ଅତ + ଅଙ୍ଗୁଳି) - ଅଙ୍ଗୁଳି ପରମାଣରୁ ଅଧିକ ।

ଅତ୍ୟଚ୍ଚ-ଫ. ବିଣ. (ଚମୀଚତ୍.) - ଅତ୍ୟୁଚ୍ଚ, ଅତ୍ୟନ୍ତ, ଯାହାର ପର ନାହିଁ ।

ଅତ୍ୟଧିକ- ଫ. ବିଣ. (ଅତ + ଅଧିକ) - ସଂଖ୍ୟାରେ ଅତବେଶୀ, ପରମାଣରେ ଅତ୍ୟନ୍ତ ବେଶୀ ।
(ଅତ୍ୟଲ୍ପ-ବପରୀତ)

ଅତ୍ୟଧ୍ୟା-ଫ. ବିଣ. (ଅତ + ଅଧ୍ୟନ୍, ୨ମା. ୧ବ.)- ବହିଃଗମନ, ବହୁଦୂରପଥ , କ୍ଲାନ୍ତ ଜନକ ପର୍ଯଟନ, ଅତ୍ୟନ୍ତ ପଥ, ପଥ ଅତିକ୍ରମକାଗ୍ଦ ।

ଅତ୍ୟନ୍ତ-ଫ. ବିଣ.(ଅବ୍ୟୟୀଭାବ, ଅତ + ଅନ୍ତ, ଅତିକ୍ରମ କରଅଛୁ ସୀମାକୁ ଯେ)-ଅତ୍ୟଧିକ, ଅତିଶୟ, ଅତିବଡ଼, ବେଜାୟ, ବହୁତ, ସମ୍ପୂର୍ଣ୍ଣ, ଅସୀମ, ଚରସ୍ଥାୟୀ, ଅଶେଷ, ଅପରମେୟ ।

ଦେ. ବିଣର ବିଣ. ଓ ଜି. ବିଣ.-ସମଧିକ ପରିମାଣରେ ବେଜାୟ, ସମ୍ପୂର୍ଣ୍ଣ ରୂପେ, ଚରକାଳ ପାଇଁ ।

ଅତ୍ୟନ୍ତକୋପନ-ଫ. ବିଣ. ପୁଂ. ଅତିକ୍ରୋଧ, ପ୍ରଚଣ୍ଡ ଅତ୍ୟନ୍ତ କୋପାନ୍ୱିତ ।

ଅତ୍ୟନ୍ତଗ-ଫ. ବିଣ.(ଅତ୍ୟନ୍ତ + ଗମ ଧାତୁ + କର୍ତ୍ତରି ଅ) -ଅତିବେଗଗାମୀ, ମନ ।
(ଅତ୍ୟନ୍ତଗା-ସ୍ତ୍ରୀ)

ଅତ୍ୟନ୍ତଗାମୀ-ଫ. ବିଣ. ପୁଂ. (ଅତ୍ୟନ୍ତ + ଗମ୍ ଧାତୁ + କର୍ତ୍ତରି ଇନ୍ ୧ମା. ୧ବ.)-ଅତ୍ୟନ୍ତଗ (ଦେଖନ୍ତୁ)
(ଅତ୍ୟନ୍ତଗାମିନ-ସ୍ତ୍ରୀ)

ଅତ୍ୟନ୍ତନବୃତ୍ତି-ଫ. ବ. (ଅତ୍ୟନ୍ତ + ନବୃତ୍ତି)- ସମ୍ପୂର୍ଣ୍ଣ ଅଜ୍ଞାନ ବା ଅନୁଚ୍ଚ୍ଛାନ ମନୁଷ୍ୟର ଦୁଃଖ ବୋଧ ନଥିବା ଅବସ୍ଥା, ଯେଉଁ ନବୃତ୍ତି ରହିଲେ ସ୍ୱ-ସ୍ୱତଯୋଗୀ ଜାଡ୍ୟୀୟ ଅନ୍ୟ କୌଣସି ବସ୍ତୁର ପୁନଃସାର ଉତ୍ପତ୍ତି ହୁଏ ନାହିଁ, ମୋକ୍ଷଅବସ୍ଥା, ଚରନବୃତ୍ତି ।

ଅତ୍ୟନ୍ତବାସୀ-ସଂ.ବି (ଅତ୍ୟନ୍ତ + ବସ ଧାତୁ + କର୍ତ୍ତରି ଇନ ୧ମା. ୧ବ.)-ଚରକାଳ ଗୁରୁଗୃହରେ ବାସ କରୁଥିବା ଶିଷ୍ୟ ।

ଅତ୍ୟନ୍ତସଂପର୍କ-ସଂ .ବି. (କର୍ମଧା ଅତ୍ୟନ୍ତ + ସଂପର୍କ)-ଅତ୍ୟନ୍ତ ସମ୍ଭୋଗ (ଦେଖନ୍ତୁ)

ଅତ୍ୟନ୍ତସମ୍ଭୋଗ-ସଂ. ବି. (ଅତ୍ୟନ୍ତ + ସମ୍ଭୋଗ) ଅତ୍ୟଧିକ ମୈଥୁନ ।

ଅତ୍ୟନ୍ତସଂଯୋଗ-ସଂ. ବି. (କର୍ମଧା, ଅତ୍ୟନ୍ତ + ସଂଯୋଗ)- ଅବଚ୍ଛିନ୍ନ ମିଳନ, ଅବଚ୍ଛେଦ୍ୟ ଏକତ୍ରାବସ୍ଥାନ , ଜଳକବର୍ତ୍ତୀ ଅବସ୍ଥାନ ।

ଅତ୍ୟନ୍ତସୁକୁମାର-ସଂ. ବ. ପୁଂ. (କର୍ମଧା)- କଦଳୀ ବୃକ୍ଷ, ସେ କଣ୍ଟା ସନ୍ଧନପାରେ, ସାଉଣସ୍ପର୍ଶ ମୃଦୁ ବାନସ୍ପତ୍ୟ ଅତ୍ୟନ୍ତ ଅଳ୍ପ ବୟସ୍କ, ଅର୍ଦ୍ଧଶିଶୁ ।

ଅତ୍ୟନ୍ତାଦ୍ଭଶଯୋକ୍ତି-ସଂ. ବ. (କର୍ମଧା' ଅତ୍ୟନ୍ତ + ଅର୍ଦ୍ଧଶଯୋକ୍ତି)-ଅର୍ଥାଳଙ୍କାର-ବଶେଷ, ଯେଉଁଠାରେ

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

ଅତ୍ୟଶ୍ନୋତ୍ତର ଆତ୍ତଶଯ୍ୟ ଘଟିଛୁ ।
ଉଦ୍ଧବ ! ଜନ୍ମବଟି ଗୋପୀନାଥଙ୍କ
କଣ୍ଠ ପଙ୍କଜର କନ୍ଥସ୍ଥ ମୁଦ୍ରିକା କଙ୍କଣ ଦ୍ୱେଲଣି କରକୁ ।
(କୁଳମଣି--ଅଳଙ୍କାର ଚରଚ୍ଚିଣୀ)

ଅତ୍ୟନ୍ତାସ୍ତବ-ସଂ. ବି. (କର୍ମଧା, ଅତ୍ୟନ୍ତ + ଅସ୍ତ୍ରବ) -ସମ୍ପୂର୍ଣ୍ଣ ଅଜ୍ଞବ, ଚରକାଳ ଅବସ୍ତ୍ରିମାନତ୍ତା ।

ଅତ୍ୟନ୍ତିକ-ସଂ. ବିଣ. (ଅତ୍ୟନ୍ତ + ଇକ) -ଅତ୍ତନ୍ୟତ୍ତା (ଡେଟ୍ଟନ୍ତୁ), ଅତ୍ତ ନଜଃବର୍ତ୍ତୀ, (ଅତ୍ତ + ଅନ୍ତିକ) ବହୁ ଦୂରବର୍ତ୍ତୀ, ଦୂରସ୍ଥ ।
ସଂ.ବି.-ଅତ୍ତନୈକଟ୍ୟ, (ଅତ୍ତ = ଅତ୍ତଶାନ୍ତ + ଅନ୍ତିକ) -ବହୁଦୂରତ୍ତ୍ୱ ।
(ଅତ୍ୟନ୍ତିକା-ସ୍ତ୍ରୀ)

ଅତ୍ୟନ୍ତୀନ-ବି. ବିଣ.ଫୁ. (ଅତ୍ତ୍ୟନ୍ତ + ଇନ)-ଦୂରଗାମୀ, ଅତ୍ତ୍ୟନ୍ତତ୍ତା, ଅତ୍ତ ବେଗଗାମୀ ।
(ଅତ୍ତ୍ୟନ୍ତୀନା-ସ୍ତ୍ରୀ)

ଅତ୍ୟଭିସୃତ-ସଂ. ବି. (ଅତ୍ତ + ଅଭି + ସୃ ଧାତୁ + କ୍ତ. ତ)-ଅତ୍ତ ନଜଟକୁ ଆସିଥିବା ।

ଅତ୍ୟମ୍ଳ-ସଂ. ବିଣ. (ଅତ୍ତ + ଅମ୍ଳ)-ଖଜଖଜଟ ।
ସଂ. ବି.-ଆମ୍ବୁଡ଼ା (ଗଛ ଓ ଫଳ)

ଅତ୍ୟମ୍ଳପର୍ଣ୍ଣୀ-ବି. ବି. (ଅତ୍ତ୍ୟମ୍ଳ + ପର୍ଣ୍ଣୀ + ଇନ୍. ୯ମା. ୧ବ.) ବନ୍ୟ ସାଜପୂର, ଟକ୍ତୁଲେମ୍ବୁ ଗଛ ।

ଅତ୍ୟମ୍ଳା-ସଂ. ବି. (ଅତ୍ତ୍ୟମ୍ଳା + ଆ)-ବନ୍ୟସାଜପୁର ।

ଅତ୍ୟୟ-ସଂ. ବି. (ଅତ୍ତ + ଇ ଧାତୁ + ଭାବ. ଅ)-(ସମୟ ବା ରାସ୍ତାର) ଅବସାନ, ବନାଶ, ଧ୍ୱଂସ, ଲୋପ, ମୃତ୍ୟୁ, ଦୋଷ, ଦଣ୍ଡ, ଦୁଃଖ, ଅପଚସ୍ତ, ଅପବ୍ୟବହାର, ଅତ୍ତନ୍ତମ ବପଦ, ଆକ୍ରମଣ, ମନେ ମନେ ବର୍ଣାତ୍ତ୍ମକ କଣ୍ଠବା, ଜସ୍ତ କଣ୍ଠବା ।

ଅତ୍ୟୟିତ-ସଂ. ବିଣ. (ଅତ୍ତ୍ୟୟ + ଇତ)-ମୃତ, ପତିତ, ଅତଶାନ୍ତ ।
(ଅତ୍ତ୍ୟୟିତା-ସ୍ତ୍ରୀ)

ଅତ୍ୟର୍ଥ-ସଂ. ବିଣ. (ଅତ୍ତ + ଅର୍ଥ)- ଅତ୍ତ୍ୟଧିକ, ବସ୍ତର, ବହୁତ ।
ସଂ. ବିଶର ବିଣ.-ଅତ୍ତ୍ୟଧିକ ରୂପେ ।

ଅତ୍ୟଳ୍ପ-ସଂ. ବିଣ. (ଅତ୍ତ + ଅଳ୍ପ)- ସଂଖ୍ୟାରେ ଅତ୍ତ କମ୍, ପରମାଣରେ ଅତ୍ତକମ୍ ।
(ଅତ୍ତ୍ୟଧିକ-ବିପରୀତ)

ଅତ୍ତ୍ୟଶନ-ସଂ. ବି. କ୍ଲୀ. (ଅତ୍ତ + ଅଶନ)-ଅତ୍ତ ଭୋଜନ, ଅତ୍ତଶକ୍ତ ଭୋଜନ ।

ଅତ୍ୟଷ୍ଟି-ସଂ. ବି. ସ୍ତ୍ରୀ- ସତ୍ତର ଅକ୍ଷର ବିଶିଷ୍ଟ ଛନ୍ଦୋ-ବିଶେଷ ।

ଅତ୍ୟସ୍ତ୍ର-ସଂ. ବିଣ. (ଅବ୍ୟସ୍ତ୍ରୀଭ୍ତବ, ଅତ୍ତ + ଅସ୍ତ୍ରନ)- ଏକ ସ୍ତ୍ରନରୁ ଅଧିକ କାଳ ସ୍ଥାସ୍ତ୍ରୀ ।

ଅତ୍ୟାକାର-ସଂ. ବିଣ. (ଅତ୍ତ + ଆକାର)-ଅସୁନ୍ଦର, କଦାକାର ।
ସଂ. ବି.-ଅତ୍ତ ବୃଦ୍ଧତ୍ତ୍ୱ ଆକାର, ନନ୍ଦା, ଘୃଣା, ଗାଳ ।
(ଅତ୍ତ୍ୟାକାର-ସ୍ତ୍ରୀ)
(ଅତ୍ତ୍ୟାକାରତ୍ତ-ବ)

ଅତ୍ୟାଗ-ସଂ. ବି. ଫୁ. (ଅ + ତ୍ୟଜ + ଅ)-ତ୍ୟାଗାତ୍ତ୍ମବ, ରକ୍ଷା ।

ଅତ୍ୟାଗସହନ-ସଂ. ବିଣ. (ନଞ୍. ତତ୍ପୁ.) - ବଚ୍ଛେଦା-ସତ୍ତ୍ୱଶ୍ଳୁ, ଯେ ତ୍ୟାଗ ସତ୍ତ୍ୱ ନପାରେ ।

ଅତ୍ୟାଗ୍ରହ-ସଂ. ବିଣ. (ଅବ୍ୟସ୍ତ୍ରୀଭ୍ତବ, ଅତ୍ତ = ଅତ୍ତନ୍ତମ ବିଶଅତ୍ତ + ଆଗ୍ରହକୁ ଯାହା) - ସଦାଗ୍ରହ ବଦ୍ଧର୍ଭୁତ, ସଦାଗ୍ରହ ବରୁଦ୍ଧ କର୍ମକାଣ୍ଡ ।
ସଂ. ବି. - ହେଳା, ଅନୁଚଚାଚରଣ, ଅସଦାଚରଣ, ସଦାଗ୍ରହ ବଦ୍ଧର୍ଭୁତ କାର୍ଯ୍ୟକରଣ, ଅନ୍ୟାସ୍ତ୍ର ବା ବେଆଇନ୍ ଆଚରଣ, ଉତ୍ପୀଡନ, ଉପଦ୍ରବ, ଦୌର୍ବ୍ୟବହାର, ଅଭଦ୍ରାଚରଣ, ବଧି ବା ନସ୍ତ୍ରମ ଭଞ୍ଜନ, କର୍ତ୍ତବ୍ୟ ଲଙ୍ଘନ, କର୍ତ୍ତବ୍ୟ ଅପେକ୍ଷା ବେଶି କର୍ମ କରଣ ।
ଅତ୍ୟାଗ୍ରତ୍ତ
ଅତ୍ୟାଗ୍ରହ-ଫୁ. } -ବିଣ.
ଅତ୍ୟାଗ୍ରହୀ-ସ୍ତ୍ରୀ

ଅତ୍ୟାଗ୍ରତ-ସଂ. ବିଣ. ଫୁ. (ଅତ୍ତ୍ୟାଗ୍ରହ + କର୍ମ. ତତ) -ଯାହାପ୍ରତ ଅତ୍ତ୍ୟାଗ୍ରହ କରାଯାଇଥାଏ, ଉତ୍ପୀଡତ ।
(ଅତ୍ତ୍ୟାଗ୍ରତା-ସ୍ତ୍ରୀ)

ଅତ୍ୟାଗ୍ରହୀ-ସଂ. ବିଣ. ଫୁ. (ଅତ୍ତ୍ୟାଗ୍ରହ + ଇନ୍, ୯ମା. ୧ବ.)-ଯେ ଅତ୍ତ୍ୟାଗ୍ରହ କରେ ।
(ଅତ୍ତ୍ୟାଗ୍ରହିଣୀ-ସ୍ତ୍ରୀ)

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

ଅତ୍ୟାଜ୍ୟ ସଂ. ବଣ. (ଅ + ତ୍ୟାଜ୍ୟ) - ଯାହା ତ୍ୟାଗ କରିବା ଉଚିତ ନୁହେଁ, ଅଲଙ୍ଘନୀୟ ।

ଅତ୍ୟାଦାନ-ସଂ. ବ. ଫୁ. (ଅତି + ଆ + ଦାନ + ଅ) - ଅତ୍ୟନ୍ତ ଆଦାନ ।

ଅତ୍ୟାଦ୍ଭତ୍ୟ-ସଂ. ବଣ. (ଅବ୍ୟୟୀଭାବ, ଅତି = ଅତିକ୍ରମ କରିଛୁ — ଆଦ୍ଭତ୍ୟକୁ ଯାହା) - ଢେଜରେ ସ୍ୱର୍ମିଙ୍କି ବଳିଥିବା ।

ଅତ୍ୟାଧାନ-ସଂ. ବଂ (ଅତି + ଆ + ଧା ଧାତୁ + ଭାବ. ଅନ)-ଉପରେ ସ୍ଥାପନ, ନିୟମ ଲଙ୍ଘନ, ସଙ୍କାଗ୍ନି ସ୍ଥାପନ ବା ରଷଣରେ ହେଳା, ପ୍ରତାରଣ ।
(ଅତ୍ୟାଧୃତ-ବଣ)

ଅତ୍ୟାନନ୍ଦା-ସଂ. ବ. (ଅବ୍ୟୟୀଭାବ, ଅତି + ଆନନ୍ଦ + ଆ) - ମୈଥୁନର ସୁଖ ପ୍ରତି ଅସଥା ବରଗ ।

ଅତ୍ୟାୟୁ-ସଂ. ବ (ଅତି + ଇ ଧାତୁ + ଭାବ ଅ)-ସୀମା ଅତିକ୍ରମ, (ସମସ୍ତ) ଅତିକ୍ରମଣ, ଲଙ୍ଘନ ।
(ଅତି + ଆୟୁ)-ଅତିଶୟ ଲାଭ ।

ଅତ୍ୟାୟୁତ-ସଂ. ବଣ. (ଅତି + ଆୟୁତ)-ଅତି ବିସ୍ତୃତ ।
(ଅତ୍ୟାୟୁତା-ସ୍ତ୍ରୀ)

ଅତ୍ୟାୟୂ-ସଂ. ବ. କ୍ଲୀ. (ଅତି + ଆ + ଯା. + ଉ) - ସଙ୍କୀର୍ଣ୍ଣ ପାନ ବିଶେଷ ।

ଅତ୍ୟାରୁଢ଼-ସଂ. ବଣ. (ଅତି + ଆ + ରୁହ ଧାତୁ + କର୍ତ୍ତୃ. ତ)-ଅତ୍ୟନ୍ତ ବଢ଼ିଥିବା, ଅତିଶୟ ବୃଦ୍ଧି ।
ସଂ. ବି. (ଭାବ. ତ)-ଅତି ଉଚ୍ଚସ୍ଥାନ, ଅତ୍ୟନ୍ତ ଉଚ୍ଚତା, ଅତି କୃଚ୍ଛ ବ୍ୟକ୍ତି ।
(ଅତ୍ୟାରୂଢା-ସ୍ତ୍ରୀ)

ଅତ୍ୟାରୁଢି-ସଂ. ବ. (ଅତି + ଆ + ରୁହ ଧାତୁ + ଭାବ. ତି)-ଅତ୍ୟନ୍ତ ବୃଦ୍ଧି, ଅତ୍ୟନ୍ତ ଉନ୍ନତ, ଅତ୍ୟନ୍ତ ଉଚ୍ଚତା ।

ଅତ୍ୟାଳ-ସଂ. ବି.- ରକ୍ତ ଚନ୍ଦା, ନାଲ ଚନ୍ଦା ଗୁଲୁ ।

ଅତ୍ୟାବଶ୍ୟକ-ସଂ. ବଣ.-ଅତି ପ୍ରୟୋଜନୀୟ ଅତିଶୟ ଦରକାରୀ ।
(ଅତ୍ୟାବଶ୍ୟତା-ସ୍ତ୍ରୀ)

ଅତ୍ୟାଶ-ସଂ. ବ. ସ୍ତ୍ରୀ -ଅତିଶୟ ଆଶା, ଅତ୍ୟନ୍ତ ସ୍ପୃହା, ଅନୁଚିତ ପ୍ରତ୍ୟାଶା, ଦୁରାଶା ।

ଅତ୍ୟାଶ୍ଚର୍ଯ୍ୟ - ସଂ. ବଣ. - ଅତିଶୟ ବିସ୍ମୟ ଜନକ, ଅତ୍ୟଦ୍ଭୁତ ।
(ଅତିଆଶ୍ଚର୍ଯ୍ୟା-ସ୍ତ୍ରୀ)

ଅତ୍ୟାଶ୍ରମ-ସଂ. ବଣ. ପୁଂ.- ସନ୍ୟାସୀ, ସକଳ ଆଶ୍ରମ ତ୍ୟାଗୀ ।
ସଂ. ବି.- ଉତ୍କୃଷ୍ଟ ଆଶ୍ରମ, ସନ୍ୟାସ ।

ଅତ୍ୟାଶା-ସଂ. ବ. (ଅତି + ଆଶା)-ଉଚ୍ଚ ଆଶା, ଦୁରାଶା, ଅସଥା ଆଶା ।

ଅତ୍ୟାସକ୍ତି-ସଂ. ବ ସ୍ତ୍ରୀ.- ଅତ୍ୟନ୍ତ ଅନୁରକ୍ତି, ଜଡାନ୍ତ ଆସକ୍ତି, ଅଭିନିବେଶ ।

ଅତ୍ୟାଶନ୍ନ-ସଂ ବଣ.(ଅତି + ଆସନ୍ନ)-ଅତି ନିକଟବର୍ତ୍ତୀ ।

ଅତ୍ୟାହାର-ସଂ. ବ. (ଅତି + ଆହାର)-ଅଧିକ ଭୋଜନ, ପେଟପୂରଣ ।
(ଅତ୍ୟାହାରୀ-ପୁଂ)
(ଅତ୍ୟାହାରୀ-ସ୍ତ୍ରୀ) } ବଣ.
(ଅଳ୍ପାହାର-ବିପରୀତ)

ଅତ୍ୟାହାରୀ- ସଂ. ବଣ. ପୁଂ (ଅତି + ଆ + ହୃ + କ, ଇନ୍)-ଅତିଭୋଜୀ, ଯେ ଅପରମିତ ଭୋଜନ କରେ, ପେଟୁ ।
(ଅତ୍ୟାହାରିଣୀ-ସ୍ତ୍ରୀ)

ଅତ୍ୟାହିତ-ସଂ. ବ. (ଅତି + ଆ + ଧା ଧାତୁ + ଭାବ.ତ ଯାହା ନିବାରଣ କରିବା ପାଇଁ ମନକୁ ଅତି ନିବିଷ୍ଟ କରିବାକୁ ହୁଏ) - ଭୟଙ୍କର ବିପଦ ବା ଦୁଃଖ, ଦୁଃସାହସିକ କର୍ମ, ହାଡ଼ି ସାହସିଆ କାମ, ଅମଙ୍ଗଳ, ଅଲକ୍ଷଣ, ଘୃଣ୍ୟସୋଚିତ କାର୍ଯ୍ୟ ।
ସଂ. ବଣ. (ଅତି + ଆ + ଧା ଧାତୁ + କର୍ମ. ତ)-ଉପରେ ସ୍ଥାପିତ, ପ୍ରତାରିତ, ଲଙ୍ଘିତ ।

ଅତ୍ୟୁକ୍ତି-ସଂ. ବ. (ଅତି + ଉକ୍ତ)-ଅତିରଞ୍ଜିତ ବର୍ତ୍ତନା, ଅସମ୍ଭବ ବର୍ତ୍ତନା, (ଅଳଙ୍କାର ବିଶେଷ)-ଅତିଶୟୋକ୍ତି, ଅତିରଞ୍ଜିତ ଗଦ୍ୟ ।

ଅତ୍ୟୁଗ୍ର-ସଂ. ବଣ. (ଅତି + ଉଗ୍ର)-ଅତି ଭୟଙ୍କର, ଅତି ଉତ୍ର, ଅତି ଅସହ୍ୟ, ଅତି ତୀବ୍ର ।
ସଂ. ବି.-ହେଙ୍ଗୁ ।

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

ଅତ୍ୟୁଚ୍ଚୈଃ-ସଂ. ଈ. ବଣ. (ଅତି + ଉଚ୍ଚୈଃ) -ଖୁବ୍ ମାଟି ଜଗ, ଅତି ଉଚ୍ଚ ସ୍ୱରରେ ।

ଅତ୍ୟୁଚ୍ଚୈଧ୍ୱନି-ସଂ. ବ. (ଅତ୍ୟୁଚ୍ଚୈଃ + ଧ୍ୱନି)-ଖୁବ୍ ଉଚ୍ଚ ଶବ୍ଦ ।

ଅତ୍ୟୁଚ୍ଛ୍ରିତ-ସଂ. ବଣ. (ଅତି— + ଉଚ୍ଛ୍ରିତ)-ଅତ୍ୟନ୍ତ ଉନ୍ନତ ।

ଅତ୍ୟୁତ୍କୃଳ-ସଂ. ବଣ-ଅତି ଶସ୍ତ ପକ୍ଷ ମାନ୍ୟ ।
(ଅତ୍ୟୁତ୍କୃଳା-ସ୍ତ୍ରୀ)

ଅତ୍ୟୁତ୍କୃଷ୍ଟ-ସଂ. ବଣ. (ଅତି + ଉତ୍କୃଷ୍ଟ)-ଅତି ଉତ୍ତମ, ଖୁବ୍ ଭଲ ।
(ଅତ୍ୟୁତ୍କୃଷ୍ଟା-ସ୍ତ୍ରୀ)

ଅତ୍ୟୁତ୍ତମ-ସଂ. ବଣ (ଅତି + ଉତ୍ତମ)-ଅତ୍ୟୁତ୍କୃଷ୍ଟ, ଖୁବ୍ ଭଲ ।
(ଅତ୍ୟୁତ୍ତମା-ସ୍ତ୍ରୀ)

ଅତ୍ୟୁଲଙ୍ଗ-ସଂ. ବଣ. - ଅତି ମହାନ୍, ଅତିଶୟ, ଅତି ମାତ୍ରାଳ ।
(ଅତ୍ୟୁଲ୍ବଣା-ସ୍ତ୍ରୀ)

ଅତ୍ୟୁଷ୍ଣ-ସଂ. ବଣ.-ଅତ୍ୟନ୍ତ ଗରମ, ଅତିଶୟ ଉତ୍ତପ୍ତ ।
(ଅତ୍ୟୁଷ୍ଣା ସ୍ତ୍ରୀ)

ଅତ୍ୟୁଷ୍ଣୀ-ସଂ. ବଣ. ସ୍ତ୍ରୀ (ଅତି + ଉଷସ୍ + ଈ)-କୃଷ୍ଣୋଷ୍ଣୀ, ଯେଉଁ ଗାଈର ଖୁବ୍ ବଡ ପଦ୍ମା ଥାଏ ।

ଅତ୍ୟୂହ-ସଂ. ବ (ଅତି + ଊହ ଧାତୁ = ପାଖ କରିବା + କର୍ତ୍ତୃ. ଅ)-ଗଭୀର ଚିନ୍ତା, ଅତିଶୟ ବିଚାର, ତାର୍କିକ ଡାହୁକ, ମୟୂର ।

ଅତ୍ୟୂହା-ସଂ. ବ. (ଅତ୍ୟୂହ + ଆ)- ମଲ୍ଲିକା ଫୁଲ, ଏକ ପ୍ରକାର ମଲ୍ଲୀଫୁଲ, ଗଙ୍ଗ ଶିଉଳି (ଫୁଲ) ।

ଅତ୍ର-ସଂ. ଅ. (ଇଦମ୍ + ସ୍ଥାନାଧିକରଣାର୍ଥେ. ତ୍ର) - ଏହିଠାରେ, ଏଥିରେ, ଏ ବିଷୟରେ, ଏ ପ୍ରସଙ୍ଗରେ, ଏହି ସମୟରେ ।
ଦେ. (ଉତ୍ତରୀୟା)-ସତ୍ତ, ଏହି ।
(ତତ୍ର-ବିପରୀତ)

ଅତ୍ରକତ୍ର-ଗ୍ରା. ଅ. (ସଂ ଯତ୍ର ଓ କୁତ୍ର)- ଯେଉଁ ଠେଇଁ ପ୍ରକାରେ, ଯେ କୌଣସି ପ୍ରକାରେ, ଅତି କଷ୍ଟରେ ।
(ବ.-ଯେମନ ତେମନ)

ଅତ୍ରତତ୍ର-ସଂ.ଅ. (ଅତ୍ର + ତତ୍ର)-ଏଠାରେ ଓ ସେଠାରେ ।
ଦେ. ଅ. (ସଂ. ଯତ୍ର + କୃତ୍ର) - ଯେଉଁଠାରେ ଇଚ୍ଛା ସେଠାରେ, ସବୁ ସ୍ଥାନରେ, ପ୍ରତ୍ୟେକ ସ୍ଥାନରେ ।
ଦେ. ଅ.-ଅତ୍ରକତ୍ର (ଦେଖନ୍ତୁ)

ଅତ୍ରତ୍ୟ-ସଂ.ବଣ. (ଅତ୍ର + ତ୍ୟ)-ଏଠାରେ ଜାତ, ଏ ସ୍ଥାନରେ, ଏ ସ୍ଥାନ ସଂପର୍କୀୟ, ଏ ସ୍ଥାନରେ ଥିବା, ଏଠାରେ ମିଳୁଥିବା ।

ଅତ୍ରପ-ସଂ. ବଣ. ପୁଂ (ବହୁବ୍ରୀହି, ଅ + ତ୍ରପା)- ନଲ୍ଲଁଜ, ବେହୁଆ ।
(ଅତ୍ରପା-ସ୍ତ୍ରୀ)

ଅତ୍ର ପିତର କରିବା-ଦେ. କ୍ରି.-ଅତର ପିତର କରିବା (ଦେଖନ୍ତୁ)

ଅତ୍ରଭବତୀ-ସଂ. ବଣ. ସ୍ତ୍ରୀ (ଅତ୍ର + ଭବତ୍ + ସ୍ତ୍ରୀ. ଈ) -ପୂଜ୍ୟା, ମାନ୍ୟମାୟା (ସ୍ତ୍ରୀ) ।
ସଂ. ବ. ସ୍ତ୍ରୀ-ଏ ମହାଶୟା ।

ଅତ୍ରଭବାନ୍-ସଂ. ବଣ. ପୁଂ. (ଅତ୍ର + ଭବତ୍, ୧ମା. ଏ.ବ.)-ପୂଜ୍ୟ, ମାନ୍ୟମାୟ (ପୁରୁଷ) ।
ସଂ. ବ. ପୁଂ-ଏ ମହାଶୟ, (ଶିଷ୍ଟ ପୁରୁଷ)-ସେ,ହୁଜୁର, (ମଧ୍ୟମ ପୁରୁଷ)-ତୁମ ।

ଅତ୍ରସ୍ଥ-ସଂ. ବଣ. (ଅତ୍ର + ସ୍ଥା ଧାତୁ + କର୍ତ୍ତୃ. ଅ) -ଅତ୍ରତ୍ୟ, ଏଠାରେ ଥିବା ।

ଅତ୍ରାସ-ସଂ. ବଣ. ପୁଂ. (ବହୁବ୍ରୀହି, ଅ + ତ୍ରାସ)-ଅଖଣ୍ଡ, ଜଉଁସ୍ୟ ।

ଅତ୍ରାହ୍ନ-ଗ୍ରା. ବଣ. (ସଂ. ଅ + ସଂ. ତ୍ରାହ୍ନ = ରକ୍ଷାକର = ଓ. ତ୍ରାହ୍ନ = ରକ୍ଷା, ଯାହାକୁ କେହି ତ୍ରାହ୍ନ କରିବାକୁ ନାହିଁ)-ଅରକ୍ଷିତ, ଅଶରଣ, ନିଃସହାୟ ।
(ବ.-ଅସହାୟ, ବି.-ଲକ୍ଷ୍ମର)

ଶରଣ ରକ୍ଷଣ ତୋ ବାନା,
ଅତ୍ରାହ୍ନଜନ ବଜ୍ର ସେହ୍ନା ।
(ଗ୍ରମଦାସ-ଦାର୍ଢ୍ୟଭାଉନ୍ତ)

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

ଅତ୍ରି-ସଂ. ବଣ. ପୁଂ. (ଅଦ ଧାତୁ = ଭକ୍ଷଣ କରିବା + କତ୍ରି. ଳି)-(ବୈଦିକ) ଗିଳା, ଯେ ବଢ଼ୁଛ ଗିଳେ, ସପ୍ତର୍ଷି ମଣ୍ଡଳର ଗୋଟିଏ ତାରା ।

ସଂ. ବ. (ନାମ)-ଉଦ୍ଭିଦ ଦୁଃଖର ନିବୃତ୍ତି ସପନ୍ନ କରିଥିବାରୁ ଏହାଙ୍କ ନାମ ଅତ୍ରି । ବ୍ରହ୍ମାଙ୍କର ଜଣେ ମାନସ ପୁତ୍ର । ସପ୍ତର୍ଷିମାନଙ୍କ ମଧ୍ୟରେ ଜଣେ ମନ୍ତ୍ରର୍ଷି । ଏହା ସମ୍ପର୍କରେ ଋଗ୍ ଏବଂ ଅଥର୍ବ ବେଦରେ ବର୍ଣ୍ଣନା କରାଯାଇଛି । ପିତାମହ ବ୍ରହ୍ମାଙ୍କଠାରୁ ପ୍ରଥମେ ଉଣଟି ମାନସ ପୁତ୍ର ଜାତ ହୋଇଥିଲେ । ସେମାନଙ୍କ ମଧ୍ୟରୁ ଅତ୍ରି ଏକତମ । ମାତା ଶିବଙ୍କ ଅଭିଶାପରୁ ଏମାନେ ମୁକ୍ତ ହେବାରୁ ବ୍ରହ୍ମା ଯଜ୍ଞ କଲେ ଓ ଯଜ୍ଞାଗ୍ନି ଶିଖାରୁ ଅତ୍ରି ପୁନର୍ବାର ଜାତ ହୋଇଥିଲେ । ସୂର୍ଯ୍ୟଙ୍କୁ ସ୍ୱର୍ଭାନୁ ନାମକ ଅସୁର ଗ୍ରାସ କରିଥିବା ବେଳେ, ସୂର୍ଯ୍ୟ ଅତ୍ରିଙ୍କୁ, ରକ୍ଷା କରିବା ପାଇଁ ଅନୁରୋଧ କରିବାରୁ, ଅତ୍ରି ଓ ଅତ୍ରି ପୁତ୍ରମାନେ ସୂର୍ଯ୍ୟଙ୍କୁ ଅସୁର କବଳରୁ ରକ୍ଷା କରିଥିଲେ । ଏହାଙ୍କ ସ୍ତ୍ରୀଙ୍କ ନାମ ଅନସୂୟା । ଅନସୂୟାଙ୍କ ପିତାଙ୍କ ନାମ କର୍ଦ୍ଦମ । ପୂର୍ବ ଏବଂ ପର ଉଭୟ ଜନ୍ମରେ ଅନସୂୟା ଅତ୍ରିଙ୍କର ସ୍ତ୍ରୀ ଥିଲେ । ପ୍ରଥମ ଜନ୍ମରେ ଅତ୍ରିଙ୍କ ଔରସରୁ ଉତ୍ତ, ଦୁର୍ବାସା ଓ ସୋମ ଋଷି ଜନ୍ମିଥିଲେ । ଦ୍ୱିତୀୟ ଜନ୍ମରେ ଅର୍ଯମା ଋଷି ଓ ଅମଳା ନାମ୍ନୀ କନ୍ୟା ଜନ୍ମିଥିଲେ । ରାମ ଓ ସୀତା ବନବାସ କାଳରେ ଅତ୍ରିଙ୍କ ଆଶ୍ରମକୁ ଯାଇ ଋଷି ଦମ୍ପତ୍ତିଙ୍କ ଦ୍ୱାରା ଅଭ୍ୟର୍ଥିତ ହୋଇଥିଲେ । ଅତ୍ରି ଅନେକ ଗୁଡ଼ିଏ ବୈଦିକ ମନ୍ତ୍ର, ସମ୍ବତ୍ତା ଓ ସୂକ୍ତ ରଚନା କରିଥିଲେ । ସେ ତପସ୍ୟା କଲବେଳେ ତାଙ୍କର ନେତ୍ରରୁ ଚନ୍ଦ୍ର ଜନ୍ମିଥିଲେ ।
(ଦେଖନ୍ତୁ—ନକ୍ଷତ୍ର, ବେଦ)

ଅତ୍ରିଚ୍ଛା-ତା. ବଣ. (ସଂ. ନସ୍ତ୍ର)-ଅତଚ୍ଛି (ଦେଖନ୍ତୁ)

ଅତ୍ରିଜ-ସଂ. ବ. ପୁଂ. (ଅତ୍ରି + ଜନ ଧାତୁ + କତ୍ରି. ଅ, ଯେ ଅତ୍ରିଙ୍କ ଠାରୁ ଜାତ)-ଚନ୍ଦ୍ର ।

ଅତ୍ରିଜାତ-ସଂ. ବ. ପୁଂ. (ୟମୀ ତତ୍ପୁ, ଅତ୍ରି + ଜାତ, ଅତ୍ରିଙ୍କଠାରୁ ଜାତ)-ଚନ୍ଦ୍ର ।

(ନଞ୍ଜ ତତ୍ପୁ, ଅ + ଦ୍ୱିଜାତ)-ଦ୍ୱିଜ, ବ୍ରାହ୍ମଣ, କ୍ଷତ୍ରିୟ ଓ ବୈଶ୍ୟ ।

ଅତ୍ର୍ୟକ୍ଷ-ସଂ. ବ. ସ୍ତ୍ରୀ. (୬ଷ୍ଠୀ ତତ୍ପୁ.)-ଅତ୍ରି ନେତ୍ର, ଅତ୍ରିଋଷିଙ୍କ ଚକ୍ଷୁ ।

ଅତ୍ର୍ୟଦୃଗ୍‌ଜ-ସଂ. ବ. ପୁଂ. (ଅତ୍ରି + ଦୃଶ୍ + ଜନ ଧାତୁ + କତ୍ରି. ଅ, ଅତ୍ରିଙ୍କ ନେତ୍ରରୁ ଜାତ)-ଚନ୍ଦ୍ର ।

ଅତ୍ର୍ୟନେତ୍ରଜ-ସଂ. ବ. ପୁଂ. (ଅତ୍ରି + ନେତ୍ର + ଜନ ଧାତୁ + କ. ଅ)-ଚନ୍ଦ୍ର ।

ଅତ୍ର୍ୟନେତ୍ରପ୍ରସୂତ-ସଂ. ବ. ପୁଂ. (୫ମୀ ତତ୍ପୁ.) - ଚନ୍ଦ୍ର ।

ଅତ୍ର୍ୟନେତ୍ରଭୂ-ସଂ. ବ. ପୁଂ. (ଅତ୍ରି + ନେତ୍ର + ଭୂ ଧାତୁ + କତ୍ରି. କ୍ୱିପ)-ଚନ୍ଦ୍ର, ଏକ ସଙ୍ଖ୍ୟା ।

ଅତ୍ର୍ୟୁତ୍ତ-ଗ୍ରା. ବ. (ସଂ. ଅତ୍ୟୁତ୍ତି)-ଅତ୍ୟୁତ୍ତି ।
ଗ୍ରା. ବଣ. (ସଂ. ଅତ୍ୟୁତ୍ତ)-ଅତ୍ୟୁତ୍ତ ।

ଅତ୍ର୍ୟୁଦ୍ଭବ-ସଂ. ବ. ପୁଂ. (ଦ୍ୱନ୍ଦ୍ୱସମାସ, ଅତ୍ରି + ଉଦ୍ଭବ, ଅତ୍ରିଙ୍କଠାରୁ ଜାତ)-ଚନ୍ଦ୍ର ।

ଅତ୍ର୍ୟୁଦ୍ଭବ-ସଂ. ବ. ପୁଂ. (ଅତ୍ରି + ଭୂ ଧାତୁ + କତ୍ରି. ଅ, ଅତ୍ରିଙ୍କଠାରୁ ଜାତ)-ଚନ୍ଦ୍ର ।

ଅତ୍ର୍ଯ୍ୟାଭରଦ୍ୱାଜକା-ସଂ. ବ. ସ୍ତ୍ରୀ-ଅତ୍ରି ଏବଂ ଭରଦ୍ୱାଜ ବଂଶର ସ୍ତ୍ରୀ ପୁରୁଷଙ୍କ ମିଳନ, ଅତ୍ରିଭରଦ୍ୱାଜ ବଂଶାନ୍ତ ।

ଅତ୍ର୍ୟୁସଂହିତା-ସଂ. ବ. ସ୍ତ୍ରୀ. (କର୍ମଧା.)-ମନ୍ତ୍ରର୍ଷି ଅତ୍ରିଙ୍କ ପ୍ରଣୀତ ସ୍ମୃତିଶାସ୍ତ୍ର । ଏହି ଶାସ୍ତ୍ରରେ ବ୍ରାହ୍ମଣ, କ୍ଷତ୍ରିୟ, ବୈଶ୍ୟ, ଶୂଦ୍ର, ଏହି ଚତୁର୍ବର୍ଣ୍ଣର କର୍ମବୃତ୍ତି, ସ୍ତ୍ରୀଧର୍ମ, ଶୋଧନ ଏବଂ ସ୍ନାନବିଧି, ଶୌଚାଶୌଚ ଲକ୍ଷଣ, ଯମ-ନିୟମାଦି, ପ୍ରାୟଶ୍ଚିତ୍ତ ବିଧି, ଅଶୌଚ ନିର୍ଣ୍ଣୟ, ମନ୍ତ୍ର-ପାଠକାଦି ନିରୂପଣ, ନାଡ଼ୀ ଶୁଦ୍ଧି, ଆସନ ଶୁଦ୍ଧି, ପ୍ରାଣାୟାମ ଲକ୍ଷଣ, ଦାନ ବିଧି ଓ ଶ୍ରାଦ୍ଧ ଫଳ ପ୍ରଭୃତି ବିଷୟରେ ବର୍ଣ୍ଣନା କରାଯାଇଛି ।

ଅତ୍ସରୁକ-ସଂ ବ. ସ୍ତ୍ରୀ. ଯଜ୍ଞୀୟ ପାତ୍ର ବିଶେଷ ।

ଅଥ-ସଂ. ଅ. (ଅର୍ଥ ଧାତୁ + କରଣେ, ଅ, ଯାହାଦ୍ୱାରା ବାକ୍ୟର ଅର୍ଥ ସୂଚିତ ହୁଏ)-ବାକ୍ୟ, ପ୍ରସ୍ତାବ, ପ୍ରବନ୍ଧ ବା ଗ୍ରନ୍ଥ ଆରମ୍ଭରେ ବ୍ୟବହୃତ ଅବ୍ୟୟ, ଏହିଠାରେ ଆରମ୍ଭ ।

ଏହା ବ୍ରହ୍ମାଙ୍କ କଣ୍ଠରୁ ପ୍ରଥମେ ଉଚ୍ଚାରିତ ହୋଇଥିବାର ପ୍ରବନ୍ଧ ଆରମ୍ଭରେ ଏହି ଶବ୍ଦ ବ୍ୟବହାର

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

କରିବା ମଙ୍ଗଳ ସୂଚକ । ପ୍ରସ୍ତାବ ବା ଗ୍ରନ୍ଥ ଶେଷରେ 'ଇତି' ଲେଖାଯାଏ ।

ଅନନ୍ତର, ଏହାପରେ ।

ଅଥ ମନ୍ମଥର ମନଭେଦୀ ଶର ।

ମରମକୁ ଭେଦିବାରେ ମନୋହର ।

ଭଞ୍ଜ, ଲବଣ୍ୟବତୀ ।

ଏହି ଅବ୍ୟୟ ଅନନ୍ତର, ମଙ୍ଗଳ, ଫଣସ୍ଥ, ପ୍ରଶ୍ନ, ଦୃଢତା, ସମୁଚ୍ଚୟ ଚିହ୍ନ, ଏହିକ୍ଷଣି, ଅତଏବ, ଆରମ୍ଭ, ସାକଲ୍ୟ, ଅନୁଜ୍ଞା, ପ୍ରକରଣ ସ୍ଥଳରେ ବା ଅର୍ଥରେ ବ୍ୟବହୃତ ।

ଅଥକ-ପ୍ରାଦେ. (ସମ୍ବଲ) ବିଣ. (ସଂ. ଅ + ସ୍ଥଳ)-ଅତି ଗଭୀର, ଅଥଳ, ଯେଉଁ ଜଳର ଥଳକୁଳ ପାଇ ହୁଏ ନାହିଁ, ଯେଉଁ ପାଣିରେ ମନୁଷ୍ୟ ପଶି ବା ଗୋଲକ ପାଣ ହୋଇ ପାରେ ନାହିଁ ।

ଦେ. ବିଣ. (ସଂ. ଅ + ସ୍ଥଗ ଧାତୁ)-ଯେ ଅଳ୍ପ ନାହିଁ, ଅଗ୍ରାହ୍ୟ ।

ଅଥକମ୍-ଅ.-ସ୍ୱୀକାର ସୂଚକ ଶବ୍ଦ ।

ଅଥଚ-ସଂ. ଅ. (ଅଥ + ଚ)-ତଥାପି, କିନ୍ତୁ, ଆହୁରି ମଧ୍ୟ, ପୁଣି, ମଧ୍ୟ, କିନ୍ତୁ ମଧ୍ୟ ।

ଓଡ଼ିଆ ଭାଷାରେ ପ୍ରକାଶିତ ଏକ ପତ୍ରିକାର ନାମ ।

ଅଥଚେତ୍-ସଂ. ଅ. (ଅଥ + ଚେତ୍)-ଏବଂ, ଯଦ୍ୟପି, ଯଦ୍ୟପି ମଧ୍ୟ ।

ଅଥବା-ସଂ. ଅ. (ଅଥ + ବା)-କିମ୍ବା, ଅବା, ଅବା-ସମ୍ଭବତଃ, ନୋଚେତ୍, ପକ୍ଷାନ୍ତରେ, ଏ ସବୁ ନ ହୁଏ ତେବେ ଏହା ହେଉ ।

ଅଥସ୍ଥି-ଦେ. ବିଣ. (ଅ + ଥସ୍ଥି, ସଂ. ଅସ୍ଥିର ବା ଅସ୍ଥେୟ) ଅସ୍ଥିର, ଚଞ୍ଚଳ, ଅନବସ୍ଥିତ, ଅବ୍ୟବସ୍ଥିତ, ଚପଳ, ଧୈର୍ଯ୍ୟହୀନ, ଉତ୍କଣ୍ଠିତ, ବ୍ୟାକୁଳିତ ।

ଅଥସ୍ଥି ବଥସ୍ଥି-ଦେ. ବିଣ. (ସଦ୍ଭଚର ଶବ୍ଦଦ୍ୱୟ) - ଅସ୍ତବ୍ୟସ୍ତ, ଅତ୍ୟନ୍ତ ବ୍ୟତିବ୍ୟସ୍ତ, ଅତ୍ୟନ୍ତ ଅଧୀର ।

ଅଥସ୍ଥିମନା-ଦେ. ବିଣ. ପୁଂ. ଓ ସ୍ତ୍ରୀ. (ସଂ. ଅସ୍ଥିର-ମନସ୍)-ଅସ୍ଥିର ମତି, ଚଞ୍ଚଳ ମତି, ଉତ୍କଣ୍ଠିତ, ଅଧୀର, ବ୍ୟାକୁଳିତ ।

ଅଥର୍-(**Author**) ବୈଦେ. ବି. (ଇଂ ଅଥର୍)-ଗ୍ରନ୍ଥ କର୍ତ୍ତା; ଗଳ୍ প, ଉପନ୍ୟାସ ଓ ନାଟକ ପ୍ରଭୃତିର ଲେଖକ, ସ୍ରଷ୍ଟା, ଉଦ୍ଭାବକ, ପ୍ରବର୍ତ୍ତକ, ଆରମ୍ଭକର୍ତ୍ତା ।

ଅଥର-ଗ୍ରା. ବିଣ. (ସଂ. ଅସ୍ଥିର)-ନଶ୍ୱର, ସ୍ପନ୍ଦନ ରହିତ । ପ୍ରା. (ଯାଜପୁର) ଅ.-ଏଥର, ବର୍ତ୍ତମାନ ।

ଅଥରଥସ୍ତ-ଗ୍ରା. ବିଣ. ପୁଂ. ଓ ସ୍ତ୍ରୀ. (ସଂ. ଅସ୍ଥିର)-ଅଥରପା (ଦେଖନ୍ତୁ) କମ୍ପମାନ, ଡରକୁଲା, ଯେ ସାମାନ୍ୟ ଭୟରେ ଥରେ ।

(ଅଗରଥସ୍ତ-ସ୍ତ୍ରୀ)

ଅଥରଥରୁଆ-ଗ୍ରା. ବିଣ. ପୁଂ. ଓ ସ୍ତ୍ରୀ. - ଅଥରଥସ୍ତ (ଦେଖନ୍ତୁ)

(ଅଥରଥେରୁ-ସ୍ତ୍ରୀ)

ଅଥରପା-ଦେ. ବିଣ. ପୁଂ. ଓ ସ୍ତ୍ରୀ. (ସଂ. ଅସ୍ଥିର ପାଦ) (ଅସ୍ଥିର + ପାଦ)-ଚଞ୍ଚଳ, ଅସ୍ଥିର ପଦ, ଆଗପଛ ବଗୁର ସ୍ଖଳନ, ଅଖାଡ଼ୁଆ, ଯାହାର ପାଦ ବକ୍ଷେପ ସ୍ଥିର ନୁହେଁ ।

(ଅଥରପୀ-ସ୍ତ୍ରୀ)

ଅଥରପାମଣ୍ଡପ-ଗ୍ରା. ବିଣ. ପୁଂ. ଓ ସ୍ତ୍ରୀ. - ଅଥରପା (ଦେଖନ୍ତୁ)

ଅଥସ୍ତ-ଦେ. ବିଣ. ପୁଂ.-ଅଥର, ଯେଉଁବ୍ୟକ୍ତି ଅତ୍ୟଧିକ ଭୟରୁ ପର୍ଯ୍ୟନ୍ତ ବବାହୁ ହୋଇ ନ ଥାଏ ।

(ଅଥରୁଆ-ଦେଖନ୍ତୁ)

(ଅଥସ୍ତ-ସ୍ତ୍ରୀ)

ଅଥସ୍ତଇକ୍- (**Authorise**) ବୈଦେ. କି. (ଇଂ. ଅଥର୍ଇକ୍)-କ୍ଷମତା ଅର୍ପଣ କରିବା, ଅଧିକାର ଦେବା, କ୍ଷମତାପନ୍ନ କରିବା, ଅନୁମୋଦନ କରିବା, ଅନୁମତି ଦେବା, ସ୍ଥିର କରିବା, ସାବ୍ୟସ୍ତ କରିବା ।

ବୈଦେ. ବିଣ.-କ୍ଷମତାପ୍ରାପ୍ତ, କ୍ଷମତାପନ୍ନ, ପ୍ରାଧିକୃତ, କାରପରଦାଜ, କ୍ଷମତାପନ୍ନ କାରପରଦାଜ, ଅନୁମୋଦିତ, ବିଧିବଦ୍ଧ' ପ୍ରମାଣସିଦ୍ଧ, ସାବ୍ୟସ୍ତ ।

ବୈଦେ. ବି.-କ୍ଷମତା ପ୍ରଦାନ, ଅନୁମୋଦନ ।

ଅଥରଟି (Authority) ବୈଦେ. ବି. (ଇଂ. ଅଥରଟି) - କ୍ଷମତା, ପ୍ରଭୁତ୍ୱ, ଅଧିକାର, ଅନୁମତି, ନଜର, ପ୍ରମାଣ, ଆପ୍ତ ବାକ୍ୟ, ପ୍ରାମାଣିକ ଗ୍ରନ୍ଥ ବା ରଚନା ବିଶେଷଜ୍ଞ, କର୍ତ୍ତୃପକ୍ଷ, ଶାସକ ମଣ୍ଡଳୀ, ପ୍ରାଧିକାରୀ ।

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

ଅଥରୁଆ-ଦେ ବଣ. (ଫା. ଅ + ଓ. ଥରୁଆ) - ଯେ ଉତ୍ତରେ ଥଉ ଥର ହୁଏ ନାହିଁ, ନର୍ଭସ୍. ଯେ ଡରୁକୁଳା ରୁହେଁ ।
(ଅଥରେଇ-ସ୍ତ୍ରୀ)

ଅଥର୍ପା-ଦେ. ବଣ. ପୁଂ. ଓ ସ୍ତ୍ରୀ -ଅଥରପା (ଦେଖନ୍ତୁ)
(ଅଥର୍ପୀ-ସ୍ତ୍ରୀ)

ଅଥର୍ବ-ବି. (ଅଥ + ରୁ + କ. ଅନ୍)-ଅଗ୍ନି ଓ ସୋମ ପ୍ରଜକ ପୁରୋହିତ, ବ୍ରାହ୍ମଣ, ବ୍ରହ୍ମାଙ୍କ ମୁଖରୁ ଜାତ ଜ୍ୟେଷ୍ଠ ପ୍ରଜାପତି, ଚତୁର୍ଥ ବେଦ, ଶିବ, ମହାଦେବ, ବଶିଷ୍ଠ ଋଷି ।
ଦେ. ବଣ.-ଜଘନ୍ୟ, ସ୍ଥବର, ବାର୍ଦ୍ଧକ୍ୟ ଜନିତ ଅସମର୍ଥ ବା ଗୁଲ୍ ଗୁଲ୍ କରିବାରେ ଅସମର୍ଥ ।

ଅଥର୍ବଜ୍ଞ-ସଂ. ବି. ପୁଂ (ଅଥର୍ବନ୍ + ଅ)-ଶିବ, ମହାଦେବ, ଅଥର୍ବ ବେଦ ଜାଣିଥିବା ବ୍ୟକ୍ତି, ଭର୍ଗୀଚ ଋଷି ।
(ଅଥର୍ବା-ଦେଖନ୍ତୁ)

ଅଥର୍ବଣି-ସଂ. ବି. ପୁଂ. (ଅଥର୍ବନ୍ + ଇ) ଅଥର୍ବ ବେଦଜ୍ଞ ବ୍ରାହ୍ମଣ ପୁରୋହିତ, କୌଣସି ବଂଶର ନର୍ଦ୍ଦିଷ୍ଟ ପୁରୋହିତ । (ଅଥର୍ବା-ଦେଖନ୍ତୁ)

ଅଥର୍ବନ-ସଂ. ବି. ପୁଂ.-ଅଥର୍ବା (ଦେଖନ୍ତୁ)

ଅଥର୍ବବତ୍-ପୁଂ. ବଣ. (ଅଥର୍ବ + ବତ୍ + କ. କ୍ୱପ୍)-ଅଥର୍ବ ବେଦଜ୍ଞ (ବ୍ରାହ୍ମଣ)

ଅଥର୍ବବେଦ-ବି. (ଅଥର୍ବନ୍ + ବେଦ)- ଅଥର୍ବବେଦ, ଚତୁର୍ଥ ବେଦ ।

ବଶ୍ୱପ୍ରସିଦ୍ଧ ଗ୍ରନ୍ଥତ୍ରୟ ମଧ୍ୟରେ ଅଥର୍ବ ଚତୁର୍ଥବେଦ । ଏହି ବେଦରେ ଜ୍ଞାନ, ଜର୍ମ ଓ ଉପାସନା ସମ୍ପର୍କରେ ସୁନ୍ଦର ଭାବେ ବର୍ଣ୍ଣନା କରାଯାଇଛି । ଏଥିରେ ଭୌତିକ ବଜ୍ଞାନର ସ୍ପଙ୍କେ ସଙ୍ଗେ ସଙ୍ଗେ ଗଭୀର ଆଧ୍ୟାତ୍ମିକ ଭାବ ସୁନ୍ଦର ଦେଖାଇଛି । ଅଥର୍ବ ବେଦରେ ଅର୍ଥ-ନାମ ସହିତ ଧର୍ମ-ମୋକ୍ଷର ସୁନ୍ଦର ବଶ୍ଳେଷଣ କରାଯାଇଛି । ଆସୁର ଶକ୍ତିର ଉତ୍ପାଦନ ପାଇଁ ଯୁଦ୍ଧ ଯେପରି ଅବଶ୍ୟମ୍ଭାବୀ, ଦୈବୀ ଶକ୍ତିର ସଂରକ୍ଷଣ ପାଇଁ ଆଭ୍ୟନ୍ତର ଓ ବାହ୍ୟର ଶାନ୍ତିସ୍ଥାପନ ସେପରି ଅନିବାର୍ଯ୍ୟ । ଜୀବନସଂଗ୍ରାମର ଉଦ୍‌ବୋଧକ ଅଥର୍ବବେଦ ଯୁଦ୍ଧ ଓ ଶାନ୍ତି ଉଭୟର ବର୍ଣ୍ଣନା କରିଛନ୍ତି । ଭେଣ୍ଡ କୁହାଯାଇଛି-ଅଥର୍ବ ମନ୍ତ୍ରର ସଂପ୍ରାପ୍ତି ବା ଔଷଧିବନ୍ଧ ଦ୍ୱାରା ସମସ୍ତ ପୁରୁଷାର୍ଥ ସିଦ୍ଧ ହୁଏ ।

ଅଥର୍ବ ମନ୍ତ୍ର ସଂପ୍ରାପ୍ତ୍ୟା ସର୍ବସିଦ୍ଧିର୍ଭବିଷ୍ୟତି ।
(ଅଥର୍ବ ପରିଶିଷ୍ଟ ୨, ୫)

ଯେଉଁ ଗ୍ରାମରେ ଅଥର୍ବବେଦର ବିଦ୍ୱାନ ଶାନ୍ତସ୍ୱାଭାବ ପାଇଁ ଇଚ୍ଛୁକ, ସେହି ଗ୍ରାମ ଉପଦ୍ରବ-ଶୂନ୍ୟ ହୋଇ ବୃଦ୍ଧି ଲାଭ କରେ ।

ଯସ୍ୟୈ ଗ୍ରାମୋ ଜନପଦେ ଅଥର୍ବାଃ ଶାନ୍ତିପାରଗାଃ ।
ନବସତ୍ତ୍ୟୈ ଚିତ୍ରାସ୍ତ୍ରଂ ବର୍ଧତେ ନିରୁପଦ୍ରବମ୍ ॥
(ଅଥର୍ବ ପରିଶିଷ୍ଟ ୨, ୬)

ଗୋପଥ ବ୍ରାହ୍ମଣ ଗ୍ରନ୍ଥରେ ଉଲ୍ଲେଖ କରାଯାଇଛି- "ପାଖରେ ଛାନ୍ଦାଙ୍କ ଖୋଜ, ସେ ପାଖରେ ଅଜଣ୍ଡା"-ଏହି କଥା କହିବାରୁ [ଅଥଅଙ୍ଗାଜ = ଅଥର୍ବା (କ)] ଏହାର ନାମ ଅଥର୍ବବେଦ ହେଲା ।" ଏଭଳି କହି ଗୋପଥ ଅଥର୍ବର ଅତି ମାର୍ମିକ ବ୍ୟାଖ୍ୟା କରିଛନ୍ତି । ଆତ୍ମାକୁ ଖୋଜିବା ପାଇଁ କେଉଁ ଆଡେ ଭ୍ରମଣ କରିବା ଯେ ନିଷ୍ପ୍ରୟୋଜନ-ଅଥର୍ବ ଏହା ବୁଝାଇଛନ୍ତି ।

ଅଥର୍ବନ୍ (ଅଥ-ଅର୍ବନ)- 'ଏଣିକି ନିଜ ଆଡକୁ' ଦେଖା ନିଜକୁ ଅଶକ୍ତ ଓ ଅସହାୟ ମନେ କରି ନାହିଁ । ଯିଏ ନିଜ ଭିତରୁ ବୃଦ୍ଧି ଲାଭ କରେ, ବ୍ରହ୍ମଲତା ଅନ୍ତଃସତ୍ତାରୁ ବିକଶିତ ହୁଅନ୍ତି । ଜଳଠାରେ ଆସ୍ଥା ବଶ୍ୱାସ ସ୍ଥାପନ ପାଇଁ ଅଥର୍ବବେଦରେ ଉପଦେଶ ଦିଆଯାଇଛି ।

ଏହି ଅଥର୍ବ ଶ୍ରେଷ୍ଠ ଜ୍ଞାନ, ବ୍ରହ୍ମଜ୍ଞାନଙ୍କ ହୃଦୟରେ ଏହା ଜାତ ହୁଏ । ଏହାର ଅନ୍ୟନାମ 'ବ୍ରହ୍ମବେଦ' । ଚାରି ବେଦର ନାମ, ଯଥା-ଋକ୍, ଯଜୁଃ, ସାମ ଓ ବ୍ରହ୍ମ । ଗୋପଥ ବ୍ରାହ୍ମଣରେ ଏହାର ଅନ୍ୟ ନାମ 'ଅମୃତବେଦ' ବୋଲି କୁହାଯାଇଛି । ମୃତ୍ୟୁକୁ ଜିଣି ଜିଣି ପାରକର ଉତ୍କୃଷ୍ଟ ଜୀବନରେ ପ୍ରବେଶ କରିବା ପାଇଁ ଅଥର୍ବ ଅତ୍ୟନ୍ତ ସହାୟକ ।

'ଅର୍ବ' ଚଞ୍ଚଳତାର ବାଚକ । 'ଅ-ଥର୍ବ' ଶାନ୍ତି ବା ଏକାଗ୍ରତାର ଦ୍ୟୋତକ । ଚଞ୍ଚଳତା ଦୂର ହେଲେ ଆତ୍ମାନୁଭବ ଓ ବ୍ରହ୍ମସାକ୍ଷାତ୍କାର ସମ୍ଭବ ହୁଏ । ଅଥର୍ବ ବେଦ ଆତ୍ମଜ୍ଞାନର ଉପଦେଶ ଦିଅନ୍ତି । ଋକ୍, ଯଜୁ, ଓ ସାମ ଯଥାକ୍ରମେ ବାଣୀ, ମନ ଓ ପ୍ରାଣ ସହିତ ସମ୍ପୃକ୍ତ ରଖିଥିବା ବେଳେ ଶ୍ରୋତ୍ର ସହିତ ଅଥର୍ବର ସମ୍ପୃକ୍ତ । ଏହା ଅନ୍ୟତ୍ର ଶୁଣେ ।

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

କେତେଜଣ ଆଧୁନିକ ଆଲୋଚନା ଅଥର୍ବକୁ ନବୀନ ବେଦ ବୋଲି ମତଦଅନ୍ତି । ପ୍ରାଚୀନ ଗ୍ରନ୍ଥମାନଙ୍କରେ 'ତ୍ରୟୀ ବିଦ୍ୟା' ଶବ୍ଦ ଉପଲବ୍ଧି ହୁଏ । ସମ୍ଭବତଃ ଏହି ବର୍ତ୍ତୁଳାରୁ ଋକ୍, ଯଜୁଃ ଓ ସାମକୁ ମୂଳବେଦ ସ୍ୱୀକାର କରି ଅଥର୍ବକୁ ନବୀନ କୁହାଯାଇଛନ୍ତି । ମୀମାଂସା ଦର୍ଶନରେ ତ୍ରୟୀ ବିଦ୍ୟାର ଯଥାର୍ଥ ବିଶ୍ଳେଷଣ କରାଯାଇଛି । ପ୍ରତିବ୍ୟବସ୍ଥା ବା ଛନ୍ଦୋବଦ୍ଧ ମନ୍ତ୍ର ଗୁଡିକୁ 'ଋକ୍' କହନ୍ତି ।

ତନ୍ନ ଋଗ୍ ଯନ୍ତ୍ରାର୍ଥବଶେ ପାଦବ୍ୟବସ୍ଥା ॥

(ମୀମାଂସା ୨, ୧, ୩୨)

ଯେଉଁ ମନ୍ତ୍ର ଗାନାତ୍ମକ, ତାହା ସାମ । ଅବଶିଷ୍ଟ ଗଦ୍ୟାତ୍ମକ ରଚନା 'ଯଜୁଃ' । ଯେଉଁ ବେଦରେ ଯେଉଁ ପ୍ରକାର ମନ୍ତ୍ରର ପ୍ରାଧାନ୍ୟ ଥାଏ, ତାହା ସେହି ନାମରେ ଜଣାଯାଏ । ସୁତରାଂ ଋକ୍, ସାମ, ଯଜୁଃ ରଚନା ଭେଦରେ ତିନି ପ୍ରକାର, ଏଥିରୁ ବେଦ ସଂଖ୍ୟା ତିନି କହିବା ଭ୍ରମାତ୍ମକ । ଅଥର୍ବ ବେଦରେ ତିନୋଟି ସାକ ରୂପ ଅର୍ଥାତ ମାତ୍ର ବ୍ୟବସ୍ଥା (ଋକ୍), ଗାନ (ସାମ), ଗଦ୍ୟ (ଯଜୁଃ) ଉପଲବ୍ଧ । ଏଣୁ ଅଥର୍ବର ବେଦତ୍ରୟରେ କୌଣସି ସନ୍ଦେହ ନାହିଁ ।

ଦ୍ରିଷ୍ଟୁପ୍ଛନ୍ଦଃ ଯଜ୍ଞର କର୍ମକାଣ୍ଡରେ ପ୍ରଥମ ତିନି ବେଦର ମନ୍ତ୍ର ନଆଯାଇଥିବାରୁ ଅଥର୍ବ ସମ୍ବନ୍ଧରେ ସନ୍ଦେହ ସୃଷ୍ଟି ହୁଏ । ଯଜ୍ଞରେ ଋଗ୍ବେଦର ପ୍ରତିନିଧି 'ହୋତା', ଯଜୁର୍ବେଦର ପ୍ରତିନିଧି 'ଅଧ୍ୱର୍ଯ୍ୟୁ' ଓ ସାମବେଦର ପ୍ରତିନିଧି 'ଉଦ୍ଗାତା' ଅଂଶ ଗ୍ରହଣ କରନ୍ତି । ଅଥର୍ବବେଦର ପ୍ରତିନିଧି 'ବ୍ରହ୍ମା' କେବଳ ସାକ୍ଷୀ ହୋଇ ମୌନ ରହନ୍ତି । ସେ ସମସ୍ତଙ୍କର ସନ୍ଦେହ ଦୂର କରନ୍ତି ଓ ଅକ୍ଷୟ ସ୍ୱରରେ ବସନ୍ତି । ସେ ଋଗ୍ବେଦର ଜ୍ଞାତା ଓ ଅଥର୍ବର ବିଶେଷଜ୍ଞ । ଏସବୁ ସ୍ଥଳେ ଅଥର୍ବକୁ ନବୀନ ବେଦ କହିବା ଅଯୌକ୍ତିକ ।

ଋଗ୍ବେଦରେ ଅଥର୍ବର ବର୍ତ୍ତୁନା ଅଛି—"ସେହି ପୁରୁଷସ୍ୟ ପରମେଶ୍ୱରଙ୍କଠାରୁ ଋଗ୍ବେଦ, ସାମବେଦ, ଛନ୍ଦୋବେଦ ଓ ଯଜୁର୍ବେଦ ଉତ୍ପନ୍ନ ହେଲେ ।" ଛନ୍ଦୋ-ବେଦ ଅଥର୍ବର ପ୍ରତୀକ । ଅଥର୍ବ ବେଦରେ କୁହାଯାଇଛି- "ଯାହାଙ୍କଠାରୁ ଋକ୍ ପ୍ରକାଶିତ, ଯାହାଙ୍କଠାରୁ ଯଜୁଃ, ଉତ୍ପନ୍ନ, ସାମ ଯାହାଙ୍କର ଲୋମ ସଦୃଶ, ଯାହାଙ୍କର ମୁଖ 'ଆଙ୍ଗିରସଃ ଅଥର୍ବା', ସେହି ସର୍ବାଧାର ଈଶ ?" ଉପ-ନିଷଦରେ ଉଲ୍ଲେଖ ଅଛି—"ସେଠାରେ ଋକ୍, ଯଜୁଃ, ସାମ ଓ ଅଥର୍ବ- ଏହିସବୁ ଅପର ବିଦ୍ୟା ।" "ଋକ୍, ଯଜୁଃ ସାମ ଓ ଅଥର୍ବବେଦ ଦ୍ୱାରା ଯଥାକ୍ରମେ ଶଂସନ, ଯଜନ, ସ୍ତବନ ଓ ଜପ ବିଧାନ କରାଯାଏ ।" "ଶ୍ୱାସପ୍ରଶ୍ୱାସ ଯେଉଁ ପର ଅନାୟାସରେ ସଂଘଟିତ ହୁଏ, ସେହିପର ପରମାତ୍ମା ଋକ୍, ଯଜୁଃ, ସାମ ଓ ଅଥର୍ବବେଦ ପ୍ରକାଶ କରିଛନ୍ତି ।" ଏହି ସବୁ ପ୍ରମାଣରୁ ସୁସ୍ପଷ୍ଟ ଯେ ଅଥର୍ବ ନବୀନ ବେଦ ନୁହେଁ ।

ନବୀନବାଦୀ ଅଥର୍ବବେଦର ପଞ୍ଚଦଶ, ସପ୍ତଦଶ, ଅଷ୍ଟାଦଶ, ଉନବିଂଶ ଓ ବିଂଶତିତମ କାଣ୍ଡକୁ ଅର୍ବାଚୀନ କହନ୍ତି । ଏମାନଙ୍କର ଯୁକ୍ତି ବିଚିତ୍ର । କୌଣସି କୌଣସି ବେଦ ଶାଖାରେ ମୂଳବେଦର ସମସ୍ତ ମନ୍ତ୍ର ନ ଥିବା ହେତୁ ଏମାନେ ଏହିଭଳି ଅଟକଳ ପ୍ରସ୍ତୁତ କରନ୍ତି । ପ୍ରକୃତ ପକ୍ଷରେ ବେଦ ଶାଖା ମାନଙ୍କରେ ସମସ୍ତ ବେଦ ସମ୍ପୃକ୍ତ ନଥିବାର ଉଦ୍ଦେଶ୍ୟ ଓ ଦୃଷ୍ଟିକୋଣରୁ ସେଗୁଡିକରେ ମନ୍ତ୍ରମାନଙ୍କର ସଂଗ୍ରହ ଓ ବ୍ୟାଖ୍ୟାନ କରାଯାଇଛି । ଋଗ୍-ବେଦରେ କେତେକ ସମାନ ମନ୍ତ୍ର ଦୃଷ୍ଟି ଗୋଚର ହୁଏ । ନବୀନବାଦୀମାନେ ସେହି ଦୃଷ୍ଟିରୁ କାହାକୁ ପ୍ରାଚୀନ, କାହାକୁ ବା ଅର୍ବାଚୀନ ଆଖ୍ୟା ଦିଅନ୍ତି । ବେଦର ଅନୁପମ ବ୍ୟାଖ୍ୟାକାର ମହର୍ଷି ଦୟାନନ୍ଦ ସରସ୍ୱତୀ ଏହି ସବୁ ସନ୍ଦେହ ମୋଚନ କରି ଲେଖିଛନ୍ତି-" ଯେଉଁ ମନ୍ତ୍ର ଗୁଡିକ ଋଗ୍-ବେଦରେ ଉପଲବ୍ଧ ହୁଏ । ('ଶନ୍ନୋ ଦେବୀରଭିଷ୍ଟୟ' ଇତ୍ୟାଦି) ସେଗୁଡ଼ିକୁ ଋଗ୍ବେଦରେ ପଦାର୍ଥର ଗୁଣ ପ୍ରକାଶ ପାଇଁ, ଯଜୁର୍ବେଦରେ ଯଜ୍ଞ (ଶୁଭକର୍ମ) ଅନୁଷ୍ଠାନ ପାଇଁ ସାମ ବେଦରେ ଜ୍ଞାନ ଓ ଉପାସ୍ୟ (ଅର୍ଥାତ କର୍ମଯୋଗ ଓ ଜ୍ଞାନଯୋଗ) ପାଇଁ ଏବଂ ଅଥର୍ବ ବେଦରେ ସମସ୍ତ ସଫଳତା ପାଇଁ ବିଷୟ କରାଯାଏ ।" ତ୍ରୟୀବିଦ୍ୟାର ଭାବପୂର୍ଣ୍ଣ ନ ବୁଝି ଓ ବେଦତତ୍ତ୍ୱର ଅନ୍ତର୍ଦୃଷ୍ଟି ଅଭାବରୁ କେତେକ ଦୁରେପସିସ୍ଥ ବିଦ୍ୱାନ ଅଥର୍ବକୁ ନବୀନ ବେଦ କହନ୍ତି ।

ଅଥର୍ବବେଦ ୨୦ଟି କାଣ୍ଡରେ ବିଭକ୍ତ । ଏହି ସବୁ କାଣ୍ଡରେ ସର୍ବମୋଟ ୭୩୧ ସୂକ୍ତ ଓ ୫୯୭୭ ମନ୍ତ୍ର ବିଦ୍ୟମାନ । ଅନ୍ୟ ବେଦମାନଙ୍କ ପରି ଏହି ବେଦର ମନ୍ତ୍ର ସଂଖ୍ୟାରେ ବିଦ୍ୱାନମାନଙ୍କର ମତଭେଦ ରହିଛି । ପଇପ୍ପ-

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

ସୂକ୍ତସ୍ଥ ଓ ସମ୍ବନ୍ଧୀୟ ମନ୍ତ୍ରବ୍ୟାନୁସାରେ ଅଥର୍ବର ଉପର୍ଯ୍ୟୁକ୍ତ ବସ୍ତୁର ସ୍ତ୍ରଷ୍ଟାଟିଏ ।

ସପ୍ତଦଶ କାଣ୍ଡରେ ଗୋଟିଏ ମାତ୍ର ସୂକ୍ତ ଥିବା ବେଳେ ଅନ୍ତ୍ୟ କାଣ୍ଡରେ ସମ୍ବନ୍ଧୀୟ ୧୪୩ଟି ସୂକ୍ତ ଦେଖାଯାଏ । ଅନେକ ସୂକ୍ତରେ କେବଳ ଗୋଟିଏ ଦୁଇଟିଏ ମନ୍ତ୍ର ଅଛି । ଅଷ୍ଟାଦଶ କାଣ୍ଡର ଶେଷ ସୂକ୍ତରେ ସମ୍ବନ୍ଧୀୟ ୮୯ ମନ୍ତ୍ର ଉପଲବ୍ଧ ହୁଏ । ରଚନା ଦୃଷ୍ଟିରୁ ଅଥର୍ବର ଅଧିକାଂଶ ମନ୍ତ୍ର ଋକ୍ (ପଦ୍ୟାତ୍ମକ) ଓ ଅଳ୍ପାଂଶ ଯଜୁଃ (ଗଦ୍ୟାତ୍ମକ) । କାଣ୍ଡ, ସୂକ୍ତ ଓ ମନ୍ତ୍ରର ସୂଚୀ ନମ୍ନରେ ପ୍ରଦତ୍ତ କରାଗଲା ।

କାଣ୍ଡ	ସୂକ୍ତ	ମନ୍ତ୍ର
୧	୩୫	୧୫୩
୨	୩୬	୧୫୩
୩	୩୧	୧୩୦
୪	୪୦	୩୨୪
୫	୩୧	୩୭୬
୬	୧୪୨	୪୫୪
୭	୧୧୮	୬୬
୮	୨୦	୨୪୩
୯	୨୦	୩୧୩
୧୦	୨୦	୩୫୦
୧୧	୨୦	୩୧୩
୧୨	୫	୩୦୪
୧୩	୪	୧୮୮
୧୪	୨	୧୩୨
୧୫	୧୮	୨୨୦
୧୬	୫	୧୦୩
୧୭	୧	୩୦
୧୮	୪	୨୮୩
୧୯	୭୨	୪୫୩
୨୦	୧୪୩	୯୫୮
୨୦	୭୩୧	୫୯୭୭

ବେଦର ପଠନପାଠନର ସୁବିଧା ପାଇଁ ଶାଖାଗ୍ରନ୍ଥ ରଚିତ ହୋଇଥିଲା । ଶାଖା ବେଦର ଅନ୍ତର୍ଗତ ନୁହେଁ । ଏଗୁଡ଼ିକ ବିଭିନ୍ନ ଋଷିଙ୍କ ଦ୍ୱାରା ବିଭିନ୍ନ ପ୍ରସ୍ଥେ ଜଣାନୁସାରେ ସଙ୍କଳିତ ଓ ବ୍ୟାଖ୍ୟାନ ସମ୍ବଳିତ ରଚିତ ହୋଇଛି । ଅନେକ ଶାଖାରେ ମୂଳ ବେଦର ପାଠାନ୍ତର ଦେଖିବାକୁ ମିଳେ ।

ଅଥର୍ବ ବେଦ ନବଶାଖା ଯୁକ୍ତ ('ନବଧାଥର୍ବଣୋ ବେଦଃ'-ମନ୍ତ୍ରଭାଷ୍ୟ) । ଏ ଗୁଡ଼ିକର ନାମ ପୈପ୍ପଲାଦ, ତୌଦ, ମୌଦ, ଶୌନକୀୟ, ଜାଜଳ, ଜଲଦ, ବ୍ରହ୍ମବାଦ, ଦେବଦର୍ଶ ଓ ଚାରଣ ବୈଦ୍ୟ । ବର୍ତ୍ତମାନ ପୈପ୍ପଲାଦ ଓ ଶୌନକ ଶାଖାଗ୍ରନ୍ଥ ଉପଲବ୍ଧ ହୁଏ । ଶାଖ ପ୍ରବର୍ତ୍ତକମାନଙ୍କ ଇତିହାସ ସମ୍ବନ୍ଧରେ ବିଭିନ୍ନ ମତ ଦେଖାଯାଏ ।

ଅଥର୍ବବେଦର ଏକ ନାମ 'ଆଙ୍ଗି ବେଦ' । ଆଙ୍ଗିରାନୁଭବଦ୍ୱାରା ଶତ୍ରୁର ଚଞ୍ଚଳତା ଦୂର ଜଣାଦାର ଗୁରୁ ରହସ୍ୟ ଏଥରେ ନିର୍ଦ୍ଦିଷ୍ଟ ହୋଇଛି । ଆତ୍ମା, ବୁଦ୍ଧି, ଚିତ୍ତ ଅହଂକାର ଆଦି ଅନ୍ତଃକରଣ ସମ୍ବନ୍ଧିତ ଅଥର୍ବବେଦର ଘନିଷ୍ଠ ସଂପର୍କ ରହିଛି ।

ବେଦଚତୁଷ୍ଟୟସ୍ଥ ଅର୍ଦ୍ଧିତସ୍ଥ ବ୍ରହ୍ମକାର ପରମାତ୍ମାଙ୍କୁ ବର୍ଣ୍ଣନା କରିଛନ୍ତି । ଏହା ସମ୍ବନ୍ଧରେ ଅଥର୍ବର ମନ୍ତବ୍ୟ ଅତ୍ୟନ୍ତଗୂଢ଼ । ପରମେଶ୍ୱର ଦୁଇ, ତିନି ବା ଗୁଣ ନୁହନ୍ତି (ନ ଦ୍ୱିତୀୟୋ ନ ତୃତୀୟଶ୍ଚତୁର୍ଥୋ ନାପ୍ୟୁଚ୍ୟତେ'-ଅଥର୍ବ ୧୩, ୫, ୧୬) । ସେ ଦେବ ଏକ, ଏକମାତ୍ର, କେବଳ ଏକ ଅଟନ୍ତି (ସ ଏଷ ଏକ ଏକବୃଦେକ ଏବ — ଅଥର୍ବ ୧୩, ୫, ୨୦) । ଏହାଙ୍କଠାରେ ସମସ୍ତ ଦେବ ଏକ ରୂପ ହୋଇଯାନ୍ତି (ସର୍ବେ ଅସ୍ମିନ ଦେବା ଏକବୃତୋ ଭବନ୍ତି – ଅଥର୍ବ ୧୩, ୫, ୨୧) । ତେଣୁ ଏକାକ୍ଷା ଥିବା ବ୍ୟକ୍ତ ସମ୍ବନ୍ଧରେ ସେ ଦ୍ୱିତୀୟ ହୋଇ ରହିଛନ୍ତି, ଦୁଇଜଣଙ୍କ ଗୁପ୍ତ ମନ୍ତ୍ରଣାବେଳେ ତୃତୀୟ ହୋଇ ସେଠାରେ ଥାଆନ୍ତି । ଯଥା :—

ଯସ୍ତିଷ୍ଠତି ଚରତି ଯଶ୍ଚ ବଂଚତି
ଯୋ ନଲାୟଂ ଚରତି ଯଃ ପ୍ରତଙ୍କମ୍ ।
ଦ୍ୱୌ ସନ୍ନିଷଦ୍ୟ ଯନ୍ମନ୍ତ୍ରୟେତେ
ରାଜା ତଦ୍ୱେଦ ବରୁଣସ୍ତୃତୀୟଃ ॥
(ଅଥର୍ବ-୪, ୧୬, ୨)

ଅର୍ଥାତ୍ ପାପ କରିବା ପାଇଁ ସେତେକ ଭୟ ହୁଏ, ପାପ କରୁଥିବା ବେଳେ ଧରା ପଡ଼ିଯିବା ପାଇଁ ତତୋଽଧିକ ଭୟ ଜାତ ହୁଏ । ପାପକୁ ଡ଼ରୁଥିବା ଲୋକ ସଂସାରରେ ଅଳ୍ପ ସଂଖ୍ୟକ । ଅନେକ ଲୋକ ମାତ୍ର ଓ କର୍ତ୍ତବ୍ୟକୁ ଭୁଲି

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

ପାପାଚରଣ କରନ୍ତି । ପାପୀ ଲୋକ ନିର୍ଜନ ସ୍ଥଳ ଖୋଜେ । ସେ ମନେକରେ ଯେ ତାହାର ପାପ କାର୍ଯ୍ୟକୁ କେହି ନଦେଖି । ପାପର ଅଭ୍ୟାସ ଦୂର କରିବା ପରବର୍ତ୍ତୀ ପାପୀ ବୋଲି ନିଜକୁ କେହି ନ ଜାଣନ୍ତୁ, ସେଥିପାଇଁ ଅନେକ ଚେଷ୍ଟା କରନ୍ତି ।

ବେଦମନ୍ତ୍ର କହୁଛନ୍ତି 'ଗୁପ୍ତ ଗୃହରେ କୌଣସି କାର୍ଯ୍ୟ କରୁଛ ବୋଲି ବିଶ୍ୱାସ କରି ନିଜକୁ ନିଜେ ଠକିବା ଅଟେ । ସର୍ବଦ୍ରଷ୍ଟା ଓ ସର୍ବ ବ୍ୟାପକ ପ୍ରଭୁଙ୍କଠାରୁ କୌଣସି କର୍ମ ଲୁଚାଇ ରଖିବା ଅସମ୍ଭବ । ଅନ୍ୟକୁ ପଦାରେ ନ କହି ନିଜ ମନରେ ଆମେ ଯାହା ବିଚାର କରୁ, ତାହା ମଧ୍ୟ ସେ ଜାଣନ୍ତି । ପାପୀ ବିକାରଗ୍ରସ୍ତ ହୋଇ ପ୍ରଭୁଙ୍କ ଦର୍ଶନ କରିପାରେ ନାହିଁ, ପରନ୍ତୁ ତାହାର ସମସ୍ତ ବିଚାର ଓ କର୍ମ ପ୍ରଭୁଙ୍କ ଦ୍ୱାରା ପରିଦୃଷ୍ଟ ହୁଏ । ଅନ୍ୟପ୍ରତି ଦ୍ରୋହାଚରଣ କରିବା ବେଳେ କେହି ଜାଣୁ ବା ନ ଜାଣୁ, ବ୍ରହ୍ମାଣ୍ଡ ମଧ୍ୟସ୍ଥ ପ୍ରଭୁ ତାହା ପ୍ରତ୍ୟକ୍ଷ ଜାଣନ୍ତି ।

ପାପ କର୍ମ ବା ଷଡ଼ଯନ୍ତ୍ର ପାଇଁ ଦୁଇଜଣ ବ୍ୟକ୍ତି ନିର୍ଜନ ସ୍ଥାନରେ ପରସ୍ପର ବରଣ ଭଗବାନ ସେଠାରେ ଉପସ୍ଥିତ ଥାଆନ୍ତି । ଯାହା ଆମ୍ଭମାନଙ୍କ ପାଇଁ ଗୁପ୍ତ, ତାହା ତାଙ୍କପାଇଁ ପ୍ରତ୍ୟକ୍ଷ । ମନୁଷ୍ୟ ଯେଉଁ ମୁହୂର୍ତ୍ତରେ ଏହା ଉପଲବ୍ଧି କରେ, ସେହି ମୁହୂର୍ତ୍ତରୁ ହିଁ ସେ ପୁଣ୍ୟାତ୍ମା ପାଲଟି ଯାଏ ।

ପରମାତ୍ମା ଏକ, ଜୀବାତ୍ମା ଅନେକ ଓ ଅସଙ୍ଖ୍ୟ । ଜୀବାତ୍ମା କର୍ମ କରିବାରେ ସ୍ୱତନ୍ତ୍ର, ପରନ୍ତୁ ଫଳପ୍ରାପ୍ତିରେ ପରତନ୍ତ୍ର । ପରମାତ୍ମା ତାହାର କର୍ମ ଫଳଦାତା । ଅଥର୍ବ ବେଦରେ ପ୍ରଭୁ ଉପଦେଶ ଦଅନ୍ତି—ପୁତ୍ରଗଣ ! ତୁମ୍ଭ ମାନଙ୍କର କର୍ମଫଳ ନିୟମରେ ତ୍ରୁଟି ନାହିଁ । ତାହାର ପ୍ରାୟଶ୍ଚିତ୍ତ କରି ସେଥିରୁ ମୁକ୍ତି ପାଇବା ଅଭିଳାଷ ରଖନାହିଁ । ଯଥା :—

ନ କଲିଷ୍ପମନ୍ନ ନାଧାରେ ଅସ୍ତି
ନ ସନ୍ତି ଦେବାଃ ସମମମାନ ଏତତ୍ ।
ଅନୂନଂ ପାତ୍ରଂ ନିହିତଂ ନ ଏତତ୍
ପକ୍ତାରଂ ପକ୍ୱଃ ପୁନରପ୍ୟେତାତ ॥
(ଅଥର୍ବ-୧୨, ୩, ୪୮)

ଅର୍ଥାତ୍ ଅନେକ ସମୟରେ ଆମ ମନରେ କର୍ମଫଳ ବିଷୟରେ ବିଭିନ୍ନ ପ୍ରଶ୍ନ ଜାତ ହୁଏ । ସେ ଗୁଡିକ ହେଲା କର୍ମଫଳ ନିୟମରେ ତ୍ରୁଟିମାନ ନାହିଁ କି ? କୌଣସି ପ୍ରଭାବଶାଳୀ ବ୍ୟକ୍ତିଙ୍କର ଆଶ୍ରୟ ନେଇ ସ୍ୱକର୍ମ ଫଳଭୋଗରୁ ଉଦ୍ଧାର ପାଇବା ସମ୍ଭବ ନୁହେଁ କି ? ସାଥୀସଙ୍ଗୀଙ୍କ ସାହାଯ୍ୟ ପାଇ ସେଥିରୁ ମୁକ୍ତ ହେବା ଅସମ୍ଭବ କି ?

ଭଗବତ୍ତା ଶ୍ରୁତିରେ ପରମାତ୍ମା ମାନବ ପ୍ରତି ଉପଦେଶ ଦେଇଛନ୍ତି—ପୁତ୍ର ! ସେ ଭଳ କଳ୍ପନା ମିଥ୍ୟା ଅଟେ । 'ନ କଲିଷ୍ପମନ୍ନ'—ଜୀବମାନଙ୍କର କର୍ମଫଳର ନିୟମରେ କୌଣସି ତ୍ରୁଟି ନାହିଁ । ଏହି ସୃଷ୍ଟି ଅଜାଡ଼ ଯ କର୍ମ କାରଣ ଓ କାର୍ଯ୍ୟ ତାହାର ଫଳ । ମୋର ସୃଷ୍ଟିରେ ନିମ୍ବବୀଜରୁ ନିମ୍ବ ଓ ଆମ୍ବ ବୀଜରୁ ଆମ୍ବ ଫଳ ହିଁ ଫଳେ ! 'ନା ଧାରେ ଅସ୍ତି'—ପୁତ୍ର ! କାହାର ସୁପାରିଶ ଲାଭ କରି କର୍ମଫଳ ଭୋଗରୁ ନିସ୍ତାର ପାଇବା ପାଇଁ ଭରସା ରଖ ନାହିଁ । ଏପରିକି ତୁମର ଆଚାର୍ଯ୍ୟ ବା ଗୁରୁ ପଥ ପ୍ରଦର୍ଶନ କରିବେ ସିନା କିନ୍ତୁ କର୍ମ ଫଳରୁ ତୁମକୁ ପୃଥକ୍ କରିପାରିବେ ନାହିଁ । କର୍ମ ଫଳରେ ଶ୍ରଦ୍ଧା ଜାତ କରାଇ-ଥିବାରୁ ହିଁ ସେମାନେ ତୁମର ଗୁରୁ ସ୍ଥାନୀୟ ।

ପୁତ୍ର ! ବନ୍ଧୁ ପରିଜନ, ସଙ୍ଗୀ ମିତ୍ରଙ୍କର ପୁଣ୍ୟଫଳ ସେମାନେ ହିଁ ଭୋଗ କରନ୍ତି । 'ପକ୍ତାରଂ ପକ୍ୱଃ ପୁନରପ୍ୟେତାତ'—ପୁତ୍ର ! ରନ୍ଧୁଣିଆ ରନ୍ଧିଥିବା ପଦାର୍ଥ ଅବଶ୍ୟ ଭୋଜନ କରିବ । କର୍ମ ଫଳରୁ ଉଦ୍ଧାର ପାଇବା ପାଇଁ କୌଣସି ଉପାୟ ନାହିଁ । ତାହାର କାରଣ ହେଉଛୁ ମୁଁ ନ୍ୟାୟପତ୍ତ । ନ୍ୟାୟ ଦାନ କରିବା ପ୍ରିୟ ସନ୍ତାନଙ୍କ ପ୍ରତି ମୋର କୃପା ଓ ସ୍ନେହର ଚିହ୍ନ ।

କର୍ମାନୁସାରେ ଜୀବ ଭିନ୍ନ ଭିନ୍ନ ଜନ୍ମ ଲାଭ କରେ । ସେ 'ବଶ୍ୱଭୋମୁଖଃ' ଅର୍ଥାତ୍ କେତେବେଳେ ସ୍ତ୍ରୀ, କେତେ ବେଳେ ବା ପୁରୁଷ, କୁମାର, କୁମାରୀ ବା ଉଭୟବେଶ ଧାରଣ କରେ ।

ତ୍ୱଂ ସ୍ତ୍ରୀ ତ୍ୱଂ ପୁମାନସି ତ୍ୱଂ କୁମାର ଉତ ବା କୁମାରୀ ।
ତ୍ୱଂ ଜୀର୍ଣ୍ଣୋ ଦଣ୍ଡେନ ବଞ୍ଚସି ତ୍ୱଂ ଜାତୋ ଭବସି
ବଶ୍ୱତୋମୁଖଃ ॥
(ଅଥର୍ବ-୧୦, ୮, ୨୭)

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

ଅର୍ଥାତ୍ ହେ ଜୀବ ! ତୁମେ ପୁରୁଷ ନୁହଁ, ପରନ୍ତୁ ପୁରୁଷ ବେଶ ଧାରଣ କର ଜନ୍ମ ଲାଭ କର । ତୁମେ ସ୍ତ୍ରୀ ନୁହ, ପରନ୍ତୁ ସ୍ତ୍ରୀ ବେଶରେ ଜାତ ହୁଅ । ତୁମେ କୁମାର ନୁହ, କନ୍ତୁ କୁମାର ବେଶ ଧାରଣ କର । ତୁମେ ବୃଦ୍ଧ ନୁହ, କନ୍ତୁ ବୃଦ୍ଧ ବେଶ ଧାରଣ କର ସର୍ଷ୍ଟିର ଆଶ୍ରସ୍ଥରେ ବିଚରଣ କର । ତୁମେ ଯେପରି ବେଶ ଧାରଣ କର, ସେପରି ଦେଖାଯାଅ ।

ହେ ଜୀବ ! ତୁମେ ନିଜ କର୍ମଫଳ ଅନୁସାରେ ଭିନ୍ନ ଭିନ୍ନ ଜନ୍ମରେ ଭିନ୍ନ ଭିନ୍ନ ଦେହ ଲାଭ କର । ବହୁରୂପୀ ହୋଇ ଜନ୍ମ ଗ୍ରହଣ କର । ଶୈଶବ, କୌମାର, ଯୌବନ ବାର୍ଦ୍ଧକ୍ୟ ପ୍ରଭୃତି ଦେହର ବିଭିନ୍ନ ଅବସ୍ଥା ଭୋଗ କର । ଜନ୍ମ ଜନ୍ମାନ୍ତରରେ ପୁରୁଷ ରୂପ ତ୍ୟଜି ସ୍ତ୍ରୀ ରୂପ, ସ୍ତ୍ରୀ ରୂପ ତ୍ୟଜି ପୁରୁଷ ରୂପ ଗ୍ରହଣ କର । ମନୁଷ୍ୟ, ପଶୁ, ପକ୍ଷୀ, କୀଟ,ପତଙ୍ଗ, ବୃକ୍ଷଲତାଦି ନାନା ରୂପ ଧାରଣକର । ତୁମେ 'ବିଶ୍ୱତୋମୁଖ' । ବିଶ୍ୱ ପ୍ରାଣୀଙ୍କର ବିବିଧ ରୂପ ଧାରଣ କର ।

ହେ ଜୀବ ! ଦେହ ରୂପକ ବେଶରେ ସଜ୍ଜିତ ହୋଇ ନିଜର ଆତ୍ମ ସ୍ୱରୂପକୁ ଭୁଲି ଯାଅ ନାହିଁ । ଦେହର ଆବେଗ ତୃପ୍ତିକୁ ଜୟ କରିବା ପାଇଁ ତୁମେ ଦେହ ପାଇଛ । ଦେହରୁ ବିଚ୍ଛିନ୍ନ ହୋଇ ପରିଶେଷରେ ବିଦେହ ହେବା ପାଇଁ ତୁମେ ଦେହ ସମ୍ବନ୍ଧ ଯୁକ୍ତ ହୋଇଛ । ନିଜର ସତ୍-ସ୍ୱରୂପକୁ ଚିହ୍ନିବା ପାଇଁ ତୁମର ପ୍ରତ୍ୟେକ ଜନ୍ମ ଗୋଟିଏ ଗୋଟିଏ ସୁବର୍ଣ୍ଣ ସୁଯୋଗ । ସେହି ସୁଯୋଗର ସଦ୍ବ୍ୟବହାର କର ଧୀରେ ଧୀରେ ପରିଶୁଦ୍ଧ ହୁଅ ।

ଜୀବ ଯେତେବେଳେ ନିଜର ନଶ୍ୱାମ, ନିଶ୍ଚଳ, ନିତ୍ୟ ସ୍ୱରୂପକୁ ଦର୍ଶନ କରିର, ସେତେବେଳେ ସେ ଆତ୍ମମୟ ହୁଏ । ଜୀବନ ଓ ମରଣ ଉଭୟ ଜୀବନ ରୂପରେ ଉପଲବ୍ଧ ହୁଏ । ମୃତ୍ୟୁ ତାହାକୁ ଅମୃତପଥରେ ଏକ ଯାତ୍ରା ପଥ ଦେଖାଉଏ ।

ଅକାମୋ ଧୀରୋ ଅମୃତଃ ସ୍ୱୟଂଭୁ
ରସେନ ତୃପ୍ତୋ ନ କୁତଶ୍ଚନୋନଃ ।
ତମେବ ବିଦ୍ୱାନ୍ନ ବିଭାୟ ମୃତ୍ୟୋ—
ରାତ୍ମାନଂ ଧୀର ମଜରଂ ଯୁବାନମ୍ ॥
(ଅଥର୍ବ -- ୧୦, ୮, ୪୪)

ଅର୍ଥାତ୍ ଯିଏ ନିର୍ଜନ-ନିର୍ଦ୍ଦନ, ସବଳ-ଦୁର୍ବଳ ସମସ୍ତେ ମୃତ୍ୟୁକୁ ଭୟ କରନ୍ତି । ହେ ମୁମୁକ୍ଷୁ ! ମୃତ୍ୟୁ ଭୟରୁ ଉଦ୍ଧାର ପାଇଁ ନଶ୍ୱାମ, ଧୀର, ଅମୃତ, ସ୍ୱୟଂଭୁ, ଆନନ୍ଦମୟ ପରବ୍ରହ୍ମଙ୍କ ଚରିତ୍ରକୁ ଅନ୍ୱେଷଣ କର । ନିଜ ଅନ୍ତଃକରଣରେ ତାହାର ଦର୍ଶନ ପାଇଁ ପ୍ରୟାସ କର । ଯେତେବେଳେ ନିଜେ ନିଜକୁ ନଶ୍ୱାମ, ନିଶ୍ଚଳ, ନିତ୍ୟ, ଏକାଗ୍ର ଚିତ୍ତରେ ଦର୍ଶନ କରିବ, ସେତେବେଳେ ତୁମେ ଆତ୍ମମୟ ହେବ । ଦେହର ଅନିତ୍ୟ ସୃଷ୍ଟିକୁ ବିସ୍ମରଣ କରିବ । ନିତ୍ୟ ନୂତନତା ଲାଭ କରିବ, ନିତ୍ୟ ଯୌବନ ଉପଲବ୍ଧି କରିବ । ସେତେବେଳେ ଜୀବନ ଓ ମରଣ ଉଭୟ ଜୀବନ ରୂପରେ ଅନୁଭୂତ ହେବ । ଶତସହସ୍ର ମୃତ୍ୟୁ ମଧ୍ୟରେ ତୁମେ ଅମରତ୍ୱର ଜୟ ଘୋଷଣା କରିବ । ଜୀବିତା ଓ ମରିବା ମଧ୍ୟରେ ପାର୍ଥକ୍ୟ ଦେଖିବ ନାହିଁ । ମୃତ୍ୟୁ ଅମୃତ ପଥରେ ଏକ ଯାତ୍ରା ପଥ ଦେଖାଦେବ ।

ଆତ୍ମଜ୍ଞାନ ନ ଥାଇ ସହସ୍ରଜ୍ଞାନ ଆହରଣ କର, ଷାର୍ପ ପର୍ଯ୍ୟଟନ କର, ନେତା ବା ଉପଦେଷ୍ଟା ହୁଅ, ପରନ୍ତୁ ହିଂସା ଓ ସଙ୍କଟା ତୁମେ ମୃତ୍ୟୁ ଭୟରେ ବ୍ୟାକୁଳ ହେଉଥିବ । କୀଟପତଙ୍ଗ ମରଣଶଙ୍କାଠାରୁ ଇଚ୍ଛାମୃତ୍ୟୁ ଯାଚୁଥିବା ପରି ତୁମେ ଅଶାନ୍ତ ଓ ଚଞ୍ଚଳ ହୋଇ ଭ୍ରମୁଥିବ ।

ଗୋଟିଏ ସ୍ତନରୁ ଦୁଧ ସରିଗଲେ ମାତା ଶିଶୁର ମୁଖକୁ ଅନ୍ୟ ସ୍ତନ ପାଖକୁ ନେଇଯାଏ । ଅଜ୍ଞାନ ଶିଶୁ ତ ବୁଝି ବୁଝି ନ ପାରି କାନ୍ଦେ । ଠିକ୍ ସେହିପରି ପରମାତ୍ମା ଜୀବକୁ ଭୋଗମୋକ୍ଷ ପାଇଁ ଗୋଟିଏ ଦେହରୁ ଅନ୍ୟ ଦେହକୁ ଟାଣି ନିଅନ୍ତି । ହାୟ ! ଜୀବ ଅନିତ୍ୟ ଦେହ ପ୍ରତି ମମତା ରଖି ତାହାକୁ ମୃତ୍ୟୁ ଡୋଲି ଭସ୍ମ କରେ ।

ମୃତ୍ୟୁ ସମ୍ପର୍କରେ ଅଥର୍ବ ବେଦର ଦ୍ୱାଦଶ ଭାଗ୍ର ଦ୍ୱିତୀୟ ସୂକ୍ତ ବିଂଶ ମନ୍ତ୍ରରେ ଆତ୍ମମଧ୍ୟ ବର୍ତ୍ତନା କରି-ଯାଇଛନ୍ତି—

ମୃତ୍ୟୋଃ ପଦଂ ଯୋପୟନ୍ତ୍ୟେତ
ଦ୍ରାଘୀୟ ଆୟୁଃ ପ୍ରତରଂ ଦଧାନାଃ ।
ଆସୀନା ମୃତ୍ୟୁଂ ନୁଦତା ସଧସ୍ଥେଽଥ
ଜୀବାସୋ ବିଦଥମା ବଦେମ ॥

ଅର୍ଥାତ୍ ମୃତ୍ୟୁର ପାଦ ପ୍ରତ୍ୟେକ ପ୍ରାଣୀର ମସ୍ତକ ଉପରେ ଜଗି ରହିଛି । ତାହା କେଉଁ ସମୟରେ ପ୍ରାଣୀକୁ ଦଳି ଚକଟି ଶେଷ କରିଦେବ, ସେ କଥା କହି ହେଉ ନାହିଁ । ପରନ୍ତୁ ହେ ନର ଶରୀରଧାରୀ ଜୀବ ! ତୁମଠାରେ

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

ଏଭଳି ଶକ୍ତି ଅଛି ଯେ ତୁମେ ମୃତ୍ୟୁର ବଶୀଭୂତ ନ ହୋଇ ଅମର ହୋଇପାର ।

ମୃତ୍ୟୁ ଚଞ୍ଚଳ ଜୀବନରେ ପାଦ ଦଏ ନାହିଁ । ସେଠାରୁ ସେ ନଗ୍ନ ହୋଇ ପ୍ରସ୍ଥାନ କରେ । ଯେଉଁ ବ୍ୟକ୍ତି କ ମନୋଧାନ୍ଧ ଚତୁସ୍ପଥ ମଧ୍ୟରେ ନଳକୂପ କୂର୍ତ୍ତି ଓ ଅଶୋଭନୀୟ କରେ, ମୃତ୍ୟୁର ପାଦ ତାହାର ଉପରେ ଛାଡ଼ାକୁ ନଷ୍ଟୀଡ଼ିତ କରେ । ସେ ବ୍ୟକ୍ତି ଜୀବନ୍ତ ଥାଇ ମୃତ୍ତପ୍ରାୟ ବଞ୍ଚିଥାଏ । ତାହା ପାଇଁ ଦୀର୍ଘାୟୁ ଲାଭ କରିବା ସ୍ୱର ସମ୍ଭବ ଅଟେ । ପରନ୍ତୁ ଯେଉଁ ବ୍ୟକ୍ତି ସତ୍ୟ ଓ ତାପର ଅଗ୍ନିକୁଣ୍ଡରେ ଆତ୍ମାକୁ ଶୁଦ୍ଧିପୂତ କରେ, ସେ ଦେହ ତ୍ୟାଗକରି ମଧ୍ୟ ମୃତ୍ୟୁଞ୍ଜୟୀ ହୁଏ ।

ହେ ସୌମ୍ୟ ! ତୁଠ, ମୃତ୍ୟୁର ପାଦକୁ ଦୂରକୁ ହଟାଇ ଆଜି ହିଁ ଅମରତ୍ୱର ଘୋଷଣା କର । ପବନ ହୋମକୁଣ୍ଡ ଉପରେ ପାଦ ପକାଇବା ପାଇଁ କେହି ସାହସ କରେ ନାହିଁ । ଶୁଦ୍ଧ, ନର୍ମଳ ଓ ସାତ୍ତ୍ୱିକ ଜୀବନଠାରୁ ମୃତ୍ୟୁର ଲକ୍ଷଣ ସ୍ୱତଃ ଦୂରେଇ ଯାଏ । ତେଣୁ ହେ ଶୋଭନୀୟ ! ତୁମେ ପବନ ଯଜ୍ଞ କୁଣ୍ଡରେ ପରଣତ ହୁଅ । ବଶ୍ୱରେ ଯଜ୍ଞ ସୌରଭ ବଢାରଣ କର । ଆତ୍ମଧ୍ୱନିପୂର୍ବକ ଘୋଷଣା କର—'ମୁଁ ଶୁଦ୍ଧ, ପବନ ଓ ଯଜ୍ଞମୟ, ତେଣୁ ମୁଁ ଅମର ।'

ବଶ୍ୱର ସମସ୍ତ ଦ୍ରବ୍ୟଶକ୍ତି ପୁରୁଷଠାରେ ଉପସ୍ଥିତ ରହିଛନ୍ତି । ଗାଈ ଯେପରି ସ୍ୱତଃ ଗୃହାଳ ମଧ୍ୟରେ ଥିବା ନିଜ ଖୁଣ୍ଟ ପାଖକୁ ଚାଲିଆସେ, ଅଗ୍ନି ବାୟୁ ପ୍ରଭୃତି ଦ୍ରବ୍ୟ ଶକ୍ତି ସେହିପରି ମନୁଷ୍ୟ ଦେହରେ ଯଥାଯୋଗ୍ୟ ସ୍ଥାନ ଅଧିକାର କରି ରହିଛନ୍ତି । ଅଗ୍ନି ବାଣୀରେ, ବାୟୁ ପ୍ରାଣରେ ଓ ସୂର୍ଯ୍ୟ ଚକ୍ଷୁରେ ପ୍ରବିଷ୍ଟ ହୋଇଛନ୍ତି । ବ୍ରହ୍ମାଣ୍ଡର ସମସ୍ତ ଦେବ ପୁରୁଷ ଦେହରେ ଥିବାରୁ ଜ୍ଞାନୀଜନ ପୁରୁଷକୁ ବ୍ରହ୍ମ କହନ୍ତି ।

ଇମଂ ଦ୍ୱୈ ବିଦ୍ମି ପୁରୁଷମିଦଂ ବ୍ରହ୍ମେତି ମନ୍ୟତେ ।
ସର୍ବା ହ୍ୟସ୍ମିନ୍ ଦେବତା ଗାବୋ ଗୋଷ୍ଠ ଇବାସତେ ।।

(ଅଥର୍ବ —୧୧, ୮, ୩୨)

ଅର୍ଥାତ୍ ବୁଦ୍ଧିମାନ ଲୋକେ ପୁରୁଷକୁ ବ୍ରହ୍ମ କହନ୍ତି, କାରଣ ବ୍ରହ୍ମାଣ୍ଡ ମନୁଷ୍ୟ ଦେହରେ ପ୍ରବେଶ କରିଛି । ବଶ୍ୱର ସମସ୍ତ ଦ୍ରବ୍ୟଶକ୍ତି ପୁରୁଷ ମଧ୍ୟରେ ଉପସ୍ଥିତ ରହିଅନ୍ତି । ବଶ୍ୱଚେତନା ପୁରୁଷକୁ ଚାଳିତ କରିଛି । ଅଗ୍ନିଦେବ ବାଣୀରୂପ ଧାରଣ କରି ପୁରୁଷ ମୁଖରେ ପ୍ରବିଷ୍ଟ ହୋଇଛନ୍ତି । ବାୟୁଦେବ ପ୍ରାଣରୂପରେ ନାସିକାରେ, ଆଦିତ୍ୟ ଦେବ ଦୃଷ୍ଟି ରୂପରେ ଚକ୍ଷୁରେ, ଦିଗଗଣ ଶ୍ରୋତ୍ର ରୂପରେ କର୍ଣ୍ଣରେ, ଔଷଧି ବନସ୍ପତି ଲୋମର ରୂପରେ ତ୍ୱଗରେ, ଚନ୍ଦ୍ରମା ମନର ରୂପରେ ହୃଦୟରେ, ଆପ୍ ଦେବୀ ସ୍ପର୍ଶର ରୂପରେ ଶିଶ୍ନରେ, ମୃତ୍ୟୁଦେବ ଅପାନର ରୂପରେ ନାଭିରେ ପ୍ରବିଷ୍ଟ ହୋଇଛନ୍ତି । ଦେବତାଙ୍କୁ ଧାରଣ କରି ପୁରୁଷ ବ୍ରହ୍ମ ପାଲିଟିଛି ।

ଗାଈମାନେ ଗୁହାଳ ଭିତରକୁ ଆସି ସେଠାରେ ନିଜ ନିଜ ସ୍ଥାନ ଅଧିକାର କରି ରହନ୍ତି । ସେମାନଙ୍କୁ ଖୁଣ୍ଟ ପାଖକୁ ଟାଣିନେବା ଆବଶ୍ୟକ ହୁଏ ନାହିଁ । ସେହିପରି ଅଗ୍ନି, ବାୟୁ ପ୍ରଭୃତି ଦ୍ରବ୍ୟଶକ୍ତି ମନୁଷ୍ୟ ଦେହରେ ଯଥା-ଯୋଗ୍ୟ ସ୍ଥାନକୁ ବାଛି ସେଠାରେ ବାସ କରନ୍ତି ।

ହେ ପୁରୁଷ ! ତୁମର ଦେହ ଗୋ-ଶାଳା ସ୍ୱରୂପ, ଗୋ ରୂପୀ ଦେବତା ସେଥିରେ ନିବାସ କରନ୍ତି । ସେମାନେ ତୁମର ଇନ୍ଦ୍ରିୟ ଗୁଡିକରେ ଜୀବନରସ ସଞ୍ଚାର କରନ୍ତି ଏବଂ ସେଗୁଡିକୁ ନୀରୋଗ ଓ ଜୀବନ୍ତ ରଖନ୍ତି । ସେମାନେ ତୁମର ଦୈନ୍ଦିନ ଚାଳିକା । ତୁମ ଦେହରେ ଥିବା ପ୍ରତ୍ୟେକ ଦେବତାର ବାସସ୍ଥଳକୁ ଧ୍ୟାନ କର । ଦେବ ମନ୍ଦିରକୁ ନର୍ମଳ ଓ ଶୁଦ୍ଧ ରଖ । ମନ, ବଚନ ଓ କର୍ମରେ ପବିତ୍ରତା ଅବଲମ୍ବନ କଲେ ଦେବମାନେ ପ୍ରସନ୍ନ ହୁଅନ୍ତି । ଅନ୍ୟଥା ସେମାନେ ରୁଷ୍ଟ ହୁଅନ୍ତି ।

ମନୁଷ୍ୟ ଦେହ ସେହି ଦେବଙ୍କର ଅଯୋଧ୍ୟା ନଗରୀ । ଦେବଙ୍କୁ ଆକୃଷ୍ଟ କରି ରଖିଥିବା ଆତ୍ମଦେବ ଅଯୋଧ୍ୟା ନଗରୀର ଆଭ୍ୟନ୍ତରୀଣ । ମୂଲାଧାର ପ୍ରଭୃତି ଆଠଟି ଶକ୍ତିଶାଳୀ ଚକ୍ରଦ୍ୱାରା ଦେହ ନଗରୀ ସୁରକ୍ଷିତ ରହିଛି । ଦୁଇ ନେତ୍ର, ଦୁଇ କର୍ଣ୍ଣ, ଦୁଇ ନାସିକାରନ୍ଧ୍ର, ମୁଖ, ମୂତ୍ରଦ୍ୱାର ଓ ଗୁହ୍ୟ-ଦ୍ୱାର ଦେହ ପୁରୀର ନଅଟି ଦ୍ୱାର । ଆଠ ଚକ୍ର ଓ ନଅ ଦ୍ୱାର ବିଶିଷ୍ଟ ଦେହର ହୃଦୟସ୍ଥ ପ୍ରଦେଶର 'ଆଷ୍ଟଚକ୍ର' ବର୍ତ୍ତମାନ । ତାହାଙ୍କ ଉପସ୍ଥିତିରେ ହୃଦୟସ୍ଥ କୋଶ ପ୍ରକାଶିତ । ସେହି କୋଶର ଅନନ୍ତ ଜ୍ୟୋତି ସମ୍ପୁଟରେ ଲକ୍ଷ ଲକ୍ଷ ସୂର୍ଯ୍ୟଙ୍କର ତେଜ ନଷ୍ଟ ଭ୍ରଷ୍ଟ ଦେଖାଯାଏ ।

ଅଷ୍ଟାଚକ୍ରା ନବଦ୍ୱାର୍ ଦେବାନାଂ ପୁରଯୋଧ୍ୟା ।
ତସ୍ୟାଂ ହିରଣ୍ୟୟଃ କୋଶଃ ସ୍ୱର୍ଗୋ ଜ୍ୟୋତିଷାବୃତଃ ।।

(ଅଥର୍ବ-୧୦, ୨, ୩୧)

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

ଅଥର୍ବବେଦରେ ଏକ ଅଭିନବ ସ୍ୱର୍ଗଯାତ୍ରା ବର୍ଣ୍ଣନା କରାଯାଇ କୁହାଯାଇଛି—ମୁଁ ପୃଥିବୀ ପୃଷ୍ଠରୁ ଉଠି ଆନନ୍ଦ ଲୋକରେ ପ୍ରବେଶ କରିବ। ସେଥିପାଇଁ ଚତୁସ୍ତଳ ବିଶିଷ୍ଟ ଦୀର୍ଘ ପଥ ଅତିକ୍ରମ କରିବ ପୃଥିବୀ ତଳରୁ ଅନ୍ତରିକ୍ଷ ତଳ, ଅନ୍ତରିକ୍ଷ ତଳରୁ ଆଲୋକମୟ ଦ୍ୟୌ-ତଳକୁ, ଆନନ୍ଦମୟ ଧାମକୁ ଆରୋହଣ କରିବ। ମୋର ଯାତ୍ରାର ବିଶେଷତ୍ୱ ହେଉଛି ଯେ ଗୋଟିଏ ସ୍ଥଳରେ ରନ୍ଧ୍ର ସୃଷ୍ଟି ମୁଁ ଅନନ୍ତ ଦୂର ପାର କରିବ। ଏହି ସ୍ଥଳରେ, ଏହି ମୁହୂର୍ତ୍ତରେ ମୋର ଅଲୌକିକ ଯାତ୍ରାର ମାର୍ଗ ଉଦ୍‌ଘାଟନ କରିବ। ଦୀର୍ଘକାଳର ପ୍ରତୀକ୍ଷା ପାଇଁ ମୋର ଆଉ ଧୈର୍ଯ୍ୟ ନାହିଁ।

ମୋର ସ୍ଥୂଳ ଦେହ ପୃଥିବୀ ଅଟେ। ସେଥିରେ ମୁଁ ବାସ କରେ। ଭିତରେ ପ୍ରସାରିତ ମୋର ଅଙ୍ଗ ପ୍ରତ୍ୟଙ୍ଗ ବିଷୟ ବାସନାରେ ଜଡିତ ରହେ। ପରନ୍ତୁ ଧୀରେ ଧୀରେ ମୁଁ ସେଥିରୁ ଉଦାସୀନ ହୁଏ। ଦେହଠାର ଅନ୍ୟ ଏକ ସୂକ୍ଷ୍ମ ଦେହର ଅନୁଭବ କରେ। ତେଣିକି ପ୍ରଶାନ୍ତ ଅନ୍ତଃକରଣ ମୋର ବାସସ୍ଥଳ ହୁଏ। ଅନ୍ତଃକରଣକୁ ପ୍ରକାଶ କରିଥିବା ଏକ ପ୍ରବୁଦ୍ଧ ଶକ୍ତିରେ ଆକୃଷ୍ଟ ହୋଇ ମୁଁ ଭିତରେ ବାସ କରେ। ତାହା ମୋର ବିଜ୍ଞାନମୟ ଦେହ। ଜ୍ଞାନ ଯେଉଁ ଜ୍ୟୋତିର୍ମୟ ଆନନ୍ଦଲୋକରୁ ଆଲୋକ ସଂଗ୍ରହ କରେ, ମୁଁ ତନ୍ମୟଃ ସେଠାରେ ପହଞ୍ଚିଯାଏ। ଦେହ ମଧ୍ୟ ଦେଇ ପ୍ରବାହିତ ମୋର ଅନ୍ତର୍ଯାତ୍ରା ନିଜସ୍ୱରୂପଠାରେ ସମାପ୍ତ ହୁଏ। ଆତ୍ମା ସୁସ୍ଥ ହୁଏ। ସେତେବେଳେ ମୁଁ ଦେହ ଧାରଣ କରି ସୁଦ୍ଧା ବଦେହ ହୋଇଯାଏ।

ପୃଷ୍ଠାତ୍‌ପୃଥିବ୍ୟା ଅହମନ୍ତରିକ୍ଷମାରୁହମନ୍ତରିକ୍ଷାଦ୍ଦିବମାରୁହମ୍।
ଦେବୋ ନାକସ୍ୟ ପୃଷ୍ଠାତ୍‌ସ୍ୱର୍ଜ୍ୟୋତିରଗାମହମ୍॥
(ଅଥର୍ବ-୪, ୧୪, ୩)

ଆୟୁର୍ବେଦ ଅଥର୍ବର ଉପାଙ୍ଗ (ଇନ୍ଦ୍ର ଖଲ୍ୱିୟୁର୍ବେଦୋ ନାମ ଯଦୁପାଙ୍ଗମଥର୍ବବେଦସ୍ୟ-ସୁଶ୍ରୁତ, ୧, ୧୦)। ଅଥର୍ବ ବେଦ ଚିକିତ୍ସାର ଉପଦେଶ କରନ୍ତି ଯାହା ଅଥର୍ବ, ତାହା ଔଷଧ। ଅଥର୍ବବେଦର ମନ୍ତ୍ରମାନଙ୍କରେ ରୋଗର କାରଣ ଓ ନିରାକରଣ ସମ୍ପର୍କରେ ବର୍ଣ୍ଣନା କରାଯାଇଛି। ରୋଗ ଜୀବାଣୁ ପାଇଁ ବିଭିନ୍ନ ସ୍ଥଳରେ ରାକ୍ଷସ, ପିଶାଚ, ଯାତୁଧାନ, ଗନ୍ଧର୍ବ, ଅପସରା ଆଦି ନାମର ପ୍ରୟୋଗ କରାଯାଇଛି। ଲକ୍ଷଣାନୁସାରେ ରୋଗଜୀବାଣୁ ବା କୃମିର ଅପଭ୍ରଂଶ ନାମ ଦେଖାଯାଏ। ଯଥା--

ଯେବାଷାସଃ କଷ୍ଟସାସ ଏଜତ୍କାଃ ଶିପିବିଷ୍ଟକାଃ
ଦୃଷ୍ଟସ୍ଟ ହନ୍ୟତାଂ ନିମିରୁତା ଦୃଷ୍ଟସ୍ଟ ହନ୍ୟତାମ୍॥
ଦୁର୍ଣାମା ଛନ୍ଦ ମା ଗାଧଜଳଂଶ ଉତ ବହ୍ୟପଃ॥
ପଲାଲାନୁପଲାଲୌ ଶର୍କୁଂ କୋକଂ ମଳିମ୍ଲୁଚ୍ୟ ପଲୀଜକମ୍
ଆଶ୍ରେଷଂ ବଭ୍ରୁବାସସମୁଷ୍ଟଗ୍ରୀବଂ ପ୍ରମୀଳନମ୍॥
(ଅଥର୍ବ-୮, ୬, ୬)

ଅର୍ଥାତ୍ ବେଦରେ ଜୀବାଣୁ (*germ*), ଉଦରକୀଟ (*worm*), କୀଟପତଙ୍ଗ (*Insect*) 'କୃମି' ନାମରେ କଥିତ। ଏମାନେ ଜଳ, ସ୍ଥଳ ଓ ଅନ୍ତରିକ୍ଷରେ ବ୍ୟାପିକରି ରହନ୍ତି। 'ଆମେ ସୁପକ୍ୱେ ଶବଲେ ବିପକ୍ୱେ' (ଅଥର୍ବ-୫, ୨୯, ୬) ଅର୍ଥାତ୍ ଅପକ୍ୱ, ସୁପକ୍ୱ, ଅର୍ଦ୍ଧପକ୍ୱ ଓ ବିପକ୍ୱ ଭୋଜନରେ, 'କ୍ଷୀରେ ମନ୍ଥେ ଅକୃଷ୍ଟପଚ୍ୟେ ଧାନ୍ୟେ' (ଅଥର୍ବ-୫, ୨୯, ୭) ଅର୍ଥାତ୍ ଦୁଧ, ଦହି ଓ ଅକୃଷ୍ଟ ଶସ୍ୟରେ 'ଶୟନେ ଶୟାନଂ' (ଅଥର୍ବ-୫, ୨୯, ୮)ଅର୍ଥାତ୍ ଶୋଇଥିବା ବିଛଣାରେ ବ୍ୟାପି ରହନ୍ତି। ଏଠାରେ ଉଲ୍ଲେଖ ଥିବା ତିନୋଟି ବେଦ ମନ୍ତ୍ରରେ ନିମ୍ନଲିଖିତ କୃମିର ନାମ ଦେଖାଯାଏ।

ଯେବାଷାସଃ (ଶୀଘ୍ରଗାମୀ କୃମି), କଷ୍‌କଷାସଃ (କସ୍ କସ୍ ଧ୍ୱନି କରୁଥିବା), ଏଜତ୍କାଃ (କମ୍ପୁଥିବା), ଶିପିବିଷ୍ଟକାଃ (ଖଣ୍ଡଖଣ୍ଡ), ଦୃଷ୍ଟାଃ (ଆଖିକୁ ଦେଖାଯାଉଥିବା), ଅଦୃଷ୍ଟାଃ (ଆଖିକୁ ଦେଖାଯାଉ ନଥିବା), ଦୁର୍ଣାମା (ଗର୍ଭାଶୟର ଛାତ କରୁଥିବା), ଅଳଂଶଃ (ଲାଗି ରହୁଥିବା), ବହ୍ୟପଃ (ଗର୍ଭସ୍ଥ ଶିଶୁକୁ ଶୋଷଣ କରୁଥିବା), ପଲାଲଃ (ମାଂସଭକ୍ଷୀ), ଅନୁପଲାଲଃ (ପଲାଲ କୃମିର ସନ୍ତାନ), ଶର୍କୁଃ (ଶର୍କରୁ କାତ),କୋକଃ (ସଦ୍ଦାରକ), ମଳିମ୍ଲୁଚଃ (ମଳନ), ପଲୀଜକଃ (କେଶରେ ଉପଦ୍ରବ କରୁଥିବା), ଆଶ୍ରେଷଃ (ଲଗି ରହୁଥିବା), ବଭ୍ରୁବାସଃ (ଦେହକୁ ବିରୂପ କରୁଥିବା), ରକ୍ତଗ୍ରୀବଃ (ସ୍ଥୂଳ ଗ୍ରୀବା ଯୁକ୍ତ), ପ୍ରମୀଳୀ (ଅକ୍ଷିକୁ ଦଂଶନ କରୁଥିବା) ଇତ୍ୟାଦି।

କେତେକ କୃମି ଦୃଷ୍ଟ, ଆଉ କେତେକ ଅଦୃଷ୍ଟ, ସୂର୍ଯ୍ୟକିରଣ, ଅଗ୍ନି, ଜଳ, ବାୟୁ,ବିଦ୍ୟୁତ୍, ଶଂଖ,ଶଜିବାର,

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

ଅପାମାର୍ଗ, ଅଞ୍ଜନ, ପୃଶ୍ନିପର୍ଣ୍ଣୀ ଆଦି କୃମିନାଶକ ପଦାର୍ଥ ସମ୍ପର୍କରେ ବର୍ଣ୍ଣିତ ।

ଶ୍ୟାମା ଇନ୍ଦ୍ରସ୍ୟ ଦ୍ରେଚସ୍ୟଃ ଶତ୍ରୁମୁତ୍ତୁର୍ଦ୍ଦିରଣ୍ୟସ୍ତ୍ରୀଃ ॥
ତ ଇନ୍ଦ୍ରୋବରଦାନ୍ ଗନ୍ଧାନବକାଦାନ୍ କୃତ୍ୟପରୁ ॥
ନଦୀ ସନ୍ତ୍ୟପ୍ସରସୋଽପା ଭାରମବଶ୍ୱସମ୍ ।
ଗୁଲ୍‌ଗୁଲୁଃ ପୀଲା ନଲଦୌଷ୍ଟିଗନ୍ଧଃ ପ୍ରମନ୍ଦନା ।
ତପୂରଦ୍ଭାପ୍ସରସଃ ପ୍ରତବୁଦ୍ଧା ଅଭୁତନ ॥
(ଅଥବ-୪, ୩୭, ୩)

'ଦୃଷ୍ଟ୍ୱମଦୃଷ୍ଟ୍ୱମଦୃଷ୍ଟ୍ୱମ୍' (ଅଥବ-୬, ୩, ୧୬)ଅର୍ଥ ଦ୍ରୁତ ଗତି ଆଣିବେ ଜଣୁଥିବା ଓ ଜଣୁ ନ ଥିବା ରୋଗକୃମିକୁ ମୁଁ ନାଶ କରେ । ଅଥର୍ବବେଦର ଅନେକ ସ୍ଥଳରେ କୃମି ଠାରୁ ରକ୍ଷା ପାଇବାର ଉପାୟ କୁହାଯାଇଛି । ପ୍ରସ୍ତୁତ ଦୁଇ ମନ୍ତ୍ରରେ 'ଗନ୍ଧର୍ବ' ଓ 'ଅପ୍‌ସରା' ନାମଧେୟ କୃମି ବିଷୟ ଉଲ୍ଲେଖ କରାଯାଇଛି । 'ଗାଂ ବାଣୀ' ଧାରୟନ୍ତୀତି ଗନ୍ଧର୍ବଃ,- ଗାନ କରୁଥିବା ମଣକାଦି ଜୀବ 'ଗନ୍ଧର୍ବ' । ଅପ୍ସୁ ଜାୟନ୍ତେ ଭବନ୍ତୀତି ଅପ୍ସରସଃ'- ଜଳରେ ରହି ବଢୁଥିବା କୃମି 'ଅପ୍ସରା' ।

ସ୍ପର୍ଶ କରିବା ଦ୍ୱାରା ବିଷ କରୁଥିବା କୃମିର ବିଷ ଦୂର ହୁଏ । ଡେଣ୍ଡୁ ସ୍ପର୍ଶର ଅନ୍ୟ ନାମ 'ଅଦୃଷ୍ଟ୍ୱା' ଅର୍ଥାତ୍ ଅଦୃଷ୍ଟ କୃମିମାନଙ୍କର ନାଶକ । ଅନେକ ବେଦ ମନ୍ତ୍ର ବିଷଘ୍ନ ସୂର୍ଯ୍ୟ ରଶ୍ମିର ଗୁଣମାନ କଢେଇନ୍ତି । ଗନ୍ଧର୍ବ ଶ୍ରେଣୀର କୃମି ମଧ୍ୟରେ କରୂମାଃ (କୁହ୍‌ଚି ଧ୍ୱନି କରୁଥିବା), କଷ୍‌କଷାଃ (କସ୍ କସ୍ ନାଦ କରୁଥିବା), କୁକୁରାଃ (କୁ କୁ ଧ୍ୱନି କରୁଥିବା), ମଣ୍ଡମଣ୍ଡାଃ (ମଣ୍ଡ୍ ମଣ୍ଡ୍ ଶବ୍ଦ କରୁଥିବା), ଜଙ୍ଘ ପଡଙ୍ଗ ଅନ୍ତର୍ଭୁକ୍ତ । ସ୍ପର୍ଶକରଣ ସେମାନଙ୍କର ବିଷକୁ ନାଶ କରେ । ଦ୍ୱିତୀୟ ମନ୍ତ୍ରରେ କୁହାଯାଇଛି ଯେ ଗୁଗ୍‌ଗୁଲ ପୀଲା, କଟାମଂସୀ, ବୃକ୍ଷଗନ୍ଧା ଓ ମଲ୍ଲିକା ରୋଗକୃମି ଦୂର କରେ ।

ସ୍ପର୍ଶ, ଅଗ୍ନି, ଜଳ, ବାୟୁ, ବଦ୍ୟୁତ୍, ସୀସା, ସୋରିଷ, ଶଙ୍ଖ, ଶଳବାର, ଅପାମାର୍ଗ, ଅଞ୍ଜନ, ଅଜଶୃଂଗୀ, ଗୁଲ୍‌ଗୁଲ, ପୃଶ୍ନିପର୍ଣ୍ଣୀ, ସଦ୍ରସ୍ ଚକ୍ଷୁ, ପ୍ରଭସର ପ୍ରଭୃତି କୃମି ନାଶକ ପଦାର୍ଥର ନାମ ଅଥର୍ବବେଦର ବିଭିନ୍ନ ପ୍ରକରଣରେ ଦେଖାଯାଏ ।

ଏହି ବେଦର ଅଷ୍ଟମ କାଣ୍ଡ, ପଞ୍ଚମ ସୂକ୍ତରେ ପ୍ରସୂତି ଦୋଷର ଆଲୋଚନା କରାଯାଇଛି । ସୂକ୍ତରେ ଥିବା ଦ୍ୱିତୀୟ ମନ୍ତ୍ର ମଧ୍ୟରୁ ଉଦାହରଣ ସ୍ୱରୂପ ନବମ ମନ୍ତ୍ରଟି ଏଠାରେ ଉଲ୍ଲେଖ କରାଯାଇଛି । ବିଭିନ୍ନ ମନ୍ତ୍ରରେ ପ୍ରସୂତି ଦେହର ରୋଗଜୀବାଣୁକୁ ଦୂର କରିବାର ଉପାୟ ବର୍ଣ୍ଣିତ ହୋଇଛି ।

ଯଃ କୃଣୋତି ମୃତବତ୍ସାମତୋ କାମ୍ପମାଂ ସ୍ଥିୟମ୍ ।
ତମୋଷଧେ ତ୍ୱଂ ନାଶୟ୍ୟାଃ କମଳମଂଜବମ୍ ॥
(ଅଥବ-୮, ୬, ୯)

'ସୂତିକା ଗର୍ଭର ମଳନତା ଯୋଗୁଁ ରୋଗଜୀବାଣୁ ପ୍ରବେଶ କରି ନବଜାତ ଶିଶୁକୁ ଆକ୍ରମଣ କରନ୍ତି । ପିଙ୍ଗ ନାମକ ଔଷଧି ଦ୍ୱାରା ସେଗୁଡ଼ିକ ଦୂର ହୁଅନ୍ତି ।' (ମନ୍ତ୍ର-୯୯) । ଅଜ୍ଞାନ ଲୋକେ ସୂତିକା ଗର୍ଭକୁ ଅନ୍ଧାର କରନ୍ତି । 'ରୋଗ ଜୀବାଣୁ ସ୍ପର୍ଶକରଣଦ୍ୱାରା ଦୂର ହୁଏ, ଯେପରି ଗର୍ଭବଧୂ ନିଜ ଶ୍ୱଶୁର ଆଗରୁ ଲୁଚିଯାଏ । ପିଙ୍ଗ-ନାମକ ଔଷଧି ଜୀବାଣୁର ହୃଦୟକୁ ବଧକରେ ।' (ମନ୍ତ୍ର-୬୪) 'ଶୋଇଥିବା ବା ଜାଗ୍ରତ ଥିବା ପ୍ରସୂତା ସ୍ତ୍ରୀର ଦେହରେ ଜୀବାଣୁ ପ୍ରବେଶ କରେ । ସ୍ପର୍ଶ କରିଣ ତାହାକୁ ଦୂର କରେ ।' (ମନ୍ତ୍ର-୮) । 'ଏହି ରୋଗକୃମି ସ୍ପର୍ଶକରିଣ ସହ୍ୟ କରିପାରେ ନାହିଁ ।' (ମନ୍ତ୍ର-୧୬) । 'ଶିଶୁ ଜନ୍ମ ହେବା ମାତ୍ରେ ଦୁର୍ବଳ, ଅଙ୍ଗଶ ଓ ବହ୍ମସ ନାମକ ରୋଗଜୀବାଣୁ ପ୍ରସୂତାକୁ ଆକ୍ରମଣ କରନ୍ତି ।' (ମନ୍ତ୍ର-୧) । 'ହେ ପିଙ୍ଗ ! ନବଜାତ ବାଳକକୁ ରକ୍ଷାକର । ସ୍ୱାମୀ-ସ୍ତ୍ରୀଙ୍କୁ ଦୁଃଖ ଦିଅ ନାହିଁ । କ୍ଷୁଧାର୍ତ୍ତ କୃମିଗୁଡ଼ିକୁ ଦୂର କର ।' (ମନ୍ତ୍ର-୬୫) । 'ବନ୍ଧ୍ୟାତ୍ୱ, ମୃତବତ୍ସାତ୍ୱ, ଜନ୍ମନ ଓ ପାପ ପ୍ରବୃତ୍ତି—ଏ ସବୁ ସ୍ତ୍ରୀ ଦୋଷ ଗଛରୁ ଫଳ ଝଡ଼ିବାପରି ଦୂର ହୁଅନ୍ତୁ ।' (ମନ୍ତ୍ର-୬୭) ।

ଉଲ୍ଲିଖିତ ପିଙ୍ଗ ଔଷଧ ଦୁଇ ପ୍ରକାର ଅର୍ଥର ସଙ୍କେତ ଦିଏ । ଯଥା :— (୧) ପିଙ୍ଗଳ ବର୍ଣ୍ଣର ସ୍ପର୍ଶ କରିଣ । (୨) ପିଙ୍ଗ ନାମକ ବନସ୍ପତି ବିଶେଷ । ପ୍ରସୂତାର ପ୍ରକୋଷ୍ଠରେ ପ୍ରଚୁର ପରିମାଣରେ ସୂର୍ଯ୍ୟାଲୋକ ପଡ଼ିବା ଆବଶ୍ୟକ । ସେଠାରେ ପିଙ୍ଗ ଗଛର ପତ୍ର ରଖିବା ଓ ତାହାର ଚୁଲିର ଧୂଆଁ ସେବନ କରିବା ହିତକାରକ ।

ଅଥର୍ବବେଦର କାଣ୍ଡ ୧ ସୂକ୍ତ ୨୫, କାଣ୍ଡ ୫ ସୂକ୍ତ ୨୨, କାଣ୍ଡ ୬ ସୂକ୍ତ ୨୦, କାଣ୍ଡ ୭ ସୂକ୍ତ ୧୧୭ ସ୍ଥଳମାନଙ୍କରେ ବିଭିନ୍ନ ପ୍ରକାର ଜ୍ୱର ଏବଂ ସେ ସବୁର ନିଦାନ ଓ ନିବାରଣ ପ୍ରକ୍ରିୟା ବର୍ଣ୍ଣିତ ହୋଇଛି । 'ଜ୍ୱର'

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

ଜୀବନକୁ ଦୁଃଖମୟ କରେ । ତେଣୁ ବେଦ ସବୁ ସ୍ଥଳରେ ତାହାକୁ 'ତଳା' (ତକ କୃଚ୍ଛ୍ରଜୀବନେ' ଧାତୁରୁ ନିଷ୍ପନ୍ନ) କହିଛନ୍ତି । 'ଜଠରଗ୍ନିର ବିକୃତିରୁ ତକ୍ମା (ଜ୍ୱର) ଜାତ ହୁଏ । ଜ୍ୱରର ଉପଦ୍ରବ ଶହ ଶହ ପ୍ରକାର 'ଶତଂ ବୋପୀଷ୍ଟ ତକ୍ମନଃ' (୫, ୩୦, ୧୬) ।

ତୃତୀୟକଂ ବିତୃତୀୟଂ ସଦାନ୍ଦମୁତ ଶାରଦମ୍ ।
ତକ୍ମାନଂ ଶୀତଂ ରୂରଂ ଗ୍ରୈଷ୍ମଂ ନାଶୟ ବାର୍ଷିକମ୍ ॥
(ଅଥର୍ବ-୫, ୨୨, ୧୩)

ଉପରୋକ୍ତ ମନ୍ତ୍ରରେ କେତେକ ଜ୍ୱରର ଯଥା :— ତୃତୀୟକଃ (ତୃତୀୟ ଦିନରେ ଆସୁଥିବା), ବିତୃତୀୟଃ (ଚତୁର୍ଥ ଦିନରେ ଆସୁଥିବା), ସଦାନ୍ଦଃ (ସଦା ରହୁଥିବା), ଶାରଦଃ (ଶରତ୍ ଋତୁରେ ହେଉଥିବା), ଶୀତଃ (ଶୀତଜ୍ୱର) ରୂରଃ (ପିତ୍ତଜ୍ୱର), ଗ୍ରୈଷ୍ମଃ (ଗ୍ରୀଷ୍ମ ଋତୁରେ ହେଉଥିବା), ବାର୍ଷିକଃ (ବର୍ଷା ଋତୁରେ ହେଉଥିବା) ଆଦିର ବର୍ଣ୍ଣନା କରାଯାଇଛି । ଅଥର୍ବ ବେଦର ଅନ୍ୟସ୍ଥଳରେ ଜ୍ୱରର ନାମ ଭିନ୍ନ ପ୍ରକାରେ ଦେଖାଯାଏ, ଯଥା :—ବଶ୍ଚଶାରଦଃ (ମେଲେରିଆ), ଅଭ୍ରଜା (କଫଜ୍ୱର), ଅବ୍ରଚଃ (ବହୁନ), ବାତଜା (ବାତଜ୍ୱର), ଧମ୍ଭଣ୍ଡଃ (ବଳପୂର୍ବକ ଆସୁଥିବା), ଅଙ୍ଗଜ୍ୱରଃ (ଅଙ୍ଗରେ ରହୁଥିବା), ଶୁପ୍ତଣଃ (ଶୋଷକ), ପରୂଷଃ (ଚର୍ମକୁ ରୁକ୍ଷ କରୁଥିବା), ଅନ୍ୟେଦ୍ୟୁଃ (ଗୋଟିଏ ଦିନ ଛାଡ଼ି ଆସୁଥିବା) ଉଭୟେଦ୍ୟୁଃ (ଦୁଇ ଦିନ ଛାଡ଼ି ଆସୁଥିବା) ଇତ୍ୟାଦି ।

ଜଙ୍ଗିଡ (୧୯, ୩୪, ୧୦), କୁଷ୍ଠ (୫, ୪, ୧), ଅଞ୍ଜନ (୪, ୯, ୮) ପ୍ରଭୃତି ସେବନ କରିବା ଦ୍ୱାରା ଜ୍ୱରର ପ୍ରକୋପ ଶାନ୍ତ ହୁଏ । ୫, ୨୨, ୧ ମନ୍ତ୍ରରେ କୁହାଯାଇଛି- ଯଜ୍ଞ ବେଦରେ ପ୍ରଜ୍ୱଳିତ ହେଉଥିବା ସୁଗନ୍ଧିତ, ରୋଗ ନାଶକ ଓ ପୁଷ୍ଟି କାରକ ହୋମ ସାମଗ୍ରୀ ଜ୍ୱର ନାଶ କରେ ।

'ଗ୍ରୋତ୍ରୀ' ବନସ୍ପତି ଶସ୍ୟାଦାନ ଓ ଅସ୍ଥିଭଙ୍ଗ ପାଇଁ ମହୌଷଧ । ଶଲ୍ୟକ୍ରିୟା ସାହାଯ୍ୟରେ ଦେହରୁ ବାଣ ନିର୍ଗତ କରାଯାଏ (ଅଥର୍ବ-୪, ୧୨, ୭, ଓ ୬, ୯୦, ୧)।'

କୋ ଅସ୍ମିନ୍ନାପୋ ବ୍ୟଦଧାଦ୍ବିଷୂବୃତଃ
ପୁରୂବୃତଃ ସିନ୍ଧୁସୃତ୍ୟାସୁ ଜାତାଃ ।
ତତ୍ରା ଅରୁଣା ଲୋହିନୀସ୍ତାମ୍ର ଧୂମ୍ରା ।
ଊର୍ଧ୍ୱା ଅବାଚୀଃ ପୁରୁଷେ ତିରଶ୍ଚୀଃ ॥
(ଅଥର୍ବ-୧୦, ୨, ୧୧)

ଉପରୋକ୍ତ ମନ୍ତ୍ରରେ ଦେହର ରକ୍ତ ସଞ୍ଚାଳନ ସଂକ୍ଷେପରେ କୁହାଯାଇଛି । (କ) 'ବିଷୂବୃତଃ ପୁରୁବୃତଃ'— ରକ୍ତ ସମଗ୍ର ଦେହରେ ସଞ୍ଚାଳିତ ହୁଏ । ଦେହ ମଧ୍ୟରେ ଏପରି ଅଙ୍ଗ ନାହିଁ ଯେଉଁଠାରେ ରକ୍ତର ସଞ୍ଚାଳନ ହୁଏ ନାହିଁ । (ଖ) 'ସିନ୍ଧୁ ସୃତ୍ୟାସୁ ଜାତାଃ'— ରକ୍ତ ନାଡୀ ମଧ୍ୟରେ ନଦୀ ଜଳ ପରି ପ୍ରବାହିତ ହୁଏ । ରକ୍ତର ରୂପ ଅଛି । (ଗ) ରକ୍ତର ବର୍ଣ୍ଣ ଦୁଇ ପ୍ରକାର—'ଅରୁଣାଃ' ଲାଲ ରଙ୍ଗ ଓ ତାମ୍ର ଧୂମ୍ର।' ତମ୍ବା ଧୂଆଁର ରଙ୍ଗ । ଧମନୀରେ ଅରୁଣ ବର୍ଣ୍ଣର ଶୁଦ୍ଧ ରକ୍ତ ଓ ଶିରାରେ ତାମ୍ର ବର୍ଣ୍ଣର ଅଶୁଦ୍ଧ ରକ୍ତ ପ୍ରବାହିତ ହୁଏ । (ଘ) ରକ୍ତର ଏକ ନାମ 'ଲୋହିନୀଃ' କାରଣ ସେଥିରେ ଲୌହ ଅଂଶ ଥାଏ । (ଙ) ରକ୍ତର ଗତି ଅନେକ ପ୍ରକାର—'ଊର୍ଦ୍ଧ୍ୱାଃ ଅବାଚୀଃ ତିରଶ୍ଚୀଃ' ଅର୍ଥାତ୍ ଉପର, ତଳ ଓ ବକ । (ଚ) ଦେହରେ 'ଆପଃ' ଅର୍ଥାତ୍ ବିଭିନ୍ନ ପ୍ରକାର ଦ୍ରବ ରହିଛି ।

'ଇମା ଯାସ୍ତେ ଶତଂ ହ୍ରୁତଃ ସହସ୍ରଂ ଧମନୟଶ୍ଚତ' (୭, ୩୭, ୨) ଅର୍ଥାତ୍ ଶିର ଓ ଧମନୀ ଅସଂଖ୍ୟ । ବେଦରେ ଶିରାକୁ 'ହ୍ରୁତ' କୁହାଯାଇଛି । 'ଯାସ୍ତେ ଶତଂ ଧମନୟୋ- ଽଙ୍ଗାନ୍ୟନୁ ବିଷ୍ଠିତାଃ' (୭, ୯୦, ୨) ଅର୍ଥାତ୍ ଶହ ଶହ ଧମନୀ ଅଙ୍ଗରେ ବିସ୍ତୃତ ହୋଇଛି । 'ହ୍ରୁତ ଲୋହିତ ବାସସଃ' (୧, ୧୭, ୧) ଅର୍ଥାତ୍ ନାଡୀ ଶୁଦ୍ଧ ରକ୍ତର ବାସସ୍ଥଳ । ଏହିପରି ଅଥର୍ବ ବେଦର ବିଭିନ୍ନ ସ୍ଥଳରେ ରକ୍ତ ସଞ୍ଚାଳନର ବର୍ଣ୍ଣନା ରହିଅଛି ।

ଦେହର ନାସିକା, ମୂତ୍ରଦ୍ୱାର, ଗୁହ୍ୟଦ୍ୱାର ଓ ବ୍ରଣରୁ ଯେଉଁ ଦ୍ରବ ସ୍ରାବିତ ହୁଏ, ତାହାକୁ ଯଥାକ୍ରମେ ନାସାସ୍ରାବ, ମୂତ୍ର ସ୍ରାବ, ଅତିସାର ଓ ବ୍ରଣସ୍ରାବ କହନ୍ତି ।

ଦ୍ୱିତୀୟ କାଣ୍ଡ, ତୃତୀୟ ସୂକ୍ତର ପାଞ୍ଚଟି ମନ୍ତ୍ରରେ ବ୍ରଣସ୍ରାବ ରୋକିବା ଔଷଧ ଚର୍ଚ୍ଚିତ ହୋଇଛି । ତାହାର ନାମ 'ଅରୁଂସାଣ' । ସେହି ବନସ୍ପତିକୁ ଭୂମି ତଳରୁ ମୂଳ ସହିତ ଉପୁଡା ଯାଏ (ମନ୍ତ୍ର ୩) । ପଙ୍ଗଚର ପାଦଦେଶରେ ସେହି ଔଷଧ ଉପୁନ୍ନ ହୁଏ (ମନ୍ତ୍ର ୧) । ପଞ୍ଚମ ମନ୍ତ୍ରରେ ବ୍ରଣରେ ଲେପ ଦେବା ପାଇଁ ଏକ ପ୍ରକାର ମୃତ୍ତିକାର ସୂଚନା ମିଳେ ।

'ବିଷ୍ଠଳକା' ଔଷଧ ନାସିକା, ଗୁହ୍ୟଦ୍ୱାର ଓ ମୂତ୍ର ଦ୍ୱାରର ସ୍ରାବକୁ ବନ୍ଦ କରେ । ଅଥର୍ବ ଷଷ୍ଠ କାଣ୍ଡ, ଚତୁର୍ଦ୍ଦଶ ସୂକ୍ତର ତୃତୀୟ ମନ୍ତ୍ରରେ କୁହାଯାଇଛି— 'ତୁମେ

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

ବୃଦ୍ଧତ୍ୱର ମୂଳ, ଅମୃତର ନାଭି । ତୁମର ନାମ 'ବଳାଣକା' । ପ୍ରଜନ୍ମଶ୍ରୀ ମନ୍ତ୍ରରେ ବଳ ଜଣାଇ ପୁତ୍ରରୋଧ ପାଇଁ ଶ୍ରେଷ୍ଠ ଔଷଧ ବୋଲି କୁହାଯାଇଛି- 'ଶ୍ରେଷ୍ଠ ମାସ୍ରାବ ଭେଷଜଂ' । ପ୍ରଥମ କାଣ୍ଡରେ ରକ୍ତସ୍ରବ ବନ୍ଦ ସମ୍ବୋଧନ କରାଯାଇଛି- 'ଗର୍ତ୍ତ ନଥିବା ଘରେ ଭଲ୍ଲଟୀ ଯେପରି ପିଣ୍ଡାକାରେ ଚିର-କାଳ ଅଟକି ରହିଯାଏ, ଏହିପରି ରୋଗୀର ରୁଧିରସ୍ରାବ ପୂର୍ଣ୍ଣତ୍ୱରେ ବନ୍ଦ ହେଉ (ଅଥର୍ବ-୧, ୧୭, ୧)

ଶଶୀମଶ୍ୱତ୍ଥ ଆରୁଢସ୍ତତ୍ର ପୁଂସବନଂ କୃତମ୍ ।
ତଦ୍ୱୈ ପୁତ୍ରସ୍ୟ ବେଦନଂ ତତ୍ସ୍ତ୍ରୀଷ୍ୱା ଭରତସି ॥
(ଅଥର୍ବ ୬, ୧୧, ୧)

ଉପରୋକ୍ତ ମନ୍ତ୍ରରେ କୁହାଯାଇଛି, ଶମୀବୃକ୍ଷରେ ବଢିଥିବା ଅଶ୍ୱତ୍ଥ ବୃକ୍ଷର ସେବନ ଦ୍ୱାରା ସ୍ତ୍ରୀର ଗର୍ଭଧାରଣ ଶକ୍ତି ବୃଦ୍ଧି ପାଏ । ଏହି ଗଛର ପଞ୍ଚାଙ୍ଗ ଅର୍ଥାତ୍ ଚେର, ଛେଲି, ପତ୍ର, ଫୁଲ ଓ ଫଳରେ ଔଷଧ ଗୁଣ ପୁରୋପୂରି ରହିଥାଏ । ଏହାକୁ ମହୁ ଅଥବା ଦୁଗ୍ଧ ସହିତ ସେବନ କଲେ ସ୍ତ୍ରୀର ଗର୍ଭଶୟ ପୁତ୍ର ଧାରଣ ପାଇଁ ଉପଯୁକ୍ତ ହୁଏ । ଯେଉଁ ସ୍ତ୍ରୀର କେବଳ କନ୍ୟା ଜନ୍ମ ହୁଅନ୍ତି, ତାହାର ଗର୍ଭାଶୟ ପରବର୍ତ୍ତିତ ହୋଇ ପୁତ୍ର ଗର୍ଭପାଇଁ ଅନୁକୂଳ ହୁଏ ।

ପୁରୁଷଗତ ବୀର୍ଯ୍ୟର ନ୍ୟୂନତା ଓ ସ୍ତ୍ରୀ ରଜର ଆଧିକ୍ୟରେ କନ୍ୟାସନ୍ତାନ ଜାତ ହୁଏ । ସ୍ମରଣ ରଖିବା ଉଚିତ ଯେ ଗର୍ଭସ୍ଥାପନର ମୁହୂର୍ତ୍ତ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ପିତା ଯେଉଁ ଭାବନା ସହିତ ସାଙ୍ଗପସନ୍ଦ କରନ୍ତି ଓ ମାତା ଭୂମିବତ୍ ସାଜ ଗ୍ରହଣ କରନ୍ତି, ତାହାର ସଂସ୍କାରରେ ମାତାର ଗର୍ଭ ଅଙ୍କୁରିତ ଓ ପରବର୍ତ୍ତିତ ହୁଏ । ଗର୍ଭାଧାନ ଭାବୀ ସନ୍ତାନକୁ ଓ ପରିଣାମତଃ ମାନବ ସମାଜକୁ ନିର୍ମାଣ କରେ ।

ଷଷ୍ଠ କାଣ୍ଡର ହସ୍ତୋବଂଶ ସୂକ୍ତରେ ବନ୍ଧ୍ୟା ସ୍ତ୍ରୀର ବନ୍ଧ୍ୟାତ୍ୱ ଦୂରୀକରଣ ପାଇଁ ଔଷଧ କୁହାଯାଇଛି । ଋଷଭକ ନାମକ ଔଷଧରେ ହୋମକଲେ ଉଥା ତାହାର ମଜ୍ଜିକୁ ବିଧିପୂର୍ବକ ସେବନ କଲେ ବନ୍ଧ୍ୟା ସ୍ତ୍ରୀର ଗର୍ଭଦୋଷ ଦୂର ହୁଏ । ଔଷଧ ସେବନ ସଙ୍ଗେସଙ୍ଗେ ସନ୍ତାନୋତ୍ପତ୍ତି ପାଇଁ ପତ୍ନୀପତ୍ନୀ ଶୁଦ୍ଧ ଓ ଭଦ୍ର ଭାବନା ପୋଷଣ କରିବା ଆବଶ୍ୟକ ।

ପ୍ରାଣିବଳ୍ଲୀମାନେ ପ୍ରାଣୀମାନଙ୍କର ଦେହଗଠନ ବିଷୟରେ ଓ ପଶୁଚିକିତ୍ସକମାନେ ପଶୁପକ୍ଷୀଙ୍କର ରୋଗ ଚିକିତ୍ସା ସମ୍ବନ୍ଧରେ ଜାଣନ୍ତି । ପରନ୍ତୁ ବେଦ ଏହି ସ୍ଥଳରେ ଯେଉଁ ରହସ୍ୟ ବଜାଇଛନ୍ତି, ତାହାର ଅନୁସନ୍ଧାନ ଅଦ୍ୟାପି ହୋଇନାହିଁ । ବେଦ କହନ୍ତି ଯେ ନିଜ ରୋଗର ଚିକିତ୍ସା ପାଇଁ ପଶୁପକ୍ଷୀଙ୍କ ଠାରେ ସ୍ୱତଃସିଦ୍ଧ ଜ୍ଞାନ ଥାଏ । ସେମାନେ ରୋଗ ନିବୃତ୍ତି ପାଇଁ ଔଷଧ ପ୍ରୟୋଗ କରନ୍ତି । ପ୍ରତ୍ୟେକ ସୃଷ୍ଟିରେ ପଶୁପକ୍ଷୀଙ୍କ ଜନ୍ମ ପୂର୍ବରୁ ଔଷଧ-ବନସ୍ପତି ଜାତ ହୋଇଥାଏ । ଛୋଟ ପଶୁ ପକ୍ଷୀ ଔଷଧର ଆଶ୍ରୟରେ ରହିଥାନ୍ତି । ଭୂଣରୋଗ ଜୀବନ ଧାରଣ ପାଇଁ ଉପଯୁକ୍ତ ଭୂଣ ଚିହ୍ନନ୍ତି ଓ କେବେହେଲେ ନିଂସାହାର କରନ୍ତି ନାହିଁ । ସବୁ ପଶୁପକ୍ଷୀ ରୋଗ ନିବାରଣ ପାଇଁ ବୃକ୍ଷଲତା ନିକଟରେ ପହଞ୍ଚି ଔଷଧ ଫତ୍ତ୍ୱ କରନ୍ତି ।

ବରାହୋ ବେଦ ବାରୁଧଂ ନକୁଲୋ ବେଦ ଭେଷଜମ୍ ।
ସର୍ପା ଗନ୍ଧର୍ବା ଯା ବଭ୍ରୁସ୍ତା ଅପ୍ସା ଅବସେ ହୁବେ ॥
ଯାଃ ସୁପର୍ଣା ଆଙ୍ଗିରସିର୍ଦିବ୍ୟା ଯା ରଘଷୀ ବଭ୍ରୁଃ ।
ବୟାଂସି ହଂସା ଯା ବଭ୍ରୁର୍ଯାଂସ୍ତ ସର୍ବେ ପଚନ୍ତିତଃ ।
ମୃଗା ଯା ବଭ୍ରୁତ୍ତେଷ୍ଟାସ୍ତା ଅପ୍ସା ଅବସେ ହୁବେ ॥
(ଅଥର୍ବ-୮, ୭, ୧୩ ଓ ୮, ୭, ୨୪)

ଉପରୋକ୍ତ ବେଦମନ୍ତ୍ରରେ କୁହାଯାଇଛି- ସୁପର୍ଣ୍ଣ, ନେଉଳ, ସାପ, ଗନ୍ଧର୍ବଗଣ, ପକ୍ଷୀ ଓ ବନ୍ୟ ପଶୁମାନେ ଔଷଧ ଚିହ୍ନିପାରନ୍ତି । ସୁପର୍ଣ୍ଣ ଖୋଜି ଖୋଜି କପଟ ଜଡ ଓ ଚେର ବାହାର କରେ, ତାହା ସୁବିଦିତ । ବିଭିନ୍ନ ପଶୁ-ପକ୍ଷୀଙ୍କର ଦୃଷ୍ଟି, ଘ୍ରାଣ ଓ ଅଶ୍ରୁଦନ ଶକ୍ତି ଏତେ ତୀକ୍ଷ୍ଣ ଯେ ସେମାନେ ଚମତ୍କାର ଜ୍ଞାନରେ ଅଦୃଷ୍ଟ ପଦାର୍ଥ ଅନ୍ୱେଷଣ କରନ୍ତି ।

ଅଥର୍ବବେଦର ଶତାଧିକ ସ୍ଥଳରେ ରୋଗ ଚିକିତ୍ସାର ବର୍ଣ୍ଣନା ଦେଖିବାକୁ ମିଳେ । ନମ୍ନାରେ କେତୋଟି ଉଦାହରଣ ଦିଆଗଲା ।

ମୂତ୍ରରୋଗ (କାଣ୍ଡ ୧, ସୂକ୍ତ ୯), ଅର୍ଶ (କାଣ୍ଡ ୨, ସୂକ୍ତ ୨୫), ହୃଦରୋଗ (କାଣ୍ଡ ୯, ସୂକ୍ତ ୭), ଉନ୍ମାଦ (କାଣ୍ଡ ୬, ସୂକ୍ତ ୧୧୧), କେଶରୋଗ (କାଣ୍ଡ ୬, ସୂକ୍ତ ୨୧, ୧୩୬ ଓ ୧୩୭), ବନ୍ଧ୍ୟାରୋଗ (କାଣ୍ଡ ୩, ସୂକ୍ତ ୨୩) ଗର୍ଭରୋଗ (କାଣ୍ଡ ୬, ସୂକ୍ତ ୧୧), ସର୍ପବିଷଦୂର କରଣ (କାଣ୍ଡ ୭, ସୂକ୍ତ ୫୬), ଜ୍ୱର (କାଣ୍ଡ ୧, ସୂକ୍ତ ୧୨ ଓ ୨୫, କାଣ୍ଡ ୫, ସୂକ୍ତ ୨୨, କାଣ୍ଡ ୬, ସୂକ୍ତ ୨୦), ପ୍ରଭୃତି

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

ରୋଗ (କାଣ୍ଡ ୧, ସୂକ୍ତ ୨୨), ଶ୍ୱେତକୃଷ୍ଠ (କାଣ୍ଡ ୧' ସୂକ୍ତ ୨୩ ଓ ୨୪), ପଶୁରକ୍ଷା (କାଣ୍ଡ ୬, ସୂକ୍ତ ୫୯) ଇତ୍ୟାଦି ।

ଅଥର୍ବବେଦର କେତେକ ସ୍ଥଳରେ ମଣିମନ୍ତ୍ରନ ଆଲୋଚିତ ହୋଇଛୁ । ପରନ୍ତୁ ତାହା ଆଧୁନିକ କାଳରେ ପ୍ରଚଳିତ ହସ୍ତ ବା କଣ୍ଠର ଅଳଙ୍କରଣ ରୂପରେ ବ୍ୟବହୃତ ହେଉଥିବା ଡଉଁରଆ ନୁହେଁ । ବେଦବର୍ଣ୍ଣିତ ମଣିବନ୍ଧନ ମନୋ ବୈଜ୍ଞାନିକ ଓ ଆୟୁର୍ବେଦ ଶାସ୍ତ୍ର ସମ୍ମତ ।

ବେଦ ଅଶ୍ୱତ୍ତ୍ଥ ମଣିକୁ ବ୍ରହ୍ମନାସ୍ପତିଙ୍କର ବଳିଷ୍ଠ ବ୍ରଜଚକ୍ର ବା ବ୍ରଜଶକ୍ତି ଭାବରେ ବର୍ଣ୍ଣନା କରିଛନ୍ତି । ଅଶ୍ୱତ୍ତ୍ଥ ମଣି ବ୍ରଜଚକ୍ର ଅଟେ । ତାହା ଛଡ଼ା ଓ ବ୍ରଜଦଣ୍ଡ ପରି ବିଶେଷ ବ୍ରଜକାୟ ବସ୍ତୁ ହୋଇପାରେ ଅଥବା ଶାସକର ବଳିଷ୍ଠ ଶକ୍ତି ହୋଇପାରେ । ଜଣେ ସାମାନ୍ୟ ସିପାହୀ ବ୍ରଜଚକ୍ର ଧାରଣ କରି ନିଜକୁ ଜନସାଧାରଣ ମଧ୍ୟରେ ଶକ୍ତିଶାଳୀ ବୋଲି ଅନୁଭବ କରେ (ଅଥର୍ବ-୧, ୨୯, ୪)

କାଣ୍ଡ ୧୯, ସୂକ୍ତ ୩୨ରେ ଚନ୍ଦ୍ରତତି ମନ୍ତ୍ରରେ ଉଦୁମ୍ବର ମଣିର ବର୍ଣ୍ଣନା ଦେଖିବାକୁ ମିଳେ । ଉଦାହରଣ ପାଇଁ ନମ୍ନ ମନ୍ତ୍ରଟି ଫଳର୍କରେ ଆଲୋଚନା କରାଯାଇଛୁ ।

ଓଁ ଦୁମ୍ବରେଣ ମଣିନା ଘୃତ୍ତିକାମାସ୍ୟ ବେଧସା ।
ପଶୂନାଂ ସବେଷାଂ ସ୍ଥ ତଂ ଗୋଷ୍ଠେ ମେ ସବିତା କରତ୍ ।।
(ଅଥର୍ବ-୧୯, ୩୨, ୧)

ଉଦୁମ୍ବର ନକଟରେ ଗାଈ ଓ ଅନ୍ୟଗୃହ ପାଳିତ ପଶୁଙ୍କର ଗୋଠ ବସାଇଲେ ପଶୁସମ୍ପଦ ବୃଦ୍ଧି ପାଏ । ସୂକ୍ତର ନବମ ମନ୍ତ୍ରରେ ଉଦୁମ୍ବରକୁ ବନସ୍ପତି ନାମରେ ସମ୍ବୋଧନ କରାଯାଇଛୁ । ଦ୍ୱାଦଶ ମନ୍ତ୍ରରେ କୁହାଯାଇଛୁ 'ହେ ମଣି ! ତୁମେ ଗ୍ରାମୀଣ ଅଟ। ତୁମକୁ ଗ୍ରାମ ନକଟରେ ରୋପଣ କରାଯାଏ ।' ସୁତରାଂ ଉଦୁମ୍ବର ମଣି ବନସ୍ପତି ବିଶେଷ । ଯଜ୍ଞଡିମ୍ବି ଗଛକୁ ଉଦୁମ୍ବର କୁହନ୍ତି । ଗୃହ ନକଟରେ ଉଦୁମ୍ବର ଉଦ୍ୟାନ ରୋପଣ କରିବା ବିଧେୟ, ଯେପରି ଗାଈ ଗୋରୁ ସେଠାରେ ପ୍ରତ୍ୟହ ବିଶ୍ରାମ ନେବେ । ଏହି ଗଛ ତୁଇରେ ବାସ କଲ ଡାହାର ଫୁଲଫଳ ସେବନ କଲେ, ସେମାନଙ୍କର ଗର୍ଭଧାରଣ ଓ ସନ୍ତାନଶକ୍ତି ବୃଦ୍ଧି ପାଏ ।

ଏକାଦଶ ମନ୍ତ୍ରରେ ଉଦୁମ୍ବରକୁ ଶ୍ରେଷ୍ଠମଣି କୁହାଯିବା ସଙ୍ଗେ ସଙ୍ଗେ ତାହାର ସେବନ ଦ୍ୱାରା ନୈରାଶ୍ୟ ଓ କୃପଣତା ଦୂର ହେବା ବିଷୟ କଥିତ ହୋଇଛୁ । ଚତୁର୍ଦ୍ଦଶ ମନ୍ତ୍ରର ଅନୁସାରେ ଉଦୁମ୍ବର ସାର୍ମ୍ଫ ଦର୍ଦ୍ଦକ । 'ସାର୍ମ୍ଫସ୍ୟ ବାଧ୍ୟତ୍ତେ'- ଉଦୁମ୍ବର ସାର୍ମ୍ଫବାନ୍ ପୁତ୍ରେ ପୃଷ୍ଠିପାଇଁ ଦେହରେ ବନ୍ଧାଯାଏ ।

ଆୟୁର୍ବେଦ ଶାସ୍ତ୍ରରେ ଉଦୁମ୍ବର ଫଳକୁ କ୍ଷୁଧାନାଶକ କୁହାଯାଇଛୁ । ଅଥର୍ବବେଦର ସୂକ୍ତମାନଙ୍କରେ ମଧ୍ୟ ତାହା ସୂଚିତ ହୋଇଛୁ । ଅଙ୍କରନ୍ତ୍ର ମଞ୍ଜି ସହିତ ଉଦୁମ୍ବରକୁ ଚନ୍ଦ୍ର ଖାଇଲେ ମାସେ ପର୍ଯ୍ୟନ୍ତ କ୍ଷୁଧା ହୁଏ ନାହିଁ । ସେହି ପରି ଶିରସ, ଉଦୁମ୍ବର ଓ ଶମୀକୁ ଘିଅରେ ମିଶାଇ ସେବନ କଲେ କ୍ଷୁଧା ଜାତ ହୁଏ ନାହିଁ । ଗ୍ରାମର ଶୋଭବର୍ଦ୍ଧନ ଓ ପଶୁ ସମ୍ପଦର ବିସ୍ତାର ସଙ୍ଗେ ସଙ୍ଗେ ଗ୍ରାମବାସୀଙ୍କର ରୋଗ ନିବାରଣ ପାଇଁ ଉଦୁମ୍ବର ଉପଯୋଗୀ ଅଟେ ।

ଅଥର୍ବ ବେଦରେ ତ୍ରିପ୍ରକାର ମଣିର ବର୍ଣ୍ଣନା ମିଳେ (୧) ବନସ୍ପତ ସମ୍ବନ୍ଧୀୟ (୨) ପ୍ରାଣିଜ (୩) ଖଣିଜ ଓ (୪) ସାମୁଦ୍ରିକ । ଏ ସବୁ ବ୍ୟବହାର କଲେ ବହୁ ପ୍ରକାର ଜନ ସିଦ୍ଧ ହୁଏ ଯଥା:- (କ) ଦେହର ଶୋଷବୃଦ୍ଧି (ଖ) ମନର ଶାନ୍ତି ଓ ପ୍ରସନ୍ନତା ଲାଭ (ଗ) ବିଷର ପ୍ରତିଷେଧ ଓ ଦୃଷ୍ଟିକରଣ (ଅଥର୍ବ-୪, ୧୦, ୩ଓ ୪, ୯, ୯,)

ଅଥର୍ବବେଦ ବର୍ଣ୍ଣିତ ମଣି କୌଣସି ଐନ୍ଦ୍ରଜାଲିକ, କୁହୁକ ବା ମାୟା ପଦାର୍ଥ ନୁହେଁ । ଐନ୍ଦ୍ରଜାଲିକ ପଦାର୍ଥ ଅନାର୍ଷ ଓ ଅପ୍ରାମାଣିକ । ଦେହର ବିଷ ଦୂରୀକରଣ ଓ ମନର ପ୍ରସନ୍ନତା ତଥା ଧୈର୍ଯ୍ୟ ଧାରଣ ପାଇଁ ଖଣିଜ, ସାମୁଦ୍ରିକ, ପ୍ରାଣିଜ ଓ ବନସ୍ପତ ସମ୍ବନ୍ଧୀୟ ବସ୍ତୁର ବ୍ୟବହାର ବେଦୋକ୍ତ ମଣିଧାରଣର ତାତ୍ପର୍ଯ୍ୟ । ଅଥର୍ବ ବର୍ଣ୍ଣିତ ଅଞ୍ଜନ, ଦର୍ଭ ପ୍ରଭୃତି ମଣି ଖଣିଜ, ଶଂଖ ଆଦି ସାମୁଦ୍ରିକ, ପ୍ରତ୍ୟସର ଆଦି ପ୍ରାଣିଜ, ଜଙ୍ଗିଡ- ପର୍ଣ୍ଣି- ତରଣାଦି ମଣି ବନସ୍ପତ ବିଶେଷ ବୋଲି ଅନୁମିତ ହୁଏ ।

ଅଥର୍ବବେଦରେ ସକଲ୍ପ, ଅଭିମର୍ଶ, ଆଦେଶାଦି ଜିନିଷର ବର୍ଣ୍ଣନା ପରିଦୃଷ୍ଟ ହୁଏ । କିନ୍ତୁ ଏସବୁ ଯାଦୁବିଦ୍ୟା ନୁହେଁ । ମନର ପ୍ରବଳ ଶୁଭେଚ୍ଛା ର ନାମ 'ସକଲ୍ପ' । ଦେହକୁ ସ୍ପର୍ଶ କରି ଆନ୍ତରିକ ଇନ୍ଦ୍ରଗୁଡ଼ିକରେ ଶକ୍ତିଶାଳୀ ତରଙ୍ଗ ସୃଷ୍ଟି କରିବା 'ଅଭିମର୍ଶ' । ଆଶ୍ୱାସନା ଓ ଉପଦେଶ ପ୍ରଦାନ ପୂର୍ବକ ରୋଗୀର ରୋଗ ଦୂର କରିବା 'ଆଦେଶ' । ପ୍ରୟୋଜକର ବାଣୀ ଓ ମନର ପବିତ୍ରତା ଉପରେ ସକଲ୍ପ, ଅଭିମର୍ଶ ଓ ଆଦେଶର ଫଳାଫଳ

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

ନର୍ଭର କରେ । ଏ ଯକୁ ମନୋବଜ୍ଞାନର ବିଷୟ । ଏହା ସହିତ ଐନ୍ଦ୍ରଜାଲିକ ବା ଯାଦୁ ବଦ୍ୟାର ସଂପର୍କ ନାହିଁ । ଆନ୍ତରିକ ଦୃଢ଼ ଚିନ୍ତନ ଓ ଧାର୍ଦ୍ଦିକ ଇଚ୍ଛାଦ୍ୱାରା ନକଳକୁ ଅସଲ ଅନ୍ୟକୁ ପ୍ରଭାବିତ କରିପାରେ ।

'ଯାଦୁ' ଶବ୍ଦ ବେଦର 'ଯତୁ' ଶବ୍ଦର ରୂପାନ୍ତର ବୋଲି କୁହାଯାଏ । 'ଯାତୁ' ଶବ୍ଦର ଅର୍ଥ ହିଂସା । ଛାନ୍ଦିକ ପରଭାଷାରେ ଐନ୍ଦ୍ରଜାଲିକ ପ୍ରୟୋଗକୁ 'ଯାଦୁ' କହନ୍ତି । ଏଠାରେ ଉକ୍ତବିଦ୍ୟାର ଆଲୋଚନା କରାଯାଇ ନାହିଁ । ଅଥର୍ବ ବେଦର କେତେକ ମନ୍ତ୍ର ଛାନ୍ଦିକ ଜିନିଷ ଭାଣ୍ଡରେ ବ୍ୟବହୃତ ହେବାର ଦେଖାଯାଏ । ଅଥର୍ବବେଦ କାଣ୍ଡ ୧, ସୂକ୍ତ ୧୪ର ମନ୍ତ୍ର ଗୁଡ଼ିକ ସ୍ତ୍ରୀ ବା ପୁରୁଷର ଅନଷ୍ଟ ନମନ୍ତେ ବନସ୍ପତି ହେଉଥିବା ବେଳେ ପ୍ରକୃତ ପକ୍ଷରେ ଏହା ସୂକ୍ତରେ କନ୍ୟାଦାନ ଓ ବବାହ ସମ୍ପର୍କୀୟ ବିଷୟ ଦେଖିବାକୁ ମିଳେ । ଛାନ୍ଦିକମାନେ ଅଭିପ୍ରେତ ସ୍ତ୍ରୀ ବା ପୁରୁଷ ଦ୍ୱାରା ବ୍ୟବହୃତ ଜାନ୍ତବାଠି, କେଶ ପ୍ରଭୃତି ସୋରବା ସମୟରେ ଏହି ସୂକ୍ତର ପାଠ କରନ୍ତି । ଅଥର୍ବ ବେଦ କାଣ୍ଡ ୧, ସୂକ୍ତ ୨୨ର ମନ୍ତ୍ର ଗୁଡ଼ିକରେ ଦୃଢ଼ ପ୍ରେମ ଓ ଜାମଲ ସ୍ନେହର ଚାକୁଆ ବର୍ଣ୍ଣିତ ହୋଇଛି । ଏହି ବେଦର ୪ର୍ଥ କାଣ୍ଡ ୫ମ ସୂକ୍ତରେ ନଦ୍ରା ବନ୍ଧନ ବର୍ଣ୍ଣିତ ହୋଇଛି । ଛାନ୍ଦାକୁ ବାମମାର୍ଗୀମାନେ ପରଦାର ଗମନ ନମିତ୍ତ ସ୍ଥୀର ଜ୍ଞାନ କୃଷ୍ଣମନ୍ତ୍ରକୁ ଶୁଆଇ ଦେବାରେ ବନଯୋଗ କରନ୍ତି ।

ମନୁଷ୍ୟର ସ୍ୱାଭାବିକ ଓ ଛାମସିକ ଗୁଣ ସମ୍ପୂର୍ଣ୍ଣରୂପେ ଦୂର କରିବା ଅସମ୍ଭବ । ଚେଷ୍ଟା ମନୁଷ୍ୟ ସମାଜରେ ଯୁଦ୍ଧ ଅନିବାର୍ଯ୍ୟ । ସାମ, ଦାନ ଓ ଭେଦନୀତି ସଫଳ ନହେଲେ ଯୁଦ୍ଧ ଅବଶ୍ୟମ୍ଭାବୀ ହୋଇପଡ଼େ । ଜ୍ଞାନ ଭଣ୍ଡାର ବେଦରେ ଯୁଦ୍ଧ ବଦ୍ୟାର ସଙ୍କେତ ରହିବା ସ୍ୱାଭାବିକ । ଯୁଦ୍ଧବିଦ୍ୟା ସଂପର୍କରେ ଅଥର୍ବ ବେଦର ମନ୍ତ୍ର ମାନଙ୍କରେ ବ୍ୟାଖ୍ୟାନ କରାଯାଇଛି । ଏହି ବେଦରେ ଧୂମାସ୍ତ୍ର, ବାଣଯୁକ୍ତ ଓ ଜାଲ ଯୁଦ୍ଧ ସମ୍ବନ୍ଧରେ ବର୍ଣ୍ଣନା କରାଯିବା ସଙ୍ଗେ ସଙ୍ଗେ ଯୁଦ୍ଧର ପ୍ରଣାଳୀ ଓ ଅସ୍ତ୍ରଶସ୍ତ୍ରର ବର୍ଣ୍ଣନା କରାଯାଇଛି ।

ରାଷ୍ଟ୍ରୀୟ ବଷୟରେ ବକାଶ, ଶାସକର ଲକ୍ଷଣ, ରାଷ୍ଟ୍ର ପ୍ରଣାଳୀ ପ୍ରଭୃତି ବିଷୟ ଅଥର୍ବ ବେଦରେ ଉପଲବ୍ଧ ହୁଏ । କୃଷି, ବ୍ୟାପାର ଓ ଗୃହ ନର୍ମାଣାଦି ବିଷୟ ଅଥର୍ବ ବେଦରେ ବର୍ଣ୍ଣିତ । ଏହି ବେଦରେ ବ୍ୟାପାରକୁ 'ବଣିକ୍' କୁହାଯାଇଛି । କେତେକ ସ୍ଥଳରେ ନୌକା ଜାହାଜରେ ସମୁଦ୍ରଯାତ୍ରାର ବର୍ଣ୍ଣନା ମିଳେ । ବ୍ୟାପାରରେ ସତ୍ୟ-ବ୍ୟବହାର ପାଇଁ ବେଦରେ ଉପଦେଶ ରହିଯାଇଛି । ବ୍ୟାପାରକୁ ବସୁମିତ୍ର ଈଶ୍ୱରୋପସନା ଓ ସନ୍ଧ୍ୟା ଅର୍ଘ୍ୟ ଦୋହରର ସମ୍ପାଦନ ପାଇଁ କୁହାଯାଇଛି ।

ଗୃହ ନର୍ମାଣ ସମ୍ବନ୍ଧରେ ଷଷ୍ଠ ଓ ନବମ କାଣ୍ଡରେ ଦୁଇଟି ସୂକ୍ତ ଉପଲବ୍ଧ ହୁଏ । ସରୁଳ ପ୍ରାନ୍ତର, ପୁଷ୍କରିଣୀ, ହ୍ରଦ, ପ୍ରାକୃତିକ ଓ କୃତ୍ରିମ ଝରଣା ନକଟରେ ଗୃହ ନର୍ମିତ ହେଉ (ଅଥର୍ବ-୬, ୧୦୬, ୧) । ଗ୍ରୀଷ୍ମ କାଳରେ ଗୃହକୁ ଶୀତଳ ଓ ଶୀତକାଳରେ ଗରମ ରଖିବା ପାଇଁ ବ୍ୟବସ୍ଥା କରିବା ଆବଶ୍ୟକ (ଅଥର୍ବ- ୬, ୧୦୬, ୩)। ଗୃହରେ ଅନ୍ନଭଣ୍ଡାର, ସଙ୍ଗୀତଶାଳା, ମନ୍ତ୍ରଣାଭବନ, ବୈଠକ ସ୍ଥଳ ଓ ଅତିଥିଶାଳା ଅବସ୍ଥିତ (ଅଥର୍ବ- ୯, ୩, ୭) । ଦୂଇ, ତିନି, ଚାରି,ଆଠ, ଦଶ ବଖଣ୍ଡଯୁକ୍ତ ଗୃହ ନର୍ମିତ ହୁଏ (ଅଥର୍ବ- ୯, ୩, ୨୧) । ଗୃହର ପ୍ରତ୍ୟେକ କୋଣ ଓ ଅଂଶ ଦୃଢ଼ ଭାବରେ ଗଠନ କର (ଅଥର୍ବ-୯, ୩, ୧୦) । ମଧ୍ୟ ସମାନ ଗୃହକୁ ସୁସଜ୍ଜିତ କର (ଅଥର୍ବ-୯, ୩, ୨୪) । ଅଥର୍ବ ବେଦରେ ଗୃହ ନକ୍ସା ନର୍ମାତାଙ୍କୁ 'ମାନପତ୍ର' ଓ 'ସୂତ୍ରଧାର' କୁହାଯାଇଛି ।

ବକାଶବାଦ ଦ୍ୱାରା ପ୍ରଭାବିତ ଆଧୁନିକ ବଦ୍ୱାନମାନେ କହନ୍ତି ଯେ ବୈଦିକ ସମାଜରେ ସୁଦୃଢ଼ ବବାହ ବନ୍ଧନ ଓ ପାରିବାରିକ ସଙ୍ଗଠନ ନଥିଲା । ଏଭଳି ଉକ୍ତି ସମ୍ପୂର୍ଣ୍ଣ ଭ୍ରମପୂର୍ଣ୍ଣ । ଦୁର୍ଭାଗ୍ୟର ବଷୟ ଯେ ଏଭଳି ସ୍ୱେଚ୍ଛାପୂର୍ଣ୍ଣ ଅନୁକଳ କରୁଥିବା ଲୋକେ ବେଦାଧ୍ୟୟନ ନକରି ମଧ୍ୟ ମନ୍ତବ୍ୟ ରଖନ୍ତି । ଅଥର୍ବ ବେଦ ପବିତ୍ର ବବାହ ବନ୍ଧନ, ସୁସଂବର, ଉତ୍ତମ ସନ୍ତାନୋତ୍ପତ୍ତି, ପାରିବାରିକ ପ୍ରେମ ଓ ଅତିଥି ସେବାର ମନୋଜ୍ଞର ବର୍ଣ୍ଣନା କରିଛନ୍ତି ।

ଅଥର୍ବ ବେଦ ଏକାଦଶ କାଣ୍ଡର ପଞ୍ଚମ ସୂକ୍ତ 'ବ୍ରହ୍ମଚର୍ଯ୍ୟ ସୂକ୍ତ' ନାମରେ ପ୍ରସିଦ୍ଧ । ଏଥିରେ ବଦ୍ୟମାନ ବବାଶଟି ମନ୍ତ୍ର ବ୍ରହ୍ମଚର୍ଯ୍ୟର ଗୌରବଗାନ କରିଛନ୍ତି । 'ବ୍ରହ୍ମ' ଅର୍ଥାତ୍ ସବୋତ୍ତମ ଜିନିଷର 'ଚର୍ଯ୍ୟ' ଅର୍ଥାତ୍ ଆଚରଣ ହିଁ 'ବ୍ରହ୍ମଚର୍ଯ୍ୟ' । ସବୋତ୍ତମ ଜ୍ଞାନ, ସବୋତ୍ତମ ପୁରୁଷାର୍ଥ ଓ ସବୋତ୍ତମ ଅଭିବୃଦ୍ଧିର ମୂଳମନ୍ତ୍ର ବ୍ରହ୍ମଚର୍ଯ୍ୟ ।

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

ଦ୍ୱାଦଶ କାଣ୍ଡର ପ୍ରଥମ ସୂକ୍ତରେ ଚେଷ୍ଟିତ ମନ୍ତ୍ର ଉପଲବ୍ଧ ହୁଏ । ଏହି ସୂକ୍ତର 'ଦେବତା' ଅର୍ଥାତ୍ ପ୍ରତିପାଦ୍ୟ ବସ୍ତୁ ହେଉଛି 'ଭୂମି' । ସମଗ୍ର ସୂକ୍ତ ଭୂମିମାତା ଓ ମାତୃଭୂମି ପ୍ରତି ଆଦରପୂର୍ଣ୍ଣ ବଲିଦାନ ଭାବନାରେ ଓତପ୍ରୋତ ।

ବେଦରେ ବହୁ ଜାତିର ପ୍ରାଣୀମାନଙ୍କ ବିଷୟରେ ବର୍ଣ୍ଣିତ । ବିଶେଷ କରି ଗାଈ ଓ ଘୋଡାଙ୍କ କଥା ବହୁ ସ୍ଥାନରେ ଉଲ୍ଲେଖ କରାଯାଇଛି । ଋଗ୍ ବେଦରେ ଗାଈକୁ 'ଅଘ୍ନ୍ୟ' ଅର୍ଥାତ୍ ଏହାକୁ ହତ୍ୟା କରାଯାଇ ପାରିବ ନାହିଁ ବୋଲି କୁହାସିବା ସଙ୍ଗେ ସଙ୍ଗେ ଗାଈକୁ ଦେବୀ ଭାବେ ବର୍ଣ୍ଣନା କରାଯାଇଛି । ଇଳା, ଅଦିତି ଓ ପୃଥ୍ୱୀଙ୍କୁ ସ୍ଥାନେ ସ୍ଥାନେ ଗାଈରୂପରେ କଳ୍ପନା କରାଯାଇଛି ।

ଅଥର୍ବ ବେଦ କେବେ ରଚନା କରାଯାଇଥିଲା ସେ ସମ୍ପର୍କରେ କୌଣସି ସଠିକ୍ ତଥ୍ୟ ମିଳେ ନାହିଁ । କିନ୍ତୁ ଅନେକ ପଣ୍ଡିତ ମତଦିଅନ୍ତି ଏହାର ରଚନା କାଳ ମନ୍ତ୍ରାଭ୍ୟରତ ପରେ । କାରଣ ଏଥିରେ ମନ୍ତ୍ରାଭ୍ୟରତ ଯୁଗର ପୁରୁଷ କୃଷ୍ଣ, କନ୍ଦେଜୟ ତଥା ପରୀକ୍ଷିତ ପ୍ରଭୃତିଙ୍କ ନାମ ଉଲ୍ଲେଖ ରହିଛି ।

ଅଥର୍ବ ଶିଖା-ସ୍ତ୍ରୀ ବି.-ଅଥର୍ବ ବେଦ ଅନ୍ତର୍ଗତ ଉପନିଷଦ୍ ବିଶେଷ ।

ଅଥର୍ବ ଶିରସ୍-କ୍ଲୀ. ବି.-ଅଥର୍ବ ବେଦର ଅନ୍ତର୍ଗତ 'ଅଥର୍ବ ଶିରସ୍ଃ' ବା 'ଅଥର୍ବ ଶିରସ' ନାମକ ବ୍ରହ୍ମବିଦ୍ୟା ପ୍ରତିପାଦକ ଉପନିଷଦ୍ ବିଶେଷ ।

ଅଥର୍ବା-ପୁଂ. ବି.-ଅଥର୍ବ ନାମକ ଋଷି ବିଶେଷ, ବେଦର ବ୍ରାହ୍ମଣ ବର୍ଗ । ଋଗ୍ ବେଦରେ ୧୪ଟର ଅଧିକ ଓ କହୁଁଟର ଅଧିକ ମାନଙ୍କ ନାମର ଉଲ୍ଲେଖ ଅଛି । ଏହି ଋଷି ବେଦରେ ଅଗ୍ନି ପୁରୋହିତରୂପେ ପ୍ରସିଦ୍ଧ । ମୁଣ୍ଡକ-ଉପନିଷଦରେ ଲେଖା ଅଛି ଯେ ଅଥର୍ବା ବ୍ରହ୍ମାଙ୍କର ଜ୍ୟେଷ୍ଠ ପୁତ୍ର ଥିଲେ । ଦେବତାଙ୍କ ମଧ୍ୟରେ ବ୍ରହ୍ମା ପ୍ରଥମେ ଉତ୍ପନ୍ନ ହୋଇଥିଲେ । ସେ ନିଜର ଜ୍ୟେଷ୍ଠପୁତ୍ର ଅଥର୍ବାଙ୍କୁ ସକଳ ବିଦ୍ୟାର ମୂଳ ସ୍ୱରୂପ ବ୍ରହ୍ମ ବିଦ୍ୟାର ଉପଦେଶ ପ୍ରଦାନ କରିଥିଲେ । ବ୍ରହ୍ମା ଅଥର୍ବାଙ୍କୁ ଯାହା ଶିକ୍ଷା ପ୍ରଦାନ କଲେ, ଅଥର୍ବ ଋଷି ସେହି ବିଦ୍ୟାକୁ ଅଙ୍ଗିରାଙ୍କ ପାଖରେ ପ୍ରକାଶ କଲେ । ଅଙ୍ଗିରା ଭରଦ୍ୱାଜ ବଂଶୋଦ୍ଭବ ସତ୍ୟବାହଙ୍କୁ ଡାକି କହିଲେ । ସତ୍ୟବାହ ସେହି ଶ୍ରେଷ୍ଠ ବିଦ୍ୟାକୁ ଅଙ୍ଗିରସଙ୍କୁ ଶିଖାଇଲେ ।

ଅଗ୍ନି ସମ୍ବନ୍ଧ ସମ୍ପୃକ୍ତ ଭୃଗୁ ଓ ଅଙ୍ଗିରାଙ୍କ ସମ୍ବନ୍ଧ ଅଥର୍ବାଙ୍କ ନାମର ଉଲ୍ଲେଖ ଦେଖାଯାଏ । ଅଥର୍ବ, ଭୃଗୁ ଓ ଅଙ୍ଗିରା ବୈଦିକ ଆର୍ଯ୍ୟ ସମାଜରେ ଅଗ୍ନ୍ୟୁତ୍ପାଦନ ପ୍ରଣାଳୀର ପ୍ରବର୍ତ୍ତନ କରିଥିଲେ । ଋଗ୍ ବେଦର (୬, ୧୬, ୧୩) ତୈତ୍ତିରୀୟ ବ୍ରାହ୍ମଣ ଓ ତାଣ୍ଡ୍ୟ ମହାବ୍ରାହ୍ମଣରେ ଉକ୍ତ ହୋଇଛି ଯେ, ଅଥର୍ବା ପୁଷ୍କରରୁ ଅଗ୍ନିକୁ ଉତ୍ପାଦନ କରିଥିଲେ । ଏହି ପୁଷ୍କର ଶବ୍ଦର ଅର୍ଥ ପଦ୍ମପତ୍ର ବୋଲି ସାୟଣ କହିଅଛନ୍ତି । ଆଉ କେହି କେହି ମତ ଦିଅନ୍ତି ପୁଷ୍କର ଅର୍ଥ ଅରଣି-କାଷ୍ଠ-ମଧ୍ୟସ୍ଥ ଛିଦ୍ର । ତେଣୁ ଘର୍ଷଣ ଦ୍ୱାରା ଅଗ୍ନ୍ୟୁତ୍ପାଦନ ପ୍ରଥମେ ଅଥର୍ବା କରିଥିଲେ ଓ ପରେ ଅଙ୍ଗିରା ଏହି ଅଗ୍ନ୍ୟୁତ୍ପାଦନ ପ୍ରଣାଳୀର ଉନ୍ନତି ବିଧାନ କରିଥିଲେ । ଆଉରି ମଧ୍ୟ ଜଣାଯାଏ ଯେ ଅଥର୍ବା ବୃକ୍ଷ ଶାଖାର ନିବିଡ ଘର୍ଷଣରୁ ଜାତ ଏବଂ ହୋତ୍ରରେ ବିଦ୍ୟମାନ ବନାଗ୍ନିକୁ ଶୁଷ୍କ ପଦ୍ମପତ୍ର ସାହାଯ୍ୟରେ ସଂରକ୍ଷଣ କରିବା ବିଧିର ପ୍ରବର୍ତ୍ତନ କରିଥିଲେ । ପୂର୍ବୋକ୍ତ ଭୃଗୁ ଓ ଅଙ୍ଗିରାଙ୍କ ନାମର ବହୁଳ ପ୍ରୟୋଗ ଋଗ୍ ବେଦରେ ଥିବାରୁ ଏମାନଙ୍କୁ ଏକବଂଶୀୟ ରୂପେ ପଣ୍ଡିତମାନେ ଗ୍ରହଣ କରିଥାନ୍ତି । ଋଗ୍ ବେଦର କୌଣସି ମନ୍ତ୍ର ତାଙ୍କଦ୍ୱାରା ରଚିତ ହୋଇ ନଥିଲେ ହେଁ ତାଙ୍କ ନାମର ବହୁବାର ଉଲ୍ଲେଖ ତାଙ୍କର ପ୍ରାଚୀନତାକୁ ପ୍ରମାଣିତ କରୁଛି । ଗ୍ରାସମ୍ୟଣ୍ଟ, ମନ୍ତ୍ରାଭ୍ୟରତ ଓ ପୁରାଣମାନଙ୍କରୁ ଜଣାଯାଏ ଯେ, ଅଥର୍ବା ଅଗ୍ନିଙ୍କ ସହ ଘନିଷ୍ଠଭାବେ ସମ୍ପୃକ୍ତ ।

ଶାନ୍ତି ଓ ଚିତ୍ତି ନାମରେ ଅଥର୍ବାଙ୍କର ଦୁଇଟି ସ୍ତ୍ରୀ ଥିଲେ । ପ୍ରଥମେ ବେଦର ମନ୍ତ୍ର ଗୁଡିକ ପଦ୍ୟ, ଗଦ୍ୟ ଓ ଗୀତମୟ ଥିଲା । ପ୍ରଥମେ ବେଦର ମନ୍ତ୍ର ଗୁଡିକ ସଂହିତା ନାମରେ ଅବିହିତ କରାଯାଇଥିଲା । ମହର୍ଷି ଅଥର୍ବ କିନ୍ତୁ ସେଥିରୁ ଐହିକ ପ୍ରତ୍ୟକ୍ଷ ଫଳପ୍ରଦ ଯାଗଯଜ୍ଞ ଓ ଶନ୍ତି ସାରଣାଦି ଉପଯୋଗୀ ପ୍ରକରଣ ଗୁଡିକ ଏକତ୍ର କରି ନିଜ ନାମରେ ସଙ୍କଳନ କଲେ । ତା'ର ନାମ ହେଲା ଅଥର୍ବ ବେଦ । ସେହି ଦିନଠାରୁ ବେଦ ଦୁଇ ଭାଗରେ ସଂହିତା ଓ ଅଥର୍ବ ନାମରେ ବିଭକ୍ତ ହେଲା । ମହର୍ଷି କୃଷ୍ଣ ଦ୍ୱୈପାୟନ ଏହି ସଂହିତା ଗୁଡିକ ଋକ୍, ଯଜୁଃ ଓ ସାମ ତିନି ଭାଗରେ ବିଭକ୍ତ କରିଦେଲେ । ସେହି ତିନିଠାରୁ ଋକ୍, ଯଜୁଃ, ସାମ ଓ ଅଥର୍ବ ନାମରେ ବେଦ ଚାରି ଭାଗରେ ବିଭକ୍ତ ହୋଇଛି ।

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

ଅଥର୍ବାଙ୍ଗିରସ-ପୁଂ ବ.- ବୈଦିକ ଋଷି ଅଥବା । ଆଙ୍ଗିରସ ଅନୁବର୍ତ୍ତୀମାନଙ୍କ କୁହାଯାଏ ଅଥବାଙ୍ଗିରସ । ଯାଗଯଜ୍ଞ ପ୍ରଭୃତି ଅଥବବେଦମତେ କାର୍ଯ୍ୟକାଣ୍ଡ ହେଉଛି ଏ ନାହିଁ, ଏହା ଦେଖିବା ଥିଲା ଏମାନଙ୍କ କାର୍ଯ୍ୟ । ଯେଉଁଠି ତ୍ରୁଟି ପରିପଲ୍ଷିତ ହେଉଥିଲା, ସେଠାରେ ଏମାନେ ତାହା ସଂଶୋଧନ କରୁଥିଲେ । ଏମାନଙ୍କ ମଧ୍ୟରୁ କେତେଜଣ ଅଥର୍ବାଙ୍ଗିରସ କେତେଗୁଡିଏ ମନ୍ତ୍ର ରଚନା କରିଥିଲେ ଓ ସେମାନଙ୍କୁ ମନ୍ତ୍ରଦ୍ରଷ୍ଟା ବୋଲି କୁହାଯାଉଥିଲା ।

ଅଥର୍ବାଣ- ସଂ.ବ. (ଅଥବ୍ଵନ + ଅ)-ଅଥବବେଦ, ଅଥବ ବେଦୋକ୍ତ କ୍ରିୟା କାଣ୍ଡ ।

ଅଥର୍ବାଣି- ସଂ.ବ.ପୁଂ. (ଅଥବ୍ଵନ + ଇ)-ଅଥବ ବେଦ ପାରଗ ବ୍ରାହ୍ମଣ, କୌଣସି ବଂଶର ନର୍ଦ୍ଦିଷ୍ଟ ପୁରୋହିତ ।

ଅଥର୍ବାଣୀ- ଗ୍ରା. (ପଦ୍ୟ)ବ. (ସଂ. ଅଥବାଣ)- ଅଥବ ବେଦ ।

ଅଥର୍ବାଧ୍ୟପ- ପୁଂ.ବ. (ଚତୁର୍ଥୀ ତତ୍ପୁ.) ଅଥବ ବେଦର ଅଧ୍ୟୟନ ବୃଧ ଗ୍ରନ୍ଥ ।

ଅଥର୍ବୀ- ସ୍ତ୍ରୀ ବଣ.-ଯେ ହିଂସା କରେ ନାହିଁ ।

ଅଥଲ୍-ପ୍ରାଦେ. (ସମ୍ବଲପୁର) ବଣ. (ଅ + ସ୍ଥଳ)- ଅଥଳ (ଦେଖନ୍ତୁ)

ଅଥଳ-ଦେ.ବଣ. (ସଂ. ଅ + ସ୍ଥଳ, କମ୍ବା ଅତଳ)-ଅତଳ-ସ୍ପର୍ଶ, ଅଗାଧ, ଅତଳସ୍ପର୍ଶ, ଯେଉଁ ନଦୀ ଆଦିକୁ ଲୋକେ ପହିଯାଇ ଅର୍ଥାତ୍ ବନା ଡଙ୍ଗାରେ ବା ନ ପହଁରି ପାର ହୋଇ ପାରନ୍ତି ନାହିଁ ।

ଗ୍ରା.ବ.(ସଂ.ଅ + ସ୍ଥଳ)-ଅସ୍ଥାନ,ଅଯୋଗ୍ୟ ବା ମନ୍ଦସ୍ଥାନ, ସମାଜରେ (ବବାହ ବା ଭୋଜନ ବସ୍ପର୍କ ବଗିରରେ) ଆପଣାଠାରୁ ନୀଚଭର କୁଳ ବା ବଂଶ, ସମୁଦ୍ର ବା ସାଗରର ଗଭୀରତମ ପ୍ରଦେଶ ।

ଅଥଳ ଜଳ-ଗ୍ରା. ବଣ. (ସଂ. ଅତଳ) ଅଥଳ(ଦେଖନ୍ତୁ) ଯେଉଁ ଜଳ ସ୍ତରରେ ସ୍ଥାନେ ସ୍ଥାନେ ଭଲକୁ ଗୋଡ ପାଏ ଓ ସ୍ଥାନେ ସ୍ଥାନେ ଗୋଡ ପାଏ ନାହିଁ ।

ଅଥଳଥଳ-ଗ୍ରା.ବଣ.- ଅଥଳଭଳ (ଦେଖନ୍ତୁ)

ଅଥା-ପ୍ରାଦେ. (ସମ୍ବଲ) ବଣ. (ସଂ.ଅଥବ)- କ୍ଲାନ୍ତ, ଅବସନ୍ନ, ହାଲିଆ ।

ବ.- କ୍ଲାନ୍ତି, ଅବସାଦ ।

ଅଥାଇ-ସ୍ତ୍ରୀ. ବଣ. (ସଂ. ଅସ୍ଥାୟୀ) - ଅସ୍ଥାୟୀ, ଅତିରସ୍ଥାୟୀ ।

ଅଥାଇଡ୍-ସ୍ତ୍ରୀ. ବଣ. (ଅସ୍ଥାୟୀ)- ଅଥାଡା (ଦେଖନ୍ତୁ)

ସ୍ତ୍ରୀ.ବ. (ସଂ.-ଅସ୍ଥାୟିତ୍ଵ) -ଅସ୍ଥାୟିତ୍ଵ ।

ଅଥାଇଡ଼- ସ୍ତ୍ରୀ.ବଣ ଓ ବ.- ଅଥାଇଡ୍ (ଦେଖନ୍ତୁ)

ଅଥାଏଡ୍- ସ୍ତ୍ରୀ.ବଣ. ଓ ବ.- ଅଥାଇଡ୍ (ଦେଖନ୍ତୁ)

ଅଥାଏଡା- ସ୍ତ୍ରୀ.ବଣ.ବ.- ଅଥାଇଡ୍ (ଦେଖନ୍ତୁ)

ଅଥାଡା-ଦେ.ପୁଂ. ସ୍ତ୍ରୀ.ବଣ. (ସଂ. ଅ + ସ୍ଥୀତା)-ନଗ୍ନଗ୍ରନ୍ଥି, ଆଶ୍ରୟ ବଞ୍ଚନ, ଗୃହଶୂନ୍ୟ, ଯାହାର ରହିବାର ସ୍ଥାନ ନାହିଁ, ଅରଚ୍ଛିତ, ବେମୁରବ୍ଦିଆ, ଯାହାର କେହି ଯତ୍ନ ବା ଭତ୍ତା ନେବାକୁ କେହି ନାହିଁ, ଯେଉଁଠାରେ କେହି ଜଗୁଆଳି ନାହିଁ ।

ପ୍ରାଦେ. (ପୁଗ୍ଗ) ବ.- ଅସ୍ତାଡା (ଦେଖନ୍ତୁ)

ଅଥାଡାମଣ୍ଡପ- ଦେ.ବ.- ଯେଉଁ ଘର ବା ସ୍ଥାନର କେହି ଜଗୁଆଳି ବା ମାଲିକ ନାହିଁ ।

ଅଥାଡା ହକର-ପ୍ରାଦେ. (ପୁଗ୍ଗ) ବ.-ଅସ୍ତାଡା(ଦେଖନ୍ତୁ)

ଅଥାଥାଇ-ପ୍ରାଦେ. (ବଲଙ୍ଗୀର)-ଅସ୍ଥିର ଅବସ୍ଥା ।

ଅଥାନ-ଦେ.ବ (ସଂ. ଅସ୍ଥାନ)- ଅସ୍ଥାନ, ମନ୍ଦସ୍ଥାନ, ଅଯୋଗ୍ୟସ୍ଥାନ, ଅନର୍ଦ୍ଦିଷ୍ଟ ସ୍ଥାନ ।

ଦେ ବଣ.-ସ୍ଥାନାନ୍ତରିତ, ଆଶ୍ରୟଶୂନ୍ୟ, ଗୃହଶୂନ୍ୟ ।

ଅଥାନନ୍ତର-ସଂ.ଅ. (ଅଥ + ଅନନ୍ତର)-ବର୍ତ୍ତମାନ ।

ଅଥାନଫାଙ୍ଗୁଳା-ଦେ.ବଣ ପୁ.-ଯେଉଁ ବ୍ୟକ୍ତ ଜନପ ପଦ ଅସ୍ଥାନରେ ରଖେ ବା ପକାଏ, ଗରହୁସିଆର, ଅସାବଧାନ (ବ୍ୟକ୍ତ), ଯେଉଁ ଜନପ ଯେଉଁଠାରେ ରହିବାର କଥା ସେଠାରେ ନ ରଖି ଅନ୍ୟ ସ୍ଥାନରେ ଯେ ଜନପତ୍ରମାନ ରଖେ ।

(ଅଥାନଫାଙ୍ଗୁଳା-ସ୍ତ୍ରୀ)

ଅଥାନଫୁଙ୍ଗୁଳା-ଦେ.ବଣ.ପୁଂ(ଅଥାନଫାଙ୍ଗୁଳା(ଦେଖନ୍ତୁ)

ଅଥାନ ବାଉଳା-ଦେ. ପୁଂ. ବଣ. (ସଂ. ଅସ୍ଥାନ + ବାତୁଳ)-ଯେଉଁ ବ୍ୟକ୍ତ ଥାନକେ ରଖି ଥାନକେ ଖୋଜେ, ବସ୍ମରଣଶୀଳ, ଭୋଳା, କାଫଜ୍ଞମରେ ଶୃଙ୍ଖଳାହୀନ ।

(ଅଥାନଫାଙ୍ଗୁଳା-ଦେଖନ୍ତୁ)

(ଅଥାନ ବାଉଳୀ-ସ୍ତ୍ରୀ)

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

ଅଥାନସିଅସ୍-ବୈଦେ. ବ. (ନାମ)-ମହାତ୍ମା ଅଥାନସିଅସ୍‌ଙ୍କ ଜନ୍ମ ଖ୍ରୀ: ୬୯୮ ଓ ମୃତ୍ୟୁ ଖ୍ରୀ: ୩୭୩ । ସେ ଇଜିପ୍ଟ୍‌ର ଆଲେକ୍‌ଜାଣ୍ଡ୍ରିଆରେ ଜନ୍ମ ଗ୍ରହଣ କରିଥିଲେ । ବାଲ୍ୟକାଳରୁ ଅଥାନସିଅସ୍ ଗ୍ରୀକ୍ ଭାଷା ମାଧ୍ୟମରେ ଶିକ୍ଷା ପାଇବା ପରେ ପରବର୍ତ୍ତୀ କାଳରେ ଗ୍ରୀକ୍ ଭାଷା ଓ ସାହିତ୍ୟରେ ଖୁବ୍ ପାଣ୍ଡିତ୍ୟ ଅର୍ଜନ କରିଥିଲେ । ବାଇବେଲ୍‌ର ଗ୍ରୀକ୍-ସଂସ୍କରଣ ଉପରେ ଏପରି ଅଧ୍ୟୟନ କରିଥିଲେ ଯେ ଚାର୍ଚ୍ଚ କେହି ଏଥିରେ ପରିବର୍ତ୍ତନ କରି ପାରୁ ନଥିଲେ । ଚାର୍ଚ୍ଚ ୨୭ ବର୍ଷ ବୟସ ହେବାବେଳକୁ ସେ ମଧ୍ୟ-ପ୍ରାଚ୍ୟ ପଣ୍ଡିତମାନଙ୍କ ଦୃଷ୍ଟିରେ ପଡ଼ିଥିଲେ । ଫଳରେ ୩୨୫ ଖ୍ରୀଷ୍ଟାବ୍ଦରେ ତାଙ୍କ ବିଶପଙ୍କ ସହିତ ସେ 'ନାଇସିଆ ସମ୍ମିଳନୀ'ରେ ଯୋଗ ଦେବା ସଙ୍ଗେ ସଙ୍ଗେ ତାଙ୍କର ଅଗାଧ ପାଣ୍ଡିତ୍ୟଯୋଗୁ ୩୨୮ ଖ୍ରୀଷ୍ଟାବ୍ଦରେ ଆଲେକ୍‌ଜାଣ୍ଡରଙ୍କ ସ୍ଥାନରେ ବିଶପ ହୋଇ ପାରିଥିଲେ । ସେ ଜଣେ ଉଚ୍ଚକୋଟୀର ସାଧକ ଥିଲେ । ନିଜର ସାଧନା ବଳରେ ସେ ଆରିଅସ୍‌ଙ୍କ ପ୍ରଗତିଶୀଳ ମତକୁ ବଳିଷ୍ଠ ଯୁକ୍ତି ମାଧ୍ୟମରେ ଖଣ୍ଡନ ଓ ବିରୋଧ କରି ଗୀର୍ଜାର ସ୍ୱତନ୍ତ୍ରତାକୁ ରକ୍ଷା କରିଥିଲେ । କିନ୍ତୁ ପରେ ତାଙ୍କ ପାଣ୍ଡିତ୍ୟକୁ ସହ୍ୟ କରି ନ ପାରି ତାଙ୍କ ବିରୁଦ୍ଧରେ ଘୋର ଷଡ଼ଯନ୍ତ୍ର କରି ବସିଲେ ଷଡ଼ଯନ୍ତ୍ରକାରୀଙ୍କ ଯୋଗୁଁ ସେ ବିଶପ ପଦବୀରୁ ଅବ୍ୟାହତି ନେବାକୁ ବାଧ୍ୟ ହୋଇଥିଲେ । ତେଣୁ ସେ ରାଜ୍ୟ ଛାଡ଼ି ଅନ୍ୟତ୍ର ପଳାୟନ କଲେ । ପରେ ସେ ରାଜ୍ୟକୁ ଫେରି ପୁନର୍ବାର ରାଜ୍ୟ ଗ୍ରହଣ କରିବାକୁ ତାଙ୍କର ଇଚ୍ଛା ନଥିଲା । ତାଙ୍କଦ୍ୱାରା ପ୍ରସୂତ ଧର୍ମମତକୁ ଗ୍ରହଣ କରି ନନ୍ଦା କରିଗଲା । କିନ୍ତୁ ୩୫୩ ଖ୍ରୀଷ୍ଟାବ୍ଦରେ ସାର୍ଡିକା କାଉନସିଲ୍‌ରେ ୧୭ଜଣ ବିଶପ ତାଙ୍କୁ ସମର୍ଥନ କରିବାରୁ ସେ ବିଶପ ପଦ ଫେରିପାଇଥିଲେ ।

କାନ୍‌ଷ୍ଟାଣ୍ଟିଅସ୍ ୩୩୭ ଖ୍ରୀ: ରେ ସମ୍ରାଟ ପଦଲାଭ କରିବା ପରେ ଆରିଅସ୍‌ଙ୍କ ପ୍ରଭାବ ବଢ଼ିଗଲା । ଫଳରୁ ଅଥାନସିଅସ୍ ଆରିଅସ୍‌ଙ୍କ ମତକୁ ବିରୋଧ କରିଥିବାରୁ, ଆରିଅସ୍‌ଙ୍କ ଦ୍ୱାରା ସେ ନିଇଗ୍ରହ ହେଲେ । ଆରିଅସ୍‌ଙ୍କ ଷଡ଼ଯନ୍ତ୍ର ଯୋଗୁ ଜଲେ ସୈନ୍ୟ ତାଙ୍କୁ ବନ୍ଦୀ କରିବାକୁ ଉଦ୍ୟମ କରୁଥିବା ବେଳେ ସେ କୌଶଳରେ ଇଜିପ୍ଟ୍‌ର ମରୁଭୂମିକୁ ଖସି ପଳାୟନ କଲେ । ଅଥାନସିଅସ୍‌ଙ୍କୁ ଧରାଇଦେବା ନିମନ୍ତେ ପୁରସ୍କାର ଘୋଷଣା କରାଗଲା । ଏଭଳି ପୁରସ୍କାର ଘୋଷଣା ଶୁଣିବା ପରେ ସେ ଇଜିପ୍ଟ୍‌ର ଉତ୍ତର ଅଞ୍ଚଳରେ ଥିବା ଆଉ ଗୋଟିଏ ମରୁଭୂମିରେ ଆତ୍ମଗୋପନ କଲେ । ସେଠାରେ ସେ ଦଶବର୍ଷ ପର୍ଯ୍ୟନ୍ତ ଆତ୍ମଗୋପନ କରି ରହିବା ସମୟରେ ଅନେକ ଗୁଡ଼ିଏ ଗ୍ରନ୍ଥକ ରଚନା କରିଥିଲେ । ତାଙ୍କର ଜଣେ ଭକ୍ତ ନିଜ ଜୀବନକୁ ବିପନ୍ନ କରି ତାଙ୍କ ସହିତ ରହି ତାଙ୍କୁ ସାହାଯ୍ୟ କରୁଥିଲେ ।

୩୬୨ ଖ୍ରୀ: ଯେତେବେଳେ ଜୁଲିଆନ ସମ୍ରାଟ ହୋଇ ଘୋଷଣା କଲେ ଯେ, ସବୁ ଧର୍ମ ମତକୁ ସମ୍ମାନ ଦିଆ ଯିବ, ସେତେବେଳେ ଅଥାନସିଅସ୍ ଆଲେକ୍‌ଜାଣ୍ଡ୍ରିଆକୁ ଫେରି ଆସି ନିର୍ଭୀକଭାବରେ ନିଜର ମତବାଦ ପ୍ରଚାର କଲେ । କିନ୍ତୁ ସମ୍ରାଟ ଜୁଲିଆନ ଅଥାନସିଅସ୍‌ଙ୍କ ମତବାଦକୁ ସହ୍ୟ କରି ନପାରି, ତାଙ୍କୁ ବନ୍ଦୀକରିବାକୁ ଆଦେଶ ଦେଲେ । ଫଳରେ ସେ ଛଅପତି ବର୍ଷ ବୟସରେ ଥେବାନ୍ ମରୁଭୂମିରେ ୩୬୬ ଖ୍ରୀ: ପର୍ଯ୍ୟନ୍ତ ଆତ୍ମଗୋପନ କରି ରହିଲେ ।

ଜୁଲିଆନଙ୍କ ପରେ ଜୋଭିୟାନ ସମ୍ରାଟ ପଦଲାଭ କରିବାରୁ ଅଥାନସିଅସ୍ ଆତ୍ମ ପ୍ରକାଶ କଲେ । ପୁଣି ଭାଲେନ୍ସ ସମ୍ରାଟ ହେବା ସମୟରେ ଆରିୟସଙ୍କ ଧର୍ମପନ୍ଥୀମାନେ ପ୍ରବଳ ହୋଇ ଉଠିବାରୁ ସେ ଦେଶାନ୍ତର ହେଲେ । ସେ ଦେଶାନ୍ତର ହେବାର ଛଅ ମାସ ପରେ ବହୁ ବିଶିଷ୍ଟ ବ୍ୟକ୍ତି ବୃନ୍ଦ ସହିତ ଅଥାନସିଅସ୍‌ଙ୍କି ଦେଶକୁ ଫେରିଯାଇ ଆଣିବାକୁ ସମ୍ରାଟ ଭାଲେନ୍ସଙ୍କି ଅନୁରୋଧ କରିବାରୁ ସେ ପୁନର୍ବାର ଦେଶକୁ ଫେରିଆସି ଶେଷ ଜୀବନ ପର୍ଯ୍ୟନ୍ତ ନିଜ ଦେଶରେ ଜୀବନ ଯାପନ କରିଥିଲେ ।

ଖ୍ରୀଷ୍ଟ ଧର୍ମାବଲମ୍ବୀମାନେ ଅଥାନସିଅସ୍‌ଙ୍କ ପାଇଁ ଗର୍ବ ଗର୍ବ କରନ୍ତି । ତାଙ୍କର ବନ୍ଧୁତ୍ୱ ସ୍ୱଭାବ, ନିଜ ବିଶ୍ୱାସରେ ଦୃଢ଼ତା, ନିର୍ଭୀକ ଜୀବନ ଓ ଅସାଧାରଣ ପାଣ୍ଡିତ୍ୟ ଯୋଗୁ ସେ ସମସ୍ତଙ୍କ ନିକଟରେ ଆଜି ପର୍ଯ୍ୟନ୍ତ ଭକ୍ତିର ପାତ୍ର ହୋଇ ରହିଛନ୍ତି । ସେ ବହୁ ପୁସ୍ତକ ରଚନା କରିଛନ୍ତି । ତାଙ୍କ ରଚିତ ପ୍ରଥମ ଗ୍ରନ୍ଥ 'ଅନ୍ ଦ ଇନ୍‌କାରନେସନ୍' ଖୁବ୍ ପ୍ରସିଦ୍ଧ । 'ଏଗେନ୍ଷ୍ଟ ଦ

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

ହ୍ୱଡେନ୍' ମଧ୍ୟ ଚାଙ୍ଗର ଗୋଟିଏ ପ୍ରସିଦ୍ଧ ପୁସ୍ତକ ।
(ଦେଖନ୍ତୁ-ଆଲ୍‌ବୟୁସ୍, ଶ୍ରୁଷ୍ଟମି)

ଅଥାଳଆଁ-ଦେ. ବଶ.-ଅଥ ନ (ଦେଖନ୍ତୁ)

ଅଥାଳୀ-ଦେ. ବଶ. (ସଂ. ଅ + ସ୍ଥ ନସ୍ୟ)-ସେଉଁ ବ୍ୟକ୍ତି କୌଣସି ସ୍ଥାନର ସ୍ଥାୟୀ ଅଧିବାସୀ ନୁହେଁ, ଅସ୍ଥ ନସ୍ୟ, ଯେଉଁବ୍ୟକ୍ତି ଏକ ସ୍ଥାନରେ ଚରସ୍ଥାୟୀ ରୂପେ ବାସ୍ତବରେ ନାହିଁ, ଯାହାର ସ୍ଥାୟୀ ଘର ନାହିଁ, ଗୃହଶୂନ୍ୟ, ଅଘରଅ, ଯେ ସବୁଦିନ ଆପଣା ବାସସ୍ଥାନକୁ ପରିବର୍ତ୍ତନ କରେ, ଯାଯାବର' ମଦ୍ଦ ଅଞ୍ଚଳର ଅଧିବାସୀ ।

ଅଥାବସ୍‌କା-ବୈଦେ. ବି. (ନାମ) - (୧) ଉତ୍ତର ଆମେରିକାସ୍ଥ କାନାଡା ଦେଶର ଉତ୍ତର-ପୂର୍ବରେ ଥିବା ନଦୀ । ଏହାର ଲମ୍ବ ୭୭୫ ମାଇଲ । ଓଡିଶାର ବଡ ନଦୀ ମହାନଦୀର ପ୍ରାୟ ଦେଢଗୁଣ । ଏହା ଅଥାବସ୍‌କା ହ୍ରଦରେ ପଡିଛି । ୫୬.୧୦ଡିଗ୍ରୀ ଉତ୍ତର ଓ ୧୧୭. ୧୦ଡିଗ୍ରୀ ପଶ୍ଚିମରେ ଏହାର ଉତ୍ପତ୍ତିସ୍ଥଳ ।

(୨) ଉତ୍ତର-ଆମେରିକାସ୍ଥ କାନାଡା ଦେଶର ଗୋଟିଏ ହ୍ରଦ । ଏହାର ଅବସ୍ଥିତି ୫୯ ୧ଡିଗ୍ରୀ ଉତ୍ତର ଅକ୍ଷାଂଶ ଓ ୧୦୯.୫ଡିଗ୍ରୀ ପଶ୍ଚିମ ଦ୍ରାଘିମାରେ । ଲମ୍ବ ୨୦୮ ମାଇଲ । କ୍ଷେତ୍ରଫଳ ୫୦୮୫ ବର୍ଗମାଇଲ । ସମୁଦ୍ର ପତ୍ତନରୁ ପ୍ରାୟ ୭୦୦ ଫୁଟ ଉଚ୍ଚ ପାହାଡିଆ ଅଞ୍ଚଳ ଏହାର ଜନ୍ମସ୍ଥାନ ।

ଅଥାବସ୍‌କାନ-ବୈଦେ. ବ.-(୧) ଉତ୍ତର-ଆମେରିକାର ଏକ ଆଦିବାସୀ ଜାତି । ସେମାନେ ଶିକାର କରି ଜୀବିକା ନର୍ବାହ କରନ୍ତି । ପଶୁ ଚମଡାରେ ଘର ଏବଂ ପୋଷାକ ତିଆରି କରିବା କୌଶଳ ଏମାନଙ୍କୁ ଖୁବ୍‌ଭଲରେ ଜଣା । ଏହି ଜାତିର ଲୋକମାନେ ଖୁବ୍ ବଳବାନ୍ ଓ ଓ ସାହସୀ ।

(୨) ଉତ୍ତର-ଆମେରିକାର ଆଦିବାସୀ ବା ଲେଡ୍ଡଚ ଖ୍ରୀଷ୍ଟିୟମାନଙ୍କର ଭାଷା ବିଶେଷ । ଉକ୍ତ ଭାଷାର ଅନ୍ୟ ନାମ ଡେନେ, ଟିନେହ୍ ବା ଅଥାପସ୍‌କନ୍ । ଉତ୍ତର ପଶ୍ଚିମ କାନାଡା, ଆଲାସ୍କା, ପ୍ରଶାନ୍ତ ମହାସାଗର କୂଳରେ ଥିବା କେତେକ ଅଞ୍ଚଳ, ନିମ୍ନ ମେକ୍ସିକୋ ଏରିକୋନା ଓ ଟେକ୍‌ସା ଅଞ୍ଚଳରେ ଥିବା ଲେଡ୍ଡଚ ଖ୍ରୀଷ୍ଟିୟମାନେ ଏହି ଭାଷା ବ୍ୟବହାର କରନ୍ତି । ଚୀନ ଓ ତିବ୍ବତ ଭାଷା ପରିବାର ସହିତ ଏହି ଭାଷାର ସମ୍ପର୍କ ଥିବାର ଜଣାଯାଏ ।

ଅଥାବର୍-ପ୍ରାଦେ. (ସମ୍ବଲପୁର)-ଅସ୍ଥିର ଅବସ୍ଥା ।

ଅଥାର-ଦେ. ବି. (ସଂ. ଅତ୍ତରଣ, ପ୍ରା. ଅଥରଣ, ହାଣ୍ଡି ମୁହଁରେ କନାର ଅତ୍ତରଣ ଚଢା ଯିବାରୁ)-ନଡିଆଁ ଉପରେ ବସାଯାଇଥିବା ପାର୍ଚ୍ଚ ହାଣ୍ଡି ମୁହଁରେ କନା ବାନ୍ଧି କନା ଉପରେ ପିଠରୁ ଲଦି ପିଠା ତିଆରି କରିବା ପ୍ରଣାଳୀ ।

ଏଣ୍ଡୁ, ମଣ୍ଡା, ଚଣ୍ଡୁ। ପିଠାକୁ ବାଷ୍ପଦ୍ୱାରା ସିଝି ଇବା ପାଇଁ ମୁହଁରେ କନା ବନ୍ଧାଯାଇଥିବା ଅର୍ଦ୍ଧ ଜଳପୂର୍ଣ୍ଣ ହାଣ୍ଡି, ହାଣ୍ଡି ପିଠି ଉପରେ ଯେଉଁ କମ୍ବଳ ବା ମୋଡା କପଡା ପଡିଥାଏ ।

ଏହି ପ୍ରଣାଳୀରେ ପିଠା ପାକ କରିବା ପୂର୍ବରୁ ଗୋଟିଏ ହାଣ୍ଡି ଅଣାଯାଏ । ବାଉଁଶ 'କଣ୍ଡି'କୁ ମୋଡି ଗୋଟିଏ ଗୋଲେଇ ତିଆରି କରି, ସେହି 'ଗୋଲ ମୋଡିଆ'କୁ ହାଣ୍ଡିର ମଧ୍ୟ ଅଂଶରେ ରଖାଯାଏ । ଏହି ଗୋଲ ମୋଡିଆ ଉପରେ ଖଣ୍ଡ ଖଣ୍ଡ ବାଉଁଶ କାଠି ପାଖାପାଖି ପର ରଖାଇ ତିଆରି ଯାଏ । ଏହା ଉପରେ ଆବଶ୍ୟକ ମୁତାବକ ଛଣ ବା ନଡାକୁ କାଟି ପାଖ ତିଆରି ଯାଏ । ଏପରି ଭାବେ ଏହା କରିସାରିଥାଏ ଯେ ତା' ଉପରେ ପିଠା ରଖିଲେ ଆଦୌ ଛଳକୁ ତଳକୁ ପଡିପଡେ ନାହିଁ । ଛଣ ବା ନଡା ଗୋଲ ମୋଡିଆ ଉପରେ ଦେବା ପରେ, ତା' ଉପରେ ପାଣି ଢାଳି ତିଆରି ଯାଏ । ହାଣ୍ଡିରେ ଢଳା ଯାଇଥିବା ପାଣି ଏହି ଗୋଲ ମୋଡିଆକୁ ନ ଲଗି ତା' ତଳେ ରହେ । ତା' ପରେ ଏହି ଅଥାର ପ୍ରସ୍ତୁତ ହାଣ୍ଡିକୁ ଚୂଲି ଉପରେ ବସାଇ ତିଆରି ଯାଏ । ଯେଉଁ ପିଠା ସିଝାଇବା କଥା, ସେହି ପିଠା ତିଆରି କରି ନଡା ବା ଛଣ ବିଛଣା ଉପରେ ସଜାଇ ରଖି ତିଆରି ଯାଏ । ହାଣ୍ଡି ମୁହଁରେ କପଡାଟିଏ ବାନ୍ଧି ସେହି କପଡା ଉପରେ ଆଉରି ଥାକେ ପିଠା ସଜାଇ ରଖାଯାଏ । ଏହା ଉପରେ ହାଣ୍ଡି ମୁହଁକୁ ଠିକ୍ ଲଗିବା ଭଳି ଗୋଟିଏ ପଲମ ଘୋଡାଇ ତିଆରି ଯାଏ । ହାଣ୍ଡି ମୁହଁରେ ପଲମ ଘୋଡାଇବାର ଉଦ୍ଦେଶ୍ୟ ହେଲା, ହାଣ୍ଡି ଭିତରେ ଯେଉଁ ପାଣିଥାଏ, ସେ ପାଣି

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

ଗରମ ଦେବା ଫଳରେ ଯେଉଁ ବାଷ୍ପ ଉଦ୍ଭବ ହେବ, ସେହି ବାଷ୍ପରେ ପିଠା ଗୁଡ଼ିକ ସିଝିଯିବ ।

ଅଥାରଟିକୁ ଠିକ୍ ଭାବରେ ସଜାଇବା, ଠିକ୍ ପରିମାଣରେ ପାଣି ଦେବା, ପିଠାରେ ଠିକ୍ ଭାବେ ବାଷ୍ପ ବାଜୁଛ କ ନାହିଁ ଭଲ ଭାବରେ ଲକ୍ଷ୍ୟ ନ କଲେ ପିଠା ଉତ୍ତମରୂପେ ପ୍ରସ୍ତୁତ ହୋଇ ପାରେ ନାହିଁ, କଞ୍ଚା ରହିଯାଏ । ଏସବୁ କଥା ନର୍ଭର କରେ ଘଣ୍ଟୁଣୀ ଉପରେ । ଘଣ୍ଟୁଣୀ ଚୁଲି ଉପରେ ଅଥାର ବସାଇବା ସଙ୍ଗେ ସଙ୍ଗେ ଛା'ର କାନ ଓ ଆଖି ସଦା ସବଦା ରହିଥାଏ ଅଥାର ଉପରେ । ଅଥାର ମଧ୍ୟରୁ ପାଣି କମିଗଲେ ଛା'ର କାନ ଜାଣିଯାଏ ପାଣି କମିଗଲା ବୋଲି । ତେଣୁ ସେ ସାଙ୍ଗେ ସାଙ୍ଗେ ହାଣ୍ଡିରୁ ପଲମ କାଢି ପାଣିଦିଏ ।

ଏହି ଅଥାର ପିଠା ଉତ୍ପାଦକୁ କେନ୍ଦ୍ର କରି ଅନେକ କୁସଂସ୍କାର କଥା ସବୁ ଗାଁ ଗହଳମାନଙ୍କରେ ଶୁଣିବାକୁ ମିଳେ । ଯଦି ଅଥାର ଠକ୍ ଭାବେ ସଜା ହୋଇ ନଥାଏ ଏବଂ ପାଣି ଠିକ୍ ପରିମାଣର ଦିଆଯାଇ ନଥାଏ, ତେବେ ପିଠା କଞ୍ଚା ରହିଯାଏ । ତେଣୁ ଏହା ଉପରେ କୌଣସି ଦୁଷ୍ଟା ସ୍ତ୍ରୀ ଲୋକ ଦୃଷ୍ଟି ପଡିଯାଇଛୁ ବୋଲି କୁହାଯାଏ । ଫଳରେ କୌଣସି ଗୁଣିଆ ଦ୍ୱାରା ମନ୍ତ୍ରକରି ପୁଣି ପିଠାକୁ ଉତ୍ତମ ରୂପେ ପ୍ରସ୍ତୁତ କରାଯାଏ । ଆଉଟର ମଧ୍ୟ ଶୁଣାଯାଏ ନଡିଆ ଭାଉଜ ଯଦି ଏକା ସଙ୍ଗେ ଅଥାରକୁ ଛୁଇଁ ଦିଅନ୍ତି ତେବେ ପିଠା ସିଝେ ନାହିଁ । ତେଣୁ ଏହାର ପ୍ରତିକାର ସ୍ୱରୂପ ପୁଜାର ନଡିଆ ଭାଉଜ ଦୁହେଁ ଅଥାରକୁ ଧରି ଚୁଲି ଉପରେ ବସାଇ ଦେଲେ ପିଠା ସିଝିଯାଏ । ଏହିପରି ଏହାକୁ କେନ୍ଦ୍ରକରି ଅନେକ କୁସଂସ୍କାର କଥା ଶୁଣାଯାଏ ଓ ଏଥିପାଇଁ ପ୍ରତ୍ୟେକ ଗାମର ଜଣେ ଜଣେ ସ୍ତ୍ରୀଲୋକ ଅଯଥା ଅପବାଦର ଶରବ୍ୟ ହୋଇଥାନ୍ତି ।

(ଦେଖନ୍ତୁ-ଇଡ଼ଲି, ପିଠା, ବାଷ୍ପ, ରନ୍ଧନ)

ଅଥାର କନା- ଦେ.ବ-ବସ୍ତ୍ରଖଣ୍ଡ ଆଉ ପିଠା ସିଝାଇବା ପାଇଁ ଅଥାର ହାଣ୍ଡି ମୁହଁରେ ବନ୍ଧା ହୋଇଥିବା କନା ବା ବସ୍ତ୍ର ଖଣ୍ଡ ।

ଅଥାର ପିଠା-ଦେ. ବି. - ଅଥାର ପ୍ରଣାଳୀରେ ସିଝା ଯାଇ ପ୍ରସ୍ତୁତ କରାଯାଇଥିବା ପିଠା ।

ଅଥାରବନ୍ଧା ଦେ.ବି.-ପାକବିଦ୍ୟା ପରି ଭାଷା । ହାଣ୍ଡି ଭିତରେ ଏକ ଚତୁର୍ଥାଂଶ ପାଣି ପୂରାଇ, ହାଣ୍ଡି ମୁହଁରେ କନା ବନ୍ଧାଯାଏ । କନା ଉପରେ ଅନ୍ୟ କୌଣସି ରନ୍ଧନ ସାମଗ୍ରୀ ଦେଇ, ଢାଙ୍କୁଣୀରେ ହାଣ୍ଡିର ମୁହଁ ବନ୍ଦ କରାଯାଏ । ଚୁଲି ଉପରେ ହାଣ୍ଡିକି ବସାଇ ଜଳ ଦେଲେ ପାଣିରୁ ନର୍ଗତ ବାଷ୍ପରେ ରନ୍ଧନ ସାମଗ୍ରୀ ସିଝି ବା ପାକ ହୁଏ ।

ଅଥାର ବସାଇବା-ଦେ.ବି.- ଅଥାର ପିଠା କରିବା ପାଇଁ ଜଳଦ୍ୱାର ଅର୍ଦ୍ଧପୂର୍ଣ୍ଣ ହାଣ୍ଡି ମୁହଁରେ ଅଥାର କନା ବାନ୍ଧି ହାଣ୍ଡି ଚୁଲ୍ଲି ଉପରେ ସ୍ଥାପନ କରିବା ।

ଅଥାର ମୁହାଁ-ଦେ.ବଶ.- ଯେଉଁ ବ୍ୟକ୍ତର ମୁହଁ ଅଥାର ହାଣ୍ଡିର ମୁହଁ ପରି ଚଟକା ଓ ଅସୁନ୍ଦର, ଯେଉଁ, ବ୍ୟକ୍ତର ମୁହଁ ଅତ୍ୟଧିକ ବା ରୋଷରେ ଅଥାର ହାଣ୍ଡି ପରି ବଳକ ଦେଖାଯାଏ ।

(ଅଥାର ମୁହାଁ-ସ୍ତ୍ରୀ)

ଅଥାର ସିଝା-ଦେ.ବି.- ଅଥାର ପ୍ରଣାଳୀରେ ପିଠା ବା ଚଡ଼ମାଛ ବା ମାଂସ ଆଦି ସିଝାଇବା ।

ଗ୍ରା. ବଶ.-ଅଥାର ପ୍ରଣାଳୀରେ ସିଝା ଯାଇଥିବା (ପିଠା, ମାଛ ଆଦି)

ଅଥାରୁଆ-ଦେ.ବଶ. ପୁଂ -ଔଷଧ, ଦରରୁଢା ହେବା ପର୍ଯ୍ୟନ୍ତ ବନ୍ଧୁହେଇ ନ ଥିବା (ବ୍ୟକ୍ତ)

(ଅଥାରେଇ-ସ୍ତ୍ରୀ)

ଅଥିତ-ଗ୍ରା.ବଶ. (ସଂ. ଅ + ସ୍ଥିତ)-ଯେ କୌଣସି ସ୍ଥାନ ଅଧିକାର କରେ ନାହିଁ, ଅସ୍ଥିତ ।

ଅଥିର-ଗ୍ରା. ପୁଂ. ବଶ. (ସଂ. ଅସ୍ଥିର)-ଅସ୍ଥିର, ଅଧୀର ଚପଳ, ଅନବସ୍ଥିତ, ଉତ୍କଣ୍ଠିତ, ଦୁଃଖିତ ।

ଅଥୀନା-ବୈ.ଦେ.ବି. (ନାମ)- ଗ୍ରୀସର ପ୍ରସିଦ୍ଧ ନଗର ଏଥେନ୍ସର ଅଧିଷ୍ଠାତୀ ଦେବୀ । ଅଥୀନାଙ୍କ ମାତାଙ୍କ ନାମ ମେଡସ ଓ ପିତାଙ୍କ ନାମ କ୍ରୋସ୍ । କ୍ରୋସ୍ ହେଉଛନ୍ତି ଗ୍ରୀକ୍‌ର ଆଦ୍ୟ ଦେବତା । ଗ୍ରୀକ୍ ପୁରାଣରୁ ଜଣାଯାଏ ଯେ, ମେଡସ, କ୍ରୋସ୍‌ଙ୍କର ପ୍ରଥମ ପତ୍ନୀ ।

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

ଜଉସଙ୍କ ଦ୍ୱାରା ମେଢସ୍‌ଙ୍କ ଗର୍ଭ ସଞ୍ଚାର ହେବାପରେ ଜଉସ୍ ଶୁଣିବାକୁ ପାଇଲେ ମେଢସଙ୍କ ଗର୍ଭରୁ ଯେଉଁ ସନ୍ତାନ ଜନ୍ମ ଗ୍ରହଣ କରିବ ସେ ପିତାଙ୍କଠାରୁ ଜନ୍ମରୁ ଅଧିକ ଶକ୍ତିଶାଳୀ ଓ ବଳବାନ ହୋଇ ପିତାଙ୍କୁ ରାଜ୍ୟରୁ ହଟାଇ ନିଜେ ରାଜତ୍ୱରେ ବସିବ । ନିଜର ଭବିଷ୍ୟତ ସଂପର୍କରେ ଏପରି କଥା ଶୁଣି ଥସ୍ତ ଧଶ ରହି ପାରିଲେ ନାହିଁ । ଅସମ୍ଭାଳ ହୋଇ ଉଠିଲେ । ଏହାର ନିବାରଣ ସ୍ୱରୂପ ଅନେକ ପ୍ରତିକାର କରିବା ପାଇଁ ଚେଷ୍ଟା କଲେ, ଶେଷରେ କୌଣସି ଉପାୟ ନ ପାଇ, ନିଜର ସ୍ତ୍ରୀ ମେଢସଙ୍କୁ ଗିଳି ଦେଲେ ।

ମେଢସ୍‌ଙ୍କୁ ଗିଳିଦେବା ମାତ୍ରେ ଜଉସ୍‌ଙ୍କର ମୁଣ୍ଡ ବନ୍ଧା ହେବାକୁ ଲାଗିଲା । ମୁଣ୍ଡ ବନ୍ଧା ଏତେ ମାତ୍ରାରେ ହେଲା ସେ ସେ ଆଉ ସମ୍ଭାଳି ପାରିଲେ ନାହିଁ । ପ୍ରମିଥିୟସ ଜଉସ୍‌ଙ୍କର ମୁଣ୍ଡ ବନ୍ଧା ଭଲ କରିବାକୁ ଯାଇ ଗୋଟିଏ ବୋଝ ନର୍ମିତ କାରିଗରଙ୍କ ଦ୍ୱାରା ତାଙ୍କ ମୁଣ୍ଡରେ ପାହାର ପକାଇ ମୁଣ୍ଡ ଖଣ୍ଡଙ୍କୁ ଦୋଇଫାଳ କରି ଦେଲେ । ମୁଣ୍ଡଟି ଦୁଇଫାଳ ହେବାମାତ୍ରେ ମୁଣ୍ଡ ଭିତରୁ ହଠାତ୍ ଅସ୍ତ୍ରଶସ୍ତ୍ର ଓ କବଚ ସଜ୍ଜିତା ଜଣେ ଦେବୀ ବାହାର ପଡିଲେ । ଏହି ଦେବୀଙ୍କର ଗର୍ଜନ ଶୁଣି ଓ ରୂପ ଦେଖି ଦେବତା ମାନେ ବସ୍ମିତ ହୋଇଗଲେ । ସାରମାନେ ଭସ୍ମରେ ଥରିବାକୁ ଲାଗିଲେ । ପୃଥିବୀ ଭୀଷଣ ନାଦରେ କମ୍ପିବାକୁ ଲାଗିଲା । ସମୁଦ୍ରରେ ପ୍ରବଳ ଜୁଆର ସୃଷ୍ଟି ହେଲା । ଏହି ଆବିର୍ଭୂତା ଦେବୀଙ୍କ ନାମ ଅଥୀନା ।

ଅଥୀନାଙ୍କ ସଂପର୍କରେ ବହୁ ବର୍ଣ୍ଣନା ଗ୍ରୀକ୍-ସାହିତ୍ୟରେ କରାଯାଇଛି । ଅଥୀନାଙ୍କୁ ଯୁଦ୍ଧର ପ୍ରତୀକ ରୂପେ ଗ୍ରହଣ କରାଯାଇଛି । କାରଣ ସେ ଯୁଦ୍ଧ କରିବାକୁ ସବୁଠାରୁ ଆନନ୍ଦ ଅନୁଭବ କରୁଥିଲେ । ସେ ଯୁଦ୍ଧ କରି ଅସୁରମାନଙ୍କୁ ପରାଜିତ କରିବା ସଙ୍ଗେ ସଙ୍ଗେ ପାଲସ୍‌ଙ୍କୁ ହତ୍ୟା କରିଥିଲେ । ଯୁଦ୍ଧ କରିବାକୁ ଗଲାବେଳେ ମସ୍ତକରେ ସୁନାର ଶିରସ୍ତ୍ରାଣ ପିନ୍ଧିଥିଲେ । ସେ କ୍ରମାଗତ ଥରିବାରୁ ଲିବ୍ୟାର କୁମ ସ୍ତ୍ରୀ ମାନେ ଦୁଇ ଦଳରେ ବିଭକ୍ତ ହୋଇ କାଠି ଓ ପଥର ଧରି ଅଥୀନାଙ୍କ ସୁଦ୍ଧ ରକ୍ଷା ପାଇଁ ପ୍ରଚଣ୍ଡ ଯୁଦ୍ଧ କରୁଥିଲେ ।

ସାଧାରଣ ଓ ସାରସ୍ୱତ ପୁରୁଷମାନଙ୍କୁ ବିପଦ ଆପଦରୁ ରକ୍ଷା କରିବା ଥିଲା ପ୍ରଧାନ କର୍ତ୍ତବ୍ୟ । ବିପଦରେ ପଡିଥିବା-ବେଳେ ଅଥୀନା ମହାସାରର ଦୁରକ୍ୟଲସ୍‌ଙ୍କୁ ସାହାଯ୍ୟ କରିଥିଲେ । ସେ ଥିଲେ ମାନବ ସମାଜର ମଙ୍ଗଳ ପ୍ରତୀକ ପ୍ରଥମେ ଘୋଡାକୁ ଜିପର ପାଲ ଘରେ ରଖିବାକୁ ଦେବ, ତା'ର ବିଦ୍ୟା ଅଥୀନାଙ୍କ ଠାରୁ ଶିକ୍ଷା ମିଳିଥିଲା ଯୁଦ୍ଧରେ ବ୍ୟବହୃତ ରଥର ନର୍ମାଣ ଶୈଳୀ ସେ ପ୍ରଥମେ ସମସ୍ତଙ୍କୁ ଶିକ୍ଷା ଦେଇଥିଲେ । ତାଙ୍କର ତତ୍ତ୍ୱାବଧାନରେ ପ୍ରଥମେ ଜାହାଜ ତିଆରି ହୋଇଥିଲା । ସେ ଶିଳ୍ପ-କଳାରେ ନିପୁଣା-ଥିଲେ । କୁମ୍ଭାର-ଚକ ପ୍ରଥମେ ତାଙ୍କ ଦ୍ୱାରା ଗଢାଯାଇ-ଥିଲା । ମାଟିପାତ୍ର ହେଉଛି ତାଙ୍କର ଏ ମାନବ ସମାଜକୁ ଦାନ । ନାଗୁମାନଙ୍କୁ ପ୍ରଥମେ ସେ ଲୁଗାବୁଣା, ସୂତାକଟା ଓ ଲୁଗା ଉପରେ ଜରିଯାନ୍ତ୍ରିବା କାରୁକାର୍ଯ୍ୟ ଶିଖାଇ-ଥିଲେ ।

ସେ ଚୁଞ୍ଚିକାର୍ଯ୍ୟ ଓ ସୂତାକଟାରେ ଏତଲି ନିପୁଣା ଥିଲେ ଯେ ଲିଡିଆ ସହରର 'ଆରାକ୍ନେ' ନାମରେ ଗୋଟିଏ ଝିଅ, ଅଥୀନାଙ୍କ ସହ ପ୍ରତିଯୋଗିତା କରି ତାଙ୍କ ଅଭିଶାପରେ ବୁଢିଆଣୀ ପଲଟି ଯାଇଥିଲା । ସେହିଦିନୁ ଆରାକ୍ନେ ବୁଢିଆଣୀ ହୋଇ ରହିଛି । ଦେବୀ ଅଥୀନା ସାରସ୍ୱତ ଓ ଶିଳ୍ପରେ ନିଜକୁ ଆବଦ୍ଧ ନ ରଖି କଳା ଆଡକୁ ମନ ବଳାଇଥିଲେ । ତାଙ୍କଦ୍ୱାରା ପ୍ରଥମେ ବୀଣା ବାଦ୍ୟର ଉଦ୍ଭାବନ କରାଯାଇଥିଲା । ସେ ପ୍ରଥମେ ବିଭିନ୍ନ ଟିଙ୍ଗରେ କଣା କଣ ବାଦ୍ୟଯନ୍ତ୍ର ତିଆରି କରିଥିଲେ ।

ଗ୍ରୀକ୍ ପୁରାଣରେ ଅଥୀନାଙ୍କୁ ଚିକତ୍ସା ଶାସ୍ତ୍ରର ଦେବୀରୂପେ ବର୍ଣ୍ଣନା କରାଯାଇଛି । ତେଣୁ ତାଙ୍କର ଅନ୍ୟ ନାମ 'ହାଇଜିଆ'(Hygieia) । ତାଙ୍କର ନାମ ଅନୁସାରେ ସ୍ୱାସ୍ଥ୍ୟ ବିଜ୍ଞାନକୁ 'ହାଇଜିନ୍' ବୋଲି କୁହାଯାଏ ।

ଅତ୍ତିକା ପ୍ରଦେଶର କିଏ ମାଲିକ ହେବ ସେଥି ନେଇ ଅଥୀନା ଏବଂ ପୋସେଇଡନ୍‌ଙ୍କ ମଧ୍ୟରେ ବିବାଦ ସୃଷ୍ଟି ହୋଇଥିଲା । ଏହି ବିବାଦର ସମାଧାନ ନିମନ୍ତେ ଦେବତାମାନଙ୍କ ଦ୍ୱାରା ସ୍ଥିରକରାଗଲା, ଯିଏ ମାନବ ସମାଜ ପାଇଁ ଅଧିକ ଉପଯୋଗୀ ହେବ, ସେଇ ହିଁ ହେବ ଅତ୍ତିକା ପ୍ରଦେଶର ମାଲିକ । ପ୍ରତିଯୋଗିତାରେ ଅଂଶ ଗ୍ରହଣ କର

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

ପୋସେଇଜନ୍ ତାଙ୍କ ତ୍ରିଶୂଳରେ ବସୁଧାକୁ ପ୍ରହାର କଲେ ବସୁଧା ଭିତରୁ ଲୁଣି ଜଳ ବାହାର ହଲେ । ଅଥୀନା ସୃଷ୍ଟି ହଲେ ଜଳ ବୃକ୍ଷ । ମାନବ ସମାଜର ଉପକାରରେ ଲୁଣି ଜଳ ଅଧିକ ପ୍ରୟୋଜନ ନ ଜଳବୃକ୍ଷ ଅଧିକ ପ୍ରୟୋଜନ ଏହା କଥା ବରଂ କଣ ଅର୍ଦ୍ଧମାନବ ଓ ଅର୍ଦ୍ଧନଳ(କୁମ୍ଭୀର) ଶଙ୍ଖର ଶିଳ୍ପ ସାଧୀ ଡେଇ ମତ ଡେଲେ ଯେ ମାନବ ସମାଜ ପାଇଁ ଅଧିକ ପ୍ରୟୋଜନ ଜଳବୃକ୍ଷ । ତେଣୁ ଅଥୀନା ହେଲେ ଅତ୍ଲିଲ୍ଲ ପ୍ରଦେଶର ମାଲିକ । ସେ ଅତ୍ଲିଲ୍ଲ ପ୍ରଦେଶର ମାଲିକ ହେବା ପରଠାରୁ ଅତ୍ଲିଲ୍ଲର ଅଧିବାସୀମାନେ ତାଙ୍କୁ ଦେବୀ ଭାବେ ପୂଜା କଣ ଆସୁଛନ୍ତି ।

ସେ ଯୁଗର ଅଲମ୍ପିସ୍ଥାନ ସମାଜରେ ତାଙ୍କ ସମ୍ମାନ ପାଇଁ ସେ ପୂଜା ପାଇଥିଲେ । ଗ୍ରୀସର ଆକ୍ରୋପଲିସ ଗୋଟିଏ ମନ୍ଦିର ଅଥୀନାଙ୍କ ନାମରେ ଗଢାଯାଇଛି । ଅନ୍ୟ ବହୁ ସ୍ଥାନରେ ଏହି ଦେବୀଙ୍କ ନାମରେ ମନ୍ଦିର ଗଢି ଏହାଙ୍କ ମୂର୍ତ୍ତି ସ୍ଥାପନ କରାଯାଇଛି । ସେ କ୍ରମାଗ୍ତ ଥିବାରୁ କ୍ରମାଗ୍ତମାନେ ତାଙ୍କର ପୂଜା କରନ୍ତି । ଖ୍ରୀଷ୍ଟପୂର୍ବ ୪୩୮ ସାଲରେ ଏଥେନ୍ସର ଶ୍ରେଷ୍ଠ ମୂର୍ତ୍ତିକାର ଫିଦିୟାସ ଅଥୀନାଙ୍କର ଗୋଟିଏ ବଶାଳ ମୂର୍ତ୍ତି ଗଢିଥିଲେ । ଏହାର ଉଚ୍ଚତା ୪୩ ଫୁଟ୍ । ଏହା ସୁନା ଓ ହାତୀ ଦାନ୍ତରେ ନର୍ମିତ ହୋଇ ଥିଲା । ସେ ଯୁଗର ମୂର୍ତ୍ତିକଲାର ଏହା ଗୋଟିଏ ଶ୍ରେଷ୍ଠ ନଦର୍ଶନ । ୩୦ ଫୁଟ୍ ଉଚ୍ଚର ଗୋଟିଏ କଂସା ମୂର୍ତ୍ତି ପଧ ଉଆରେ ହୋଇଥିଲା । ଦେବୀ ଅଥୀନାଙ୍କର ଗୋଟିଏ ମୂର୍ତ୍ତି ଏଥେନ୍ସ ଫଗ୍ରହାଳୟ, ମିଉନିକ୍ ଫଗ୍ରହାଳୟ ଓ ଶିରସ୍ଥାଣ ପରିହିତା ମୂର୍ତ୍ତି ଗ୍ରୋମର ଭ୍ରଟିକାନ୍ ଫଗ୍ରହାଳୟରେ ଫରକ୍ଷଣ କରି ରଖାଯାଇଛି ।

(ଗ୍ରୀକ୍ ପୁରାଣ ଦେଖନ୍ତୁ)

ଅଥୁଗ-ଗ୍ରା. ବଣ.-ଓଅର୍ବ, ଉରବୁଢା ହେବା ପର୍ଯ୍ୟନ୍ତ ବଢାଇ କଣ ନଥିବା ।

(ଅଥୁଗ୍ର-ସ୍ତ୍ରୀ)

(ଅଥରପା–ଦେଖନ୍ତୁ)

ଅଥୁରି-ଦେ. ବ.-ମାଟିର ଗ୍ଲେଟ୍ ପାତ୍ର ବା ପତୁଲ, ମାଟି ବାସନ, ଗୁଡ଼ର ସ୍ତଲ୍ପ ମୂଲ୍ୟର ଚଳନ୍ତି ବସ୍ତୁ ।

ଅଥୁରିଆ-ଦେ. ବଣ. ପୁଂ.-ଅଥୁର୍ବ (ଦେଖନ୍ତୁ)

(ଅଥୁରେଣି-ସ୍ତ୍ରୀ)

ଅଥେଅଡ-ଗ୍ରା. ବ. ଓ ବଣ.-ଅଥାଇଡ୍ (ଦେଖନ୍ତୁ)

ଅଥେଅଡା-ଗ୍ରା. ବ. ଓ ବଣ.-ଅଥାଇଡ (ଦେଖନ୍ତୁ)

ଅଥେଅଡ଼-ଗ୍ରା. ବ. ଓ ବଣ.-ଅଥାଇଡ଼ (ଦେଖନ୍ତୁ)

ଅଥେଇ ବଥେଇ - ଗ୍ରା. ବଣ. (ସହ୍ଚର) - ଅଥସ୍ତ ବଥସ୍ତ (ଦେଖନ୍ତୁ)

ଅଥେଲ୍ଲ-ବୈଦେ. ବି.-'ଅଥେଲ୍ଲୋ' ଏକ ବସ୍ତୋଗ୍ତକ ନାଟକ । ଏହା ଇଂରାଜୀ ଖ୍ରୀଷ୍ଟାବ୍ଦରେ ପୃଥିବୀର ଶ୍ରେଷ୍ଠ ଇଂରେଜ କବି ସେକ୍ସପିଅରଙ୍କ ଦ୍ୱାରା ଲିଖିତ । ନାଟକଟିର ବଷୟବସ୍ତୁ ହେଲ—ଇଟାଲୀ ରାଜ୍ୟର ଭେନସ୍ରେ 'ଅଥେଲ୍ଲୋ' ନାମରେ ଜଣେ କଲାଲୋକ ଥିଲେ । ସେ ପ୍ରଥମେ ସୈନ୍ୟ ବାହିନୀରେ ପ୍ରବେଶ କରିବା ପରେ ତାଙ୍କର କଠୋର କର୍ମନିଷ୍ଠା ଓ ଦକ୍ଷତା ଯୋଗୁ ସେନାଧ୍ୟକ୍ଷ ପଦ ପାଇ ପାରିଥିଲେ ।

ଭେନିସ୍ ସହରରେ ଥିବା ଜଣେ ସଂଭ୍ରାନ୍ତ ଲୋକର ଗୋଟିଏ ଝିଅ ଥିଲା । ତା'ର ନାମ ଡେସଡେମୋନା । ଡେସଡେମୋନା ସହିତ ଅଥେଲୋଙ୍କର ସମସ୍ତେ ସମସ୍ତେ ଦେଖାହୁଏ ଏବଂ ଦେଖାହେବା ହେଲେ ଅଥେଲ୍ଲୋ ସେହି ଝିଅଟିକୁ ତାଙ୍କ ସୈନିକ ଜୀବନର ବହୁ ସାହସିକ ପୂର୍ତ୍ତି ଓ ରୋମାଞ୍ଚକର କଥା କହୁଥିଲେ । ଡେସ୍-ଡେମୋନା ଅଥେଲୋଙ୍କର ସମସ୍ତ କଥା ଶୁଣିବା ପରେ ତା'ର ମନ ହେଲା, ଯଦି ସୁଯୋଗ ମିଳନ୍ତା, ତା' ହେଲେ ସେ ବସଥ ସଙ୍କୁଳ ଜୀବନ ପଥରେ ଅଥେଲୋଙ୍କୁ ସାହାଯ୍ୟ କରନ୍ତେ । କନ୍ତୁ ଡେସଡେମୋନାଙ୍କ ପିତା ସମ୍ଭ୍ରାନ୍ତ ପରିବାରର ହୋଇଥିବାରୁ ଅଥେଲୋଙ୍କ ପର ଜଣେ କଳା ଲୋକକୁ ଝିଅ ବାହା ଦେବାକୁ ରାଜି ହେଲେ ନାହିଁ । କନ୍ତୁ ପିତାଙ୍କର କୌଣସି କାରଣ ନ ମାନି ଡେସଡେ-ମୋନା ଅଥେଲୋଙ୍କୁ ବାହା କରିଥିଲେ ।

ଝିଅର ଏପରି କାର୍ଯ୍ୟ ଦେଖି ଓ ଅଥେଲୋଙ୍କ ପ୍ରତି ଘୃଣ୍ୟ ମନୋଭାବ ଘୋଷଣା କରି, ଅଥେଲୋଙ୍କ ବିରୁଦ୍ଧରେ ଘୋର ଅଭିଯୋଗ ସହିତ ନ୍ୟାୟାଳୟରେ ମୋକଦ୍ଦମା କଲେ । କନ୍ତୁ ବରର ସମସ୍ତେ ନ୍ୟାୟାଳୟରେ ନ୍ୟାୟପତିଙ୍କ ଆଗରେ ଛିଡା ହୋଇ ଡେସଡେ-ମୋନା ଅତ୍ୟନ୍ତ ଭାବରେ କହିଲେ, ମୁଁ ମୋ ନିଜ ଇଚ୍ଛାରେ ଅଥେଲୋଙ୍କୁ ବାହା କରିଛି । ଏ ବାହାରେ ତାଙ୍କର କୌଣସି ଦୋଷ ନାହିଁ । ତେଣୁ ଅଥେଲୋ ଉର୍ଦ୍ଧ୍ୱତନ ଅଭିଯୋଗରୁ ଉଦ୍ଧାର ପାଇଲେ ।

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

ତୁରସ୍କ-ବାହିନୀ ସାଇପ୍ରସ୍ ଦ୍ୱୀପକୁ ଅଧିକାର କରିବାକୁ ଆକ୍ରମଣ କଲାବେଳେ ଅଥେଲ୍ଲୋ ଏହାକୁ ବିରୋଧ କରିଥିଲେ । ଅଥେଲ୍ଲୋଙ୍କ ସହିତ ଡେସ୍‌ଡେମୋନା ମଧ୍ୟ ତାଙ୍କ ସହିତ ଯାଇ ତୁରସ୍କ-ବାହିନୀର ବିରୋଧ କଲେ । ଫଳରେ ତୁରସ୍କ ବାହିନୀ ପରାସ୍ତ ହେଲେ ।

ତୁରସ୍କ ବାହିନୀ ବିରୁଦ୍ଧରେ ଅଥେଲ୍ଲୋ ଯୁଦ୍ଧ କରିବାକୁ ଯାଇଥିବା ବେଳେ କାଶୀଓ ଓ ଇଆଗୋ ନାମରେ ଦୁଇ ସାହାଯ୍ୟକାରୀ ତାଙ୍କ ସାଙ୍ଗରେ ଯାଇଥିଲେ । ଏହି ଦୁଇ ଜଣଙ୍କ ମଧ୍ୟରୁ ଅଥେଲ୍ଲୋ ବେଶୀ ବିଶ୍ୱାସ କରୁଥିଲେ କାଶୀଓକୁ । ଏପରକି ସେ ସମସ୍ତ ଗୋପନ କଥା କାଶୀଓକୁ କହୁଥିଲେ । କାଶୀଓକୁ ଅଥେଲ୍ଲୋ ବେଶି ବିଶ୍ୱାସ କରୁଥିବାରୁ ଇଆଗୋ ମନରେ ଘୋର ଈର୍ଷା ସୃଷ୍ଟି ହେଲା କାଶୀଓ ପ୍ରତି । ଇଆଗୋ ସର୍ବଦା ଚେଷ୍ଟା କରୁଥିଲେ ସୁବିଧା ଦେଖି ଚକ୍ରାନ୍ତ କରି କାଶୀଓକୁ ହଇରାଣ କରିବାକୁ । ସେହିଭଳି ଗୋଟିଏ ସୁଯୋଗ ଆସି ଜୁଟିଗଲା ଇଆଗୋର ହାତ ପାହାନ୍ତାରେ ।

ତୁରସ୍କ ବାହିନୀ ଯୁଦ୍ଧରେ ପରାସ୍ତ ହେଲେ । ଅଥେଲ୍ଲୋ ଯୁଦ୍ଧରେ ବିଜୟ ଲାଭ କରିଥିବାରୁ, ତାଙ୍କର ସମସ୍ତ ସୈନ୍ୟ ବାହିନୀର ଉପସ୍ଥିତିରେ ବିଜୟ ଉତ୍ସବ ପାଳନ କରିଗଲା । ଏହି ଉତ୍ସବରେ ସୈନ୍ୟମାନେ ମତ୍ତ ହୋଇ କାଲେ କିଛି ଅନିଷ୍ଟକାର୍ଯ୍ୟ କରି ପକାଇବେ ଆଶଙ୍କାକରି, ସେନାପତି ଅଥେଲ୍ଲୋ ଏହାର ପ୍ରତିକାର ନିମନ୍ତେ ଫସ୍ପଣ୍ଡି ଦାସ୍ତ୍ୱିତ୍ୱ ଦେଲେ କାଶୀଓକୁ । ଇଆଗୋ ଏଥିରେ ଘୋର ଅସହ୍ୟ ବୋଧ କଲେ । ଏବଂ ପ୍ରତିଶୋଧ ନେବା ଉଦ୍ଦେଶ୍ୟରେ କାଶୀଓକୁ ଖୁବ୍ ମଦ ପିଆଇ ଅନ୍ୟ ଜଣକ ସହିତ ଝଗଡ଼ା କରାଇ ଦେଇ, ଅଥେଲ୍ଲୋଙ୍କୁ ଯାଇ କହିଲା ଯେ କାଶୀଓ ସୈନ୍ୟବାହିନୀର ବିଶୃଙ୍ଖଳା ଘଟାଇ ଦେଲା । ଫଳରେ ଅଥେଲ୍ଲୋ କାଶୀଓଙ୍କୁ ଚରିଯାଇ ତାକୁ ପଦଚ୍ୟୁତ କଲେ ।

ଇଆଗୋର ଈର୍ଷା ଏଥିକରେ ପ୍ରଶମିତ ହେଲା ନାହିଁ । କାଶୀଓ ବିରୁଦ୍ଧରେ ଆହୁରି କୁଚକ୍ରାନ୍ତ ଚଳାଇଲା । ଦୁଷ୍ଟ ବୁଦ୍ଧି ଇଆଗୋ ନିଜର ଦୁଷ୍ଟବୁଦ୍ଧିକୁ କାର୍ଯ୍ୟକାରୀ କରାଇବା ପାଇଁ, ଭଣେ କାଶୀଓକୁ କହିଲା- ଡେସ୍‌ଡେମୋନା ଯଦି ତୁମ ପାଇଁ ଅଥେଲ୍ଲୋଙ୍କୁ ସୁପାରିଶ କରିବେ, ତେବେ ତୁମେ ପୁନଶ୍ଚ ଫେରି ପାଇ ପାରିବ । ଡେସ୍‌ଡେମୋନା କାଶୀଓର ଅନୁରୋଧରେ, ଅଥେଲ୍ଲୋଙ୍କୁ ଯାଇ କାଶୀଓ ସମ୍ପର୍କରେ କହିବାରୁ, ଅଥେଲ୍ଲୋ କାଶୀଓକୁ କ୍ଷମା ଦେଲେ ।

ଏଣେ କାଶୀଓକୁ ପୁନର୍ବାର ହଇରାଣ କରିବାର ପରିକଳ୍ପନା କରି, ଏପରି କଥାମାନଯାଇ ଅଥେଲ୍ଲୋଙ୍କ କାନରେ କହିଲା, ଯାହା ଫଳରେ କି ଅଥେଲ୍ଲୋ ବିଶ୍ୱାସ କଲେ ଡେସ୍‌ଡେମୋନା ସହିତ କାଶୀଓର କିଛି ଗୁପ୍ତ ସମ୍ପର୍କ ରହିଛି । ଏହାପରେ ଇଆଗୋ ଆଉ ଗୋଟିଏ କୂଟ ବୁଦ୍ଧି ପ୍ରୟୋଗ କରି ନିଜ ସ୍ତ୍ରୀକୁ ଯାଇ କହିଲା, ଡେସ୍‌ଡେମୋନାର ବିବାହ ଦିନ ଅଥେଲ୍ଲୋ ତାଙ୍କୁ କିପରି ଚମତ୍କାର ରୁମାଲଟିଏ ଉପହାର ଦେଇଥିଲେ, ସେଇଟିକୁ ଥରେ ଆଣି ଦେଖ, କିପରି ଦୋହରିଛି । ଇଆଗୋର ସ୍ତ୍ରୀ ସ୍ୱାମୀର ଉତ୍ତମ କଥା ପ୍ରତି କାହିଁକି ମୁଣ୍ଡ ଖେଳାଇବ ? ସେ ଆଉ ଏତେ କଥା ନ ଜାଣି ପାରି ଡେସ୍‌ଡେମୋନାଠାରୁ ମାଗି ଆଣିଲେ ଦେଖିବା ପାଇଁ । କିନ୍ତୁ ଏହି ସୁଯୋଗରେ ଇଆଗୋ ଯାଇ ଅଥେଲ୍ଲୋଙ୍କୁ କହିଲା-ଆପଣ ବିବାହଦିନ ଡେସ୍‌ଡେମୋନାଙ୍କୁ ଉପହାର ରୁମାଲଟି ଡେସ୍‌ଡେମୋନା କାଶୀଓକୁ ଦେଇ ଦେଇଛନ୍ତି । ଏହା ଶୁଣି ଅଥେଲ୍ଲୋଙ୍କର ଦୃଢବିଶ୍ୱାସ ହୋଇଗଲା କାଶୀଓ ସହିତ ଡେସଡେମୋନାର ଗୁପ୍ତ ପ୍ରଣୟ ରହିଛି । ତେଣୁ ପରୀକ୍ଷା ସ୍ୱରୂପ ସେ ଡେସ୍‌ଡେମୋନାକୁ ରୁମାଲଟି ଦେଖିବା ପାଇଁ ମାଗିଲେ । ମାତ୍ର ରୁମାଲଟି ତାଙ୍କ ପାଖରେ ନଥିବାରୁ, ସେ ଅଥେଲ୍ଲୋଙ୍କୁ କହିଲେ ରୁମାଲଟି ଇଆଗୋର ସ୍ତ୍ରୀ ପାଖରେ ଅଛି । ମାତ୍ର ଏଥିରେ ଅଥେଲ୍ଲୋଙ୍କର ମନ ମାନିଲା ନାହିଁ । କାଶୀଓ ସହିତ ଡେସ୍‌ଡେମୋନାଙ୍କର ଗୁପ୍ତ ପ୍ରଣୟ ସମ୍ପର୍କ ଥିବାର ଦୃଢ ବିଶ୍ୱାସ କରି ଶେଷରେ ଅଥେଲ୍ଲୋ ଡେସ୍‌ଡେମୋନାଙ୍କୁ ହତ୍ୟାକଲେ ।

ଇଆଗୋ ଜଣେ ଗୁପ୍ତ ଘାତକକୁ ପଠାଇଥିଲେ କାଶୀଓକୁ ମାରିବା ପାଇଁ । ସେହି ଗୁପ୍ତ ଘାତକର ଛୁରିକା ଘାତରେ ରକ୍ତାକ୍ତ ହୋଇ କାଶୀଓ ପ୍ରାଣ ବିକଳରେ ପଳାଇ ଆସିଛନ୍ତି ଅଥେଲ୍ଲୋଙ୍କ ନିକଟକୁ । ଇଆଗୋ ନିଜର କୂଟ ଚକ୍ରାନ୍ତ ଧରାପଡ଼ିଯିବା ଭୟରେ, କାଶୀଓକୁ ଛୁରିକାଘାତ କରିଥିବା ଗୁପ୍ତଘାତକକୁ ହତ୍ୟା କରିଦେଲା । ଏ ସବୁ ଦୁର୍ଘଟଣା ଘଡ଼ିଏ ଘଡ଼ିଏ ଗୋଟିଏ ଗୃହ ଭିତରେ ଘଟିଗଲା ।

ଏହା ସହି ପାରିଲା ନାହିଁ ଇଆଗୋର ସ୍ତ୍ରୀ । ସେ ଧାଇଁ ଯାଇ ଅଥେଲ୍ଲୋଙ୍କୁ ନିଜର ସ୍ୱାମୀଙ୍କ ଉପସ୍ଥିତିରେ ସବୁ ଘଟଣା କହିଦେଲା । ଅଥେଲ୍ଲୋ ବୁଝି ନ ପାରି ଏତେ

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

ବଡ଼ ଘଟଣା ଘଟେଇ ଦେଇଥିବାରୁ ମାନସିକ ଯନ୍ତ୍ରଣାରେ ପାଗଳ ହୋଇଗଲେ । କିଛି ସମୟ ପାଇଁ ଅଚେତା ହୋଇ ପଡ଼ିଲେ । ଯେତେବେଳେ ସେ ଚେତା ଫେରି ପାଇଲେ, ସେ ନିଜ ଚୁଟି ନିଜଠାରେ ଭୁସି ଦେଇ ଆତ୍ମହତ୍ୟା କଲେ ।

ଏହି ଘଟଣା ପରେ ଇଆଗୋକୁ ବନ୍ଦୀ କରାଗଲା । ଇଂରାଜୀ ଭାଷାରେ ରଚିତ ଏହି ନାଟକଟି ପୃଥିବୀ-ସାହିତ୍ୟରେ ସର୍ବଶ୍ରେଷ୍ଠ ବସ୍ତୁନିଷ୍ଠ ନାଟକ । ଏହି ନାଟକଟିକୁ ଅଥେଲୋ ତିନିଶହ ଷାଠିଏ ବର୍ଷ ତଳେ ରଚନା କରିଥିଲେ ।

(ଦେଖନ୍ତୁ-ସେକ୍‌ସପିଅର)

ଅଥେଣ୍ଟିକ (*authentic*)- ବୈଦେ. ବିଣ. (ଇଂ. ଅଥେଣ୍ଟିକ)-ଖାଣ୍ଟି, ପ୍ରକୃତ, ବିଶ୍ୱାସ ଯୋଗ୍ୟ, ସତ୍ୟ, ପ୍ରମାଣସିଦ୍ଧ, ପ୍ରାମାଣିକ, ଅସଲ, ଯଥାର୍ଥ ସମ୍ବାଦ, ଅସଲ କାଗଜପତ୍ର, ପ୍ରକୃତ ଦସ୍ତଖତ ।

ଅଥୋ-ଅବ୍ୟ. (ଅର୍ଥ + ଣ.ଅ)- ଅଥ (ଦେଖନ୍ତୁ)

6846

पुस्तकालय
पुस्तकालय
गुरुकुल कांगड़ी विश्वविद्यालय

GURUKUL KANGRI LIBRARY
Accos on
Class on
Cat on
Tag etc.
Checked
Any Other

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri



" Forwarded free of cost, and with the compliments of the Department of Education, Government of India New Delhi".

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

CC-0. In Public Domain. Gurukul Kangri Collection, Haridwar